ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ପାର୍ବଣ ୨୦୨୨ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବନ୍ଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦଶହରା, ଦୀପାବଳୀ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | **୨୬** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୫ | ଅଶୋକ ବିଶ୍ୱାଳ | ୨୭ |
| ସିକ୍ସ୍‌ଥ୍ ସେନ୍‌ସ୍ | ପଦ୍ମାଳୟା ପାଢ଼ୀ | ୩୯ |
| ଶ୍ରାବଣୀ ତୁମେ ଭାରି ସୁନ୍ଦର | ସୁମନ୍ତ ନାୟକ | ୪୪ |
| ଇସ୍ତାହାର : ଏକ ଆଗତ ମୃତ୍ୟୁର | ଶ୍ରୀ ଅମୃତନାରାୟଣ ଶତପଥୀ | ୪୮ |
| ସରୋଗେଟ୍ ମଦର | ଲକ୍ଷ୍ମୀପ୍ରିୟା ପରିଡ଼ା | ୫୩ |
| କାହାଣୀ ଏକ ତେଜପତ୍ରର | ନିତ୍ୟରଞ୍ଜନ ନନ୍ଦ | ୫୮ |
| ଅସହାୟ କଳାକାର | ଦୀପକ ଷଡ଼ଙ୍ଗୀ | ୬୨ |
| ନାରୀ | ସୁନନ୍ଦା ମହାନ୍ତି | ୬୮ |
| ରୁମ୍ ନଂ ୧୧୭ | ଆୟୁଷ ବଢ଼ାଇ | ୭୧ |
| ଭିଜା ସକାଳର ଭାବନାରେ | ଯଶୋଶ୍ରୀ ବେହେରା | ୮୦ |
| ଉଡ଼ିଗଲା କାହାଣୀ | ଡଃ ତନ୍ମୟ କବି | ୮୭ |
| ସଂଘମିତ୍ରା କାନ୍ଦୁଛି | ଲିମନ୍ | ୮୯ |
| ଶୁଭାଶିଷ | ମଧୁସ୍ମିତା ସାହୁ | ୯୧ |
| ଦରିଦ୍ର ସାଇ | ଲକ୍ଷ୍ମୀଧର ସିଂ | ୯୩ |
| ମୂର୍ତ୍ତିପୂଜା ବିରୋଧୀ ରାଜା | ହେତୁବାଦୀ ବାଲ୍ମୀକି | ୯୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଏକ ରହସ୍ୟମୟ ମହଲା-୧ | ପ୍ରଜ୍ଞାସ୍ମିତା ଷଡ଼ଙ୍ଗୀ | ୧୦୧ |
| ସମୟର ଚକ ଯାଏ ଘୁରି ଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୫ |
| **କବିତା ବିଭାଗ** | | **୧୦୯** |
| ମରୁତ (ବାୟୁ) | ଶିବ ନାରାୟଣ ଦାଶ | ୧୧୦ |
| ମାତୃସ୍ତୁତି | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୧୧୪ |
| ସିନିହର ଛାଇ ପାଖ ମାଡ଼ିବନି | ତାରା ପ୍ରସାଦ ଜେନା | ୧୧୫ |
| ଶାଶ୍ୱତ ପ୍ରେମ | ବାସନ୍ତୀ ଲତା ଜେନା | ୧୧୭ |
| ସ୍ୱାଧୀନ ଦେଶର କଥା | ଅମରନାଥ ବାରିକ | ୧୧୮ |
| ଉଡୁଛି ଆମ ତ୍ରିରଙ୍ଗା | ଶାନ୍ତନୁ କୁମାର ରାଉତ | ୧୨୦ |
| ଆମରି ତ୍ରିରଙ୍ଗା | ସୁନୀଲ କୁମାର ପ୍ରଧାନ | ୧୨୧ |
| ତ୍ରିରଙ୍ଗା | ମଧୁସ୍ମିତା ସାହୁ | ୧୨୨ |
| ନିଜକୁ ପ୍ରଶ୍ନ | ବିଜୟ କୁମାର ପରିଡ଼ା | ୧୨୩ |
| ସ୍ୱାଧୀନତା ଦିବସ | ପ୍ରିୟଦର୍ଶିନୀ ମହାପାତ୍ର | ୧୨୬ |
| ଗାଁ ପାଣିପାଗ | ସିଦ୍ଧେଶ୍ୱର ତ୍ରିପାଠୀ | ୧୨୮ |
| ମା କାଳୀ ବନ୍ଦନା | ପ୍ରଦୀପ କୁମାର ଜିଲିକାରା | ୧୩୧ |
| ଜୀବନ୍ତ ଫଟୋ ସ୍ମୃତି | ଆଶୁତୋଷ ମେହେର | ୧୩୩ |
| ଚିର ସ୍ମରଣୀୟ ଗୋଦାବରୀଶ ମିଶ୍ର | ଶିବ କୁମାର ବେହେରା | ୧୩୪ |
| ମେଘ ଖୁବ୍ ବର୍ଷିବା ପରେ | ନୀଳମଣି ଚାନ୍ଦ | ୧୩୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲେଖିବି ତୁମରି କଥା | ନିରଞ୍ଜନ ସାହୁ | ୧୩୬ |
| ପ୍ରଶ୍ନ | ଭାଗିରଥୀ ଯାନୀ | ୧୩୭ |
| କଳାଧଳା ସ୍ୱପ୍ନ | ବିନୟ ମହାପାତ୍ର | ୧୩୯ |
| ରଖିବି ସାଥିରେ ମୁହିଁ | ଜୟନ୍ତ କୁମାର ମଲ୍ଲିକ | ୧୪୧ |
| ଢେଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ | ଅନିଲ୍ ସର୍ | ୧୪୨ |
| ମରଣ ଓ ମଶାଣୀର ମର୍ମକଥା | ବାପିନି ସିଂ | ୧୪୪ |
| ତୃଷ୍ଣା | ଡା ନୀଳମାଧବ କର | ୧୪୫ |
| ଆହୁତି ଅସ୍ମିତାର | ମୃତ୍ୟୁଞ୍ଜୟ ପାତ୍ର | ୧୪୭ |
| ନରକ ଲାଗିବ ସରଗ ପରି | ଶିଶିର କୁମାର ପଣ୍ଡା | ୧୪୯ |
| ଚାଲ ଆମେ ସବୁଜ ବନିବା | ସନ୍ତୋଷ କୁମାର ପଣ୍ଡା | ୧୫୦ |
| ଅଫେରା ବାଟୋଇ | ଦିବାକର ନାୟକ | ୧୫୧ |
| ସତେ ମୁହିଁ କେଡ଼େ ବୋକି | ଝରଣା ବାରିକ | ୧୫୩ |
| ପ୍ରେମିକ ଜହ୍ନକୁ | ସୁନନ୍ଦା ମହାନ୍ତି | ୧୫୪ |
| ମୋ ଝିଅ | ଉଦୟ କୁମାର ପଣ୍ଡା | ୧୫୫ |
| ଆରେ ! ସତେ ତ | ରାଜେନ୍ଦ୍ର କୁମାର ବିଷୋୟୀ | ୧୫୬ |
| ତମେ କିଏ ? | ଭବାନୀ ଶଙ୍କର ଦାସ | ୧୫୮ |
| ରାଧା | ପଣ୍ଡିତ ବିନୟ କୁମାର ମିଶ୍ର | ୧୬୦ |
| ତୁମେ ଅଛ ବୋଲି | ବାଲାଜୀ ସେଠୀ | ୧୬୧ |
| ତୁମେ ରାଗିଗଲେ | ଆଦରମଣି ପ୍ରଧାନ | ୧୬୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପିତା | ରାକେଶ ମୁଦୁଲି | ୧୬୫ |
| ଗୁଡ଼ି | ସ୍ନିଗ୍ଧା ପଣ୍ଡା | ୧୬୭ |
| ସାଥୀ ତୁମେ | ସନ୍ତୋଷ କୁମାର ସୁତାର | ୧୬୯ |
| ଜୀବନ ଘଟରେ... | ମନୋରଞ୍ଜନ ସୁରୁଜାଳ | ୧୭୦ |
| ଗଣନାଥ ବନ୍ଦନା | ଚିନ୍ମୟ ପଟ୍ଟନାୟକ | ୧୭୧ |
| ଅବୁଝା ମଣିଷ | ଗୁପ୍ତେଶ୍ୱର ଚାନ୍ଦ | ୧୭୨ |
| ପିଞ୍ଜରା ବନ୍ଧା ପକ୍ଷୀଟିଏ | ପ୍ରଶାନ୍ତ ବ୍ରହ୍ମା | ୧୭୪ |
| ପ୍ରକୃତି ସପନ | ତ୍ରିନାଥ ନନ୍ଦୀ | ୧୭୫ |
| ବୃକ୍ଷ ରଖିବ ଜୀବନ | ଅଲେଖ ମେହେର | ୧୭୭ |
| ନୂଆ ପ୍ରେମ | ସତ୍ୟବ୍ରତ ବାରିକ | ୧୭୯ |
| ଆଖି | ଦୁଷ୍ମନ୍ତ ବେହେରା | ୧୮୦ |
| ପଣତ ଆଡୁଆଳେ | ସଞ୍ଜୀବ କୁମାର ଦାସ | ୧୮୨ |
| ମା... ଆସ ତୁମେ ଅବତରି | ସଙ୍ଗୀତା ପଣ୍ଡା | ୧୮୪ |
| ଆଜିର ସମ୍ପର୍କ କାଲି ଭାଙ୍ଗିଯାଏ | ରୁକଚନ୍ ମାଝୀ | ୧୮୬ |
| ଗାର୍ଲ୍‌ଫ୍ରେଣ୍ଡ | ରୁଦ୍ର ନାରାୟଣ ଦାଶ | ୧୮୮ |
| ପାର୍ବଣେ ନବଦୁର୍ଗା | ନିକୁଞ୍ଜ କୁମାର ଘୋଷ | ୧୯୦ |
| ଭକ୍ତ ଭଗବାନଙ୍କ ଭେଟ | ବିଶ୍ୱନାଥ ଭୁଏ | ୧୯୧ |
| ପଡ଼ୋଶୀ | ସରୋଜ କୁମାର ସାହୁ | ୧୯୨ |
| କ'ଣ ତୁମେ ପାରିବ ? | ପ୍ରଗନ କୁମାର ପାତ୍ର | ୧୯୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଧରଣୀର ହସ | ଦୀନବଂଧୁ ବେଜ | ୧୯୪ |
| ଯଦିଓ | ସତ୍ୟନାରାୟଣ ମିଶ୍ର | ୧୯୫ |
| ରୌଦ୍ରାଂଶ | ପଙ୍କଜ କୁମାର ମଙ୍ଗଳ | ୧୯୬ |
| ପାର୍ବଣ | ପୁଷ୍ପାଞ୍ଜଳି ପଣ୍ଡା | ୧୯୮ |
| ଲୁହ | ରଶ୍ମିତା ପ୍ରଧାନ | ୧୯୯ |
| ନୂଆଖାଇ | ଶଙ୍ଖସିନ୍ଧୁ ପୁରୋହିତ | ୨୦୦ |
| ଜୀବନ | ଦଣ୍ଡାସି ପ୍ରଧାନ | ୨୦୧ |
| ଶ୍ରେଷ୍ଠ ପ୍ରାଣୀ ବୋଲି | ରାଧାମୋହନ ପୂଜାହାରୀ | ୨୦୨ |
| ଗୁରୁ ବନ୍ଦନା | ଅମୃତନାରାୟଣ ଶତପଥୀ | ୨୦୪ |
| ବାପାଙ୍କ ଦାଗ | ପ୍ରହ୍ଲାଦ ସାହୁ | ୨୦୬ |
| ରାଜବନ୍ଦିନୀ | ଅନସୂୟା ପଣ୍ଡା | ୨୦୯ |
| ଅସ୍ତିତ୍ୱ | ଅମିଷା ପଧାନ | ୨୧୩ |
| ଆତ୍ମତୃପ୍ତି | ଲକ୍ଷ୍ମଣ ମହାନ୍ତି | ୨୧୪ |
| **ଲୋକଭାଷା ବିଭାଗ** | | **୨୧୬** |
| ଲାଲ୍ କଇଁ | ସତ୍ୟନାରାୟଣ ମିଶ୍ର | ୨୧୭ |
| ଇ ଜୀବନ୍ ଥି | ଟୋନିସ୍ ରୋହିଦାସ୍ | ୨୧୮ |
| ଇଲେକ୍‌ସନ୍ | ବିଶ୍ୱନାଥ ଭୁଏ | ୨୧୯ |
| **ପ୍ରବନ୍ଧ ବିଭାଗ** | | **୨୨୦** |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପାରମ୍ପରିକ ପର୍ବ - ରଜ | ପ୍ରହ୍ଲାଦ ସାହୁ | ୨୨୨ |
| ମହାଳୟା - ପିତୃପକ୍ଷ ଶ୍ରାଦ୍ଧ | ସାଇ ପ୍ରସାଦ ସାହୁ | ୨୨୭ |
| ଅହଂକୁ ଅତିକ୍ରମ | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୨୩୧ |
| ନମସ୍କାର | ପଙ୍କଜ କୁମାର ପାଣିଗ୍ରାହୀ | ୨୩୫ |
| ଜାତିର ଜନକ ବାପୁଜୀ | ଶାନ୍ତିଲତା ସାହୁ | ୨୪୧ |
| ଉତ୍କଳମଣୀ | ଇଂ ହରେକୃଷ୍ଣ ଦେବ ସାହୁ | ୨୪୪ |
| ସିପାହୀ ବିଦ୍ରୋହର ସୂତ୍ରଧର : ଚାଖି ଖୁଣ୍ଟିଆ | ଅକ୍ଷୟ କୁମାର ରାଉତ | ୨୫୦ |
| ବିପ୍ଲବୀ ବୀଣା ଦାସ | ଅସିତ ମହାନ୍ତି | ୨୫୫ |
| ପାଇକ | ଆୟୁଷ ବଢ଼ାଇ | ୨୬୦ |
| ଅଗଷ୍ଟ ୨୭ ଏବଂ ବୀରଭୂମି କୋଶଳା | ସୁବ୍ରତ କୁମାର ପ୍ରଧାନ | ୨୬୨ |
| ଓଡ଼ିଆ ହକିତାରକା : ଅମିତ ରୋହିଦାସ୍ | ରାମଚନ୍ଦ୍ର ପ୍ରଧାନ | ୨୬୬ |
| ଗଣତନ୍ତ୍ର ଏକ ସମୀକ୍ଷା | ସୁନୀଲ କୁମାର ଅଗସ୍ତି | ୨୬୯ |
| ନାରୀ | ଗୌରୀ ପଣ୍ଡା | ୨୭୪ |
| ଯୋଗାଯୋଗର ଗୁରୁତ୍ୱ | ତ୍ରିନାଥ ପଟ୍ଟନାୟକ | ୨୭୬ |
| ରାମ ଭଗବାନ ଅଟନ୍ତି କି ? | ବିଜୟ କୁମାର ସାହୁ | ୨୮୦ |
| ମୃତ୍ୟୁଭୋଜିର ଆବଶ୍ୟକତା | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୮୬ |

ଜାଭିୟର୍ ଇନ୍ଷ୍ଟିଟ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା ବିଜିନେସ୍ ଏକ୍ସଲେନ୍ସ୍ ସମ୍ମିଳନୀ ୨୯୧

**ବିଶେଷ ସୂଚନା** **୨୯୫**


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା, ପାଠକ ଓ ସାହିତ୍ୟିକ ବନ୍ଧୁମାନଙ୍କୁ ଅଭିବାଦନ ଜଣାଉଛି । ବର୍ଷର ସବୁଠାରୁ ପବିତ୍ର ଓ ସାମାଜିକ ଚଳଚଞ୍ଚଳର ସମୟ, ପୂଜା ପାର୍ବଣ ଋତୁରେ ଆହ୍ୱାନ ଇ-ପତ୍ରିକାର ଏକ ଦ୍ୱିମାସିକ ଯୁଗ୍ମ ସଂକଳନ ନେଇ ମୁଁ ଉପସ୍ଥିତ । ବିଗତ ମାସରେ କିଛି ଅନିବାର୍ଯ୍ୟ କାରଣ ବଶତଃ ପତ୍ରିକା ପ୍ରକାଶନ ସମ୍ଭବ ହୋଇ ପାରିନଥିଲା, ତେଣୁ ଆମର ହସ୍ତଗତ ହୋଇଥିବା ସମସ୍ତ ଆଲେଖ୍ୟ ଏବଂ ନୂତନ ଭାବେ ମିଳିଥିବା ଆଲେଖ୍ୟ ସବୁର ସମାହାରକୁ ନେଇ ଏକ ଦ୍ୱୈତ ମାସିକ ସଂକଳନ ପ୍ରକାଶନ କରିବା କଥା ମନକୁ ଆସିଲା । ପତ୍ରିକା ପ୍ରକାଶନ ହେତୁ ଆବଶ୍ୟକ ସମୟର ଘୋର ଅଭାବ ହେତୁ ମୋତେ ଏହିଭଳି ଏକ ପଦକ୍ଷେପ ନେବାକୁ ପଡ଼ିଲା । ଆଶା କରୁଛି, ଆଗକୁ ଏହି ବିଷୟରେ ଅଧିକ ସଚେତନ ହେବାକୁ ଚେଷ୍ଟା କରିବି । ଆହ୍ୱାନ କେବଳ ଏକ ପତ୍ରିକା ନୁହେଁ, ଏହା ଏକ ଭାବନା ଯାହା ଅନେକ ଲେଖିକା ଲେଖକ ମାନଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରି ଆସୁଛି । ଅନେକ ନବପ୍ରତିଭାଙ୍କୁ ଏହା ଦିଗଦର୍ଶନ ଦେଇଛି । ଏଇ ପତ୍ରିକାରେ ଆଲେଖ୍ୟ ପ୍ରକାଶନ କରୁଥିବା କିଛି ବ୍ୟକ୍ତି ବର୍ତ୍ତମାନ ଆଗଧାଡ଼ିର ସାହିତ୍ୟିକ ଭାବରେ ପ୍ରଶଂସିତ ହେଉଛନ୍ତି । କିଛି ସାହିତ୍ୟିକ ଏହି ପଟ୍ଟଳରେ ନିଜ ସାହିତ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସର୍ଜନାକୁ ଆରମ୍ଭ କରି ବର୍ତ୍ତମାନ ଉଚ୍ଚ ପ୍ରଶଂସିତ ହେଉଛନ୍ତି । ଯେଉଁ ବନ୍ଧୁମାନେ ବର୍ତ୍ତମାନ ଏହି ପତ୍ରିକାରେ ଲେଖା ପ୍ରକାଶିତ କରୁଛନ୍ତି, ଆଗାମୀ ଦିନରେ ସେମାନେ ମଧ୍ୟ ଜଣେ ଜଣେ ବିଶିଷ୍ଟ କବି ବା ସାହିତ୍ୟିକ ବୋଲାଇବେ ସେଥିରେ ସନ୍ଦେହ ନାହିଁ । ନିଜର ସାହିତ୍ୟ ରୁଚିକୁ ଯଥେଷ୍ଟ ସମ୍ମାନ ଓ ପ୍ରୋତ୍ସାହନ ଦେଇ ପାରିଲେ ଆପଣଙ୍କ ଅନ୍ତର୍ନିହିତ ସ୍ରଷ୍ଟା ଆହୁରି ଅଧିକ ରୁଦ୍ଧିମନ୍ତ ସାହିତ୍ୟର ସର୍ଜନା କରି ପାରିବ, ବୋଲି ମୁଁ ବିଶ୍ୱାସ କରେ ।

ଆହ୍ୱାନ ପତ୍ରିକାର ପ୍ରକାଶନରେ ଷୋହଳ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏହାର ଲୋକପ୍ରିୟତା କୌଣସି ମାତ୍ରାରେ କମ ହୋଇନାହିଁ । ଏଇ ଅବଧିରେ ଅନେକ ପତ୍ର ପତ୍ରିକା ଜନ୍ମ ନେଇ ଅକାଳ ମୃତ୍ୟୁବରଣ ବି କରିଛନ୍ତି କିମ୍ବା କାଳର କରାଳ ଗର୍ଭରେ ଲୀନ ହୋଇ ସାରିଛନ୍ତି, କିନ୍ତୁ ଆହ୍ୱାନ ଏହାର ପ୍ରାରମ୍ଭିକ ମନ୍ତ୍ର, 'ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା' ମନ୍ତ୍ରରେ ବର୍ତ୍ତମାନ ବି ସ୍ଥିର ହୋଇ ରହିଛି । ଫେସବୁକ୍, ହ୍ୱାଟସ୍ଆପ୍, ଟ୍ୱିଟର୍ ଏବଂ ଟେଲିଗ୍ରାମ୍ ପରି ସାମାଜିକ ମାଧ୍ୟମରେ ଆହ୍ୱାନର ଉପସ୍ଥିତି ବର୍ତ୍ତମାନ ସର୍ବକାଳୀନ ସୁଦୃଢ଼ ସ୍ଥିତିରେ ରହିଛି । ଆମ ପତ୍ରିକା ଆନୁକୂଲ୍ୟରେ ସଂଗଠିତ ପ୍ରେମ କବିତା ଗ୍ରୁପ୍ ବର୍ତ୍ତମାନ ଦଶ ହଜାରରୁ ଅଧିକ ସଦସ୍ୟା ସଦସ୍ୟଙ୍କ ଦ୍ୱାରା ସମୃଦ୍ଧ ।

ସମୟ ସହ ତାଳ ଦେଇ ଆମେ ନୂତନ ବୈଷୟିକ ଜ୍ଞାନ କୌଶଳକୁ ଆପଣେଇ ନୂଆ ନୂଆ ଉପାୟରେ ସାହିତ୍ୟର ପ୍ରସାର ପାଇଁ ପ୍ରଚେଷ୍ଟା କରି ଆସୁଛୁ । ବିଗତ ବର୍ଷ ମାନଙ୍କରେ ପୋଡ଼କାଷ୍ଟ ଭଳି ବ୍ୟବସ୍ଥାକୁ ଆପଣେଇ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ବେଶ ଆଗଭର ହେଇଛୁ । ଆମ ପୋଡ଼କାଷ୍ଟ ସମ୍ଭବତଃ ଓଡ଼ିଆ ଭାଷାରେ ସର୍ବାଧିକ ଶୁଣାଯାଉଥିବା ଅଡିଓ ପ୍ଲାଟଫର୍ମ୍ ବୋଲି କହି ପାରିବା । ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବାର ବ୍ୟବସ୍ଥା ଆମେ କରିବୁ । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ସୃଷ୍ଟି କରିବାପାଇଁ ଆବଶ୍ୟକ ଆର୍ଥିକ ପ୍ରତିବନ୍ଧକ ଦୂର ହେବାପରେ ଆମେ ଆହ୍ୱାନକୁ ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ନୂତନ ପ୍ଲାଟଫର୍ମରେ ନେଇ ଉପସ୍ଥାପନ କରିବୁ ଯାହା ଆଉ କେହି ବି କେବେ ବି ଚିନ୍ତା କରିନଥିବେ ।

ଆପଣ ମାନଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସାହାଯ୍ୟ ଓ ପ୍ରୋତ୍ସାହନରେ ଏହି ପତ୍ରିକାକୁ ପ୍ରତି ମାସରେ ପ୍ରକାଶିତ କରିବାପାଇଁ ବିଶେଷ ସ୍ପୃହା ମୋ ମନରେ ଜାଗ୍ରତ ହେଉଛି । ଆପଣମାନେ ଭାଷା ସାହିତ୍ୟର ଉନ୍ନତି ହେତୁ ସର୍ଜନାକୁ ସମ୍ମାନ ଦେଉଥିବା ବେଳେ ଆପଣଙ୍କ ଭଳି ସାହିତ୍ୟ ପ୍ରେମୀଙ୍କୁ ଏକ ବଳିଷ୍ଠ ପ୍ଲାଟଫର୍ମ ଯୋଗାଇ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆପଣଙ୍କ ଆଶୀର୍ବାଦ ହିଁ ଏହାକୁ ଆହୁରି ଅଧିକ ଲୋକାଦୃତ କରିବ ଏଥିରେ ସନ୍ଦେହ ନାହିଁ ।

ବର୍ତ୍ତମାନ ବର୍ଷର ସବୁଠାରୁ ଅଧିକ ଉତ୍ସବ ମୁଖର ସମୟ । ସମଗ୍ର ଦେଶରେ ପବିତ୍ର ଦୁର୍ଗାପୂଜା, ଶୋଡ଼ଷ ଉପଚାର ପୂଜା, ନବରାତ୍ରୀ, ଇତ୍ୟାଦି ମାଧ୍ୟମରେ ଏକ ଶୁଦ୍ଧପୂତ ପରିବେଶ ସୃଷ୍ଟି କରାଯାଉଛି । ବିଗତ ବର୍ଷ ମାନଙ୍କରେ କରୋନା ମହାମାରୀ ହେତୁ ଏହି ସମସ୍ତ ଉତ୍ସବ ଉପରେ କଟକଣା ଲାଗୁ ହୋଇଥିଲା । ହେଲେ ଚଳିତ ବର୍ଷ ଲୋକଙ୍କ ଉତ୍ସାହ ଦେଖିବା ଭଳି ଥିଲା । ସମଗ୍ର ଦେଶରେ ଏହି ପର୍ବାଣୀର ସମୟକୁ ନେଇ ଲୋକଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳୁଛି । ଭଗବାନ ସମସ୍ତଙ୍କୁ ସୁଖ ଓ ସମୃଦ୍ଧିର ପଥ ଦେଖାନ୍ତୁ ଏବଂ ସମାଜରେ ଶାନ୍ତି, ମୈତ୍ରୀ ଓ ଭାତୃତ୍ୱଭାବ ବୃଦ୍ଧି ପାଉ ବୋଲି ଆମେ ଆଶା କରିବା ସହ ଜଗଦ୍ଧାତ୍ରୀ ମା ଦୁର୍ଗାଙ୍କ ଚରଣରେ ପ୍ରାର୍ଥନା କରିବା ।

ବିଗତ ଦୁଇମାସରେ ଦେଶ ଦୁନିଆରେ ଘଟି ଯାଇଥିବା କିଛି ଘଟଣାର ନିଷ୍କର୍ଷ ଏଠାରେ ଉପସ୍ଥାପନ କରୁଛି । ସମ୍ପାଦକୀୟ ଆଲେଖ୍ୟର ଏହି ଅଂଶଟି ଅନେକ ବନ୍ଧୁଙ୍କୁ ଭଲ ଲାଗୁଛି ବୋଲି ସେମାନେ ଜଣାଇଛନ୍ତି । ଯଥାସମ୍ଭବ ସଂକ୍ଷିପ୍ତରେ ଆମେ କିଛି ଘଟଣାର ବିଷୟକୁ ଜାଣିବା ଯାହା ସିଧା ସଳଖ ହେଉ ବା ପରୋକ୍ଷରେ ହେଉ ଆମ ଜୀବନକୁ ପ୍ରଭାବିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିପାରେ ।

ସେପ୍ଟେମ୍ବର ମାସରେ ଗଣେଶ ପୂଜା ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତଥା ସମଗ୍ର ରାଜ୍ୟର ଗଣପର୍ବ ନୂଆଖାଇ ପାଳିତ ହୋଇ ଯାଇଛି । ଚଳିତ ବର୍ଷ ନୂଆଖାଇ ପର୍ବକୁ ଦେଶ ବିଦେଶରେ ରହୁଥିବା ଓଡ଼ିଆମାନେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି, ଏବଂ ସେଇ ସବୁ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ଦେଖିବା ପରେ ବିଶ୍ୱ ଦରବାରରେ ଆମର ଏଇ ଅନନ୍ୟ ପରମ୍ପରା ବିଷୟରେ ଚର୍ଚ୍ଚା ନିଶ୍ଚୟ ହୋଇଥିବ ଏବଂ ଏହା ଆମ ଦେଶ ତଥା ରାଜ୍ୟ ପାଇଁ ପ୍ରଶଂସା ଏବଂ ପର୍ଯ୍ୟଟନ ଅଭିବୃଦ୍ଧି ହେତୁ ସହାୟକ ହେବ ବୋଲି ଆମେ ଆଶା କରିବା । ଅବଶ୍ୟ ଏହି ସମୟରେ ହିଁ କିଛି ବିଭାଜନକାରୀ ଗୋଷ୍ଠୀ ଓଡ଼ିଶାର ପଶ୍ଚିମାଞ୍ଚଳକୁ ରାଜ୍ୟରୁ ବିଚ୍ଛିନ୍ନ କରି ଏକ ଭିନ୍ନ ରାଜ୍ୟ ସୃଷ୍ଟି କରିବା ଦାବୀ ନେଇ ଉଭୟ ସ୍ଥାନୀୟ ଏବଂ ରାଜ୍ୟସ୍ତରୀୟ ବିକ୍ଷୋଭ ଏବଂ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାନ ଆୟୋଜିତ କରି ବୁଦ୍ଧିଜୀବିଙ୍କ ସମାଲୋଚନାର ଶରବ୍ୟ ହୋଇଛନ୍ତି । ଯୁଗ ଯୁଗରୁ ଏହିଭଳି ନକାରାତ୍ମକ ଗୋଷ୍ଠୀମାନେ ଜନମାନସରେ ପରସ୍ପର ପ୍ରତି ଅସୂୟା ଜାଗ୍ରତ କରାଇ ବିଭାଜନ କରିବା ପାଇଁ ଚେଷ୍ଟିତ ଅଛନ୍ତି । ହେଲେ ଆମେ ସର୍ବଦା ଏକ ଏବଂ ଅଭିନ୍ନ ବୋଲି ପ୍ରମାଣିତ କରି ଆସୁଛୁ । ଆମର ଏକତା ଆମର ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ସମ୍ମାନ ସବୁ କିଛି ଅତୁଳନୀୟ । ଏଠି ଭାଷା କିମ୍ବା ଆଞ୍ଚଳିକତା ଆଧାରରେ କୌଣସି ବୈଷମ୍ୟ ସୃଷ୍ଟି କରିବାକୁ ଆଦୌ ପ୍ରଶ୍ରୟ ଦେବା ଉଚିତ ନୁହେଁ ।

ଦ୍ରବ୍ୟ ଓ ସେବା କର ସଂଗ୍ରହରେ କେନ୍ଦ୍ର ସରକାର ଅଧିକରୁ ଅଧିକ ଆୟ କରି ନୁଆ ନୁଆ ରେକର୍ଡ୍ ସୃଷ୍ଟି କରିବାକୁ ଲାଗିଛନ୍ତି । ଅଗଷ୍ଟ ୨୦୨୨ରେ ୧,୪୩,୬୧୨ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଛି ଯାହା ବିଗତବର୍ଷ ଅଗଷ୍ଟ ୨୦୨୧ ତୁଳନାରେ ୨୮ ପ୍ରତିଶତ ଅଧିକ । ଏହାଦ୍ୱାରା ରାଜସ୍ୱ ଆୟ ବୃଦ୍ଧି ପାଉଛି ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଶର ଉନ୍ନତିରେ ଖର୍ଚ୍ଚ ହୋଇପାରୁଛି ।

ସଂପୂର୍ଣ୍ଣ ଦେଶୀୟ ଜ୍ଞାନକୌଶଳରେ ଭାରତରେ ନିର୍ମିତ ଯୁଦ୍ଧପୋତ 'ବିକ୍ରାନ୍ତ' ଭାରତୀୟ ଜଳସେନାରେ ସାମିଲ ହୋଇଛି । ଆଗରୁ ଏହିଭଳି ଯୁଦ୍ଧପୋତ ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ କରିବା ସହ ଅନ୍ୟ ଦେଶ ସହ ସାଲିସ କରିବାକୁ ହେଉଥିଲା, ଏବେ ଏହିଭଳି ଯୁଦ୍ଧପୋତ ନିର୍ମାଣ କରିବା କ୍ଷେତ୍ରରେ ଭାରତ ସଫଳ ହେବାପରେ ଏହା ବିଦେଶକୁ ରପ୍ତାନୀ କରିବାର କ୍ଷମତା ମଧ୍ୟ ହାସଲ କରିଛି । ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ 'ଭୋକାଲ ଫର୍ ଲୋକାଲ୍' ଏବଂ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଅନ୍ତର୍ଭୁକ୍ତ ଏହିଭଳି ସଫଳ ପ୍ରକଳ୍ପ ଭାରତକୁ ଦୃତ ଉନ୍ନତି ଏବଂ ଅର୍ଥନୈତିକ ପ୍ରଗତି ଦିଗରେ ଅଗ୍ରସର କରାଉଛି । ଆମେରିକା, ୟୁକେ, ରୁଷ, ଚୀନ ଏବଂ ଫ୍ରାନ୍ସ୍ ପରେ ଏବେ ଭାରତ ଏହିଭଳି ଯୁଦ୍ଧପୋତର ନିର୍ମାଣ କରିବା କ୍ଷେତ୍ରରେ ସଫଳ ହୋଇଛି ।

ବିଗତ ମାସରେ ପାକିସ୍ତାନରେ ଆସିଥିବା ବନ୍ୟା ହେତୁ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିଥିଲା । ପ୍ରାରମ୍ଭିକ ସୂଚନା ଅନୁସାରେ ଏହି ବନ୍ୟାରେ ଅନ୍ୟୁନ ଏକ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ଏହା ପାକିସ୍ତାନର ଏବ ବିସ୍ତୃତ ଅଞ୍ଚଳକୁ ଜଳମଗ୍ନ କରି ଲୋକଙ୍କ ଜୀବନ ଓ ଆଜୀବିକା ଉପରେ ପ୍ରଭାବ ପକାଇଥିଲା । ଏହି ଦୁଃଖଦ ସମୟରେ ବିଶ୍ୱର ଅନେକ ଦେଶ ପାକିସ୍ତାନକୁ ସମବେଦନା ଜଣାଇଥିଲେ, ଏବଂ ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ସମବେଦନା ସନ୍ଦେଶରେ ପାକିସ୍ତାନକୁ ଶୀଘ୍ର ଏହି ବିପଦସଂକୁଳ ପରିସ୍ଥିତିରୁ ନିସ୍ତାର ପାଇବା ପାଇଁ ପ୍ରାର୍ଥନା କରିଥିଲେ ।

ଏହି ବନ୍ୟାରେ ପାକିସ୍ତାନର ପ୍ରାୟ ତିନିକୋଟିରୁ ଅଧିକ ଅଧିବାସୀ ପ୍ରଭାବିତ ହୋଇଥିଲେ ବୋଲି ପାକିସ୍ତାନ ଆପଦା ପରିଚାଳନା ଅଧିକାରୀ ଜଣାଇଛନ୍ତି ।

ବିଗତ କିଛି ବର୍ଷରେ ପାକିସ୍ତାନ ଦେବାଳିଆ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାରମ୍ବାର ଶାସନରେ ପରିବର୍ତ୍ତନ ହେଉଥିବା ସତ୍ତ୍ୱେ ସେହି ଦେଶର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ତଥାପି ସେହି ଦେଶର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିଥିବା ଭଳି ମନେ ହେଉନାହିଁ । ବିଶ୍ୱ ଦରବାରରେ ଭାରତର ନିନ୍ଦା ରଚନା କରିବାରୁ ଏହି ଦେଶ କେବେ ବି କ୍ଷାନ୍ତ ହେଉନାହିଁ ।

ଗତ ମାସର ଏକ ପ୍ରମୁଖ ଘଟନା ଥିଲା ଦିଲ୍ଲୀ ସଂଲଗ୍ନ ନୋଇଡ଼ାର ପ୍ରସିଦ୍ଧ ଦ୍ୱୈତ ଟାୱାର୍ ( ଆପେକ୍ସ - ୩୨ ତଳ ଏବଂ ସ୍ୟାନ୍ - ୨୯ ତଳ)କୁ ସୁପ୍ରିମ୍ କୋର୍ଟ୍ ନିର୍ଦ୍ଦେଶାନୁସାରେ ଧୂଳିସାତ କରି ଦିଆଯାଇଛି । ସୁପରଟେକ୍ ନାମକ ଏକ ପ୍ରମୁଖ ନିର୍ମାଣକାରୀ ସଂସ୍ଥା ଏହି ଟାୱାର ନିର୍ମାଣରେ ସରକାରୀ ନୀତିନିୟମକୁ ଅଣଦେଖା କରିଥିବା ନେଇ ବିଗତ ନଅ ବର୍ଷ ଧରି ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିଲା ଏବଂ ଅଦାଲତ ନିର୍ଦ୍ଦେଶ ଦେଇଥିଲେ ଯେ ନଏଡ଼ା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହାୟତାରେ ନିର୍ମାଣକାରୀ ସଂସ୍ଥା ନିଜେ ଏହି ଦୁଇ ଟାୱାରକୁ ଧୂଳିସାତ୍ କରିବେ । ଏବଂ ଏହାକୁ ବୋମାଦ୍ୱାରା ନିୟନ୍ତ୍ରିତ ଭାବେ ଧ୍ୱଂସ କରାଯିବାର ଦୃଶ୍ୟ ସମସ୍ତ ଗଣମାଧ୍ୟମ ପ୍ରାଥମିକତାର ସହ ଦେଖାଇଥିଲେ । ଏହି ଘଟଣା ପରେ ଚର୍ଚ୍ଚା ହୋଇଥିଲା ଯେ ଆପଣ ଯେତେ ଶକ୍ତିଶାଳୀ ବା ଧନୀ ହୁଅନ୍ତୁ ନା କାହିଁକି, ଅଦାଲତ ଏବଂ ନ୍ୟାୟ ପାଖରେ ଆପଣ ନିଶ୍ଚୟ ଅସହାୟ । ତେଣୁ ନ୍ୟାୟୋଚିତ ପନ୍ଥାରେ ଚାଲି କାର୍ଯ୍ୟ ନ କରିଲେ ଆପଣଙ୍କ ବହୁମୂଲ୍ୟ ସମ୍ପତ୍ତିକୁ ଏଭଳି ଭାବରେ ହରାଇବାକୁ ପଡ଼ିବ ।

ବିଗତ ମାସରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମାରେ ଜଣାଇଛନ୍ତି ଯେ ଭାରତର ଯେ କୌଣସି ମହିଳା, ବିବାହିତା ହୁଅନ୍ତୁ ବା ଅବିବାହିତା, ନିଜର ଅବାଞ୍ଛିତ ଗର୍ଭକୁ ୨୪ ସପ୍ତାହ ପର୍ଯ୍ୟନ୍ତ ନଷ୍ଟ କରିବାର ଅଧିକାର ରଖନ୍ତି । ଅଦାଲତ ନିଜ ନ୍ୟାୟରେ ଜଣାଇଛନ୍ତି ଯେ ଅବିବାହିତା ମହିଳାଙ୍କ କ୍ଷେତ୍ରରେ ଗର୍ଭନଷ୍ଟ କରିବାର ଯେଉଁ ସୀମା ଧାର୍ଯ୍ୟ କରାଯାଇଛି ତାହା ଅନାବଶ୍ୟକ ଏବଂ ଅନ୍ୟ କ୍ଷେତ୍ର ପରି ସେମାନଙ୍କୁ ମଧ୍ୟ ୨୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସପ୍ତାହ ପର୍ଯ୍ୟନ୍ତ ନିୟନ୍ତ୍ରିତ ଗର୍ଭନଷ୍ଟ କରିବା ପାଇଁ ସୁଯୋଗ ଦିଆଯିବା ଉଚିତ ।

ଭାରତୀୟ ମେଡ଼ିକାଲ୍ ଟର୍ମିନେସନ୍ ଅଫ୍ ପ୍ରେଗ୍ନାନ୍ସି ଆକ୍ଟ ୧୯୭୧, ଅନ୍ତର୍ଭୂକ୍ତ ନିୟମାନୁସାରେ ଅବିବାହିତା ମହିଳାଙ୍କ କ୍ଷେତ୍ରରେ ୨୦-୨୪ ସପ୍ତାହ ମଧ୍ୟରେ ଗର୍ଭନଷ୍ଟ କରିବା ପାଇଁ ପ୍ରତିବନ୍ଧକ ରହିଥିଲା ।

ଗତ ମାସର ସବୁଠାରୁ ଅଧିକ ଜନରବ ସୃଷ୍ଟି କରିଥିବା ଖବର ଥିଲା ଭାରତରେ ପ୍ରଚଳିତ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ ବା ପିଏଫ୍ଆଇ କୁ ସରକାର ବେଆଇନ୍ ଘୋଷଣା କରିବା । ଏହି ସଂସ୍ଥାକୁ ଆଗାମୀ ପାଞ୍ଚବର୍ଷ ପାଇଁ ନିଷିଦ୍ଧାଦେଶ ଶୁଣାଇ ଦିଆଯାଇଛି । ସେପ୍ଟେମ୍ବର ମାସର ଶେଷ ସପ୍ତାହ ବେଳକୁ ହଠାତ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନିଆଯାଇ, ଦେଶବ୍ୟାପୀ ପିଏଫ୍ଆଇ ଅନ୍ତର୍ଭୂକ୍ତ ଅନେକ ଅନୁଷ୍ଠାନ ଉପରେ ଏକକାଳୀନ ଚଢଉ ଆୟୋଜିତ କରାଗଲା । ଏହା ଏତେ ସଠିକ ଭାବରେ କାର୍ଯ୍ୟାନ୍ୱୟନ କରାଗଲା ଯେ କେହି ଏହା ବିଷୟରେ ଆଗରୁ କୌଣସି ସୂଚନାପାଇ ପାରିଲେ ନାହିଁ । ପ୍ରାୟ ଦୁଇ ଦିନର ଚଢଉ ପରେ ସରକାରୀ ସଂସ୍ଥାଙ୍କ ହାତରେ ଯଥେଷ୍ଟ ପ୍ରମାଣ ଥିଲା, ଯାହାକୁ ଆଧାର କରି ଭାରତ ସରକାର ସଂପୃକ୍ତ ସଂସ୍ଥାକୁ ପାଞ୍ଚବର୍ଷ ପାଇଁ ବେଆଇନ୍ ଘୋଷଣା କରିଦେଲେ । ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଏବଂ ଗୁଜରାତ ସରକାରଙ୍କ ଅନୁରୋଧ କ୍ରମେ ଏହି ସବୁ ଚଢଉ ଆୟୋଜିତ ହୋଇଥିଲା ।

ପିଏଫ୍ଆଇ ଅଧୀନରେ କାର୍ଯ୍ୟରତ ଆହୁରି ଆଠଗୋଟି ସଂଗଠନକୁ ମଧ୍ୟ ବେଆଇନ୍ ବୋଲି ଘୋଷଣା କରାଯାଇଛି । ଏହି ଘୋଷଣା ପରେ ଦେଶବ୍ୟାପୀ ବ୍ୟାପକ ପ୍ରତିକ୍ରିୟା ଦେଖିବାକୁ ମିଳିଥିବା ବେଳେ ଅନେକ ବୁଦ୍ଧିଜୀବି ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ସଂଗଠନ ଅନେକ ଦେଶ ବିରୋଧୀ ଗତିବିଧିରେ ସଂଶ୍ଲିଷ୍ଟ ଥିବାର ଯଥେଷ୍ଟ ପ୍ରମାଣ ଆଗରୁ ମଧ୍ୟ ମିଳିଥିଲା । ବର୍ଷ ୨୦୦୭ରେ ତିନିଗୋଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରତିବନ୍ଧିତ ଇସ୍ଲାମିକ୍ ସଂଗଠନର ବିଲୟରେ ସୃଷ୍ଟି ହୋଇଥିଲା ପିଏଫ୍ଆଇ । ବର୍ଷ ୨୦୦୧ରେ ବେଆଇନ୍ ଘୋଷଣା ହୋଇଥିବା ସିମି (ଷ୍ଟୁଡେଣ୍ଟସ ଇସ୍ଲାମିକ୍ ମୁଭମେଣ୍ଟ ଅଫ୍ ଇଣ୍ଡିଆ)ର ସଦସ୍ୟ ମାନଙ୍କ ଦ୍ୱାରା ପିଏଫ୍ଆଇ ର ସ୍ଥାପନା କରାଯାଇଥିଲା ।

ସୂଚନା ପ୍ରଦ୍ୟୋଗୀକି ସଂଗଠନ ହଠାତ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନେଇ ଏହାର ତିନିଶହ କର୍ମଚାରୀଙ୍କୁ ଏକକାଳୀନ କାର୍ଯ୍ୟନିବୃତି ଦେଇ ଖବରର ଶିରୋନାମା ପାଇଥିଲା । ଭାରତରେ ସମ୍ଭବତଃ ଏହା ପ୍ରଥମ ଥର ହେଉଥିଲା ଯେ ଏତେ ବଡ଼ ଆଇଟି କମ୍ପାନୀ ଏମିତି ଏକାଥରେ ତିନିଶହ କର୍ମଚାରୀଙ୍କୁ ବାଧ୍ୟତା ମୂଳକ ଭାବରେ ସେମାନଙ୍କ କାମରୁ ବିଦାୟ କରିଦେଉଥିଲା ।

ଅବଶ୍ୟ ଏହି କାର୍ଯ୍ୟ ସହ କମ୍ପାନୀ କାହିଁକି ଏହିଭଳି ପଦକ୍ଷେପ ନେଉଛି ତାହା ଜଣାଇଥିଲା । କରୋନା ସମୟରେ କର୍ମଚାରୀମାନେ ଅଫିସ ଯିବାରେ ଅସୁବିଧା ହେଉଥିବା ହେତୁ ସେମାନଙ୍କୁ ଘରୁ କାମ କରିବାର ସୁବିଧା ଆଇଟି ସେକ୍ଟରରେ କାମ କରୁଥିବା ସଂସ୍ଥାମାନେ ଦେଇଥିଲେ । ଏହି ସୁଯୋଗରେ କର୍ମଚାରୀମାନେ ଘରେ ବସି କାମ କରୁଥିବା ବେଳେ ସେମାନେ ଏକାଧିକ କମ୍ପାନୀରେ କର୍ମଚାରୀ ଭାବରେ କାମ କରିବା ଆରମ୍ଭ କରି ଦେଇଥିଲେ । ଅର୍ଥାତ ଏକାଧିକ କମ୍ପାନୀରୁ ସେମାନେ ଦରମା ପାଉଥିଲେ । ପ୍ରତିଯୋଗୀତାମୂଳକ ଅଭିସନ୍ଧି ନେଇ କାମ କରୁଥିବା ଆଇଟି କମ୍ପାନୀମାନେ ନିଜ କର୍ମଚାରୀ ଅନ୍ୟ ସଂଗଠନକୁ ଦୃଢ଼ କରୁଥିବାର ସୂଚନା ପାଇବା ପରେ ସେମାନଙ୍କୁ କାର୍ଯ୍ୟନିବୃତ୍ତି ଦେଇଦେଲେ ।

ସୂଚନାଯୋଗ୍ୟ ଯେ ଏହିଭଳି କାମ ନ କରିବାପାଇଁ ବିଭିନ୍ନ ଆଇଟି କମ୍ପାନୀ ନିଜର କର୍ମଚାରୀଙ୍କୁ ଆଗରୁ ଚେତେଇ ଦେଇଥିଲେ । କାରଣ ଏହିଭଳି କରିବା ଦ୍ୱାରା କମ୍ପାନୀ ମାନଙ୍କୁ କ୍ଷତି ସହିବାକୁ ପଡୁଥିଲା ଏବଂ କର୍ମଚାରୀମାନେ ଦୁଇଟି କମ୍ପାନୀରୁ ଦରମା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଉଥିବା ବେଳେ ଉଭୟ କମ୍ପାନୀ ପ୍ରତି ନ୍ୟାୟ କରି ପାରୁନଥିଲେ ।

ଭାରତରେ ଫାକ୍ଟୋରିଜ୍ ଆକ୍ଟ, ୧୯୪୮ ଅନୁସାରେ ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି ସ୍ଥାନରେ ଚାକିରୀ କରି ପାରିବେ ନାହିଁ । କିନ୍ତୁ ଆଇଟି କ୍ଷେତ୍ରରେ ଏହି ନିୟମ କଡ଼ାକଡ଼ି ଭାବରେ ଲାଗୁ ନ ହେବା ହେତୁ କର୍ମଚାରୀମାନେ ଏହାର ଫାଇଦା ଉଠାଇବାକୁ ସବୁବେଳେ ଚେଷ୍ଟା କରନ୍ତି ବୋଲି ଶୁଣାଯାଏ । ଭାରତ ସରକାରଙ୍କ କଡ଼ା ନିୟମ ଅନୁସାରେ ଯେକୌଣସି କମ୍ପାନୀରେ କାମ କରୁଥିବା କର୍ମଚାରୀଙ୍କ ଭବିଷ୍ୟନିଧି ଏକାଉଣ୍ଟରେ ପ୍ରତ୍ୟେକ ମାସରେ କମ୍ପାନୀ ତରଫରୁ ଅର୍ଥ ଜମା କରିବା ବାଧ୍ୟତାମୂଳକ ଥିଲା, ଯେଉଁଠି ଏହି ସବୁ କର୍ମଚାରୀ ଧରାପଡ଼ିଥିଲେ । କାରଣ ସେମାନଙ୍କ ନାଁରେ ଦୁଇଟି ବା ଏକାଧିକ କମ୍ପାନୀ ଭବିଷ୍ୟନିଧି ଜମା କରୁଥିଲେ, ତେଣୁ ସେମାନେ ଠକୁଥିବା କଥା ପ୍ରମାଣିତ ହୋଇ ପାରିଥିଲା ।

ଦୀର୍ଘ ତିନି ଦଶନ୍ଧି ପରେ ଭାରତ ଭୂଇଁରେ ଚିତାବାଘ ଦେଖିବାକୁ ମିଳିଲା । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସୁଦୂର ନାମିବ୍ୟାରୁ ଆସିଥିବା ଚିତାବାଘ ଗୁଡ଼ିକୁ ସେ ନିଜେ ମଧ୍ୟପ୍ରଦେଶ ସ୍ଥିତ କୁନୋ ରାଷ୍ଟ୍ରୀୟ ଉଦ୍ୟାନରେ ଖୋଲାରେ ବିଚରଣ କରିବାପାଇଁ ମୁକ୍ତ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ।

୧୯୫୨ ମସିହାରେ ଭାରତରୁ ଚିତା ବଂଶ ବିଲୁପ୍ତ ହୋଇ ଯାଇଥିଲା ଏବଂ ସ୍ୱାଧୀନତାର ସତୁରିବର୍ଷ ପରେ ମଧ୍ୟ କୌଣସି ସରକାର ଏହି ବିଲୁପ୍ତ ପ୍ରାଣୀକୁ ଭାରତ ଆଣିବା କିମ୍ବା ଏହାର ରକ୍ଷଣାବେକ୍ଷଣ ପାଇଁ ଧ୍ୟାନ ଦେଇନଥିଲେ । ଏସୀୟ ପ୍ରଜାତିର ଚିତାବାଘ ବଂଶନିପାତ ହେବାପରେ ନାମିବ୍ୟା ସରକାରଙ୍କ ଆଗ୍ରହ ଏବଂ ଭାରତ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏବେ ଭାରତରେ ଚିତା ବାଘ ବଂଶ ବିସ୍ତାର ପାଇଁ ଯୋଜନା କରାଗଲା । ବର୍ତ୍ତମାନ କେବଳ ଇରାନ ଦେଶରେ ହିଁ ଏସୀୟ ଚିତାବାଘ ରହିଛନ୍ତି । ବିଗତ ଶତାବ୍ଦୀର ଷାଠିଏ ଏବଂ ସତୁରି ଦଶକରେ ଇରାନଠାରୁ ଚିତାବାଘ ଆଣିବା ଯୋଜନା କରାଯାଇଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସେତେବେଳେ ଇରାନ ସହଯୋଗ କରିନଥିଲା । ଆଫ୍ରିକୀୟ ଚିତାବାଘ ଏସୀୟ ଚିତାଠାରୁ ସାମାନ୍ୟ ବଡ଼ ଏବଂ ଆଶା କରାଯାଉଛି, ଭାରତରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବ । ୫୦୦ ହେକ୍ଟର ଅଞ୍ଚଳରେ ଚିତାମାନଙ୍କୁ ରଖାଯାଇଛି । ଚାରି ଯୋଡ଼ା ଚିତାବାଘ ଅଣାଯାଇଛି, ଏବଂ ଆଶା କରାଯାଉଛି ଯେ ଆଗାମୀ ପନ୍ଦର ବର୍ଷ ଭିତରେ ଏମାନଙ୍କ ସଂଖ୍ୟା ଏକୋଇଶକୁ ବୃଦ୍ଧି ପାଇବ ।

ବିଗତ ମାସର ଏକ ପ୍ରମୁଖ ଘଟଣାରେ ଇଂଲଣ୍ଡର ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ନିଧନ ବିଶ୍ୱସ୍ତରରେ ଲୋକଙ୍କୁ ବ୍ୟଥିତ କରିଥିଲା । ସାତ ଦଶକ ଶାସନ କରିବା ପରେ ସେ ସେପ୍ଟେମ୍ବର ମାସ ଆଠ ତାରିଖରେ ପ୍ରାଣତ୍ୟାଗ କରିଛନ୍ତି ।

୨୧ ଅପ୍ରେଲ ୧୯୨୬ ମସିହାରେ ଜନ୍ମିତ ଏଲିଜାବେଥ ୨୫ ବର୍ଷ ବୟସରେ, ୬ ଫେବୃଆରୀ ୧୯୫୨ ମସିହାରେ ଇଂଲଣ୍ଡର ରାଜଗାଦି ସମ୍ଭାଳିଥିଲେ ।  ଅପ୍ରେଲ ୨୦୨୧ରେ ତାଙ୍କ ସ୍ୱାମୀ ରାଜକୁମାର ଫିଲିପ୍‌ସଙ୍କ ଦେହାନ୍ତ ପରେ ସେ ବି ଅସୁସ୍ଥ ରହୁଥିଲେ । ତାଙ୍କର ଜୀବଦ୍ଦଶାରେ ସେ, ଚର୍ଚ୍ଚିଲଙ୍କ ଠାରୁ ଆରମ୍ଭ କରି ଲିଜ୍ ଟ୍ରସଙ୍କ୍ ପର୍ଯ୍ୟନ୍ତ ସେ ସମୁଦାୟ ୧୪ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିଛନ୍ତି ।

ଅର୍ଥନୈତିକ ପ୍ରଗତିରେ ବର୍ତ୍ତମାନ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥନୀତି ଭାବରେ ସମ୍ମାନିତ ହୋଇଛି । ଆମେରିକା, ଚୀନ, ଜାପାନ ଏବଂ ଜର୍ମାନୀ ପଛକୁ ଏବେ ଭାରତ ପଞ୍ଚମ ସ୍ଥାନରେ ରହିଛି । ମାତ୍ର ଦଶବର୍ଷ ତଳେ ଭାରତ ବିଶ୍ୱର ଏକାଦଶତମ ସ୍ଥାନରେ ଥିଲା ।

କରୋନା ସମୟରେ ଏବଂ ଏହା ପରବର୍ତ୍ତୀ ସମୟରେ ବିଶ୍ୱର ଅନେକ ଅର୍ଥନୀତି ଦୁର୍ବଳ ହେଉଥିବା ବେଳେ ଭାରତ କିନ୍ତୁ ସୁଦୃଢ଼ ସ୍ଥିତିରେ ରହିଛି । କରୋନା ସମୟରେ ସମଗ୍ର ଦେଶର ଅର୍ଦ୍ଧାଧିକ ପରିବାରକୁ ନିଃଶୁଳ୍କ ରାସନ ସାମଗ୍ରୀ ଯୋଗାଇବା ସତ୍ତ୍ୱେ ଭାରତର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅର୍ଥନୀତି ଦୁର୍ବଳ ହୋଇନାହିଁ, ଏହା ବିପରୀତ କିଛି ବୁଦ୍ଧିଜୀବି ଭାରତର ବର୍ତ୍ତମାନ ସରକାରଙ୍କ ନୀତିକୁ ନିନ୍ଦା କରିବାକୁ ପଛାଉ ନାହାନ୍ତି ।

ମଧ୍ୟପ୍ରଦେଶ, ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିର ପରିବେଷ୍ଟନୀକୁ ସମୃଦ୍ଧ କରାଯାଇ ଦେଶ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଭାରତର ଏକ ପ୍ରମୁଖ ଧାର୍ମିକ ସ୍ଥଳକୁ ଅଧିକ ସୁନ୍ଦର କରି ଗଢ଼ିବା ଏବଂ ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁଖସୁବିଧାକୁ ଆଖି ଆଗରେ ରଖି ଏହାର ବିହିତ ପଦକ୍ଷେପ ନିଆଯାଇଛି । ଏହି ପ୍ରକଳ୍ପ ପାଇଁ ସାଢେ ଆଠଶହ କୋଟି ଟଙ୍କାର ପ୍ୟାକେଜ୍ ଦିଆଯାଇଛି । ଏହି ପ୍ରକଳ୍ପର ସମାପନ ପରେ ଉଜ୍ଜୟିନୀର ମହାକାଳେଶ୍ୱର ମନ୍ଦିର ପ୍ରାଙ୍ଗଣ ବର୍ତ୍ତମାନ ଠାରୁ ଆଠଗୁଣ ବଡ଼ ଆୟତନର ହୋଇଯିବ ।

ଭାରତରେ ୫ଜି ଟେଲିଫୋନ ସେବାର ଶୁଭାରମ୍ଭ ହୋଇଯାଇଛି । ଅକ୍ଟୋବର ଏକ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ନୂଆ ଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଆୟୋଜିତ ଭାରତୀୟ ମୋବାଇଲ୍ କଂଗ୍ରେସର ଷଷ୍ଠ ସଂସ୍କରଣରେ ଆନୁଷ୍ଠାନିକ ଭାବରେ ଘୋଷଣା କରି ୫ଜି ସେବାର ଆରମ୍ଭ କରିଥିଲେ । ଏବଂ ଏହି ଅବସରରେ ସେ ନିଜେ ୫ଜି ସେବାର ପ୍ରାଥମିକ ଅନୁଭବ ନେଇଥିଲେ । ଯେତେବେଳେ ସେ ଭାରତରେ ଥାଇ ଅନ୍ୟ ଦେଶରେ ଗାଡ଼ିକୁ ଇଣ୍ଟରନେଟ୍ ମାଧ୍ୟମରେ ଚଳାଇ ଥିଲେ ।

ପ୍ରାଥମିକ ପର୍ଯ୍ୟାୟରେ ଭାରତର ୧୩ଟି ପ୍ରମୁଖ ସହରରେ ୫ଜି ସେବା ପରୀକ୍ଷାମୂଳକ ଭାବରେ ଚାଲୁ କରାଯାଇଛି । ରିଲାଏନ୍ସ ଜିଓ ତରଫରୁ ମାଗଣାରେ ସ୍ୱାଗତ ଅଫର୍ ଦିଆଯାଇ ଗ୍ରାହକ ମାନଙ୍କର ମତାମତ ସଂଗ୍ରହ ଜାରୀ ରହିଛି । ଏୟାରଟେଲ୍ ତରଫରୁ ମଧ୍ୟ ସେବା ଚାଲୁ ହେବା ନେଇ ସୂଚନା ମିଳିଛି । ସମ୍ଭବତଃ ବର୍ଷର ଶେଷ ମାସ ସୁଦ୍ଧା ସମଗ୍ର ଦେଶରେ ଏହି ସେବା ଉପଲବ୍ଧ ହୋଇଯିବ ବୋଲି ଟେଲିକମ୍ ପ୍ରାଧିକରଣ ତରଫରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁହାଯାଉଛି ।

ଏହି ସେବା ଦ୍ୱାରା ପ୍ରଚଳିତ ୪ଜି ସେବା ତୁଳନାରେ ଦଶ ଗୁଣ ଅଧିକ ବେଗରେ ଡାଟା ସଂଚାଳନ ହୋଇପାରିବ । ଏବଂ ଏହାଫଳରେ ଡାଉନଲୋଡ୍ ପାଇଁ ଲାଗୁଥିବା ସମୟ କମ ହେବ । ଏହି ସେବା ସର୍ବନିମ୍ନ ୧୦୦ ଏମବିପିଏସରୁ ଆରମ୍ଭ କରି ୨୦ ଜିବିପିଏସ୍ ବେଗରେ ଡାଟା ମିଳିପାରିବ । ଏହାଫଳରେ ଅତି ସ୍ୱଳ୍ପ ସମୟ ମିଆଦରେ ଗୋଟିଏ ସ୍ଥାନରେ ରହି ଅନ୍ୟ ସ୍ଥାନରେ ଯନ୍ତ୍ରାଂଶ ଚଳାଇ ହେବ । ରୋବୋଟିକସ୍ ଭଳି ସେବା ସୁଚାରୁ ରୂପେ ମିଳିପାରିବ ।

ଭାରତ ଯୋଡୋ ଯାତ୍ରା : କଂଗ୍ରେସ ଦଳର ଯୁବରାଜ ଶ୍ରୀ ରାହୁଲ ଗାନ୍ଧୀ ବର୍ତ୍ତମାନ ଭାରତ ଯୋଡ଼ୋ ଯାତ୍ରାର ଆୟୋଜନ କରୁଛନ୍ତି । ବର୍ଷ ୨୦୨୪ର ସର୍ବସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସେ ନିଜର ଛବି ସୁଧାରିବାକୁ ପ୍ରଚେଷ୍ଟା କରୁଛନ୍ତି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି । ବିଗତ ଦୁଇଟି ସର୍ବସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ଅବସ୍ଥାପାଇଁ ରାହୁଲ ଗାନ୍ଧୀଙ୍କୁ ଦୋଷାରୋପ କରାଯିବା ପରେ ସେ ନିଜକୁ ପ୍ରମାଣିତ କରିବା ପାଇଁ ଏହି ଯାତ୍ରା କରୁଛନ୍ତି ବୋଲି କୁହାଯାଉଛି । ଅବଶ୍ୟ ଏହି ଯାତ୍ରା ଆରମ୍ଭ ହେଉ ହେଉ ହିଁ ଏହା ବିବାଦରେ ଫଶି ଯାଇଥିଲା । ଦେଶ ବିରୋଧୀ ମନ୍ତବ୍ୟ ଦେଇଥିବା ଏବଂ ହିନ୍ଦୁଧର୍ମ ବିରୋଧୀ ମନ୍ତବ୍ୟ ଦେଉଥିବା ଚର୍ଚ୍ଚର ପାଦ୍ରୀଙ୍କ ସହ ମିଳାମିଶା କରିବା, ତାଙ୍କ ଉଦ୍ଦେଶ୍ୟକୁ ଧୁମିତ କରି ଦେଇଥିଲା । ଏହି ବିଷୟକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା ।

୧୫୦ ଦିନରେ ଦେଶର ବାରଟି ରାଜ୍ୟଦେଇ ଏହି ଯାତ୍ରା ସଂଚାଳିତ ହେବା ସହ ସମୁଦାୟ ୩୫୭୦ କିଲୋମିଟର ପଥ ସମ୍ପୂର୍ଣ୍ଣ କରିବ । ବିଭାଜନକାରୀ ରାଜନୀତି ବିରୋଧରେ ଜନସମାଜକୁ ଏକତ୍ରିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଏହି ସମ୍ବନ୍ଧିତ ଏକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି । ସେପ୍ଟେମ୍ବର ମାସ ୭ ତାରିଖରେ ଏହା କନ୍ୟାକୁମାରୀଠାରୁ ଆରମ୍ଭ ହୋଇଛି । ଅବଶ୍ୟ ଏହି ଯାତ୍ରା ଆରମ୍ଭ ହେବା ଦିନରୁ ହିଁ ଏହା ବିଭିନ୍ନ କାରଣରୁ ଚର୍ଚ୍ଚାର ବିଷୟ ପାଲଟି ଯାଇଛି ।

କରୋନା ପରବର୍ତ୍ତୀ ସମୟରେ ଭାରତରେ ବଲିଉଡ଼ ବିରୋଧୀ ପବନ ବହୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବସ୍ଥା ଏମିତି ହୋଇଛି ଯେ, ସିନେମା ନିର୍ମାତା ସିନେମା ବିଷୟରେ ଜଣାଇବା ପୂର୍ବରୁ ସେହି ଚଳଚ୍ଚିତ୍ରକୁ ବୟକଟ କରିବା କଥା କୁହାଯାଉଛି । ବଲିଉଡ଼ର ହିନ୍ଦୁ ବିରୋଧୀ ମନ୍ତବ୍ୟ ଏବଂ ଚଳଚ୍ଚିତ୍ରରେ ହିନ୍ଦୁ ଧର୍ମକୁ ଅପମାନିତ କରିବା ଭଳି ଦର୍ଶାଇବାକୁ ବିରୋଧ କରି ଏହିଭଳି ପଦକ୍ଷେପ ନିଆଯାଉଛି । ଚଳିତ ବର୍ଷ ମୁକ୍ତିଲାଭ କରିଥିବା ପାଖାପାଖି ପଚାଶଟି ହିନ୍ଦୀ ଚଳଚ୍ଚିତ୍ର ମଧ୍ୟରେ କେବଳ ଦୁଇଟି ସିନେମାକୁ ଛାଡ଼ିଦେଲେ ବାକି ସବୁ ଗୁଡ଼ାକ ସିନେମା ଦୟନୀୟ ଭାବରେ ଫ୍ଲପ୍ ହୋଇଛନ୍ତି । ବିଗତ ମାସରେ ମୁକ୍ତିଲାଭ କରିଥିବା ଶମଶେରା ବୟକଟ ହୋଇଗଲା ଏବଂ ଏହାପରେ ପରେ ମୁକ୍ତିଲାଭ କରୁଥିବା ବ୍ରହ୍ମାସ୍ତ୍ର ନିଶ୍ଚୟ ସଫଳ ହେବ ବୋଲି ଅନେକ ମନ୍ତବ୍ୟ ଦେଇଥିଲେ କିନ୍ତୁ ସେଇ ମଧ୍ୟ ସମାନ ଦଶା ଭୋଗିଲା । ପୃଥ୍ୱିରାଜ, ହେଉ ବା ଯେ କୌଣସି ସିନେମା, ସବୁ ଗୋଟିଏ ପରେ ଗୋଟିଏ ଫ୍ଲପ୍ ହେବାରେ ଲାଗିଛି । ଏହି ସମୟରେ କିନ୍ତୁ ଦକ୍ଷିଣର ସିନେମା ଇଣ୍ଡଷ୍ଟ୍ରୀ ବହୁତ ଭଲ କରୁଥିବା ଜାଣି, ଦକ୍ଷିଣର ସିନେ ତାରକାଙ୍କୁ ଆଣି ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରାଗଲା କିନ୍ତୁ ଏହି ଲିଗରେ ଥିବା ଲିଗର୍ ନାମକ ସିନେମା ମଧ୍ୟ ଫ୍ଲପ୍ ହୋଇଗଲା । ଯେତେଦିନ ପର୍ଯ୍ୟନ୍ତ ବଲିଉଡ୍ ସିନେମାରେ ହିନ୍ଦୁବିରୋଧୀ ଭାବନା ଦୂର ହୋଇନାହିଁ, ସେତେଦିନ ପର୍ଯ୍ୟନ୍ତ ସବୁ ସିନେମା ଫ୍ଲପ୍ ହିଁ ହେବ । କାରଣ ବର୍ତ୍ତମାନ ଦର୍ଶକମାନେ ସଚେତନ ହେଲେଣି । ଅତୀତରେ ନଥିଲେ ବୋଲି କହି ହେବନି, କିନ୍ତୁ ସେତେବେଳେ ସୋସିଆଲ୍ ନେଟୱାର୍କ ନଥିଲା ତେଣୁ ତ୍ୱରିତ ବେଗରେ କୌଣସି ସୁଚନା ସମସ୍ତଙ୍କ ନିକଟରେ ପହଞ୍ଚାଇ ହେଉନଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଇରାନ ବୁର୍ଖା ଆନ୍ଦୋଳନ - ଇରାନ ଏକ ମୌଳବାଦୀ ଇସ୍ଲାମିକ୍ ଦେଶ । ଏଠି ମହିଳାମାନଙ୍କ ପାଇଁ ଅନେକ ଶକ୍ତ ନିୟମ କାନୁନ ରହିଛି । ଏହି ଶ୍ରେଣୀରେ ମହିଳା ମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଢାଙ୍କି ହୋଇ ବୁର୍ଖା ବା ହିଜାବ୍ ପିନ୍ଧିବା ଅନିବାର୍ଯ କରାଯାଇଛି, ଯାହାକୁ ଅନେକ ଦିନ ହେଲା ସ୍ଥାନୀୟ ମହିଳାମାନେ ବିରୋଧ କରି ଆସୁଥିଲେ, କିନ୍ତୁ ଏକ ଘଟଣା ଚକ୍ରରେ ଇରାନର କୁର୍ଦ୍ଦିଶ ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ବିନା ହିଜାବରେ ବାହରେ ଦେଖାଯିବା ପରେ ଇରାନର ପୋଲିସ ସେହି ମହିଳାଙ୍କୁ ଗିରଫ କରିଥିଲେ । କିନ୍ତୁ ଦୁଇଦିନ ପରେ ସେହି ମହିଳା ଜଣଙ୍କ ସ୍ୱାସ୍ଥ୍ୟ ଅବନତି ଘଟିଲା ଏବଂ ତିନିଦିନ କାଳ ସେ ଚେତାଶୂନ୍ୟ ରହିବା ପରେ ମୃତ୍ୟୁବରଣ କରିଥିଲେ । ଏହାପରେ ଇରାନର ମହିଳା ମାନଙ୍କ ମଧ୍ୟରେ ଥିବା ସୁପ୍ତ ଲାଭା ଉଦଗୀରଣ ହେଲା ଏବଂ ଲୋକମାନେ ରାଜରାସ୍ତାକୁ ଓହ୍ଲାଇ ଆସି ଇରାନର ଏହି ମୌଳବାଦୀ ବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଆରମ୍ଭ କରିଦେଲେ । ଏହାକୁ ସମର୍ଥନ କରି ମହିଳାମାନେ ନିଜ ହିଜାବକୁ ସର୍ବସମ୍ମୁଖରେ ଓହ୍ଲାଇବା ସହ ଜଳାଇବା ଭଳି ଦୃଶ୍ୟ ଦେଖିବାକୁ ମିଳିଲା । କିଛି ମହିଳା ନିଜ ମୁଣ୍ଡର କେଶକୁ କାଟିବା ଭଳି ଦୃଶ୍ୟ ଯାହା କେବେ ବି ସମ୍ଭବ ନ ହୋଇପାରେ ଦେଖିବାକୁ ମିଳିଲା ।

ଏହି ଘଟଣା ପରେ ସମଗ୍ର ବିଶ୍ୱର ଅନେକ ଦେଶରେ ଇରାନର ମହିଳା ମାନଙ୍କୁ ନୈତିକ ସମର୍ଥନ ମିଳିବାକୁ ଲାଗିଛି । ଅଥଚ ଭାରତ ଭଳି ଏକ ଧର୍ମନିରପେକ୍ଷ ଦେଶରେ କିଛି ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସ୍କୁଲ ଭଳି ଏକ ପବିତ୍ର ଅନୁଷ୍ଠାନ ପରିସରରେ ହିଜାବ ପିନ୍ଧିବା ଜିଦରେ ସର୍ବୋଚ୍ଚ ନ୍ୟାୟାଳୟ ଯିବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ସେମାନେ ଭାରତକୁ ପ୍ରଗତିଶୀଳ କରାଉଛନ୍ତି ନା ଅନେକ ଶତାବ୍ଦୀ ପଛକୁ ନେଇ ଯାଉଛନ୍ତି ଆପଣମାନେ ଚିନ୍ତା କରି ଦେଖନ୍ତୁ ।

ଆହ୍ୱାନର ଏହି ସଂସ୍କରଣ ଅନେକ ଦୃଷ୍ଟିରୁ ବିଶେଷ ସଂସ୍କରଣ ବୋଲି କହିହେବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମତଃ ଏହା ସେପ୍ଟେମ୍ବର ଓ ଅକ୍ଟୋବର ମାସର ଦ୍ୱୈତ ସଂସ୍କରଣ । ଦ୍ୱିତୀୟତଃ ଏହା ପାର୍ବଣ ସମୟରେ ପ୍ରକାଶିତ ହେଉଥିବାରୁ ଏହା ବିଶେଷ । ଏହି ସଂସ୍କରଣରେ ଅନେକ ନୂତନ ଲେଖକ ମାନଙ୍କୁ ସ୍ଥାନ ମିଳିଛି । ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିବ ।

ଯଦି ଆପଣ ଆହ୍ୱାନର ଇ-ପତ୍ରିକା ନିୟମିତ ଭାବରେ ପଢୁଛନ୍ତି, ତା ହେଲେ ଏଠାରେ ପ୍ରକାଶିତ ଆଲେଖ୍ୟ ଗୁଡ଼ିକୁ ଆପଣ ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବାରେ ଶୁଣିପାରିବେ । ଆପଣ ନିଜ କାମ କରୁଥିବା ସମୟରେ ନିଜ ମୋବାଇଲରେ ଏହି କାହାଣୀ ସବୁ ଶୁଣି ଶୁଣି କାମ କରିପାରିବେ । ଏହି ସେବାପାଇଁ ଲିଙ୍କ୍ ଆମ ଏହି ସମ୍ପାଦକୀୟ ପରେ ଉପଲବ୍ଧ ।

ଯଦି ଆପଣ ସ୍ୱଲିଖିତ କବିତା କିମ୍ବା କାହାଣୀର ଅଡ଼ିଓ ଆମ ନିକଟକୁ ପଠାଇ ପରିବେ ତା ହେଲେ ଆମେ ତାହାକୁ ଆମ ପୋଡ଼କାଷ୍ଟରେ ସ୍ଥାନ ଦେବୁ । ଏଥିପାଇଁ ଆପଣ ନିଜ ଲେଖାକୁ ନିଜ ସ୍ୱରରେ ମୋବାଇଲ୍ ଦ୍ୱାରା ରେକର୍ଡିଂ କରି ପଠାନ୍ତୁ । ଆମର ହ୍ୱାଟ୍ସଆପ୍ ନମ୍ବରରେ ଆପଣ ନିଜ ରେକର୍ଡିଂ ପଠାନ୍ତୁ । ଯଦି ରେକର୍ଡିଂ କ୍ୱାଲିଟି ଭଲ ଥାଏ ତାହେଲେ ଆମେ ତାହାକୁ ନିଶ୍ଚୟ ସ୍ଥାନ ଦେବୁ ।

ସମସ୍ତଙ୍କୁ ଶରଦର ଏହି ପାର୍ବଣ ପର୍ବର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୫



ଅଶୋକ ବିଶ୍ୱାଳ

ମୁକ୍ତ ଅରଣ୍ୟ

ସକାଳୁ ଖବର ଗଲାଣି । କେହି ଏପର୍ଯ୍ୟନ୍ତ କିଛି କରି ନାହାନ୍ତି । ବାଘଟା ଗତ ରାତିରେ ଗାଁ ଭିତରକୁ ଆସିଛି । ଜଙ୍ଗଲରେ ବାଘକୁ ଦେଖିବା ସହଜ ନୁହେଁ । ବାଘ ଦିନରେ ତ ଏତେ ବୁଲିବାର ଜନ୍ତୁ ନୁହେଁ । କିନ୍ତୁ ଗାଁ ପାଖରେ ଏତେ ବଡ଼ ଜନ୍ତୁ ଲୁଚି ରହିନପାରେ ।

ହେମକାକୀ ପ୍ରଥମେ ବାଘକୁ ଠାଉରାଇନେଲେ । କାକୀଙ୍କୁ ସତୁରୀ ଧରିବଣି । ଆଗକୁ ଟିକେ ନଇଁ ପଡିଛନ୍ତି । ସମସ୍ତେ ତାଙ୍କୁ କାକୀ ଡାକନ୍ତି । ତାଙ୍କୁ ଭଲ ଲାଗେ । ଭଗବାନଙ୍କ ଦୟାରୁ ସେ ଅହ୍ୟ ସୁଲକ୍ଷଣୀ । ବୁଢା ମଧ୍ୟ ଠିକ ଅଛନ୍ତି । ସୁନ୍ଦରବନର ପବନଟା ଭଲ । ହଁ ଟିକିଏ ଲୁଣିଆ, ଝାଲୁଆ ଲାଗେ । ଖରାଦିନେ ଝରଣାଭଳି ଦେହରୁ ଝାଳ ବୋହୁଥାଏ । କିନ୍ତୁ ସେଥିରେ ସ୍ୱାସ୍ଥ୍ୟ ଏତେ ଖରାପ ହୁଏନି । ବୁଢୀଙ୍କର ସ୍ୱଭାବ ବଦଳିନି । ସକାଳୁ ଗାଧୋଇକରି ପୂଜା କରିବେ । ଏବେ ବହୁତ ସକାଳୁ ଗାଧୋଇପାରୁ ନାହାନ୍ତ । ବେଳ ଟିକିଏ ଅଧିକ ହୋଇଯାଏ । ବୁଢୀ ଆଜିକାଲି ଭଲକରି ଦେଖିପାରୁ ନାହାନ୍ତି । ସବୁ ଜାଲୁଜାଲୁଆ ଦେଖାଯାଉଛି ।

ବୁଢୀ ସକାଳୁ ଗଡିଯିବା ଆଗରୁ ଗାଧୋଇ ବାହାରିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଖରୀଟା ଅଳ୍ପ ବାଟ । ତାଙ୍କ ଘର ପଛରେ ବଡ଼ ପୋଖରୀ ନାହିଁ । ତାଙ୍କ ପୋଖରୀଟା ଛୋଟ । ସେଥିରେ ମନ ମାନେନି । ସେ ବିଲ ପାଖରେ ଲାଗିଥିବା ବଡ଼ ପୋଖରୀରେ ଗାଧାନ୍ତି । ବିଲପରେ ହିଡ ଆଉ ତା'ପରେ ପୋଖରୀ । ଘରଟା ଏକଦମ ଲାଗିନି । ପୋଖରୀ କୂଳରେ ଅନେକ ଗଛ । ଡାଳସବୁ ପାଣି ଉପରକୁ ନଇଁ ଆସିଛି । କିଛିଟା କଦଳୀଗଛ ଅଛି । ବୁଦାଏ ବଡ଼ ବାଉଁଶବୁଦା । ପୋଖରୀରେ ନିର୍ମଳ ପାଣି । କେତେ ନୀଳକଇଁ ସେ ପୋଖରୀରେ ଫୁଟେ । କୂଳରେ ତାଳଗଛ ଲମ୍ବାହୋଇ ଆକାଶକୁ ଛୁଉଁଛି । ସେ ପୋଖରୀରେ ଗାଧୋଇଲେ ବୁଢୀଙ୍କର ମନ ଶାନ୍ତି ଲାଗେ ।

ବୁଢୀ ପୋଖରୀରେ ପହଁଞ୍ଚିଲେ । ଗାଧୁଆ ତୁଠରୁ ସେପଟ ବାଉଁଶବୁଦା ମୂଳେ ଗୋଟାଏ ନାଲିଆ କୁକୁର ଶୋଇଥିଲା ଭଳି ଲାଗିଲା । ବୁଢୀ ହା ତୁ ତୁ କଲେ । କିନ୍ତୁ କୁକୁରଟା ମୋଟେ ହଲିଲାନି । ଏଇଟା କି କୁକୁର ! ବୁଢୀ ଜାଣି ପାରିଲେ ନାହିଁ । ତା'କୁ ଆଉ ନଜର ଦେଲେନି । ଶାନ୍ତିରେ ଗାଧୋଇ ସେ ତୁଠରୁ ହିଡ ଉପରକୁ ଉଠି ଆସିଲେ । ସେଇଠୁ ଆଉଥରେ କୁକୁର ଆଡକୁ ନଜର ପକାଇଲେ । କୁକୁରଟା ମୋଟେ ହଟୁନିକି ପାଖକୁ ଆସୁନି । ବୁଢୀ ଭଲକରି ଅନାଇଲେ । ଯଦିଓ ସବୁ ଜାଲୁଜାଲୁଆ ଦେଖାଯାଉଥିଲା, ସେ ଜିନିଷଟା ଠଉରାଇବାକୁ ଚେଷ୍ଟାକଲେ । କୁକୁରଟା ତାଙ୍କୁ ଅସ୍ୱାଭାବିକ ଭାବେ ବଡ଼ ଲାଗୁଥିଲା । ବୁଢୀ ମୁଣ୍ଡ ହଲାଇଲେ ।

"ବାଘ ନୁହେଁ ତ !"- ସେ ମନକୁ ମନ ବିଳିବିଳେଇ ହେଲେ ।

ବାଘ ବିଷୟରେ ସେ ଭଲକରି ଜାଣିଛନ୍ତି । କିନ୍ତୁ ବାଘ ଏତେ ପାଖକୁ ଆସିବା କଥା ନୁହେଁ । ଏ ଭିତରେ ସେ ନାଲିଆ ଜନ୍ତୁଟା ବୁଦା ଭିତରକୁ ପଶିଗଲା । ଆଉ କିଛି ଦୃଶ୍ୟ ହେଲାନି । ବୁଢୀ ତରତର ହୋଇ ତୁଠରୁ ଘରକୁ ଆସିଲେ ଆଉ କଥାଟା ବୋହୂକୁ କହିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋହୂଟା ବଡପାଟିଆ । ତା' ପାଖରେ କିଛି ଜିନିଷ ମିନିଟିଏ ରହେନା । ସେ ଗାଁ ଦାଣ୍ଡରେ ଯାଇ ବୁଢୀ ଦେଖିଥିବା ବଡ଼ ନାଲି କୁକୁର କଥା କହିଲା ।

"ଆରେ ବାଘ ଛୁଆ ତ ନୁହେଁ ?"– ଶ୍ୟାମାପଦ କହିଉଠିଲେ । ବାଘ ଗାଁକୁ ଆସିବା କିଛି ଅସମ୍ଭବ ନୁହେଁ । ସୁନ୍ଦରବନକୁ ଲାଗିକରି ଗାଁ । ଗାଁର ମଝିରେ ଏକ ବଡ଼ ଆମ୍ବ ଗଛ । ସେ ଗଛମୂଳରେ ଦୁଇବୁଢା ବସି କଥା ହେଉଥିଲେ । ପାଖରେ କେତେଜଣ ଏମିତି ଏପଟ ସେପଟ ହେଉଥିଲେ ।

"ତୋ ମୁହଁଟା ଖରାପ । ସବୁ କଥାରେ ବାଘ ବାଘ ହେଉଛୁ । ବୁଢୀକୁ ଦେଖାଯାଉ ନଥିବ । ସେ କୁକୁରକୁ ବାଘ ଭାବିଥିବ ।"- ତାରକେଶ୍ୱର ଘଡଘଡିଆ ସ୍ୱରରେ କହିଲେ । ତାଙ୍କର ଛାତିରେ କଫ ଜମି ଯାଇଥିଲା । ସେ ଜୋରରେ କାଶିଲେ । ବାଘକଥାଟା ତାଙ୍କୁ ସବୁବେଳେ ଭୟଙ୍କର ଲାଗେ । କେତେ ଲୋକ ଯେ ବାଘ ମୁହଁରେ ଯାଇଛନ୍ତି । ବାଘ ଗାଁ ପାଖରେ ରହିଲେ ଜୀବନ ଆଉ ରହିବନି । ସେ ନିଜ ମନର ଡରକୁ ସାହାସ ଆକାରରେ ବାହାର କରୁଥିଲେ ।

ଶ୍ୟାମାପଦ ଆଉ ତାରକେଶ୍ୱର ଦୁଇଜଣଯାକ ପୁରୁଣା କେଉଟ । ଏକ ଡଙ୍ଗାରେ ବର୍ଷ ବର୍ଷ ଧରି କାମ କରିଛନ୍ତି । ସବୁବେଳେ ଥଟ୍ଟା ମଜା ହୁଅନ୍ତି । ଦୁହେଁ ଭଲ ସାଙ୍ଗ । ଏକ ଥାଳିରେ ଭାତ ଖାଇବା ଲୋକ । ସକାଳେ ଜଣେ ଜଣକୁ ନଦେଖିଲେ ତା' ନାଁନେଇ ପାଗଳ ହେଉଥିବ ।

ବାଘ ଏତେ ଦୂରକୁ ଆସିନଥିବ ମ । କାହିଁ କେତେ ଦୂରରେ ଜଙ୍ଗଲ । ଝିଲ୍ଲୀ କମ୍ପାର୍ଟମେଣ୍ଟ କଣ ଏଇ ବାଡିକୁ ଲାଗିଛି । ସେଇଟା କେତେ ଦୂର । କକଡା ନଦୀ । ଏପଟେ ଏତେ ମଣିଷ, ଘର ଦ୍ୱାର । ବାଘ ମଣିଷକୁ ଡରେ ।- ତାରକେଶ୍ୱର କହୁଥିଲେ । ତାଙ୍କ ସ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥରୁଥିଲା । କିନ୍ତୁ ମନରେ ସାହାସ ବାନ୍ଧୁଥିଲେ । ମନରେ କିଛି ସନ୍ଦେହ ମଧ୍ୟ ଥିଲା ।

"ବାଘ ମଣିଷକୁ ମୋଟେ ଡରେନା । ମଣିଷ ଦେଖିଲେ ବାଘ ମୁହଁରୁ ଥପ୍ ଥପ୍ ଲାଳ ବୁହେ । ଦୁଃଖେ କଥାଟା ଜାଣିନ ? ତା' ମାଂସ ଖାଇବ ବୋଲି ଦକ୍ଷିଣ ରାୟ କେମିତି ହେଉଥିଲା । ନରମାଂସ ଖାଇବାକୁ ବାଘ ତ ପାଗଳ । ତା' ଆଗରେ ଛୁଆ କଣ ଭେଣ୍ଡିଆ କଣ ?"– ଶ୍ୟାମାପଦ କହିଲେ ।

"ମୁଣ୍ଡ ଖରାପ । ଖାଲି ମୁଣ୍ଡ ଖରାପ ନୁହେଁ, ତୁଣ୍ଡଟା ବି ଅତି ଖରାପ । ସବୁବେଳେ ଖାଲି ବାଘ ଆଉ ନରମାଂସ ଦେଖାଯାଉଛି । ଦୁଃଖେକୁ ଦକ୍ଷିଣ ରାୟ ଜଙ୍ଗଲ ଭିତରେ ଧରିଥିଲା । ବାଘର ଏକ ନିୟମ ଅଛି । ଜଙ୍ଗଲ ବାହାରେ ବାଘ ମଣିଷ ଶିକାର କରିବନି ।"- ତାରକେଶ୍ୱର ମୋଟା ସ୍ୱରରେ କହିଲେ ।

"ଆଜିକାଲି ବାଘ ନିୟମ ମାନୁଛି ? ଏ କଳିକାଳରେ ସବୁ ନିୟମ ବଦଳି ଗଲାଣି । ବାଘ ନରମାଂସ ଖାଇବାକୁ ମନ କରିଥିବ । ଏତେବାଟ ସହଜରେ ପହଁରି ଆସିଥିବ । ବାଘପାଇଁ କକଡା ନଦୀ ଗୋଟାଏ କଣ ? ରାଇମଙ୍ଗଳ ଭଳିଆ ନଦୀ ବାଘ ପାର ହୋଇଯାଉଛି । ଆଉ ଇଏ କହୁଛି କକଡା ନଦୀ ପାର ହୋଇ ନଥିବ ।"- ଶ୍ୟାମାପଦ କହିଲେ । ନିଜ କଥାଟା ଜୋରରେ କହିବାକୁ ତାଙ୍କୁ ଭଲ ଲାଗୁଥିଲା ।

ଏ ବୁଢା ଦୁଇଜଣ ନିଜ ଭିତରେ କଥା ହେଉଥାନ୍ତି । ସେମାନଙ୍କ କଥା କେବେ ସରିବନି । ଜଣେ ଜଣଙ୍କ କଥା ସବୁବେଳେ କାଟୁଥିବ । ସବୁବେଳେ ଓଲଟା ଦେଖୁଥିବେ । ଗାଁର ଅପେକ୍ଷାକୃତ ସାହାସୀ ଆଉ ଭେଣ୍ଡିଆ ଲୋକମାନେ ବାହାରି ପଡିଲେ । ଯାଗାଟା ଦେଖି ଦେଇ ଆସିଲେ ଭଲ । ସବୁ ସନ୍ଦେହ ଦୂର ହେବ ।

"ଆରେ ବାପରେ ବାଘ ।"– ଭୋଲେ ଜୋରରେ ମେଣ୍ଟାଭଳିଆ ରଡି ପକାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୌଡିଲା । ବାଘର ଗନ୍ଧ ଶୁଙ୍ଘିଲେ ଛେଳି ମେଣ୍ଢା ଦୌଡନ୍ତି । କୁକୁର ନଭୁକି ଦୌଡେ । ଟୋକାଟା ସାନ । ପନ୍ଦର ବର୍ଷ ବୟସ ହେବ । ନାଁ ରୁଦ୍ରଶଙ୍କର, କିନ୍ତୁ ଶ୍ରଦ୍ଧାରେ ସମସ୍ତେ ଭୋଲେ ଡାକନ୍ତି ।

ନାଲି ପଟା ପଟା ଦାଗ ପଡିଛି । ବିଶାଳ ଶରୀର । କେହି ପାଖକୁ ଗଲେ ନାହିଁ । ଦୂରରୁ ବୁଦାକୁ ନିରିଖେଇ ଅନାଉଥିଲେ । ତଥାପି ବି ଅନ୍ୟ ସାହାସୀ ଟୋକାମାନଙ୍କର ସନ୍ଦେହ ଥିଲା । କିନ୍ତୁ ଛଟ୍ ଛଟ୍ ହେଉଥିବା ଲମ୍ବା ମୋଟା ଲାଙ୍ଗୁଡକୁ ଦେଖି ଆଉ ସନ୍ଦେହ ରହିଲାନି । ଗାଁକୁ ବାଘ ଆସିଛି ।

"ଆରେ ବାଘରେ !"– ଭୋଲେ ଦୂରରେ ଥାଇ ଜୋରରେ ବୋବାଳି ପକାଇଲା । ଲୋକଗୁଡାକ ପଛକୁ ହଟିଗଲେ । ହାତରେ କିଛି ବାଡି ବା କୋଦାଳ । ସେଥିରେ ବାଘର ମୁକାବିଲା କରିବା ସମ୍ଭବ ନୁହେଁ । ଖାଲି ବାଘ ମାଡି ଆସିଲେ ଆତ୍ମରକ୍ଷା କରିହେବ । ବୁଦା ପାଖକୁ ଯିବା ସମ୍ଭବ ନୁହେଁ । ସମସ୍ତେ ଏକଜୁଟ ହୋଇ ଠିଆହେବା ଆବଶ୍ୟକ । ଦୌଡିଲେ ବାଘକୁ ମଣିଷ ଧରିବା ସହଜ ହେବ । ଅବଶ୍ୟ ମଶାଲ ଇତ୍ୟାଦି ଧରି ପଛେ ବାଘକୁ ମୁକାବିଲା କରିହେବ । ଲୋକଙ୍କ ପ୍ରତି ଆକ୍ରମଣରେ ଅନେକ ବାଘଙ୍କ ଗାଁ ପାଖରେ ଜୀବନ ଯାଇଛି ।

ଆଉ ପାଖକୁ ଯିବାକୁ କାହାର ସାହାସ ନଥିଲା । ଏଠାରେ ଆଗରୁ ସରକାରୀ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ବାଘ ଯଦି ଗାଁ ପାଖକୁ ଆସେ ତାହେଲେ ଅବିଳମ୍ବେ ପାଖର ଏସ ଟି ଆର୍ କର୍ମଚାରୀଙ୍କୁ ଖବର ଦେବ । କେହି ବାଘ ପାଖକୁ ଯିବେନାହିଁ । ଅନ୍ୟଥାରେ ଜୀବନହାନି ଘଟିବ । ଏସ ଟି ଆର୍ ଅଫିସ ଟିକିଏ ଦୂରରେ । ୩-୪ ଘଣ୍ଟା ସମୟ ରାସ୍ତାରେ ଗାଡି ଆଉ ଡଙ୍ଗା ରାସ୍ତା ହୋଇ ଗଲେ ଲାଗିପାରେ । ଖବରଟା ନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଣିକେଶ୍ୱର ଡଙ୍ଗାରେ ବାହାରିଗଲା । ସାଙ୍ଗରେ ଭୋଲା ଥିଲା । ଦୁହେଁ ଜୋରରେ ଆହୁଲାମାରି ଆଗବାଙ୍କରେ ଲୁଚିଗଲେ । ନଦୀପଥରେ ଏସ ଟି ଆର୍ ଅଫିସରେ ପହଞ୍ଚିବା ସହଜ । ଅଧ ଘଣ୍ଟାରୁ ଘଣ୍ଟାଏ ପ୍ରାୟ ଲାଗିବ ।

ଅଫିସରେ ସମସ୍ତେ ଥିଲେ । ଖବରଟା ସେମାନଙ୍କ ପାଖରେ ଜଲଦି ପହଞ୍ଚିଗଲା । ଶୋଇଯାଉଥିବା ଅଫିସ ଚଳଚଞ୍ଚଳ ହୋଇ ଉଠିଲା ।

ପାଓଲି ପାଖରେ ଥିଲେ । ତାଙ୍କୁ ଖବର ଦିଆଗଲା । ସାଧନବାବୁ ସାଙ୍ଗରେ ଯିବେ । ସେ ହେଡ ଫରେଷ୍ଟଗାର୍ଡ ହିସାବରେ ରିଟାୟାର କରିଛନ୍ତି । ତାଙ୍କର ଦେଖିଲା ଭଳିଆ ବ୍ୟକ୍ତିତ୍ୱ । ତାଙ୍କୁ ଦେଖିଲେ ଗାଁର ଲୋକେ ପାଟି ତୁଣ୍ଡ କରନ୍ତି ନାହିଁ । ମଣ୍ଡଳବାବୁ ଟ୍ରାଙ୍କୁଲାଇଜ କରିବେ । ଟ୍ରାଙ୍କୁଲାଇଜ କାମଟା ମୋଟେ ସହଜ ନୁହେଁ । ସମସ୍ତେ କରିପାରିବେନି । ଟ୍ରାଙ୍କୁଲାଇଜ କରିବାଟା ଏକ କଳା । କେତେ ପରିମାଣରେ ମେଡିସିନ ଦିଆଯିବ, କେଉଁ ସ୍ଥାନରେ ଶଟ୍ ମରାଯିବା, କେଉଁ ଯାଗାରେ ଫାୟାରିଙ୍ଗ କରାଯିବ ଏସବୁକୁ ଭଲ ଭାବେ ଜାଣିବା ଦରକାର । ଏତେ ଟେନସନ ସମୟରେ ଭୁଲ ହେବନାହିଁ । ନହେଲେ ଅଯଥା ପ୍ରାଣହାନୀ ଘଟିବ । ଏସବୁ କାମପାଇଁ ଏକଦମ ସ୍ଥିର ମସ୍ତିଷ୍କ ଦରକାର । ଏମିତି ଭୁଲକୁ ତଦାରଖ କରିବାପାଇଁ ସାଧନବାବୁଙ୍କୁ ଡକାଗଲା । ସେ ସବୁବେଳେ ଆଗୁଆ ବାହାରି ପଡନ୍ତି । ରିଟାୟାର ସିନା କରିଛନ୍ତି କିନ୍ତୁ ଡିପାର୍ଟମେଣ୍ଟ ସହ ସଂମ୍ପର୍କ ଛିଡିନି । ସବୁବେଳେ କିଛି ନା କିଛି ହେଲେ ଅଫିସ ଆଡକୁ ଚାଲିଯାଆନ୍ତି । ବାଘ ଟ୍ରାଙ୍କୁଲାଇଜ କରିବାଟା ଏକ ବଡ଼ କାମ । ଘର ତ ରେଞ୍ଜ ଅଫିସ ପାଖରେ । ତେଣୁ ତାଙ୍କୁ ଅସୁବିଧା ହେଲାନାହିଁ ।

ମଣ୍ଡଳବାବୁ ଛୁଟିରେ ଥିଲେ । ଭାଗ୍ୟକୁ ତାଙ୍କର ଗାଁ ବାଘ ଦେଖାଯାଇଥିବା ଗାଁରୁ ୪ କିଲୋମିଟର ଭିତରେ । ସେ ସମୟରେ ପହଁଞ୍ଚିଯିବେ । ତାଙ୍କୁ ମୋବାଇଲରେ ଡକାଗଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକ ବଡ଼ ଚିନ୍ତା ଗଲା । ସେ ନଥିଲେ କିଏ ଟ୍ରାଙ୍କୁଲାଇଜ କରିଥାନ୍ତା ? ବିରାଟ ବଡ଼ କାମ । ଗୋଟାଏ ଷ୍ଟାଫ ତାଙ୍କୁ ଆଣିବା ପାଇଁ ବାହାରିଗଲା ।

ଜଲଦି ବାଘ ଧରିବା ପାଇଁ ଦଳ ପ୍ରସ୍ତୁତ ହୋଇଗଲା । ଦଳରେ ଅନେକ ଲୋକ ଦରକାର । ଯେତେ ଲୋକ ବଢ଼ିବେ ସେତେ ଭଲ । ଜାଲ, ବାଉଁଶ ବାଡ଼ି, ପାଣି, ଟ୍ରଙ୍କୁଲାଇଜର, ଖାଞ୍ଚା (କେଜ) ଇତ୍ୟାଦି ପାଖରେ ରଖାଗଲା । ସମସ୍ତେ ଜଲଦି କରୁଥିଲେ । ବାଘ ଧରିବା କିଛି ସହଜ କାମ ନୁହେଁ ।

ସେମାନେ ପହଁଞ୍ଚିଲା ବେଳକୁ ଦିନ ୨ଟା ବାଜିଲାଣି । ପ୍ରାୟ ଦୁଇ-ତିନି ଘଣ୍ଟା ପରେ ସଂନ୍ଧ୍ୟା ହେବ । ଦଳ କାଳ ବିଳମ୍ବ ନକରି ବାଘ ଲୁଚିଥିବା ସ୍ଥାନକୁ ଚାଲିଲେ । ଯାଗାଟା ଏତେ ଅସହଜ ନୁହେଁ । ପୋଖରୀଠୁ ୩୦ ଫୁଟ ଦୂରରେ ଏକ ବାଉଁଶ ବୁଦା ଅଛି । ପାଖାପାଖି ଆଉ କିଛି ଗଛ । ଏକ ଛୋଟ ତୋଟା କୁହାଯାଇପାରେ । ସେ ଭିତରେ ବାଘ ଲୁଚିଛି । ତେଣୁ ବାଘକୁ ଧରିବାଟା ସହଜ ହେବ । ବାଘ ଉତ୍ତ୍ୟକ୍ତ ନହେବା ଦରକାର । କିନ୍ତୁ ଗାଁଲୋକମାନେ କି ମାନିବା ଜନ୍ତୁ । ସେମାନେ ସବୁବେଳେ ଆଗକୁ ମାଡିଆସନ୍ତି ସତେ ଯେମିତି ବାଘ ଗାଁର ନାଲି କୁକୁର । ଆଖପାଖ ଗାଁର କେତେ ଲୋକ ବାଘ ମୁହଁରେ ଯାଇଛନ୍ତି । ସେ କଥା ସେମାନଙ୍କର ମନେ ପଡେ ନାହିଁ ।

ସେତେବେଳକୁ ପୋଲିସ ଆସିଯାଇଥିଲେ । ଗ୍ରାମର ପ୍ରଧାନ ପହଞ୍ଚିଗଲେ । ସମସ୍ତେ ବାଘଧରା ସମୟର ବିପଦ କଥା ଜାଣିଥିଲେ । ପ୍ରଧାନ ଲୋକମାନଙ୍କୁ ଦୂରକୁ ହଟିବା ପାଇଁ କହିଲେ । ଲୋକମାନେ ଘୁଞ୍ଚି ପୁଣି ମାଡି ଆସୁଥିଲେ । ପୁଲିସିଆ ଢଙ୍ଗରେ ଲୋକମାନଙ୍କୁ ପଛକୁ ଘୁଞ୍ଚାଇ ଦିଆଗଲା ଆଉ ଏକ ଛୋଟ କର୍ଡନ କରିଦିଆଗଲା । ସାଧନବାବୁ ଗାଁ ଲୋକମାନଙ୍କୁ ଅନାଇଲେ । ସବୁ ପ୍ରକାରର ଲୋକ । ଯେଉଁଆଡେ ଦେଖିବ ସବୁଆଡେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୋକଙ୍କ ମେଳି । ପୁଲିସ ବଡ଼ କଷ୍ଟରେ ସେମାନଙ୍କୁ ଦୂରରେ ରଖୁଥିଲା । ଲୋକମାନେ ମୋଟେ ମାନିବାକୁ ପ୍ରସ୍ତୁତ ନଥିଲେ । ଏକ ମାଇକ ଅଣାଗଲା । ମାଇକର ଫନେଲ ଗୋଟାଏ ଟୋକା ମୁଣ୍ଡ ଉପରେ ରଖିଥିଲା । ମାଇକର ସ୍ପିକର ଜଣେ କର୍ମଚାରୀ ହାତରେ ଧରି ବାରମ୍ବାର ଘୋଷଣା କରି ଚାଲିଥିଲେ । ଦୂରକୁ ହଟନ୍ତୁ । ଦୂରକୁ ହଟନ୍ତୁ । ସେ ସମସ୍ତଙ୍କ ଉପରେ ଲକ୍ଷ୍ୟ ରଖିଥିଲା । କେଉଁଠି କିଛି ଲୋକ ପାଖକୁ ଘୁଞ୍ଚି ଆସିଲେ ସେ ସାଙ୍ଗେସାଙ୍ଗେ ସେମାନଙ୍କୁ ଦୂରକୁ ହଟିବାକୁ କହୁଥିଲା ।

ସାଧନବାବୁ ଏତେ ବେଶି ଲୋକଙ୍କୁ ଦେଖି ବ୍ୟସ୍ତ ହୋଇପଡିଲେ । ଏମିତି ଆଗରୁ ଲୋକମାନଙ୍କ ବ୍ୟସ୍ତତା ଯୋଗୁ ଏକ ଛୋଟ ଦୁର୍ଘଟଣା ଘଟିଯାଇଥିଲା । ଆଉ ଏକ ଗାଁରେ ବାଘ ପଶିଯିବାର ଖବର ଆସିଥିଲା । ସେମାନେ ସେ ଗାଁରେ ପହଞ୍ଚିବାବେଳକୁ ଲୋକମାନେ ସବୁଆଡେ ବାଘକୁ ଘେରିଯାଇଥିଲେ । ଫଳରେ ବାଘ ଡରି ଏକ ଛୋଟ ତାଳଗଛ ଉପରେ ଚଢିଯାଇଥିଲା । ସବା ଉପର ବରଡା ଉପରେ ସେ ବସିଥିଲା । ବାଘ ଗଛଚଢି ବସିଛି ଶୁଣି ଲୋକେ ସବୁଆଡୁ ସୁଅଭଳି ଛୁଟି ଆସିଥିଲେ । ରଥଯାତ୍ରା ଭଳି ଗହଳି ହୋଇଯାଇଥିଲା । ବାଘ ବିଚଳିତ ହୋଇ ମୋଟେ ଓହ୍ଲାଇଲା ନାହିଁ । ଏତେ ଉପରେ ଟ୍ରଙ୍କୁଲାଇଜ କରିବା ସମ୍ଭବ ନଥିଲା । ବାଘ ଉପରୁ ପଡି ଆଘାତପ୍ରାପ୍ତ ହେବ । ତେଣୁ ଜଣେ କର୍ମଚାରୀ ସାହାସ କରି ଯାଇ ବାଘର ପଛ ଗୋଡରେ ଏକ ଦଉଡି ବାନ୍ଧି ଟାଣିଥିଲା । ତଳେ ଜାଲ ଟଙ୍ଗାଯାଇଥିଲା । ବାଘ ତଳେ ପଡିଲେ ବେଶି ଆଘାତ ଲାଗିବନି ଆଉ ସାଥେ ସାଥେ ଲୋକମାନେ ତା'କୁ ଜାଲରେ ପକାଇ କାବୁ କରିନେବେ । ବାଘକୁ ବଡ଼ କଷ୍ଟରେ ତଳକୁ ଟାଣି ଅଣାଗଲା । ବାଘକୁ ଟାଣିକି ଆଣିବା କଥାଟା ଅସମ୍ଭବ ହେଲେ ମଧ୍ୟ ସେତେବେଳେ ସାଧନବାବୁଙ୍କ ଦଳ ବାଘର ପଛ ଗୋଡକୁ ଟାଣି ତଳକୁ ପକାଇ ଦେଇଥିଲେ । ବାଘ ତଳକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତ ଖସି ପଡିଲା । କିନ୍ତୁ ଜାଲକୁ ଟାଣି ଗୋଟାଏ କଡକୁ ପଳାଇଥିଲା । ସେ ସମୟରେ ସେଠାରେ ଠିଆ ହୋଇଥିବା ଲୋକକୁ ଭଲକରି ପୁଳାଏ କାମୁଡା ଦେଇଥିଲା । ପରେ ପରେ ବାଘକୁ ଜାଲଦ୍ୱାରା କାବୁ କରି ଦିଆଗଲା । କିନ୍ତୁ ଏ ଘଟଣାରେ ଆଉ କେଇଜଣ ଆଘାତପ୍ରାପ୍ତ ହେଲେ । ଗାଁ ବାଲା ଏସ ଟି ଆର୍ କର୍ମଚାରୀଙ୍କୁ ଗାଳିକରି ପିଟିବାକୁ ଆସିଯାଇଥିଲେ । ଜନତାଙ୍କୁ ସମ୍ଭାଳିବାକୁ ପୁଲିସ ଲାଠିଚାର୍ଯ୍ୟ କରିଥିଲା । ଏମିତିଆ ଅଘଟଣ ଏଠି ପ୍ରଭୁ ନଘଟୁ ।

ସାଧନବାବୁ ନିର୍ଦ୍ଦେଶ ଦେଇଦେଲେ । ଲୋକମାନେ ଗାଁ ପ୍ରଧାନର କଥାମାନି ଦୂରକୁ ହଟିଯାଇଥିଲେ । ଏ ଗାଁର ଲୋକେ ବଡ଼ ବୁଝିବା ଶୁଝିବା ଲୋକ ଲାଗୁଥିଲେ । ନହେଲେ ବାଘ ଧରିବା ତା ପୁଣି ଏତେ ଲୋକଙ୍କ ଆଗରେ, କିଛି ପିଲା ଖେଳ ନୁହେଁ । ଆଉ ଡେରି ନକରି ସାଙ୍ଗେ ସାଙ୍ଗେ ଦୁଇଶହ ମିଟର ପରିଧିରେ ନାଇଲନର ଜାଲ ଲଗାଇ ଦିଆଗଲା । ପୋଖରୀଟା ଭାଗ୍ୟକୁ ଜାଲ ଭିତରେ ଆସିଲାନାହିଁ । ମୋଟା ଜାଲ, ବାଘସାଙ୍ଗେ ସାଙ୍ଗେ ଛିଡାଇ ପାରିବ ନାହିଁ । ବାଉଁଶରେ ଟାଙ୍ଗି ଦିଆଯାଇଛି । ପ୍ରାୟ ୮ ଫୁଟର ଏକ କାନ୍ଥ କୁହାଯାଇପାରେ । ବାଘକୁ ଡେଇଁବାକୁ ମୋଟେ ସୁବିଧା ହେବନାହିଁ । ଏମାନେ ଧୀରେଧୀରେ ପରିଧିକୁ ଛୋଟ କରିବେ । ସୁଯୋଗଦେଖି ଟ୍ରାଙ୍କୁଲାଜର ଶଟ ଫାୟାର କରିବେ ।

ଏଥିରେ କେତେଟା ସାବଧାନତା ଗ୍ରହଣ କରିବାକୁ ପଡେ ।

ବାଘର ଓଜନ ହିସାବରେ ଡୋଜ ଦେବାକୁ ପଡିବ । ବାଘର ଓଜନ ୧୦୦ ରୁ ୧୨୦ କିଲୋହେଲେ ୧୦ ମି.ଲି. ଟ୍ରାଙ୍କୁଲାଇଜର ଦେବାକୁ ପଡିବ । ଓଜନ ଅନ୍ଦାଜରେ ଜାଣିବ । ଡାର୍ଟରେ କାଟାମିନ, ଜାଇଲୋଜିନ ଆଉ ଡିଷ୍ଟିଲଡ୍ ଓ୍ୟାଟର ମିଶା ଔଷଧ ଠିକ୍‌ଭାବେ ରଖିବାକୁ ପଡିବ । ସାଧାରଣତଃ ତିନିଟା ଡାର୍ଟ ତିଆରି କରିବାକୁ ପଡେ । ବେଳେବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାର୍ଟ ବାଘ ଦେହରେ ବାଜି ବି ନପାରେ । ତେଣୁ ସାବଧାନତା ପାଇଁ ତିନିଟା ଡାର୍ଟ ତିଆରି କରାଯାଏ । ଛୁଞ୍ଚି, ବ୍ୟାରେଲ, ଫାୟାର କ୍ୟାଟ୍ରିଜ ଇତ୍ୟାଦିକୁ ଭଲ ଭାବରେ ପରଖି ନେବାକୁ ପଡେ । ସବୁଗୁଡା ଠିକ ଭାବରେ କାମ କରିବା ଦରକାର ।

ମୁଖ୍ୟତଃ ବାଘର କାନ୍ଧ କିମ୍ବା ପିଚାକୁ ଲକ୍ଷ୍ୟ କରି ଟ୍ରଙ୍କୁଲାଇଜର ଶଟ ଲଗାଯିବ । ବାଘୁଣୀ ହୋଇଥିଲେ ମୋଟେ ପେଟକୁ ଲକ୍ଷ୍ୟ କରି ଫାୟାରିଙ୍ଗ କରାଯିବ ନାହିଁ । ବାଘୁଣୀ ଗର୍ଭିଣୀ ହୋଇପାରେ । ଛୁଆ ନଷ୍ଟର ସମ୍ଭାବନା ଅଛି ।

ଯଦି ବାଘ ସଙ୍ଗେ ସଙ୍ଗେ ବେହୋସ ନହୁଏ ତେବେ ଆଉ ଏକ ଡୋଜ ଫାୟାର କରାଯିବ ।

ପାଣି ପାଖରେ ଟ୍ରଙ୍କୁଲାଇଜ କରାଯିବ ନାହିଁ । ଟ୍ରଙ୍କୁଲାଇଜଡ ଅବସ୍ଥାରେ ବାଘ ପାଣିରେ ପଡି ଜୀବନ ହରାଇ ପାରେ ।

ଟ୍ରାଙ୍କୁଲାଇଜେସନ ପରେ ଚେତା ଆସିଲେ ବାଘକୁ ସାଙ୍ଗେ ସାଙ୍ଗେ ପାଣି ଦେବା ଦରକାର । ଏ ସମୟରେ ବହୁତ ଶୋଷ ଲାଗେ । ବାଘକୁ ଖାଇବାକୁ ଦେବାପାଇଁ ଚିକେନ ଭଳି ତଟକା ମାଂସ ଦେବା ମଧ୍ୟ ଦରକାର ।

ସବୁ ସାଜ ସରଞ୍ଜାମର ବ୍ୟବସ୍ଥା ସୁଚାରୁରୂପେ ହୋଇଥିଲା । ସାଧନବାବୁଙ୍କ ଆଖିରୁ କିଛି ଛାଡିଯାଏନି । ସେ ପ୍ରତି ଜିନିଷ ଉପରେ ଭଲଭାବେ ଆଖି ପକାଇନେଲେ । ସବୁ ଠିକଠାକ ଅଛି । ତାଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତେ ନିଜ ନିଜ ଯାଗାରେ ଠିଆ ହୋଇଗଲେ । ମଣ୍ଡଳବାବୁ ଟ୍ରାଙ୍କୁଲାଇଜର ଗନ ନେଇ ପୋଜିସନ ନେଇନେଲେ । ବାଘ ବୁଦା ଆଢୁଆଳରେ ଛପିଥିଲା । ଚାରିପାଖେ ଲୋକଦେଖି ତା'ରବୁଦ୍ଧି ଆସୁନଥିଲା । ବାଘ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଦିନରେ ଏତେ ଲୋକ ଦେଖି ଡରିଥିବ । ବାଘ ଅବଶ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉତ୍ତ୍ୟକ୍ତ ହେଲେ କଥାଟା ଭିନ୍ନ ହୋଇପାରେ । ସେତେବେଳେ ବାଘ ଆଉ କିଛି ମାନିବନି । ପଳାଇବାପାଇଁ ବାଟ ଖୋଜିବ । ବାଟରେ ଯିଏ ଆସିଲା ତା'କୁ ଆକ୍ରମଣ କରିବ । ଅନେକ ଜୀବନ ଏମିତି ଯାଇଛି ।

ଟ୍ରାଙ୍କୁଲାଇଜେସନ କରିବା ପଦ୍ଧତିରେ ସବୁଠାରୁ ବଡକଥା ହେଲା ବାଘ ଉତ୍ତ୍ୟକ୍ତ ହେବ ନାହଁ । ସେଥିପାଇଁ ଟ୍ରାଙ୍କୁଲାଇଜର ଟିମ ବଡ଼ ସାବଧାନତାର ସହ ଆଗାନ୍ତି । ବାଘ ଟିକିଏ ଲୁଚିଥାଉ । ମଣିଷ ସହ ନଜର ନମିଳିଲେ ବାଘକୁ ବେଶିଡର ଲାଗିବ ନାହିଁ । ସମସ୍ତେ ଏମିତି ବ୍ୟବହାର କରିବେ ଯେ କିଛି ଯେମିତି ହୋଇନି । ତାହେଲେ ବାଘ ଟିକିଏ ସହଜ ହେବ । ସେଇ ସମୟରେ ସୁଯୋଗ ଦେଖି ଶଟକୁ ଫାୟାର କରାଯିବ ।

ଜାଲର ପରିଧିକୁ ଧୀରେ ଧୀରେ ଛୋଟ କରି ନିଆଗଲା । ବାଘ ହଠାତ୍ କୁଆଡେ ପଳାଇ ପାରିବନି । ତା'ଛଡା ଲୋକମାନଙ୍କ ଉପରେ ଆକ୍ରମଣ ସହଜରେ କରି ପାରିବ ନାହିଁ । ଏ କାମରେ କିଛି ଘଟିବ ନାହିଁ ବୋଲି ଆଗରୁ କୁହାଯାଇ ନପାରେ । ମଣ୍ଡଳବାବୁ ବଡ଼ ସାବଧାନତାର ସହ ଆଗଉଥିଲେ । ଶେଷରେ ବାଘକୁ ଲକ୍ଷ୍ୟ କରିନେଲେ । ବାଘର ପିଚାଟା ସ୍ପଷ୍ଟ ଦେଖାଯାଉଥିଲା । ସେ ଆଉ ବିଳମ୍ବ ନକରି ଟ୍ରାଙ୍କୁଲାଇଜର ଶଟ ଫାୟାର କରିଦେଲେ । ଶଟଟା ଠିକ ଯାଗାରେ ଲାଗିଲା । ଔଷଧ କାମ କରିବ । ବାଘ ଟିକିଏ ହଲିଲା । କଣ ଗୋଟାଏ କଣ୍ଟା ଫୁଟିଗଲା ବୋଲି ଭାବିଲା । ମଣିଷ କଣ ଫୋପାଡିଛି ବୋଲି ମୋଟେ ଭାବିଲାନି । ଜଙ୍ଗଲରେ କଣ୍ଟା ଦେହରେ ଫୁଟିଯାଏ ।

"ବାଘକୁ ଇଞ୍ଜେକସନ ଲାଗିଗଲା । ବାଘ ଅଚେତ ହେବ ।"- ଭୋଲା ଜୋରରେ ପାଟିକଲା । ସେ ପ୍ରଥମରୁ ମଣ୍ଡଳବାବୁଙ୍କ ଗନକୁ ଲକ୍ଷ୍ୟ କରିଚାଲିଥିଲା । ଏତେ ଲୋକଙ୍କ ଭିତରୁ ସେ ମଣ୍ଡଳବାବୁଙ୍କୁ ଅନେଇ ରହିଥିଲା । ତାଙ୍କ ହାତରେ ଯେ ପ୍ରକୃତ ଜିନିଷ ଅଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମସ୍ତେ ଉଦବିଗ୍ନ ଥିଲେ । କଣ ନା କଣ ଘଟିବ । କିନ୍ତୁ ଏମିତିଆ ଦୃଶ୍ୟ ଆଉ ଦେଖିବାକୁ ମିଳିବ ନାହିଁ । କଥାଟା ବେଳବେଳକୁ ମନେ ରହିବ ।

ଭୋଲା ଦୂରରୁ ଲାଇଭ ଧାରାବିବରଣୀ ଦେଇଚାଲିଥିଲା । ଆଉ ଅଳ୍ପ ସମୟପରେ ଅନ୍ଧାର ହୋଇଯିବ । ଏବେ ଦିନର ଆଲୁଅାରେ କାମ କରିବା ସହଜ । ବାଘକୁ ଶଟ ତ ଫାୟାର ହୋଇସାରିଲାଣି । ଆଉ କିଛି ସମୟପରେ ବାଘ ଅଚେତ ହୋଇଯିବ । ଏପଟେ ମଣ୍ଡଳବାବୁ ଅନ୍ୟ ଶଟ ସହ ପ୍ରସ୍ତୁତ ହୋଇଥିଲେ । ବାଘ ଯଦି ଅଚେତ ନହୁଏ ତାହେଲେ ଆଉ ଏକ ଶଟ ଫାୟାର ହେବ । ବାଘ ଏଣେ ପିଚାରେ କଣ ଫୁଟିଯାଇଛି ବୋଲି ଜାଣି ପାରୁଥିଲା । କଣ ଗୋଟାଏ ତା' ଦେହରେ ବୋହିଯାଉଛି । ସେ ବେକ ବୁଲାଇ ଟ୍ରଙ୍କୁଲାଇଜର ଶଟକୁ ଦାନ୍ତରେ ବାହାର କରିବାକୁ ଚେଷ୍ଟା କଲା । ତା' ଦେହରେ ଔଷଧ ଚରି ଯାଉଥିଲା ଆଉ ସେ ଅଶକ୍ତ ହୋଇଯାଉଥିଲା । ହଠାତ୍ ଯାଗାଟାକୁ ଦାନ୍ତ ପହଞ୍ଚିପାରୁ ନଥିଲା । ବାଘ ତଥାପି ବୁଲିବୁଲି ଶଟକୁ ଦାନ୍ତରେ ବାହାର କରିବାକୁ ଚେଷ୍ଟା କରୁଥିଲା । ଶେଷରେ ଦାନ୍ତରେ ଶଟକୁ ବାହାର କରିଦେଲା । କିନ୍ତୁ ଏ ଭିତରେ ଇଂଜେକସନରୁ ସବୁ ତରଳ ଔଷଧ ତା' ଦେହ ଭିତରକୁ ଯାଇ ସାରିଥିଲା । ବାଘକୁ ଅଶକ୍ତ ଲାଗୁଥିଲା । ଆଉ ଭିଡି ମୋଡି ହୋଇପାରୁ ନଥିଲା । ଧୀରେଧୀରେ ସେ ମାଟିରେ ଶୋଇଗଲା । ମୁଣ୍ଡ ମୋଟେ ହଲୁ ନଥିଲା ।


କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିକ୍ସଥ୍ ସେନ୍ସ୍



ପଦ୍ମାଳୟା ପାଢ଼ୀ

ବୋଉର ନିଷେଧାଦେଶର ଲମ୍ବା ତାଲିକା ଯଥା ଏଇଟା କରନା ସେଇଟା କରନା ଠିଆ ହୋଇ ପାଣି ପିଇନା ଓଷଦରେ ଥଣ୍ଡା ପାଣି ପିଇଲେ କାମ ଦେବନାହିଁ ଚୋବେଇ ଚୋବେଇ ଖାଆ ଶୁଣି ଶୁଣି ଚିଡା ଲାଗେ । ମୋ ଇଚ୍ଛାରେ ମୋତେ କିଛି କରିବାକୁ ଦେବୁ କି ବୋଉ ? ବୋଉର ପ୍ରତ୍ୟେକ କଥାରେ ମୁଁ ରାଜି ହୋଇ ପାରେନା । ବେଳେବେଳେ ପ୍ରବଳ ଯୁକ୍ତିତର୍କ ହୁଏ । ଶେଷରେ ହାରିଯାଇ ବୋଉ କହିବ ହ...ଅ... ମୋର ଯାହା କହିବା କଥା କହିଦେଲି ତେଣିକି ତୋ ଇଛା । ମୁଁ କଣ ସବୁବେଳେ କହିବାକୁ ଥିବି କି । ବାସ ଆରମ୍ଭ ହୋଇଯାଏ ବୋଉର ଚିରାଚରିତ ବ୍ଲାକମେଲ । କଥା ମନେଇବାର ସହଜ ଉପାୟ ।

ସେଦିନ ମୋ ବାନ୍ଧବୀ ଶୀଲା ଆସିଥିଲା । ମୋ ସହିତ କଲେଜରେ ପଢ଼େ । ବୋଉ ତାକୁ ଦେଖି ଆରମ୍ଭରୁ ହିଁ ବିଶେଷ ଆନନ୍ଦିତ ହେଲାପରି ଲାଗୁ ନଥିଲା । ଔପଚାରିକ କଥାବାର୍ତ୍ତା ପରେ ଚାଲି ଯାଇଥିଲା ସେ । ସେଇଠୁ ବୋଉର ଆରମ୍ଭ ହୋଇଗଲା ।

—ଦେଖ ଲିଟି ଏ ଝିଅଟିର ହାବ ଭାବ ମୋତେ କାଇଁ ଭଲ ଲାଗିଲା ନାହିଁ । ଦେଖି ଚାହିଁ ଚଳିବୁ ଯ୍ୟା ସାଙ୍ଗେ । ତାକୁ ହଠାତ ବିଶ୍ୱାସ କରିଯିବୁ ନାହିଁ ।

— ବୋଉ ! ତୋର ଆଜିକାଲି ଜୀରାରୁ ଶିରା କାଢ଼ିବା ଗୋଟେ ଅଭ୍ୟାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲାଣି ଦେଖୁଛି । ସବୁ କଥାରେ ତୋର ସନ୍ଦେହ । ହଁ ମାନୁଛି ଶିଲାକୁ କଲେଜରେ ରାଣୀ ମହୁମାଛି ବୋଲି ନାଁ ଦିଆ ହୋଇଛି । ଶହେଟା ଟୋକା ତା ଚାରି ପାଖରେ ଘୁରି ବୁଲନ୍ତି ସତ କିନ୍ତୁ ସିଏ ମୋର କ୍ଷତି କରିବାକୁ କାହିଁକି ଚାହିଁବ ଯେ ?

—ମୋତେ ସେମିତି ଲାଗିଲା ତ କହିଦେଲି । ମାନିବା ନମାନିବା ତୋ ହାତରେ । ବୋଉର ସବୁ କଥା ଏମିତି । ପରିଶେଷରେ ସେ ଆମ ମୁଣ୍ଡ ଉପରେ ଆମର ବୋଝଟି ନେଇ ଥୋଇଦେବ । ସେ ଯାହା ହେଉ ବେଳେ ବେଳେ ଶିଲା ଏମିତି ଆମ ଘରକୁ ଚାଲିଆସେ ଓ ଦୁଇ ଚାରିପଦ କଥା ହୋଇ ଚାଲି ଯାଏ । ମୋର ତା ସହିତ ନାମମାତ୍ର ଏତିକି ସମ୍ପର୍କ ।

ଦିନେ ବାପା ଘରେ ନଥାନ୍ତି । ପ୍ରାକ୍ଟିକାଲ କ୍ଲାସରେ ଟିକିଏ ମୋର ବିଳମ୍ବ ହୋଇ ଯାଇଥାଏ । ପାଗ ବି ବହୁତ ଖରାପ ଥାଏ ଓ ଦିନ ତମାମ ରହି ରହି ଝିପି ଝିପି ବର୍ଷା ଅହରହ ଚାଲିଥାଏ ଏବଂ ତାଆରି ସାଙ୍ଗକୁ କରେଣ୍ଟ ଆସୁଥାଏ ଓ ଯାଉଥାଏ । ମନ ଭିତରେ ଭୟ ଓ ଆଶଙ୍କା ସୃଷ୍ଟି କରିବା ପାଇଁ ସବୁ ପ୍ରକାର ଅନୁକୂଳ ପରିବେଶ ସୃଷ୍ଟି ହୋଇ ଯାଇଥାଏ ସେଦିନ । କ୍ଲାସ ସରିବା ପରେ ରିକ୍ସା ଖୋଜି ଖୋଜି ମୁଁ ବି ନୟାନ୍ତ ହେଲି । ଚାଲିକରି ଆସିଲେ ଘରେ ପହଞ୍ଚିବାକୁ କୋଡିଏ ପଚିଶ ମିନିଟ ଲାଗିବ । ପ୍ରଥମ ଥର ପାଇଁ ସ୍କୁଟି କାହିଁକି ଶିଖିଲି ନାହିଁ ବୋଲି ନିଜ ଉପରେ ରାଗ ଆସୁଥାଏ । ସେ ଯାହା ହେଉ ଶୀଘ୍ର ପାଦ ପକାଇ ଆସୁ ଆସୁ ମୋତେ ଲାଗିଲା ଯେମିତି କେତେଜଣ ଲୋକ ମୋ ପଛରେ ମୋ ଠାରୁ ବି ଶୀଘ୍ର ପାଦ ପକାଇ ଆସୁଛନ୍ତି ।

ପଛକୁ ଚାହିଁଲେ କିଛି ବି ପରିଷ୍କାର ଦିଶୁ ନଥାଏ । ଚତୁର୍ଦ୍ଦିଗ ତ ଅନ୍ଧକାରମୟ । ଏମିତି ଅବସ୍ଥାରେ ହଠାତ ସାମ୍ନାରୁ ଗୋଟିଏ ପୋଲିସ ଭ୍ୟାନ ମୋତେ ଅତିକ୍ରମ କରୁଥିଲା ଏବଂ ଗାଡିର ହେଡ଼ ଲାଇଟରେ ମୋତେ ଓ ସେଇ ଲୋକ ମାନଙ୍କୁ ମୋ ପଛରେ ଦେଖି ଟିକିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଡିର ଗତି କମାଇ ଦେଇଥିଲା । ଏହାର ସଦୁପଯୋଗ କରି ପ୍ରାଣମୂର୍ଚ୍ଛା ଦୌଡ଼ିଥିଲି ମୁଁ । ଏକ ନିଶ୍ୱାସରେ ଘରକୁ ଆସି ଗ୍ରିଲ ବାହାରେ ପାହାଚ ଉପରେ କେତେ ସମୟ ବସି ଯାଇଥିଲି ଜାଣେନାହିଁ । ବୋଉକୁ ସବୁକଥା କହିବାରୁ ସେ ତାର ଅତି ପ୍ରିୟ ଠାକୁରାଣୀ କଟକଚଣ୍ଡୀଙ୍କୁ ରାତିସାରା ଅଜସ୍ର ମୁଣ୍ଡିଆ ମାରି ଚାଲିଥିଲା ।

ଏହାର କେତେଦିନ ପରେ ମୋର କେତେଜଣ ବିଶ୍ୱାସୀ ସହପାଠିନୀଙ୍କ ଠାରୁ ଜାଣିବାକୁ ପାଇଲି ଯେ ସେଦିନ ଯୋଉ ବର୍ଷା ହେଉଥିଲା ଏବଂ ମୁଁ ଏକୁଟିଆ ଆସୁଥିଲି ଶିଲାହିଁ ମୋ ପଛରେ ଆମ କଲେଜର ଡେଙ୍ଗା ସୁବଳ ଏବଂ ନିଶୁଆ ରକିକୁ ପଠାଇ ଥିଲା । ମୋତେ ଡରାଇବାର ଉଦ୍ଦେଶ୍ୟ ଥିଲା କି ସେମାନଙ୍କ ଜରିଆରେ ଆଉ କିଛି କ୍ଷତି କରିବାର ଉଦ୍ଦେଶ୍ୟ ଥିଲା ତାହା ଭଗବାନ  ଜାଣନ୍ତି ।

ପାଠ ସରିବା ପରେ ମୁଁ ଚାକିରୀ ଖଣ୍ଡିଏ ପାଇ ଯାଇଥିଲି । ପୂର୍ବର ସେ ଡର ଭୟ ଆଉ ନଥିଲା ସିନା ବୋଉ କିନ୍ତୁ ଏଣିକି ସବୁ କଥାରେ ବେଶୀ ବେଶୀ ଖୁଣ ବାହାର କରୁଥିଲା । ମୁଁ ଭାବେ ବୋଧେ ବୟସ ବଢ଼ିଲେ ମଣିଷର ଦୋଷ ଦୁର୍ବଳତା ଗୁଡିକ ବି ବଢ଼ି ବଢ଼ି ଚାଲିବ ଯେମିତି ସେଦିନ ସୁଦୀପକୁ କହିଲା । ସୁଦୀପ ଏବଂ ମୁଁ ଗୋଟିଏ ଅଫିସରେ କାମ କରୁଥିଲୁ ଏବଂ ବିବାହ କରିବା ପାଇଁ ଆଗ୍ରହୀ ଥିଲୁ । ସେ ଅନେକ ଥର ଆମ ଘରକୁ ଆସି ବୋଉ ଏବଂ ବାପାଙ୍କୁ ଦେଖା କରି ସାରିଛି । କିନ୍ତୁ ପ୍ରତ୍ୟେକ ଥର ବୋଉ ତାକୁ ଦେଖିଲେ ନାକ ଟେକିବ । ସେ ଗଲା ପରେ ବାପା ଓ ମୁଁ ଗୋଟିଏ ଦଳ ଏବଂ ବୋଉ ଆଉ ଗୋଟିଏ ପଟେ ଭାଗ ହୋଇଯାଉ ।

—ଏ ପିଲାଟା ଯେମିତି ଦିଶୁଛି ନା ସେମିତି ମୋଟେ ନୁହଁ । ତାର ସେ ଯୋଉ ମୁହଁ ସେ ଯୋଉ ଆଖି ନଚେଇ କଥା କହିବା ଭଙ୍ଗୀ ଯିଏ ଦେଖିଲେ କହିବ ଟୋକାଟା ଠିକ ନାହିଁ । ତାର ଆଖି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାନ ନାକ ସବୁ କଥା କହୁଛି ।

—ବୋଉ ସେ ଜମା ଦୁଇ ତିନିଥର ଆସିଛି ଏବଂ ତୁମ ମାନଙ୍କର ପାଦ ଛୁଇଁ କଥା ହୋଇ ଚାଲିଗଲା । ତା ବିଷୟରେ ତୁ ଏତେକଥା କିପରି ଜାଣିଗଲୁ ଯାହା ମୁଁ କିମ୍ବା ବାପା ଜାଣି ପାରିଲୁ ନାହିଁ ?

—ପାଦ ଛୁଇଁ ଦେଲେ କଣ ଜଣକୁ ଭଲ ବୋଲି କୁହାହେବ ? ମୋର କର୍ତ୍ତବ୍ୟ ଥିଲା ତୋତେ ସାବଧାନ କରିଦେବା ସେତିକି ହିଁ କରି ପାରିବି ।

ବୋଉର ଅନିଚ୍ଛା ସତ୍ତ୍ୱେ ବାପାଙ୍କ ସମର୍ଥନ ପାଇ ମୁଁ ସୁଦୀପକୁ ବିବାହ କରିଥିଲି । ବିବାହ ପୂର୍ବରୁ ମାମୁଁ ଏବଂ ପିଇସା ଯାଇ ସବୁ ଅନୁସନ୍ଧାନ କରି ଆସିଥିଲେ । ପିଲାଟି ବହୁତ ଭଲ ଏବଂ କୌଣସି ବଦଭ୍ୟାସ ନାହିଁ ତଥା ଉଚ୍ଚ ଶିକ୍ଷିତ ପରିବାରର ଏକମାତ୍ର ସନ୍ତାନ । ତେଣୁ ଲିଟି ପାଇଁ ଉପଯୁକ୍ତ ପାତ୍ର ବୋଲି ସେମାନେ ସାର୍ଟିଫିକେଟ ଦେଇଥିଲେ । ସର୍ବୋପରି ମୁଁ ବି ସୁଦୀପ ସହିତ ଗୋଟିଏ ଅଫିସରେ ଚାକିରୀ କରୁଛି । ମୋ ଠାରୁ ତାକୁ ଅଧିକା ଆଉ କିଏ ଜାଣିଛି ଅବା । ବାପା ବୋଉଙ୍କର ଆଶୀର୍ବାଦରେ ମୁଁ ସୁଦୀପ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଗଲି । ଏହାର ତିନି ମାସ ପରେ ବାପା ଏବଂ ବର୍ଷେ ପରେ ବୋଉ ଆରପାରିକୁ ଚାଲିଗଲା ।

ପୂର୍ବରୁ କେତେ ବାତ୍ୟା ବିପ୍ଳାତ ହୋଇ ଯାଇଥିଲା । ଫାଇଲିନ ହୁଡହୁଡ ତିତଲୀ, ସବୁ ଥର ବୋଉ ଓ ବାପା ମୋ ସହିତ ଥାଆନ୍ତି ଏବଂ ଆମେ କେହି ବି ସେଇ ସମୟରେ ବାହାରକୁ ବାହାରି ନାହୁଁ । କିନ୍ତୁ ସର୍ବଶେଷରେ ଯେଉଁ ବାତ୍ୟାଟି ଆସିଥିଲା ସେ ସମୟରେ ମୋର ବାପା କି ବୋଉ କେହି ବି ମୋତେ ସାହାରା ଦେବାପାଇଁ ମୋ ନିକଟରେ ଉପସ୍ଥିତ ନଥିଲେ ଓ ମୁଁ ଏକାକୀ ସେଇ ତୋଫାନ ମଧ୍ୟ ଦେଇ ସୁଦୀର୍ଘ ପଥଟି ଅତିକ୍ରମ କରିଥିଲି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେଇ ବାତ୍ୟାଟିର ନାମ ଥିଲା ସୁଦୀପ । ସୁଦୀପର ଅତୀତ ବାତ୍ୟା ଠାରୁ ବି ଅଧିକ ଭୟଙ୍କର ଥିଲା । ସେ ପୂର୍ବରୁ ବିବାହିତ ଥିଲା ଏବଂ ତାର ପତ୍ନୀ ଏବଂ ଗୋଟିଏ ପୁଅ କାନପୁରରେ ଅଛନ୍ତି ବୋଲି ଅନେକ ଦିନ ପରେ ଜାଣିବାକୁ ପାଇଥିଲି । ମୁଁ ନିଜେ ଏହାର ଅନୁସନ୍ଧାନ କରି ସତ୍ୟାସତ୍ୟ ଜାଣିବା ପରେ ସୁଦୀପକୁ ଛାଡି ଚାଲି ଯାଇଥିଲି ଓ ଦେଢ଼ ବର୍ଷ ପରେ ଆମେ ଆଇନ ଅନୁଯାୟୀ ଅଲଗା ହୋଇ ଯାଇଥିଲୁ ।

ମାଆ ବାପାଙ୍କ କଥା ଗୁଡିକ ଯୁଗୋପଯୋଗୀ ଲାଗେ ନାହିଁ କି ଲାଗିବ ବି ନାହିଁ । ଆମ୍ଭ ମାନଙ୍କର ନଜର ଓ ସେମାନଙ୍କର ଦୃଷ୍ଟିଭଙ୍ଗୀ ଅଲଗା ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଦୁନିଆକୁ ଗଭୀର ଅନୁଶୀଳନ କରିବାର ଯେଉଁ ଅଭିଜ୍ଞତା ତାହା ଅଳ୍ପ ବୟସ୍କ ବ୍ୟକ୍ତିଙ୍କ ଠାରେ ନଥାଏ । ଅବଶ୍ୟ ଜୀବନରେ ଥରେ ଝୁଣ୍ଟିବା ପରେ ଆମେ ସବୁ କିଛି ଶିଖିଯାଉ ଯେମିତି କି ମୁଁ ଶିଖିଥିଲି । କିନ୍ତୁ ସାଧାରଣତଃ ଆମେ ସବୁବେଳେ ଉପର ଠାଉରିଆ ଭାବେ ଦୁନିଆକୁ ଦେଖିଥାଉ ଏବଂ ସେମାନେ ବହୁତ ଗଭୀରକୁ ଯାଇଥାନ୍ତି । ଆମ ପିଢ଼ିଟା ଅତ୍ୟଧିକ ରୂପେ ଭାବ ପ୍ରବଣ ଏବଂ ସେମାନେ ବାସ୍ତବବାଦୀ । ମୋତେ ସତର୍କ କରାଇବା ପାଇଁ ମୋ ବୋଉ ସିନା ପାଖରେ ନାହିଁ ମାତ୍ର ସିଏ ତାର ଷଷ୍ଠ ଇନ୍ଦ୍ରିୟଟିକୁ ମୋତେ ଦେଇ ଯାଇଛି । ସେଥିପାଇଁ ଆଜିକାଲି ମୁଁ ଫୁଙ୍କି ଫୁଙ୍କି ବାଟ ଚାଲିବାକୁ ଆରମ୍ଭ କରିଛି ।

ପୋଷ୍ଟାଲ ଆସିଷ୍ଟାଣ୍ଟ

ବ୍ରହ୍ମପୁର

ଫୋନ : ୯୪୩୭୩୭୬୪୫୦୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରାବଣୀ ତୁମେ ଭାରି ସୁନ୍ଦର



ସୁମନ୍ତ ନାୟକ

ଶ୍ରାବଣର ଅବିଶ୍ରାନ୍ତ ବାରିଧାର ଓ ତୁହାକୁ ତୁହା ବର୍ଷାରେ ଧରଣୀ ଓ ଆକାଶ ଏକା ପରି ପାଲଟି ଯାଇଛି । ବିଜୁଳି ଓ ଘଡଘଡିରେ କମ୍ପି ଉଠୁଛି କାରାଗାରର ସମସ୍ତ ପ୍ରକୋଷ୍ଠ । କାରାଗାର ପାଖ ଟ୍ରେଜେରୀରୁ ରାତି ୮ଟାରେ ଘଣ୍ଟାର ଶବ୍ଦ, ଦେହରେ କମଳଟିକୁ ପକାଇ ଶୋଇବାକୁ ଚେଷ୍ଟାକଲା, ଦିନ ଥାଉ ଥାଉ ରାତ୍ରି ଭୋଜନ ସରିଥାଏ, କେତେ ବେଳେ ତାକୁ ଛାଇ ନିଦ ଆସିଯାଇଥାଏ ତା ମନ ଗହଣରେ ଜେଜେମା ତା ସ୍ୱପ୍ନରେ ଆସି କହୁଥାନ୍ତି "ଶ୍ରାବଣୀ ଲୋ ! ଶ୍ରାବଣର ଅମାବାସ୍ୟା ଦିବସ ସମୟ, ଦିନ ବି ଦିଶୁଥାଏ ରାତିପରି ତୁହା ତୁହା ବର୍ଷା ସହିତ ପବନର ସଅଁ ସଅଁ ଶବ୍ଦରେ ଛାତି କମ୍ପି ଉଠୁଥାଏ, ଏ ଭଳି କାଳ ବେଳରେ ତୁ ଏ ମାଟିକୁ ଆସିଥିଲୁ । ସାହିପଡ଼ିଶାରେ ଲୋକ କୁହାକୁହି ହେଲେ ଏ ଝିଅ ଉଆଁସୀ କନ୍ୟା ଅବା କେଉଁ ଅଭିଶପ୍ତ ନାଗ କନ୍ୟା ଅବା ଅପ୍ସରୀଟିଏ । ଛାତି ମୋର କମ୍ପିଉଠୁ ଥାଏ, ଶ୍ରାବଣୀ ଲୋ ତୁ କଉଠି ଅଛୁ ମୋ ପାଖକୁ ।"

ଛାଇ ନିଦ ଭାଙ୍ଗିଗଲା ଶ୍ରାବଣୀର ଆଖିର ଲୁହ ପୋଛୁ ପୋଛୁ ସେ ବିଳାପ କରିଥିଲା ସତେ ଲୋ ଜେଜେମା ମୁଁ ଅଭିଶପ୍ତ ଅପ୍ସରୀଟିଏ । ମୋର ରୂପକୁ ନେଇ ଆତ୍ମଗର୍ବରେ ମୁଁ ଭୁଲି ଯାଇଥିଲି ତୋର ଆଦର ଓ ସ୍ନେହକୁ, ଭୁଲି ଯାଇଥିଲି ବାପା ଭାଇଙ୍କର ସତର୍କ ବାଣୀକୁ, ଭୁଲି ଯାଇଥିଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାନ ମାନଙ୍କର ଦୁଷ୍ଟାମୀକୁ । ମୋର କରିଥିବା ଭୁଲ ପାଁଇ ଆଜି ମୋ ଆଖିର ଅନୁତାପର ଲୁହ ପୋଛିବା ପାଁଇ କେହିନାହାନ୍ତି ନିଜ ଲୁହକୁ ନିଜେ ପିଇ ବଂଚି ରହିଛି କଲା କର୍ମର ଫଳ ସ୍ୱରୂପ ଦଣ୍ଡ ଅପେକ୍ଷାରେ । ଉଚ୍ଚ ଶିକ୍ଷା ପାଁଇ ତମମାନଙ୍କ ପାଖରୁ ବିଦାୟ ନେଇ ସହର ଆସିଲି । ନୂଆ ସାଙ୍ଗସାଥୀ ମେଳରେ ମୁଁ ତମ ମାନଙ୍କର  ଆଦର ଓ ସ୍ନେହକୁ ଭୁଲି ଯାଇଥିଲି । ସାଥୀ ପିଲାଙ୍କର ମୋ ରୂପ ବର୍ଣ୍ଣନା ମୋତେ ଅହଙ୍କାରୀ କରିଥିଲା ମନ ମୋର ଖୋଜି ବୁଲିଥିଲା ଜେଜେ ମା କାହାଣୀର ପକ୍ଷୀରାଜ ଘୋଡା ଚଢି ରାଜକୁମାର ଆସିବ ଓ ମୋତେ ଫୁରକିନା ନେଇ ଉଡିଯିବ ।

ସେଦିନ ରବିବାର ହଷ୍ଟେଲ ପ୍ରକୋଷ୍ଠରେ ବିଶ୍ରାମ ନେବା ବେଳେ ଶ୍ରାବଣୀ ମାଡାମକୁ କିଏ ଦେଖା କରିବାକୁ ଚାହୁଁଛନ୍ତି ବୋଲି ହଷ୍ଟେଲ ବୟ୍ ଜଣାଇଥିଲା । ଭୟ ଓ ଲଜ୍ଜାରେ ଯାଇ ଦେଖେ ତ ଅଚିହ୍ନା ଯୁବକ ଜଣେ । ସେ ତା ତରଫରୁ କହି ଚାଲିଲା, ମୁଁ ତମ ମାଉସୀଙ୍କ ନଣନ୍ଦଙ୍କ ପୁଅ ସୌରଭ ଦାଶ । ମୁଁ ମୁମ୍ବାଇରେ ସିନେମା ଜଗତରେ ଜଣେ କଳାକାର, କରୋନାରେ ଗାଁକୁ ଆସିଥିଲି ମାଉସୀ ମା'ଙ୍କ ଠାରୁ ତମ ଠିକଣା ଆଣି ଏଠିକି ଆସିଛି । ତମେ ହାଇସ୍କୁଲରେ ପଢିଲା ବେଳେ ମୁଁ ତମକୁ ଦେଖିଥିଲି ଏବେ ବଡ ହୋଇ ତମେ ବହୁତ ସୁନ୍ଦର ଦେଖାଯାଉଛ । ବାସ୍ତବିକ ଶ୍ରାବଣୀ ତମେ ଭାରି ସୁନ୍ଦର ତମ ସାମ୍ନାରେ ସ୍ୱର୍ଗର ଅପ୍ସରୀ ବି କମ ଲାଗିବେ । ଏ ପ୍ରଶଂସା ଶୁଣି ମନ ମୋର ରୋମାଂଚିତ ହୋଇଗଲା । ମୋ ବାରଣ କରିବା ସତ୍ୱେ ବି ସେ ଗୋଟେ ଫୋନ୍ ଉପହାର ଦେଇଥିଲା । ଗପର ଆସର ସେହି ଦିନଠୁ କମା ଫୁଲ୍ ଷ୍ଟପ୍ ନ ମାନି ମାଡି ଚାଲିଲା ଆଗକୁ ଆଗକୁ । ମଝିରେ ମଝିରେ ଏକା ସାଙ୍ଗରେ ସିନେମା ଯିବା ଓ ନୂଆ ଡ଼ିଜାଇନର ଡ୍ରେସ ଉପହାର ଦଉଥିଲା । କିଛିଦିନ ପରେ ସେ ପାଲଟି ଗଲା ମୋ ସ୍ୱପ୍ନର ନାୟକ ଓ ସାଙ୍ଗସାଥୀଙ୍କ ନଜରରେ ମୋ ବୟ୍‌ଫ୍ରେଣ୍ଡ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟର ଅଙ୍କା ବଙ୍କା ରାସ୍ତାରେ ଚାଲୁ ଚାଲୁ ସେ ମୁମ୍ବାଇ ଯାଇ ସିନେମା ଜଗତରେ କାମ କରିବାକୁ ପ୍ରସ୍ତାବ ଦେଲେ । ତମେ ହେବ ଦର୍ଶକଙ୍କ ମନ ଗହନର ରାଣୀ, ବଲିଉଡର ନୂଆ ସେନ୍‌ସେସନ୍ । ମୋର ଅନେକ ଡାଇରେକ୍ଟର ଓ ପ୍ରଡ୍ୟୁସରଙ୍କ ସହ ଚିହ୍ନା ଅଛି କିଛି ଅସୁବିଧା ହେବ ନାହିଁ । ସିନେମା ଜଗତର ନାୟିକା ହେବାର ସ୍ୱପ୍ନ ମୋ ବିବେକ ଠାରୁ ମୋତେ ଛଡାଇ ନେଲା । ଲିଗାଲ ଗାର୍ଡିଆନ ପାଁଇ କୋର୍ଟରେ ମିଛ ବାହାଘରର ସାର୍ଟିଫିକେଟ ବାହାର କରାଗଲା । ବାପା, ମା, ଜେଜେମା, ଭାଇ, ଭଉଣୀ ସବୁ ମୋ ପାଁଇ ପର ହୋଇଗଲେ । ପଢ଼ାରେ ଡୋରି ବାନ୍ଧି ଦେଇ କାହାକୁ କିଛି ନଜଣାଇ ସୌରଭ ସାଥିରେ ମୁମ୍ବାଇ ଚାଲିଗଲି ।

ମୁମ୍ବାଇରେ ପହଂଚି ଜାଣିଲି ଯେ ନାୟିକା ହେବାର ସ୍ୱପ୍ନ ସବୁ ମିଛ ଥିଲା । ନାୟିକା ପରିବର୍ତ୍ତେ ଗଣିକା ସଜାଇଦେଲା । ସୌରଭ ମୋତେ ମିଛ ବାହାଘରର ସାର୍ଟିଫିକେଟ ମୋ ପାଦରେ ବେଡ଼ି ବାନ୍ଧିଦେଲେ, କି ଦିନ କି ରାତି ନାରୀ ମାଂସ ଲୋଭି ଗରାଖଙ୍କର ମୁଁ ହେଲି ଶଯ୍ୟାସଙ୍ଗିନୀ, କି ଦିନ କି ରାତି ସବୁ ଏକା ପରି ଲାଗୁଥିଲା । ମୁଁ ସାଜିଥିଲି ଏକ ନଜରବନ୍ଦୀ କଏଦୀ । କିଛି ଗରାଖଙ୍କ ଭୋକ ମେଣ୍ଟାଉଥିବା ବେଳେ ମୁଁ ଶୁଣିବାକୁ ପାଏ "ଶ୍ରାବଣୀ ତୁମେ ଭାରି ସୁନ୍ଦର" ଦିନେ ଯେଉଁ କଥାକୁ ଶୁଣି ମୁ ଗର୍ବରେ ଫୁଲିଯାଉଥିଲି ଆଜି ସେ କଥା ଶୁଣି ନିଜ ଉପରେ ଘୃଣା ଆସେ ।

ମନ ପକ୍ଷୀ ପିଞ୍ଜରାରୁ ମୁକ୍ତ ହେବାର ବାଟ ଖୋଜୁଥାଏ । ମୁହଁରେ ମୋନାଲିସାର ହସ ଓ ଅନ୍ତରରେ ପ୍ରତିଶୋଧର ଅଗ୍ନିରେ ମୁଁ ଖୋଜୁଥିଲି ସୁଯୋଗ । ସେ ଦିନ ଝଡ ବର୍ଷା ତାଣ୍ଡବ ରଚୁଥାଏ । ମିଛ ସ୍ୱାମୀ ଓ ଜଣେ ବୟସ୍କ ଗରାଖ ମଦ୍ୟପାନ କରୁଥିବା ବେଳେ ଫଳ କଟା ଛୁରୀରେ ମିଛ ସ୍ୱାମୀ ସୌରଭର ଜୀବନ ନେଲି ଓ ନାରୀ ମାଂସ ଲୋଭି ଗରାଖର ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷ କଲି । ପ୍ରତିଦିନ ଜଳି ଜଳି ମରିବା ଅପେକ୍ଷା ବୀର ପରି ମରିବା ଓ ମାରିବାକୁ ଶ୍ରେୟ ମଣିଲି । ସୌରଭର ରକ୍ତରେ ନିଜ ତୃଷ୍ଣା ମେଣ୍ଟାଇ ନିକଟସ୍ଥ ଥାନାରେ ଆତ୍ମ ସମର୍ପଣ କଲି ।

ମୁଁ ଜାଣେନା ମୁଁ ଠିକ କରିଛି କି ଭୁଲ ! ଜେଲ ପ୍ରକୋଷ୍ଠରେ ଦୋଷୀ ସାଜି ନ୍ୟାୟ ଅପେକ୍ଷାରେ ବିତି ଯାଉଥାଏ ଦିନ ପରେ ଦିନ, ମାସ ପରେ ମାସ । ଆଖିର ଲୁହ ଓ ମନର କୋହ ପାଷାଣୀ ସଜାଇ ଦେଇଥିଲା ଶ୍ରାବଣୀକୁ । ଯନ୍ତ୍ର ମାନବୀ ପରି କେତେ ଦିନ ସେ ଆଉ ବଂଚି ରହିଥାନ୍ତା ନକଲି ସ୍ୱାମୀର ରିମୋଟରେ । ପ୍ରତିବାଦ କଲେ ମିଳୁଥିଲା ମାଡ ଓ ମୃତ୍ୟୁର ଧମକ । ଭାରି ମନେ ପଡୁଥିଲା ସାଥି ଝିଅଙ୍କ ସହ ଗାଁ ଆମ୍ବ ତୋଟାରେ ରଜ ଦୋଳି, ମା ଖୁଦୁରୁକୁଣୀ ଓଷା ପାଁଇ ଗାଁ ପୋଖରୀରୁ କଇଁ  ଫୁଲ ତୋଳା, ନଦୀ ପହଁରା, ଭାଲୁକୁଣି ପୂଜାର ଥଟା ମଜା, କୁଂଆର ପୁନେଇ ପୁଚି ଖେଳ, ବାପାଙ୍କର ତାଗିଦ ଭରା ଶବ୍ଦ, ମା'ର ଲୋତକ ଭରା ମୁହଁ, ସର୍ବୋପରି ଜେଜେମା ତାଙ୍କ ପାକୁଆ ପାଟିରେ କହୁଥିବା ଚିରାଚରିତ କାହାଣୀ - ପକ୍ଷୀରାଜ ଘୋଡା ଚଢି ରଜା ପୁଅ ଆସିଲା ଓ ଦୁଃଖିନୀ ଝିଅଟିକୁ ଘୋଡାରେ ବସାଇ ଫୁରକିନା ଉଡ଼ିଗଲା  କେତେ ସୁନ୍ଦର ଥିଲା ସେ ଜୀବନ ।

ଆଖିରୁ ବହିଯାଉଥିବା ଲୁହକୁ ପୋଛି ମନକୁ ଦୃଢ କରୁଥିଲା ଶ୍ରାବଣୀ । କେଜାଣି କେମିତି ଦୁର୍ଗାପୂଜାରେ ମାଁ ଦୁର୍ଗାଙ୍କର ପୂଜିତ ମୂର୍ତ୍ତିଟି ଆଲୋକିତ ଓ ଆନ୍ଦୋଳିତ କରିଥିଲା ଶ୍ରାବଣୀର ମନକୁ ରାକ୍ଷସ ମହିଷାସୁରର ବିନାଶ ପାଁଇ ମା ବିଶ୍ୱମୋହିନୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇସ୍ତାହାର : ଏକ ଆଗତ ମୃତ୍ୟୁର



ଅମୃତ ନାରାୟଣ ଶତପଥୀ

ମୃତ୍ୟୁ ଜୀବନର ଧ୍ରୁବ ସତ୍ୟ; କେହି ଚାହୁଁ ବା ନଚାହୁଁ ମୃତ୍ୟୁ ତା'ର ସମୟରେ ଆସି ହରି ନେଇଥାଏ ପ୍ରାଣ ଏବଂ ଛାଡି ଯାଇଥାଏ ଏହି ପାର୍ଥିବ ଶରୀର । ଯାହାର କରାଯାଏ ଅନ୍ତିମ ସଂସ୍କାର ଅବା କେଉଁ ଶବ ପୁଣି ଖିନ୍ ଭିନ୍ ହୋଇ ପଡିଥାଏ କେଉଁ ଏକ ଅଲୋଡା ସ୍ଥାନରେ ଅବା ଯୁଦ୍ଧ କ୍ଷେତ୍ରର ସେହି ସୀମାନ୍ତ ପ୍ରାନ୍ତରେ । ସେହି ଶବ ଉଠାଇବା ପାଇଁ ଥିବା ସାଥୀ ମଧ୍ୟ କରନ୍ତି ମୃତ୍ୟୁକୁ ବରଣ ସତେ ଯେପରି ମୃତ୍ୟୁ ଆସିଥାଏ ଦେଇ ଏକ ପୂର୍ବ ଇସ୍ତାହାର, ତଥାପି ବୀର ସୈନିକ ମୃତ୍ୟୁ ବିଜୟୀ ସାଜିବା ପାଇଁ ତଥା ଦେଶ ମାତୃକାର କାର୍ଯ୍ୟ ତଥା ସୁରକ୍ଷା ପାଇଁ ହସିହସି ଦେଇପାରେ ନିଜ ଜୀବନର ବଳୀଦାନ ଅବା କରାଇପାରେ ନିଜର ସ୍କନ୍ଧଚ୍ୟୁତ । ସତେ ଯେପରି ସେ ପାଇଥାଏ ଇସ୍ତାହାର: ଏକ ଆଗତ ମୃତ୍ୟୁର ।

ଯୁଦ୍ଧକ୍ଷେତ୍ରକୁ ଯିବା ଆଗରୁ ସୈନିକ ଜଣକ ଚାହୁଁଥିଲେ ତାଙ୍କର ଝିଅ ଅନ୍ତତଃ ସୁରକ୍ଷିତ ସ୍ଥାନକୁ ଚାଲିଯାଉ । ବସ୍ ରେ ଛାଡିବା ପୂର୍ବରୁ କୁନି ଝିଅର ଛାତିରେ ମୁଣ୍ଡ ରଖି ଆଖିରୁ ଲୁହ ଝରାଇଲେ । ତା' ମୁଣ୍ଡକୁ ଆଉଁଶି ଦେଲେ । ଝିଅ ଜାଣିପାରୁ ନଥିଲା, କେବେ କାନ୍ଦୁ ନଥିବା ବାପା ଆଜି କାହିଁକି ଭୋ ଭୋ ହୋଇ କାନ୍ଦୁଛନ୍ତି ? ସେପାଖକୁ ବୁଲି ମା ମୁହଁକୁ ଚାହିଁଲା, ସବୁବେଳେ ହସହସ ଥିବା ମା'ର ଆଖିରୁ ବି ଝରିଯାଉଛି ଲୋତକର ଧାରା କିଛି ମନର ଶଙ୍କାକୁ ଜିହ୍ୱା ପର୍ଯ୍ୟନ୍ତ ଆଣି ପ୍ରଶ୍ନଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରିବାକୁ ଚାହୁଁଥିଲା ବୋଧହୁଏ ହେଲେ ଏହି ମୁହୂର୍ତ୍ତରେ ହିଁ ବାପା ଆଙ୍କି ଦେଲେ ତା ମଥାରେ ସ୍ନେହଭରା ଚୁମ୍ବନଟିଏ, ଛୋଟ ଝିଅକୁ ମା' କୋଳକୁ ଟେକିଦେଇ ଅଗତ୍ୟା ଚାଲିଗଲେ ନିଜ ସାଥୀ ସୈନିକ ମାନଙ୍କ ସହ  ସୈନ୍ୟବାହିନୀର ଗାଡ଼ି ଭିତରକୁ ଏବଂ ମୁହୂର୍ତ୍ତକ ମଧ୍ୟରେ ନିଜକୁ ହଜାଇଦେଲେ ଶହଶହ ଏକାଭଳି ୟୁନିଫର୍ମ ପିନ୍ଧିଥିବା ସୈନିକଙ୍କ ମଧ୍ୟରେ ।

ଏପଟେ ମା କୋଳରେ ବସିଥିବା ଛୋଟ ଝିଅର ବସଟି ଧୀରେ ଧୀରେ ଚାଲିବା ଆରମ୍ଭ କରି ବେଗରେ ବୃଦ୍ଧି କଲା ଓ ମା' ଆଖି ଲୁହ ଧୀରେ ଧୀରେ ଶୁଖିବା ଆରମ୍ଭ କରିଥିଲା ଏବଂ ଯେଉଁ କେତେ ବୁନ୍ଦା ଆଖିରୁ ଚିବୁକ ଆଡ଼କୁ ବହି ଯାଉଥିଲା ତାକୁ ଦୁଇ ହାତରେ ପୋତିଦେଇ ଧୈର୍ଯ୍ୟ ଧରି ବସିଲେ ମା' । କ'ଣ ବା ଆଉ କରିଥାନ୍ତେ, ନିକଟରେ ପିତାଙ୍କ କୋହପୂର୍ଣ୍ଣ ବିଦାୟକୁ ତାଙ୍କ ଆଖିରେ ଲୁହ କୋମଳମତି ଝିଅର ମନ ହୃଦୟରେ ଗଭୀର ରେଖାପାତ କରିପାରେ ଭାବି ଛାତିକୁ ପଥର କରି ମନକୁ ଦୃଢ଼ କରି କୋହ ଓ ଲୁହର ସାମ୍ନାରେ ହୃଦୟରେ ବାନ୍ଧି ଦେଲେ ଏକ ମଜବୁତ୍ ବନ୍ଧ ଯଦ୍ୱାରା ପରିସ୍ଥିତି ଆୟତ୍ତାଧୀନ ହୋଇଯିବ ।

"ମା' ବାପା କୁଆଡେ ଗଲେ ପୁଣି ଏମିତି କାନ୍ଦି କାନ୍ଦି  କେବେ ତ କାନ୍ଦନ୍ତିନି ସେ, ଆଉ ମୁଁ  କେବେ କାନ୍ଦିଲେ ତୁମ ଦୁହେଁ ମୋତେ ନ କାନ୍ଦିବାକୁ କୁହ ହେଲେ ଆଜି ଦୁହେଁ କାନ୍ଦୁଛ କ'ଣ ହୋଇଛି କି ?" ମାଆ କହିଲେ – " ମା'ଲୋ ଆଜି ଆମ ପରିବାର ପାଇଁ ପରୀକ୍ଷାର ବେଳ, କେବଳ ଆମ ପରିବାର ନୁହେଁ ସମ୍ପୂର୍ଣ୍ଣ ଦେଶର ଅନେକ ସୈନିକଙ୍କ ପରିବାର ପାଇଁ ଏହା ଘଡି ସନ୍ଧିର ମୁହୂର୍ତ୍ତ  କାରଣ ଅନେକ ଲୋକ ଯାଇଛନ୍ତି ଯୁଦ୍ଧକୁ । ଯୁଦ୍ଧ କ୍ଷେତ୍ରରେ କିଛି ବି ହୋଇପାରେ କ୍ଷତ ବିକ୍ଷତ ଠୁ ଆରମ୍ଭ କରି ମୃତାହତ  ପର୍ଯ୍ୟନ୍ତ କିଛି ବି ଘଟିପାରେ କାହା ସହ । ଯୁଦ୍ଧ କାହାପାଇଁ ହୋଇପାରେ ବୀରତ୍ୱର ଗୌରବ ଅବା ପୁଣି କାହାପାଇଁ ହୋଇପାରେ ଏକ ଇସ୍ତାହାର : ଏକ ଆଗତ ମୃତ୍ୟୁର" ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନ୍ମ ମୃତ୍ୟୁ ବିଷୟରେ ସଠିକ୍ ଜ୍ଞାନର ହେତୁ ହୋଇନଥିବା ଝିଅଟିର ମନରେ ମଧ୍ୟ ଆଶଙ୍କା, ଭୟ ଓ ଦୁଃଖର ଛାୟା ଖେଳିଗଲା । ସେ ମୃତ୍ୟୁ କ'ଣ ଜାଣି ନାହିଁ ମୃତ୍ୟୁ କିପରି ଆସେ ମଧ୍ୟ ଜାଣି ନାହିଁ ହେଲେ ଏତିକି ଜାଣିଛି ଯେ ମୃତ୍ୟୁବରଣ କରନ୍ତି ସେ କେବେ ଆଉ ଘରକୁ ଫେରନ୍ତି ନାହିଁ କୁଆଡେ ଆକାଶରେ ତାରା ଟିଏ ହୋଇ ରହି ଯା'ନ୍ତି । ଆକାଶର ତାରାକୁ ସିନା ଦେଖି ହୁଏ ତା'ର ଚିକ୍ ମିକ୍ ଆଲୋକ ମନରେ ଆନନ୍ଦ ଭରିଦିଏ ହେଲେ .... କେବେ ଛୁଇଁ ହୁଏ ନାହିଁ କି କେବେ ସେ କଥା କହେ ନାହିଁ । ଏପରି ଭାବନା ଛୋଟ ଝିଅଟିକୁ ନିରାଶ କଲା ଓ ତା'ର ନିଷ୍ପାପ କଅଁଳ ମୁହଁର ତେଜ ମଉଳି ଗଲା ଭିନ୍ନ ଏକ ଆତଙ୍କରେ ।

ମା' ଝିଅର ମନୋଭାବ ଠିକ୍ ବୁଝି ପାରିଥିଲେ ତାକୁ ବୁଝାଇବାକୁ ଯାଇ କହିଲେ – "ଶୁଣ ମୋ ରାଜକୁମାରୀ ଚାଲ ମୁଁ ଆଉ ତୁ ଦୁହେଁ ମିଶି ଆମ ଦେଶର ସୈନିକମାନଙ୍କ ଶୁଭ ମନାସି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଯଦ୍ୱାରା ସଭିଏଁ ସକୁଶଳେ ଘରକୁ ଫେରିବେ ।

କୁନି ଝିଅର ଆଖିରେ ଏକ ଅଦ୍ଭୁତ ଚମକ ଦେଖିବାକୁ ମିଳିଲା ସେ ଖୁବ୍ ଉତ୍ସାହିତ ହୋଇ ପଚାରିଲା – "ତୁମେ ସତ କହୁଚ ମା ? ଈଶ୍ୱରମାନେ ଆମ ଠାକୁର କ'ଣ ସେହି କ'ଣ ଯେ କହୁଥିଲ .... ଉଁ ...ଉଁ .... ହଁ ସେ ମୃତ୍ୟୁର ଇ ... ଇ ...ଇସ୍ତାହାରକୁ ଫେରାଇ ଦେଇ ପାରିବେ" ? ଝିଅର ଉତ୍ସାହ ଦେଖି ମା' ବି ଉତ୍ସାହିତ ହୋଇ ଅପେକ୍ଷାକୃତ ଉଚ୍ଚସ୍ୱରରେ କହି ଉଠିଲେ – "ହଁ ... ହଁ ନିଶ୍ଚୟ ଆମ ସୈନିକ ମାନଙ୍କ ସୁରକ୍ଷା ତଥା ମୃତ୍ୟୁର ଇସ୍ତାହାର ଫେରାଇ ନେବା କ୍ଷମତା କେବଳ ଈଶ୍ୱରଙ୍କର ହିଁ ଅଛି" । ଏହିପରି ଆଶାବାଦୀ ଆହ୍ୱାନ ଶୁଣି ବସ୍ ରେ ଉପସ୍ଥିତ ଅନ୍ୟ ସମସ୍ତ ସୈନିକଙ୍କ ପରିବାର ସଦସ୍ୟ ମଧ୍ୟ ନୂତନ ଆଶା ସଞ୍ଚାର କଲେ ମନରେ ଏବଂ ବାତାବରଣର ନିରାଶା ଧୀରେ ଧୀରେ ଆଶା ଭକ୍ତି ବିଶ୍ୱାସ ଆଦି ଯୁକ୍ତାତ୍ମକ ଶକ୍ତିରେ ଭରି ପରିପୁଷ୍ଟ ହେଲା ।

ଏପଟେ ଝିଅ ଠାରୁ ଅଶ୍ରୁଳ ବିଦାୟ ନେଇଥିବା ସୈନିକ ତାଙ୍କ ସାଥି ମାନଙ୍କ ମଧ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକଲା ନଥିଲେ ତାଙ୍କର ଅନେକ ସାଥି ମଧ୍ୟ ସେହି ପରିସ୍ଥିତି ଦେଇ ଗତି କରୁଥିଲେ କିଏ ଛୋଟ ପୁଅ, ଝିଅଠୁ ବିଦାୟ ନେଇ ଆସିଥିଲା ତ କିଏ ନବ ବିବାହିତ ପତ୍ନୀକୁ ଯେ କୌଣସି ପରିସ୍ଥିତିରେ ସକୁଶଳେ ଫେରିବାର ଶପଥ ନେଇ ଆସିଥାଏ ଅବା ପୁଣି କିଏ ନିଜ ବୃଦ୍ଧ ଶଯ୍ୟାଶାୟୀ ପିତାମାତାଙ୍କ ମୁଖ ଶେଷଥର ଦେଖିଥିବାର ଦୃଶ୍ୟ ପ୍ରଚ୍ଛଦପଟରେ ଅବଲୋକନ କରି ନିରାଶ ତଥା ଦୁଃଖୀ ହେଉଥାନ୍ତି । ବୀରତ୍ୱ, ବଳୀଦାନ, ଦେଶମାତୃକାର ସେବା ତଥା ଆହ୍‌ୱାନ ମନରେ ଅଫୁରନ୍ତ ଉତ୍ସାହ ତ ଭରି ଦେଇଥାଏ କିନ୍ତୁ ହୃଦୟର କେଉଁ ଏକ ନିଭୃତ କୋଣ କିଛିମାତ୍ରାରେ ଅସ୍ୱାଭାବିକ ଦୁଃଖ ତଥା ନିରାଶା ଥାଏ ଚିନ୍ତା କରି ସେହି ଇସ୍ତାହାର: ଏକ ଆଗତ ମୃତ୍ୟୁର ।

ଶେଷରେ ସେହିକ୍ଷଣ ଆସି ଉପସ୍ଥିତ ହେଲା ଯେତେବେଳେ ସୈନିକମାନେ ସଦଳବଳେ ଯାଇ ପହଞ୍ଚିଥିଲେ ସୀମାନ୍ତରେ । ଅପରପଟରୁ ଶତ୍ରୁର ପ୍ରଚଣ୍ଡ କୋଳାହଳ ଗୁଳି ବୋମା ଆଦିର ବିସ୍ଫୋରଣ ଗଗନ ପବନ ପ୍ରକମ୍ପିତ କରୁଥାଏ ସେହି ଶବ୍ଦ ବେଳେବେଳେ ଆଶଙ୍କା ଉତ୍ପନ୍ନ କରୁଥାଏ ସେହି ବୀରଙ୍କ ମନମାନସରେ । ସଭିଏଁ ଯୁଦ୍ଧ ପାଇଁ ପ୍ରସ୍ତୁତ, ଏବେ ପଛଘୁଞ୍ଚା ନାହିଁ ଆଗକୁ ଆଗେଇ ଯାଇ ଶତ୍ରୁ ଉପରେ ବିଜୟ ହିଁ ଏକମାତ୍ର ଲକ୍ଷ୍ୟ । ଯେଉଁ ମନ କିଛିକ୍ଷଣ ପୂର୍ବରୁ ପରିବାର ଠାରୁ ବିଦାୟ ତଥା ମୃତ୍ୟୁ ଇସ୍ତାହାରରେ ନିରାଶ ହେଉଥିଲା ସେଥିରେ ଏବେ ଶତସିଂହର ବଳ ଉର୍ଦ୍ଧ୍ୱଗାମୀ ଆତ୍ମବିଶ୍ୱାସ ।

ଠିକ୍ ଏହି ସମୟରେ ଘଟିଲା ଏକ ଭିନ୍ନ ଘଟଣା । ସୈନ୍ୟଦଳ ନିକଟକୁ ଓୟାରଲେସ୍ରେ ଆସିଲା ଏକ ସୂଚନା କମାଣ୍ଡର କହୁଥିଲେ – "ବନ୍ଧୁଗଣ ଏହା ଏକ ଯନ୍ତ୍ର ମାନବର ଯୁଦ୍ଧ, ଶତ୍ରୁପକ୍ଷ ଆମର ସମୂଳ ବିନାଶ ପାଇଁ ଯନ୍ତ୍ର ମାନବ ଗୁଡ଼ିକୁ ଆମସହ ଯୁଦ୍ଧ କରିବାକୁ ଛାଡୁଛି । ହେଲେ ଆମେ ମଧ୍ୟ ପ୍ରସ୍ତୁତ ଏହିକ୍ଷଣି ଆମର ଯନ୍ତ୍ରମାନବର ସୈନଭର୍ତ୍ତି ଗାଡ଼ି ଆସି ପହଞ୍ଚିଲାଣି ହେ ମୋର ବୀର ଯବାନ ସଠିକ୍ ରୂପେ ଯନ୍ତ୍ର ମାନବ ଗୁଡ଼ିକର ପରିଚାଳନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ଶତ୍ରୁକୁ ମୁହଁ ତୋଡ ଜବାବ ଦିଅ ।

କିଛି ସମୟ ପରେ ଦେଖାଗଲା ସୈନ୍ୟ ମାନଙ୍କ ସୁପରିଚାଳିତ ଯନ୍ତ୍ର ମାନବ ଚାଳନାରେ ଶତ୍ରୁ ପକ୍ଷର ସମୂହ କ୍ଷତି ହେଲା ତାଙ୍କର ଯନ୍ତ୍ର ମାନବ ସେନା ବିଧ୍ୱସ୍ତ ହେବା ସହ ସେମାନେ ଛତ୍ରଭଙ୍ଗ ଦେଲେ ଏବଂ କିଛି ଶତ୍ରୁ ସୈନ୍ୟ ଆଣିଥିବା ମୃତ୍ୟୁ ଇସ୍ତାହାର ନିଜେ ହିଁ ବରଣ କଲେ । ଏକ ରକମର ଯୁଦ୍ଧ ସମାପ୍ତ ହୋଇଗଲା କିଛିଦିନ ମଧ୍ୟରେ କିନ୍ତୁ ସନ୍ତୋଷର ବିଷୟ ଏହା ଥିଲା ଯେ ଏପଟ ସୈନ୍ୟବାହିନୀର କ୍ଷତି ବହୁତ ଅଳ୍ପ ଥିଲା । କିଛି ସୈନ୍ୟ ଆହାତ ହୋଇଥିଲେ ମଧ୍ୟ ଜଣେ ହେଲେ କେହି ସେହି ଆଗତ ମୃତ୍ୟୁର ଇସ୍ତାହାରକୁ ଗ୍ରହଣ କରି ନଥିଲେ ।


ଯୁଦ୍ଧ ପରେ ଫେରିଥିଲେ ସେହି ସୈନିକ ଏଥରବି ସାମ୍ନାରେ ଥିଲା ସେହି ଛୋଟ ଝିଅଟି, ହସ ହସ ମୁହଁ ସତ୍ତ୍ୱେ ସଭିଙ୍କ ଆଖିରୁ ବହି ଯାଉଥିଲା କିଛି ବିନ୍ଦୁ ଆନନ୍ଦାଶ୍ରୁ । ସତରେ ସେମାନେ ଯୁଦ୍ଧ ଜୟ କରି ସାଜିଥିଲେ ବିଜେତା ଏବଂ ଫେରାଇ ଦେଇଥିଲେ ଇସ୍ତାହାର: ଏକ ଆଗତ ମୃତ୍ୟୁର, କିନ୍ତୁ ସମ୍ପ୍ରତି ଦେଶ ମାତୃକାର ସେବାରେ ଅନେକ ସୈନିକ ବୀରତ୍ୱର ସହ ମୃତ୍ୟୁ ଇସ୍ତାହାର ସ୍ୱୀକାର କରୁଛନ୍ତି । ସେମାନଙ୍କୁ ସମସ୍ତଙ୍କ ତରଫରୁ ମୋର ସହୃଦୟ ନମନ ।... ବାସ୍ତବରେ ଯୁଦ୍ଧ ନୁହେଁ ଶାନ୍ତି, ଭାତୃତ୍ୱ ଭାବ ଓ ମୈତ୍ରୀ ବିଶ୍ୱର ପରିଚାଳକ ହେବା ସର୍ବାଦୌ ବିଧେୟ ।

ନୟାପଲ୍ଲୀ, ଆଇ. ଆର୍.ସି ଭିଲେଜ୍,
ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ସରୋଗେଟ୍ ମଦର୍



ଲକ୍ଷ୍ମୀପ୍ରିୟା ପରିଡ଼ା

ହସ୍ପିଟାଲର କୋମଳ ବେଡ୍‌ରେ ଅତି ଯତ୍ନର ସହ ରଖାଯାଇଥିବା ବସ୍ତୁଟିର ନାଁ ହେଉଛି କାଞ୍ଚନ । ଆଜି ତାର ଯତ୍ନ ନେବାକୁ ବହୁତ ଲୋକ ପାଖରେ ଅଛନ୍ତି । ଆଜି ସେ ବହୁତ ଧନୀ ଯେ ହୋଇଯାଇଛି । ହଁ ମ ! ଗରିବ ଥିଲା ବେଳେ କେତେ ଜଣ ତାକୁ ଚିହ୍ନିଥିଲେ କି ? ସଫେଦ ତକିଆ କୋଳରେ ମୁଣ୍ଡ ରଖି କାଞ୍ଚନ ଏମିତି କଥା ସବୁ ଭାବୁଥିଲା ଆଉ ଓଲଟାଉ ଥିଲା ତାର ସେ ଅଦେଖା ଇତିହାସ । ଅବଶ୍ୟ ଏହାକୁ revision କରିବାଟା ତାର ଦରକାର ନାହିଁ, ଏ ଇତିହାସ ତା ମୁଖରେ ମୁଖସ୍ଥ ।

ସେ ଆଜି ଗରିବରୁ ଧନୀ ହୋଇଯାଇଛି । ଦିନ ଥିଲା, ସେ ବି ଗୋଟେ ଝିଅ ଥିଲା, ତାର ବି ସ୍ୱପ୍ନ ଥିଲା । ହେଲେ ଗରିବ ଖଟିଖିଆ ଦିନ ମଜୁରିଆ ଝିଅର କେଉଁ ସ୍ୱପ୍ନ ପୂର୍ଣ୍ଣ ହୁଏ ଯେ । ନିଜ ସମସ୍କନ୍ଧ ଜଣେ ଉତ୍ତମ ପାତ୍ର ଦେଖି କାଞ୍ଚନର ବିବାହ ହୁଏ । ବିବାହ ତ ନୁହେଁ ଏକ ବନ୍ଧନ । ଆଉ ପାତ୍ର ଉତ୍ତମ ! ହଁ ନିଶ୍ଚୟ ତାଙ୍କ ନାମ ହିଁ ତ ଉତ୍ତମ, କାମ ନୁହେଁ । ସମୟ ସୁଅରେ କାଞ୍ଚନ ଝିଅ ନାମକ କୁଳରୁ ବାହାରି ମା' ନାମକ କୂଳରେ ପହଞ୍ଚିସାରିଥାଏ । କାଞ୍ଚନ ନିଜେ ସିନା ଦରିଦ୍ର, ଆର୍ଥିକ ଅନାଟନରେ ବହି ଖାତା ଦେଖିନି ହେଲେ ତାର ଇଚ୍ଛା ତା ପୁଅ ସୋମୁ ଭଲ ସ୍କୁଲରେ ପାଠ ପଢ଼ିବ, ଭଲ ଖାଦ୍ୟ ଖାଇବ, ଭଲ ଜୀବନଟେ ଜୀଇଁକି ଦିନେ ବଡ଼ ମଣିଷଟେ ହବ । ହେଲେ ଏ ସୋମୁ ର ବାପା କ'ଣ ଏତେ କଥା ମୁଣ୍ଡକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେଉଛି । ତାର ତ ଖାଲି ମଦ ଆଉ ମଦ । ଦିନରେ ବାହାରେ ଝଗଡ଼ା କରି ମାଡ଼ ଖାଇବ ଆଉ ରାତିରେ ଘରେ ଝଗଡା କରି ମାଡ଼ ଖୁଆଇବ । ସେ କଣ ବୁଝିବ ପିଲାର ଭବିଷ୍ୟତ । ସେଥିପାଇଁ ତ କାଞ୍ଚନ ନିଜେ ଘରୁ ପାଦ କାଢ଼ିଛି । ପାଦ ବାହାର ତ କରିଦେଇଛି, ହେଲେ ଏ ପାଦ ଯାଇ କୋଉଠି ରହିବ କିଏ ଜାଣେ ?

ଅଶିକ୍ଷିତ କାଞ୍ଚନ ଅନ୍ୟ ବଡ଼ ବାବୁ ମାନଙ୍କ ଘରେ କାମ କରେ । ସେଠୁ ଯେଉଁ ପଇସା ମିଳେ, ସେଥିରେ ଘର ଚଳାଏ । ପୁଅକୁ ପାଠ ପଢ଼ାଏ । ବାକି ଯାହା ଥାଏ ମତୁଆଲା ସ୍ୱାମୀ ନେଇଯାଏ ସୁରାଖଟିରେ ନିସ୍ତେଜ ହବାକୁ । ଏତେ ସବୁ ଦୁଃଖରେ ମଧ୍ୟ ପୁଅ ସୋମୁ ପାଇଁ ସବୁ ଦୁଃଖକୁ ଜଳାଞ୍ଜଳି ଦେଇ ହସୁଥାଏ କାଞ୍ଚନ । ଦିନେ ସୋମୁର ଅସୁସ୍ଥତା ଦେଖି ଡାକ୍ତର ବାବୁଙ୍କ ପାଖକୁ ନେଇ ଯାଇଥିଲା । ସବୁ ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ବାବୁ କହିଲେ ସୋମୁକୁ କାଳେ ରକ୍ତ କର୍କଟ ହେଇଛି । ନିରବି ଗଲା କାଞ୍ଚନ । ହସ, ଖୁସି ଭୁଲି ଦରଜ ଓ ଜଖମକୁ ଅଙ୍ଗ ଅଳଙ୍କାର ପରି ବୋହି ବାଟ ଚାଲୁଥିବା ନାରୀ ପ୍ରତାରଣାର ଆରୋପ ଲଗାଇ ଈଶ୍ୱରଙ୍କୁ ଭର୍ତ୍ସନା କରିବାରେ ଲାଗେ । ପୁଣି ଲୁହ ପୋଛେ ଆଉ ଭାବେ ଯାହା ବି ହେଉ ପଛେ ସୋମୁର କିଛି ହେବାକୁ ଦେବନି । ହେଲେ ଡାକ୍ତର ବାବୁ କହୁଛନ୍ତି ଗୁଡ଼ାଏ ଟଙ୍କା ଲାଗିବ । ଏତେ ଟଙ୍କା ତ ସେ ନିଜେ ଦାସୀ ହୋଇଗଲେ ବି ପାଇବନି, ତେବେ କ'ଣ କରିବ ? ପୁଣି ତା ମନକୁ ଆସେ ଯେଉଁ ପଟ୍ଟନାୟକ ବାବୁ ଙ୍କ ଘରେ କାମ କରୁଛି, ସେ ତ ବହୁତ ଧନୀ, ତାକୁ ନିଶ୍ଚୟ କିଛି ସାହାଯ୍ୟ କରିବେ ।

ପଟ୍ଟନାୟକ ଦମ୍ପତି ତ ଟଙ୍କାରେ ଶୁଅନ୍ତି । ହେଲେ ସେ ନିଦ ସୁଖର ଅଳସ ଦିଏନି କାରଣ ବିବାହର ଏତେ ବର୍ଷ ପରେ ବି କୋଳକୁ ନୂଆ ଅତିଥିଟେ ଆସିନି । ଏହା ହିଁ ଦୁଃଖରେ କାରଣ । ପଟ୍ଟନାୟକ ଦମ୍ପତି ଭାରି ଦୟାଳୁ । ସବୁ ଶୁଣି ସେମାନେ ମଧ୍ୟ ସାହାଯ୍ୟ କରିବାକୁ ରାଜି ହୋଇଗଲେ । ବିନା ମତଲବରେ କେଉଁ ଆଶା ପୂର୍ଣ୍ଣ ହୁଏ ଯେ, କାଞ୍ଚନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଃଖ ପୂର୍ଣ୍ଣ ହେବ । ଏକ ଦୀର୍ଘ ନିରବତା ଭାଙ୍ଗି ପଟ୍ଟନାୟକ ଦମ୍ପତି ଏକ ପ୍ରସ୍ତାବ ବାଢ଼ିଥିଲେ । ପ୍ରସ୍ତାବ ତ ନୁହେଁ ଏକ ଅଶାନ୍ତ ସର୍ତ୍ତ । ସର୍ତ୍ତଟି ଥିଲା - କାଞ୍ଚନକୁ ପୁଣି ଥରେ ମା' ହେବାକୁ ପଡିବ । ସର୍ତ୍ତଟି ଯେମିତି ଚମକେଇଦେଇ ଥିଲା କାଞ୍ଚନକୁ । ପୁଅ ବୋଲି ଗୋଟିଏ ସୋମୁ, ତାକୁ ପାଳିବାରେ କାଞ୍ଚନକୁ କେତେ କ'ଣ ସହିବାକୁ ପଡ଼ିଛି, ଆଉ ଗୋଟିଏକୁ କେମିତି ଆଣିବ ଏ ଦୁନିଆକୁ । ପଟ୍ଟନାୟକ ଦମ୍ପତି ବୁଝାଇ ଦେଇଥିଲେ ଯେ, ଶ୍ରୀମତି ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଅସୁବିଧା କାରଣରୁ ସେ ମା' ହେବାକୁ ଉପଯୁକ୍ତ ନୁହନ୍ତି । ହେଲେ ତାଙ୍କର ନିଜର ଉତ୍ତରାଧିକାରୀଟେ ଦରକାର ।

ତେଣୁ ସେମାନେ ଚାହାନ୍ତି ସେମାନଙ୍କ ଅଂଶ କାଞ୍ଚନ ଗର୍ଭରେ ବଢୁ । ଅଥଳ ଜୁଆରର ଢେଉ ଭାଙ୍ଗୁଥିଲା କାଞ୍ଚନ ମନରେ । ସେ ଗରିବ, ସେ ନିରୀହ, ବେସାହାରା ହେଲେ ତା ସତୀତ୍ୱରେ କେବେ ଦାଗ ଲାଗିନି । ଆଉ ଆଜି କିଛିଟା ଟଙ୍କା ପାଇଁ ସେ କଳା ଦାଗ ଲଗେଇଦବ ? କେମିତି ?

ହେଲେ ସୋମୁ ବି ତ ତାର ସତୀତ୍ୱର ପ୍ରମାଣ । ଗୋଟେ ପଟେ ସୋମୁ ଆଉ ଗୋଟେ ପଟେ ଇଚ୍ଛାହୀନ ନାରୀତ୍ୱ । ଦୋଛକିରେ ଛିଡ଼ା ହୋଇ ନିଷ୍ଠୁର ପ୍ରସ୍ତାବର ପ୍ରତ୍ୟାଖାନ କରିଦେଲା । ଶ୍ରୀମତି ପଟ୍ଟନାୟକ କାଞ୍ଚନକୁ ରୁମ୍ ଭିତରକୁ ନେଇ ସବୁ ବୁଝାଇଦେଲ । ତା ନାରୀତ୍ୱରେ କିଛି ପ୍ରଶ୍ନ ଉଠିବନି । ସେ ମା' ତ ବନିବ ହେଲେ ସେ ମା' ର ଅନ୍ୟନାମ ରହିବ - "ସରୋଗେଟ୍ ମଦର୍" । ଏ ଇରାଂଜୀ ଶବଦର ମାନେ ଟା କଣ ବୁଝିବାକୁ ଚେଷ୍ଟା କରୁଥିଲା କାଞ୍ଚନ। ତାକୁ ପଟ୍ଟନାୟକ ଦମ୍ପତିଙ୍କ ଅଂଶକୁ ନିଜ ଗର୍ଭରେ ଧାରଣ କରିବାକୁ ହେବ। ଶିଶୁ ଟି ଜନ୍ମ ହେବା ପରେ ସେ ଶିଶୁଟି ପଟ୍ଟନାୟକ ଦମ୍ପତିଙ୍କର ହୋଇଯିବ। ଏହାର ସମସ୍ତ ଭରଣପୋଷଣ ସେମାନେ କରିବେ। ଡାକ୍ତର ମାଡାମ ବି ବୁଝେଇ ଦେଇଥିଲେ - ଏଇ ଯୋଉ କାମ କାଞ୍ଚନ କରୁଛି। ଏହା ଖାଲି କାମ ନୁହେଁ। ଗୋଟେ ପୁଣ୍ୟ କାମ - କାହା ଆଶାକୁ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୂର୍ଣ୍ଣ କରି ଗୋଟେ ବଡ଼ ଉପାଧୀ ପାଇବ - ସରୋଗେଟ୍ ମଦରର୍ । ଆଜି ହେଉଛି ସେଇଦିନ। ଯେଉଁଦିନକୁ ସମସ୍ତେ ଅପେକ୍ଷା କରିଥିଲେ। ଯା ଭିତରେ ବହୁତ ଆଦର ଯତ୍ନ ପାଇଛି କାଞ୍ଚନ। କେବଳ ନିଜ ସ୍ୱାମୀ ଠୁ ଯାହା ନିନ୍ଦା ଅପବାଦ ଶୁଣିଛି । ସେ ଆଡ଼କୁ ତାର ନଜର ନଥାଏ । କିଛି ସମୟ ଅତିବାହିତ ପରେ ଏକ ନବଜାତ ଶିଶୁର ଆବିର୍ଭାବ ହେଲା । କାଞ୍ଚନକୁ ଟଙ୍କା ମିଳିଲା ସୋମୁର ଚିକିତ୍ସା ପାଇଁ । ସେ ବହୁତ ଖୁସି, ହେଲେ କୋଉଠି ନା କୋଉଠି ତାକୁ ମାତୃତ୍ୱର କମି ହେଉଥିଲା । ଥରେ ଛାତିରେ ଚାପି ଧରି ଅନୁତାପ ଭରା ଆଖିରେ ସମର୍ପି ଦେଲା, ସେ ନିଷ୍ପାପ ଶିଶୁକୁ ଉକ୍ତ ଦମ୍ପତିଙ୍କ ହାତରେ ।

ସୋମୁର ଅବସ୍ଥା ଏବେ ବହୁତ ଖରାପ । ଏମିତିରେ ବି ବହୁତ ବିଳମ୍ବ ହୋଇସାରିଛି, ତା' ଚିକିତ୍ସାରେ । ସୋମୁର ଚିକିତ୍ସା ଚାଲିଥାଏ । ହସ୍ପିଟାଲ ତ ଯେମିତି କାଞ୍ଚନର ଘର ପାଲଟି ଯାଇଥାଏ । ଠିକ୍ ଏହି ସମୟରେ ସମାନ ଦମ୍ପତିଙ୍କ ପ୍ରବେଶ । କାଞ୍ଚନ ତାଙ୍କୁ ଦେଖି କୃତଜ୍ଞତା ଭରା ଆଖିରେ ଧନ୍ୟବାଦର ବାର୍ତ୍ତା ପ୍ରଦାନ କରିବା ପୂର୍ବରୁ ଅନେକ ଭତ୍ସନାର ଅଧିକାରିଣୀ ହୋଇଗଲା । ରାଗ ଗରଗର ହୋଇ ଦୁହେଁ କାଞ୍ଚନକୁ କେତେ କ'ଣ ଶୁଣାଇ ଦେଲେ।

- ନେ, ଧର୍ ତୋ ଛୁଆ.... ଦରକାର ନାହିଁ ଆମର ଏ ଛୁଆ ଆଉ ହଁ ତୁ ଯାହା ବି ଟଙ୍କା ଆମ ଠୁ ନେଇଛୁ ସେ ସବୁକୁ ଏବେ ଏଇ କ୍ଷଣି ଆମକୁ ଫେରେଇ ଦେ।

- ଟଙ୍କା ଫେରେଇଦେବି.... ଛୁଆ ଦରକାର ନାହିଁ । କ'ଣ ଏସବୁ କହି ଯାଉଛ ବାବୁ ।

- ଏତେ ଆଉ ଅଜଣା ଚାଉଳ ଭାତ ଖାଆନି। ଟଙ୍କା ନେଲା ବେଳକୁ ନେଲୁ, କ'ଣ ନା ପୁଅ ଦେହ ଖରାପ । ଆଉ ଆମେ ତତେ ସେଇ ସାହାଯ୍ୟ ବି କରିଛୁ। ହେଲେ ତୁ କଣ କଲୁ ? ଆମକୁ ହିଁ ଠକିଲୁ । ଏ ଅନ୍ଧ ବିକଳାଙ୍ଗ ଛୁଆକୁ ଆମ ବେକରେ ଛନ୍ଦି ଦେବାକୁ ବସିଛୁ।

- କିଏ ଅନ୍ଧ ? କିଏ ବିକଳାଙ୍ଗ ? ଏ ପିଲା ତୁମର ବାବୁ। ମୁଁ ତ ମାତ୍ର ଜରିଆ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଜମା ନୁହେଁ, ଏ ବିକଳାଙ୍ଗ ଛୁଆ ଆମର ହୋଇ ପାରେନା । କ'ଣ କରିବ ଏ ଛୁଆ ବଡ଼ ହୋଇ । ଓଲଟା ଆମକୁ ହିଁ ୟାର ସେବା କରିବାକୁ ପଡ଼ିବ ଜୀବନସାରା । ଅଚଳାଚଳ ସମ୍ପତ୍ତି, ତାର ଦେଖାଶୁଣା ଏ ଅନ୍ଧ, ବିକଳାଙ୍ଗ କରିପାରିବନି । ୟାକୁ ରଖି ଆମର ଲାଭ କ'ଣ ?

ଏମିତି ହଜାର ଯୁକ୍ତିତର୍କକୁ କାଞ୍ଚନ ଏଡାଇ ପାରିନଥିଲା । କାଞ୍ଚନ ସାମ୍ନାରେ ହିଁ ସେମାନେ ଛୋଟ ଶିଶୁକୁ ହସ୍ପିଟାଲ ବେଞ୍ଚ୍ ଉପରେ ରଖିଦେଇ ଚାଲିଗଲେ । ଆଉ ସାଙ୍ଗରେ ସେମାନେ ଦେଇଥିବା ଅଧା ଟଙ୍କାକୁ ମଧ୍ୟ ନେଇଗଲେ।

ପ୍ରତିକ୍ଷଣେ ଜନ୍ମ ନେଉଥିବା ମୃତ୍ୟୁଞ୍ଜୟୀ ଅଭିଳାଷ, ଢେଉ ଭଳି ଯେମିତି ଉଭେଇ ଯାଉଥିଲା । ଠିକ୍ ଏହି ସମୟରେ ଡାକ୍ତର ଆସି କହିଗଲେ - “ପ୍ରାଥମିକ ସ୍ଥିତିରେ ଅବହେଳା ପାଇଁ ସୋମୁକୁ ଆମେ ବଞ୍ଚେଇ ପାରିଲୁନି ।” ସଂଜ୍ଞାହୀନ ହୋଇ ଥପ୍ କରି ବସିଗଲା କାଞ୍ଚନ, ହସ୍ପିଟାଲ ବାରଣ୍ଡାରେ । ଚେତନାକୁ ଫେରିଲା, ସେଇ ହସ୍ପିଟାଲ ବେଞ୍ଚରେ ପଡ଼ିଥିବା ଶିଶୁର ରୋଦନରେ।

ଗଣୁଥାଏ - "ସ୍ୱାମୀ ପାଖେ ସତୀତ୍ୱକୁ ହରେଇଲି।

- ମା ହୋଇ ପୁଅକୁ ହ୍ରେଇଲି।

- ସମାଜ ପାଇଁ ନିଜ ଅସ୍ତିତ୍ୱ ହରେଇଲି।"

ପାଇଛି ବି - ଅନିଚ୍ଛାରେ ଜାତ ଏକ ବିତାଡିତ ଶିଶୁ ଆଉ ଗୋଟେ ଶିହରାଉଥିବା ଉପାଧି । - "ସରୋଗେଟ୍ ମଦର୍ "........

ଡେଲାଙ୍ଗ, ପୁରୀ
୯୭୭୭୬୮୭୫୨୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାହାଣୀ ଏକ ତେଜପତ୍ରର



ନିତ୍ୟ ରଞ୍ଜନ ନନ୍ଦ

ଏକ ପୁଲକିତ ସଂଧ୍ୟାରେ ସୁନ୍ଦର ବିବାହ ଭୋଜିରେ ଯୋଗ ଦେଇଥିଲି । ଏମିତିତ କେତେ ଭୋଜି ଭାତରେ ଯୋଗଦେଇଛି ହେଲେ ସେଦିନର କାହାଣୀ ଥିଲା ନିରୋଳା । ଖିରି ଖାଇବା ପୂର୍ବରୁ ସମସ୍ତେ ପ୍ରଥମେ ସେଥିରେ ପଡିଥିବା ତେଜପତ୍ରଟିକୁ କାଢି ଫିଙ୍ଗି ଦେଉଥିଲେ । ମୁଁ ବି ଫିଙ୍ଗି ଦେଲି । ଆଗରୁ ବି ବହୁବାର ଏପରି କରିଛି । ଏଥିରେ କିଛି ନୂତନତ୍ୱ ନାହିଁ । କିନ୍ତୁ ଆଜିକାହିଁ ଅନୁଭବ କଲି ବିଚରା ତେଜପତ୍ରଟି ମତେ କିଛି କହିବାକୁ ଚେଷ୍ଟାକରୁଛି । ଖାଇପାରିଲିନି ଆଗକୁ । ହାତ ଧୋଇ ବୁଝିବାକୁ ବହୁ ଚେଷ୍ଟାକଲି ତାର ମନସ୍ତତ୍ତ୍ୱକୁ ।

ଅଚାନକ ନଜର ପଡିଲା ଆଧୁନିକ ଗୀତର ଦୁନ୍ଦୁଭି ଆଉ ଠେଲା ପେଲାର ଗହଳି ପୁଳାପୁଳା ଅଇଁଠା ଭିତରେ ଏକାନ୍ତସ୍ଥାନ ଖୋଜି ଗୋଟିଏ ଚୌକିରେ ବସେଇ ଦିଆଯାଇଛି ଏକ ବୃଦ୍ଧବ୍ୟକ୍ତିଙ୍କୁ ବଙ୍କୁଲି ବାଡିର ସାହାରାରେ । ହଁ ହୁଏତ କହିବା ବାହୁଲ୍ୟ ହୋଇପାରେ ଉନ୍ନତ ନହେଲେ ବି ଭଲପୋଷାକ ପିନ୍ଧିଥିଲେ ବୃଦ୍ଧ ଜଣକ ।

ପାଖକୁ ଗଲି । ନିଜେ ଗୋଟେ ଚେଆର ନେଇ ପାଖରେ ବସିଲି ।

ବୃଦ୍ଧ ମୋତେ ଚାହିଁ ସାମାନ୍ୟ ହସି କହିଲେ, "ପୁଅର ସାଙ୍ଗ ?"

ହଁ ଆଜ୍ଞା, କହୁକହୁ କହିଲି, "ମଉସା ମତେ ଚିହ୍ନି ପାରୁନାହାନ୍ତି, ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ପରା... ।"

"ବାପା ଆଉ ଆଖିକୁ ଭଲକି ଦେଖାଯାଉନି । ଏଣେ ଝକମକ ଆଲୁଅରେ ଆଖିକୁ ସବୁ ଜାଲୁଜାଲୁଆ ଦିଶୁଛି ।" କହିଲେ ମଉସା ।

"ବଢ଼ିଆ ବନ୍ଦୋବସ୍ତ କରିଛି ଆପଣଙ୍କ ପୁଅ, ବଢ଼ିଆ ଖାଇବା, ଖିରିଟା ତ ସବୁଠାରୁ ବଢ଼ିଆ ହେଇଛି । ହେଲେ ଆପଣ ସେ ପେଣ୍ଡାଲରେ ବସିଲେନି । ଯାହାହେଲେ ଆଜି ଆପଣଙ୍କ ନାତିର ବାହାଘର ଭୋଜି । ନାତି ଆଉ ନାତୁଣିବୋହୁ ସହିତ ଫଟୋ ଉଠେଇ ଥାନ୍ତେ !"

ବଙ୍କୁଲିବାଡିଟିକୁ ମଣ୍ଡପର ଘାସଗାଲିଚା ଉପରେ ଠୁକେଇ ଠୁକେଇ କହିଲେ ମଉସା, "ଫଟୋ ତ ସିଧା ଲୋକର ଉଠେ ବାପା । ମେରୁଦଣ୍ଡ ବଙ୍କା ହେଲେ କେବଳ ଏକ୍ସରେ ମେସିନରେ ଫଟୋ ଉଠାଯାଏ ଯାହାକୁ ଦେଖି ଡାକ୍ତର କହେ ଆଉ କେତେ ବଙ୍କା ହେବ । ଆଉ ଯାହାର ଫଟୋ ଫ୍ରେମର ରେଞ୍ଜ ଭିତରେ ଆସେନା ତାକୁ ଲେନସ ଆପଣା ଛାଏଁ କାଟିଦିଏ ।"

ପୁଣି ହସିଲେ ଆଉ କହିଲେ, "ମୁଁ ବସିଲେ, ଠିଆ ହୋଇଥିବା ନାତିନାତୁଣୀ ଆଉ ମୋ ପୁଅବୋହୁଙ୍କ ଫଟୋର ଠିକ୍ ପୋଜିସନ ଆସିବନି ସେଥିରେ ପୁଣି ମତେ ବାରମ୍ବାର ବାହାରକୁ ଆସିବାକୁ ପଡିବ । ମୁଁ ଡାଇବେଟିସ୍ ରୋଗିଟେ । ତେଣୁ ପୁଅ କହିଲା, ଏ ସବୁ ଭିଡିଓ ଆଉ ଫଟୋକୁ ଖରାପ କରିଦେବ । ତେଣୁ ଏଇଠି ବସ । ଘରେ ମୋ ସହ ସେମାନେ ଗୋଟିଏ ଫଟୋ ଉଠାଇଦେବେ ।"

ଫଟୋ ଉଠିବାର କ୍ଲିକ୍ କ୍ଲିକ୍ ଶବ୍ଦ ଆଉ ଫ୍ଲାସ ଲାଇଟିର ଚମକ ମୋ ମସ୍ତିସ୍କକୁ ଅସ୍ତ ବ୍ୟସ୍ତ କରି ଦେଉଥିଲା, ପଚାରି ଦେଲି, ଆପଣ ଆପଣଙ୍କ ପୁଅର କିଛି ଫଟୋ ରଖିଛନ୍ତି ?"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହସିଲେ ମଉସା । କହିଲେ "କିଛି ମାନେ ? କେବଳ ଫଟୋ ତ ଅଛି ମୋ ପାଖରେ । ଆଉ କିଛିନାହିଁ । ମନେପଡୁଛି ଯେହେତୁ ଏଡିକିଟିଏ ହେଇଥିଲା ସେ, କେତେବେଳେ ଘୋଡାହେଇ ପିଠିରେ ତାକୁ ବସାଇ ଫଟୋ ଉଠେଇଛି ତ କେତେବେଳେ କାନ୍ଧରେ ବସେଇ ବଳଦ ହେଇଛି ତ କେତେବେଳେ କୋଳରେ ବସେଇ ଘଣ୍ଟାଘଣ୍ଟା ଝୁଲେଇଛି । ଭାରି ଗୁଲୁଗୁଲିଆ ହେଇଥିଲା ଛୋଟବେଳେ । ଏବେ ତୋ ସାଙ୍ଗଟା ଝଡି ଗଲାଣି ।"

ମୁଁ ବଡ ଅଭିମାନ ଭରା କଣ୍ଠରେ କହିଲି, "ଆପଣ ଆପଣଙ୍କ ପୁଅକୁ ପାଟି କଲେନି । ଆପଣ ତା ପାଇଁ କଣ ନ କରିଛନ୍ତି । ଆଜି ତାର ଏ ପ୍ରତିପତି, ଖାତିର, ଧନ ସଂପତ୍ତି ସବୁତ ଆପଣଙ୍କ ତ୍ୟାଗର ଫଳ । ଆପଣ ସେତକ ନ କରିଥିଲେ ସେ ଆଜି ଏ ସ୍ଥାନରେ ପହଞ୍ଚି ପାରିଥାନ୍ତା କି ?"

ମତେ ଚାହିଁ ପୁଣି ହସିଲେ ସତ, କିନ୍ତୁ ସେଥିରୁ ସ୍ପଷ୍ଟ ଯନ୍ତ୍ରଣା ବାରି ହେଇଯାଉଥିଲା ।

କହିଲେ, "ଏଇ କିଛିସମୟ ପୂର୍ବରୁ କହିଲୁ ଯେ ଖିରିଟା ଭଲ ହେଇଛି ଖାଇଲୁ । ହେଲେ କହିଲୁ ମତେ ସେଥିରେ ପଡିଥିବା ତେଜପତ୍ରଟିକୁ କଣ କଲୁ ପୁଅ ।"

ହସିଲି, "ଆଗ ପତ୍ର କଡକୁ କାଢିଦେଲି ।" କହିଲି ।

ବାସ୍ । ସେ ତେଜପତ୍ରଟି ତତେ କିଛି ଅଭିଯୋଗ କରିନି । କାରଣ କଣ ଜାଣୁ ? ତାକୁ ସିଝେଇ ସିଝେଇ ତାର ସମସ୍ତ ବାସକୁ ଖିରିରେ ମିଶେଇ ସାରିଛି ରୋଷେଇଆ ବହୁ ଆଗରୁ । ସେ ଏବେ ଏକ ଅଦରକାରୀ ସାମାନ୍ୟ ପତ୍ରଟିଏ । ଯେ ପର୍ଯ୍ୟନ୍ତ ତାକୁ ଖିରିରୁ ଅଲଗା ନ କରାଯିବ ସେ ପର୍ଯ୍ୟନ୍ତ ଖିରି ଖାଇବାରେ ମଜା ଆସିବନି । ହଁ ଏହା ସତ୍ୟ ଯେ ବିନା ତେଜପତ୍ରରେ ଖିରି ହେବ ନାହିଁ । ଆମେ ସମସ୍ତେ ଗୋଟିଏ ଗୋଟିଏ ତେଜପତ୍ରର କାହାଣୀ ପାଲଟିଲେ ବି ଅଭିଯୋଗର କ୍ଷମତା ହରେଇ ବସିବା ଦିନେ ନା ଦିନେ । ତଥାପି ଯୁଗ ପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯୁଗ ଯିବ ବାପା, ତେଜପତ୍ର ତାର କର୍ତ୍ତବ୍ୟରେ ଅବହେଳା କରିବନି ।"

ସେଦିନ ଭାବିଲି ମୋ ସାଙ୍ଗକୁ କିଛି କହିବି । ମଉସାଙ୍କ ପାଖରୁ ବିଦାୟ ନେଇ ସାଙ୍ଗ ପାଖକୁ ଗଲିବି ।

ସାଙ୍ଗଟି ଭିଡ ଭିତରେ ଫଟୋ ଉଠାରେ ଏତେ ବ୍ୟସ୍ତ ଥିଲା ଯେ ମତେ ଦେଖୁଦେଖୁ କହିଲା, "ଖାଇଲୁ । ସବୁ ଠିକ୍ ଠାକ୍ । ଆରେଞ୍ଜମେଣ୍ଟ କେମିତି ଲାଗୁଛି ? ଆଚ୍ଛା ମୁଁ ରହିଲି । ପୁଅ ଡାକିଲାଣି ତା ସାଙ୍ଗମାନଙ୍କ ସହିତ ଫଟୋ ଉଠେଇବାର ଅଛି । ତୁ ଯା ପରେ କଥା ହେବା ।"

ଏକା ନିଶ୍ୱାସରେ ଏତକ କହିଦେଇ ସାଙ୍ଗ ମୋ ପାଖରୁ ଚାଲିଗଲା । ମୁଁ କିଛି କହିବା କହିବା ହେଇ ରହିଗଲି । ଫେରିଲା ବେଳେ ତଳେ ଇତସ୍ତତଃ ହେଇ ପଡିଥିବା କିଛି ତେଜପତ୍ରକୁ ନିମନ୍ତ୍ରିତ ଅତିଥି ଦଳିମକଚି ଯିବାର ଦେଖୁଥିଲି ଯା ।

ଡି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୧୭୮୪୨୪.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସହାୟ କଳାକାର



ଦୀପକ ଷଡ଼ଙ୍ଗୀ

ଦିବାକର ବସି ଭାବୁ ଥିଲା ତା ପୁଅ ପାଇଁ ଏଠି ଅର୍ଥ ଓ ଚିକିତ୍ସାର ବ୍ୟବସ୍ଥା ହୋଇ ପାରିବ କି ନାହିଁ । ମେଳା, ମହୋତ୍ସବ, ଗାଁ ଯାତ୍ରା, ଟିଭି, ରେଡିଓ, ସରକାରୀ କାର୍ଯ୍ୟକ୍ରମ ଆଦିରେ ମର୍ଦ୍ଦଳ ଭଳି ପାରମ୍ପରିକ ବାଦ୍ୟ ବଜେଇ ସେ ଖୁବ୍ ନା କମେଇ ଥିଲା । ଅନେକ ମଞ୍ଚ, ସଂସ୍ଥା, ସରକାରୀ କାର୍ଯ୍ୟକ୍ରମ ଆଦିରୁ ପୁରସ୍କାର ପ୍ରାପ୍ତ ହୋଇଥିବା ଜଣେ କଳାକାରକୁ ବି ଏମିତି ଦୁର୍ଦ୍ଦିନର ସାମ୍ନା କରିବାକୁ ପଡିବ ବୋଲି ସେ କେବେ ବି ଭାବି ନ ଥିଲା ।

ପାକସ୍ଥଳୀ କର୍କଟ ରୋଗରେ ପୀଡିତ ହୋଇଥିବା ତା'ର ଏକମାତ୍ର ପୁଅ ବିଶୁର ଚିକିତ୍ସା ପାଇଁ ଟଙ୍କା ଯୋଗାଡ କରିବାକୁ ଡାକ୍ତର ତାକୁ କହି ଦେଇଥାଆନ୍ତି । ଏତେ ପଇସା ସେ ଆଣିବ ବା କେଉଁଠୁ କଳାକାରକୁ ସମ୍ମାନ ମିଳେ ସତ ହେଲେ ଦୁର୍ଗତିରେ ପଡିଥିବା କଳାକାର ସମ୍ମାନକୁ ନେଇ କରିବ କଣ ? ସେ ବାଟରେ ଚାଲି କି ଯାଉଯାଉ ଦେଖିଲା ଗୋଟେ ରକ୍ତଦାନ ଶିବିରର ଆୟୋଜନ ହେଉଥାଏ ଭାବିଲା; ଏଇଠି ତ ବହୁତ ସ୍ୱେଚ୍ଛାସେବୀ ବଡ ବଡ ଲୋକ ସବୁ ଥିବେ ମୋ ଦୁଃଖ କାହାଣୀ ଶୁଣିଲେ କିଏ ନା କିଏ ତ ନିଶ୍ଚିତ ସାହାଯ୍ୟର ହାତ ବଢେଇବ । ସେ ସେଠିକି ଗଲା ସଂସ୍ଥାର ମୁଖ୍ୟ ରୋଶନ ବାବୁଙ୍କ ସହ କଥା ହେଇ ସବୁ ଜଣେଇଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରୋଶନ ବାବୁ କହିଲେ "ସବୁ ଠିକ ଯେ କିନ୍ତୁ ଏ ଜାଗାରେ ତୁମକୁ କୌଣସି ସାହାଯ୍ୟ ମିଳିବନି । ତୁମେ କାଲି ଆସି ମୋ ଘରେ ମୋତେ ଦେଖା କର ।" ଏତିକି କହି ସେ ତାଙ୍କର ଘର ଠିକଣା ଦିବାକରକୁ ଦେଲେ । ମନ ଦୁଃଖରେ ଡାକ୍ତରଖାନାକୁ ଫେରିଆସି ପୁଅ ପାଖରେ ବସିଲା ପୁଅ ବିଶୁ ସେଇଠି ପଡି କି ଯନ୍ତ୍ରଣାରେ ଛଟପଟ ହଉଥାଏ । ସ୍ତ୍ରୀ ରମା ପାଖରେ ବସି କହୁଥାଏ, "ତମେ ତ କହୁଥିଲ ତମର ଏତେ ସବୁ ବଡ ବଡିଆ ଲୋକ ଚିହ୍ନା ଅଛନ୍ତି ଏତେ ଅନୁଷ୍ଠାନ ତମକୁ ସମ୍ମାନିତ କରିଛନ୍ତି ଆଉ କାଇଁ ସେ ସମ୍ମାନକୁ ଦେଖେଇଲେ କଣ ଆମ ପୁଅ ବଞ୍ଚିଯିବ । ବାହା ହେଇ କି ଆସିଲା ପରେ ତୁମକୁ ମୁଁ  କେତେ ବୁଝେଇଲି ଏ ସବୁ ବାଜାବାଣ ଆମ ପାଇଁ ନୁହେଁ; ପରିବାର ଚଳେଇବା ପାଇଁ କିଛି ଗୋଟେ ସ୍ଥାୟୀ ବ୍ୟବସ୍ଥା କର । ତୁମେ କିନ୍ତୁ ମୋ କଥା କିଛି ଶୁଣିଲନି ଯେତେବେଳେ ଦେଖିଲ ସେଇ ଘର ଭିତରେ ବସି  ସେ ବାଜାକୁ ଧରି ଢମଢମ କଲ । ଏବେ ହେଜ ଏ ବିପତ୍ତି ସମୟରେ ତମର କୋଉ ବାଜା କି ଗୀତ ତୁମର ପୁଅକୁ ଏ ରୋଗରୁ ବଞ୍ଚେଇବ !" ରମାର କଥା ଗୁଡାକ ଦିବାକରର ଅନ୍ତରକୁ ଚିରି ଦେଉଥାଏ । ଗୋଟେ କଳାକାରର ଭାଗ୍ୟ କଣ ଏତେ ହୀନ ଯେ ଯେଉଁ କଳାକୁ ବଞ୍ଚେଇ ରଖିବା ପାଇଁ ମୁଁ ମୋର ସର୍ବସ୍ୱ ଜୀବନକୁ ବାଜି ଲଗେଇ ଦେଲି ଆଜି ସେଇ କଳା ଯୋଗୁଁ ହିଁ ରମାର କୋଳ ଶୂନ୍ୟ ହୋଇଯିବ ? ଖରାରେ ବୁଲିବୁଲି ଆସି ଥକା ହୋଇ ବସିପଡିଥିବା ଦିବାକର ସେଇ ଡାକ୍ତରଖାନାର ବାରଣ୍ଡାରେ ହିଁ ଢୁଳେଇ ପଡିଲା  ।

ନିଦରେ ଦିବାକର ଆଖି ଆଗରେ ନାଚି ଯାଉଥାଏ ତା ପିଲାଦିନ କଥା । ଜେଜେ ବାପା ତାର ମୃଦଙ୍ଗ ବଜାଉଥିଲେ । ପିଲାବେଳୁ ତାଙ୍କରି ପାଖରେ ବସି ଶୁଣିଶୁଣି ଦେଖିଦେଖି ସେ ତା ଜେଜେଙ୍କ ଠାରୁ ଏ କଳାକୁ ଆୟତ୍ତ କରିଥିଲା । ବାପା ଯେତେ କହିଲେ ବି ପାଠପଢାରେ ତା'ର ମନ ଲାଗେନି । ଦିବାକରର ବୋଉ କିନ୍ତୁ ତାକୁ ଦିନେ କହିଥିଲା "ବାପରେ ଲକ୍ଷ୍ମୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରସ୍ୱତୀ ଦି ସଉତୁଣୀ । ଏକା ସାଙ୍ଗରେ ସେ କେବେ ବି ରହି ପାରିବେନି ।” ବୋଉର କଥାକୁ ସେ ଜମା କାନ ଦେଇ ନଥିଲା । ରାତିରାତି ଧରି ବସି ମୃଦଙ୍ଗ ବଜାଉ ଥିଲା ସେ । ଧୀରେଧୀରେ ମୃଦଙ୍ଗରୁ ସେ ମର୍ଦ୍ଦଳ ବଜେଇଲା । ଭଲ ବଜାଉଛି ବୋଲି କହି ଗାଁ ସରପଞ୍ଚେ ତା'କୁ ସହରକୁ ନେଇଗଲେ ବଡବଡ ସଙ୍ଗୀତ ସମାରୋହରେ ସେ ବଜେଇଲା । ଧୀରେ ଧୀରେ ନା କମେଇଲା । ଟିଭି, ରେଡିଓ ଆଦିରେ ବଜେଇ ବହୁ ସଂସ୍ଥା ତରଫରୁ ପୁରସ୍କୃତ ହେଲା । ରମା ସହିତ ବାହାଘର ବି ହେଇଗଲା । ସମୟ ବଦଳିବାକୁ ଲାଗିଲା । ମର୍ଦ୍ଦଳର ଜାଗା ନେବାକୁ ଡିଜିଟାଲ୍ ଅକଟାପ୍ୟାଡ୍ ଆସିଗଲା । ଲୋକେ ଆଉ ସେ ପୁରୁଣା କାଳିଆ ଗୀତ କି ବାଜାକୁ ପସନ୍ଦ କଲେନି । ଦିବାକରର ପ୍ରୋଗ୍ରାମ ସଂଖ୍ୟା ବି କମିବାକୁ ଲାଗିଲା । ଯାହା କିଛି ପ୍ରୋଗ୍ରାମରେ ମିଳି ଯାଉଥିଲା ଦୁଇ ପ୍ରାଣୀ ଚଳି ଯାଉଥିଲେ କିନ୍ତୁ ବିଶୁ କୋଳକୁ ଆସିବା ପରେ ଖର୍ଚ୍ଚ ବି ବଢିଲା । ତା ସାଙ୍ଗକୁ ଆୟ ବି କମିବାକୁ ଲାଗିଲା । ହଠାତ୍ ଦିନେ ବିଶୁର ଜୋରରେ ପେଟ ଯନ୍ତ୍ରଣା ବାହାରିଲା । ସ୍ୱାମୀ ସ୍ତ୍ରୀ ଦୁହେଁ ନେଇ ଡାକ୍ତରକୁ ଦେଖେଇଲେ । ଡାକ୍ତର କହିଲେ “ପରୀକ୍ଷା କରି କି ରିପୋର୍ଟ ଆଣ ।” ପରୀକ୍ଷା କରି ରିପୋର୍ଟରେ ବାହାରିଲା ଯେ ବିଶୁର କ୍ୟାନ୍ସରର ଦ୍ୱିତୀୟ ଅବସ୍ଥା । ଡାକ୍ତର ଶୁଣେଇ ଦେଲେ “ପିଲାର ଚିକିତ୍ସା ପାଇଁ ଦଶ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ । ପଇସା ଶୀଘ୍ର ଯୋଗାଡ କର ଅପରେସନ କରିବା; ନ ହେଲେ କ୍ୟାନସର ଦେହ ସାରା ମାଡିଯିବ ।” ଆକାଶ ଛିଣ୍ଡି ପଡିଲା ଦିବାକରର ମୁଣ୍ଡ ଉପରେ ସବୁ ବ୍ୟାଙ୍କ୍ ଖାତା ଘର ବାଡି ସବୁ ବିକ୍ରି କରି ଦେଲେ ବି ଦଶ ଲକ୍ଷ ଟଙ୍କା ସେ କେଉଁଠୁ ଆଣିବ ?

“ହେଇଟି ଶୁଣୁଛ ! ରାତି ପହିଲାଣି ପରା ତୁମେ ଯାଉନ ସେ ବାବୁଙ୍କ ପାଖକୁ । ସେ କହିଥିଲେ ପରା ତୁମକୁ ନେଇ କେଉଁଠିକି ଯିବେ ।” ସ୍ୱପ୍ନ ରାଇଜରୁ ଫେରିଆସିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିବାକର । ମୁହଁ ହାତ ଧୋଇ ବାହାରିପଡିଲା ସେ ରୋଶନ ବାବୁଙ୍କ ପାଖକୁ । ଏଇ ଆଶାରେ ଯେ କାଳେ କିଏ କେଉଁଠୁ ତାକୁ ସାହାଯ୍ୟ କରିଦେବ । ବହୁତ ଆଶା ନେଇ ସେ ପହଞ୍ଚିଲା ରୋଶନ ବାବୁଙ୍କ ଘରେ । ଘର ଆଗରେ ରୋଶନ ବାବୁ ତାକୁ ଦେଖିକି କହିଲେ "ଆରେ ହଁ ଦିବାକର ! ଆସ ମୋ କାରରେ ବସ ଆମେ ଆଜି ଯିବା ମନ୍ତ୍ରୀଙ୍କ ଘରକୁ । ତୁମ କାମ ସେଇଠି ହେଇଯିବ ।" ଦୁହେଁ ମିଶିକି ଗଲେ । ଦିବାକର କାରରେ ବସିଥାଏ ସେ କିଛି ବୁଝି ପାରୁ ନଥାଏ ଯେ ତା ସହିତ ଏ ସବୁ କଣ ହୋଇଯାଉଛି ବୋଲି । କାର୍ ଗୋଟେ ବିରାଟ ବଡ ଅଟ୍ଟାଳିକା ପାଖରେ ରହିଲା । ରୋଶନ ବାବୁ ତାକୁ ନେଇ ଭିତରକୁ ଗଲେ ଓ କହିଲେ "ତୁମେ ଏଇଠି ଅପେକ୍ଷା କର ମୁଁ ଭିତରକୁ ଯାଇ କଥା ହୋଇ କି ଆସୁଛି ।" ଦିବାକର ବାହାରେ ସେମିତି ମୁଣ୍ଡକୁ ତଳକୁ ପୋତି କି ଠିଆ ହୋଇଥାଏ ମନ୍ତ୍ରୀଙ୍କ ଗେଟ୍ ଆଗରେ ବଡବଡ ଆଲସିସିଆନ କୁକୁର ଦୁଇଟା ତାକୁ କଟ ମଟ ଚାହିଁକି ମଝିରେ ମଝିରେ ଦି ଚାରି ଭୁକିଦେଉ ଥାଆନ୍ତି ।

ରୋଶନ ବାବୁ କିଛି ସମୟ ପରେ ହସିହସି ଘର ବାହାରକୁ ଆସିଲେ କହିଲେ "ଦିବାକର ! ତମ ଭାଗ୍ୟ ବହୁତ ଭଲ ଯୋଗକୁ ଜର୍ମାନୀର ଶିଳ୍ପପତି ରୋଜର ଗିଲବଟ୍ ଓ ତାଙ୍କ ସ୍ତ୍ରୀ ଦୁହେଁ ଓଡିଶା ଆସୁଛନ୍ତି । ମନ୍ତ୍ରୀ ମହୋଦୟ ଚାହୁଁଛନ୍ତି ଯେ ତୁମେ ତାଙ୍କ ଆଗରେ ଆମ ଓଡିଶାର ଲୋକଗୀତ ଓ ବାଦ୍ୟକୁ ତୁମର ଦଳ ସହିତ ପ୍ରଦର୍ଶନ କର । ଆଉ ତୁମ ଗୀତନାଚ ଯଦି ତାଙ୍କୁ ଭଲ ଲାଗିଲା ତୁମ ପୁଅର ସବୁ ଖର୍ଚ୍ଚ ସେ ବହନ କରିବେ । ହୁଏତ ତୁମ ପୁଅକୁ ସେ ନେଇ ଜର୍ମାନୀରେ ଚିକିତ୍ସା ବି କରେଇ ପାରନ୍ତି । ତୁମେ ଏବେ ଯାଅ ତୁମର ଟିମ୍ ସହିତ ମିଶି ଭଲ କରି ଅଭ୍ୟାସ କର ଆଉ ଦୁଇ ଦିନ ପରେ ସେମାନେ ଆସିଯିବେ ।" ଏ ସବୁ ଶୁଣି ଦିବାକର ମନେମନେ ବହୁତ ଖୁସି ହୋଇଗଲା । ସ୍ତ୍ରୀକୁ କିଛି ନ ଜଣେଇ ସିଧା ଘର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହାଁ ହୋଇ ଚାଲିଲା । ଫୋନ କରି ସ୍ତ୍ରୀକୁ ଜଣେଇ ଦେଲା ଯେ ସେ ଦୁଇ ଦିନ ପରେ ଏକା ଥରେ ପଇସା ଧରିକି ହିଁ ଡାକ୍ତରଖାନାକୁ ଆସିବ । ରମା ଯେତେ ପଚାରିଲେ ବି ତୁମେ ଦୁଇ ଦିନ ଧରି କଣ କରିବ ବୋଲି ସେ ତା'ର କିଛି ଉତ୍ତର ନଦେଇ ଫୋନ କାଟିଦେଲା । ଆଉ କହିଲା ଯେ, "ମୋତେ ଏଇ ଦୁଇ ଦିନ ଜମା ବି ଫୋନ କରି ବ୍ୟସ୍ତ କରିବନି ବୋଲି ।" ଆଖଡା ସହିତ ମିଶି ଦିନରାତି ଏକ କରି ଦିବାକର ମର୍ଦ୍ଦଳରେ ସବୁ ପୁରାତନ ଛାନ୍ଦ, ଓଡିଶୀ ଆଦି ଗୀତ ଅଭ୍ୟାସ କରି ରଖିଲା । ସେପଟେ ବିଶୁର ଦେହ ଖରାପ ଆଡକୁ ଗତି କରୁଥାଏ । ଦିନ ଆସିଲା ରୋଜର ଗିଲବଟ୍ ଓ ତାଙ୍କ ସ୍ତ୍ରୀ ଆସି ଦିବାକର ଓ ତା ଗ୍ରୁପର ସଙ୍ଗୀତ ପରିବେଷଣ ଦେଖି ବହୁତ ଖୁସି ହେଲେ । ତାଙ୍କ ସହ ଫୋଟୋ ଉଠେଇଲେ ଟିଭି, ସଂବାଦପତ୍ର ଆଦିରେ ସେ ଦିବାକରର ବହୁତ ପ୍ରଶଂସା କଲେ । ଦିବାକର ରୋଶନ ବାବୁଙ୍କୁ ଧରି ତାଙ୍କ ପାଖକୁ ଗଲା ଓ କାକୁତିମିନତି ହୋଇ ବିଶୁ ବିଷୟରେ ସବୁ କଥା କହିଲା । ରୋଜର ଦମ୍ପତ୍ତି ସବୁ କଥା ଶୁଣି ଓ ତାକୁ ସେଇଠି ହିଁ ଦୁଇ ଲକ୍ଷ ଟଙ୍କାର ଚେକ୍ ଦେଇ କହିଲେ ଯେ "ତୁମେ ପୁଅର ଚିକିତ୍ସା ଆମେ ସବୁ କରେଇବୁ । ତୁମ ଭଳି କଳାପ୍ରେମୀର ଏ ଦୁଃଖ ଦେଖି ଆମେ ମନସ୍ଥ କରିଛୁ ତୁମର ପୁଅକୁ ଆମେ ନେଇ ତା'ର ଚିକିତ୍ସା ଜର୍ମାନୀରେ କରେଇବୁ ଓ ସେ ଜର୍ମାନୀକୁ ଯିବାର ସବୁ ବ୍ୟବସ୍ଥା ବି ଆମେ କରିବୁ ।" ରୋଶନ ବାବୁ ରୋଜର ଦମ୍ପତ୍ତି ଯାହା ସବୁ କହୁ ଥାଆନ୍ତି ତା'କୁ ଓଡିଆରେ ଅନୁବାଦ କରି ସେ ଦିବାକରକୁ ବୁଝେଇ ଦଉଥାଆନ୍ତି । ଯାହାକୁ ଶୁଣି ଦିବାକର ଏଣ୍ଡୁଅ ଭଳି ମୁଣ୍ଡ ଟୁଙ୍ଗାରୁଥାଏ ଓ ଆଖିରୁ ଧାରଧାର ଲୁହ ଗଡଉଥାଏ । ସେ ମନେମନେ ଭାବୁଥାଏ ଆମ ସରକାର ସିନା ଆମ ପାଇଁ କିଛି କଲେନି ହେଲେ ବାହାର ଦେଶର ଲୋକେ ଆମ କଳା, ସଙ୍ଗୀତ ଓ ସାହିତ୍ୟକୁ ଆମ ଠାରୁ ବି ଭଲ ବୁଝିଛନ୍ତି । ଯାହା ଫଳରେ ସେ ଗୋଟେ କଳାକାରର ହୃଦୟର ଦୁଃଖକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ପରଖି ପାରିଛନ୍ତି । ପରଦିନ ସକାଳେ ଦିବାକର ଟଙ୍କା ଓ ମାନପତ୍ର ଧରି ଡାକ୍ତରଖାନା ଆଗରେ ପହଞ୍ଚିଲା । ଦେଖିଲା ଡାକ୍ତରଖାନା ଆଗରେ ଲୋକ ରୁଣ୍ଡ ହେଇଛନ୍ତି । ସେ କାନେଇଲା ବେଳକୁ ଲାଗିଲା ଯେମିତି ରମାର କାନ୍ଦ ଶୁଭୁଚି । ଦଉଡି କି ଯାଇ ଭିଡ ଭିତରୁ ଦେଖିଲା ବେଳକୁ ରମା ବିଶୁର ଶବ ଉପରେ ମୁଣ୍ଡ ପିଟି କାନ୍ଦୁଛି । ଦିବାକର ମୁଣ୍ଡରେ ହାତ ଦେଇ ସେଇଠି ବସିପଡିଲା । ସେତିକିବେଳେ ଗୋଟେ ପେପରବାଲା ଟୋକା ପେପର ପେପର ଡାକି କି ଯାଉଥାଏ । ହଠାତ୍ ତା'ର ହାତରୁ ପେପର କିଛି ଖସି ପଡି ବିଛାଡି ହୋଇ କି ପଡିଲା । ଦିବାକର ଦେଖିଲା ସବୁ ପେପରର ପ୍ରଥମ ପୃଷ୍ଠାରେ ରୋଜର ଦମ୍ପତ୍ତି ଓ ମନ୍ତ୍ରୀଙ୍କ ସହ ତାରି ଫଟୋ ବାହାରିଛି ଓ ମୁଖ୍ୟପୃଷ୍ଠାରେ ଲେଖା ଅଛି "ଜର୍ମାନୀର ଶିଳ୍ପପତି ରୋଜର ଦମ୍ପତ୍ତି ଓଡିଶାରେ ମୋଟର ଯାନ ତିଆରି କାରଖାନା ବସେଇବା ସହିତ ଓଡିଶାର କଳା ଓ କଳାକାରଙ୍କ ଉନ୍ନତି ପାଇଁ ନିବେଶ କରିବେ ଦଶ ହଜାର କୋଟି ଟଙ୍କା ।"

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ସୁନନ୍ଦା ମହାନ୍ତି

ରବିବାର ସକାଳ କଫି କପ, ସବୁଦିନ ଠାରୁ ନିଆରା ଲାଗେ ସଂକେତଙ୍କୁ, କାରଣ ଆଜି ସେ କମ୍ପାନୀ ବନ୍ଦ୍ କରିଥାନ୍ତି, ସପ୍ତାହର ଗୋଟିଏ ଦିନ । ଆଜି କିନ୍ତୁ କଫି କପ୍ ଭିତରେ ସଂଚିତାଙ୍କ ଆଶୁବୋଲା ମୁହଁଟି ଛଡା ଆଉ କିଛି ଦେଖାଯାଉ ନଥିଲା ତାଙ୍କୁ, ଏମିତିରେ ପାଖରେ ବସି ସଂଚିତା ସମାଜର ମୂଖ୍ୟ ଖବର ଗୁଡିକୁ ପଢ଼ି ତର୍ଜମା ମଧ୍ୟ କରିବାକୁ ପାଖରେ ବସି ନାହାନ୍ତି । କୋଉ ଥିରେ ଅଭାବ ରଖିନାଂହାନ୍ତି ସଂକେତ । ଦୁନିଆଁର ସବୁ ଆଣି, ଯଥା ସବୁଠୁ ଦାମୀ ଫର୍ଣିଚର୍, ଦାମୀ ଗହଣା, ଶାଢ଼ୀ, ଚପଲ, କସ୍ମେଟିକ୍ସ ଇତ୍ୟାଦି ଆଣି ଅଜାଡ଼ି ଦେଇଛନ୍ତି ସଂଚିତାଙ୍କ ପାଇଁ ।

ଏକମାତ୍ର ନିର୍ଭରଯୋଗ୍ୟ ପୁଅ ପାରାଲିଶିସ ଆକ୍ରାନ୍ତ ହେଲାପରେ ଶିଳ୍ପ ପତି ଅନୁଭବ ପୁଅ ସଂକେତ ପାଇଁ ଗରୀବ ଘରର ଜାହି ତାହି ପାଠ ପଢିଥିବା ଝିଅଟିଏ ଖୋଜୁଥିଲା ବେଳେ, ଶିଳ୍ପପତି ଅବିନାଶ ବାବୁଙ୍କ ଅଲିଅଳି ଶିକ୍ଷିତା, ସୁନ୍ଦରୀ ଝିଅ ଯେ ସଂକେତ ଜୀବନକୁ ନିଜ ଇଚ୍ଛାରେ ଆସିବ, ଏକଥା ପରିବାରର କେହି କଣ ନିଜ ଆଖି କାନକୁ ନିଜେ ବି ବିଶ୍ୱାସ କରିପାରି ନଥିଲେ ସଂକେତ । ବିବାହ ପୁର୍ବରୁ ଓ ପରେ ଏ ପ୍ରଶ୍ନର ଉତ୍ତରରେ, ସଂଚିତାଙ୍କର କେବଳ ଗୋଟିଏ ଉତ୍ତର, ସେବା ଓ ସଙ୍କେତଙ୍କ ମନୋବଳ ବଢ଼ାଇବା ତାଙ୍କର ଏକମାତ୍ର ଲକ୍ଷ୍ୟ । ଆଉ ସେବା ଯତ୍ନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଳରେ ସବୁକିଛି ସମ୍ଭବ କରିବାକୁ ଯାଇ, ନିଜ କଥାର ସତ୍ୟତା ପ୍ରମାଣିତ କରିବାକୁ ଯାଇ ସଙ୍କେତ ଆଜି ସଳଖି ଠିଆ ହେବା ସହ ବିନା ମୁଭିଂ ଚେୟାର ଛାଡି, ଦିବ୍ୟାଙ୍ଗରୁ ସାଧାରଣ ମଣିଷରେ ପରିଣତ ହୋଇପାରିଛନ୍ତି ଓ ତା ସହ ନିଜ ଶିଳ୍ପ କାରଖାନା ନିଜେ ସଂଚିତାଙ୍କ ସହଯୋଗରେ ଚଳାଇଆସୁଛନ୍ତି । ସେଥିରୁ ସମୟ କାଢ଼ି ଦେଶ ବିଦେଶ ଭ୍ରମଣ, ଚାରିଧାମ ଦର୍ଶନ ଇତ୍ୟାଦି ବି ସଂଚିତାଙ୍କ ମନଖୁସି ପାଇଁ କରାଇଛନ୍ତି, ତେବେ କାଲିଠାରୁ ସଂଚିତାଙ୍କ ଗୋଲାପୀ ମୁହଁର ଦୁଇ ନୀଳ ନୟନରୁ ଏତେ ଅଶ୍ରୁ ଝରିବା, ସଂକେତ ପ୍ରଥମ ଦେଖି ଖାଲି ମନଦୁଃଖ କଣ, ଡରି ବି ଯାଇଛନ୍ତି । ହେଲେ ପଚାରିପାରୁନାଂହାନ୍ତି ।

କିଛି ସମୟ ପରେ ନିଜେ ସଂଚିତା ଯେବେ ସଂକେତଙ୍କର କଫି ଥଣ୍ଡା ହୋଇଯିବାର ଦେଖିଛନ୍ତି, ପଚାରିଛନ୍ତି, କଣ ହେଲା ? ଆଉ ସେଇ ପ୍ରଶ୍ନ ସଂକେତଙ୍କର, ସଞ୍ଚିତାଙ୍କୁ ? ? କଣ ହେଇଛି ତୁମର ? ? ? ଏଥର ସଂଚିତା ପେପର ଦୁଇଟିରେ ବାହାରିଥିବା ଦୁଇଟି ଖବରକୁ ପଢିବାକୁ ବଢ଼େଇଦେଇଛନ୍ତି, ସଂକେତକୁ । ସଂକେତ ପଢ଼ିଛନ୍ତି ଦୁଇଟିଯାକ ମର୍ମନ୍ତୁଦ କାହାଣୀ । ଗୋଟିକରେ ଜେଜେ ମାଆ, ରାନ୍ଧିଥିବା ଗରମ ଭାତରେ ଗୋଡ ଦୁଇଟି ଭରି, ଦୁଇବର୍ଷର ଶିଶୁକନ୍ୟାର ମୃତ୍ୟୁ । ଆଉ ଗୋଟିକରେ ମାଆ ନିଜ ଦୁଇ ବର୍ଷର ଶିଶୁ କନ୍ୟାକୁ ତଳକୁ ଫୋପାଡି, ନିଜେ ଡେଇଁ ପଡ଼ିବା ବେଳେ ଉଦ୍ଧାର ହୋଇଛି ସତ କିନ୍ତୁ ଶିଶୁ କନ୍ୟା ମୃତ । ସଂଚିତାଙ୍କ ସହ ସଂକେତ ବି କାନ୍ଦୁଥିଲେ କଇଁ କଇଁ । ଶେଷକୁ ସଂଚିତା, ସଂକେତଙ୍କର ଗୋଡ଼ ଧରି କାନ୍ଦି କାନ୍ଦି କହୁଥିଲେ ମୁଁ ମା ହେବାକୁ ଚାହେଁ ସଂକେତ ମୁଁ ମାଆ ହେବାକୁ ଚାହେଁ । ସଂକେତଙ୍କ ଉତ୍ତର ଥିଲା କିଏ ମନା କଲା, ତୁମେ ନିଜେ ତ ନାହିଁ କରିଥିଲ । ତ ସଂଚିତା କହୁଥିଲେ, ମୁଁ ସେଭଳି ନିଜେ ମାଆ ହେବା କଥା କହୁନି ସଙ୍କେତ ମୁଁ ଅନାଥ ଶିଶୁ ଆଶ୍ରମ ଖୋଲିବାକୁ ଚାହେଁ, ଖାଲି ଅନାଥ ନୁହେଁ ଯିଏ ବା ଯେଉଁମାନେ ନିଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲାକୁ ଚଳେଇ ପାରୁନାହାନ୍ତି ବା ମାନସିକ ଓ ଶାରିରୀକ ସ୍ତରରେ ମଧ୍ୟ ପିଲାର ଯତ୍ନ ନେଇପାରୁନଥିବା ମାଆମାନଙ୍କୁ ଅନୁରୋଧ କରି ସେହି ଅନଗ୍ରସର ପିଲାଙ୍କ ମାଆ ହେବି ।

କୁହ ସଙ୍କେତ କୁହ । ସଙ୍କେତ କହୁଥିଲେ ନିଶ୍ଚୟ ଖାଲି ସେତିକି ନୁହେଁ, ଆତ୍ମହତ୍ୟା ପାଇଁ ମାଆ କଣ ପ୍ରତ୍ୟେକଙ୍କୁ ନିବୃତ୍ତ ରଖି, ତାଙ୍କ ସନ୍ତୁଳିତ ଜୀବନ ଠିକ ହେବା ପର୍ଯ୍ୟନ୍ତ ସେମାନଙ୍କ ଶିଶୁ ମାନଙ୍କୁ ମଧ୍ୟ ଆଶ୍ରମରେ ଛାଡି ପାରିବାର ବିଜ୍ଞାପନ ସହ ଘରେ ଘରେ କର୍ମୀ ମାନଙ୍କ ଦ୍ୱାରା ଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ସମସ୍ତ ସହଯୋଗ ମୁଁ ଯୋଗାଇ ଦେବି ସଂଚିତା, ତୁମେ ଆଉ କାନ୍ଦ ନାହିଁ ବରଂ ସେବା ପାଇଁ ସୁଦୃଢ ହୁଅ ।

ସାକ୍ଷୀଗୋପାଳ, ପୁରୀ


୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୁମ୍ ନମ୍ବର ୧୧୭



ଆୟୁଷ ବଡ଼ାଇ

ଛାତ୍ର ଏବଂ କ୍ଲାସ ରୁମ୍ ର ସମ୍ପର୍କ ଏଇ ମିଛଟିଆ ଯାବତୀୟ ସମ୍ପର୍କ ବନ୍ଧନ ଠାରୁ ବିଶେଷ ଭାବରେ ଅଲଗା । ଆଦ୍ୟ କାଳରୁ ଏହି ସମ୍ପର୍କରେ କେତେ ଯେ ପରିବର୍ତ୍ତନ ଆସି ସାରିଛି ତାହା କୁହାଯାଇ ପାରିବନାହିଁ, ସେ ଯାହା ହେଉ ଗୁରୁକୂଳ, ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ଏ ସବୁ ଗୋଟିଏ ଗୋଟିଏ ମଣିଷ ତିଆରି କାରଖାନା । କେତେ କେତେ ଲୋକ ମଣିଷ ହୋଇ ଏହି ସ୍ଥାନରୁ ବାହାରି ଦୁନିଆ ପରିବର୍ତ୍ତନ କରି ସାରିଛନ୍ତି ଏବଂ ଏବେ ବି ସେହି କାମରେ ଅନେକେ ନିଜକୁ ନିୟୋଜିତ ରଖିଛନ୍ତି । କ୍ଲାସ ରୁମ୍ କେବଳ ଯେ ଏକ ରୁମ୍ ନୁହଁ ଏ ହେଉଛି ଗୋଟିଏ ଏମିତିକା ସ୍ଥାନ ଯେ, କୋଟି କୋଟି ଟଙ୍କା ଦେଇ ମଧ୍ୟ ତାର ଋଣ ଶୁଝି ଆଜି ପର୍ଯ୍ୟନ୍ତ କେ ସୁଝିପାରି ନାହିଁ କି ଆଗକୁ ପାରିବ ।

ଯେଉଁ କ୍ଲାସ ରୁମରେ ପାଠ ପଢ଼ି ନିଜକୁ ମଣିଷ ପରି ମଣିଷ କରି ଗଢ଼ିବାର ଆଦ୍ୟ ସ୍ୱପ୍ନ ଦେଖୁଥିଲା ସନ୍ତୋଷ, ସେ ରୁମ୍ କେବଳ ଏକ କ୍ଲାସ ରୁମ୍ ନୁହଁ ତାହା ଆନେକ କୋମଳମତି ଛାତ୍ର ମାନଙ୍କ ଜୀବନ ନାଟିକା ଗଢ଼ିବାର ସାନ୍ଦ୍ର ସ୍ଵପ୍ନ... ସେଇ ସ୍ୱପ୍ନକୁ ଜାବୁଡ଼ି ଧରି କେତେଯେ ଛାତ୍ର ଜୀବନ ସିଡ଼ିର ଉଚ୍ଚତମ ସ୍ଥାନରେ ପହଁଚିଛନ୍ତି ତାର ଜ୍ୱଳନ୍ତ ସାକ୍ଷୀ ହେଉଛି ଏଇ କ୍ଲାସ ରୁମ ...ରୁମ୍ ନଂ ୧୧୭ ...

ରାତି ପ୍ରାୟ ୯ଟା ସମୟ । ସନ୍ତୋଷ; ସମ୍ବଲପୁର ବସଷ୍ଟାଣ୍ଡରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟେ ବଡ଼ ବେଗ ସହ ଓହ୍ଲେଇ, ଅଟୋରିକ୍ସା କରି ଜଣାଶୁଣା ପଶ୍ଚିମ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଅଭିମୁଖେ ବାହାରିଲା । ସନ୍ତୋଷର ସ୍ୱପ୍ନ ଥିଲା ଯେ ସେ ଏକ ଭଲ କଲେଜରେ ପଢିବ, ତେଣୁ ସେ ପଶ୍ଚିମ ଓଡ଼ିଶାର ଜଣାଶୁଣା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଦାଖିଲା ନେଲା । ଗାଆଁର ପିଲା ତ ସେଥିପାଇଁ ପାଖରେ ଭଲ କଲେଜ ନ ଥିବାରୁ ସେ ସମ୍ବଲପୁର ଭଳି ବ୍ୟସ୍ତ ସହରରେ ପଢ଼ିବା ପାଇଁ ଆସିଛି । କଲେଜ ପାଖରେ ଏକ ଚେମ୍ବରରେ ରହି ପଢ଼ିବା ପାଇଁ ସ୍ଥିର ହେଲା । ପ୍ରଥମ ଦିନ ବାପା କଲେଜକୁ ଛାଡ଼ିବା ପାଇଁ ସନ୍ତୋଷ ସହ ଆସିଥିଲେ ପୁଣି ରାତିରେ ସେ ଘରକୁ ଚାଲିଯାଇଥିଲେ ।

ସନ୍ତୋଷକୁ ଟିକେ ଅଡୁଆ... ଅଡୁଆ.... ଲାଗୁଥାଏ ପରିବେଶଟି, ନୂଆ ନୂଆ ସ୍ଥାନ ତ ପ୍ରଥମେ ପ୍ରଥମେ ଏପରି ଲାଗିବା ସ୍ୱାଭାବିକ ପୁଣି ପରେ ପରେ ଏହା ସାମାନ୍ୟ ଲାଗେ । ଚାମ୍ବରରେ ଆଉ ଦୁଇଜଣ ଆଗରୁ ରହୁଥିଲେ । ସମ୍ବଲପୁର ଭଳି ବ୍ୟସ୍ତ ସହରରେ ତାହା ପୁଣି ଏପରି ବିଶ୍ୱବିଦ୍ୟାଳୟରେ ଗୋଟେ ସିଙ୍ଗଲ ରୁମ୍ ମିଳିବା କଷ୍ଟ । ସନ୍ତୋଷର ବାପା ଚାମ୍ବର ମାଲିକ ସହ ପଇସା ପତ୍ରର କଥା ହୋଇ ସବୁ ଠିକ୍ କରିଦେଥିଲେ ଆଗରୁ  ।

ଚାମ୍ବରରେ ସବୁ ନିଜ କାମ ନିଜେ କରିବାକୁ ପଡ଼ିଥାଏ । ଘର ଝାଡୁ ମାରିବା ଠାରୁ ଆରମ୍ଭ କରି ରୋଷେଇ କରିବା, କପଡା ସଫା, ପାଣି ଭରିବା ସହ ପାଠ ପଢିବା ପର୍ଯ୍ୟନ୍ତ ସବୁ । ସନ୍ତୋଷକୁ ଏସବୁ କାମରେ କିଛି ଅସୁବିଧା ହେଲା ନାହିଁ କାରଣ ଘରେ ମଧ୍ୟ ସବୁ କାମ ସେ କରେ; ମା ଆରପାରିକୁ ଚାଲିଯିବା ଦିନଠାରୁ । ରାତିରେ ଚାମ୍ବରର ଦୁଇ ଜଣଙ୍କ ରାହୁଲ ଏବଂ ଅନିଶ ସହ ମଧ୍ୟ ଭଲଭାବରେ ପରିଚିତ ହେଇଗଲା । ରାହୁଲ କିନ୍ତୁ ଅନିଶ୍ ଓ ସନ୍ତୋଷର ସିନିଅର ଥିଲା, ଅନିଶ କିଛି ମାସ ଆଗରୁ ଆସିଥିଲା । ଦୁହେଁ କଠିନ ପରିଶ୍ରମ କରୁଥିଲେ କିନ୍ତୁ ପାଖ ରୁମ୍ ର ପିଲାମାନେ ପୁରା ବଦମାସ୍... କଲେଜ ସମୟରେ ଝିଅ ମାନଙ୍କ ସହ ସମୟ ବିତାଉଥାନ୍ତି ଏବଂ ଶୁଣିବାକୁ ମିଳିଥିଲା ଯେ ସିଗାରେଟ୍ ମଧ୍ୟ ଟାଣନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଯାହା ହେଉ ରାତିରେ କିଛି କରିବାର ନଥିଲା ତେଣୁ ତିନିଜଣ ଆରମରେ ଶୋଇ ପଡ଼ିଲେ । କିନ୍ତୁ ସନ୍ତୋଷକୁ ନିଦ ନାହିଁ । ନୂଆ ଜାଗା ନା । ରାତିରେ ଏମିତିଆ ଯାବତୀୟ ଭାବନାରେ ଛାଇ ଛାଇ ନିଦରେ କେମିତି ସକାଳ ହେଲା ତାହା ସନ୍ତୋଷକୁ ଜଣାପଡ଼ିଲା ନାହିଁ । ସକାଳ ୧୦ଟାରେ ପ୍ରଥମ କ୍ଲାସ ଥିଲା । ସନ୍ତୋଷ ବାଣିଜ୍ୟରେ ତାର ପ୍ଲସ-ଟୁ କରିଥିଲା ଏବଂ ଗ୍ରାଜୁଏସନ୍ କରିବାକୁ ବାଣିଜ୍ୟ ବିଭାଗରେ ନାମ ଲେଖାଇଥିଲା । ସକାଳୁ ସକାଳୁ ତାର ନିଦ ଭୋର୍ ରୁ ଭାଙ୍ଗିଗଲା, ଶୀଘ୍ର ପାଣି ଭରି ଗାଧେଇ ସାରି ସକାଳ ଜଳଖିଆ ତିଆରିରେ ଲାଗିଗଲେ ତିନି ଜଣ, ରାହୁଲ ସେ ସବୁ ଆଗରୁ ଜାଣିଥିଲା ତେଣୁ ଅଧିକ କିଛି ଅସୁବିଧା ହେଲା ନାହି । ରାହୁଲର କ୍ଲାସ ଆଗରୁ ଥିଲା ତେଣୁ ସେ ଆଗରୁ କଲେଜକୁ ଚାଲିଗଲା । ସନ୍ତୋଷ ଏବଂ ଅନିଶର କ୍ଲାସରେ ସମୟ ଥିଲା ତେଣୁ ଦୁହେଁ ରୁମ୍ କୁ ସଫା କରିଦେଲେ ଏବଂ ସେ ଦୁହେଁ ମଧ୍ୟ କ୍ଲାସ କରିବାକୁ ବାହାରି ଗଲେ ।

ଚାମ୍ବର୍ ଟି ବିଶ୍ୱବିଦ୍ୟାଳୟର ପାଖରେ ଥିଲା ତେଣୁ ଯିବା ଆସିବା କରିବାପାଇଁ ବେଶ୍ ସୁବିଧା । କଲେଜର ପ୍ରଥମ କ୍ଲାସ ଏକାଉଣ୍ଟ୍ସ ଥିଲା । ସାରଙ୍କ ସହିତ ଆଗରୁ ସନ୍ତୋଷ ପରିଚିତ । କ୍ଲାସକୁ ଆସିବା ରାସ୍ତାରେ ପ୍ରଥମେ ସାନିଟାଇଜର୍ କରି ଆଗକୁ ବଢ଼ିବାରେ ଲାଗିଲା ଆଉ ପିଲାମାନେ ବି ଯାଉଥିଲେ କିନ୍ତୁ କାହା ସହିତ ପରିଚିତ ନାହିଁ ନା ସେଥିପାଇଁ ଏକା ଏକା ଚାଲିଥିଲା । କୁଳପତିଙ୍କ ରୁମ୍ ଦେଇ ଆଗକୁ ବଢ଼ିବାରେ ଲାଗିଲା; ମନେ ମନେ କେତେ ଗୁଡ଼ାଏ ଚିନ୍ତା... । ବିଶ୍ୱବିଦ୍ୟାଳୟ ନା..... ସେଥିପାଇଁ କେତେ କେତେ ବିଭାଗ ରହିଛି ତାହା ଦିନକରେ ବୁଲିହେବ ନାହିଁ । କମର୍ସ ବିଭାଗଟି ସେକଣ୍ଡ ଫ୍ଲୋରରେ ଥିଲା ତେଣୁ ଶୀଘ୍ର ଶୀଘ୍ର ପାହାଚ ଅତିକ୍ରମ କରି ଅର୍ଥନୀତି ବିଭାଗ ପାର ହୋଇ ବାଣିଜ୍ୟ ବିଭାଗରେ ପହଞ୍ଚିଲା । ପାହାଚରୁ ସଫା ଦେଖା ଯାଉଥିଲା, ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି ବାଣିଜ୍ୟ ବିଭାଗ ଇଂରାଜୀ ଭାଷାରେ । ସାମ୍ନାରେ ବିଭାଗ ମୁଖ୍ୟଙ୍କ ରୁମ୍ ତାପରେ ରୁମ୍ କୁ ରୁମ୍ ଲାଗିରହିଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୋଟିସ ବୋର୍ଡରେ କାହା ରୁମ୍ କେଉଁଠି ତାହା ଲେଖା ହେଇଥାଏ । ତାକୁ ଦେଖି ସନ୍ତୋଷ ରୁମ୍ ନ. ୧୧୭ ରେ ପଶିଲା ଆଗରୁ ବହୁତ୍ ପିଲାଏ ଆସି ବସିଥିଲେ ।

ରୁମ୍ ନ. ୧୧୭ଟି ଭାରି ପୁରୁଣା ଶୁଣିବାକୁ ମିଳିଥିଲା ଯେ ତାହା କଲେଜ ନିର୍ମାଣ ହେବା ଦିନଠାରୁ ଅଛି ୧୯୪୪ ମସିହାରୁ । ପାଖ ରୁମ୍ ଗୁଡାକ ଭିତରେ ଭିତରେ ରିନୋଭେସନ୍ କରାଯାଇଥିଲା କିନ୍ତୁ ରୁମ୍ ନ. ୧୧୭ଟି ସେହି ପୁରୁଣା, ଖାଲି ବେଞ୍ଚଟେବୁଲ୍ ନୂଆ । ରୁମ୍ ବାହାରେ ବିଗତ ବର୍ଷ ମାନଙ୍କର ଟପ୍ପର ତାଲିକା ଲାଗିଥିଲା ସେଥିରେ ସନ୍ତୋଷ ତାର ପ୍ଲସ-ଟୁ ସମୟର ଶିକ୍ଷକର ନାମ ଦେଖି ଖୁସି ହେଲା । ମନେ ମନେ ଭାବିଲା କାଳେ ତାର ନାମ ବି ଏଥିରେ ଆସିଯିବ... ତାର ଶିକ୍ଷକ ଯେଉଁ କଲେଜରେ ପଢ଼ିଛନ୍ତି ସେ ମଧ୍ୟ ସେହି କଲେଜରେ ପଢିବ: କେତେ କେତେ ଲୋକ ଏହି କଲେଜରୁ ବାହାରି ନିଜ ଜୀବନରେ ବହୁତ୍ ଉପରକୁ ଉଠିସାରିଛନ୍ତି ଯେମିତି କି ପି.କେ.ମିଶ୍ର (ପ୍ରଧାମନ୍ତ୍ରୀଙ୍କର ମୁଖ୍ୟ ସଚିବ) ଏବଂ ଆଉ ଅନେକ, ମନ ଭିତରେ ଏକ ଆନନ୍ଦର... ର ଲହଡ଼ା ଅନୁଭବ କଲା ।

ସେ ଯାହାହେଉ, ରୁମ୍ ଟି ଏକଦମ ବଡ ହଲ ଥିଲା କାରଣ ପୁରା ଓଡ଼ିଶାରେ ଏବଂ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ବିଭାଗ ହେଉଛି ଏକା ବିଭାଗ ଯାହା ସବୁଠୁ ବଡ଼ ୪୦୦ ସିଟ ବିଶିଷ୍ଟ ବାଣିଜ୍ୟ ବିଭାଗ: ଅନ୍ୟ ଜିଲ୍ଲା ଗୁଡ଼ିକର କଲେଜରେ ମଧ୍ୟ ଏତେ ଅଧିକ ସଂଖ୍ୟକ ସିଟ ନାହିଁ, ଓଡ଼ିଶାରେ ଏକ ମାତ୍ର ବିଶ୍ୱବିଦ୍ୟାଳୟ ଯେଉଁଠି ୪୦୦ ପିଲାକୁ ନେଇ ବିଭାଗରେ ପାଠପଢା ଚାଲେ । ଏତେ ପିଲା ଗୋଟେ ରୁମରେ ବସିପାରିବେ ନାହିଁ ତେଣୁ ବିଭାଗମୁଖ୍ୟଙ୍କ ନିର୍ଦ୍ଦେଶନାରେ ତିନିଟି ରୁମ୍ ରେ ପିଲାମାନଙ୍କୁ ଭାଗ କରି ପଢାଯାଏ ।

କ୍ଲାସର ସମୟ ପାଖେଇ ଆସିଲା । କ୍ଲାସଟି ପୁରା ଭରିଯାଇଥିଲା । କ୍ଲାସକୁ ଆସିଷ୍ଟାଣ୍ଟ ପ୍ରଫେସର ଆସିଲେ ଏବଂ ବିଧିବଦ୍ଧ ଭାବେ ସବୁ ପିଲା ଛିଡା ହେଲେ ଏବଂ ତାରି ପରେ ଆସିଷ୍ଟାଣ୍ଟ ପ୍ରଫେସର ବିଶ୍ୱବିଦ୍ୟାଳୟକୁ ସମସ୍ତଙ୍କୁ ସ୍ୱାଗତ କରିବା ପରେ କିଛି ସାମାନ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଶ୍ୱବିଦ୍ୟାଳୟ ବିଷୟରେ କହିଲେ ଏବଂ କିଛି ସାମାନ୍ୟ ରୁଲ୍ ରେଗୁଲେସନ । ତାର ପରେ କ୍ଲାସଟି ବେଶ୍ ସୁରୁଖୁରୁରେ ହେଲା । ପଢ଼ାଇବାର ଷ୍ଟାଇଲ ମଧ୍ୟ ଭିନ୍ନ ବେଶିକରି ଇଂରାଜୀ ଉପରେ ଜୋର୍ ଦିଆଯାଉଥିଲା । ଆସିଷ୍ଟାଣ୍ଟ ପ୍ରଫେସର ଇଂଲିଶ ବ୍ୟବହାର କରି ପଢ଼ାଉ ଥିଲେ କାରଣ ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡ଼ିଶାର ଏକ ମାତ୍ର ଜଣାଶୁଣା ବିଶ୍ୱବିଦ୍ୟାଳୟ ଏବଂ ପୁରା ବିଶ୍ୱସ୍ତରୀୟ ଶିକ୍ଷା ଦିଆଯାଉଥିଲା... ଯେ..... ଏଠାରୁ ପିଲାମାନେ ବାହାରି ପୃଥିବୀର ଯେକୌଣସି ଦେଶ ବିଦେଶକୁ ଯାଇ ଆରାମରେ ରହିପାରିବେ, ପଢିପାରିବେ । ସନ୍ତୋଷକୁ ଟିକେ ଅସୁବିଧା ହେଲା କିନ୍ତୁ ଏଠାକାର ପରିବେଶରେ ସମସ୍ତେ ମିଳେଇ ଗଲେ ।

ପ୍ରଥମ କ୍ଲାସଟି ପରେ ଆଉ ଗୋଟେ କ୍ଲାସ ଥିଲା ତାକୁ ମଧ୍ୟ ସାରି ସନ୍ତୋଷ ତାର ଚାମ୍ବର୍ ରୁମ୍ କୁ ଆସିଲା ପ୍ରାୟ ୧୨ଟାରେ । ରାହୁଲ ଓ ଅନିଶ ଆଗରୁ ଆସି ସାରିଥିଲେ । ତିନିଜଣ ମିଶିକି ମଧ୍ୟାହ୍ନର ଖାଇବା ପିଇବାକୁ ରେଷେଇ ଆରମ୍ଭ କରିଦେଲେ । ପ୍ରାୟ ୧ଟା ବେଳକୁ ସବୁ ସାରି ଖାଇ ସମସ୍ତେ ବିଶ୍ରାମ କଲେ । ସନ୍ତୋଷକୁ ଝାପସା ଝାପସା ନିଦ ଆସୁଥିଲା । ତା ପରେ ସନ୍ଧ୍ୟା ସମୟରେ ତିନିଜଣ ସମ୍ବଲପୁରର ବ୍ୟସ୍ତବହୁଳ ଟାଉନରେ ବୁଲିବାକୁ ଗଲେ ମଜା ମଜଲିସ୍ କରି ପୁଣି ଫେରିଆସିଲେ ଓ ଟିକେ ପଢାପଢ଼ି କରି ଶୋଇ ପଡିଲେ ।

ସକାଳରେ ପୁଣି ସେହି ଟାଇମଟେବୁଲ୍ କୁ ଅନୁସରଣ କରି କ୍ଲାସ କରିବାକୁ ସନ୍ତୋଷ ବାହାରି ପଡିଲା । କିନ୍ତୁ ଏଦିନ ସନ୍ତୋଷ ପୁରା ଖୁସିର ସହ କ୍ଲାସକୁ ପ୍ରବେଶ କଲା ଓ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରି ନୂଆ ନୂଆ ସାଙ୍ଗ ବନାଇଲା । ପ୍ରଥମ ଦିନ ଟିକେ ଟିକେ ଡରୁଥିଲା କିନ୍ତୁ ପରଦିନ ଠାରୁ ମିଳିମିଶି ଗଲା । ପୁଅ ଝିଅ ସମସ୍ତ ସହ ବନ୍ଧୁତା ସ୍ଥାପନ ହେଲା ଓ ଏହି ପରି ଭାବରେ ପଢାପଢ଼ି ଚାଲିଲା ।

କିଛି ଦିନ କ୍ଲାସ ହେଲା ପରେ ସବୁ ସବ୍ଜେକ୍ଟର କ୍ଲାସ ଚାଲିଲା । କିଛି ଦିନ ପରେ ଆଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ଗେଷ୍ଟ ଫାକଲ୍ଟି -ଇକୋନୋମିକ ( ଅର୍ଥନୀତି) ବିଷୟ ପଢ଼ାଇବାକୁ ନୂଆ ଆପଏଣ୍ଟ ହୋଇ ଆସିଲେ, କାରଣ ଅର୍ଥନୀତି ବିଷୟଟି କୋର ବିଷୟ ନୁହେଁ । ଯେଉଁ ଗେଷ୍ଟ ଫାକଲ୍ଟି ଟି ପଢ଼ାଇବାକୁ ଆସିଥିଲେ ସେ ବୟସରେ ମଧ୍ୟ ବେଶୀ ବଡ ନଥିଲେ ତେଣୁ ସବୁ ପିଲାମାନଙ୍କ ସହ ମିଶି ଯାଉଥିଲେ । ମଝିରେ ମଝିରେ ଗୁପଚୁପ, ଚା'ର ସୁଯୋଗ ମିଳେ ମଧ୍ୟ ସାର୍ ଙ୍କ ସହିତ । ଧିରେ ଧିରେ କଲେଜରେ ସନ୍ତୋଷ ମୋଟାମୋଟି କହିବାକୁ ଗଲେ ପ୍ରାୟ ସମସ୍ତଙ୍କ ସହିତ ପରିଚିତ ହେଇଗଲା । ସମସ୍ତଙ୍କ ସହ ମିଳାମିଶା କରି ସମସ୍ତଙ୍କୁ ଭଲ ଭାବେ ଜାଣିଥିଲା ।

ପ୍ରାୟ ଦୁଇମାସ ବିତିଯିବା ପରେ, ସିନିୟର୍ ମାନେ ସବୁ ବିଭାଗର ଜୁନିଅର ମାନଙ୍କୁ ନିଜ ନିଜ ବିଭାଗରେ ଫ୍ରେସର ପାର୍ଟି (ସ୍ୱାଗତ ଉତ୍ସବ) ଦେବାକୁ ସ୍ଥିର ହେଲା କିନ୍ତୁ ବାଣିଜ୍ୟ ବିଭାଗ ଛାତ୍ର ମାନଙ୍କର ସେ ଭାଗ୍ୟ ନଥିଲା ବୋଧେ । କାହିଁକି ନା ୪୦୦ ପିଲାକୁ ନେଇ ଏତେ ବଡ ଆକାରର ପାର୍ଟି କରିବାକୁ ବାଣିଜ୍ୟ ବିଭାଗରେ ସୁବିଧା ନ ଥିଲା । ପୁଣି ଏତେ ପିଲାଙ୍କୁ ଏକତ୍ରିତ କରି କୌଣସି କାମ କଲେ ଗଣ୍ଡଗୋଳ ହେବାର ଆଶଙ୍କା ମଧ୍ୟ । ତେଣୁ ଯେତେବେଳେ ବିଶ୍ୱବିଦ୍ୟାଳୟ ରେ ଅନ୍ୟ ବିଭାଗରେ ପାର୍ଟି ହେଉଥିଲା ବାଣିଜ୍ୟ ବିଭାଗରେ ମରୁଭୂମି, ସମସ୍ତଙ୍କ ମନ ଭାରି ଦୁଃଖ; କିନ୍ତୁ ହାତରେ କିଛି ନାହିଁ । ଏବଂ ବିଭାଗ ମୁଖ୍ୟ ମଧ୍ୟ ବାହାର୍ କୁ ଯାଇ ପାର୍ଟି କରିବାକୁ ଅନୁମତି ଦେଇନଥିଲେ କାରଣ ଦୁନିଆ ଏବେ ଆଉ ଆଗ ପରି ନାହିଁ ।

ବିଶ୍ୱବିଦ୍ୟାଳୟରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ, ସନ୍ତୋଷର ପ୍ରଥମ ଲେଖା - "ରାସ୍ତା କଡ଼ର ମଣିଷ" ଗଳ୍ପ ପ୍ରକାଶ ପାଇଲା ଦିନଠାରୁ ସନ୍ତୋଷ ଆଉ ପଛକୁ ଫେରି ଦେଖିନାହିଁ । ଆଗାମୀ ଦିନ ଗୁଡିକରେ ପ୍ରାୟ କେତେ କେତେ ପତ୍ରପତ୍ରିକା, ଖବରକାଗଜ, ବହି ଗୁଡ଼ିକରେ ତାର ଲେଖା ଗୁଡ଼ିକ ପ୍ରକାଶ ପାଇ ଆସୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦିନେ ସନ୍ତୋଷ କେଉଁଠାରୁ ଜାଣିବାକୁ ପାଇଲେ ଯେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ଏକ ପତ୍ରିକା (ମାଗାଜିନ୍) । ବିଶ୍ୱବିଦ୍ୟାଳୟରୁ ଖବର ପାଇବା ପରେ, ପତ୍ରିକାର ସଂପାଦକଙ୍କ ସହ ଯୋଗାଯୋଗ କଲା ପରେ ସନ୍ତୋଷ ତାର ଜୀବନର ପ୍ରଥମ ନିଜେ ସୃଷ୍ଟି କରିଥିବା ସନ୍ଦର୍ଭ ତାଙ୍କ ନିକଟକୁ ପଠାଇଥିଲା ଏବଂ ତାହା ପ୍ରକାଶିତ ହୋଇଥିଲା ।

ସମ୍ପାଦକ ମହୋଦୟଙ୍କ ଦ୍ୱାରା କଥା ହେଲା ପରେ ରାତିରେ ସନ୍ତୋଷ ସାଙ୍ଗେ ସାଙ୍ଗେ ତାର ଗୋଟିଏ ଅତି ପୂଜନୀୟ ସାର୍ କବିଶ୍ରୀ ରାହାସ ଚନ୍ଦ୍ର ଏବଂ ଅଧ୍ୟାପକ ବିପିନ ସାର୍ ଙ୍କୁ ଫୋନ୍ କରି କେମିତି ଲେଖାଲେଖି ଆରମ୍ଭ କରିବ ସେ ବିଷୟରେ ପରାମର୍ଶ ନେଲା । ପ୍ରାୟ ସମସ୍ତ ନିୟମ ଯାହା ଲେଖିଲା ବେଳେ ଲାଗିଥାଏ ସେ ସବୁ ସାର୍ ଙ୍କ ଠାରୁ ବୁଝିନେଲା । ପ୍ରାୟ ପାଞ୍ଚ ଦିନ ପରେ ସନ୍ତୋଷ ତାର ଜୀବନର ପ୍ରଥମ ସନ୍ଦର୍ଭ ଲେଖିବା ସମାପ୍ତ କରିଥିଲା । ତାକୁ ପ୍ରଥମେ ସାର୍ ଙ୍କ ଠାରୁ ଥରେ ଚେକିଂ କରିବା ପରେ ସେହି ଲେଖାଟିକୁ ବିଶ୍ୱବିଦ୍ୟାଳୟକୁ ପଠାଇ ଥିଲା ।

ପ୍ରାୟ ମାସେ ଖଣ୍ଡେ ବିତିଯିବା ପରେ ଦିନେ ରାତିରେ ସନ୍ତୋଷ ପାଖକୁ ଫୋନ ଆସିଲା ଯେ ଆପଣଙ୍କ ସନ୍ଦର୍ଭଟି ଆସନ୍ତାକାଲି ପ୍ରକାଶିତ ହେବ । ଏବଂ ଏକ ନିମନ୍ତ୍ରଣ ପତ୍ର ମେଲ୍ ମାଧ୍ୟମରେ ଆସିଥିଲା ପ୍ରକାଶନରେ ଯୋଗ ଦେବାକୁ ।

ତା ପରଦିନ, ସମୟ ଠିକ୍ ଦିନ ୩ଟାରେ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ଉନ୍ମୋଚନ ହେଲା "ଶୁଭଗଙ୍ଗା" ନାମକ ପତ୍ରିକା ଓ ସେଥିରେ ଥିବ ସେହି ସନ୍ଦର୍ଭଟି ମଧ୍ୟ । ପ୍ରକାଶ ପାଇବା ପରେ ସମସ୍ତେ ସନ୍ତୋଷକୁ ଶୁଭେଚ୍ଛା ଜଣାଇଲେ । ଏବଂ କୁଳପତି ମହୋଦୟେ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ଯେ ବାଣିଜ୍ୟ ବିଭାଗ ଛାତ୍ର ହୋଇ ମଧ୍ୟ ଓଡ଼ିଆ ଭାଷାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏପରିକା କୃତି ପାଇଁ । ତାରି ପରେ ଶୁଭେଚ୍ଛାର ସୁଅ ବନ୍ଦ ହେଲା ନାହିଁ । ତା ପରଦିନ କ୍ଲାସରେ ସାର୍ ମଧ୍ୟ ପ୍ରସଂଶା କରିଥିଲେ । ସାଙ୍ଗମାନେ ମଧ୍ୟ ଶୁଭେଚ୍ଛା ଜଣାଇଲେ ଏବଂ ସେହିଦିନ ଠାରୁ ଅଧାରୁ ଅଧିକ ଯେଉଁମାନେ ସନ୍ତୋଷକୁ ଆଗରୁ ଜାଣି ନଥିଲେ ସେମାନେ ମଧ୍ୟ ସନ୍ତୋଷକୁ ଜାଣିଲେ । ସନ୍ତୋଷର ଆନନ୍ଦର ସୀମା ନାହିଁ ।

ରୁମ୍ ନଂ ୧୧୭ ରୁ ଆରମ୍ଭ ହୋଇ ଥିବା ଯାତ୍ରାଟି ଏବେ ମଧ୍ୟ ଜାରି ରହିଛି । ଯେଁଉ ଯାତ୍ରାରେ କି ପାଠ ପଢିବା ପାଇଁ କେତେ ସଂଘର୍ଷ କରିବାକୁ ପଡିଥିଲା, ରାତି ଦିନର କଠିନ ପରିଶ୍ରମ ୟା ଭିତରେ ଛପି ରହିଛି । ରୁମ୍ ନଂ ୧୧୭ ରୁ ମିଳିଥିବା ଶିକ୍ଷା, ଆର୍ଶୀବାଦ, କର୍ମ, ଜୀବନ ଦର୍ଶନ... ସନ୍ତୋଷ ର ଜୀବନ ରେ ଗୋଟେ ଗୋଟେ ସ୍ଵର୍ଣ୍ଣ ମୁଦ୍ରା ରୁପି ଆଶିର୍ବାଦ । ଆଜି ସନ୍ତୋଷ କେତେ କେତେ ଗଳ୍ପ, ପ୍ରବନ୍ଧ: ଓଡ଼ିଆ, ହିନ୍ଦୀ ଏବଂ ସମ୍ବଲପୁରୀ ଭାଷା ରଚନା କରିଛି; ତାର ଭିତରେ "ରାସ୍ତା କଡ଼ର ମଣିଷ", "ପ୍ରଜ୍ଞା", "ବିକାଶ ଗୋଟିଏ ଆବିଷ୍କାର", "ପ୍ରଥମ ଆଷାଢ଼", "ମାଟିର କୁପୀ" ଅନ୍ୟତମ । ଆଜି ମଧ୍ୟ ନାନା ପ୍ରକାର ପତ୍ରପତ୍ରିକାରେ ପ୍ରକାଶିତ ହେଇ ଆସୁଛି କେତେ କେତେ ନୂଆ ନୂଆ ସନ୍ଦର୍ଭ ।

ଏ ମଣିଷ ତିଆରି କାରଖାନାରେ, କେତେ କେତେ ମଣିଷ; ମଣିଷ ହୋଇ ସମାଜ ଏବଂ ଦେଶକୁ ଆଗେଇ ନେଉଛନ୍ତି । ଛୋଟ ଗାଁ, ସହରରୁ ବାହାରି ପ୍ରତିଭାମାନେ ଉଚିତ୍ ଶିକ୍ଷା ପାଇ ଏହି କାରଖାନାରୁ ନିଜକୁ ଏକ ନୂଆ ଭାବରେ ଆବିଷ୍କାର କରିବାରେ ଏହି ଶିକ୍ଷା ମନ୍ଦିର ସର୍ବଦା ତାର ଛାପ ଛାଡିଯାଏ । ଯେଉଁ ସଂପର୍କ କ୍ଲାସ ରୁମ୍ ରୁ ଆରମ୍ଭ ହେଇଥିଲା ତାହା କେବେ ମଧ୍ୟ ଭୁଲିହେବ ନାହିଁ । ଯେଉଁ କ୍ଲାସ ରୁମ୍ ଟି କେବଳ ଯେ ଇଟା, ବାଲିରେ ଗଢା ଛିଡା ହୋଇଛି ତାହାର ପ୍ରତ୍ୟେକ ପିଲା ହେଉଛନ୍ତି ଗୋଟେ ଗୋଟେ ସ୍ତମ୍ଭ । ଜୀବନ ଜ୍ୟାମିତି ସହିତ ସଂଘର୍ଷର ସଂକେତକୁ ସୂତ୍ର ପରି ବ୍ୟବହାର କରି ପାହାଚ ପରେ ପାହାଚ ଅତିକ୍ରମ କରି ଅତୀତ ସହ ବର୍ତ୍ତମାନର ସ୍ମୃତିକୁ ସାଇତି ଆଗେଇ ଯିବାକୁ ହେବ । ଯିଏ ସେ ରୁମ୍ ରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପଢୁଛି ବା ପଢ଼ିସାରିଛି ସେ କେତେ ଭାଗ୍ୟବାନ ଯେ ତାହା କୌଣସି ଲେଖକ ତାର କଲମ ମୂନରେ ଲେଖିବାଟା ମଧ୍ୟ କଷ୍ଟକର । ତାର ଋଣ କେବେ ମଧ୍ୟ ପରିଶୋଧ କରିହେବ ନାହିଁ ।


ରୁମ୍ ନଂ.୧୧୭ ଏବଂ ଛାତ୍ରମାନଙ୍କ ଜୀବନ ଗଢ଼ିବାର ନକ୍ସା ଏବଂ ନୈତିକତା ଜୀବନ ବ୍ୟାପି ଏକ ଅଭୁଲା ଅଳଙ୍କୁହୀନ ଜୀବନଚର୍ଯ୍ୟା ପାଲଟି ଯାଇଛି । ରୁମ୍ ନଂ ୧୧୭ ଜୀବନ ଗଢ଼ା ଇତିହାସର ଏକ ଅବିଚ୍ଛେଦ୍ୟ ଅଭୁଲା ଫର୍ଦ୍ଦରେ ପରିଣତ ହେଇ ଯାଇଛି । ସେ ସେଇମିତି ମଣିଷ ଗଢ଼ା ରୁମଟିଏ ହେଇ ରହିଛି ରହିଥିବ ଏ ସମାଜରେ ଅନେକ ଅନେକ କୃତ୍ତିଛାତ୍ର ସେଇ ରୁମରେ ନିଜ ଜୀବନକୁ ଗଢ଼ି ଦେଶ ବିଦେଶରେ ପାଦ ଥାପୁଥିବା ପର୍ଯ୍ୟନ୍ତ । ତାର ଅବଦାନ ଅଦେଖା ଆଖି ପର୍ଯ୍ୟନ୍ତ ଦିଶୁଥିବ କୃତ୍ତି ଛାତ୍ର ମାନଙ୍କର ସଫଳତାର ପାଦ ଯେତେ ଦୂର ପର୍ଯ୍ୟନ୍ତ ପଡୁଥିବ ।।

ସ୍ନାତକ ୨ୟ ବର୍ଷ (ବାଣିଜ୍ୟ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,
ଅମୃତ ବିହାର , ସମ୍ବଲପୁର
ଇମେଲ୍ : ayushbadhai191@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭିଜା ସକାଳର ଭାବନାରେ



ଯଶୋଶ୍ରୀ ବେହେରା

"ଲଗ୍ନା,ଚାହା କପେ ଆଣିଲ ।

ଲଗ୍ନା, ଲଗ୍ନା । ଶୁଣା ଯାଉନି, ଚାହା କପେ ଆଣ ।

କଣ ହୋଇଛି ? ମୋ କଥା ଶୁଣା ଯାଉନାହିଁ ?" ରାଗରେ କହି ଘର ଭିତରକୁ ଆସିଗଲେ ସୁମିତ । ବାଲକୋନୀରେ ଠିଆ ହୋଇ ବର୍ଷାରେ ଭିଜୁଥିବା ନିଜ ଅଳସେଇ ପ୍ରିୟାକୁ ଦୂରରୁ ଦେଖି ସବୁ ଅଭିଯୋଗ ଯେମିତି ସେଇ ବର୍ଷାରେ ମିଳେଇ ଯାଉଥାଏ । ବର୍ଷା ଯେମିତି ତାଙ୍କୁ ବିଦ୍ରୁପ କରି କହୁଛି, "ଦେଖ, ପାଞ୍ଚ ବର୍ଷ ତଳେ ସିନା ମୋ ପ୍ରିୟାକୁ ମୋ ଠାରୁ ଛଡେଇ ନେଇଥିଲୁ, ହେଲେ ଆଜି ଦେଖେ, ସିଏ ମୋ ପାଖରେ । ତୋ ପ୍ରେମ ଠାରୁ ମୋ ପ୍ରେମ ତାକୁ ଭିଡି ଆଣିଛି ମୋ ପାଖକୁ ।" ଇର୍ଷାରେ ଜଳି ଯାଉଥିଲେ ସୁମିତ । ସତେ ତ, ସିଏ ସେଇ ବର୍ଷାପ୍ରେମୀ ଲଗ୍ନାକୁ ଚୋରେଇ ଆଣିଥିଲେ ତା କୋଳରୁ । ଆଜି ବି ପହିଲି ଦେଖା ତାଙ୍କ ଆଖିରେ ନାଚି ଯାଏ । ତା ସହ ଲଗ୍ନା ସହ ସେଇ ଭିଜା ସକାଳର ସ୍ମୃତି ଗୁଡା ।

***

"କେଜାଣି, ଏ ଝିଅ ଗୁଡାଙ୍କୁ ବର୍ଷା ଦିନ କଣ ଭଲ ଲାଗେ ? ବର୍ଷା ଅସରାଏ ବର୍ଷି ଗଲେ, ବେଙ୍ଗ ଭଳିଆ କୁଦି କୁଦି ଡେଇଁ ଉଠିବେ । ଆମକୁ କିଏ ପଚାର ବର୍ଷାର କଷ୍ଟ ! ମନ ହେଉଥିବ ଘରେ ବସି ଏ ଥଣ୍ଡା ପାଗରେ ପକୁଡି ଖାଇବାର । ହେଲେ ଅଫିସ ନ ଆସିଲେ ବସ୍‌ଙ୍କ ଗାଳି । ଉପରକୁ

ଆହ୍ବାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ବର୍ଷାର ଉତ୍ପାତ ! ମଣିଷ ଏ ବର୍ଷା ଦିନେ କରିବ ତ କଣ କରିବ ?"

ଲାଲ ରଙ୍ଗର ଡ୍ରେସଟେ ପିନ୍ଧି ଆଗରେ ବର୍ଷାରେ ଭିଜି ଖୁସି ହେଉଥିବା ଝିଅଟିକୁ ଚାହିଁ ବିରକ୍ତ ହୋଇ ସୁମିତ କହିଲା । ଝିଅଟି ଶୁଣି ପାରିଲା ନା କଣ ବୋଧେ, ତୀର୍ଯ୍ୟକ ନଜରରେ ଚାହିଁଦେଲା ସୁମିତକୁ । ଟିକେ ଅପ୍ରତିଭ ହୋଇ ମୁଣ୍ଡ ତଳକୁ କରିନେଲା ସେ । ତୁହାକୁ ତୁହା ବର୍ଷା ବରଷି ଯାଉଥାଏ । ପରିସ୍ଥିତି ଦେଖି ଲାଗୁ ନଥାଏ ଏବେ ଏ ବର୍ଷା ରହିବ ବୋଲି ।

ସେଇ ଲାଲ ଓଢଣୀ ପକା ଝିଅଟିକୁ ଯେମିତି କୌଣସି କଥାରେ ଚିନ୍ତା ନଥାଏ ! ସେ ତାର ଖୁସି ମନରେ ଭିଜି ଚାଲିଥାଏ ପ୍ରତିଟି ବର୍ଷା ବୁନ୍ଦାକୁ ପ୍ରୀତି ଆସର କରି !

ତାର ଲାଲ ରଙ୍ଗ ସଲଵାରଟା ଓଦାରେ ଭିଜି ଯାଇ ଦେହରେ ଜଡେଇ ହୋଇ ଲାଗି ଗଲାଣି । ଗହମ ଗୋରା ଚେହେରାରେ ବର୍ଷା ବୁନ୍ଦା ଗୁଡା ମୁକ୍ତା ପରି ଦିଶୁଥାନ୍ତି । କଳା ମଚମଚ ଘନ କେଶରାଶି ବର୍ଷାରେ ଭିଜି ଯାଇ ଥପଥପ ହୋଇ ପାଣି ନିଗିଡି ଯାଉଥାଏ । ଏସବୁ ବେଖାତିର ଝିଅଟି କେବଳ ଆକାଶକୁ ଚାହିଁ ନିଜ ହାତକୁ ବେପରୁଆ ଭାବେ ଖୋଲି ବର୍ଷା ପାଣି ସହ ଖେଳିବାରେ ଲାଗିଥାଏ ।

ଟିକେ ଆଗରୁ ବିରକ୍ତ ହେଉଥିବା ସୁମିତ ଭଲ ଭାବେ ଝିଅଟିକୁ ଚାହିଁଲା । ଝିଅଟି ଅସମାନ୍ୟା ସୁନ୍ଦରୀ ନହେଲେ ବି ଗୋଟେ ଆକର୍ଷଣ ତା ଚେହେରାରେ ଭରି ହୋଇ ରହିଥାଏ । ବସ ଆସିବା ଶବ୍ଦ ଶୁଣି, ସୁମିତ ନିଜ ସମ୍ବିତ ଫେରି ପାଇଲା । "ଓଃ, ମଣିଷ ବଞ୍ଚି ଗଲା । ଆଜି ଆଉ ଲେଟ ହେବିନି । ସମୟ ହାତରେ କୋଡିଏ ମିନିଟ ଥିବ, ମୁଁ ଯାଇ ପହଂଚି ଯିବି ।" ନିଜକୁ ନିଜେ କହିଲା ସେ ।

ବସ ଉପରେ ଚଢୁ ଚଢୁ, ତା ପଛରେ ସେ ଝିଅଟି ଆସୁଥିବା ଦେଖି ପାରିଲା ସେ । ସେ ଆଉ ଏକଥାକୁ ଧ୍ୟାନ ନଦେଇ, ଯାଇ ନିଜ ସିଟରେ ବସି ଗଲା । ଅଳ୍ପ ସମୟ ପରେ ସେଇ ଲାଲ ଓଢଣୀ ଝିଅଟି ହିଁ ତା ପାଖରେ ଆସି ବସିଲା । ସେ ଭିଜି ଯାଇଥିବାରୁ ସୁମିତ ଉପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାଙ୍କି ହୋଇ ପଡିଗଲା । ତାର ପାସ ଖସିଗଲା, କି ସେ ଜାଣି ଜାଣି ପଡିଲା ଏକଥା ସୁମିତ ଜାଣି ନଥିଲା ! ହେଲେ ସେ ଝିଅଟି ପାଇଁ ତା ପୁରା ଡ୍ରେସ ଓଦା ହୋଇ ସାରିଥିଲା ।

"ଏ ଝିଅ, ତୁମକୁ ଜଣା ଯାଉନି ? ଦେଖ କଣ କଲ ତୁମେ ? ତୁମ ପାଇଁ ମୁଁ ପୁରା ଓଦା ହୋଇଗଲି । ଏବେ କେମିତି ଯିବି ମୁଁ ?"

"ବର୍ଷା ଦିନଟା । ଓଦା ହେବା ତ ସାଧାରଣ କଥା ! ସେମିତିରେ ମୁଁ ଜାଣି ଜାଣି ଆପଣଙ୍କ ଉପରେ ପଡି ନାହିଁ । ଭୁଲ ବଶତଃ ଏମିତି ହୋଇ ଯାଇଛି ।"

"ଭୁଲ କରୁଛ, ଆହୁରି କ୍ଷମା ନ ମାଗି ମୁହଁ କାଢି ହେଉଛ ?"

"ଓଃ, କହିଲି ତ ଭୁଲରେ ହୋଇଗଲା । ଆଉ କଣ ତୁମ ପାଦ ଧରି କହିବି, ମହାମହିମ ମୋର ଭୁଲ ହୋଇ ଯାଇଛି ? ଏ ଲଗ୍ନା ତା ଜୀବନରେ କାହାକୁ ସରି କହେନା ! ତୁମକୁ ସରି କହିଛି, ସେତିକିରେ ଖୁସି ହୋଇଯାଅ ! ହେଲା !"

"ତୁମେ କଣ କୋଉ ରାଜ୍ୟର ରାଜକୁମାରୀ ? ଏତେ ଆଟିଟ୍ୟୁଡରେ କଥା ହେଉଛ ? ଭୁଲ କରି ଆହୁରି ମୁହଁ କାଢି ହେଉଛ ?"

ଦୁଇଜଣଙ୍କ ପାଟି ଶୁଣି, କଣ୍ଡକ୍ଟର ଆସିଲା । ଦୁହିଁଙ୍କ ଯୋଗୁଁ ଅନ୍ୟ ଯାତ୍ରୀମାନେ ହଇରାଣ ହେଉଥିବାରୁ, ଦୁହିଁଙ୍କୁ ବସରୁ ଓହ୍ଲେଇ ଦେଲା । "ମଲା ଆଜି ମଣିଷ । କାହା ମୁହଁ ଦେଖିଥିଲା କେଜାଣି, ଏବେ ସମୟ ଆଗରୁ ପହଂଚିବି କଣ ? ଠିକ ସମୟରେ ପହଂଚିଗଲେ ବଡ଼ କଥା । ଏ ପାଗଳ ଝିଅ ପାଇଁ ମୋ ଦିନ ବରବାଦ ହୋଇଗଲା ।"

"ହୁଁ, ମନେ ମନେ ଭାରି ସିଆଣିଆ ଆଉ । ମୋତେ ବେଙ୍ଗ କହିଲା, ମୁଁ ଛାଡି ଦେବି ନା କଣ ?" ଝିଅଟି ମନେ ମନେ ଗୁଣୁଗୁଣୁ ହୋଇ କହିଲା । ଏକଥାଟା ସୁମିତ କାନରେ ପଡିଗଲା ପରେ ସେ ଆଶ୍ଚର୍ଯ୍ୟ ହୋଇ କହିଲା, "ମୋର ଗୋଟେ କଥା ପାଇଁ ତୁମେ ମୋତେ ଏତେ ବଡ଼ ଦଣ୍ଡ ଦେଲ ? ତୁମେ ଜାଣିଛ ତୁମେ କଣ କଲ ? ମୋ ଅଫିସ ଡେରି ହେଲେ ମୁଁ ତୁମକୁ ଜମା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡିବିନି ।"

"ଆରେ ଦେଖା ତ ହେବାକୁ ଦିଅ । ଏମିତି ପାଗଳ ଲୋକ ସହ ଆଉ କିଏ ଦେଖା କରିବାକୁ ଚାହିଁବ ?"

ଦୁଇଜଣ ରାସ୍ତାରେ ଝଗଡା କରି କରି ଯାଉଥାନ୍ତି । ସୁମିତ ସେଦିନ କୋଡିଏ ମିନିଟ ଆଗରୁ କଣ, କୋଡିଏ ମିନିଟ ଡେରିରେ ପହଂଚିଲା । ତା ପରେ ଉଚ୍ଚ ଅଫିସରଙ୍କ ଠାରୁ ଯେଉଁ ଗାଳି ଶୁଣିଲା, କେବଳ ସେ ଝିଅଟିକୁ କେମିତି ପାନେ ଦେବ, ସେଇ କଥା ଭାବି ତା ମୁଣ୍ଡ କାମ କରୁ ନଥାଏ ।

ଏୟା ଭାବି ଘରକୁ ଆସୁଥାଏ, ମା'ଙ୍କ ଫୋନ ଆସିଲା । "ହଁ ମା' କଣ ହେଲା ?"

"କୋଉଠି ତୁ ବାବୁ ? ଜାଣିଛୁ, ବଡ଼ ବାପା ତୋ ପାଇଁ ଗୋଟେ ଭଲ ଝିଅ ଠିକ କରିଛନ୍ତି । ଝିଅଟା ଭଲ ପାଠ ପଢ଼ିଛି, ଦେଖିବାକୁ ବି ସୁନ୍ଦର । ସେ କଥା ଦେଇ ଆସିଛନ୍ତି ତୋ ବାହାଘର ସେଇଠି ହେବ ବୋଲି ।"

"ହେଲେ ମା, ଏସବୁ ଏତେ ଜଲଦି ?"

"ଜଲଦି କଣ ବାବା ? ବୟସ ଆସି ଅଠେଇଶ ହେଲାଣି ତୋତେ । ଏବେ ନୁହେଁ ତ କେବେ ବାହା ହେବୁ ? ବଡବାପା କହିଛନ୍ତି ମାନେ ଆସିବୁ ନିଶ୍ଚିତ ।" ଯୌଥ ପରିବାରରେ ଜନ୍ମ ହୋଇଥିବା ସୁମିତ ଜାଣିଥିଲା, ବଡ଼ ବାପା କଥା ଦେଇଛନ୍ତି ମାନେ ବାହାଘର ସେଇଠି ହେବ । କିଏ ଜାଣେ ଝିଅ କାଣୀ, କୁଜି ଯେମିତି ହେଉ ନା କାହିଁକି, ବଡ଼ ବାପା ଠିକ କରିଛନ୍ତି ମାନେ ମତାମତ ନୁହେଁ ଆଦେଶ ଭାବେ ଏଇଟା ମାନିବାକୁ ହେବ ।

ସୁମିତ ଠିକ ଦିନ ଯାଇ ଯେବେ ଝିଅ ଘରେ ପହଂଚିଲା, ଲଗ୍ନାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ଯେତେବେଳେ ଜାଣିଲା ଲଗ୍ନା ହିଁ ତା ଭାବି ପତ୍ନୀ ସେ ରାଗରେ ରକ୍ତଚାଉଳ ଚୋବେଇବାରେ ଲାଗିଲା । ବଡବାପାଙ୍କୁ ତ ମୁହଁରେ ମନା କରିପାରିବ ନାହିଁ, ଏଥିପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଉକୁ କହି ଯୋଜନା କଲା । ତଥାପି ତା କଥା କେହି ଶୁଣିଲେ ନାହିଁ । ଅତଏବ, ଲଗ୍ନା ତା ସ୍ତ୍ରୀ ହୋଇ ଘରକୁ ଆସିଲା ।

ବର୍ତମାନକୁ ଫେରି ଆସି ସୁମିତ ଲଗ୍ନାକୁ ଦେଖି ପୁର୍ବ କଥା ମନେ ପକାଉ ଥାଏ । ସେଇ ଗୋଟେ ଦିନର ରାଗ ସୁଝେଇବାକୁ ଯାଇ ସୁମିତ ସବୁଦିନେ ଲଗ୍ନାକୁ ହତାଦାର କରିବାରେ ଲାଗିଛି । ଘରର ସାନ ବୋହୂ ହେତୁ, ଲଗ୍ନା ସବୁ କାମ କରେ । ହେଲେ ତା ବୋଝ ଉପରେ ସୁମିତ ତା ସହ ଆହୁରି ନଳିତା ବିଡା ସଦୃଶ ଲଗ୍ନାକୁ ସବୁଠି ଅପଦସ୍ତ କରିଛି । ଏମିତିକି ଘରେ ସଭିଏଁ ଥିବା ବେଳେ ଲଗ୍ନା ଉପରକୁ ହାତ ବି ଅନେକ ବାର ଉଠେଇଛି । କାହାରି ବୁଝାଇବା ତାକୁ ଶୁଣାଯାଏ ନାହିଁ । ଲଗ୍ନା ନିଜ ଛୋଟ ଭୁଲର ପ୍ରାୟଶ୍ଚିତ ଆଜିକୁ ଦୁଇ ବର୍ଷ ହେଲା କରି ଆସୁଛି । ସେଦିନ ଲଗ୍ନା ଯେଉଁ ସୁମିତ ଉପରେ ଜାଣି ଜାଣି ପଡିଥିଲା,ସେ କଥା ମନେ ପକାଇ ବାର ବାର ତା ଚରିତ୍ର ହନନ କରିଛି ।

ସୁମିତ ଡାକରେ ଲଗ୍ନା ବରଡା ପତ୍ର ପରି ଥରି ଉଠେ । ଯେଉଁ କାମ ବି କରୁଥାଉ ନା କାହିଁକି, ସିଧା ଆସି ହାଜିର ହୋଇଯାଏ । ବଡବାପାଙ୍କ ବୁଝାଇବା ପରେ ବି ସୁମିତ ଲଗ୍ନାକୁ ଭଲ ପାଇପାରେ ନା । ଲଗ୍ନା ତା ପାଇଁ ଗୋଟେ ଅପଢା କବିତା ହୋଇ ରହିଯାଏ, ଯାହାକୁ ସେ ପ୍ରତି ମୁହୂର୍ତ୍ତ ରେ ଉପେକ୍ଷା କରି ଆସିଛି ।

ହେଲେ ଆଜି ଏ ବର୍ଷାକୁ ଦେଖି ସେ ପଛକୁ ଫେରି ଯାଉଛି । ସେଦିନର ଲଗ୍ନା ଆଉ ଆଜିର ଲଗ୍ନା ଭିତରେ କେତେ ଫରକ ? ଦିନଟିଏ କାହା ଆଗରେ ମୁଣ୍ଡ ନୁଆଇଁ ନଥିବା ଲଗ୍ନା କେମିତି ସୁମିତର ସବୁ ଅତ୍ୟାଚାର ସହି ଯାଉଛି ଭାବିଲେ ସେ ଥଳକୁଳ ପାଉ ନାହିଁ ।

"ଲଗ୍ନା.......... !" ଜୋରରେ ଡାକିଲା ସେ । ବର୍ଷାସ୍ନାତା ଲଗ୍ନା ସୁମିତ ଡାକ ଶୁଣି, ଚମକି ପଡିଲା । ବାଲକୋନିରେ ପରଦା ଢାଙ୍କି ଦେଇ ଦୌଡ଼ି ଆସିଲା ସୁମିତ ଆଗକୁ ସେ । "ଟିକେ ସମୟ ଦିଅନ୍ତୁ, ଏବେ ଚାହା ନେଇ ଆସୁଛି ।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

"ଚାହା ରହିବାକୁ ଦିଅ । କଣ କରୁଥିଲ ତୁମେ ?" ସୁମିତ ପ୍ରଶ୍ନରୁ ଲଗ୍ନା ପାଟିରୁ ଶବ୍ଦଟିଏ ବାହାରୁ ନଥାଏ । ବର୍ଷା ପାଣି ଅପେକ୍ଷା ସୁମିତ ଡାକରେ ଥରି ଯାଉଥାଏ ସେ ।

"ଆଇ ଆମ ସରି ଲଗ୍ନା, ତୁମକୁ ଆସିଲା ଦିନରୁ ମୁଁ ବହୁତ କଷ୍ଟ ଦେଇ ଆସିଛି । ହେଲେ ତୁମେ ଆଜି ଯାଏଁ ମୁହଁ ଖୋଲି କେବେ ହେଲେ ପ୍ରତିବାଦ କରିନ । କେଉଁଠୁ ଆଣ ତୁମେ ଏତେ ଶକ୍ତି ଲଗ୍ନା ? ଏମିତି କି ତୁମ ଚରିତ୍ର ଉପରେ ବି ମୁଁ ପ୍ରଶ୍ନ କରିଛି, ହେଲେ ତୁମେ କେବେ ହେଲେ ପ୍ରତି ଉତ୍ତର ଦେଇ ନାହଁ । ପହିଲି ଦେଖାରେ ଦେଖିଥିବା ଲଗ୍ନା ଆଉ ଆଜିର ଲଗ୍ନା ଭିତରେ ଏତେ ପାର୍ଥକ୍ୟ, କେବଳ ଆଉ କେବଳ ମୋ ପାଇଁ । କୁହ ଲଗ୍ନା, ଏତେ ସବୁ ସହି କାହିଁକି ତୁମେ ମୋ ସହ ରହୁଛ ? ତୁମେ ତ ଉଚ୍ଚଶିକ୍ଷିତା, ତା ଉପରେ ସୁନ୍ଦର ବି । ମୋତେ ଛାଡି ତୁମେ ଆହୁରି କେତେ ଭଲ ପ୍ରସ୍ତାବକୁ ଗ୍ରହଣ କରି ଖୁସିରେ ରହିଥାନ୍ତ । ହେଲେ ଆଜି ଯାଏଁ କଣ ପାଇଁ ସବୁ ମାଡଗାଳି ସହି ପଡି ରହିଛ ?"

ସୁମିତର କଥା ଶୁଣି, ଲଗ୍ନା ଡରି ଯାଇଥାଏ । ପ୍ରଥମ କରି ସୁମିତ ମୁହଁରୁ ନିଜ ପାଇଁ ପ୍ରଶଂସା ଶୁଣି, ଲାଜରେ ଝାଉଁଳି ଯାଇଥାଏ ସେ । ମୁଣ୍ଡ ଉଠାଇ ସୁମିତକୁ କହିଲା, "ମୁଁ ଆଗରୁ ଆପଣଙ୍କୁ ଜାଣିଥିଲି ।"

"କିନ୍ତୁ କେବେ ?"

"ଆପଣ ସେ ବର୍ଷାରେ ମୋତେ ଜାଣିବା ଆଗରୁ ମୁଁ ଆପଣଙ୍କୁ ଜାଣିଥିଲି । ସେବେ ଆମ ବାହାଘର ଠିକ କରି ଦେଇ ଯାଇଥିଲେ ଆପଣଙ୍କ ବଡବାପା ।"

"ତା ମାନେ ସେଦିନ ଜାଣି ଜାଣି ତୁମେ ମୋ ଉପରେ ପଡିଥିଲ ?"

"ଆଜ୍ଞା, ବାସ କେବଳ ଆପଣଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ।"

"ଏକଥା ତ ତୁମେ ମୋତେ ଆଗରୁ କହି ପାରିଥାନ୍ତ ?" ହେଲେ ପରମୁହୂର୍ତ୍ତରେ ସେ ଅନୁଭବ କଲା ଯେ, ଲଗ୍ନାକୁ କେବେ ସେ ସୁଯୋଗ ଦେଇଛି ଯେ କଥା କହିବାକୁ ? ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବଳ ନିଜ ଇଗୋ ପାଇଁ ନିଜ ସୁନା ସଂସାରକୁ ନିଜ ହାତରେ ବିଗାଡି ଦେଇଛି । ଲଗ୍ନା ଭଳି ସ୍ତ୍ରୀକୁ ହତାଦର କରି ସେ ଯେଉଁ ଭୁଲ କରିଛି, ତାର ପ୍ରାୟଶ୍ଚିତ କଣ ହେବ? ପଶ୍ଚାତାପର ଲୁହ ତା ଆଖିରୁ ନିଗିଡି ଯାଉଥାଏ । ତା କାନ୍ଦ ଦେଖି ଲଗ୍ନା ବି କାନ୍ଦି ସାରିଥାଏ ଆଉ ଭୟରେ କହୁଥାଏ, "ମୋର ଯଦି କଣ ଭୁଲ ହୋଇଛି ଆପଣ ମୋତେ ପାଟି କରନ୍ତୁ, ହେଲେ ଏମିତି କାନ୍ଦନ୍ତୁ ନାହିଁ ।" ତାର ଏଇ ସରାଗ ବୋଳା କେଇ ପଦ ମିଠା କଥାରେ ଛୁଆଙ୍କ ପରି କଇଁ କଇଁ ହୋଇ କାନ୍ଦି ଉଠିଲା ସେ । ଲଗ୍ନା ଡରିଯାଇ ସୁମିତ ମଥାକୁ ଆଉଁସି ଦେଇ ପ୍ରଶ୍ନ କରୁଥାଏ କଣ ହେଲା ବୋଲି ।ହେଲେ ଉତ୍ତର ଦେଉ ନଥାଏ ସୁମିତ । ଲଗ୍ନାକୁ ନିଜ ବାହୁବେଷ୍ଟିନୀରେ ଭରି ନେଇ କେବଳ ବହି ଯାଉଥିବା ବର୍ଷାକୁ ଦେଖି ଚାଲିଥାଏ ସେ । ଏ ଲୁହ ବର୍ଷା ସାଥେ ମିଶି ଧୋଇ ନେଇଥାଏ ତା ମନରେ ଥିବା ସବୁ ଘୃଣାକୁ । ଏବେ କେବଳ ଲଗ୍ନା ପାଇଁ ହଜାରେ ପ୍ରୀତି ଫୁଲର ବର୍ଷା ହେଉଥାଏ ତା ମନ ଅଗଣାରେ ।

ବର୍ଷା ଭିଜା ଏ ସକାଳ ଦୁଇଟି ଅଜଣା ହୃଦୟକୁ ସବୁଦିନ ପାଇଁ ଏକାଠି ବାନ୍ଧି ଦେଇଥାଏ । ଖୁସିରେ ବରଷି ଦେଇ ଯାଉଥାଏ ପ୍ରୀତିର ଫଲ୍ଗୁଧାରାକୁ । ଏକ ନୂତନ ସମ୍ପର୍କ ହାତ ବଢ଼ାଇ ଦୁହିଁଙ୍କୁ ଡାକି ନେଉଥାଏ ଭିନ୍ନ ଏକ ଆରମ୍ଭକୁ ।

+୩ (ପ୍ରଥମ ବର୍ଷ )

ଠିକଣା -କଟକ, ଓଡିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଉଡ଼ିଗଲା କାହାଣୀ



ଡଃ ତନ୍ମୟ କବି

ସତରେ ଦେଶ ସ୍ୱାଧୀନତା ପାଇଗଲା.... ! ସମୟ ଆଗପଛ..... ବଡ଼ ପୁଅ ଚାକିରୀ ପାଇଯାଇଛି; ସାନ ଝିଅର ବି ଚାକିରୀ; ତନ୍ମୟ ବାବୁ ଅନେକ ଖୁସି, ପତ୍ନୀ ବି' ଖୁସି... ଯାହା ହେଉ ବୁଢ଼ାଟା ଆଉ କଲେଜ ଯିବ ନାହିଁ, ବକର ବକରରୁ ରକ୍ଷା । ମୋଟା ଅଙ୍କର ଦରମା ଆସିବନି... ତନ୍ମୟ ସାର୍ ଖୁସି ଏତେ ଦିନ ଚାକିରୀ କଲାପରେ ଏବେ ଅବସରକାଳ... ଯାହା ହେଉ ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀରେ ଘର ପୁରି ଉଠିଛି... ଅନେକ ଛାତ୍ରଛାତ୍ରୀ, ସହକର୍ମୀମାନେ ଦୁଇବର୍ଷ ଆଗରୁ କହିଲେଣି ଆପଣଙ୍କ ରିଟାୟାରମେଣ୍ଟ ସାର୍ ପାଖେଇ ଆସିଲାଣି । ବୋହୁଟି ଭଲ; କେତେ ସେବା କୁହନା... ଜ୍ୱାଇଁ ବି ଭଲ - ବାପା, ବାପା ଡାକ..... ।

ଆଜି ଅବସରର ଶେଷ ଦିନ; ଆଜି ସକାଳୁ ସକାଳୁ ପୁଅ ଝିଅଙ୍କର ଫେଣଫେଣୀଆ ମୁହଁ... ସତେ ଯେମିତି ମୁଁ ପରାଜିତ ସୈନ୍ୟ... ବୋହୂମା ବୋହୂମା ଡାକିଲି... ଇଏ କ'ଣ ଗରଗର... । ଆସିଲାଣି ପନ୍ଦର ବର୍ଷ ବୋହୂ ହୋଇ... କେବେ ହେଲେ ପାଟିରୁ କଥା ବାହାରୁ ନଥିଲା ! ଆଜି କ'ଣ ଏମିତି ଭାଷା ? ଆଜିଠୁ ନାଲି ଚାହା ପିଇବେ, ଆପଣଙ୍କୁ ଷାଠିଏ ହେଲାଣି, କ୍ଷୀର ଚାହା ପିଇଲେ କଫ ହେବ, ପୁଣି ଆପଣଙ୍କର କେତେ ରୋଗ, ମା'ଙ୍କର ପୁଣି ଗୋଡ଼ ବିନ୍ଧା ତା ପାଇଁ ତେଲ... ଯାଙ୍କର ଏତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟଙ୍କା ନାହିଁ ଯେ ଆପଣଙ୍କ ସେବାରେ ଲାଗିବ । ହଉ ତୁ ଯା... ବୁଝିବା... ଏ ଗଲା ଗୋଟିଏ କାହାଣୀ......

ଚାରିଟା ବେଳକୁ ଝିଅ ଜ୍ୱାଇଁ ଆସିଲେ ବଙ୍କା ବଙ୍କା କଥା... ଝିଅ କହିଲା ବାପା ତୁମେ ରିଟାର୍ଡ ହେଲଣି, ଆମେ ଆସିବୁ ତୁମ ସେବା କରିବୁ, କିନ୍ତୁ ଗୋଟିଏ କଥା ଯେଉଁ ଟଙ୍କା ପାଇବ ଅଧା ଦେବ । ଶ୍ରୀମତୀ ମୋ'ର ପାଖକୁ ଆସି କହିଲା ସମସ୍ତେ ଏମିତି କ'ଣ କହୁଛନ୍ତି... ଚାଲ ଏଠୁ ପଳାଇବା... ଯାହା ପାଖକୁ ଯିବା ସମସ୍ତେ ମାଗିବେ ଟଙ୍କା, ଟଙ୍କା...

ତହିଁ ପରଦିନ ମୋ ବୁଢ଼ୀ କହିଲା ଚାଲ କାଳିଆ ପାଖକୁ ଯିବା ସେଠି ରହିବା ପୁଅ, ବୋହୂ, ଝିଅ ଜ୍ୱାଇଁ ଆବଶ୍ୟକ ନାହିଁ... ଆନନ୍ଦ ବଜାରରେ ବୁଲିବା; ଖାଇବା... ଆମ କାଳିଆ ସାଆନ୍ତ, ଲକ୍ଷ୍ମୀ ଠାକୁରାଣୀ ଠାରୁ ଏ ଦୁନିଆରେ କିଏ ବଡ଼ ଅଛି ମ ? ? ? ସିଏ ଥିଲେ ଡର କାହାକୁ........

ଡ. ତନ୍ମୟ କବି
ଅବସରପ୍ରାପ୍ତ ପ୍ରାଧ୍ୟାପକ
କଣ୍ଟେଇକୋଳିଆ, ଢେଙ୍କାନାଳ
ଦୂରଭାଷ : ୯୩୩୭୭୫୦୮୭୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସଂଘମିତ୍ରା କାନ୍ଦୁଛି



ଲିମନ୍

ବୟସ ବେଶୀ ନୁହେଁ । ରୂପ ବି କମ୍ ନୁହେଁ । ସେଥିପାଇଁ ତ ସମସ୍ତେ ଆପଣାର । ଅଧିକ ଆପଣାର ତା'ର ଗୁଣ ପାଇଁ । ଅତି ଆଦରଣୀୟ ସେ । ଭାରି ପ୍ରିୟ ସମସ୍ତଙ୍କର । ଭଲ ନାଁ ସଂଘମିତ୍ରା ସାହୁ । ଡାକ ନାଁ ନାହିଁ । ରହିବ ବା କେମିତି... ଏତେ ଗେହ୍ଲା ଯେ କିଏ ଝିଅ ଡାକେ ତ କିଏ ବାୟାଣୀ; କିଏ ଗେହ୍ଲି ଡାକେ ତ କିଏ ବୁଢ଼ୀ ଆଉ କିଏ ମାଆ; ଆଉ କିଏ ଧନରେ... ପାଦ ତଳେ ଲାଗେନି । ଧୂଳି ପଡେନି ତା' ଉପରେ... ପାଠ ଯେମିତି ଶାଠ ସେମିତି.......

ହେଲେ ଆଜି ନିସ୍ତବ୍ଧ କାହିଁକି ? ହଁ ଏତେ ଦିନପରେ ଘରକୁ ଫେରିଛି ତ ବିଶ୍ରାମ କରୁଥିବ... ନା, ନା, ସେ ତା' ବାବାଙ୍କୁ କୋଳେଇ ଶୋଇ ପଡିଥିବ... ! କାଇଁ ନାଇଁ ତ, ସେମିତି କିଛି ନାହିଁ... କ'ଣ ଗୋଟାଏ ସକେଇଲା ଭଳି ଶବ୍ଦ ଆସୁଛି; କିଏ କାନ୍ଦୁଛି କି ? ଏ କ'ଣ ! ଝିଅ କାନ୍ଦୁଛି... କିନ୍ତୁ କାହିଁକି... ? ବାବା ତା'ର ପାଖରେ ନାହାଁନ୍ତି... ମାଆ ତ ଶଙ୍ଖା ସିନ୍ଦୂର ପିନ୍ଧି ରଙ୍ଗୀନ ଲୁଗା ପିନ୍ଧିଛି... ହେଲେ ଘଟଣା କ'ଣ... ସଂଘମିତ୍ରା ହାତରେ ଅଛି ଗୋଟିଏ ଡାଏରୀ; ପାଦ ତଳେ ପଡିଛି ବାବାଙ୍କ କ୍ଷତାକ୍ତ ଫୋନ୍... ଡାଏରୀରେ ଲେଖାଅଛି କବିତା... ହେଲେ ଫୋନରେ କ'ଣ ଥିଲା ? ? ? ? ? ? ! ! ! ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାବା କହୁଛନ୍ତି ମୁଁ କିଛି ଜାଣିନି... ହେଲେ ସଂଘମିତ୍ରା ଆଜି ବୁଝିପାରୁଛି ସେ ଯେତେବେଳେ ବାବାଙ୍କୁ କହେ ମାମାଙ୍କୁ ଫୋନ ଦେବା ପାଇଁ ବାବା ଏଣୁ ତେଣୁ କହି ଭୁଲାଉଥିଲେ କାହିଁକି... ! ହଁ ଯେ... ଡାଏରୀରେ ଲେଖାହେଲା କେମିତି... "ଆଜି ବି ପ୍ରଭା ମୋ ବିନା ବଞ୍ଚି ପାରୁନି, ରଶ୍ମି କୋଳରେ ଭଲ ଫଟୋ ଆସେ, ପିହୁ ଗାଡିରେ ବୁଲିବାକୁ ଆଜି ଡାକୁଛି, ହୀନୁ ଆଜି ଫୋନ କରୁଛି ତା' ସ୍ୱାମୀ ନଥିଲା ବେଳେ... ରୁନି ତ କାନ୍ଦିପକାଏ ଭିଡିଓ କଲରେ... ଲିପି ବଜାରକୁ ଡାକୁଛି, ଦିପ୍ତୀ ତ ଆଜି ବି ଅନେଇଁ ବସିଛି... ସବିତା ମେସେଜ ପଢୁଛି......."

ମାମା ନିରବ । ଫୋନ୍ ସାରା ବିଭିନ୍ନ ଫଟୋ; ବର୍ଣ୍ଣନା କରି ହେବନି... ହେଲେ ଏ କ'ଣ... ନିଜ ଝିଅ ଫଟୋ ଉପରେ ବି ଏଡିଟ୍ କରି ଲେଖା ଅଛି ଅନେକ କଥା... ଛି... ଛି... ଛି... ସଂଘମିତ୍ରା ବିଶ୍ୱାସ କରିପାରୁନଥିଲା ତା' ମାମାର ପଥର ହୃଦୟର ନିରବତାକୁ... ଏତେ ଦିନ ପରେ ଫେରି ବି "ସଂଘମିତ୍ରା କାନ୍ଦୁଛି"........

ଢେଙ୍କାନାଳ


ଦୂରଭାଷ-୭୮୯୪୫୮୫୭୦୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୁଭାଶିଷ



ମଧୁସ୍ମିତା ସାହୁ

ସେ ଦିନ ଥିଲା ଖୁବ୍ ଅନ୍ଧାର ରାତି, ବିଜୁଳି କାଟ ଯୋଗୁଁ ଦିନଟି ସାରା ଅସ୍ତବ୍ୟସ୍ତ ହୋଇପଡି ଥିଲୁ । ସନ୍ଧ୍ୟା ସମୟରେ ପ୍ରାୟ ୮ଟା ବେଳେ ଆମେ ଲଣ୍ଠନ ଆଲୁଅରେ ରାତ୍ର ଭୋଜନ କରିବାକୁ ସମସ୍ତେ ବସିଥିଲୁ । (ବାପା ମା, ଭାଇ ଓ ମୁଁ) ସେତେବେଳେ ମୋର ବୟସ ଥିଲା ସାଢେ ୩ ବର୍ଷରୁ ଉର୍ଦ୍ଧ୍ୱ । ଖାଇବାକୁ ବସି କଥାବାର୍ତ୍ତା ହେବା ସମୟରେ ହଠାତ୍ ଆବାଜ୍ ଆସିଲା ଯେ- "ମୋତେ ବଞ୍ଚାଅ, ମୋତେ ରକ୍ଷା କର" ଏହା ବାରମ୍ବାର କହିବା ଶୁଣିବା ପରେ ଆମେ ସବୁ ଖାଇବା ଛାଡ଼ି ବାହାରକୁ ଯାଇ ଖୋଜିଲୁ, କେଉଁଠାରୁ ସେହି ଆବାଜ୍ ଆସୁଛି, ଦେଖିବାକୁ ପାଇଲୁ ଯେ, ଘରଠାରୁ ଅଳ୍ପ ଦୂରରେ ଗୋଟିଏ ବିରାଟ କୂଅ ଥିଲା, ସେଥିରେ ଜଣେ ଅପରିଚିତ ବ୍ୟକ୍ତି ପଡିଯାଇ ପଥରକୁ ଧରି "ରକ୍ଷାକର ରକ୍ଷାକର" କହୁଥିବା ଦେଖି ତତ୍କ୍ଷଣାତ ମୋ ବାପା ଓ ଭାଇ ଉଭୟ ମିଶି ତାଙ୍କୁ ଉପରକୁ ବାହାର କଲେ, ଅଳ୍ପ ବିଳମ୍ବ ହୋଇଥିଲେ ଜୀବନ ଚାଲି ଯାଇଥାନ୍ତା, ଆଦୌ ବଞ୍ଚାଇ ପାରିନଥାନ୍ତ ।

ସେହି ବ୍ୟକ୍ତି ଜଣକ ବହୁତ୍ ବହୁତ୍ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କଲେ ଓ ପରିବାରକୁ ଶୁଭାଶିଷ ଦେବା ସହ ମୋ ବାପାଙ୍କୁ ଖୁବ୍ ଜୋରରେ ଆଲିଙ୍ଗନ କରି ତାଙ୍କ ଜୀବନ ରକ୍ଷା କରିଦେଲ କହି ଖୁସୀରେ ଗଦଗଦ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଗଲେ ।

ସେ ଦିନର ସେ ବ୍ୟକ୍ତି ଜଣକ ଯେଭଳି ଭାବରେ ଖୁସୀ ଅନୁଭବ କରୁଥିଲେ, ଏକ ଅଦ୍ଭୁତ ରୂପ ଥିଲା ଓ ସେ ଯେଉଁ ଶୁଭ ଆଶିଷ ଦେଇଗଲେ, ତାର ଫଳସ୍ୱରୂପ ଆଜି ଏହି କାହାଣୀକୁ ଲେଖିବା ସାମର୍ଥ୍ୟ ଅର୍ଜନ କରି ପାରିଛି ।

ମୋ ମାଁ ମୋର ସ୍ମୃତି ଶକ୍ତି ଅତି ପ୍ରଖର ବୋଲି ସଦା କୁହନ୍ତି । ସତରେ ସେହି ଘଟଣାଟି ମୋ ମନର ସାଧା କାଗଜରେ ଲିପିବଦ୍ଧ ହୋଇଅଛି ।

ଚିରନ୍ତନ ସତ୍ୟ ଅଭୁଲା ସ୍ମୃତି ପାଲଟିଛି । କାହିଁକି କେଜାଣି ଲାଗେ ସତେ ଯେମିତି ସେ ଦେଇଥିବା ଶୁଭାଶିଷ ମୋର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ପାରିଛି ।

ଯେଉଁ ଦିନ ମୁଁ ହତାଶ ଅନୁଭବ କରେ, ଠିକ୍ ସେହି ବ୍ୟକ୍ତି ଜଣକ ଦେଇଥିବା ଆଶିଷ ମୋତେ ପ୍ରେରଣାଦାୟୀ ସାବ୍ୟସ୍ତ କରେ । ।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର,
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ -୯୩୪୮୨୮୫୪୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦରିଦ୍ର ସାଇ



ଲକ୍ଷ୍ମୀଧର ସିଂ

ମୂଳହିନ୍ଦୀ-ଜୟ ଶଙ୍କର ପ୍ରସାଦ

ଅନୁସୃଜନ-ଲକ୍ଷ୍ମୀଧର ସିଂ

ସାଇ ! ସାଇ ! ! ପିଲାଟି ଡାକ ଛାଡିଲା । ସାଇ ବୁଲି ପଡିଲା । ଆଠ ବର୍ଷର ପିଲାଟେ ତାକୁ ଡାକୁ ଥିବାର ସେ ଦେଖିଲା ।

ଆଜି କିଛି ଦିନ ପରେ ସେ ଅଂଚଳରେ ସାଇର ଦେଖା ମିଳିଛି । ସାଇ ବୈରାଗୀ ଥିଲା - ମାୟା ନାହିଁ, ମୋହ ନାହିଁ; କିନ୍ତୁ କିଛି ଦିନ ହବ, ତା'ର ଅଭ୍ୟାସ ହୋଇଯାଇଥିଲା କି ଦ୍ୱିପହରକୁ ମୋହନର ଘରକୁ ଯାଉଥିଲା, ନିଜର ଦୁଇ ତିନୋଟି ମଇଳା ଲୁଗାପଟାର ଗଣ୍ଠିଲିକୁ ଯତ୍ନ ସହକାରେ ରଖି ତା'ଉପରେ ବସି ପଡୁଥିଲା ଆଉ ମୋହନ ସହ କଥା ହଉଥିଲା । ଯେତେବେଳେ ମୋହନ ତାକୁ ଗରିବ ଆଉ ଭିକମଗା ଜାଣିଲା, ମାଆ ପାଖରୁ ଅଭିମାନ କରି, ବାପାଙ୍କୁ ଲୁଚି କିଛି ଶାଗ ଆଉ ରୁଟି ଆଣି ଦେଉଥିଲା । ସେତେବେଳେ ସେଇ ସାଇର ଚେହେରା ପବିତ୍ର ବନ୍ଧୁତ୍ୱ ଭାବର ସାମ୍ରାଜ୍ୟ ହୋଇଯାଉଥିଲା । ଗରିବ ସାଇ ସେତେବେଳେ ଦଶ ବର୍ଷର ବାଳକ ପରି ଅଭିମାନ, ପ୍ରଶଂସା ଆଉ ଭର୍ତ୍ସନାର ଆଦାନ ପ୍ରଦାନ କରିବା ପରେ ତାକୁ ବହୁତ ଉତ୍ସାହରେ ଖାଇ ଦେଉଥିଲା । ମୋହନ ଦ୍ୱାରା ଦିଆଯାଇଥିବା ଗୋଟିଏ ରୁଟି, ତା'ର ଅକ୍ଷୟ ତୃପ୍ତିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରଣ ହଉଥିଲା ।

ଦିନେ ମୋହନର ବାପା ଦେଖି ନେଲେ । ସେ ବହୁତ ବିଗିଡ଼ିଲେ । ସେ କୋଠର ଆର୍ଯ୍ୟ ସମାଜି ଥିଲେ । ଢୋଙ୍ଗି ଫକୀରଙ୍କ ଉପରେ ତାଙ୍କର ସାଧାରଣ ଓ ସ୍ୱାଭାବିକ ଚିଡ଼ାପଣ ଥିଲା । ମୋହନକୁ ଗାଳି ଦେଲେ କି ସେ ସେମିତି ଲୋକଙ୍କ ସହିତ କଥାବାର୍ତ୍ତା ନକରୁ । ସାଇ ହସି ଉଠିଲା, ଚାଲିଗଲା ।

ତା'ପରେ ଆଜି କିଛି ଦିନ ପରେ ସାଇ ଆସିଛି ଆଉ ସେ ଜାଣିଶୁଣି ସେ ପିଲାଟିର ଘର ଆଡକୁ ଯାଇ ନାହିଁ । କିନ୍ତୁ ପାଠ ପଢି ଫେରିଲା ବେଳକୁ ମୋହନ ତାକୁ ଦେଖି ଡାକିଲା ଆଉ ସେ ଫେରି ଆସିଲା;

'ମୋହନ !'

'ତୁମେ ଆଜିକାଲି ଆସୁ ନାହଁ ?'

'ତୁମର ବାପା ବିଗୁଡୁଥିଲେ ।'

'ନା, ତୁମେ ରୁଟି ଆସି ନେଇଯାଅ । '

'ଭୋକ ଲାଗୁନାହିଁ । '

'ହଉ, କାଲି ନିହାତି ଆସିବ ଭୁଲି ଯିବ ନାହିଁ । '

ଏହି ସମୟରେ ଆଉ ଜଣେ ପିଲା ସାଇର ଗଣ୍ଠିଲି ଟାଣି ନେଇ ଧାଇଁଲା । ଗଣ୍ଠିଲିଟା ଆଣିବା ପାଇଁ ସାଇ ବି ସେ ପିଲାଟା ପଛରେ ଧାଇଁଲା । ମୋହନ ଦେଖୁଥିଲା, ସାଇ ଆଖିରୁ ଅଦୃଶ୍ୟ ହୋଇଗଲା ।

ଛକ ଯାଏଁ ଦୌଡୁ ଦୌଡୁ ସାଇ ଝୁଣ୍ଟି ପଡିଗଲା । ମୁଣ୍ଡରୁ ରକ୍ତ ବୋହିବାକୁ ଲାଗିଲା । ଚିଡ଼ାଇବାକୁ ଯେଉଁ ପିଲା ତା'ର ଗଣ୍ଠିଲି ନେଇ ଧାଉଁଥିଲା, ସେ ଭୟରେ ଅଟକି ଗଲା । ଅନ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଟରୁ ମୋହନର ବାପା ତାକୁ ଧରି ନେଲା । ଆଉ ହାତରେ ସାଇକୁ ଧରି ଉଠାଇଲା । ଦୁଷ୍ଟ ପିଲାଟିର ମଥାରେ ଚାପୁଡ଼ା ବସିବାକୁ ଲାଗିଲା । ସାଇ ଉଠି ଛିଡା ହୋଇଗଲା ।

'ମାର ନାହିଁ, ମାର ନାହିଁ, ମୁଣ୍ଡ ଫାଟିଯିବ' ସାଇ କହିଲା ଆଉ ପିଲାଟିକୁ ଛଡ଼ାଇବାକୁ ଲାଗିଲା । ମୋହନର ବାପା ସାଇକୁ ପଚାରିଲା, 'ତେବେ ଗଣ୍ଠିଲି ପାଇଁ କାହିଁକି ଦୌଡ଼ୁଥିଲ ?'

ମଥା ଫାଟିଲା ପରେ ବି ଯିଏ କାନ୍ଦୁ ନଥିଲା, ସେଇ ସାଇ ପିଲାଟିକୁ କାନ୍ଦୁଥିବାର ଦେଖି କାନ୍ଦିବାକୁ ଲାଗିଲା ସେ କହିଲା, 'ବାବା, ମୋ ପାଖରେ ଆଉ କି ବସ୍ତୁ ଅଛି, ଯାହା ନେଇ ଏଇ 'ରାମସ୍ୱରୂପ' ଭଗବାନକୁ ପ୍ରସନ୍ନ କରି ପାରିବି ।'

'ତେବେ କଣ ତୁମେ ଏଥିପାଇଁ ଗଣ୍ଠିଲି ରଖିଛ ?'

'ଏଇ ଗଣ୍ଠିଲିକୁ ନେଇ ଭଗବାନ ଦୌଡ଼ୁଛନ୍ତି ଆଉ ମୁଁ ତାଙ୍କ ସହ ଲଢ଼ି ଛଡେଇ ଆଣୁଛି; ରଖୁଛି ପୁଣି ସେ ଛଡେଇ ନେବା ପାଇଁ, ତାଙ୍କର ମନବିନୋଦ ପାଇଁ । ସୁନାର ଖେଳନା ତ ଚୋର ବି ଛଡେଇ ନିଏ କିନ୍ତୁ ମଇଳା ଗଣ୍ଠିଲି ଉପରେ କେବଳ ଭଗବାନ ହିଁ ଦୟା କରନ୍ତି ।'

ଏତକ କହି ପିଲାଟିର ମୁହଁ ପୋଛୁ ପୋଛୁ ସାଙ୍ଗ ପରି କୁଣ୍ଢେଇ ପକେଇ ସାଇ ଚାଲିଗଲା ।

ମୋହନର ବାପା ଆଶ୍ଚର୍ଯ୍ୟ ହୋଇ କହିଲା, 'ଦରିଦ୍ର ସାଇ ! ତୁମେ କେବଳ ଦରିଦ୍ର ନୁହଁ ଦରିଦ୍ରର ସୁନା ଅଟ ।'

ଅଁଳାପାଳ, ଗରଡ଼ିହି, ବାଲେଶ୍ୱର ।

ମୋ - ୬୩୭୦୦୨୬୮୦୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୂର୍ତ୍ତିପୂଜା ବିରୋଧୀ ରାଜା



ହେତୁବାଦୀ ବାଲ୍ମୀକି

ଗୋଟିଏ ରାଜ୍ୟର ଅତ୍ୟନ୍ତ ଧର୍ମପରାୟଣ ବୟୋଜ୍ୟେଷ୍ଠ ମହାରାଜାଙ୍କ ମୃତ୍ୟୁ ହୋଇଯିବା ପରେ, ରାଜ୍ୟର ମନ୍ତ୍ରୀମାନଙ୍କ ଭିତରେ ଭାଳେଣି ପଡିଗଲା, ବର୍ତ୍ତମାନ ଏହି ରାଜ୍ୟର ରାଜା ହେବ କିଏ ? ରାଜାଙ୍କର ଏକମାତ୍ର ପୁତ୍ର ବିକାଶ ସିଂହ ଉଚ୍ଚଶିକ୍ଷିତ ଓ ବହୁଜ୍ଞାନର ଅଧିକାରୀ ଥିଲେ କିନ୍ତୁ ତାଙ୍କର ଚାଲି-ଚଳଣ ଓ ହେତୁବାଦୀ ବିଚାରଧାରା ସମ୍ପର୍କରେ ସମସ୍ତେ ଅବଗତ ଥିଲେ । ସେ କ'ଣ ରାଜ୍ୟର ଶାସନଭାର ସମ୍ଭାଳି ପାରିବେ ? ଏହା ଥିଲା ସମସ୍ତଙ୍କର ଚିନ୍ତାର କାରଣ । ଯୁବରାଜ କୌଣସି ଧର୍ମୀୟ କର୍ମକାଣ୍ଡକୁ ମାନୁ ନଥିଲେ । ଗୌତମ ବୁଦ୍ଧଙ୍କୁ ନିଜର ଆଦର୍ଶ ମାନୁଥିଲେ । ସେଥିପାଇଁ ତାଙ୍କର ଧର୍ମବାଣୀ ପ୍ରଚାର କରୁଥିଲେ । ରାଜ୍ୟର ଲୋକମାନଙ୍କୁ ମୂର୍ତ୍ତିପୂଜା ଓ ଧର୍ମୀୟ କର୍ମକାଣ୍ଡ ନକରିବା ପାଇଁ ପ୍ରବର୍ତ୍ତାଉଥିଲେ । ସେ କହୁଥିଲେ – "ଆମର ଧର୍ମ ହେଉଛି, ମାନବ ଧର୍ମ । ମାନବଙ୍କ ମଙ୍ଗଳପାଇଁ କର୍ମ କରିବା ହେଉଛି ଅସଲ କର୍ମକାଣ୍ଡ ।"

ତାଙ୍କର କଥାରେ ରହିଥିବା ଅକାଟ୍ୟ ତର୍କକୁ କେହି ଅସ୍ୱୀକାର କରୁନଥିଲେ । କିନ୍ତୁ ଲୋକମାନେ ତଥାକଥିତ ଈଶ୍ୱର ଓ ତାଙ୍କ ଧର୍ମକୁ ଅସ୍ୱୀକାର କରିବାକୁ ମଧ୍ୟ ସାହାସ କରିପାରୁ ନଥିଲେ । ତଥାପି ରାଜପରିବାରର ଉତ୍ତରାଧିକାରୀ ହିସାବରେ ଯୁବରାଜ ବିକାଶ ସିଂହଙ୍କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିଁ ରାଜଗାଦୀରେ ଅଭିଷିକ୍ତ କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା । ଯୁବରାଜ 'ବିକାଶ ସିଂହ' ରାଜ୍ୟର ଶାସନଗଦୀରେ ଆରୋହଣ ହେଲେ । ରାଜା ହେବାପରେ ସେ ରାଜ୍ୟର ପ୍ରତ୍ୟେକ ଗ୍ରାମ ଓ ନଗର ପରିଦର୍ଶନ କରି ରାଜ୍ୟବାସୀଙ୍କ ସୁଖ-ଦୁଃଖ ଓ ଜୀବନଶୈଳୀକୁ ଅନୁଧ୍ୟାନ କଲେ । ଯେଉଁଠି ଯେଉଁପ୍ରକାର ଅଭାବ ଅସୁବିଧା ଥିଲା, ଯଥା : ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟକେନ୍ଦ୍ର, ପିଲାଙ୍କପାଇଁ ଶିକ୍ଷା ବ୍ୟବସ୍ଥା ଇତ୍ୟାଦି, ସେଗୁଡିକର ଉଚିତ ପ୍ରକାରେ ସମାଧାନ କରିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ । ରାଜାଙ୍କର ପିଢ଼ି ଦରପିଢ଼ିରୁ ଆଦାୟ ହୋଇ ରାଜକୋଷରେ ଜମା ହୋଇଥିବା ଧନକୁ ଜନମଙ୍ଗଳ କାମରେ ବିନିଯୋଗ କରାଗଲା । ରାଜ୍ୟର କଚ୍ଚାସଡକ ସବୁ ପକ୍କା ହୋଇଗଲା, ପ୍ରତ୍ୟକ ଅଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ବ୍ୟବସ୍ଥା କରାଗଲା । କୃଷକମାନଙ୍କ ଜମିରେ ଜଳସେଚନ ସୁବିଧା ସହିତ ବିଭିନ୍ନ ଫଳ, ପରିବା, ଶସ୍ୟ ଆଦିର ବିହନ ଯୋଗାଣ ବ୍ୟବସ୍ଥା ହେଲା । ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ପ୍ରଶିକ୍ଷିତ ଡାକ୍ତର ଓ ସ୍ୱାସ୍ଥ୍ୟସେବୀଙ୍କୁ ନିଯୁକ୍ତ କରାଗଲା, ବିଦ୍ୟାଳୟ ନଥିବା ଅଞ୍ଚଳରେ ନୂଆ ସ୍କୁଲ, କଲେଜ ଖୋଲାହେଲା । ପ୍ରଶିକ୍ଷିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ମିଳିଲା । ଧୀରେ ଧୀରେ ଲୋକମାନଙ୍କ ଅବସ୍ଥା ସୁଧୁରିବା ଆରମ୍ଭ ହେଲା । ଏହା ଦେଖି ଯୁବରାଜଙ୍କ ପ୍ରତି ସମ୍ମାନ ତଥା ଲୋକପ୍ରିୟତା ବୃଦ୍ଧିପାଇଲା । ଘରେ ଘରେ ଯୁବରାଜଙ୍କ ଜୟଗାନ ହେଲା । କିଛି ମାସ ପରେ ଦିନେ ଯୁବରାଜ ଘୋଷଣା କଲେ ଯେ, ଆଜିଠାରୁ ରାଜ୍ୟରେ ମୂର୍ତ୍ତିପୂଜା କରିବା ବର୍ଜିତ ହେବ । ଏହି ଘୋଷଣା ପରେ ରାଜ୍ୟର ଧର୍ମବିଶ୍ୱାସୀ ଲୋକମାନଙ୍କ ଭିତରେ ହଇଚଇ ସୃଷ୍ଟି ହୋଇଗଲା । ଏହା କିପରି ସମ୍ଭବ ? ଆମର ଧାର୍ମିକ ଭାବନାକୁ ରାଜା ନିର୍ଦ୍ଦୟଭାବେ ଆହତ କରୁଛନ୍ତି କାହିଁକି ? ବିଭିନ୍ନ ଗୋଷ୍ଠୀଙ୍କ ତରଫରୁ ପ୍ରତିବାଦର ସ୍ୱର ଉଠିଲା । ମନ୍ତ୍ରୀଗଣ ପ୍ରମାଦ ଆଶଙ୍କାକରି ଡରି, ଡରି ଯୁବରାଜଙ୍କୁ ବୁଝାଇବାକୁ ପ୍ରୟାସ କଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– "ମହାରାଜ ମୂର୍ତ୍ତିପୂଜା କରିବା ହେଉଛି ଲୋକମାନଙ୍କର ମୌଳିକ ଅଧିକାର ଓ ଧର୍ମୀୟ ବିଶ୍ୱାସ । ରାଜଦ୍ରୋହ ଓ ଦଣ୍ଡ ଭୟରେ ଲୋକମାନେ ମନ୍ଦିରକୁ ଯିବା ବନ୍ଦ କରି ଦେଇଥିଲେ ବି ମନରେ ତୀବ୍ର ଅସନ୍ତୋଷ ପ୍ରକଟ କରୁଛନ୍ତି । ଲୋକମାନେ ଏହି ଆଦେଶକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।" ରାଜା ଲୋକମାନଙ୍କର ପ୍ରତିକ୍ରିୟା ଶୁଣି କିଛି ଉତ୍ତର ନଦେଇ ଚିନ୍ତା କରୁଥିଲେ, ଏହାର ସମାଧାନ ହେବ କିପରି ?

ଦିନେ ରାଜ୍ୟର ଗୋଟିଏ ପ୍ରସିଦ୍ଧ ମନ୍ଦିରର ମୁଖ୍ୟ ପୂଜକ ରାଜଦରବାରକୁ ଆସି ଦୁଇ ହସ୍ତ ଯୋଡି ରାଜାଙ୍କୁ କହିଲେ - "ମହାରାଜ ଆପଣ ଦେବୀ-ଦେବତାଙ୍କ ମୂର୍ତ୍ତିକୁ ପୂଜା କରିବାପାଇଁ ମନା କରିଥିବାରୁ ଆମର ମନ୍ଦିରକୁ କୌଣସି ଭକ୍ତ ଆସୁନାହାନ୍ତି । କିନ୍ତୁ କ୍ଷମା ଯାଚନା ସହିତ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଚାହୁଁଛି । ଛାମୁ ଅନୁମତି ଦେଲେ ମୁଁ ପ୍ରକାଶ କରିବି ।"

ଯୁବରାଜ ସ୍ମିତ ହାସ୍ୟ ସହିତ ପଚାରିବାକୁ ଅନୁମତି ଦେଲେ । ପୂଜକ କହିଲେ – "ଯଦି ମୂର୍ତ୍ତିପୂଜା କରିବା ଅନାବଶ୍ୟକ ବୋଲି ଭାବୁଛନ୍ତି ତେବେ ଏହି ରାଜଦରବାରର କାନ୍ଥରେ ଲାଗିଥିବା ଆପଣଙ୍କର ପିତା ଓ ଜେଜେବୋପାଙ୍କ ତୈଳଚିତ୍ରଗୁଡିକୁ ତଳେରଖି ଚିତ୍ରଉପରେ ଆପଣ କ'ଣ ଛେପପକାଇ ପାରିବେ ?"

ରାଜା ଜମା କ୍ରୋଧିତ ନହୋଇ କହିଲେ - "ନାହିଁ, ମୁଁ ସେମିତି କରିବାକୁ ପସନ୍ଦ କରିବି ନାହିଁ । କିନ୍ତୁ ଏହାର କାରଣ ସମ୍ପର୍କରେ ଉତ୍ତର ଦେବାପାଇଁ ମୋତେ ସାତଦିନ ସମୟ ଦିଅନ୍ତୁ ।" ପୂଜକ ରାଜାଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ ।

ଠିକ ଚାରିଦିନ ପରେ ହଠାତ୍ ପୂଜକ କାନ୍ଦି କାନ୍ଦି ଆସି ରାଜଦରବାରରେ ହାଜର ହେଲେ । ରାଜା ପଚାରିଲେ - "କ'ଣ ହେଲା ?" ପୂଜାରୀ ହାତ ଯୋଡି କହିଲେ - "ଛାମୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣଙ୍କ ସୈନିକମାନେ ଆଜି ଆମଘରୁ ମୋର ବାପା ଓ ମାଆଙ୍କୁ ଗିରଫକରି ବନ୍ଦୀଘରେ ରଖିବାପାଇଁ ନେଇଆସିଲେ । ତା' ବଦଳରେ ବାପା ଓ ମାଆଙ୍କ ଦୁଇଟି ପ୍ରତିମୂର୍ତ୍ତି ଆମକୁ ଦେଇ ଆସିଛନ୍ତି । ମହାରାଜ ମୁଁ ସେହି ନିର୍ଜୀବ ପିତୁଳାଗୁଡିକୁ କ'ଣ କରିବି ?"

ରାଜା ବହୁତ ଶାନ୍ତ ସ୍ୱରରେ କହିଲେ - "ଜମା ବ୍ୟସ୍ତ ହୁଅନାହିଁ । ମୁଁ ଜାଣିପାରୁଛି ତୁମେ ବାପା ଓ ମା'ଙ୍କୁ ବହୁତ ଶ୍ରଦ୍ଧା ଓ ସମ୍ମାନ କରୁଛ । ମୁଁ ତୁମକୁ ଯଥେଷ୍ଟ ଧନ ଦେବି, ତୁମେ ବାପା-ମାଆଙ୍କ ମୂର୍ତ୍ତି ଦୁଇଟିକୁ ଯେଉଁଭଳି ସୁନ୍ଦର ଭବନ ନିର୍ମାଣକରି ରଖିବାକୁ ଚାହିଁବ, ରଖିପାରିବ । ବାପା-ମାଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ମୂର୍ତ୍ତିକୁ ଖୁଆଇ ପାରିବ । ଆମର ବନ୍ଦୀଘରେ ତୁମର ବାପା-ମାଆଙ୍କୁ ଖାଦ୍ୟ ଦିଆଯିବନାହିଁ । କାରଣ ତୁମେ ଭକ୍ତିଭାବରେ ଯେଉଁ ଖାଦ୍ୟ ମୂର୍ତ୍ତିକୁ ଦେବ, ସେଥିରେ ତାଙ୍କର କ୍ଷୁଧା ନିବାରଣ ହୋଇଯିବ । ତୁମେ ସେହି ମୂର୍ତ୍ତିଦୁଇଟିକୁ ଯେଉଁ ଭକ୍ତିଭାବରେ ପୂଜାର୍ଚ୍ଚନା କରିବ, ସେହି ଭାବରେ ବାପାମା'ଙ୍କୁ ବନ୍ଦୀଘରେ ମଧ୍ୟ ସୁଖ ଓ ଶାନ୍ତି ମିଳିବ ।”

ପୂଜକ ହାତଯୋଡି ନତମସ୍ତକ ହୋଇକହିଲେ -"ମହାରାଜ, ମୋର ଭୁଲ ମୁଁ ବୁଝିପାରିଛି । ମୂର୍ତ୍ତିକୁ ଖାଦ୍ୟଦେଲେ ବନ୍ଦୀଘରେ ଥିବା ବାପା-ମା'ଙ୍କ ପେଟ ପୁରିବନାହିଁ । ମୋତେ କ୍ଷମା କରିଦିଅନ୍ତୁ । ମୋ ବାପା-ମା'ଙ୍କୁ ଫେରାଇ ଦିଅନ୍ତୁ ।" ରାଜା କହିଲେ – “ଏବେ ଠିକ ବୁଝିଛ । ମୁଁ ସେହି କଥା ହିଁ ବୁଝାଇବାକୁ ଚାହୁଁଛି ଯେ, ନିର୍ଜୀବ ମୂର୍ତ୍ତିଗୁଡାକୁ ପୂଜାଅର୍ଚ୍ଚନା କରିବାପାଇଁ ଯେତିକି ସମୟ ଓ ଧନ ଖର୍ଚ୍ଚହେଉଛି, ସେହି ଧନ ଜନମଙ୍ଗଳ କାର୍ଯ୍ୟରେ ଖର୍ଚ୍ଚହେଉ । କୌଣସି କାଠ ପଥରର ମୂର୍ତ୍ତିକୁ ଛପନ ପ୍ରକାର ଭୋଗ ଲଗେଇ, ଯେତେ ପୂଜା ଅର୍ଚ୍ଚନା କଲେ ମଧ୍ୟ କିଛି ଲାଭନାହିଁ । ତୁମେ ଯାଇ ଦେଖ ତୁମର ବାପା-ମା' ବନ୍ଦୀଘରେ ନାହାନ୍ତି ବରଂ ମୋର ଅତିଥି କକ୍ଷର ଆରାମ ଗୃହରେ ଅବସ୍ଥାନ କରୁଛନ୍ତି । ତାଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନପସନ୍ଦର ଖାଦ୍ୟ ଦିଆଯାଇଛି । ବାପା-ମା'ଙ୍କୁ ଘରକୁ ନେଇଯାଅ । ତାଙ୍କୁ ଉପଯୁକ୍ତ ସେବା ଓ ସମ୍ମାନଦିଅ । ଯିବା ପୂର୍ବରୁ ତୁମର ମୂଳ ପ୍ରଶ୍ନର ଉତ୍ତର ଶୁଣ – "ମୁଁ ଜାଣେ ଯେ, ମୋ ପୂର୍ବପୁରୁଷ ଦିନେ ଏହି ରାଜ ପରିବାରରେ ଜୀବିତ ଥିଲେ ଏବଂ ରାଜ୍ୟଶାସନ କରୁଥିଲେ, ତାଙ୍କର ସତ୍ତାକୁ ଅସ୍ୱୀକାର କରି ତାଙ୍କ ତୈଳଚିତ୍ର ଉପରେ ଛେପ ପକାଇବା ଅର୍ଥ ମୋର ମାନବିକତା ନାହିଁ ବୋଲି ପ୍ରମାଣିତ ହେବ କିନ୍ତୁ ତାଙ୍କର ପୂଜାଅର୍ଚ୍ଚନା କରିବାପାଇଁ ଅଯଥା ଧନ ଖର୍ଚ୍ଚ କରୁନାହିଁ । ଆମେ ସବୁବେଳେ ତାଙ୍କର ସ୍ମୃତି ଚାରଣକରି ମନେ ପକାଉଛୁ । କିନ୍ତୁ ତୁମେ ଯାହାର ଅସ୍ତିତ୍ୱ ବା ସତ୍ତା ସର୍ବସମ୍ମତ ନୁହେଁ, ଯାହାକୁ କେବେ ଦେଖିନାହଁ କି ଜାଣିନାହଁ ତା'ପାଇଁ ସରଳ ପ୍ରବୃତ୍ତିର ଲୋକମାନଙ୍କୁ ପ୍ରବର୍ତ୍ତାଇ, ଦାନ ଓ ଦକ୍ଷିଣା ଆଳରେ ଅଜସ୍ର ଟଙ୍କା ସଂଗ୍ରହ କରୁଛ କାହିଁକି ?

ରାଜା ପୁଣି କହିଲେ - "ତଥାପି ଯଦି ରାଜ୍ୟର ଜନତା ମୋର ପ୍ରସ୍ତାବରେ ଅସନ୍ତୁଷ୍ଟ, ତେବେ ମୁଁ ମୋର ଆଦେଶ ବାତିଲ କରୁଛି । ଯେଉଁଧନ ଜନମଙ୍ଗଳକାରୀ କାର୍ଯ୍ୟରେ ବିନିଯୋଗ କରୁଥିଲି ଆଜିଠାରୁ ସେହି ସବୁକାମ ବନ୍ଦକରି, କେବଳ ଧର୍ମସ୍ଥଳ ଗୁଡିକୁ ଆହୁରି ସୌମ୍ୟ ଓ ସୁନ୍ଦର କରି ଗଢିବାପାଇଁ ରାଜସ୍ୱରୁ ଧନ ଖର୍ଚ୍ଚ କରିବି । ଏଥର ସମସ୍ତେ ଖୁସି ତ ?"

ରାଜାଙ୍କ କଥା ଶୁଣି ପୂଜକ ମହାଶୟଙ୍କ ସମେତ ସମସ୍ତ ସଭାପରିଷଦଗଣ ମୁହଁ ତଳକୁ କରି ଚୂପ୍ ରହିଥିଲେ ।

ମୋ: ୯୪୮୨୦୧୬୨୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକ ରହସ୍ୟମୟ ମହଲା - ୧



ପ୍ରଜ୍ଞାସ୍ମିତା ଷଡ଼ଙ୍ଗୀ

ଜୀବନର ପ୍ରତିକ୍ଷଣର ସଂଘର୍ଷ ମନୁଷ୍ୟକୁ ଶାନ୍ତ ଓ ଶକ୍ତ ବନାଏ । ସବୁ ସମସ୍ୟାର ସମାଧାନରେ ସେ ନିଜକୁ ଉଜ୍ଜ୍ୱଳ ଆଡ଼କୁ ଆଗେଇ ନିଏ । ପୃଥିବୀ ବକ୍ଷରେ ଯେ ସମସ୍ତ ସୁନ୍ଦର ବସ୍ତୁ ଆକର୍ଷଣୀୟ ଏହା ସତ୍ୟ ମାତ୍ର ଏହା ଯେ ପ୍ରାଣନାଶକ ସାଜିପାରେ ବୁଝିବା ପାଇଁ ମାତ୍ରାଧିକ ସମୟ ଲାଗି ପାରେ । ଏହି ଗଳ୍ପଟି ଏକ ସୁନ୍ଦର ପରିପୂର୍ଣ୍ଣ ସହରର । ସହରଟି ଅତ୍ୟନ୍ତ ସୁନ୍ଦର । ବର୍ତ୍ତମାନର ପ୍ରଦୂଷଣରୁ ବହୁ ଦୂରେ ନିଜକୁ ସଶକ୍ତ କରି ଆକର୍ଷଣୀୟ ପଏଣ୍ଟ ଭାବେ ନିଜକୁ ବକ୍ଷ କରିଛି । ଏହାର ରାସ୍ତାର ବିଭିନ୍ନ ପାର୍ଶ୍ୱରେ ବୃକ୍ଷ ଗୁଡ଼ିକ ଗୋଟିଏ ସମାନ୍ତରରେ ଗଗନମୁଖୀ ହୋଇଛନ୍ତି । ସଡକ ବହୁଦୂର ଯାଏ ବିଚାଇ ହୋଇ ଅତିଥିଙ୍କୁ ସ୍ୱାଗତ ଜଣାଉଛି । ଏ ମଧ୍ୟରେ ସହରୁ ଟିକେ ଦୂରେ ଏକ ନେତ୍ରାକର୍ଷଣୀ ହ୍ରଦ ଏକାକ୍ରମେ ଦାର୍ଶନିକ ଓ ଧାର୍ମିକ ସ୍ଥଳ ଭାବେ ପରିଚିତ । ଏହାର ଜଳ କାଚକେନ୍ଦୁ ପରି ଯାହା ସହ ଭୂଗଭିର ବସ୍ତୁ ମଧ୍ୟ ସ୍ୱଷ୍ଟ ଭାବେ ନଜର ଆସୁଛି ତା ସାଥେ ବ୍ୟୋମ ସହ ନିରର ଦୋଳାୟମାନ ଦୃଶ୍ୟ ମନକୁ ତୃପ୍ତ କରୁଛି । ହ୍ରଦର ଚତୃପାର୍ଶ୍ୱରେ ବୃକ୍ଷ ଗୁଡ଼ିକ ନୃତ୍ୟାୟମାନ ରୂପେ ଅତିଥିଙ୍କ ମନକୁ ମୁଗ୍ଧ କରୁଛନ୍ତି । ବହୁ ଆଲୋକ ଖୁଣ୍ଟ ସବୁ ମଧ୍ୟ ଦୁଇ ଦୁଇ ବୃକ୍ଷ ମଧ୍ୟରେ ଅବସ୍ଥାପିତ ହୋଇଅଛନ୍ତି । ହ୍ରଦର ଦୁଇ ପାର୍ଶ୍ୱରେ ଲୋକ ବସିବା ନିମନ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଉରା ନିର୍ମିତ ହୋଇଅଛି । ମାତ୍ର ଏହାର ଅନ୍ୟତ୍ର ଦୁଇ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ସାଥେ ଜଙ୍ଗଲି ପଶୁପକ୍ଷୀଙ୍କର ରାବ ସ୍ୱଷ୍ଟ ଭାବେ ଶ୍ରବଣ ହେଉଛି । ଏହି ହ୍ରଦର ଠିକ୍ ମଧ୍ୟ ଭାଗରେ ଏକ ବିଶାଳ ଭବନ ସୁଦୃଢ ଭାବେ ଠିଆ ହୋଇଅଛି । ଏହା ସର୍ବୋଚ୍ଚ କୋଡ଼ିଏ ମହଲାର ଭବନ । କୋଠରୀ ଗୁଡ଼ିକର ସବୁ ଝରକା ସବୁବେଳେ ବନ୍ଦ ହି ଥାଏ । ଏତିକି ମାତ୍ରେ ଜଣେ ସ୍ୱଷ୍ଟ ଭାବେ କହିପାରିବେ ଯେ ମହଲଟି ଅତ୍ୟନ୍ତ ଭବ୍ୟ ଓ ଦୃଷ୍ଟି ଆକର୍ଷଣକାରି । ଏଠାର ଲୋକଙ୍କଠୁ ଜଣାପଡେ ଯେ ଏହି ମହଲଟି ବହୁପୁରାତନ ଗୋଟିଏ ରାଜମହଲ ଆଉ ବହୁ କାଳରୁ ଏଠାରେ ଅବସ୍ଥାପିତ । ଏହାର ଶେଷ ରାଜା ହଠାତ୍ କୁଆଡେ ନିଜ ପରିବାର ସହ ଚାଲିଯାଇଥିଲେ ଏମିତି କିଛି ଲୋକବାଣୀ ଏଠାରେ ଶୁଣିଆସୁଛନ୍ତି ବହୁ କାଳରୁ । କୁହାଯାଏ ଏଠାରେ ଯେଉଁ ଶେଷ ରାଜା ଥିଲେ ସେ ଅତ୍ୟନ୍ତ ଦୟାଳୁ ଓ ପରୋପକାରୀ । ତାଙ୍କ ଜନ୍ମବାର୍ଷିକ ସ୍ମରଣ ନିମନ୍ତେ ସମସ୍ତ ଜନସମୁହ ଦୀପଦାନ କରି ରାଜାଙ୍କୁ ଶୁଭେଚ୍ଛା ସହ ଦୀର୍ଘାୟୁ କାମନା କରନ୍ତି । ରାଜା ସର୍ବଦା ନିଜ ପ୍ରଜାଙ୍କୁ ନିଜ ପରିବାରଠୁ ଅଧିକ ଭାବନ୍ତି ଓ ତାଙ୍କ ସୁବିଧା ନିମନ୍ତେ ସମସ୍ତ ସୁଖ ବର୍ଜନ କରିଦିଅନ୍ତି । ରାଣୀ ଅତ୍ୟନ୍ତ ଅହଙ୍କାରୀ, ଗର୍ବି ଓ ରାଗି ସ୍ୱଭାବର ମାତ୍ର ତାଙ୍କ କନ୍ୟାଙ୍କ ସ୍ୱଭାବ ପୁନଃ ବିପରୀତ ନମ୍ର, କୋମଳମତି ଓ ପରୋପକାରୀ । ଏହି ହ୍ରଦ ମଧ୍ୟରେ ସବୁ ଧର୍ମର ଜନ ନିଜର ମନସ୍କାମନା ପୁର୍ଣ୍ଣ ନିମନ୍ତେ ଦୀପ ଦାନ ଦ୍ୱାରା ନିଜର ମନକୁ ଶାନ୍ତ ଓ ସ୍ୱଚ୍ଛ ବନାନ୍ତି ।

ଏକଦା କିଛି ବନ୍ଧୁବର୍ଗ ସମୂହ ଭ୍ରମଣର ଯୋଜନା କରି ବହାରି ପଡ଼ିଲେ । ରାସ୍ତାରେ ବହୁତ୍ ଆନନ୍ଦ, ଭୋଜନ କରିବା ସହ ଭ୍ରମଣରେ କରିବାର ଥିବା କାର୍ଯ୍ୟ ବିଷୟରେ ବର୍ଣ୍ଣନା କରି ରାସ୍ତା ଅତିକ୍ରମ କରି ଚାଲୁଥିଲେ । ହଠାତ୍ କେଜାଣି କେଉଁଠୁ କଳା ମେଘ ସହ ବାଦଲ ଗରଜି ଉଠିଲା । ସମସ୍ତେ ଏକାକ୍ରମେ ଭୟାତୁର ହୋଇଉଠିଲେ । ସେହି ସମୟରେ ଗାଡ଼ିରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବା ସାଙ୍ଗ ମଧ୍ୟରୁ ଜଣେ କହିଥିଲା ଯେ ପାଖରେ ମୋର ଘର ଆମେ ସେଇଠି ଆଶ୍ରୟ ନେଇପାରିବା । ହ୍ରଦର ଘରଟି ଗୋଟେ ପଟେ ଅତ୍ୟନ୍ତ ସୁନ୍ଦର ସହ ଅନ୍ୟ ପଟେ ବହୁ ଲୋମହର୍ଷଣକାରୀ ଥିଲା । ମାତ୍ର କିଛି ଉପାୟ ବିନା ସମସ୍ତ ବନ୍ଧୁ ଏକା ସହ ମହଲ ମଧ୍ୟକୁ ପ୍ରବେଶ ନିମନ୍ତେ ନିଷ୍ପତି ନେଲେ । ପ୍ରବେଶର ମଧ୍ୟ କିଛି ନିୟମାବଳୀ ଥିଲା ଯେ ସମସ୍ତେ ଚକ୍ଷୁ ଓ ଆଙ୍ଗୁଠି ଛାପ ଦେଇ ଭିତରକୁ ପ୍ରବେଶ କରିବେ । ଜଣ ଜଣଙ୍କଠୁ ଛାପ ନେଇ ଅନୁମତି ଦେଲାପରେ ପାଞ୍ଚୋଟି ଧାତୁନିର୍ମିତ କବାଟ ଭୟାନକ ଶବ୍ଦ ସହ ଖୋଲିଗଲା । ଗୃହ ମଧ୍ୟକୁ ସମସ୍ତଙ୍କୁ ବହୁ ଆଡ଼ମ୍ବରରେ ସ୍ୱାଗତ କରାଗଲା । ଶୟନ କକ୍ଷ ସହ ଭୋଜନ ଓ ଭିନ୍ନ ଭିନ୍ନ ପ୍ରବାସ ଦେଖାଇ ଦିଆଗଲା । ସମସ୍ତେ ଖୁସିରେ ଭୋଜନ ଓ ପାନୀୟ ଗ୍ରହଣ ପରେ ଶୟନ କକ୍ଷରେ ଶୋଇଗଲେ । ପରଦିନର ଜୀବନ ଆନନ୍ଦ ସହ ମନପସନ୍ଦ କରୁଥିବା ଅସାଧାରଣ କାର୍ଯ୍ୟ କଲେ । ସମସ୍ତେ ଖୁସି ମଧ୍ୟରେ ଏ କଥା ଭୁଲିଗଲେ ଯେ ସମସ୍ତ ରୂପେ ମହଲର କବାଟ ଓ ଝରକା ବନ୍ଦ ଥିଲା ଓ ସେ ଗୋଟେ ଦିନ ପୁରା ମହଲ ଭିତରେ ବନ୍ଦ ଥିଲେ । ନିଶା ଆଗମନରେ କିଛି ବନ୍ଧୁମାନେ ବାହାରକୁ ଯିବାର ଇଚ୍ଛା ପ୍ରକାଶ କଲେ ମାତ୍ର ସେ ସ୍ଥାନରେ ଥିବା ବ୍ୟକ୍ତି ତାଙ୍କୁ ବିଭିନ୍ନ ମତେ ବାରଣ କରି ଶୋଇବା ପାଇଁ କହିଲେ । ଏ ମଧ୍ୟରେ ଗୋଟିଏ ହୃଦୟକମ୍ପନ ଶବ୍ଦ ଶୁଣାଗଲା ସତେ ଯେପରି କିଏ ଗଭୀର ଜଳ ମଧ୍ୟକୁ ଲମ୍ଫ ପ୍ରଦାନ କରୁଛି । ମାତ୍ର ଏହି ଶବ୍ଦ ଆସୁଥିବା ସ୍ଥାନକୁ ନୀରିଖେଇବା ପୂର୍ବରୁ ଶବ୍ଦ ବନ୍ଦ ହୋଇଗଲା । ଏହି ଶବ୍ଦ କିଛି ବନ୍ଧୁ ଶୁଣିଥିଲେ କରାଣ ଖାଦ୍ୟ ଖାଇବାର କିଛି ସମୟ ପର୍ଯ୍ୟନ୍ତ ସମସ୍ତେ ନିଶାରେ ରହିଲା ପରି ବ୍ୟବହାର କରୁଥିଲେ । ମହଲ ଭିତରେ ଥିବା ବ୍ୟକ୍ତିମାନେ ନିଶା ଛାଡ଼ିଲା ସଙ୍ଗେ ସଙ୍ଗେ ଖାଦ୍ୟ ଦେଇ ଦେଉଥିଲେ, ସେଥିପାଇଁ ବୋଧେ ହୁଏ ଅଧିକରୁ ଅଧିକ ବନ୍ଧୁ ନିଶାରେ ରହି ଆନନ୍ଦିତ ରହୁଥିଲେ । ଏହିସବୁ ମଧ୍ୟରେ ଏ ମାନଙ୍କୁ ମହଲକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଣିଥିବା ବନ୍ଧୁଟି ପୁରା ଗାୟବ ହୋଇଯାଇଥିଲା ଏ କଥା କେହି ଯେ ଲକ୍ଷ୍ୟ କରିନାହାନ୍ତି ।

କିଛି ଦିନ ଏମିତି ବିତିଗଲା । ଆସ୍ତେ ଆସ୍ତେ ପାଞ୍ଚ ଜଣ ବନ୍ଧୁ ଏ ବିଷୟରେ ଜାଣିବାକୁ ପାଇଲେ ଯେ ଆମକୁ ଏଠାରେ ବନ୍ଦୀ ବନାଯାଇଛି । ଏମାନେ ନିରନ୍ତର ବାହାରକୁ ଆସିବାର ବାଟ ଖୋଜି ଚାଲିଲେ ମାତ୍ର ନିରୁପାୟ ହେଲେ । ଏମିତିରେ ପନ୍ଦର ଦିନ ବିତିଗଲା । ଆସ୍ତେ ଆସ୍ତେ ସେମାନେ ଦୁର୍ବଳ ହୋଇ ଯାଇଥିଲେ । ମାତ୍ର ଖୁସି ରହୁଥିଲେ । କେହି ବିରକ୍ତ ପ୍ରକାଶ କରୁନଥିଲେ । ଏ ସହ ମହଲରେ ରହୁଥିବା ସେ ସୁନ୍ଦର ଝିଅ ଯେ କି ରାଜକୁମାରୀ ଥିଲେ ତାଙ୍କ ସହ ଗଭୀର ବନ୍ଧୁତା ସ୍ଥାପନ ହୋଇଗଲା । କିଛି ପିଲା ନିରନ୍ତର ରାତ୍ରିରେ ସମସ୍ତେ ଶୋଇଗଲା ପରେ ବାହାରକୁ ଯିବାର ବାଟ ଖୋଜୁଥାନ୍ତି । ଗୋଟିଏ ଦିନ ସେ ଖୋଜିଲା ସମୟରେ ଦେଖିଲେ କି ରାଜକୁମାରୀ ବହୁତ୍ ଦୁଃଖରେ କାନ୍ଦୁଛନ୍ତି ଦେଖିବାକୁ ପାଇଲେ ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

।।୨୭ ଦୃଶ୍ୟ ।।

(ଏସ.ପି ମି: ପଣ୍ଡା ଚିନ୍ତାଶୀଳ ଅବସ୍ଥାରେ ଟହଲ ମାରୁଥାନ୍ତି । ପ୍ରବେଶ ପଥେ ଇନ୍‌ସପେକ୍ଟର ଅସିତ ଚୌଧୁରୀ ।)

ଅସିତ-ମେ ଆଇ କମ ଇନ ସାର !

ପଣ୍ଡା- ଓଃ ଇନ୍‌ସପେକ୍ଟର ଅସିତ ଚୌଧୁରୀ ! କମ ଇନ, କମ ଇନ ।

ଅସିତ- ବାଧ୍ୟ ହୋଇ ମୋତେ ଆପଣଙ୍କ ନିକଟକୁ ଆସିବାକୁ ପଡିଲା ।

ପଣ୍ଡା-ହ୍ୱାଟ ଡୁ ଇଉ ମିନ ?

ଅସିତ- ସରକାରୀ ପ୍ରମାଣ ଅଭାବରୁ ମୁଁ ମିଥ୍ୟା କେଶରୁ ମୁକ୍ତିପାଇ ପୁଣିଥରେ ପୋଲିସ ଡିପାର୍ଟମେଣ୍ଟରେ ଜଏନ କରିଛି ଏହା ତ ଆପଣ ଜାଣିଥିବେ ନିଶ୍ଚୟ ?

ପଣ୍ଡା- ହଁ ଜାଣିଛି ।

ଅସିତ- କିନ୍ତୁ ସାର ଏବେ ଆପଣଙ୍କ ପାଳି ।

ପଣ୍ଡା- ତାମାନେ... ତୁମେ କଣ କହିବାକୁ ଚାହଁ ?

ଅସିତ- ଆପଣ ଡିଭିଡିଏନଙ୍କ ସହିତ ମିଶି ସ୍ମଗଲିଙ୍ଗ କାରବାର କରୁଥିଲେ । ଜଣେ ପୋଲିସ ଅଫିସର ହୋଇ ସେମାନଙ୍କୁ ସପୋର୍ଟ କରୁଥିଲେ ।

ପଣ୍ଡା- ମିଛ ପୂରାପୂରି ମିଛ । ତୁମେ ଏଠି ମିଛ ପ୍ରଳାପ ନକରି ଚାଲିଯାଅ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ମିଛ ପ୍ରଳାପ ମୁଁ କରୁଛି ନା ଆପଣ କରୁଛନ୍ତି ?

ପଣ୍ଡା- ଆଇ ସେ ଗେଟ ଆଉଟ ଫ୍ରମ ହିଅର । ମୁଁ ତୁମର କୌଣସି କଥା ଶୁଣିବାକୁ ବାଧ୍ୟ ନୁହେଁ । ମୋ ଘରେ ମିଛର ହାଟ ବଜାର ନ ବସେଇ ଯେମିତି ଆସିଥିଲ ସେମିତି ଫେରିଯାଅ ।

ଅସିତ- କିନ୍ତୁ ମୁଁ ଖାଲି ହାତରେ ଫେରିଯିବାକୁ ଆସିନାହିଁ । ଆପଣଙ୍କୁ ମଧ୍ୟ ମୋ ସହିତ ଯିବାକୁ ହେବ ।

ପଣ୍ଡା–କୋଉଠିକୁ ?

ଅସିତ- ଲକଅପକୁ- !

ପଣ୍ଡା- ତୁମ ମୁଣ୍ଡ ଖରାପ ହୋଇଛି  ନା କଣ ? ଓଃ ବୁଝିଲି ଦୀର୍ଘଦିନ ଧରି ଜେଲ ଭିତରେ ରହି ଡିପ୍ରେସଡ଼ ହୋଇ ପଡିଛ । ପ୍ଲିଜ ଅସିତ ରିଲାକ୍ସ ଧୀରେ ଧୀରେ ସବୁକିଛି ଠିକ ହୋଇଯିବ ।

ଅସିତ- ମୁଁ ଠିକ ଅଛି । କିନ୍ତୁ ଆପଣ ଏବେ ବିବ୍ରତ ହେଉଛନ୍ତି । ଏଇ ନୋଟିସ ପଢି ନିଅନ୍ତୁ ଏବଂ ସୁନାପିଲା ପରି ମୋ ସହିତ ଲକଅପକୁ ଚାଲନ୍ତୁ ।

ପଣ୍ଡା-(ନୋଟିସ ପଢ଼ିସାରି) ହ୍ୱାଟ ନନସେନ୍ସ । ମୁଁ ଡିଭିଡିଏନଙ୍କ ସହିତ ମିଶି ବ୍ଲାକ କାରବାର କରୁଥିଲି ବୋଲି ପ୍ରମାଣ କଣ ଅଛି ?

ଅଭିଜିତ-(ପ୍ରବେଶି) ପ୍ରମାଣ ମୁଁ ଦେବି ସାର !

ପଣ୍ଡା-ଅଭିଜିତ ! ତୁମେ ଶେଷରେ ମୋହରି ଖାଇ ମୋତେ ଖାଲରେ ପକାଉଛ ?

ଅଭି- ଆପଣଙ୍କର ମତିଭ୍ରମ ହେଲାଣି ସାର । ମିଛ କହି ଲାଞ୍ଚ ନେଇ କେତେଦିନ ଜୀବନର ଚକକୁ ଗଡ଼େଇବେ ? ଆପଣ ଠିକ ଜାଣିଛନ୍ତି ମୁଁ ଯାହା ଖାଇଛି ସେଇ ଡିଭିଡିଏନଙ୍କ ଠାରୁ ନେଇ ଖାଇଛି । ଆପଣ ଖାଲି ତୁଚ୍ଛାଟାରେ କଥା ବାଁରଉଛନ୍ତି । ସେଦିନ ନାଥୁରାମ ଆପଣଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଡାଏ ନୋଟ ଦେଲା ଅଥଚ ଆପଣ ଗଣି ଗଣି ମାତ୍ର ପାଞ୍ଚ ହଜାର ଟଙ୍କା ମୋ ହାତରେ ଧରେଇଦେଲେ ।

ପଣ୍ଡା- ପାଞ୍ଚ ହଜାର ନୁହେଁ ଆଉ କଣ ପଚାଶ ହଜାର ଦେଇଥାନ୍ତି ?

ଅସିତ- ଆଉ ଅଧିକ କଣ ପ୍ରମାଣ ଆବଶ୍ୟକ ସାର ! ଏଇତ ଆପଣ ନିଜେ ନିଜେ ସବୁ ମାନିଗଲେଣି ।

ପଣ୍ଡା- କଣ ମାନିଗଲି ?

ଅସିତ- ଆପଣ ନାଥୁରାମଠାରୁ ଟଙ୍କା ନେଇଛନ୍ତି । ସେମାନଙ୍କୁ ପୋଲିସ ହାତରେ ଧରେଇଦେବା ବଦଳରେ ସାହାଯ୍ୟ ସହଯୋଗ କରିଛନ୍ତି । ଜଣେ ସୁଦକ୍ଷ ପୋଲିସ ଅଫିସର ହୋଇ ଏଭଳି କାର୍ଯ୍ୟ କରିବା ଲାଗି ଆପଣଙ୍କ ବିବେକ ବାଧା ଦେଲାନାହିଁ ?

ପଣ୍ଡା- ଲେଟ ବାଇ ଗନ ବି ବାଇ ଗନ । ଯାହା ତ ହେବାର ହୋଇଗଲାଣି । ପୁରୁଣା ଘା'କୁ ଉଖାରିଲେ ରକ୍ତାକ୍ତ ହେବାକୁ ପଡେ । ଏବେ କୁହ ମୋଠାରୁ କେତେ ନେବ ?

ଅସିତ- ମାନେ ?

ପଣ୍ଡା- ପିଲାଙ୍କ ଭଳି ଅବୁଝା ହୁଅନାହିଁ ଅସିତ । ମୁଁ ତୁମକୁ ପାଞ୍ଚ ଲକ୍ଷ ଦେବି ସେ ନୋଟିସ ଫୋଟିସ ସବୁ ଚିରି ଫିଙ୍ଗିଦିଅ ।

ଅସିତ- ତାମାନେ ଆପଣ ମୋତେ ପାଞ୍ଚ ଲକ୍ଷ ଟଙ୍କା ଦେଲେ ମୁଁ ଆପଣଙ୍କ କେଶ ଉଇଡ୍ର କରିନେବି ।

ପଣ୍ଡା- ମୁଁ ବଡ଼ ଭୁଲ କରିଦେଇଛି । ଭୁଲକୁ ସୁଧାରିବା ପାଇଁ ଥରେ ସୁଯୋଗ ଦିଅ ।

ଅଭି- ହେଲେ ସାର ମୁଁ ତ ଏତେ ଟଙ୍କା ଦଇ ମୋ ଭୁଲକୁ ସୁଧାରି ପାରିବି ନାହିଁ । ତାହେଲେ ମୁଁ କଣ ଜେଲରେ ରହିବି ?

ପଣ୍ଡା- ତୁମ କଥା ମୁଁ କେମିତି କହିବି ? ପ୍ଲିଜ ଅସିତ ମୋ ପ୍ରତି ଟିକେ ସଦୟ ହୁଅ । ହଁ ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନୁଛି ଆଇନର ଅନ୍ତରାଳରେ ରହି ବିଶ୍ୱାସଘାତକ କାର୍ଯ୍ୟ କରିଛି । ସେଥିପାଇଁ କଣ କିଛି ଉପାୟ ନାହିଁ ?

ଅସିତ- ମୁଁ ସିନା ଆପଣଙ୍କଠାରୁ ପାଞ୍ଚ ଲକ୍ଷ ଟଙ୍କା ନେଇ ଚୁପ ହୋଇଯିବି ହେଲେ ଆପଣ ନିଜେ ବଖାଣିଥିବା ପ୍ରମାଣ କଣ ଚୁପ ରହିବ ?

ପଣ୍ଡା-ଅର୍ଥାତ.... ?

ଅସିତ- ଅର୍ଥାତ ଏଇ ମୋବାଇଲରେ ରେକର୍ଡ ହୋଇଥିବା ଆପଣଙ୍କର ସମସ୍ତ ତଥ୍ୟ ।

ପଣ୍ଡା- ଇଉ ଚିଟର ! ମୁଁ ତୁମକୁ ଛାଡ଼ିବି ନାହିଁ,ପଛେ ଜେଲ ଯିବି କିନ୍ତୁ ତୁମ ଦୁହିଙ୍କୁ ଶେଷ କରି ଯିବି । (ପିସ୍ତଲ ବାହାର କରି ଦେଖାଏ)

ଅସିତ- ସାର ଆପଣ ଏ କଣ କରୁଛନ୍ତି ?

ପଣ୍ଡା- ବି କେୟାରଫୁଲ ଅସିତ ଚୌଧୁରୀ ମୁଁ ତୁମକୁ କଦାପି ଛାଡ଼ିବି ନାହିଁ ।

(ଇତ୍ୟବସରରେ ଅଭିଜିତ କୌଶଳ କରି ପଣ୍ଡାର ହାତକୁ ଜାବି ଧରେ ପିସ୍ତଲରୁ ବ୍ଲାଙ୍କ ଫାୟାର ହୁଏ)

ଅସିତ- (ପଣ୍ଡାକୁ ଧରି ହାତରେ ହେଣ୍ଡକପ ଲଗାଏ) ଆଉ ଏତେ ନାଟକ କରନ୍ତୁ ନାହିଁ ସାର । ଆପଣଙ୍କ ଅଭିନୟ ଶେଷ ହୋଇଛି ।

ଅଭି- ଏଥର ଆପଣ ମାମୁଘରେ ଘଣା ପେଲିବେ । ଡାଲମା ରୁଟି ଖାଇବେ । ପକା ଚଟାଣରେ ଶୋଇବେ ।

(ମଞ୍ଚ ଅନ୍ଧାର)

କ୍ରମଶଃ.............

ଇମେଲ୍ : dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୁତ (ବାୟୁ)



ଶିବ ନାରାୟଣ ଦାଶ

ହେ ମରୁତ ! ମନ୍ଦ ସମୀର !

ତୁମ ଛନ୍ଦେ ଝଙ୍କୃତ ହୁଏ

ଜୀବନର ସପ୍ତସୁର

ବିଚିତ୍ର ବେହାଗ,

ଭିନ୍ନ ଭିନ୍ନ ମୁହୁର୍ତରେ

ତୁମେ ସତେ ଜୀବନର ଅଟ ପୂର୍ବରାଗ ।

ଗ୍ରୀଷମର ଝଞ୍ଜା ପବନେ

କଣ୍ଟକିତ କର ତୁମେ

ବ୍ୟତିବ୍ୟସ୍ତ ଜନ ଓ ଜୀବନ,

ଜର୍ଜରିତ କରି

ନିଦାଘର ପ୍ରଖର ଜ୍ୱାଳାରେ

ଯନ୍ତ୍ରଣାରେ କ୍ଲିଷ୍ଟ କର ପ୍ରାଣ,

ବୈଶାଖୀ ଗୋଧୂଳିରେ ଦିଅ ଶୀତଳ ପବନ,

ନଦୀ-କୂଳ, ସାଗର ବେଳାରେ ପ୍ରେମାସକ୍ତ ମିଳନର କ୍ଷଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସ ପୁଣି ଛୁଇଁ କେବେ

ବରଷାର ଆର୍ଦ୍ର ଜଳଧାରା,

ଶ୍ରାବଣର ବର୍ଷଣ ଛିଟାରେ

ସମ୍ମୋହିତ କରି

ଆଲିଙ୍ଗନେ ବାନ୍ଧିଦିଅ

ଅନୁରାଗେ ରାଗ-ଆଭରଣ,

ଶ୍ରାବଣୀ ଝରାରେ ଛୁଇଁ ପଥ ଓ ପ୍ରାନ୍ତର,

ଭିଜା ଭିଜା ମାଟି ଗନ୍ଧେ ମୋହବିଷ୍ଟ କର ଦେହ ଆଉ ମନ ।

ଶାରଦୀୟ କାଶତଣ୍ଡୀ ଫୁଲେ

ତରଂଗିତ କରି ତୁମ

ଢେଉଭଙ୍ଗା ଲହକା-ପବନ,

ଛୁଇଁଯାଅ ପୁଣି

ମାର୍ଗଶୀର ହେମାଳ ହାଙ୍କାରେ

ଥାପି ଥାପି ଆମୋଦର ଚିହ୍ନ,

ଶୀତୁଆ ସଂଜରେ ଆସ କଲିଜା ଥରାଇ,

ପୌଷ କମ୍ବଳ ଘୋଡ଼ି ନିଦ-ସକାଳରେ ମାରିବାକୁ ଆଳସ୍ୟର ହାଇ ।

ବସନ୍ତର ମନ୍ଦ ମଳୟେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିହରୀତ କର ତୁମେ ତନୁ, ମନ, ପ୍ରାଣ,

ରୋମଞ୍ଚର ବେପଥୁରେ

ପୁଲକିତ କରି

ଭରିଦିଅ ଆବେଗର

ଅତୀନ୍ଦ୍ରିୟ ସ୍ପର୍ଶ ଶିହରଣ,

ବାସନ୍ତୀ ସନ୍ଧ୍ୟାରେ ଆସ ମୋର ଉପବନେ,

ଜୋଛନାର ଚୁମ୍ବନେ ଭିଜାଇ ମଧୁମୟ ପ୍ରେମର ପ୍ଲାବନ ।

ବିକ୍ଷୁବ୍ଧ ହୁଅ ବେଳେ ବେଳେ

ରଚି ତୁମ ପ୍ରଳୟ ତାଣ୍ଡବ,

ଭୟଂକରୀ ଝଡ-ଝଞ୍ଜା ସାଜି

କବଳିତ କର

ଧନ ଓ ଜୀବନ -

ତୁମେ ହୁଅ ଦୁରନ୍ତ, ଭୀଷଣ,

ବାତ୍ୟା ଅବା ଘୂର୍ଣ୍ଣିବାତ୍ୟା ରୂପେ କର ପ୍ରକମ୍ପିତ,

ଚକ୍ରବାତ ପ୍ରଭଞ୍ଜନେ ତୁମ ସୃଷ୍ଟି ସତେ ହୁଏ ବିସ୍ଫାରିତ ।

ତୁମେ ପୁଣି ତନ୍ତ୍ରିତ ହୁଅ

ଶରୀରର ତ୍ରିଶିରାରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଡା ଆଉ ପିଙ୍ଗଳାରେ ଛନ୍ଦି

ଜୀବନକୁ ସମ୍ମୋହିତ କର,

ସୁଷୁମ୍ନାରେ ଊର୍ଦ୍ଧ୍ୱଗାମୀ ହୋଇ

ତୁମେ ଦିଅ ସହସ୍ରାର ସ୍ପର୍ଶ,

ତୁମେ ଅଟ ପ୍ରାଣବାୟୁ ଜୀବନର ଅୟୁତ ଆଧାରେ,


ସୃଷ୍ଟିର ନିର୍ଯ୍ୟାସ ତୁମେ ପ୍ରାଣବନ୍ତ କର ଅନ୍ତଃସ୍ୱରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତୃସ୍ତୁତି



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ମା'ଗୋ କୋଳେଇ ନେ ଦୟାମୟୀ
ମା'ଗୋ କୋଳେଇ ନେ
ମୋ ମନୁ ମଳିନ ମସୀ ପୋଛିଦେଇ
ସ୍ନେହରେ ଚୁମ୍ବନ ଦେ ।

ମୁଁ ପରା ବୁଝିନି ଭଲ କିବା ମନ୍ଦ
ବିଷୟ ବିଷରେ ସଦା ମୁହିଁ ଅନ୍ଧ
ବନ୍ଧନେ ମୋର ଛନ୍ଦ ହଜିଛି
ସ୍ୱରୂପେ ସଜାଇ ଦେ ।

ଜନ୍ମ ଜନ୍ମାନ୍ତରେ କରି କେତେ ତପ
ଜଗତେ ଦେଖିଲି ମାଆ ତୋ'ର ରୂପ
ରୂପାନ୍ତର ମୋତେ କରିଦେ ଗୋ ମାଆ
ଦେହେ ପରାଣେ ମନେ ।

ସମର୍ପିଲି ଆଜି ଏ ଆଧାର ତୋରେ
ମାଡି ମାଠି ଗଢ ଆପଣା ଇଛାରେ
ତୋ' କର୍ମରେ ପୂର୍ଣ୍ଣ ହେଉ ଏ ଜୀବନ
ନିଖିଳ ନିକେତନେ ।

ଜଳିଯାଏ ପଛେ ଧୂପକାଠି ପରି
ଝଳିଉଠେ ଥରେ ସୁଗନ୍ଧ ବିତରି
ଶୁଭ୍ର ସୁମନ କରି ଦେ ମା' ମୋତେ
ତୋ ଶ୍ରୀପଦ ଆସନେ ।

ନିର୍ବାଣ ମା'ଗୋ ଚାହେନାହିଁ ଭବୁ
କର୍ମ ଯୋଗେ ଏ ଜୀବ ଶିବ ଲଭୁ
ଆଲୋକର ଧାରା ଅବତରି ଆସୁ
ଏ ମର ଭୁବନେ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସିନିହର ଛାଇ ପାଖ ମାଡ଼ିବନି



ତାରା ପ୍ରସାଦ ଜେନା

## ସିନିହର ଛାଇ ପାଖ ମାଡ଼ିବନି

## ଚାଲିଗଲ ତୁମେ ଦୂରେ

ସିନିହର ଛାଇ ପାଖ ମାଡ଼ିବନି

ଚାଲିଗଲ ତୁମେ ଦୂରେ

ଲୁହ ଭିଜା ଏଇ ଆଖି ଦୁଇ ସିନା

ଅତୀତକୁ ଖାଲି ଝୁରେ

..........ସିନିହର ଛାଇ ପାଖ ମାଡ଼ିବନି

ଚାଲିଗଲ ତୁମେ ଦୂରେ ।୦ ।

କେତେ ଭଲ ଥିଲା ସହଜରେ ମିଶି

ବାରଆଡ଼ ବାର କଥା

ଆଜି ସେଇ କଥା ଛିଣ୍ଡା ଖିଅ ଯୋଡ଼ି

ଲାଗେ ଭାରି ମନେ ବ୍ୟଥା,

ଯିବା ଯଦି ତୁମ ଇଛା ରହିଥିଲା

ସାଥି ହେଲ କିଆଁ ବାରେ

..........ସିନିହର ଛାଇ ପାଖ ମାଡ଼ିବନି

ଚାଲିଗଲ ତୁମେ ଦୂରେ ।୧ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁଲିବାଟା ତୁମ ସଉକଟା ବୋଧେ
ମନ ଘରଯାକ ବୁଲି
ମିଛ ମାୟା କେତେ ଯୋଡ଼ିଦେଇ ସତେ
ଏମିତିକା ଗଲ ଭୁଲି,
ଭଲ ଅଛି ବୋଲି କହିଦିଅ ଏବେ
ପଦୁଟିଏ ସତ ବାରେ
..........ସିନିହର ଛାଇ ପାଖ ମାଡ଼ିବନି
ଚାଲିଗଲ ତୁମେ ଦୂରେ ।୨ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶାଶ୍ୱତ ପ୍ରେମ



ବାସନ୍ତୀ ଲତା ଜେନା

ଶାଶ୍ୱତ ପ୍ରେମରେ ବନ୍ଧା ଏସାରା ଦୁନିଆ
ପ୍ରେମର ମହକ ଦିଏ ଫଗୁଣର ଛୁଆଁ
ଲୁଚକାଳି ଖେଳେ ପ୍ରେମ ମହୀ ମଣ୍ଡଳର
ତା ପ୍ରେମେ ରଙ୍ଗେଇ ହେଲେ ଜୀବନ ସୁନ୍ଦର ।୧।

ରାଧା କୃଷ୍ଣପ୍ରେମ ହୁଏ ଜଗତବିଖ୍ୟାତ
ସ୍ନେହ ଶ୍ରଦ୍ଧା ଭକ୍ତି ଭରେ ମଧୁର ସଂଗୀତ
ପିତା ମାତା ଗୁରୁଜନ ଅବା ଲଘୁ ଜନ
ଆତ୍ମୀୟ ସ୍ୱଜନ ଅବା ବନ୍ଧୁ ପରିଜନ ।୨।

ନିଃସ୍ୱାର୍ଥ ପ୍ରେମ ରଜୁରେ ସଭିଙ୍କୁ ବାନ୍ଧିବା
ପ୍ରେମ ଦିବସ କହିକି ଦିନେ ନ ପାଳିବା
ସବୁ ଦିନ ହେବ ଆମ ମହକ ପ୍ରୀତିର
ଯୁବ ପିଢ଼ି ଭୁଲ ନାହିଁ ସଂସ୍କୃତି ଆମର ।୩।

ପ୍ରେମ ଫଗୁଆରୁ ରଙ୍ଗ ତୁମେ ବୁଣି ଦିଅ
ଏ ଧରା ପୁଲକେ ହସୁ ତଟିନୀର ସୁଅ
ସୂର୍ଯ୍ୟ ପଦ୍ମ କଇଁ ଚାନ୍ଦ ଅତୁଟ ବନ୍ଧନ
ପ୍ରେମରଙ୍ଗେ ବିଶ୍ୱବାସୀ ହୋଇବେ ମଗନ ।୪।

ସବୁ ଦିନ ସବୁ ରାତି ସୁଧା ବରଷିବ
ପ୍ରେମ ପୁଷ୍ପାଞ୍ଜଳି ଆମ ହୃଦରେ ରହିବ
ହିଂସା ଦ୍ୱେଷ ଘୃଣା କ୍ରୋଧ ଦୂର ହୋଇ ଯିବ
ବସନ୍ତର କୁଞ୍ଜବନେ ମଳୟ ବହିବ ।୫।

ଈଶ୍ୱର ସନ୍ତାନ ଆମେ ଅମୃତ ପ୍ରେମର
ପୃଥିବୀକୁ କରିଦେବା ପ୍ରେମ ମଧୁ ଘର
ମନକୁ କରିବା ଆମେ ସ୍ୱଚ୍ଛ ପାରିଜାତ
ଭବ ଉଦ୍ୟାନରେ ହେବ ଆମରି ମହତ ।୬।

ଗାନ୍ଧୀନଗର, ପୋଷ୍ଟ /ଜିଲ୍ଲା: ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଧୀନ ଦେଶର କଥା



ଅମରନାଥ ବାରିକ

ମୁଁ ରାଜ୍ୟ ବାହାରେ ଦାଦନ ଖଟୁଛି
କ୍ରୀତଦାସ ସାଜି ସଂସାର ପାଳେ
ଦରଖିଆ ହୋଇ ଜୀବନ ବିତାଏ
ମିଳେନାହିଁ ମୋତେ ଆହାର ମୁଠେ
ତଥାପି ଶୁଣୁଛି ମୋ ଦୁଇ କର୍ଣ୍ଣ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
କି ଅବା ଅଭାବ କଷଣ ଯିବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... ! !

ମୁଁ ଜଣେ କୃଷକ ଫଳାଉଛି ଶସ୍ୟ
ବୁହାଉଛି ନିତି ରକତ ବିନ୍ଦୁ ।
ମିଳେନାହିଁ ମତେ ମୋ ପାରିଶ୍ରମିକ
ଦୁଃଖ ବହିଯାଏ ମୋ ସାତ ସିନ୍ଧୁ ।
ଅଭାବେ କୁଟୁମ୍ବ କାଟୁଛି ଦିନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
ଦାରିଦ୍ର୍ୟତା ମୋର ଘୁଞ୍ଚି କି ଯିବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... ! !

ମୁହିଁ ନାବାଳିକା କୋମଳ କଢ଼ିଟେ
କି ଦୋଷ କରିଛି ଏ ଦୁନିଆର ।
ସୁଯୋଗ ପାଇଲେ ଧର୍ଷଣ କରନ୍ତି
ବିକଳରେ ହୁଏ ମୁଁ ବଳାତ୍କାର ।
ନିରବେ କୁହଇ ମୋ ଭଙ୍ଗା ମନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
ଆଉ ଅନ୍ୟାୟ କି ଏଠି ନହେବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ଇଚ୍ଛା ହୁଏ ଚାଖିବାକୁ ଥରେ

ସ୍ୱାଧୀନତା ସ୍ୱାଦ ମିଠା କି ଖଟା ।

ମିଳନ୍ତାକି ଥରେ ଜାଣନ୍ତି କେମିତି

ସ୍ୱାଧୀନତା ଲାଗେ ଖଦୀ କି ମଠା ।

କାରଣ ମୁଁ ପରା ଏ ଦେଶ ଜନ

କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।

ଏଥର ପରାଏ ଦରଦ ଯିବ

୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... ! !

ବନ୍ଦେ ମାତରମ୍

କଣ୍ଟାଁ, ମଙ୍ଗଳପୁର, ଯାଜପୁର

ଓଡ଼ିଶା - ୭୫୫୦୧୧

ସମ୍ପର୍କ - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉଡୁଛି ଆମ ତ୍ରିରଙ୍ଗା



ଶାନ୍ତନୁ କୁମାର
ରାଉତ

ନୀଳ ସମୁଦ୍ରର କୋହଲା ପବନେ
ଦୋହଲି ଭାସୁଛି ଢ଼ଙ୍ଗା
ଶାନ୍ତି ବାର୍ତ୍ତା ଦେଇ ଆକାଶ ଗର୍ଭରେ
ଉଡେ ଶାନ୍ତିର ତ୍ରିରଙ୍ଗା... ! !

ଜନ୍ମିଛନ୍ତି କେତେ ମହାନ ମହାତ୍ମା
ହୋଇଥିଲା କେତେ ଦଙ୍ଗା
ସବୁ ଦଢ଼ ସହି ଫର ଫର ହୋଇ
ଉଡୁଛି ଆମ ତ୍ରିରଙ୍ଗା.... ! ! !

କେତେ ଶିରମଣୀ ପାଇକର ପୁଅ
ହୋଇଥିଲେ ଏଠି ଏକ
ନିଜ ଜୀବନକୁ ବଳିଦାନ ଦେଇ
ରଖିଲେ ଦେଶର ଟେକ...... ! ! ! !

ଅଭିନୟ ଭରା ଏ ଭବ ସଂସାର
କେହି ଜଣେ ରହି ନାହିଁ
ଦେଶ ପାଇଁ ଯାର ଜୀବନ ଉତ୍ସର୍ଗ
ରହେ ସେ ଅମର ହୋଇ.... ! ! ! ! !

ପାଟରଙ୍ଗା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମରି ତ୍ରିରଙ୍ଗା



ସୁନୀଲ କୁମାର ପ୍ରଧାନ

ଦେଶ ପାଇଁ ପ୍ରତିନିଧି କରିଥାଏ
ସେ ପରା ଆମ ତ୍ରିରଙ୍ଗା
ଆମ ସ୍ୱାଭିମାନ ବିଶ୍ୱରେ ଦେଖାଏ
ନାମ ତାହାର ତ୍ରିରଙ୍ଗା ।

ତିନିଗୋଟି ରଙ୍ଗ ଶୋଭାପାଇଥାଏ
ନାରଙ୍ଗୀ ଧଳା ସବୁଜ
ଅଶୋକ ଚକର ମଧ୍ୟ ରହିଥାଏ
ଆକାଶେ ଉଡ଼ଇ ଧ୍ୱଜା ।

ନାରଙ୍ଗୀ ରଙ୍ଗ ସଦା କହୁଥାଏ
ବିରତ୍ୱ ଏବଂ ତ୍ୟାଗ
ଧଳା ରଙ୍ଗ ପରା ସୂଚାଇ ଯେ ଦିଏ
ସତ୍ୟ ଶାନ୍ତି ଆଗ ।

ସବୁଜର ଧର୍ମ ଅଟଇ ଯେ ଏହା
ମୈତ୍ରୀ ଏବଂ ଭ୍ରାତୃତ୍ୱ
ଅଶୋକ ଚକ୍ରକୁ ଧର୍ମ ଯେ ବୋଲନ୍ତି
ଦେଶ ଯୋଗାଏ ପ୍ରଗତି ।

ଏହି ତ୍ରିରଙ୍ଗାକୁ ତିଆର କରିଲେ
ନାମ ପିଙ୍ଗଲି ଭେଙ୍କୟା
ଧନ୍ୟ ତାଙ୍କ କାରିଗରୀ ଅଟେ ଏହା
ଭାରତମାତା କି ଜୟ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୦୩୪୩୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରିରଙ୍ଗା



ମଧୁସ୍ମିତା ସାହୁ

ବଞ୍ଚିବା ମରିବା  ତ୍ରିରଙ୍ଗା ପାଇଁରେ,
ବିଜୟଧ୍ୱଜା କହୁଛି,
ଦେଶବାସୀ ସବୁ ଜାଗିଉଠି ଚାଲ,
ଫରଫରରେ ଉଡୁଛି  । ।

ଗର୍ବିତ ବିଷୟ ଆଲୋଚନା କରି,
ମର୍ଯ୍ୟାଦା ରଖ ସତକୁ,
ହୃଦୟ ମନ୍ଦିରେ ବାଜିଉଠୁ ସଦା,
ଆମ  ଜାତୀୟ ଗାନକୁ । ।

ପ୍ରକାଶିତ କରାଇ ବିଶ୍ୱ ପ୍ରସିଦ୍ଧ,
ସ୍ୱାଧୀନତା ଦିବସରେ,
ଗୌରବ ସମ୍ମାନ ମଣ୍ଡିତ ହୋଇଛି,
ଆମେ ହିଁ ଭାରତୀୟରେ । ।

ସ୍ୱର୍ଣ୍ଣମୟ ଭାରତ ଆମରି ଦେଶ,
ଯାହା ଅଛି ଏ ଭାରତେ,
ସନ୍ଧାନ କଲେ ମଧ୍ୟ ମିଳିବନାହିଁ,
ଏହିଶୁନ୍ୟର ଜଗତେ । ।

ସର୍ବେ ଏକତ୍ରିତ ହୋଇ ଶପଥରେ,
ଜୀବନକୁ ସମର୍ପିବା,
ଏହି ପତାକାର ସମ୍ମାନିତ ପାଇଁ,
ଯଶକୀର୍ତ୍ତି ରଖିଥିବା । ।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର,
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ-୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଜକୁ ପ୍ରଶ୍ନ...



ବିଜୟ କୁମାର ପରିଡ଼ା

ନିଜକୁ ପ୍ରଶ୍ନ .... ?

କଣ ସତରେ ଦେଶ ସ୍ୱାଧୀନ ?

ଆଜି ମୋ ଦେଶ ତ୍ରିରଙ୍ଗା ର ତିନି ରଙ୍ଗରେ ରଙ୍ଗୀନମୟ
ଚର୍ତ୍ତୁଦିଗ ଭାରତ ମାତା କି ଜୟ ଧ୍ୱନି ରେ ପ୍ରକମ୍ପିତ
କେତେ ଶାନ୍ତି ଲାଗେ କହିବାରେ ସତେ ନିଜକୁ ସ୍ୱାଧୀନ ବୋଲି
ତ୍ରିରଙ୍ଗା ତଳେ ସମସ୍ତେ ଏକତ୍ରିତ, ଜାତୀୟ ସଙ୍ଗୀତର ଆବୃତ୍ତି
ମନେ ପଡିଯାଉଛି ଇତିହାସ ବହିରେ ପଢିଥିବା କେତେ କଥା
ଅସହଯୋଗ ଆନ୍ଦୋଳନ ଠୁ ଆରମ୍ଭ କରି ଭାରତ ଛାଡ଼ ଆନ୍ଦୋଳନ କଥା
ସବୁ ମହାବୀରଙ୍କ କଥା ଯିଏ ଆମକୁ ଏ ଦିନଟିକୁ ଉପହାର କରିଛନ୍ତି ,
ଚାବୁକ ପାହରରୁ ବଞ୍ଚେଇଛନ୍ତି ଅନ୍ୟର ଗୋଲାମ ହେବାରୁ ରୋକିଛନ୍ତି ।

କିନ୍ତୁ ଆଜି ସେମାନେ ଆମକୁ ଦେଖୁନାହାନ୍ତି ତ .... !
ଦେଖୁନାହାନ୍ତି ତ ଆମେ ତାଙ୍କ ଉପହାରକୁ ଯତ୍ନର ସହ ରଖିଛୁ କି ନାହିଁ ।
ଏହା ଭାବି ଡର ଲାଗୁଛି ମଧ୍ୟ !!
ଆମେ ନିଜକୁ WhatsApp, Facebook

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ social media ରେ ସୀମିତ କରି ନିଜ କର୍ତ୍ତବ୍ୟ ଭୁଲିଯାଇ ନାହାନ୍ତି ତ ... ?

ଦେଶର ନାଗରିକର ପ୍ରତିଟି କର୍ତ୍ତବ୍ୟକୁ ଠିକ୍ ଭାବେ ପାଳନ କରୁଛନ୍ତି ତ ?

କେମିତି କହିବି ମୋ ଦେଶ ସ୍ୱାଧୀନ ଲାଗୁଛି ମତେ ତ ଲାଜ ,
ସ୍ୱାଧୀନ ହେଲେବି ପରାଧୀନ ଆମେ ଏକଥା ଟିକିଏ ବୁଝ "
ଶିଶୁଟିଏ ପରା ଶ୍ରମିକ ଏଠି ସମ୍ମାନ ପାଉନି ନାରୀ ,
ଚାରିଆଡେ ମିଛ ଲାଞ୍ଚର ଦୁର୍ନୀତି ପାହାଡ଼ ଯାଇଛି ଘେରି "
ଖୁଲମ ଖୁଲା ଏଠି ଚାଲିଛି ଅନ୍ୟାୟ ଗରିବ ପାଉଛି ଦୁଃଖ ,
ତେଲିଆ ମୁଣ୍ଡରେ ବେଶୀ ତେଲ ଏଠି ଧନ୍ୟ ଏ ଦେଶର ଲୋକ "
ଟଙ୍କା ନାହିଁ ବୋଲି ଗରିବ ସବୁକିଛି ଯାଏ ସହି ,
ଗରିବର ଝିଅ ବେଶ୍ୟା ସାଜୁଛି କାମଧନ୍ଦା ନ ପାଇ "
ଘରେ ଘରେ ହିଂସା କ୍ରୋଧ ଜର୍ଜରିତ ବାହାର କଥା ତ ଛାଡ଼ ,
କିଏ କାହାକୁ ତ ହତ୍ୟା କଲାଣି କେ ଦେଲାଣି କାହାକୁ ମାଡ "
ମଦର ନିଶାରେ ସ୍ୱାମୀ ପିଟେ ସ୍ତ୍ରୀ କୁ ଦେଖି ପରକ୍ରିୟା ପ୍ରୀତି ,
ଧନ୍ୟ ନ୍ୟାୟଦାତା ପରକ୍ରିୟା ପ୍ରୀତିକୁ ଦେଇଦେଲ ଅନୁମତି "
କେତେ କଳାଟଙ୍କା ଘରୁ ବାହାରୁଛି ଯାଉଛି କୁଆଡ଼େ ସବୁ ,
କେତେ ଅପରାଧୀ ଲୁଚି ଯାଉଛନ୍ତି ଆଇନକୁ କରି କାବୁ "
ରାଜନୀତି ଏଠି ନିଜ ଲାଭ ପାଇଁ କରି ଚାଲିଛନ୍ତି କେତେ ,
ବିଚରା ଗରିବ ଗରିବ ହେଇକି ନିଜେ ମରେ ନିଜ ହାତେ "

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେଯେ ଧର୍ଷଣ କେତେଯେ କଷଣ କେତେଯେ ଝରୁଛି ଲୁହ ,

ବୁଝିବାକୁ କା ସମୟ ହିଁ ନାହିଁ କଣ କରିବା କୁହ "

ରାଜନୀତି ଛାଡି ସମାଜ ସେବାରେ ଦିଅ ହେ ଟିକିଏ ମନ ,

ମନ ଦେଇ ଦେଶ ସେବା କଲେ ଆପେ ଶୁଭିବରେ ଜୟଗାନ "

ଜୟ ଭାରତ ମାତା କି ଜୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଧୀନତା ଦିବସ



ପ୍ରିୟଦର୍ଶିନୀ
ମହାପାତ୍ର

ଇଏ ସେବା ବିଶ୍ୱାସର
ପୂଣ୍ୟ ପ୍ରାପ୍ତିର
ଧର୍ମକ୍ଷେତ୍ରର ଦେଶ
ତାକୁ ଛୁଇଁ ପାରିବନି
ନେଇ ପାରିବନି
ଏଠି ଅଶାନ୍ତିର ନାହିଁ ବାସ ।।

ଏଠି ନାହିଁ ଗୋଟେ ଧର୍ମ
ନୁହେଁ ଭିନ୍ନ ମତ
ହେଲେ ହୃଦୟେ ଗୋଟିଏ ଭାବନା
ତୁମେ ତନ୍ନ ତନ୍ନ କରି ନଜର ପକାଅ
ଏଠି ସହିଥିଲେ କେତେ ଯାତନା ।।

ସେ ମୋଗଲ ହେଉ କି
ଇଂରେଜ ହେଉ ଅବା
ଶତ୍ରୁ ଆମ ଏ ଦେଶର
ସବୁ ହାର୍ ମାନିଥିଲେ
ମୋ ଦେଶ ଆଗରେ
ଏଠି ଜୟ ହୋଇଥିଲା ସତ୍ୟର ।।

ପତୀତ ପାବନୀ ଗଙ୍ଗା ବହିଚାଲେ
ପୂଣ୍ୟ ମୋ ଭାରତ ଭୂଇଁରେ
କାଶ୍ମୀର ଠାରୁ କନ୍ୟାକୁମାରୀ
କି ସୁନ୍ଦର ଦିଶେ ମହୀରେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହି କଷଣ ବନ୍ଦୀ ଜୀବନ

ସ୍ୱାଧୀନତା ସଂଗ୍ରାମୀର ଏ ଦାନ

କେତେ ଜୀବନ ବଳିଦାନରେ

ଆଜି ଦେଇ ଗଲେ ଏହି ବରଦାନ ।।

ଆଉ ନୁହେଁ ପରାଧୀନ

ମିଳିଛି ସ୍ୱାଧୀନ

ବିକାଶ ପଥରେ ମୋ ଦେଶ

ଏକତା ଭାବନା,

ସତ୍ୟ ଧର୍ମ ପଥେ ଅଗ୍ରସର ହେଲେ

ହସିବ ଭାରତ ବର୍ଷ

ହସିବ ଭାରତ  ବର୍ଷ  ।।

ଶିକ୍ଷୟିତ୍ରୀ, ଜୟଦେବ ବିହାର

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁ ପାଣିପାଗ



ସିଦ୍ଧେଶ୍ୱର ତ୍ରିପାଠୀ

ପଣା ସଙ୍କରାନ୍ତି ପଣା ପୂଜା ହୁଏ
ଟାଇଁ ଟାଇଁ ଦେଖ ଖରା
ଆମ୍ବ ତୋଟା ମୂଳେ ଦିପହର କଟେ
ଲୁଣ ଲଙ୍କାର ପସରା ।

ଅଖି ତୃତୀୟାରେ ଅଖି ମୁଠି ନେଇ
ଚାଷୀ କରେ ଅନୁକୂଳ
ଶୁଖିଲା ପାଗରେ ସିତୁଳି ବେଳରେ
ଚାଲେ ପୁଣି କେତେ ଖେଳ ।

ଆସି ଯାଏ ରଜ କେତେଯେ ମଉଜ
ପିଠା ପଣା ସାଜ ସଜା
ଦୋଳି ଖେଳ ଗୀତ ସେ ସହି ସଙ୍ଗାତ
ଜେଜେମାର ଥଟା ମଜା ।

ବରଷା ଆସିଲେ ଗାଁଦାଣ୍ଡେ ପାଣି
କାଗଜ ଡଙ୍ଗାର ମେଳି
କୁନି ରଥେ ତିନି ଦିଅଁ ସାଥେ ଶୁଭେ
ହରିବୋଲ ହୁଳ ହୁଳି ।

ଭୋଦୁଅ ପରବ ଖୁଦୁରୁକୁଣୀ ଲୋ
ଭାଲୁକୁଣୀ ଗୀତ ପୂଜା
ରାକ୍ଷୀ ଜନ୍ମାଷ୍ଟମୀ ଗଣେଶ ଚତୁର୍ଥୀ
ଭାବ ଭକ୍ତି କେତେ ମଜା ।

ଜହ୍ନି ଓଷା ଆଉ କୁଆଁର ପୁନେଇଁ
ସାତ ସପନର ଜହ୍ନ
ସେଇ ଜହ୍ନ ପାଇଁ କେତେଯେ ଆଞ୍ଜୁଳି
କୁଆଁରୀ ଆଖି ସପନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶହରା ଛୁଟି କେତେ ନୂଆ ଭେଟି
ଦୀପାବଳି  ବାଣ ଦୀପ
କାର୍ତ୍ତିକ ପୁନେଇଁ ପାହାନ୍ତ ପହର
ଡଙ୍ଗା ଭସା ପୁଣ୍ୟ ତପ  ।

ଆସେ ମଗୁସୁର କେତେ ଗୁରୁବାର
ମାଣ ବସା ଝୋଟି ଚିତା
ମାଆ କମଳିନୀ ଘରେ ଘରେ ବିଜେ
ଆପେ ନଇଁ ଯାଏ ମଥା  ।

ସେ ଦାଣ୍ଡ ପହଁରା ସେଇ ବାଟ ଓଷା
ବିଶ୍ୱାସର ଭକ୍ତି ଘର
ଶ୍ରୀ ପଞ୍ଚମୀରେ  ମାଆ ସରସ୍ୱତୀ
ଦିଅନ୍ତି ବିଦ୍ୟା ଭଣ୍ଡାର  ।

ଅଗ୍ନି ଉତ୍ସବରେ କେତେ ନଡା ଜଳେ
ଭୋଗ ରାଗ ପଣା ପାଣି
ଫଗୁଣ ଆସିଲେ ଦୋଳରେ କହ୍ନେଇ
ସଂଗରେ ରାଧିକା ରାଣୀ  ।

ରଙ୍ଗ ଖେଳ ହୋଲି ଗାଁ ର ମେଳଣ
ଯାତରା ପଡିଆ ମଜା
କେତେ କିଣା ବିକା କୁଣିଆ ମଇତ୍ର
ସ୍ମୃତି ସବୁ ଲାଗେ ତାଜା  ।

ଚଇତ ପରବ ମଙ୍ଗଳା ଯାତରା
ଭକ୍ତି ନଇବିଦ୍ୟ ପୂଜା
କେତେ ପଣାପାଣି  ମାଟି ଘୋଡା ପୁଣି
ଝାମୁ ଜାତ ହୁଏ ସଜା  ।

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନମ ଦିନଠୁ ପହିଲି ଯୌବନ

ବ୍ରତ ଠାରୁ ବାହାଘର

ପୂଜାରେ ଆରମ୍ଭ ହୁଅଇ ଜୀବନ

ପୂଜାରେ ଚାଲେ ସଂସାର ।

ବାଲିଖେଳ ସରେ ବାଲୁତ ବେଳରେ

ଚାଟ ଶାଳୀ ପାଠ ପଢା

ଯିଏ ମନ ଦେଇ ପଢିଚାଲେ ପାଠ

ତା ଭାଗ୍ୟରେ ଘୋଡା ଚଢା ।

କୁଆଁରୀ ବୟସ ସରିଯାଏ ଦିନେ

ଝିଅ ଯାଏ ଶାଶୁଘର

ନିଜର ସଭିଏଁ ଦୂରରେ ରୁହନ୍ତି

ପର ହୁଏ ଆପଣାର ।

ଜଞ୍ଜାଳ ବଢ଼ଇ ବୟସ ସାଥିରେ

କେତେ କାମ ହୁଏ ଶେଷ

ଆଉ କିଛି ସ୍ୱପ୍ନ ଛାତିରେ ରୁହନ୍ତି

ସାଜି ସବୁ ଅବଶୋଷ ।

ଦେହ ଥକି ଯାଏ ମନ ମରିଯାଏ

ସରିଯାଏ ଏ ଆୟୁଷ

ମଶାଣୀ ଭୂଇଁରେ ଜଳିଗଲା ପରେ

ଏ ଜୀବନ ହୁଏ ଶେଷ ।

ଖୋର୍ଦ୍ଧା, ୭୦୦୮୩୧୫୦୪୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା କାଳୀ ବନ୍ଦନା



ପ୍ରଦୀପ କୁମାର
ଜିଲକାରା

ରାଗ. କୁମ୍ଭ କାମୋଦୀ..

ବନ୍ଦଇ କାଳିକା ନୃ- ମୁଣ୍ଡ ମାଳିକା ଗିରୀଶ ବାଳିକା..
ଦନୁଜ ଦଳିନୀ ଜଗତ ପାଳିକା ଅମ୍ବେ ଅମ୍ବାଳିକା..୧
ଭୟଙ୍କର ମୂର୍ତ୍ତି ଦେବୀ ଭଗବତୀ ଶଙ୍କରୀ ଶିବାନୀ..
ଅଟ୍ଟ ହାସିନୀ ତମସା ନାଶିନୀ ସର୍ବାଣୀ ଭବାନୀ..୨
ରତନ ଖଚିତ କୁନ୍ଦନ ମୁକୁଟ ମସ୍ତକେ ଶୋଭିତ..
ଅସିତ ସୁକେଶ ଅରୁଣ ପଙ୍କଜ ଚରଣ ଲମ୍ବିତ..୩
ଇନ୍ଦୁ ବନ୍ଧୁ ପର ମହା ପ୍ରଭା ଯୁକ୍ତ ଚଞ୍ଚଳ ସୁନେତ୍ରୀ..
ଜୟ ଜଗଦ୍ଧାତ୍ରୀ କଜ୍ଜ୍ୱଳ ଉଜ୍ଜ୍ୱଳ ନବ ଘନ ଗାତ୍ରୀ..୪
ଶଙ୍ଖ ଚକ୍ର ଗଦା ଧନୁ ତୀର ଶୂଳ ନାନାଦି ଆୟୁଧ..
ଦୁଷ୍ଟେ ମାରିବାକୁ କରେ ଧରି ଥାଉ ହୋଇଣ ସକ୍ରୋଧ..୫
କର୍ଣ୍ଣରେ ଭୂଷଣ ଗଳାରେ ଭୂଷଣ ସର୍ବାଙ୍ଗେ ଭୂଷଣ..
ସୁକରେ କଙ୍କଣ ରକ୍ତ ପଦାମ୍ବୁଜେ ହଂସକ ନିକ୍ୱଣ..୬
ଘଟ ପୟୋଧର ସୁବକ୍ଷ ଆବୋରି ପାରିଜାତ ମାଳ..
ତହିଁ ପୁଣି ସାଜେ ଅସୁର ଜନର ମସ୍ତକ କଙ୍କାଳ..୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ୟାଘ୍ର ଚର୍ମ ପରିହିତା କଟୀ ତଟେ ଆହା କି ସୁନ୍ଦର..

ତହିଁ ଲମ୍ବି ଥାଇ ଗୁନ୍ଥା ହୋଇଥିବା ପେନ୍ଥା ନର କର..୮

ସ୍ତନିତ ଗର୍ଜନ ଭଇରବ ରବ ତ୍ରିଲୋକ କମ୍ପାଏ..

ବିକଟାଳ ରୂପ ଦେଖି ନର ସୁର ସୁର ପର ଭୟେ..୯

ଲହ ଲହ ଜିହ୍ୱା କରି ରଣ ପ୍ରିୟା ପଦ ପାତ କଲେ..

ପାତାଳେ ଭଜିବି ଏମନ୍ତ ବିଚାରି ଧରଣୀ ଚହଲେ..୧୦

କଟମଟ ଦନ୍ତ ଅଶନିର ଘୋଷ ଖଳ ଦମ୍ଭ ହରେ..

କାଳ ଭୟଙ୍କରୀ ମହା କାଳରାତ୍ରୀ ରାତ୍ରୀ ଯା'ଙ୍କୁ ଡରେ..୧୧

ମହୀଷା ମର୍ଦ୍ଦିନୀ ହର ବିନୋଦିନୀ ହର କଷ୍ଟ ଦୁଃଖ..

ଅଭୟ ବରଦା ଦେବୀ ଶୁଭଙ୍କରୀ ଦୀନ ଜନେ ରଖ..୧୨

ଅରୁଣ ଚରଣେ ଶରଣ ପଶିଲି ବାରେ କୃପା କର..

ଭଜଇ ପ୍ରଦୀପ ଅଶ୍ରୁ ଅର୍ଘ୍ୟ ଢାଳି ସନ୍ତାପକୁ ହର..୧୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ୍ତ ଫଟୋ ସ୍ମୃତି



ଆଶୁତୋଷ
ମେହେର

ଅଧା କଥା କୁହେ ସିଏ, ଅଧା ରହେ ଛପି
ମରମରେ ଦବିଯାଏ, ପଥରରେ ଚାପି ।
ଭଲ କିଛି ମନ୍ଦ କିଛି, ଜୀବନର କଥା,
ହସ କାନ୍ଦ ଲୁହ ଭରା, ଭରି ଥାଏ ବ୍ୟଥା ।।

ପ୍ରେମ ଯେବେ ହୋଇଥିଲା, କାହାଣୀର ଧାରା
ଭଲ ପାଇବାର ନିଶା, ଖୁନ୍ଦା ଖୁନ୍ଦି ଭରା ।
କାହା ପାଖେ ହସ ସିଏ, ଲୁହ ଆଖି କୁହେ
ଜ୍ୱଳନ ହୁଏନା ସହି, ମରମ କୁ ଦହେ ।।

ଗପ ପରି ଲାଗେ ସିନା, ଗପ ନୁହେଁ ଲେଖା,
ପ୍ରୀତିର କାନନେ ପରା, ପହିଲି ସେ ଦେଖା ।
ସେଇ ଦେଖା ଛବି ହୁଏ, କାଚରେ ବନ୍ଧାଇ,
ଜୀବନ୍ତ ଫଟୋଟା ସେତ, କରେ ମତେ ବାଇ ।।

ଫଟୋ ଖଣ୍ଡେ ସ୍ମୃତି ଖିଏ, ଜୀବନ୍ତ କାହାଣୀ
ସାତ ଜନମକୁ ଧରି, ଲେଖା ହେବ ପୁଣି ।।

୫୪, ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିର ସ୍ମରଣୀୟ ଗୋଦାବରୀଶ



ଶିବ କୁମାର
ବେହେରା

ଚିର ସ୍ମରଣୀୟ ସୁପୁତ୍ର ସନ୍ତାନ ।
ଓଡ଼ିଆ ମାଟିର ଗର୍ବ ।।
ବାଣପୁର ଗର୍ଭେ ଜନମି ଥିଲେ ସେ ।
ଆଣି ଓଡ଼ିଆ ଗୌରବ ।।
କେନ୍ଦ୍ର ସାହିତ୍ୟ ଏକାଡେମୀ ପାଇଁ ।
ଭାରତେ ରଖିଲ ନାମ ।।
ଓଡ଼ିଶା ବାସୀ ଝୁରି ହେଉଛନ୍ତି ।
ତୁମ ଦେଶ ଭକ୍ତି କାମ ।।
କାଳିଜାଇ ସନ୍ଧ୍ୟା, ଏ ବିଜନ ବାଟେ,
ଉପନ୍ୟାସ ସମଗ୍ର ।।
ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ମୋ ସ୍ଥାନ ।
ଆହୁରି ଗଳ୍ପ ସମଗ୍ର ।।

ମନେ ପଡ଼େ ଯେବେ ସେ କାଳର ଦିନ ।
ଓଡ଼ିଶା ହରାଇଥିଲା ।।
ଚିରସ୍ଥାୟୀ ହୋଇ ରହିଅଛି ସିଏ ।
ମାଟିର ପୁତ୍ର ଯେ ଥିଲା ।।
ଗୋଦାବରୀ ପରି ବହି ଚାଲିଥିଲା ।
ତାଙ୍କ କାର୍ଯ୍ୟ ତାଙ୍କ ପ୍ରତିଭା ।।
ଲକ୍ଷ୍ୟଟି ତାଙ୍କର ରହି ଆସିଥିଲା ।
ସର୍ଭିଙ୍କୁ ଜାଗ୍ରତ କରିବା ।।
ତାଙ୍କ ପାଇଁ ଆଜି ଏ ଓଡ଼ିଶା ମାଟି ।
ଉତ୍‌ଫୁଲ୍ଲିତ ହୋଇ ଉଠିଛି ।।
ତାଙ୍କ ବିଦାୟ ରେ ଧରିତ୍ରୀ ମାଆ ଟି ।
କଇଁ କଇଁ ହୋଇ କାନ୍ଦୁଛି ।।

ପାଟଣା ସାହି, ବାଲୁଗାଁ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେଘ ଖୁବ୍ ବର୍ଷିବା ପରେ



ନୀଳମଣି ଚାନ୍ଦ

ମେଘ ଖୁବ୍ ବର୍ଷିବା ପରେ
ଉବୁଟୁବୁ ହୁଏ ନଈ
ବନ୍ଧ ଡେଇଁ ବନ୍ୟା ଆସେ
ବନ୍ଦୀ ହୁଏ ଗାଆଁ
ଖେତଖମାର, ତୋଟା
ପରେ ମରାମତି ହୁଏ ବନ୍ଧ
ହେଲେ ବନ୍ୟାକ୍ଲିଷ୍ଟଙ୍କ
ଭାଗ୍ୟର ବନ୍ଧମରାମତି ହୁଏନା
ସେମାନେ ଯେଉଁ ତିମିରେ ତ ସେଇ ତିମିରେ
ନା ଥାଏ ସୂର୍ଯ୍ୟୋଦୟ ନା ହୁଏ ସକାଳ ।

ମେଘ ଖୁବ୍ ବର୍ଷିବା ପରେ
ମୁଁ ଗୋଟାପଣେ ଭିଜିଯାଏ
ଓଦାହୁଏ ମୋ ରଫ୍ ଖାତାର କାଗଜରେ
ତିଆରି କାଗଜଡଙ୍ଗା
ଡିଡ଼ିଥାଏ, ମୁଁ ତୋଳିଥିବା ହୁଙ୍କାଛତୁ
ମୋ ଜୋତା, ବର୍ଷାତି ଓ ଛତା

ଡିଡ଼ିଥାଏ ମନଲୋଭା
ଇନ୍ଦ୍ରଚାପ, ଇନ୍ଦ୍ରଗୋପ
ଏବେ ମୋ'ର ନଈ ଆଡ଼େ ଯିବା ମନା
କାରଣ ମୋ'ର ଭୟ ବଢିପାଣି ଓ ଘାଇ ।

ମେଘ ଖୁବ୍ ବର୍ଷିବା ପରେ
ଝଲସିଯାଏ 'ମଉସିନରାମ' ଗାଆଁ
ଯେଉଁଠି ଏବେ ଚେରାପୁଞ୍ଜିଠୁଁ
ବେଶୀ ବର୍ଷାହୁଏ
ଇଚ୍ଛା ହେଉଛି ତ ଯାଆ ମିନୁ
ମୁଁ ଯିବିନି,କାରଣ ମୋ ପାଇଁ ଅଛି
କେତେ ହୋମ୍ ଟାସ୍କ
'ନଈବଢି'ର ରଚନା ଲେଖା
ଚଟାପଟ୍ ନ ଲେଖିଲେ
ସେ ଭାବନା ମିଳେଇ ଯାଇପାରେ
ସହରର କୋଳାହଳରେ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖିବି ତୁମରି କଥା



ନିରଞ୍ଜନ ସାହୁ

ଯେତେଦିନ ଯାଏ କଲମ ଚାଲିବ
ଲେଖିବି ତୁମରି କଥା
ଯିଏ ଯାହା କହୁ ଯିଏ ଯାହା ଭାବୁ
ଘୁରାଇବି ନାହିଁ ମଥା ।

ଯେତେଦିନ ଯାଏ ଥିବ ମୋ ଦେହରେ
କଲମ ଧରିବା ଶକ୍ତି
ସେତେଦିନ ଯାଏ ତୁମ କଥା ଲେଖି
ଶୁଣୁଥିବି କଟୁ ଉକ୍ତି ।

ଯେତେଦିନ ଯାଏ ଭାବନା ମୋହର
ରହିଥିବ ଉଜ୍ଜୀବିତ
ସେତେଦିନ ଯାଏ ମୋହରି ଲେଖାରେ
ସାଜିବ ମନର ମିତ ।

ଯେତେଦିନ ଯାଏ ମୋହରି କଲମ
ନ ଅଟକି ଚାଲୁଥିବ
ସେତେଦିନ ଯାଏ ତୁମରି ବିକଳ୍ପ
କେବଳ ତୁମେ ହିଁ ହେବ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଶ୍ନ



ଭାଗିରଥୀ ଯାନୀ

ବେଳେବେଳେ ମନେ ନିଜକୁ ଅନେକ
ନିଜେ ପ୍ରଶ୍ନ ପଚାରୁଛି,
ଶାନ୍ତ ନିରବରେ କିଛି କ୍ଷଣ ବସି
ମଙ୍ଗଳ କଥା ଭାବୁଛି । ।

ସମାଜ ଆଗରେ ମୁଁ କ'ଣ ସତରେ
ଅଯୋଗ୍ୟ ହୀନ ମଣିଷ,
ମୋର କଥାବାର୍ତ୍ତା କାର୍ଯ୍ୟ କଳାପକୁ
କେହି କରନ୍ତି ବିଶ୍ୱାସ ? ?

ଜୀବନର ମୂଲ୍ୟ ବେଶ୍ ଭଲ ଭାବେ
ବୁଝି ତ ପାରୁଛି ହେଲେ,
ଗୁଣ ଗାରିମାର ଯଶ ଖ୍ୟାତି ମାନ
ସବୁ ତ ଫୁଟିବ ମଲେ ! !

କାହିଁକି ବୃଥାରେ ସମୟକୁ ସାରେ
ଏଣେ ତେଣେ ବକି ବକି,
ଶୁଣିବା ଲୋକଟି କହୁଥାଏ ଧୀରେ
ସତରେ ମୁଁ ଅବିବେକୀ । ।

କିଛି କିଛି ସ୍ୱପ୍ନ ଅଧା ରହିବ କି
ବୁଜିବା ଆଗରୁ ଆଖି,
ମୁଁ ଯାହା କରୁଛି ଠିକ୍ କରୁଛି କି
ପଞ୍ଚଭୂତ ଅଛି ସାକ୍ଷୀ । ।

ସବୁ କିଛି ଦିନେ କରି ପାରିବି କି
ଅସମ୍ଭବକୁ ସମ୍ଭବ,
ମନରେ ଅଛି ତ ଦୁର୍ବାର ସାହସ
ଚାଲିଯିବ ସବୁ କ୍ଷୋଭ ? ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁର୍ଲ୍ଲଭ ଜୀବନ ମଣିଷ ଜନମ

ଅଯଥାରେ ଯିବ ସରି,

ଉତ୍ତମ କରମ ଜୀବନରେ ଥରେ

ଆଉ ପାରିବି କି କରି ? ?

ଦୃଢ଼ ମନ ବଳ ଅଛି ହୃଦୟରେ

ସଦା ଇଚ୍ଛା ଶକ୍ତି ଥିଲେ,

ସବୁ କିଛି ଦିନେ ହୁଅଇ ସମ୍ଭବ

କୌଶଳରେ କାମ କଲେ । ।

ପ୍ରତ୍ୟେକ କାର୍ଯ୍ୟରେ ହେଲେ ତରତର

ବିପଦ କି ମାଡି ଆସେ,

ବୁଦ୍ଧି ବିଚାରି କି କାର୍ଯ୍ୟ କରୁଥିଲେ

ମନଟା ଟିକିଏ ହସେ । ।

ଶାନ୍ତି ବିନା ଏଠି ସବୁ ଅସମ୍ଭବ

ଚତୁର୍ଦିଗେ ଖାଲି ମାୟା,

ମୋର ମୋର କହି କେତେ ଖୁସି ହେବି

ଦେଖି କି ଲାଗୁଛି ବାୟା  ! !

ଗ୍ରାମ-ଦଳପଡା, ଡା.ଘ.- ଦଳପଡା,

ଭାୟା-ଖଜୁରୀପଡା, ଜିଲ୍ଲା-କନ୍ଧମାଳ ।

ମୋ.ନଂ.- ୯୪୩୮୦୨୬୮୪୮ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳା ଧଳା ସ୍ୱପ୍ନ



ବିନୟ ମହାପାତ୍ର

ସ୍ୱପ୍ନ ସବୁ ମୋର
କେତେ ଯେ ସୁନ୍ଦର ମଧୁର ଥିଲା,
ଖୁବ୍ ସାଧା ସିଧା, ସତେ ଅବା
କଳାଧଳା ପୁରୁଣା ସିନେମାର ପଟ୍ଟକଥା
ଆଉ ଦୃଶ୍ୟ ପରେ ଦୃଶ୍ୟ ଦିଶୁ ଥିଲା ।

ମାଟି ଝାଟି ଛୋଟ ଘରଟିଏ,
ଅଗଣାରେ ତୁଳସୀ ଚଉରା,
ସକାଳ ସଂଜରେ,
ଲିଭା ସଳିତାର ମହମହ ବାସ୍ନା ଆଉ
ଠାକୁର ଘରେ ଘଣ୍ଟିର ମଧୁର ଝଙ୍କାର,
ଓଢଣୀରେ ମଥା ଢାଙ୍କି ସୁଖ ମନାସୁ ଥିବ
ନିରିମାଖି ନବବଧୁ ମୋର ।

ତାର ଗୋରା ଗୋରା ପାଦରେ
ଛମ୍ ଛମ୍ ରୂପାର ପାଉଞ୍ଜି,
ଘର ଅଗଣାରେ ମୋର
ଝନକ ଗୁଞ୍ଜରୁ ଥିବ,
ପବନକୁ ସଂଗୀତମୟ କରୁ ଥିବ ।
ତାର ପାଣି କାଚ ରୁଣୁ ଝୁଣୁ ଶବ୍ଦେ
ପ୍ରିୟା ମୋର ରୋଷେଇରୁ
'ମୁଁ ପରା ଏଇ ଠାରେ ଅଛି'
ସତେ ଅବା କହୁଥିବ ।

ଚୁଲିର ଭିଜା କାଠ ଧୂଆଁ
ଜଳା ବାଟେ ଉଡୁ ଥିବ,
ଫୁଙ୍କନଳାର ସଂ ସଂ ଶବ୍ଦ
ଅଗଣାକୁ ଶୁଭୁ ଥିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି ହାଣ୍ଡିରେ ଟକ୍ ଟକ୍ ଫୁଟୁ ଥିବ
ଉଷୁନା ଭାତର ମହକ,
ଲମ୍ବା କଟା ବାଇଗଣ ଆଉ,
ଭଜା ହରଡ ଅବା ମୁଗ ଡାଲି ବାସ୍ନା,
ସବୁ ଜାତି ପରିବା ସନ୍ତୁଳାରେ
ପଞ୍ଚଫୁଟଣ ରସୁଣର ଛୁଙ୍କ,
ଗୋଲ ଗୋଲ କଟା ଆଳୁ
ଆଉ ସଜନା ଛୁଇଁର ଭଜା,
ପେଟରେ ମୋ ଭୋକ ବଢାଉ ଥିବ ।
ପ୍ରିୟା ମୋର ଖାଇବା ବେଳାରେ,
ପାଖେ ବସି ଚୁପି ଚୁପି କଥା କହି
ବିଞ୍ଚୁଥିବ ଭାତ ଥାଳି
ଧୀର ଧୀର ବିଞ୍ଚଣାର ପବନରେ ।

ଫେରିବ କି ବିତି ଗଲା ଦିନ,
ସମୟର ସାଥେ ହଜି ଗଲା ମନ,
ସଭ୍ୟତାର ସାଥେ
ତାଳ ଦେଇ ବଦଳି ଯାଇଛି,
ଶୁଣିଛି ସେ ଗଲା ଦିନ କଥା ଆଉ,
କେତେ ଥର ସପନେ ଦେଖୁଛି ।
ବିଶ୍ୱାସ ହୁଏନା ମନେ,
ଫେରିବ ବିତି ଗଲା ଦିନ,
କେହି କେବେ ଫେରାଇ ଆଣିବ ଅବା
ରଙ୍ଗୀନ କରିଦେବ, ମୋର କଳା ଧଳା ସ୍ୱପ୍ନ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଖିବି ସାଥିରେ ମୁହିଁ



ଜୟନ୍ତ କୁମାର ମଲ୍ଲିକ

ପାଉଁଜିର ସ୍ୱର କାନରେ ବାଜୁନି
ଶୁଣୁନି ମଧୁର ହସ
ତୁମ ସାଥେ ଦେଖା ହୋଇ ନପାରିଲେ
ଖାଇବି ଦିନେ ଲୋ ବିଷ ।

ତୋଫା ଆକାଶର ଜହ୍ନ ଆଲୁଅରେ
ସପନ ଦେଖୁଛି ନିତି
ପାଖରେ ଆସିକି ମିଠା କଥା କହି
ଲିଭେଇ ଦେଉଛ ବତୀ ।

କାଉଡ଼ିଆ ସାଜି ପାଣି ଭାର ନେଇ
ଚାଲୁଥିଲ ଧିରେ ଧିରେ
ସେହି ସବୁ କଥା ବସିକି ଭାବିଲେ
ଛାଆଁକୁ ଲୋତକ ଝରେ ।

ଅଳପ ଦିନର ଗଳପ ଆମର
ପୁରଣ ହେବକି ଏବେ
ତୁମ କଥା ଭାବି ରାତି ପାହିଯାଏ
ଉତ୍ତର ଆସୁନି କେବେ ।

ଆମର ମିଳନ ଅତୁଟ ରହିବ
ରହିବ ଅମର ହୋଇ
ଯେତେ ଦୂରେ ଥିଲେ ଖୋଜି ଆଣିବି ଲୋ
ରଖିବି ସାଥିରେ ମୁହିଁ ।

ଶୂରଡିହ, ନନ୍ଦିପୁର, ଦାସରଥପୁର, ଯାଜପୁର
ମୋ:-୯୪୩୭୮୭୫୭୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଢେଙ୍କିଶାଳରୁ ଢେଙ୍କାନାଳ



ଅନିଲ୍ ସର୍

ଢେଙ୍କିଶାଳର ଢକ ଢକ ଶବ୍ଦ
ଗଲାଣି ତ ତୁନି ହୋଇ,
ନବ ବଧୂ ପାଣି କାଚ ରୁଣୁ ଝୁଣୁ
ଅଗଣାରେ ଶୁଭୁ ନାହିଁ ।

କିଚିରି ମିଚିର ଘର ଚଟିଆ ତ
ଚାଳରେ ନାହାନ୍ତି ଆଉ,
କୁଣିଆଁ ଆସୁନି ସକାଳୁ ସକାଳୁ
ରାବି ରାବି ଗଲା କାଉ ।

ପାହାନ୍ତା ପହରୁ ଗୋବର ପାଣିରେ
ଆଉ କି ପଡୁଛି ଛିଟା,
ରାତି ନ ପାହୁଣୁ ମା ' ବସଉନି
ଉଷୁନା ପଲମ ପିଠା ।

ଖଇ ମୁଢି ଭଜା ବାସନା ଆସୁନି
ପଡିଶା ଗୁଡ଼ିଆ ଘରୁ ,
ନିଦ ଭାଙ୍ଗୁନାହିଁ କୁକୁଟ ର ଡାକ
ଶୁଭୁନି ଗାଁ ମୁଣ୍ଡରୁ ।

ଶୁଭ ମାନାସି କି ସଞ୍ଜ ସଳିତା
ଆଉକି ଜାଳୁଛି ବଧୂ ,
ଗୀତା ଭାଗବତ ଘର କୋଣେ ଏବେ
ଗଲାଣି ଲାଗି ଅଳନ୍ଧୁ ।

ଚକି ଚଲାଉନି ଘରର ଘରଣୀ
ଶୁଭୁନାହିଁ ଘର ଘର ,
ଖୁଆ ଦଣ୍ଡ ଆଉ ଚାଲୁନି ହାଣ୍ଡିରେ
ନାହିଁ ସେ ଲବଣୀ ସର ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଗୁଶୁର କ୍ଷେତ ଖଳାକୁ ଆସୁନି

ବେଙ୍ଗଲା ବୁଲୁନି କାହିଁ,

ବାଡ଼ି ବଗିଚାରେ ଲଙ୍କା କସିଟାଏ

କାହା ଘରେ ଦେଖା ନାହିଁ ।

କୁଆଁର ପୁନେଇଁ, ରଜ ଦୋଳି ଖେଳ

କୁଆଁରୀ କନିଆଁ ମେଳ,

କୁଆଡେ ଗଲାସେ ଖିଲି ଖିଲି ହସ

ମନ ଦିଆ ନିଆ ବେଳ ।

ମଣିଷ ଭିତରେ ଯନ୍ତ୍ର ମଣିଷ

କିଏ ସେ ଦେଲାରେ ଖଞ୍ଜି ,

ସବୁ ଅଛି ହେଲେ ସବୁ ତ ଯାଇଛି

ଏ ମନ ରୁ ଖାଲି ହଜି ।

ରଚନା- ଶ୍ରୀ ଅନିଲ୍ ସର

ଗ୍ରାମ-ରାସୋଳ, ଜିଲ୍ଲା- ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମରଣ ଓ ମଶାଣୀର ମର୍ମକଥା



ବାପିନି ସିଂ

ମଶାଣି ବୁଝେନି ଧନୀ କି ଗରିବ
କିଏ ଉଚ୍ଚ କିଏ ନୀଚ
ମରଣ ବୁଝେନି ପର କି ନିଜର
କିଏ ସତ କିଏ ମିଛ ।

ମରିଗଲା ପରେ ସଭିଏଁ କାନ୍ଦିବେ
ଯିବେନି ସାଥିରେ କେହି
ଶବ ଶବ ବୋଲି ସଭିଏଁ କହିବେ
ଯିବୁନିରେ କିଛି ନେଇ ।

ସାଥିରେ ଯିବ ତୋ କରମର ଫଳ
ରଖିବେନି ତାକୁ କେହି
ସଞ୍ଚିତ ଯେତେ ଧନ ଓ ଦଉଲତ
ସବୁ ଯିବ ଖଣ୍ଟ ଖାଇ ।

ମୋର ମୋର ବୋଲି ଯାହା ତୁ ଭାବୁଛୁ
କିଛି ନେବୁ ନାହିଁ ସାଙ୍ଗେ
ମରିଗଲା ପରେ ସଭିଏଁ କହିବେ
ଅରଜିଲା କର୍ମ ଭୋଗେ ।

ମରିଗଲା ପରେ ଯମପୁର ଠାରେ
ହୁଅଇ ସବୁ ହିସାବ
କୁକର୍ମର ଫଳ ସୁକର୍ମ ନେବନି
ଦଣ୍ଡିତ ତୁମେ ହୋଇବ ।

ବେଳ ଥାଉ ଥାଉ ହୁଅ ସଚେତନ
କରମ ଫଳକୁ ଡର
ଏ ମାୟା ସଂସାରେ କେହି ନୁହେଁ କାହାର
ଖାଲି ହରି ନାମ ସାର ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ , ବ୍ୟାସବିହାର,
ବାଲେଶ୍ୱର, ଦୂରଭାଷ : ୯୯୩୭୮୨୦୮୩୧
Email ID : bapinising540@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୃଷ୍ଣା



ଡା ନୀଳମାଧବ କର

ଶେଷ ପାହାଚର ସୂର୍ଯ୍ୟଙ୍କୁ ଘୋଡ଼େଇ
ଆଜି ବର୍ଷା ହେଲା - ଏ ବରଷର ପହିଲି ବରଷା
ଖୁସିରେ ଭିଜୁଥିଲେ ଅପରାହ୍ନର ମଣିଷ ସବୁ
ବୟସକୁ ଭୁଲି, ମାଟି ପାଣି ଚବଚବ କରିବାକୁ
ଇଚ୍ଛା ହେଉଥିଲା ଝରକା ପଛରୁ

.

ଓଦା ମାଟି ଭୁରୁଭୁରୁ ବାସ୍ନା
ପହିଲି ରାତିର ବାସ୍ନା ପରି – ପାଗଳ କରୁଥିଲା
ଅୟୁତ ଯୁଗର ତୃଷ୍ଣା, ଅନନ୍ତ ଭଙ୍ଗୀମାରେ
ମୋ ଭିତରେ ଉଙ୍କି ମାରୁଥିଲା

.

ତୃଷ୍ଣା ମେଣ୍ଟିଯିବ ବୋଲି
ଭିଡ଼ି ଧରି ତମକୁ ମୁଁ ଶୋଇଲି ମାଟିରେ
ଆକାଶର ଆଲିଙ୍ଗନ ପରି ବରଷାରେ ବେଢେଇ ଧରାକୁ
ତାରା ସବୁ ମୁହଁ ଲୁଚେଇଲେ,
ଓଢଣୀରେ ଢାଙ୍କିଦେଇ ସେ ଲଙ୍ଗଳା ମୁହୂର୍ତ୍ତ ସବୁକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

.

ବରଷାରେ, ବେଳୁବେଳ ବଢୁଥିଲା ତୃଷ୍ଣା

ଟକମକ ଫୁଟୁଥିଲା ରକ୍ତ ମୋର ଶିରାପ୍ରଶିରାରେ

ସେ ଉତ୍ତାପରେ, ବରଷାର ଟୋପା ସବୁ ବାମ୍ପ ପାଲଟିଲେ

ତମ ଦେହ ଭିଜିଥିଲା ଖାଲି ମୋରି ସ୍ୱେଦରେ

.

ପହିଲି ବରଷାର ବିନ୍ଦୁ ସବୁ

ମୋ ଘର ଅଗଣା ଧାରରୁ

ଟପ ଟପ ଶବ୍ଦ କରି ହଜିଯାଉଥିଲେ

ଆଶୁ ଏକ ବରଷା ଋତୁର ଆଶ୍ୱାସନା ଦେଇ

ଉଷ୍ମ ରଖି ଜୀବନକୁ,

ପ୍ରଗଲ୍ଭ ସବୁଜିମାର ପ୍ରତିଶ୍ରୁତି ସହ

***

ନୀଳମାଧବ କର,

ଓଲଭରହାମ୍ପଟନ, ୟୁକେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହୁତି ଅସ୍ମିତାର



ମୃତ୍ୟୁଞ୍ଜୟ ପାତ୍ର

ନିଜ ଭିତରର ଭୈରବୀଠୁ
ନିଶ୍ୱାସ ଛଡେଇନେଇ
ଅନେକ
ପୁରୁଷତ୍ୱର ମର୍ଯ୍ୟାଦାକୁ
ଦାନରେ ଫେରେଇଛି ମୁ ।

ସ୍ୱାମୀର ଅଭିମାନ ଆଗରେ
ଜଳାଞ୍ଜଳୀ ଦେଇଛି ମୋ ଅସ୍ମିତାକୁ ।
କୋଟିବସ୍ତ୍ରର ଆହ୍ୱାନରେ
ବଳିଦେଇଛି
ମୋ ଭିତରର କାଳୀତ୍ୱକୁ ।

ଧର୍ମରକ୍ଷାର ଦାୟିତ୍ୱକୁ
ପୁରୁଷ ପଞ୍ଝାରେ ଦେଇ
ମୋ ଅନ୍ତର୍ନିହିତ
ଶୁପ୍ତ ବୀରାଙ୍ଗନାକୁ
ମୁ ଦୁରେଇଦେଇଛି
ଅସ୍ତ୍ରର ମୋହରୁ ।
ଭୀମ, ଗୋବିନ୍ଦଙ୍କ
ଗୌରବଗାଥା ପାଇଁ
ହତ୍ୟାକରିଛି
କୋଟି ଦୂର୍ଗାକୁ ।

ଆକ୍ଷେପକୁ ପିଇଯାଇଛି
ନିଳକଣ୍ଠ ସାଜି..
ସମ୍ମାନକୁ
ପାଞ୍ଚ ଆଙ୍ଗୁଳାରେ ବାଣ୍ଟି
ଆଜି ମୁଁ ଧରିତ୍ରୀ ।
ଧର୍ମରକ୍ଷାର ନାଁ ରେ
ଅସ୍ତିତ୍ୱକୁ ଆହୂତି ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ମୁ ଦ୍ରୌପଦୀ ।

ମୋ ବକ୍ଷରେ

ପୁରୁଷତ୍ୱର ତାଣ୍ଡବକୁ

ସ୍ଥାନଦେଇ

ଆଜି ମୁ ସର୍ବଂସହା ।

ଠିକଣା - ବାଲିଆପାଳ,ବାଲେଶ୍ୱର

ପିନ୍ -୭୫୬୦୨୬

ମୋବାଇଲ - ୯୩୩୭୩୮୮୬୯୬,୭୫୦୪୦୨୫୭୮୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନରକ ଲାଗିବ ସରଗ ପରି



ଶିଶିର କୁମାର
ପଣ୍ଡା

ବାପାଙ୍କୁ ରଖିଛି ଜରା ନିବାସରେ
କେବଳ ଭାରିଯା ଡରେ
ଦେଖି ପାରିଲିନି ତାଙ୍କ ଅସୁବିଧା
ହେଉଥିଲା ଯାହା ଘରେ ।

ଚାହା ଟିକେ ପାଇଁ ଘଣ୍ଟା ଘଣ୍ଟା ଧରି
ରହୁଥିଲେ ସିଏ ଚାହିଁ
ମୋଓ ଦେଖିବାରେ ସଠିକ ବେଳରେ
ଖାଇବା ମିଳଇ ନାହିଁ ।

ଦେହପାଆ ହେଲେ ଅସୁକ ତାଙ୍କର
ସେବା ବି ମୋହର ମନା
ସେଇଥିରେ ନିତି ଚଟାଣ ପୋଛନ୍ତି
ପାଣିରେ ଭିଜେଇ କନା ।

ମାଆ ମଲାପରେ ଏକୁଟିଆ ଥିଲେ
ଏବେ ଘର ଲାଗେ ଖାଲି
ଶାଶୂ ଶଶୁରଙ୍କୁ ସେଥିପାଇଁ ବୋଧେ
ଡକେଇଛି ଘରବାଲୀ ।

ତାଆରି ଆଦେଶ ମାନିକି ଯାଉଛି
ମଟନ ଆଣିବି କିଲେ
ନରକ ଲାଗିବ ସରଗ ଭଳିଆ
ସେମାନେ ମୋ ଘରେ ଥିଲେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଚାଲ ଆମେ ସବୁଜ ବନିବା



ସନ୍ତୋଷ କୁମାର ପଣ୍ଡା

ସବୁଜ କ୍ଷେତ ଓ ସବୁଜ ବନାନୀ
ସବୁଜ ଘାସ ପଡିଆ,
ଚାଲ ଭାଇ ଆମେ ସବୁଜ ବନିବା
ହସିବ ମୋ ମାଟି ମାଆ ।
ଥରେ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ
ଲକ୍ଷ୍ୟ ହେଉରେ ଆମର,
ଜନ୍ମଦିନେ କା'ର ବୃକ୍ଷଟିଏ ନେଇ
ଦେବା ଆମେ ଉପହାର ।
ହସୁଥିଲେ ବୃକ୍ଷ ହସିବ ଜଗତ
ମର୍ତ୍ତ୍ୟ ହେବ ସ୍ୱର୍ଗ ଧାମ,
ଦେବତା ମାନେ ବି ଓହ୍ଲାଇ ଆସିବେ
ଦେଖି ଦୃଶ୍ୟ ମନୋରମ ।

ସବୁଜ ଖାଦ୍ୟ ଟି ବଢ଼ାଏ ଯେପରି
ପ୍ରାଣୀର ଆୟୁ ଓ ବଳ,
ସବୁଜ ଇନ୍ଧନ ବ୍ୟବହାର ରଖେ
ବିଶ୍ୱକୁ ସୁସ୍ଥ ସବଳ ।
ଇ-ମଇଳାକୁ ପୁନଃ ଚକ୍ର କରି
କରିଦେବା ଉପଯୋଗ,
ପରିବେଶ ଆଉ ଦୂଷିତ ହେବନି
କରିବ ଯେ ରାଜ ଭୋଗ ।
ଅତି ବାଇଗଣି ରଶ୍ମିର ପ୍ରଭାବ
କରିବାକୁ ହେବ ହ୍ରାସ,
ନହେଲେ ସୁନ୍ଦର ପୃଥିବୀ ଆମର
ଅଚିରେ ଯିବରେ ନାଶ ।

ଗତିରାଉତପାଟଣା, କଟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ବାଟୋଇ



ଦିବାକର ନାୟକ

ଯିବାର ଅଛି ତ ଫେରି ଯାଇପାର
ରହିବାକୁ ଆଉ କହିବି କାହିଁ
ପୀରତିର ଡୋର ଛିଡ଼ିଗଲେ ଥରେ
ଚାହିଁଲେ ବି ଯୋଡ଼ି ହୁଅଇ ନାହିଁ (୦)

କଢି ହୋଇପାରେ ଫୁଲଟିଏ ଦିନେ
ଫୁଲ ଆଉ ଥରେ ହୁଏ କି କଢି
ସୁଆଦ ଅଛି କି ସେଇ ତିଅଣରେ
ଜାଣି ଜାଣି ଯାହା ଦେଇଛ ପୋଡ଼ି

ପ୍ରତାରିତ କରି ଚାହିଁ ପାରିବ କି
ପ୍ରାୟଶ୍ଚିତ ପୁଣି କରିବା ପାଇଁ..
ଯିବାର ଅଛି ତ ଫେରି ଯାଇପାର
ରହିବାକୁ ଆଉ କହିବି କାହିଁ (୧)

ଦୁନିଆ ଆଖିକୁ ପାରିବି କି ଫାଙ୍କି
ପଣତକୁ ନିଆଁ ଜାଳିଲା ପରେ
ସକାଳର ଭୁଲ୍ ସଞ୍ଜକୁ ନ ଥାଏ
ମାନିଲନି ମୋର ଏ କଥା ଥରେ

ନିବେଦନକୁ ମୋ ପାଦରେ ଆଡ଼େଇ
ଧନୁରୁ ଖସିଲ ତୀରଟେ ହୋଇ..
ଯିବାର ଅଛି ତ ଫେରି ଯାଇପାର
ରହିବାକୁ ଆଉ କହିବି କାହିଁ (୨)

କୁଆଁରୀ ନଭ ମୋ ଥିଲା ନିରିମଳ
ଧୁମକେତୁକୁ ମୁଁ ମଣିଲି ଜହ୍ନ
ଶୀତଳତା ନାମେ ଜାଳିଦେଲ ମୋର
ନିରୀହ ପରାଣ ନିରୋଳା ମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କୂଳରେ ଆଉ ପହଞ୍ଚି ପାରୁନି

ପହଁରୁଛି ଯେତେ ଲୁହର ନଈ..

ଯିବାର ଅଛି ତ ଫେରି ଯାଇପାର

ରହିବାକୁ ଆଉ କହିବି କାହିଁ (୩)

ପାଟପୁର, କନିସି, ଗୋଳନ୍ଥରା,

ଗଞ୍ଜାମ, ପିନ୍-୭୬୧ ୦୦୮

ମୋ-୯୯୩୮୬ ୧୯୯୮୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତେ ମୁହିଁ କେଡ଼େ ବୋକି



ଝରଣା ବାରିକ

ଆକାଶରୁ ଗୋଟେ ତାରା ମାଗିଥିଲି
ଜହ୍ନଟିଏ ତୋଳି ଦେଲ,
ଶାମୁକାଟିଏ ମୁଁ ମାଗିଥିଲି ବୋଲି
ମୁକୁତାଟେ ଦେଇଥିଲ ।

ନଈଟିଏ ହୋଇ ବହି ଯାଉଥିଲି
ସାଗର ହେଲ ମୋ ପାଇଁ,
ପଥର ହୋଇ ମୁଁ ପଡିଥିଲି ବୋଲି
ମନ୍ଦିରେ ରଖିଲ ନେଇ ।

ପାଖେ ପାଖେ ମୋର ରହିବାକୁ କହି
ଛାଇ ହେଇଗଲ ରହି,
ଦେଖି ମୁଁ ପାରୁଛି ଛୁଇଁ ପାରୁନାହିଁ
ଏମିତି କରିଲ କାହିଁ ।

ଲୁହ ଦେବ ନାହିଁ କହିଥିଲ ମୋତେ
ଲହୁ ଦେଇଗଲ ଚାଲି,
ଭାବନା ରାଇଜେ ଝୁରୁଛି ତୁମକୁ
ପାରୁନି ଜମାରୁ ଭୁଲି ।

ଠିକଣା ତୁମର ବଦଳେଇ ଦେଲ
ଚାଲିଗଲ ମତେ ଠକି,
ଫେରିବା ବାଟକୁ ଏବେବି ଚାହିଁଛି
ସତେ ମୁହିଁ କେଡେ ବୋକି ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମିକ ଜହ୍ନକୁ



ସୁନନ୍ଦା ମହାନ୍ତି


ଜହ୍ନରେ ହୁଅନ୍ତୁ କି ତୁ ସମ୍ପୂର୍ଣ୍ଣ ମୋର
ତୋ ନାମରେ ଲେଖି ଦିଅନ୍ତି
ପୃଥିବୀ ପୃଷ୍ଠ ରେ ମୋ ଭାଗ ସବୁର
ନହେଲେ ଯଦି କହିବୁ ତୋ ନାମରେ ଲେଖିଦେବି
ମନ ହୃଦୟ ଯେତେ ଇସ୍ତାହାର
ତୁ କଇଁ ର ପ୍ରେମିକ କବି କହେ ଥରକୁ ଥର
ଭାଙ୍ଗିଯାଏ ହୃଦୟରୁ ବାଲି ସିମେଣ୍ଟ ପଥର
ପିଲାଦିନେ ଜେଜେମା କହିଥିଲା ତୁ ମୋ ବର
ଏବେ ଯେବେ ପୂର୍ଣ୍ଣମୀରେ ହସୁ କିରି କରି
ପାଏ ମୁଁ ପରିପୂର୍ଣ୍ଣତା ମନ୍ତର
ଆଉ ଗ୍ରହଣରେ ଅବା ଅମାବାସ୍ୟା ଆସିଲେ
ହୃଦୟ ଅସ୍ଥିର ଭାବରେ ବିଚ୍ଛେଦ ଅପାର
ରୂପା ଜୋତା ଛତା ସହ ରାତ୍ରୀ ଦ୍ୱିପହର
ବୁଲୁ ଯେବେ ଘରେ ଘରେ ଝର୍କା ପରଦା ବାହାର
ସହି ହୁଏନା କି କହିହୁଏନା
ଛିନଛତ୍ର ମନ ହୁଏ ମୋର
ହୀରା ଲୀଳା ଲୋଡା ନାହିଁ ତୋ ରାଇଜେ ଯାଇ
ଗଢ଼ିନେବା ତେଲ ଲୁଣ ର ସଂସାର
ଅପେକ୍ଷାରେ ଜୁଇ ଜଳୁ ଧୈର୍ଯ୍ୟ ଅଛି ପାଇବି ଉତ୍ତର
ମିଠା ମିଠା ଜହର ଆଜି ପିଇ ପାଇବି ଅମୃତ ବର ।

ସାକ୍ଷୀଗୋପାଳ, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଝିଅ



ଉଦୟ କୁମାର ପଣ୍ଡା

ମାର୍ଗଶିର ଗରୁବାରେ...

ଲକ୍ଷ୍ମୀଙ୍କର ଆଗମନ ପରି ।

ମୋ ଘର ମନ୍ଦିରରେ ଆଜି..

ଆବିର୍ଭାବ ହୋଇଛି ଏକ ପରି ।

ମୋ ଘର ମନ୍ଦିରେ ସ୍ନେହ ସେଫାଳିରେ..

ପୂଜା ପାଏ ନିତି ସିଏ ।

ସେ ଆଉ କେହି ନୁହେଁ...

ମୋ ଅଲିଅଳି ଝିଅ ସିଏ ।

ଚେନାଏ ହସରେ ତାର...

ପୁରିଉଠେ ମୋ ଘର ସଂସାର ।

ପଦ୍ମପରି ପାଦେ ତାର ଢ଼ଳ ଢ଼ଳ ଚାଲି..

ଭୟଭୀତ କରେ ମୋତେ କାଳେ ଯିବକି

ପଡି ।

ସେ ଆଉ କେହି ନୁହେଁ...

ମୋ ଅଲିଅଳି ଝିଅ ସିଏ ।

କୁନି କୁନି ଆଖିରେ ତା...

ଅସୁମାରି ସ୍ୱପ୍ନକୁ ।

ଦିବାରାତ୍ରି ଅନିଦ୍ରା ମୁଁ ଯେ...

ସବୁ ସାକାର କରିବାକୁ ।

ସେ ଆଉ କେହି ନୁହେଁ...

ମୋ ଅଲିଅଳି ଝିଅ ସିଏ ।

ବାଲେଶ୍ବର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆରେ ! ସତେ ତ...



ରାଜେନ୍ଦ୍ର କୁମାର ବିଷୋୟୀ

ଆରେ ! ସତେ ତ....
ଏ ନିଷ୍ଠୁର ଦୁନିଆରେ
ମୂଲ୍ୟବାନ ଦୋଷ ଠୁ ଦୁର୍ଗନ୍ଧ
କାହିଁକି ନା
ଏଠି ସର୍ବେ ଆଖି ଥାଇ ଅନ୍ଧ
ବାଟବଣା ସଂସ୍କୃତି ସଂହତି
କେଜାଣି କେମିତି
ଆରମ୍ଭଟା ବସା ବାନ୍ଧୁ ବାନ୍ଧୁ
ଏଠି ସବୁ ହୋଇଯାଏ ଇତି ।।

ଆରେ ! ସତେ ତ....
ଏଠି ସବୁ ପର ଦୋଷ ଦେଖା
ନିଜ ଦୋଷେ ଦିଅନ୍ତି ସୁରକ୍ଷା
ସବୁ ବ୍ୟସ୍ତ ବୁଝେଇବା ପାଇଁ
ଏଠି କେହି ବୁଝିବାର ନାହିଁ
କାହିଁକି ନା
ଏଠି ସବୁ ଆତ୍ମ ସ୍ୱାର୍ଥେ ବାଇ ।।

ଆରେ ! ସତେ ତ....
ଏଠି ଲାଜ ଚରେଇବା ଗାଈ
କିନ୍ତୁ ଗର୍ବ କୁକୁର ଚରେଇ
ଛେଳି ମେଣ୍ଢା କୁକୁଡା ନାଆରେ
ସମାଜର ଧନୀମାନେ ବୁଡ଼ନ୍ତି
ଋଣରେ
ସୁଝିବାର ନାଆଁ ଧରନ୍ତିନି
ତଥାପି ବୋଲାନ୍ତି ସମାଜେ
ସେ ମାନବପ୍ରେମୀ
କାହିଁକି ନା
ଏ ସମାଜେ ସବୁ ଆତ୍ମପ୍ରେମୀ ।।

ଆରେ ! ସତେ ତ....
ବାପା ପରା ହତାଦର ଏଠି
ଶ୍ୱଶୁରଙ୍କ ଆଦର ସବୁଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ କଥା ଲାଗେ ଏଠି ପିତା

ଧର୍ମ ମାଆ କଥା ଭାରି ମିଠା

ଭାଇ ପରା ଏଇଠି ଭଗାରୀ

ଶଳା ପ୍ରେମେ ପେଟ ଯାଏ ପୁରି

ଭଉଣୀକୁ କିଏ ବା ପଚାରେ

ଶାଳୀ ସୁଖ ଆହାକି ମଜାରେ

କାହିଁକି ନା

ସବୁ ବାଇ କ୍ଷଣିକ ସୁଖରେ ।।

ଆରେ ! ସତେ ତ....

କାଚ ଘରେ ଚପଲ ହସୁଛି

ରାସ୍ତା କଡେ ପରିବା କାନ୍ଦୁଛି

ମଦ ମିଳେ ସ୍ୱତନ୍ତ୍ର ସ୍ଥାନରେ

କିନ୍ତୁ ଖିର ବୋବାଳି ଛାଡୁଛି

ବୁଲି ବୁଲି କେତେ ସାହି ଘରେ

କାହିଁକି ନା

ଭଲ ଏଠି ମନ୍ଦ କବଳରେ ।।

ଆରେ ! ସତେ ତ....

ଭଲ ମନ୍ଦ ପରକ୍ଷିବା ପାଇଁ

ଆଜି ଏଠି ଭାବନ୍ତିନି କେହି

ଜାଣି ନେତ୍ରେ ଆଙ୍ଗୁଠି ମାରନ୍ତି

ଶେଷେ ଖାଲି କପାଳ ନିନ୍ଦନ୍ତି

କର୍ମ ଛାଡ଼ି ଅଳସୁଆ ହୋଇ

ମାଗଣା ଧନକୁ ଖାଲି

ଥାଆନ୍ତି ଅନାଇ

କାହିଁକି ନା.....

ଏମାନେ ବିଶ୍ୱ କାଙ୍ଗାଳ

ନିଜତ୍ୱ ହରାଇ ।।

ପଳାସପଲ୍ଲି, ଗଞ୍ଜାମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ କିଏ ?



ଭବାନୀ ଶଙ୍କର ଦାସ

ତମେ କିଏ ?

ଏ ଅନ୍ଧାର ହୃଦୟେ ଭରି ଦେଇଛ ଅନେକ ରଙ୍ଗ

ହଁ ମୁଁ ସିଏ !

ଯିଏ ନିଷ୍ଚଳ ହୃଦୟେ ସୃଷ୍ଟି କରିଛି ଶବ୍ଦ ତରଙ୍ଗ ।

ତମେ କିଏ ?

ଏ ଶିଥିଳ ମନେ ଢାଳି ଦେଇଗଲ । ଚାଞ୍ଚଲ୍ୟ

ହଁ ମୁଁ ସିଏ !

ଯିଏ ତିକ୍ତତା ମନେ ବୁଣି ଦେଇଛି ମାଧୁର୍ଯ୍ୟ ।

ତମେ କିଏ ?

ଏ ଶୁନ୍ୟ ମନେ ଆଣିଦେଇଛ ପୁର୍ଣ୍ଣତାର ଆଭାସ

ହଁ ମୁଁ ସିଏ !

ଯିଏ ଅନ୍ଧକାରରେ ଦେଖାଇଛି ପୂର୍ଣ୍ଣିମାର ପ୍ରକାଶ ।

ତମେ କିଏ ?

ଏ ନିସଙ୍ଗ, ଅଜାଣତାରେ ଦେଇଛ ଆତ୍ମୀୟତା

ହଁ ମୁଁ ସିଏ !

ଯିଏ ତମ ବିରହମନେ ଢାଳିଛି ବ୍ୟସ୍ତବହୁଳତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ କିଏ ?

ଏ ନିସ୍ତେଜରେ ଖେଳାଇ ଦେଇଛ ସତେଜତା

ହଁ ମୁଁ ସିଏ !

ଯିଏ ତମ ଅସ୍ଥିର ହୃଦୟେ ଆଣି ଦେଇଛି ସ୍ଥିରତା ।

ତମେ କିଏ ?

ଏ ନିଃଶ୍ୱାସର ଅନ୍ତ ଯାଁଏ ଦେଇଛ ବଞ୍ଚିବାର ମନତୃପ୍ତି

ହଁ ମୁଁ ସିଏ !

ଯିଏ ଶେଷ ନିଃଶ୍ୱାସ ଯାଏଁ ଦେଇଛି ଜିବନର ପୂର୍ଣ୍ଣାହୁତି ।

(ଏଠାରେ "ମୁଁ ସିଏ" ହେଉଛନ୍ତି କିଏ ? ଖୋଜି ବାହାର କରିବେ ପାଠକ ମହାଶୟ ମାନେ ନିଜ ନିଜର ବୈବାହିକ ସ୍ଥିତିକୁ ଦେଖି)

ଠିକଣା-ଗୌରାଦେଇପୁର,କୋଦଳା,ଗଞ୍ଜାମ

ଓଡିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ରାଧା



ବିନୟ କୁମାର
ମିଶ୍ର

ଉପରେ ଯେମିତି ଭିତରେ ସେମିତି
ଏକ ଆତ୍ମା ଭିନ୍ନ ଦେହ,
ଗୋଟିଏ ଜ୍ୟୋତିରୁ ଦୁଇଟି ଉତ୍ପନ୍ନ
ନାହିଁ କାନ୍ଦ ଦୁଃଖ କୋହ,
ରାଧା ବିନା କାହ୍ନୁ ନାହିଁ,
କାହ୍ନୁ ପାଶେ ରାଧା ବୃନ୍ଦାବନେ ନିତ୍ୟ
ଅପ୍ରାକୃତ ପ୍ରେମ ବହି ।

ଜନମରୁ ଛାଡି ପିତାମାତା କୋଳ
ଆନ ପିତାମାତା କୋଳେ
ତାହାକୁ ଛାଡିଲେ ଗୋପ ଗୋପାଙ୍ଗନା
ରାଧିକା ବ୍ରଜ ଗୋପାଳେ
ମୋହନବଂଶୀ ବି ଗଲା
ତ୍ୟାଗମୟ ପ୍ରାଣ ବିକ୍ଷିପ୍ତ ଜୀବନ
ରଣ କ୍ଷେତ୍ରେ ବିତିଥିଲା ।

ରାଧିକା କାନ୍ଦିଲେ କୃଷ୍ଣ କାନ୍ଦିଥାନ୍ତି
ଏଣୁ ଅଭିମାନ ଜନ୍ମ,
ଅଭିମାନେ କେବେ କାନ୍ଦିବା ନ ଥାଏ
ଥାଏ ପ୍ରିତୀ ସନମାନ,
ରା ଉଚ୍ଚାରଣ କଲେ,
କାନ ଡେରି କୃଷ୍ଣ ସତତ ରହନ୍ତି
ତତ୍ପର ଅକ୍ଷର ତାଳେ ।

ଧା କହିଦେଲେ ଚତୁର୍ବର୍ଗ ଫଳ
ରାଧା ଉଚ୍ଚାରଣେ ଦେଇ,
ମ କହିଦେଲେ ମଦନ ମୋହନ
ରୂପେ ପହଞ୍ଚନ୍ତି ତହିଁ,
ରାଧା କୃଷ୍ଣ ରାମ କୁହ,
ଅଭିମାନ ମାନ ଦୂର ହୋଇଯାଏ
ତୁଟଇ ସଂସାର ମୋହ ।

ପଣ୍ଡିତ ବିନୟ କୁମାର ମିଶ୍ର
ମଲ୍ଲୀପୁର, ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଅଛ ବୋଲି



ବାଲାଜୀ ସେଠୀ

ତୁମେ ଅଛ ବୋଲି
ମୋ ମନ ଟାଙ୍ଗରା ଭୂଇଁଟା
ସବୁଜିମାରେ ଭରି ଯାଇଛି,,,
ବର୍ଷା ବସନ୍ତ ବୈଶାଖ ସବୁ
ଗୋଟିଏ ଋତୁରେ ଅଟକିଛି,,,
ତୁମେ ଅଛ ବୋଲି
ବାଟରେ ପଡିଥିବା କଣ୍ଟା
ଫୁଲ ଭଳି ନରମି ଯାଇଛି,,,
ଇନ୍ଧନ ବିହୀନ ବତୀଟା
ହୁତୁହୁତୁ ହୋଇ ଜଳୁଛି,,,
ତୁମେ ଅଛ ବୋଲି
ମୋ ଜୀର୍ଣ୍ଣ ଶୀର୍ଣ୍ଣ ଶରୀରଟା
ଚଳ ଚଞ୍ଚଳ ହେଉଛି,,,
ମୋ ନିଃଶ୍ୱାସର ଅମ୍ଳଜାନ
ତୁମ ନାଁ ରେ ଚାଲିଛି,,,
ତୁମେ ଅଛ ବୋଲି
ମୋ ଆଖିର ଧୂମାଳ ସ୍ୱପ୍ନ
ତୁମକୁ ହିଁ ଖୋଜୁଛି,,,
ମୋ କଞ୍ଚା ଭାବନାର ଓଠ
ବେସୁରା ସଙ୍ଗୀତ ଗାଉଛି,,,
ତୁମେ ଅଛ ବୋଲି
ସାଗରର ଉତ୍ତାଳ ଉର୍ମୀ
ନୃତ୍ୟାଙ୍ଗନାର ତାଳ ତୋଳୁଛି,,,
ନିର୍ଜୀବ ନିଶ୍ୱ ମରୁଶଯ୍ୟାରେ
ସମ୍ଭାବନାର ସୂର୍ଯ୍ୟ ଉଇଁଛି,,,
ତୁମେ ଅଛ ବୋଲି
ଅଦିନିଆ ବାଆ ବତାସକୁ
ପାହାଡ଼ ପରି ସାମ୍ନା କରୁଛି,,,
ଯନ୍ତ୍ରଣାର ସବୁ ବିଷକୁ
ନିର୍ବିକାରେ ପିଇ ଚାଲିଛି,,,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଅଛ ବୋଲି

ମୋର ମାନ,ଅଭିମାନ,କ୍ରୋଧ

ବରଫ ପରି ତରଳି ଯାଉଛି,,,

ହୃଦୟ କୋଣାର୍କ ସ୍ତୁପରେ

ତୁମ ପ୍ରତିମା ସଜେଇଛି,,,

ତୁମେ ଅଛ ବୋଲି

ମୋ ଅସଜଡ଼ା ପଂକ୍ତି ବି

ଉଷ୍ମ ସାନିଧ୍ୟ ପାଇଛି,,,

ସ୍ମୃତିର ସାଉଁଟା ଫରୁଆ

ମିଠା ମିଠା ମହକୁଛି,,,

ତୁମେ ଅଛ ତ,,, ଥାଅ ସେମିତି

ତୁମେ ଅଛ ବୋଲି

ଦୁଃଖର ବାଦଲ ହଟିଯାଇ

ସୁଖର ସିନ୍ଦୁରା ଫାଟିଛି,,,

ତୁମେ ଅଛ ବୋଲି

ଜୀବନର କଷ୍ଟ ମାନସାଙ୍କ ବି

ସରଳ ସୁନ୍ଦର ହୋଇଛି,,,

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ରାଗିଗଲେ



ଆଦରମଣି ପ୍ରଧାନ

ତୁମେ ରାଗିଗଲେ

ସ୍ତବ୍ଧ ହୁଏ ସୂର୍ଯ୍ୟ

ଜହ୍ନ ବି ଡ଼ରେନି ଆକାଶେ,,,

ନୀରବରେ ଝଡ଼ ଧୂଳିସାତ କରେ

ଧରଣୀ ବି ଥାଏ ଅଶାନ୍ତ,,,

ତୁମେ ରାଗିଗଲେ

ହଲିଯାଏ ହିମାଳୟ ଆଉ ହିମଗିରି

ସାତ ସମୁଦ୍ର ଶୁଖିଯାଏ

ମୋ ଆଖିର ଲୁହ ଧାରରେ,,,

ଶ୍ରାବଣରେ ବି ଶୁଖୁଥାଏ

ବୈଶାଖୀ ର ବାଲୁଚର,,,

ତୁମେ ରାଗିଗଲେ

ସୃଷ୍ଟିର ସୌନ୍ଦର୍ଯ୍ୟ ବି

ସବୁ ଫିକା ଫିକା ଲାଗେ

ଲାଗେ ଅସହାୟ,,,

ଶରୀରରେ ସବୁ ରକ୍ତ କଣିକା

ଲୁହରେ ଭାସିଯାଏ ,,,

ତୁମେ ରାଗିଗଲେ

ଆକାଶ ବି ନଇଁ ଯାଏ

ବସୁଧା ବି ଖସିଯାଏ

ମୋ ଦୁନିଆର ପାଦତଳୁ,,,

ମୁଁ ଯାଏ ଖଣ୍ଡ ଖଣ୍ଡ ହୋଇ

ମୋର କିଛି କହିବାର ନାହିଁ,,,

ତୁମେ ରାଗିଗଲେ

ସୃଷ୍ଟି ହୁଏ ଶତାବ୍ଦୀର

ସହ ସହ ଶୂନ୍ୟତା ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୂନ୍ୟତାର ଶ୍ମଶାନ ,,,

ମୁଁ ବସିଥାଏ ତୁମ

ପବିତ୍ରତାର ପ୍ରେମକୁ

କୋଳରେ ଧରି,,,,

ତୁମେ ରାଗିଗଲେ

ହଜିଯାଏ ମୋ ସମ୍ଭାବନାର ପୃଥିବୀ,,,

ଭୁଶୁଡି ପଡେ ମୋ ବିଶ୍ୱାସର

ତାଜ ମହଲରୁ ସବୁ ସ୍ମୃତି,,,

ପରାସ୍ତ ପ୍ରେମିକା ସାଜି

ଇଛା ହୁଏ ତୁମ ଛାତିରେ

ନୀରବରେ ଲାଗିଯିବାକୁ,,,

ଭୁଲର ସବୁ ଲୁହକୁ ଢାଳି ଦିଅନ୍ତି

ତୁମ ପ୍ରଶସ୍ତ ବକ୍ଷରେ,,,

ସିଙ୍ଗିଟି, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିତା



ରାକେଶ୍ ମୁଦୁଲି

ପିତା ସ୍ୱର୍ଗ ପିତା ଧର୍ମ ପିତା ହିଁ ପରମ ତପ
ପିତା ପ୍ରତି ଶ୍ରଦ୍ଧା ରହିଲେ ସନ୍ତୁଷ୍ଟ ହୋଇଥାନ୍ତି ସର୍ବ ଦେବ ।

ସୁସ୍ଥ ମନ ସୁସ୍ଥ ପ୍ରାଣ ନେଇ ପିତା ମାତା ଓ ସନ୍ତାନ ରହିଥାନ୍ତି ଏକ ପରିବାରରେ
ସେ ବନ୍ଧନ ଅଟେ ରକ୍ତର ବନ୍ଧନ ଛିଣ୍ଡେ ନାହିଁ ସହଜରେ ।

ପରିବାରର ମୁଖ୍ୟ ହୋଇଥାନ୍ତି ପିତା
ଜନ୍ମଦାତ୍ରି ହୋଇଥାନ୍ତି ମୋ ମାତା ।

ସମସ୍ତଙ୍କ ଦାୟିତ୍ୱକୁ ମୁଣ୍ଡାଇ ସେ ମୁଣ୍ଡେ
ଭୋକେ ରହି ସେ ଖାଦ୍ୟ ଦେଇଥାନ୍ତି ପିଲାଙ୍କ ତୁଣ୍ଡେ ।

ପିତା ଅଭିମାନ ପିତା ସ୍ୱାଭିମାନ
ପିତା ମୋ ଜୀବନ ଅଭିଜାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିତା ମୋ ଆକାଶ ପିତା ମୋ ଭୂ-ଲୋକ
ମାତା ମୋ ଜନ୍ମଦାତ୍ରି ପିତା ମୋ ପରିଚୟର ସନ୍ତକ ।

ସାଜି ମୋ ଘୋଡା ବୁଲାନ୍ତି ପିଠିରେ ବସାଇ
କାନ୍ଧେ ବୁଲାନ୍ତି ସେ ଯାତ୍ରା ମେଳାଦିକୁ ନେଇ ।

ମାଆ ଶିଖାନ୍ତି ମୋ ହାତ ଧରି ଚାଲିବାକୁ ଭୂଇଁରେ
ପିତା ଶିକ୍ଷା ଦେଇଥାନ୍ତି ଚାଲିବାକୁ ଜୀବନ ପଥରେ ।

ସେ ମୋ ଆନନ୍ଦ ଆସର ସେ ମୋ ଅନୁଶାସନ
ଜୀବନ ପଥରେ ଆଗେଇ ଯିବାକୁ ଦେଇଥାନ୍ତି ସେ ନୀତି ପ୍ରବଚନ ।

ପିଲାଙ୍କ ସ୍ୱପ୍ନ ପୂରଣ କରିବାରେ ଦେଇଥାନ୍ତି ଯେ ପୂର୍ଣ ଜୀବନ
ସହନ୍ତି ସେ କ୍ଲେଶ ନ କରି ପ୍ରକାଶ ଏହା ଅଟେ ତାଙ୍କ ବଡପଣ ।

ସାରା ବିଶ୍ୱ ପାଳୁଛି ତାଙ୍କ ପାଇଁ ମାତ୍ର ଗୋଟେ ଦିବସ
ହେଲେ ମୋ ସଂସ୍କୃତି ପିତା ସହ ବନ୍ଧା ପ୍ରତିଦିନ ମାସ ବର୍ଷ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁଡ଼ି



ସ୍ନିଗ୍ଧା ପଣ୍ଡା

ଅଦୃଷ୍ଟ ବୋଲି ସେଇ ଦୁଷ୍ଟ ପିଲାଟି ହାତରେ
ଅଦୃଶ୍ୟ ନଟେଇରେ
ମୁଁ ଗୁଡେଇ ହେଉଛି ଓ ଫିଟି ଯାଉଛି
ପ୍ରତି ମୂହୁର୍ତ୍ତରେ
ତା'ରି ଇଚ୍ଛାରେ
ଉପରୁ ତଳକୁ ଓ ତଳୁ ଉପରକୁ
କେତେବେଳେ ଚିତ୍ରିତ ତ
କେତେବେଳେ ସାଦା ଗୁଡିଟିଏ ହୋଇ ॥

ଆକାଶରେ ମୁଁ
କେବେ ଉଡେ କେବେ ଖସେ
ସୂର୍ଯ୍ୟ ଆଉ ବାଦଲ ଫାଙ୍କରେ
କେବେ ଲୁଚେ କେବେ ଦିଶେ
କିଏ ପୁଣି ଆମନ୍ତ୍ରଣ କରି ତାକୁ ଥାଏ
ଅନନ୍ତ ଦୂରରୁ
ନଟେଇରୁ କଟିଯିବି ଡରରେ
ଆଙ୍ଗୁଠି ଦେଇ କାନରେ
ସବୁକୁ ପିଠି କରି ସମୟ ସାଙ୍ଗରେ ଭାସେ ॥

ସବୁ ତ କରେ ତାଆରି ଇଚ୍ଛାରେ
ଛାତିରେ ସୂତା ବାନ୍ଧି ଉଡିବା
କଟିବା କି କଟେଇବା
ମାଟିକୁ ଚାହିଁବା
ଶୂନ୍ୟକୁ ସାଉଁଟିବା
ବିଜୁଳି ମାରିଲା ବେଳେ ଚମକି ପଡିବା
ନିଜ ପାଇଁ ନିଜେ ଅଚିହ୍ନା ଲାଗିବା
ଉଡି ଉଡି ରଙ୍ଗ ଛାଡିଗଲା ପରେ
ତଥାପି ନିଃଶ୍ୱାସ ଟିକକ ବିକଳରେ ଜାବୁଡି
ଧରିବା ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେ ତ କରେ

କାହିଁକି କରେ ଯେ ?

ମୋର ବି ଏତେ କଥା

ବୁଝିବାରେ କେଉଁ ଲୋଡା

ଏମିତିରେ ବେଳ ହେଲେ

ଆପେ ଫେରେଇ ନେବ ମତେ

ସେଇ ଦୁଷ୍ଟ ପିଲା

କେବେ ବି ବୁଝିବ ନାହିଁ

ମୋର କଣ ଇଚ୍ଛା ଥିଲା ॥

ଗଣ୍ଡମୁଣ୍ଡା

ଭୁବନେଶ୍ୱର

୯୮୬୧୩୨୩୬୫୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଥୀ ତୁମେ



ସନ୍ତୋଷ କୁମାର ସୁତାର

ତୁମେ ମୋ ମନର,
ମରୁ ପ୍ରାନ୍ତ ପରେ,
ନୀଳ ନିର୍ଝରିଣୀ ସମ ।

ତୁମେ ପୁଣି ତୃଷ୍ଣା,
ଝାଞ୍ଜି ପଥିକର,
ସାଜ କେବେ ମହା ଦୃମ ।

ତୁମେ କେବେ ଆସ,
ଚିରା ଲଫାପା ର,
ଅଦୃଶ୍ୟ ଠିକଣା ହୋଇ ।

ତୁମେ ପୁଣି ସାଜ,
ଗନ୍ଧ ଗୋଲାପ ର,
ଫିକା ପାଖୁଡା ରେ ଥାଇ ।

ତୁମେ କେବେ ନବ,
ବଧୂର କଙ୍କଣ,
ଝୁମା ଝୁମା ଝରା ପ୍ରୀତି ।

ତୁମେ ପୁଣି ହୁଅ,
କଥାକାର କଥା,
ନିଶବ୍ଦ ନିଃସଙ୍ଗ ତାତି ।

ତୁମେ କେବେ ମନ,
ମତ୍ତର ମଦିରା,
ଅଳ୍ପ ସ୍ୱଳ୍ପ କାଳ ସୁଖ ।

ତୁମେ ହୋଇଯାଅ,
କେବେ ଅସରନ୍ତି,
ଆତ୍ମାର ରୁଦ୍ଧ ବିଳାପ ॥

ସ୍ନାତକୋତ୍ତର ଇଂରାଜୀ ସାହିତ୍ୟ ସାମ୍ମନ ବିଭାଗ ।
ଗ୍ରାମ - ମୂର୍କୁଣ୍ଡି, ପୋଷ୍ଟ - ଗୋପୀନାଥପୁର
ଭାୟା - କେନ୍ଦୁପାଟଣା, ସାଲେପୁର, ୭୫୪୨୦୩,
ଜିଲ୍ଲା - କଟକ, ଓଡିଶା,
ଭ୍ରାମ୍ୟଭାଷ : ୯୭୭୭୨୭୮୨୯୩/୯୧୧୪୭୨୮୦୭୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନ ଘଟରେ...



ମନୋରଞ୍ଜନ
ସୁରୁଜାଳ

ପଞ୍ଚତତ୍ତ୍ୱ ଯୋଡି ଗଢିଛ ଶରୀର
ପରଶେ ସୁଠାମ ରୂପ
ବିଶ୍ୱ ବିନ୍ଧାଣୀ ହେ ତୁମ କାରିଗରୀ
ଯାହାର ଯେମିତି ମାପ ।
କୋଣ ଅନୁକୋଣ ପରିଚୟ ଦିଏ
ଅନିନ୍ଦ୍ୟ ସୁନ୍ଦର ଛବି
ତୁମେ ରୂପକାର ଗଢିଛ ସଂସାର
ରାତ୍ରି ଜହ୍ନ ଦିନେ ରବି ।
ଭୁଞ୍ଜିବାକୁ ଫଳ ପିଇବାକୁ ଜଳ
ଅନ୍ନ ମୁଠେ ବସ୍ତ୍ର ଖଣ୍ଡେ
ଯୋଗାଇ ଦେଉଛ ଯାହା ଦରକାର
ବିବେକ ଖଞ୍ଜିଛ ମୁଣ୍ଡେ ।
ତଥାପି ବୁଝେନି ଭଲ ମନ୍ଦ କ'ଣ
ରୂପଟି ସିନା ମଣିଷ
କଳୁଷିତ ବୁଦ୍ଧି ଛଳ କପଟତା
ଅନ୍ତରୁ ଅସୁର ବେଶ ।

ପର ନିନ୍ଦା କୁତ୍ସା ପରଶ୍ରୀକାତର
ଏ ନୁହେଁ ମଣିଷ ପଣ
ଅମୃତ ସୃଷ୍ଟି ର ଆମେ ସୁଧା ଧାରା
ପରଶିବା ଦିବ୍ୟ ଗୁଣ ।
ଗୁଣ ଅବଗୁଣ କୃତଘ୍ନ ବଦାନ୍ୟ
ଯେମିତି ପୂଣ୍ୟ ଓ ପାପ
ଦ୍ୱିବିଧ ସୁତ୍ରରେ ବାନ୍ଧିଛ ଦୁନିଆ
ଆଶୀର୍ବାଦ ଅଭିଶାପ ।
ସତ୍ୟ ପାଶେ ପାଶେ ଅସତ୍ୟ ରହିଛି
ଆଲୋକ ସଂଗେ ଅନ୍ଧାର
ଷଡ ରିପୁ ଘେନି ଘଟକୁ ବାନ୍ଧିଛ
ନ ରଖି ବାଛ ବିଚାର ।

ଅଇଁଲାପାଲି ଧମା ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଣନାଥ ବନ୍ଦନା



ଚିନ୍ମୟ ପଟ୍ଟନାୟକ

ଏକଦନ୍ତ ଗଣନାଥ  ସିଦ୍ଧ ମହୋଦର
ସୁମୁଖ ଦୁର୍ମୁଖ ବୁଦ୍ଧ ଦେବ ଲମ୍ବୋଦର  //
ଆମୋଦ ପ୍ରମୋଦ ଭୀମ ହେରମ୍ବ ନନ୍ଦନ
ବିକଟ ବିଘ୍ନନାଶକ ପ୍ରଭୁ ଧୂମ୍ରବର୍ଣ୍ଣ  //
ବିନାୟକ ବିରୂପାକ୍ଷ ଅମିତ ପ୍ରଥମ
ଶ୍ୱେତ ମାଲ୍ୟ ବିଭୂଷଣ ସୁର ବୃହତ୍ତମ //
ଉମା ପୁତ୍ର ଗଣାଧ୍ୟକ୍ଷ ସିଦ୍ଧିବିନାୟକ
ମହାଗଣାଧିପତି ମୂଷିକବାହକ  //
ଦୁର୍ଜୟ ଧୂର୍ଜୟ ଜୟ ଜୟ ଚତୁର୍ଭୁଜ
ପୀତାମ୍ବର ହେରଂବ  ରକ୍ତ ବିଘ୍ନରାଜ  //
ବ୍ୟୋମନାଥ ମେରୁପୃଷ୍ଠ  ଲମ୍ବୋଷ୍ଠ ହୃଦୟ
ରୁଦ୍ରଶିରୋଧର ମନୋମୟ ମୃତ୍ୟୁଞ୍ଜୟ  //

ପୀନ ବକ୍ଷ ପୀନ ଜଙ୍ଘ ଜୟ ପୀନସ୍କନ୍ଧ
ବିଶ୍ୱମୁଖ ବିଶ୍ୱରୂପ  ଆହେ ବିଶ୍ୱବନ୍ଦ୍ୟ  //
ଅଚ୍ୟୁତ ଅମୃତ  ପ୍ରଭୁ  ଅକ୍ଷୟ ଅକ୍ଷର
ଅଦ୍ୱୈତ ଅଘୋର ଅପ୍ରମେୟ  ଅନାଧାର //
କପିଳ କଥକ କୁଷ୍ମାଣ୍ଡ ଗଣନାୟକ
ଘଟୋଦର ଘଟକୁମ୍ଭ ସିଦ୍ଧି ପ୍ରବର୍ତ୍ତକ //
ଚରାଚର ପତି ଚଣ୍ଡ  ହେ ଚଣ୍ଡ ବିକ୍ରମ
ଚିନ୍ମୟ ଚିନ୍ତନ ପୂର୍ଣ୍ଣ କର ମନସ୍କାମ //

ବାହାଡ଼ା ପଦର
ଭଞ୍ଜନଗର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବୁଝା ମଣିଷ



ଗୁପ୍ତେଶ୍ୱର ଚାନ୍ଦ

ସ୍ରଷ୍ଟାଙ୍କ ସୁନ୍ଦର ସୃଷ୍ଟିରେ ମଣିଷ
ଜନମ ସବୁଠୁ ଶ୍ରେଷ୍ଠ ।
କାହିଁକି ଇଶ୍ୱର ଦେଲେ ଏ ମର୍ଯ୍ୟାଦା
ନବୁଝେ ଅଧମ ଜ୍ୟେଷ୍ଠ । ।୧

ଅଖିଳ ବ୍ରହ୍ମାଣ୍ଡେ ଅଣୁରେ ଅଣୁରେ
ପୂରି ରହି ଅଛି ଜ୍ଞାନ ।
ଅନ୍ତର୍ଦୃଷ୍ଟି ଦେଇ ଦେଖିଲେ ସିନା ହେ
ଲଭିବା  ଏ ଦିବ୍ୟ ଜ୍ଞାନ । ।୨

ଅବଧୂତ ପରା ଜ୍ୱଳନ୍ତ ଦୃଷ୍ଟାନ୍ତ
ଓଡ଼ିଆ ଭାଗବତରେ  ।
ଏ ମହାବିଜ୍ଞାନ ଯା' ହୃଦୟେ ଉଦେ
ଭବ ପାରାବାରୁ ତରେ । ।୩

ଏକଇ ପିତାର ଅମୃତ ସନ୍ତାନ
ଅଟୁ ହେ ଆମେ ସରବେ ।
ଏ କଥା ନ ବୁଝି ଅବାନ୍ତର ଯୁକ୍ତି
ବାଢୁଛେ ବୃଥା ଗରବେ । ।୪

ପିତା ଯେବେ ଏକ ପୁଅ ଝିଅ କାହୁଁ
ଭିନ୍ନ ହେବେ ଏହା ହେଜ ।
ସୁଶିକ୍ଷିତ ହୋଇ ମୁରୁଖ ପରାୟେ
ମୁଣ୍ଡରେ ନାହିଁ  ମଗଜ  । ।୫

ଜାତି -ଧର୍ମ -ବର୍ଣ୍ଣ -ସମ୍ପ୍ରଦାୟ ନେଇ
ଲାଗିଛି ଆମ କଜିଆ  ।
କେତେ ଦିନ କଳି ଗୋଳ ଭାଇଙ୍କର
ମୁଣ୍ଡ ଟେକି ହେବ ଠିଆ । ।୬

ଛୁଆଁ ଅଛୁଆଁର ଭେଦଭାବ ଯୋଗୁଁ
ହେଉ ନାହିଁ ଆତ୍ମୋନ୍ନତି  ।
ଯେ ପର୍ଯ୍ୟନ୍ତ ସଂକୀର୍ଣ୍ଣତା ନ ଯାଇଛି
ବିକାଶ ନୋହିବ ମତି  । ।୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେତେ ପାଠ ପଢ଼ି ଲଭିଥିଲେ ଡିଗ୍ରୀ

କେଉଁ କାମକୁ ସେ ଲୋଡ଼ା ।

ମଣିଷ ପଣିଆ ତିଳେ ନାହିଁ ଯେବେ

ଖାଇବା ଟି କାନ ମୋଡ଼ା ।।୮

ବିବେକ ବିଚାର ଶକତି ନଥାଇ

ହୋଇଛି କେହୁ ମହାନ ।

ସତ୍ୟ ଶାନ୍ତି ଦୟା କ୍ଷମା ଗୁଣ ବିନେ

ସବୁକିଛି ମୂଲ୍ୟ ହୀନ ।।୯

ଭୋକିଲା ମୁହଁ ରେ ଆହାର ନଦେଇ

ପୂଜିଲେ ଦିଅଁ ଦେବତା ।

ଅବୁଝା ମଣିଷ ଲଭିବ ଆଶିଷ

ରୁଷ୍ଟ ଥାଉଁ ପିତା ମାତା ? ।।୧୦

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ୍ ,ଗ୍ରାମ /ପୋଷ୍ଟ-ସମାସିଂହା,

ଜିଲ୍ଲା-ଝାରସୁଗୁଡା ,ଓଡ଼ିଶା,ପିନ୍:-୭୬୮୨୧୩,

ମୋ.୭୬୮୩୮୪୧୦୭୪.

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ପିଞ୍ଜରାବନ୍ଧା ପକ୍ଷୀଟିଏ



ପ୍ରଶାନ୍ତ ବ୍ରହ୍ମା

ପିଞ୍ଜରା ବନ୍ଧା ପକ୍ଷୀ ଟିଏ ମୁଁ ଛନ୍ଦା ମୋର ପାଦ ଦୁଇ
ଚାହିଁ ରହିଛି ମୁଁ ଶୁନ୍ୟ ଆକାଶକୁ ଲୁହକୁ ଝରାଇ ।

କେବେ ଆସିବ ଦିନ ମୋର ଉଡିବି ମୁଁ ମୁକ୍ତ ବିହଙ୍ଗ ପରି
ବୟସ ତ ଗଲାଣି ଗଡ଼ି କେବେ ଅବା ଯିବି ମୁହିଁ ସେପାରି ।

ଆଖି ଲୁହ ଆଖିରେ ଭିଜାଇ ଦିନ ଯାଏ ମୋର ବିତି
ଯାହାକୁ ଦେଖିବୁ ସମସ୍ତେ କରନ୍ତି ବ୍ୟସ୍ତ ର ଗତି ।

ଭାଷା ମୋର ବୁଝେନା ଏ ମଣିଷ ଯାଉଥାଏ ସେହି ବାଟେ
ଛଟପଟ ହୁଏ ମୁଁ ହେଲେ ସମୟ ନଥାଏ ତାକୁ ମୋଟେ ।


ପଲାଶପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତି ସପନ



ତ୍ରିନାଥ ନନ୍ଦୀ

ଆକାଶେ ଦେଖ କଳାତରଙ୍ଗ ଯାଉଛି ଭାସି ,
ବୃକ୍ଷ ଭୂଧର ସହ ଯାଏ ଅନୀଳ ମିଶି । । ୧ । ।

ଟୋପା ଜୀବନ ବିନ୍ଦୁକୁ ଚାହିଁଛି ମୁଁ ବସି ,
ଶୀତଳ ପବନ ଦେହେ ମୋ ଦିଏ ହସି । । ୨ । ।

ବୃକ୍ଷ ଲତା ମାଳ ଝୁଲନ୍ତି ଝୁଲଣାରେ ବସି ,
ଘରକୁ ବାହୁଡ଼ନ୍ତି ଘରବାସୀ । । ୩ । ।

ତାଳ ନଡିଆ ଦିଅନ୍ତି ଶବ୍ଦ ଝୁଲଣା ,
ପ୍ରକୃତି ଦେଖାଏ ତା ରୂପ ଚାହାଣି । । ୪ । ।

ବିନ୍ଦୁ ଟିଏ ଝରିଆସେ ଆକାଶ ଦେଶେ ,
ହସ୍ତ ସ୍ୱର୍ଶ ରେ ମନ ସଭିଙ୍କ ହସେ । । ୫ । ।

ଗରମ ମାଉଁସ ଯଦି ସେ ସମୟେ ବାସେ ,
ମନ ଟାଣିହୋଇଯାଏ ତା ପାସେ । । ୬ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗଦ ନଥାଇ ଶରୀର ଯାଏ ସୁସ୍ଥ ହୋଇ ,
ପରି ରୂପେ ପ୍ରକୃତି ଯାଏ ସଜେଇ । । ୭ । ।

ମୁନସିଗଣ ଙ୍କ ମୁଖେ ମନ୍ଦହାସ ,
ନାସା ପଥେ ଯାଏ ଅଜଣା ସ୍ମିତବାସ । । ୮ । ।

ଆକାଶେ ଦେଖ କଳାତରଙ୍ଗ ଯାଉଛି ଭାସି ,
ବୃକ୍ଷ ଭୂଧର ସହ ଯାଏ ଅନୀଳ ମିଶି । । ୯ । ।

ଜଗତ ମନେ ସେ ସମୟ ଭରେ ମନ୍ଦହାସ୍ୟ ,
ସତ୍ୟ ନୁହେଁ ଏ ସପନର ପରିପ୍ରକାଶ । । ୧୦ । ।

ଦେଉଳିପଞ୍ଚୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର
୮୯୧୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୃକ୍ଷ ରଖିବ ଜୀବନ



ଅଲେଖ ମେହେର

ହିମନଦ କ୍ଷୀପ୍ର ବେଗରେ ହୁଏ ରୂପାନ୍ତରିତ,
ତପନ ତପତ ଜ୍ୱାଳାରୁ ନଦୀ ଧରଇ ସ୍ରୋତ ।
ନଗାଧିରାଜରୁ ତରଳି ହିମ ଆଣେ ପ୍ରଳୟ,
ଅକସ୍ମାତେ ଧନଜୀବନ ନେଇ ଦେଖାଏ ଭୟ ।
ଆପଣା ହସ୍ତରେ ଜିହ୍ୱାକୁ ଛେଦି ଭାଷିବା କିସ ?
ପ୍ରକୃତି ସାଥିରେ ଖେଳିଲେ ନିଶ୍ଚେ ଅର୍ପିବ ବିଷ ।
ସବୁଜ ବନାନୀ ହଜିଲା ନୂଆ ପ୍ରଗତି ଧାରେ,
କଳକାରଖାନା ଉଠିଲା ଦ୍ରୁମ ହଜେ ମହୀରେ ।
ସୁଷମ ନଭରେ ଛାଡଇ ବିଷ ଭରା ପଦାର୍ଥ,
ସହନରେ ଧରଣୀରାଣୀ ଏବେ ହୁଏ ବିଅର୍ଥ ।
ଶ୍ୱାସ ପ୍ରଶ୍ୱାସରେ ବିଷାକ୍ତ ବାଷ୍ପ ନାସାରେ ନେଇ,
ଦୂରାରୋଗ୍ୟ ବ୍ୟାଧି ବରଇ ଗର୍ବେ ବସ୍ର ଫୁଲାଇ ।
ନଣ୍ଡା ପାହାଡ ଅଟବୀରେ ଉଠେ ରମ୍ୟ ନଗର,
ଯାହାପାଇଁ ଆସେ ପ୍ରଳୟ ଧରାକୁ ବାରମ୍ବାର ।
ଚାରିଘନ ମିଳି କୋପରେ କାହିଁ କଲେ ବର୍ଷଣ,
କାହିଁ ରୌଦ୍ରତାପ ମାଡରେ ଜୀବ ତେଜଇ ପ୍ରାଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଳ ଥାଉ ଯଦି ପ୍ରକୃତି ପ୍ରତି ନ ଦେବା ଧ୍ୟାନ,

ମାନବ ସଭ୍ୟତା ଅକାଳେ ରକ୍ତେ କରିବ ସ୍ନାନ ।

ବୃକ୍ଷ ରୋପଣକୁ ଜୀବନେ  ଯଦି କରିବା ବ୍ରତ,

ବିପରକୁ ଆଡେଇଯିବା ରସା ଗାଇବ ଗୀତ  ।

ସୋହେଲା, ବରଗଡ଼

ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆ ପ୍ରେମ



ସତ୍ୟବ୍ରତ ବାରିକ

ପ୍ରେମର ଦୁନିଆରେ ଭଲଲାଗୁ ଖାଲି ତୁ
ମିଠା ମିଠା ସ୍ୱପ୍ନରେ ଦିନରାତି ଭିଜେ ମୁଁ

ଜହ୍ନ ଫିକା ପଡ଼ିଯାଏ ତୋ ରୂପରେ
ଆଖି ଲାଖି ଯାଏ ତତେ ଦେଖିଲା ପରେ

ଗୋଲାପୀ ଓଠରେ ଯେବେ ହସିଦେଇ ଯାଉ
ସବୁ ନଜାଣିଲା ପରି ମିଛରେ ଫୁଲେଇ ହେଉ

ପରୀ ଠାରୁ ଦିଶୁ ତୁ ଅଧିକ ସୁନ୍ଦର
ଚୋରା ଚାହାଣିରେ କରିଲୁ ନିଜର

ପହିଲି ପ୍ରେମର ନିଶା ନିଆରା
ତୋ ପାଇଁ ମୁଁ ରହିଛି ସାହାରା

ପ୍ରେମ ରଙ୍ଗ ଭରିଦେଲୁ ଫିକା ଏ ଜୀବନରେ
ସବୁଦିନ ରହିଥିବୁ ମୋର ସ୍ପନ୍ଦନ ଭିତରେ

ମିଠା ମିଠା ପ୍ରେମରେ ତତେ ଭଲ ପାଇଛି
ଛାଡି କେବେ ଯିବୁନାହିଁ ହୃଦୟ ସାକ୍ଷୀ ରହିଛି

ଭ୍ରାମ୍ୟଭାଷ : ୯୮୬୧୬୨୦୯୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଖି



ଦୁଷ୍ମନ୍ତ ବେହେରା

ଦୁଃଖରେ ଝରେ ସୁଖରେ ଝରେ
ହୃଦୟ ଝୁରିଲେ ମୁଁ ଯେ
ଆପେ ଆପେ ଝରି ପଡେ ମୋ
ଦୁଃଖ ସଉଦା ବୁଝେ କିଏ !!

ମନ ହୃଦୟ କଷ୍ଟ ରେ ମୁଁ ଏକା
ସାକ୍ଷୀ ଝରୁ ଥାଏ ବସି
ମୁଁ ଭାବି ଭାବି ଛବି ରଖିଛି ମୋ
ପାଖେ ତୁମର ସାଇତି !!

ମୁଁ ଝରିଲେ ତୁମେ କି ଜାଣିବ
ଶ୍ରାବଣ ମୁଁ ଝରୁଥିବି
ସୁଖେ ନାହିଁ ବେଦନା ରଖିଛି
ମୋ ପାଖେ ସାଇତି !!

ଜୀବନ ଖେଳ ଏମିତି ଖେଳେ
ଦିନରେ ଝରିଲେ ରାତି
ପଚାରେ ଅଳପ ଦେଖ ସପନ
ରଜନୀ କହେ ଉଠିଯା !!

ଉଠିଲା ବେଳରୁ ମନ ପ୍ରଶ୍ନ କରେ
ସ୍ୱପ୍ନ କହେ ଦେଖିଯା
ଅତୀତ ହସୁ ନାହିଁ ବର୍ତ୍ତମାନ
ଲୁହ ଭିଜେଇ ଦିଏ !!

ମୋର ଅସୁମାରି ହସ ଅଛି
ମୁଁ ହସି ପାରୁ ନାହିଁ
ମୋର ଇଛା ଅଛି ସ୍ୱାଧୀନତା
ମୋଠା ରେ କାହିଁ !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଦନା ଦରଦ କହେ ତୁ

ଏମିତି ଜୀବନ ଯାର

ମନ ଅଛି ଭାବନା ଅଛି

ପୁରଣ ପାଇଁ ଆଶା ନାହିଁ !!

ମୁଁ ତ ଦୁଃଖ ସୁଖରେ ଝରେ

ତୁମ ଚିତ୍ର ଆଙ୍କି ରଖିବି

ମୋ ଭାଷାର ମଧୁବନରେ

ଭିଜେଇ ମଜେଇ ହସୁଥିବି !!

ମୋ ପାଇଁ ତୁମେ ସ୍ମୃତି ଦେଇ

ନିଜ ବାଟେରେ ଚାଲି

ଯାଅ ମୁଁ ଅପେକ୍ଷା କରିଥାଏ

ତୁମ ବାଟ ମୁଁ ଆଖି........

ରାସୋଳ-ମୁଣ୍ଡିଆପଶି

ଢେଙ୍କାନାଳ

ମୋ ନଂ: ୭୩୭୨୨୭୬୭୨୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଣତ ଆଢୁଆଳେ



ସଞ୍ଜୀବ କୁମାର ଦାସ

ତୁ ମା' ନା, ଯିଏ ନିଜ ପେଟ କାଟି ମୋ ମୁହଁରେ ତୋ କଅଁଳ ହାତରେ

ଭରିଦେଉ ମୋ ପସନ୍ଦର ଭାତ ତିଅଣ ଆଉ କେତେ କ'ଣ ।

ଏତେରୁ ଏତୁଟିଏ କରି ବି ତୋ ଆଗେ ମୁଁ ସେହି ଶୈଶବର ଛୋଟ

ପିଲାଟି,

ଯିଏ ତୋ ଅନ୍ତରର କଥା ବୁଝେନା,

ତୁ ସେହି ମା' ନା !

ଏରୁଣ୍ଡିବନ୍ଧ ପାରିହୋଇଥିଲି ବୋଲି କାଳେ ରୋଷରେ ଠେଲିଦେଇଥିଲୁ କେଉଁ ଦିନ,

ଝାଟିମାଟି ଘରଟାର ବତା ବାଜି ଆଖିମୋର ହୋଇଥିଲା ଲହୁଲୁହାଣ ।

ବାଁ ଆଖିପତାର କଟାଦାଗ ତା'ର ସାକ୍ଷୀ ଯାହା

ତୋତେ ଚେତେଇଦିଏ ତୋ ଭୁଲ୍,

କେବେ କେବେ ତୁ ଗଡେଇଦେଉ ଆଖିରୁ କେତେ ଟୋପା ଲୁହ ପ୍ରାୟଶ୍ଚିତ ଭାବି ।

ଅବଶୋଷରେ ପୀଡିତ ତୁ ସେହି ମା' ନା !!

ବାବା କହୁଥିଲେ ତୋ ଅନୁଶାସନକୁ ପ୍ରଶ୍ନ କରିହେବନି,ଯେଣୁ ଆକଟ କରିବାର କଳା ତୋର

ନିଜସ୍ୱ,ଏକାବେଳେ ଅନନ୍ୟ ।

ପାଶୋରି ଯାଇନି କିଛି ବି ମୁଁ,

ନା ତୋର ଅନୁଶାସନ ନା ସେହି ବହୁ ପରିଚିତ ନୁଖୁରା ତିଅଣ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟକୁ ତାଳଦେଇ ଏଯାଏଁ ଆସିବାର ସମୟ ଚକ୍ରରେ ମୁଁ ଜିତିଯାଇଛି ନଥିବାର ବଜ୍ରପ୍ରାୟ ଦୁର୍ଜୟ ଗଡକୁ,

ତୋ ସ୍ନେହର ବାଡିଧରି ଚାଲିଛି ଆଗକୁ ।

ଚାଲୁଛି,ଚାଲିଥିବି ସେଯାଏ ,ଯେଯାଏ ପଢିଥିବ ପଣତ ତୋହର ମୋ କ୍ଷତାକ୍ତ ଆଖିର କୋଣରେ ।

ସଙ୍କୋଚରେ ଆଢୁଆଳେ ତୁ ଦେଖୁଥିବୁ ମୋର ସେଇ ଆଖି ଧାଉଁଥିବ ଆଉ କିଛି ଅଧିକ ଆଶାରେ ।

ତୁ ପୁଣି ଆକଟ କରିବାର କସରତ କରିବୁନି,

ଲକ୍ଷ୍ୟ ଭ୍ରଷ୍ଟ ହେବାର କଷଣ ତୁ ମୋ ଉପରେ ଦେବୁନାହିଁ ଲଦି,

ଯେଣୁ, ମୁଁ ଆଉ ଶିଶୁଟିଏ ନୁହଁ ତୋ ପାଇଁ

ବରଂ ଏକ ପରିପୂର୍ଣ୍ଣ ବର୍ଦ୍ଧିତ ମାନବ !

ମୁଁ ଅନେଇଥିବି ସେଇ ତିଅଣକୁ ତୋ କଅଁଳ ହାତରୁ,

କାରଣ ତୁ ସେଇ ମା' ନା ।

କଟକ-୧୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମାଁ... ଆସ ତୁମେ ଅବତରି



ସଙ୍ଗୀତା ପଣ୍ଡା

ଆସ ଆସ ମାଁ ଗୋ...
ଏ ଧରାଧାମକୁ
ଆସ ତୁମେ ଅବତରି
ଭ୍ରଷ୍ଟାଚାରୀ ସହ ଭ୍ରଷ୍ଟାଚାରର
ଦିଅ ତୁମେ ଅନ୍ତ କରି । ।୧ । ।

ଆସ ଆସ ମାଁ ଗୋ...
ଏ ଧରାଧାମକୁ
ଆସ ତୁମେ ଅବତରି
ବ୍ୟଭିଚାରୀ ସହ ବ୍ୟଭିଚାରର
ଦିଅ ତୁମେ ଅନ୍ତ କରି । ।୨ । ।

ଆସ ଆସ ମାଁ ଗୋ...
ଏ ଧରାଧାମକୁ
ଆସ ତୁମେ ଅବତରି
ରକ୍ଷକ ବେଶରେ
ଯେତେକ ଭକ୍ଷକ
ଦିଅ ତୁମେ ଅନ୍ତ କରି । ।୩ । ।

ଆସ ଆସ ମାଁ ଗୋ...
ଏ ଧରାଧାମକୁ
ଆସ ତୁମେ ଅବତରି
ଯେତେ ଦୁର୍ଯ୍ୟୋଧନ
ଯେତେ ଦୁଃଶାସନ
ନାରୀ ଜାତିକୁ ଅଛନ୍ତି ଘେରି
କର ସର୍ବନାଶ ତାଙ୍କରି । ।୪ । ।

ଆସ ଆସ ମାଁ ଗୋ...
ଏ ଧରାଧାମକୁ
ଆସ ତୁମେ ଅବତରି
ଘରୋଇ ହିଂସାର ଶିକାରମାନଙ୍କୁ
ନିଅ ମା ତୁମେ ଆବୋରି
ହିଂସ୍ରମନରୁ ହିଂସା ଦୂର କରି
ତାଙ୍କୁ କର ତୁମେ ସଦାଚାରୀ । ।୫ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସ ଆସ ମାଁ ଗୋ...

ଏ ଧରାଧାମକୁ

ଆସ ତୁମେ ଅବତରି

ହିଂସା , ଦ୍ୱେଷ , ଈର୍ଷା

ଅସହିଷ୍ଣୁତା ପରି ଯେତେ ଅଶରିରୀ

ଅଦୃଶ୍ୟରେ ମାଁ ଗୋ

ଶିରଚ୍ଛେଦ କରି

ଦିଅ ଅଭୟ ବର ତୁମରି । ।୬ । ।

ହେ ମାଁ ...

ଏତିକି ମୋହର ଗୁହାରୀ

ଏ ଧରା ଉପରେ ବିଳମ୍ବ ନ କରି

ଆସ ତୁମେ ଅବତରି । ।୭ । ।

ଭଞ୍ଜନଗର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜିର ସମ୍ପର୍କ କାଲି ଭାଙ୍ଗିଯାଏ



ରୁକଚନ୍ ମାଝୀ

ସ୍ୱାର୍ଥ ପର ମଣିଷ ହେଲେ
ଆଜିର ସମ୍ପର୍କ କାଲି ଭାଙ୍ଗି ଯାଏ
ମିଛ ରେ କେତେ ଛଳନା କରି
ସେ ସମ୍ପର୍କ ଗଢ଼ି ଥାଏ

ସ୍ନେହ, ଶ୍ରଦ୍ଧା, ଭକ୍ତି, ଶାନ୍ତିର ଏକତା
ସବୁ ମଣିଷର ମନ୍ ଭିତରେ ନ ଥାଏ
ପର,ନିଜର ଭେଦ ଭାବ ରଖି
ଆଜିର ସମ୍ପର୍କ କାଲି ଭାଙ୍ଗି ଯାଏ

ଏ କଲି ଯୁଗର କେତେ ଲୋକ
ହେଲେ ବଡ଼ ପଣିଆ
ମଣିଷକୁ ମଣିଷ କେବେ ଚିହ୍ନେ ନାହିଁ
ସମ୍ପର୍କମାନେ ଟିକେ ବି ନାହିଁ ଜଣା

ଆଜିର ସମ୍ପର୍କ କାଲି ଭାଙ୍ଗି ଯାଏ
ମନରେ କେବେ ମିଳେନି ଶାନ୍ତି
ସଂସାରରେ ବଞ୍ଚିବାକୁ ହେବ
ସମସ୍ତେ ଗରଳ ପିଇ

ଯାହାକୁ ବିଶ୍ୱାସ କରିବୁ
ସେ ତୋତେ ତୀର ମାରି ଦେବ ହଁ ପଛ ପଟୁ
ଆଜିର ସମ୍ପର୍କ କାଲି ଭାଙ୍ଗି ଯାଏ
ଭାବ, ବିଶ୍ୱାସରେ ବାନ୍ଧି ହୋଇ ନଥାଏ

ଅନ୍ୟ ଲୋକଙ୍କର ଗର୍ବ, ପରନିନ୍ଦାକୁ
ଗାଁରେ ବସି ଚର୍ଚ୍ଚା କରିବ ନାହିଁ
ନିଜର କ୍ଷତି ହୁଏ କେତେ ମାନ, ସମ୍ମାନ
ସେ ଅଟେଇ ବଡ଼ ଖରାପ ଗୁଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବ, ବିଶ୍ୱାସ କରି ସମ୍ପର୍କ ଗଢିବ

କେବେ ହେବନି ଫାଳ

ବିଶ୍ୱାସ,ଭରସା ତୁଟି ଗଲେ

ସମ୍ପର୍କ ରେ ହୁଏ ଫାଟ

ସମ୍ପର୍କ ତିଆରି କରିବା

ବଡ଼ କଥା ନୁହେଁ ଭାଇ

ରଖିବା ହେଉ ଅଛେ ମୁଖ୍ୟ

ଭାବ ଓ ବିଶ୍ୱାସ ର ମୂଳ କେନ୍ଦ୍ର

ନିଜର କଥା କୁ ନିଜେ ଧରି

ଆଗ କୁ ବଢ଼ି ଚାଲିବି କିପରି ?

ଦିନ ରାତି ମଣିଷ ମନ ରେ ଭାବୁଥାଏ

ଆଜିର ସମ୍ପର୍କ କାଲି ଭାଙ୍ଗି ଯାଏ

ଧର୍ମଗଡ, କଳାହାଣ୍ଡି

୯୦୭୮୦୩୬୭୮୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାର୍ଲ୍‌ଫ୍ରେଣ୍ଡ



ରୁଦ୍ର ନାରାୟଣ
ଦାଶ

ସେ କେବେ ମୋ ଗର୍ଲଫ୍ରେଣ୍ଡ ଥିଲା
ନା !        ନା !
ମୁଁ ଭାବିନେଇଥିଲି
ଠିକ ଦର୍ପଣରେ ଜହ୍ନ ଦିଶିବା ପରି
ତା' ସବୁ ପିଲାଳିଆମି !
ଅନେକ ଖିଟମିଟ ସବୁ
ମୋତେ ମୁଗ୍ଧ ମରୁବାଲି ପରି
ଅନାବନା ଶବ୍ଦ ସବୁ ସଜାଉଥିଲି
ଘାସରେ ଟିପ୍ ଟିପ୍ କାକର ବିନ୍ଦୁ
ସଜେଇ ହେବା ପରି
କେବଳ ତା' ପାଇଁ !

ହାରିବାକୁ ଭଲ ଲାଗୁଥିଲା
ତା' ସବୁ ଯୁକ୍ତିରେ
ତା' ସ୍ୱରରେ ଖୁସିର ସଂଜ୍ଞା ଖୋଜୁ ଖୋଜୁ
ମୁଁ ନିଃସ୍ୱ
ଆଗତ ଭବିଷ୍ୟ ଯେ ପାଣ୍ଡୁର ବର୍ଣ୍ଣ
ତଥାପି ମନରେ ଶଙ୍କା ଯାହା
ତାକୁ କଷ୍ଟ ହେବନି ତ ?

ପ୍ରତିଦିନ ସୂର୍ଯ୍ୟୋଦୟରୁ ଗୁଡମର୍ଣ୍ଣିଂରୁ
ହୁସ୍ ହାସ୍
ଏଇ ସୁନ୍
ରାତିର ଟା ଟା ଯାଏଁ,
ଦୁଇ ରକ୍ତିମ ପାଖୁଡା ଠପ୍ କରି ପଡିବା ଯାଏଁ
ହାତ ପାଆନ୍ତାରେ ସେ ଥା'ନ୍ତା କି !
ଦୁଇ ପଦ ମିଠା କଥା । ।

ମୋହିନୀର ମଦିରା ପାତ୍ରରେ
ମୁଁ ଯେ ବିଭୋର
ସେ ସବୁକୁ ଉତ୍ତାରୁଥିଲି
ବୈଧବ୍ୟ କାଗଜରେ ସଜାଉଥିଲି ସଧବା
ରୂପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରିଯାଉଥିବା ପ୍ରତି ଝଲମଲ ଜହ୍ନରାତିର ଅଧାଗଢା ସ୍ୱପ୍ନ । ।

ଏଇ ସେ ଶରତରେ
ମୁଁ କହିଦେଲି "ବାସ ଭଲପାଏ"
ତୁ ବୁଝିପାରୁଛୁ ତ ?
ଆମେ ସାଙ୍ଗ ଭାବେ ଠିକ !
ବାସ ସାଙ୍ଗ ଭାବେ
ପ୍ରେମ ନୁହେଁ ଏତେ ଆଗକୁ ଭଲ ନୁହେଁ
ସ୍ତବ୍ଧ ମୁଁ !

ଶରତର ଆକାଶରେ କଳା ମେଘ
ଶରତର କାଶତଣ୍ଡୀର ମଳିନ ମୁଖ
ସେ ମଧୁସାଗର ପାଣିରେ ସ୍ୱଷ୍ଟ ଛଳଛଳ
ସେ ଆଜି ବି
ଗର୍ଲଫ୍ରେଣ୍ଡ ପରି କଥାହୁଏ
ମାତ୍ର ସେ ମୋ ଗର୍ଲଫ୍ରେଣ୍ଡ ନୁହେଁ
ଏ ଯେ ସେବେ ମନେରଖିବାର ଥିଲା । ।

ଭୁବନେଶ୍ୱର ।
ମୋ- ୯୮୬୧୭୦୧୭୧୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାର୍ବଣେ ନବଦୁର୍ଗା



ନିକୁଞ୍ଜ କୁମାର ଘୋଷ

ଶରତ ଋତୁର କାଶତଣ୍ଡୀ ଫୁଲେ
ମାଆଙ୍କର ଆଗମନ
ପାର୍ବଣେ ନବଦୁର୍ଗାଙ୍କୁ ପାଇ ମିଳେ
ଉଲ୍ଲାସିତ ଏ ଜୀବନ ।।

ଭିନ୍ନ ଭିନ୍ନ ନାମେ ମାଆ ପରିଚିତ
ଭକତଙ୍କ ପାଖେ ସିଏ
ଦୁର୍ଗତି ନାଶି ଯିଏ ସୁଖ ବାଣ୍ଟି ଦିଏ
ନବଦୁର୍ଗା ଆଉ କିଏ ??

ପାର୍ବଣେ ନବଦୁର୍ଗାଙ୍କ ଆରଧନା
ଜଗତେ ମିଳଇ ମୁକ୍ତି
ଦୁଷ୍ଟଙ୍କୁ ନାଶି ଧରମ ପ୍ରତିଷ୍ଠାରେ
ଭକତଙ୍କୁ ମିଳେ ଶାନ୍ତି ।।

ଜଗତେ ମାଆ ତୁମେ ଶକ୍ତି ସମ୍ଭୂତା
ତୋ ପାଖେ କେ ନୁହେଁ ସରି
ଆନନ୍ଦ ଉଲ୍ଲାସେ ଭକତଙ୍କ ମେଳେ
ବଜାଇ ମହୂରୀ ତୁରୀ ।।

ତବ ଦରଶନ ପାଇଁ ମୁଁ ଆକୁଳ
ଭକତ ମୁଁ ଅତି ଛୋଟ
ତୁମରି ଆଶିଷ ଲଭିବା ପାଇଁ କି
ଧାଇଁଛି ଅନେକ ବାଟ ।।

ସା-ମାଧବପୁର ପୋ-ଲକ୍ଷ୍ମଣନାଥ ଥାନା-ଜଳେଶ୍ୱର
ଜିଲ୍ଲା-ବାଲେଶ୍ୱର, ୭୫୬୦୩୨, ଓଡ଼ିଶା
ମୋ : ୮୧୪୪୮୫୧୦୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭକ୍ତ ଭଗବାନଙ୍କ ଭେଟ



ବିଶ୍ୱନାଥ ଭୁଏ

ଚିରଦିନ ପାଇଁ ମନେ ରହିବ
ସେଇ ଅଭୁଲା ମୂହୁର୍ତ୍ତ
ହେଇ ଗଲେ ହେଇ ଯାଉ ତାହା
ବର୍ତ୍ତମାନ ରୁ ଅତୀତ ।
ଅପେକ୍ଷାର ଚରମ ସୀମା ଯାଏଁ
ଥିଲେ ମନେ ହୋଇ ବିସ୍ତାରିତ
ଯାହାଙ୍କ ସାଥେ ଭେଟ ହେଲା ପରେ
ଚତୁର୍ଦ୍ଦିଗେ ଶୁଭେ ହୃଦୟୁ ସ୍ୱାଗତ ।
କେତେ ମିଠା ଲାଗୁଥାଏ
ବାଣୀ ତାଙ୍କର ମୁଖ ନିଃସୃତ
ଶ୍ରୋତା ହୋଇ ଶୁଣୁଥାଏ
ମନ ହୋଇ ଆନନ୍ଦିତ ।

କହିଲେ ଯେବେ ଖାଇବା ପାଇଁ
ସ୍ନେହ ଶରଧାର ସହିତ
ପେଟପୂରି ଯାଏ ତାଙ୍କ କଥାରେ
ଭୋକର ହୁଅଇ ଆହତ ।
ସାଥିରେ ତାଙ୍କର ଆସିବା ପାଇଁ
କୁହନ୍ତି ଯେବେ ହେବାକୁ ପ୍ରସ୍ତୁତ
ଭାବପୂର୍ଣ୍ଣ ଭକତ ମନରେ
ଖୁସିର ଜୁଆର ହୁଏ ଅଗଣିତ ।
ପାଶେ ପାଶେ ସତେ ବସିବାର ତାଙ୍କ
ସୁଯୋଗ ପାଇଛି ଖୁସିରେ ଭକତ
ଦୀର୍ଘ ଦିନର ତପସ୍ୟା ଯେପରି
ହୋଇ ଯାଇଛି ଆଜି ପୁଣି ସତ ।

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଡ଼ୋଶୀ



ସରୋଜ କୁମାର ସାହୁ

ଦୁଃଖକୁ ନେଇଣ ସୁଖରୁ ମୁଠାଏ
ପାରେନା ସିନା ସେ ଅଜାଡି
ପରିବାର ମଧ୍ୟେ ହେଲେ ମତାନ୍ତର
ସହଜରେ ଦିଏ ସଜାଡି ।
ଭୁଲାଇ ଦିଏ ସେ କ୍ଷଣିକ ମଧ୍ୟରେ
ଥାଅ ଯେତେ ଦିନ ରୁଷିକି
ଭାବ ଦିଆନିଆ ହୋଇଯାଏ ଯଦି
ପଦେଅଧେ କେବେ ବସିକି ।
ତେଲଲୁଣ ଠାରୁ ଘରକରଣା ବି
ବଖାଣି ଦିଏ ସେ ଆଗରେ
ଚୋରା ପିରତିର ଖୋଲେ ବି ଗୁମର
ସବୁଠୁ ନିଆରା ଢଙ୍ଗରେ ।

ପୁନେଇଁ ପରବେ ହେଲେ ପିଠାପଣା
ଖଣ୍ଡେ୍ତ ଅଧେ ଦିଏ ଯାଚିକି
ସିଏ ବି ଜଣାଏ ତା ଘରର ଚଳଣି
ବୁଝିଥାଏ ତୋର ରୁଚିକି ।
ହାନି ଲାଭରେ ବି ପଡିଲେ ଅକାଳେ
ଛିଡା ହୋଇଯାଏ ରାତ୍ରରେ
ତୁଣ୍ଡ୍ତରେ ସିନା ସେ ବଖାଣିନି କେବେ
ବନ୍ଧୁତ୍ୱ ଭାବ ତା ଗୋତ୍ରରେ ।
ତୁଣ ତରକାରୀ ଯାଚିଲେ ଯାହାବି
ମନା କରେନା ସେ ନେବାକୁ
ସ୍ନେହ ଆଦରରେ ବନ୍ଧୁତାର ପଣ
ବଜାଇ ରଖେ ତା ଶୋଭାକୁ ।

ଆଠଗଡ଼ .କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ'ଣ ତୁମେ ପାରିବ ?



ପ୍ରଗନ କୁମାର ପାତ୍ର

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ଭୋକିଲା ପେଟର ସେ ଭୋକର ଜ୍ୱାଳାକୁ
ତୁମେ ଅନୁଭବ କରି ପାରିବ ।

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ଦାରିଦ୍ର୍ୟର ସେ ମାନସିକ ଯନ୍ତ୍ରଣାକୁ
ତୁମେ ଅନ୍ତରରୁ ଜାଣି ପାରିବ ।

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ବିଷାଦ ବଦନରେ ସେ ମିଥ୍ୟାର ହସକୁ
ତୁମେ ଅନାୟସରେ ଫୁଟେଇ ପାରିବ ।

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ଅଗଣିତ ଦୁଃଖର ପାହାଡକୁ
ତୁମେ ଅକ୍ଲେଶରେ ମୁଣ୍ଡେଇ ପାରିବ ।

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ସମାଜର ସେହି ଶ୍ୱାନ ଚିତ୍କାରକୁ
ତୁମେ ପାଦରେ ଆଡେଇ ଆଗକୁ ବଢ଼ିପାରିବ

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ଶୁଖିଲା ଆଖିରେ ଜକେଇ ଆସୁଥିବା
ଲୁହର ଧାରାକୁ ପୋଛି ପାରିବ ।

ହଁ ତୁମେ ପାରିବ, ନିଶ୍ଚୟ ପାରିବ
ନିଘୋଡ଼ ନିଦରେ ଶୋଇଥିବା ସାହସକୁ
ତୁମେ ଜାଗ୍ରତ କରି ପାରିବ ।

praganpatra55@yahoo.com

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଧରଣୀର ହସ



ଦୀନବଂଧୁ ବେଜ

ଜହ୍ନର ଜୋଛନା ହେଉ
କି ଅମାବାସ୍ୟାର ଅନ୍ଧକାର,
କାଗଜରେ କାଳି ହେଉ କି
କଳାପଟ୍ଟାର ଚକ୍ ,,
ସବୁତ ଅଳିକ ।
ତଥାପି ପାଦ ତଳର ଘାସ
ବଂଚିବାକୁ ସହୁଛି ଅନେକ କଷ୍ଟ,
ତା ଅଡେଇ ଦିନର କାହାଣୀ
ଭିତରେ ଓ ବାହାରେ
ଉଙ୍କି ମାରୁଛି
ଓଳିରୁ ଗଜା ହୋଇ
ପତ୍ର ଗଜୁରୁଛି ଡାଳ ମେଲଉଛି
ଛୁଇଁବାକୁ ଆକାଶ ଜହ୍ନ,
ମରୁଛି ନିଆଁ ଝାସରେ
ଝଡ଼ିପୋକ ସମ ।
ତଥାପି ବଂଚିବାର ଆଶା
ମନରେ ଆସୁମାରୀ ଆକାଂକ୍ଷା
ଖୁବ ନିକଟ ଆଇନାର ପାଖ
ଛବି ସଂପୂର୍ଣ୍ଣ ତେରଛା
ନିର୍ବାକ ନିଶ୍ଚଳ
ପ୍ରତିବିମ୍ବ ଦିଶୁନାହିଁ ଲହ ଲହ,
ବାଣ୍ଟୁନାହିଁ ମିଛ ମାୟା ମୋହ ।
ଏବେ ସବୁ ଠିକ ଠାକ
ଆଉ କେହି ଏଠି
ଚାପିଚୁପି ରଖୁ ନାହିଁ ଭୋକ,
ସବୁ ଉଡ଼ୁଛନ୍ତି ମୁକ୍ତ ପାରାବାରେ
ମହଙ୍ଗା ହୋଇଛି ବିଶ୍ୱାସ
ମିଥ୍ୟା ସୁବବ୍ୟହାର
ମାୟାର କଜ୍ଜ୍ୱଳ ଚକ୍ଷୁ ପିନ୍ଧେ
ଅନ୍ଧ ପ୍ରାୟ ସବୁକୁ ଅନ୍ତରୁ ବିଶ୍ୱାସ,
ଶସ୍ତାରେ ପାଇବାର ମୋହ
ବିପତ୍ତି ଭିତରକୁ ଛନ୍ଦେ ।

ମାଲକାନଗିରି,ଓଡିଶା
ସ୍ଥାୟୀ ଠିକଣା
ବାସୁଦେବପୁର, ଭଦ୍ରକ
ସେଲ:-୭୬୮୯୯୨୦୨୨୧

ଆହ୍ୱାନ ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଯଦିଓ



ସତ୍ୟନାରାୟଣ
ମିଶ୍ର

ଯଦିଓ ତମ ମୁହଁ ଉପରେ
କେତେଟା କଳା ଜାଇ
ତଥାପି ତମେ ଭାରି ସୁନ୍ଦର୍ ,
କାହିଁକି ନା ଜହ୍ନରେ ତ ଅଛି ପୁଣି କଳଙ୍କ ।

ଯଦିଓ ତମ କେଶ ଗୁଚ୍ଛ କୁଂଚ କୁଂଚିକା
ତଥାପି ତାହା ଅତି ସୁଢଳ
ଯେମିତି ନୀଳଶୈଳର ଶିଖର
ନୀଳ ସାଗରର ଉତ୍ତାଳ
ଊର୍ମିମାଳାର ସମାହାର ।

ଯଦିଓ ତମେ ସାବନୀ
ତଥାପି ତମ ରୂପ ଲାବଣ୍ୟ ଅତୁଳନୀୟ
ସବୁ ସୌନ୍ଦର୍ଯ୍ୟର ଗନ୍ତାଘର ତମେ
ସବୁ ପ୍ରାଚୁର୍ଯ୍ୟର ଶୀର୍ଷ ପ୍ରାଚୀର ।

ଯଦିଓ ତମେ ଏକାକିନି
ତଥାପି ତମେ ହଜାରେ ହୃଦୟର ମାନସୀ
କୋଟି କଳ୍ପନାର ପ୍ରଣୟ ବଲ୍ଲରୀ
ଅସଂଖ୍ୟ ଭାବୁକର ସ୍ୱପ୍ନ ନାୟିକା
ନିଦ ହଜାଉଥିବ ଅସଂଖ୍ୟ ନୟନ ଯୁଗଳରୁ ।

ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ



ପଙ୍କଜ କୁମାର
ମଙ୍ଗଳ

ସକଳ ଶକ୍ତିର ଆଧାର ସେ ହେଲେ କାହିଁକି ଯେ ରୌଦ୍ର ରୂପ,
ଅସହ୍ୟ ହେଲାଣି ଶରୀର ପାଇଁ ଲାଗେ ଲିଭିଯିବ ଜୀବନଦୀପ ।
ସୁନେଲୀ କିରଣ ପ୍ରଖର ହୋଇଲେ ଅସ୍ତବ୍ୟସ୍ତ ଜନ ଜୀବନ,
ସକାଳ ପରି କାହିଁକି ରହୁନ ଅସହ୍ୟ ହେଉଛି ମଧ୍ୟାହ୍ନ ।
ଦୟାକର ହେ ସନ୍ଧ୍ୟା ପତି ପ୍ରଚଣ୍ଡତା କମି ଆସୁ,
ଧ୍ୱଂସ ହୋଇଯିବ ଏ ସକଳ ଜୀବ ଯଦି ନ କମିବ ରୌଦ୍ରାଂଶୁ ।

ଅତିବାଇଗଣି ରଶ୍ମି ପାଇଁ କେତେ ଶରୀର ଯେ ବ୍ୟାଧି ଗ୍ରାସରେ,
ପ୍ରଖରତା ପାଇଁ ଅକାଳରେ ଝଡ଼େ ଦୂର୍ଲଭ ଜୀବନ ଅଂଶୁଘାତରେ ।
ମେରୁରେ ଶିଥିଳ ବରଫ ତରଳି କୂଳ ଲଙ୍ଘିଲାଣି ସାଗର,
ସେ ଦିନ ଦୂର ନାହିଁ ସ୍ଥଳ ବିଲିନ ହୋଇବ ସାଗର ଗର୍ଭରେ ।
କାହିଁକି ଯେ ତମେ ରୌଦ୍ର ତାଣ୍ଡବ କରୁଛ ଅନଳ ପାଲଟିଲାଣି ଅଂଶୁ,
ଧ୍ୱଂସ ହୋଇଯିବ ଏ ସକଳ ଜୀବ ଯଦି ନ କମିବ ରୌଦ୍ରାଂଶୁ ।

ଦଶାରୋପ ସିନା ମାନବ କରଇ ନିଜ ଭୁଲ ଦିଶୁ ନାହିଁ,
ନିଜ କର୍ମର ପରିଣାମ ଭୋଗୁଛି ସେ ଆଜି ବଞ୍ଚିବାର ମାର୍ଗ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବର୍ତ୍ତନ ନାହିଁ ରବି କିରଣରେ ଏତ ମାନବ କର୍ମର ଚିନ୍ତା,
ଆଧୁନିକତା ପାଇଁ ତରୁ ବଳି ପଡ଼େ ତଥାପି ନିଘା କରୁନାହିଁ ଆଧୁନିକତାର ନିର୍ମାତା ।
ପାଦପ ସ୍ଥାନରେ କାରଖାନା ବଢ଼େ ଅନ୍ତତଃ ଏବେ ଟିକେ ଚେତା ଆସୁ,
ଅମ୍ଳଜାନ ଯଦି ନିଅଣ୍ଟ ହୋଇବ କେମିତି କମିବ ରୌଦ୍ରାଂଶୁ ।

ଶିଳ୍ପ ବଢୁଛି ଜଙ୍ଗଲ କମୁଛି କାଳେ ଏ ବିକାଶର ନୂଆ ଧାରା,
ଅମ୍ଳଜାନ କମି ଅଙ୍ଗାରକାମ୍ଳ ବଢ଼ିଲେ କେମିତି ତିଷ୍ଠିବ ଧରା ।
ଗଛମୂଳରେ ନ ଢାଳି ପାଣି ଶିତଳୀକରଣ ଯନ୍ତ୍ରରେ ଢାଳୁ ଦିନସାରା ଦିନବିତେ ତାଭିତରେ,
ଦୀନର ଜୀବନ ତ୍ରାହି ତ୍ରାହି କରେ ରକ୍ଷା ନାହିଁ ଆଉ ତାତିରେ ।
ଗଛ ନଷ୍ଟର ପରିଣାମ ପାଇଁ ଅମ୍ଳଜାନ କମି ପ୍ରଖର ଲାଗଇ ସୂର୍ଯ୍ୟାଂଶୁ,
ସଚେତନ ହୋଇ ଗଛ ଲଗାଇଲେ ସ୍ୱଂୟ କମିଯିବ ରୌଦ୍ରାଂଶୁ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।
ଫୋନ-୭୭୪୯୯୩୭୬୮୧

Listen to Odia Podcast on https://anchor.fm/aahwaan

# ପାର୍ବଣ



ପୁଷ୍ପାଞ୍ଜଳି ପଣ୍ଡା

କାଶତଣ୍ଡୀ ଫୁଟିଲା
ଶରତର ମରତରେ
ପାରବଣ ଆସିଲା ।।

ଭୋଦୁଅର କାଦୁଅ
ଆଉ ନାହିଁ, ଦିଶିଲାଣି
ଗାଡ଼ିଆର ପଦୁଅଁ ।।

ନିରିମଳ ଆକାଶ
ସଫା ତୋରା ଜହ୍ନରାତି
ଶାନ୍ତ ଧୀର ବତାସ ।।

ଦଶହରା ପରବ
ଆଗମନୀ ଗାଏ ଧରା
ଆନନ୍ଦରେ ହସିବ ।।

ଦୁର୍ଗମ ଦୁର୍ଗତି
ହରିବାକୁ ଦଶଭୂଜା
ମୃଣ୍ମୟୀ ମୂର୍ତ୍ତିରେ ଆସନ୍ତି ।।


ନବଦୁର୍ଗା ଜନନୀ
ବିଶ୍ୱ ଜନ ତ୍ରାସ ହର
ମା ମହିଷାମର୍ଦ୍ଦିନୀ ।।

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ



ରଶ୍ମିତା ପ୍ରଧାନ

ଲୁହ ! ନୁହେଁ ଖାଲି ପାଣିର ଧାର
ସେ ଅଟେ ହୃଦୟର କୋହ
ନୀରବତାପୂର୍ଣ୍ଣ ଦ୍ରୋହ,
କଣ୍ଟାର ଆଘାତରେ ଝରୁଥିବା
ରକ୍ତ ବିନ୍ଦୁ ସମ;
ସକାଳର ରବି ସ୍ପର୍ଶରେ ଲଟାରୁ ଝରୁଥିବା
କାକରବିନ୍ଦୁ ସମ ।
ସେ ଅଟେ ଶାନ୍ତ ପୀଡିତର ଅନ୍ତରର ବେଦନା
କ୍ଷଣକ ଅନ୍ତରାଳରେ ଆଖିପତାରେ ଲୁଚି
ଯାଉଥିବା
ଅସୁମାରୀ ଚେତନା ।
ନୁହେଁ ଖାଲି ପାଣି ର ଧାର
ସେ ଅଟେ ବାକହୀନର ସ୍ୱର ;
ପୀଡ଼ନର ସଂକେତ,
ଧୈର୍ଯ୍ୟର ପ୍ରତୀକ ।

ଦୁର୍ବଳ ନୁହେଁ ଯେ ଅଶ୍ରୁ ବୁହାଏ,
ଅନ୍ତର୍ଯ୍ୟାମୀ ପୟରେ
କର୍ମଫଳ ଯାଚି,
ସଂଯମତା ର ପୂଜକ ସାଜି,
ଲୋତକପାତ କରୁଥାଏ ଯିଏ
ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଏ ସିଏ ।
ଗଭୀର ନୀଳ ସମୁଦ୍ର ତୁଲ୍ୟ
ନୟନ ଯୁଗଳରୁ ଝରିଯାଏ ଯେବେ
କେଇ ବୁନ୍ଦା,
କେବଳ ଜଳଧାର ନୁହେଁ
ଶାମୁକାର ସେ ମୂଲ୍ୟବାନ ମୁକ୍ତା ।

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଖାଇ



ଶଙ୍ଖସିନ୍ଧୁ
ପୁରୋହିତ

ଅସାଢ଼ ଗଲା ସରାବନ ଗଲା ,
ଆଇଲା ଭୁଦୋ ମାସ । ।
ସମକର ମନେ ଉସତ ଉସନାକୀ,
ଅସୁଛେ ବୋଲି ନୂଆଖାଇ ପାସ ।

ଆମର ମାଟିର ବଡ଼ଖା ତିଆର୍,
ନାଁ ଯାହାର ନୂଆଖାଇ
ଆସିଗଲେ ଛୁଆ ନୁ ବୁଢା,
ନାଚସାନ ଉସତ ହେଇ ।

ନୂଆ ଧାନ କେ ନୂଆ ଚୁରା,
ଘରର ବଡ଼ଖା ବାଢ଼ିବେ ।
ପାଞ୍ଜି ଆଙ୍ଗଠି ଲଗେଇ କୁରେ ପତ୍ରେ,
ପାଞ୍ଜ ଗର୍ଷା କରିବେ ।

ନୂଆ ଖାଇ ସାରି ମହାପୁରୁ ମୁଡ଼ିଆ,
ସାନ କୁଁ ଆଦର ବଡ଼କୁ ଜୁଆର ।
ଇଟା ହଉଛେ ଆମର ,
ଗଖା ତିହାର ର ମହାନ ପରମ୍ପରା । ।

ରାଗରୁଷା ପାସରି ଗୁଟେ ଛାନି ତଳେ
ସମକୁ ଏକ କର୍ଷି ।
ଅନ୍ନ ବ୍ରହ୍ମ କେ ପୂଜା କାରବାର ଟା-
ଦୁନିଆ କେ ଶିଖେଇ ଦେସି ।

ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ,
ଶ୍ରୀ ଜଗନ୍ନାଥ ଏକାଡେମୀ
କୋଟସମଲାଇ(ନୂତନ ସରକାରୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ଦଣ୍ଡାସି ପ୍ରଧାନ

ଏଠି ମରି ମରି  ଜୀଇଁବାକୁ ହୁଏ
ପୁଣି ଜିଇଁ ଜଣେ ନିତି ମରି ଥାଏ । -(ଘୋଷା )

କିଏ ହାରି ଥାଇ ଛଳେ ଯାଏ  ଜିତି
ସତେ  ଜିଣି  କିଏ ହାରି ଥାଏ  ଏଠି
ସାଥୀ ସମୟ ସୁଅର  ଖେଳ ପ୍ରାୟେ;
ଖାଲି  ହସି  ଶିଖିଲେ  ହିଁ  ଜିଇଁ  ହୁଏ ।  --01 ।
ଏଠି ମରିମରି --

ଖୋଲା ଆକାଶେ ଅନାଅ ଆଖି ଖୋଲି
ହସି ହସାଏ କେତେ ଯେ ରଙ୍ଗ  ବୋଲି
ସଦା ସୁଖ ବୁଣି  ନିଜେ ଜଳୁଥାଏ
ଦୁଃଖ ଦେଖିଛ କି କହ ଥରେ କିଏ  ? -02  ।
ଏଠି ମରିମରି ---

ମାଟି ସରାଗେ ସାଗର ନୀଳ ଢେଉ
କୂଳ ଛୁଇଁ  ଧାଏଁ,  ଧରାଦେଉ  ଦେଉ
ବେଳା ଉଚ୍ଛୁଳାଇ ଧାଇଁବାକୁ ହୁଏ;
ଛାଡି ଚିକ୍କଣ ପଠାରେ ଚିହ୍ନ ଟିଏ
ଏତ ନିତି ଜୀବନର ଗୀତ ଟିଏ
ଖାଲି ହସି  ଶିଖିଲେ ହିଁ  ଜିଇଁ ହୁଏ ।  -03  ।
ଏଠି ମରିମରି—

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର,  ଗଞ୍ଜାମ  ।
ଭ୍ରାମ୍ୟଭାଷ : ୮୬୭୦୯୯୪୯୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରେଷ୍ଠ ପ୍ରାଣୀ ବୋଲି



ରାଧାମୋହନ ପୂଜାହାରୀ

ମଣିଷ ଅଟଇ ଏ ଜୀବଜଗତେ
ସବୁଠାରୁ ଶ୍ରେଷ୍ଠ ପ୍ରାଣୀ,
ତେଣୁ ତା'କୁ ପ୍ରଭୁ ସୁନ୍ଦର ହୃଦୟ
ଦେଇଛନ୍ତି ମନ ଜାଣି ।
ସେ ସୁନ୍ଦର ହୃଦେ କେବେ ବି କାହାର
ମନ୍ଦ ଆମେ ନ ପାଞ୍ଚିବା,
ପଣ କର ସର୍ବେ ଆଜିଠୁ ଅନ୍ୟର
ଭଲ ହିଁ ଚିନ୍ତା କରିବା ।
ଆମ ଭଲ ଚିନ୍ତାଧାରା ପ୍ରାଣୀ ମନେ
ଯଦି ଖୁସି ଆଣିଦେବ,
ଜାଣିବ ତାଙ୍କରି ଖୁସିରେ ଏ ଧରା
ଆନନ୍ଦେ ନାଚି ଉଠିବ ।
ଭଲ ଚିନ୍ତା କରି ସଭିଙ୍କ କଲ୍ୟାଣ
କରିବା ଯଦିରେ ଆମେ,
ମର୍ଯ୍ୟାଦା ରହିବ 'ମଣିଷ' ଶବ୍ଦର
ଏ ଶାଗୁଆ ଧରା ଧାମେ । (୧)
ଜଗତରେ ଶ୍ରେଷ୍ଠ ପ୍ରାଣୀ ବୋଲି ପ୍ରଭୁ
ଶରଧାରେ ତା'କୁ ଗଢ଼ି,
ଭାବିଚିନ୍ତି ଗୋଟେ ସୁନ୍ଦର ମସ୍ତିଷ୍କ
ତା' ଦେହେ ଦେଲେ ସେ ଯୋଡ଼ି ।
ସୁନ୍ଦର ମସ୍ତିଷ୍କେ ଆମେ ସର୍ବହିତେ
ବିଚାରିବା ସବୁ ଠିକ୍,
ଅବିବେକୀ ସାଜି ଅବିଚାର କଲେ
ସଂସାର କହିବ 'ଧିକ୍ !'
ପଣ କର ସର୍ବେ ଆଜିଠୁ ସର୍ବଦା
ଭୁଲ୍ ଠିକ୍ ବିଚାରିବା,
ଅନ୍ୟାୟ-ଅନୀତି ଆଶ୍ରୟେ କାହାରି
ମନେ ନ କଷଣ ଦେବା ।
ନିଷ୍ପକ୍ଷ ବିଚାର ହେବ ଆମ ସତ୍ୟ-
ଧର୍ମକୁ ପାଥେୟ କରି,
ଯେମିତିକି ଦୋଷୀ ନେତ୍ରୁ ଅନୁତାପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶ୍ରୁ ପଡୁଥିବ ଝରି । (୨)

ଶ୍ରେଷ୍ଠ ପ୍ରାଣୀ ବୋଲି ପ୍ରଭୁ ନର ହୃଦେ
ବୁଣିଦେଲେ ପ୍ରେମ ମଞ୍ଜି,
ବୃଦ୍ଧି ହେବ ବୋଲି ତା' ଦେହର ଶୀରି
ହସ୍ତ ଦୁଇ ଦେଲେ ଖଞ୍ଜି ।
ସେଇ ହସ୍ତ ପାପୁଲିରେ ଭାଗ୍ୟରେଖା
ସ୍ପଷ୍ଟ ହେଉଥାଏ ବାରି,
କର୍ମାନୁସାରେ ସେ ରେଖା ବଦଳାନ୍ତି
ଅନ୍ତର୍ଯ୍ୟାମୀ ଚକ୍ରଧାରୀ ।
ପଣ କର ସର୍ବେ ଆଜିଠାରୁ ଆମେ
ଲେଖିବା ଏମିତି କିଛି,
ପ୍ରେମ-ବନ୍ଧୁତ୍ୱର ଭାଷାକୁ ସର୍ବତ୍ର
ଲେଖିବା ରେ ମିଳିମିଶି ।
ଆମ ହସ୍ତଲେଖା ପ୍ରେମର ସେ ଭାଷା
ଶତୃ ବି ଯେବେ ପଢ଼ିବ,
ଭୁଲି ପୂର୍ବ କଥା ନୁଆଇଁ ତା' ମଥା
ଆମକୁ ପ୍ରେମ କରିବ । (୩)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଗୁରୁ ବନ୍ଦନା



ଅମୃତ ନାରାୟଣ ଶତପଥୀ

ଗୁରୁ ବୋଲି ଯେଉଁ ଦୁଇ ଅକ୍ଷରରେ ଗଢା ହୋଇଥିବା ଶବ୍ଦ,
ଜ୍ଞାନର ଆଲୋକ ଯେବେ ଅନ୍ଧକାର ଜୀବନେ ନିରାଶା ନିସ୍ତବ୍ଧ ।(୧)
ଗୁରୁ ହିଁ ଅଟନ୍ତି ଏହି ସଂସାରର ଜ୍ଞାନାଦିର ସୃଷ୍ଟିକର୍ତ୍ତା,
ତାଙ୍କ ମହାନତା ଆଗରେ ବି କ୍ଷୁଦ୍ର ଅଗ୍ନି ଇନ୍ଦ୍ରାଦି ଦେବତା ।(୨)
ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କର ସମାହାର ଅଟନ୍ତି ଗୁରୁ,
ତାଙ୍କରି ଆଶିଷେ ଦୁବଟିଏ ପୁଣି ହୋଇପାରେ ବିଶାଳ ଦାରୁ ।(୩)
ଗୁରୁଙ୍କ ଶରଣ ପାଦେ ସମର୍ପଣ କରେ ନିଜକୁ ଯେଉଁ ଶିଷ୍ୟ,
ଜୀବନରେ ତା'ର ଉନ୍ନତିର ପଥ ଉନ୍ମୁକ୍ତ ହୁଏ ଅବଶ୍ୟ ।(୪)
ଗୁରୁ ହିଁ ସୃଷ୍ଟି ଗୁରୁ ହିଁ ବିନାଶ ଗୁରୁ ପୁଣି ସୃଜନତା,
ଈଶ୍ୱର ହୋଇବି ରାମ କୃଷ୍ଣ ଆଦି ଗୁରୁଙ୍କ ପାଦେ ନୁଆଁଇ ମଥା ।(୫)
ମାତା ଯେ ଅଟନ୍ତି ପ୍ରଥମ ଗୁରୁ ଦ୍ୱିତୀୟ ସ୍ଥାନରେ ପିତା,
ସ୍ୱସ୍ଥାନେ ଥା'ନ୍ତି ଶିକ୍ଷାଦୀକ୍ଷା ଗୁରୁ କରନ୍ତି ଶିଷ୍ୟକୁ ଜଗତଜିତା ।(୬)
ଗୁରୁ ହିଁ ଅଟନ୍ତି ନିର୍ଗୁଣ ନିରାକାର ଦୂରେ ଛଳ କପଟତା,
ମନେ ଯଦି କେବେ ଥାଏ ଛଳ ଭାବ ଅଟଇ ତାହା ପରୀକ୍ଷା ।(୭)
ଆରୁଣୀ, ଉପମନ୍ୟୁ, ଏକଲବ୍ୟାଦି ଗୁରୁଙ୍କ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ,
ସଂସାରରେ ଅମର ହୋଇଗଲେ ପୁଣି କେତେ ଯଶ କମାଇ ।(୮)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁଙ୍କ ପ୍ରତି ସମ୍ମାନ ଭାବରେ ହୃଦୟ ମନ ତ ପୂରୁ,

ଗୁରୁଙ୍କ ଆଦେଶ ପରୀକ୍ଷାରୁ ମନ ନ ଯାଉ ରେ ଧାଇଁ ଦୂରୁ ।(୯)

ଗୁରୁଙ୍କ ଆଶିଷ ବର୍ଣ୍ଣନା ପାଇଁକି ନାହିଁ ଶବ୍ଦ ପୁଣି ମୋ ପାଖରେ,

ଭିକ୍ଷୁ ସମ କୃପା ଭିକ୍ଷାକରି ସମର୍ପୁଛି ନିଜକୁ ଗୁରୁଙ୍କ ପାଦରେ(୧୦)

ଠିକଣା- ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପାଙ୍କ ଦାଗ



ପ୍ରହ୍ଲାଦ ସାହୁ

ମୁଁ ବି ଜଣେ ବାପା,

ଏ ପଟା ପଟା ଦାଗ ମୋ ପାଇଁ ନୁହେଁ ତ

ଆଉ କାହା ପାଇଁ  ? ! ?

ବାପା ହେବାର ସୌଭାଗ୍ୟ ସେଦିନ ମିଳି ନଥିଲା

ମୁଁ ଭୁଲ ବୁଝିଥିଲି ସେଦିନ,

ଯେଉଁଦିନ ନବଜାତ ଶିଶୁକୁ

ପ୍ରଥମ ଥର ପାଇଁ କୋଳେଇ ନେଇଥିଲି

କେବଳ କୂଳକୁ ସନ୍ତାନ ଆସିଗଲେ

ବାପାର ସୌଭାଗ୍ୟ ମିଳେନାହିଁ ।

ଜୀବନର ପ୍ରତିଟି ମୂହୁର୍ତ୍ତରେ

ତା ସହିତ ବଞ୍ଚିବାର ନିଃସ୍ୱାର୍ଥପରତା ଏବଂ

ନୂଆ ଆଲୋକ ଦେଖାଇବାର ସତ୍ୟତା

ପ୍ରତିପାଦନ କରିବା ହିଁ ସଠିକ ମୂଲ୍ୟବୋଧ,

ବୋଧହୁଏ ଏସବୁ ମୁଁ ତାକୁ ଶିଖାଇ ନାହିଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଏତ ମୁଁ ତା ପାଖରୁ ଶିଖିଛି ।

ମୁଁ ବା କିଏ ଶିଖାଇବାକୁ ?

କେବଳ ସେହି ପରମେଶ୍ୱରଙ୍କ ନିର୍ଦ୍ଦେଶକୁ ମାନି

ଅନ୍ୟର ଅଭିବୃଦ୍ଧି ନିମନ୍ତେ ରୂପାନ୍ତରିତ କରିଛି ।

କ୍ଷଣେ, ଅନୁକ୍ଷଣେ, ପ୍ରତିକ୍ଷଣେ ଦାଗ ସବୁ

ନିଜର ସ୍ଥିତି ଓ ସ୍ଥାନ ନିରୂପଣ କରିଛନ୍ତି

ବେଳେ ବେଳେ ମେଞ୍ଚା ମେଞ୍ଚା ଦାଗ ତ ପୁଣି

କେତେବେଳେ ପଟା ପଟା ଦାଗ ।

କେବଳ ବଞ୍ଚି ବଞ୍ଚେଇବାର ଅନାବିଳ ସମ୍ମୋହନ

ସେ ଅଭୁଲା ଦାଗ........

ସେ ଅବୁଝା ଦାଗ.......

ସେ ଅଦେଖା ଦାଗ.......

ନା, ସେ ଦାଗ ପିଠିରେ,

ନା, ସେ ଦାଗ ପେଟରେ,

ନା, ସେ ଦାଗ ମୁକ୍ତ ଅବୟବରେ ।

ସେ ଦାଗ, ମନ ତଳର ଗହନ ବନରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଦାଗ, ହୃଦୟର ନିବୃତ ସ୍ପନ୍ଦନରେ,

ସେ ଦାଗ, ଆତ୍ମିକ ଦୋଳାୟିତ ଭାବନାର,

ସେ ଦାଗ, ଏକାନ୍ତ ନିଜସ୍ୱ ବଳିଦାନର ।

କିଛି ସ୍ମୃତି ଆଉ କିଛି ଅନୁଭୂତିର ଦାଗ -

ବହୁତ ସୁନ୍ଦର ଲାଗେ,

କିଛି ବିଗତ ଆଉ କିଛି ସମ୍ଭାବ୍ୟର ଦାଗ -

ପ୍ରାପ୍ତି ଏବଂ ଅପ୍ରାପ୍ତିର ମୋହରେ ବିବ୍ରତ କରେ ।

ତଥାପି ସବୁକୁ ପଛକରି ମୁଁ ଆଗେଇଯାଏ,

ସେ ପଟା ପଟା ହେଉ କି ମେଞ୍ଚା ମେଞ୍ଚା ହେଉ,

ସେ ଦାଗକୁ ଆପଣେଇ ନିଏ

କେବଳ ଅନାବିଳ ପିତୃତ୍ୱର ପରାକାଷ୍ଠାରେ

କାରଣ, ମୁଁ ଜଣେ ବାପା,,,,,,,, ! ! !

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର

ଆକାଶ ଇନଶ୍‌ଟିଚ୍ୟୁଟ୍, ନୂଆଦିଲ୍ଲୀ

ଦୂରବାର୍ତ୍ତା – ୮୧୭୮୭୪୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଜବନ୍ଦିନୀ



ଅନସୂୟା ପଣ୍ଡା

ମୁଁ ଦେଖିଲି ଏକ ଦିବ୍ୟକାନ୍ତି ପ୍ରାଜ୍ଞ ପୁରୁଷ
ମୋ ସାମ୍ନାରେ ସତେ ଅବା ଅହସ୍କର ଉଭା
ସମୁଜ୍ଜ୍ୱଳ ମୁଖକାନ୍ତି ସହସ୍ରବୀରର ପରାକ୍ରମ, ସତ୍ତମ ଚାହାଣି
ଭବ୍ୟ ବ୍ୟବହାର ସତେ ଅବା ଭାଷାରେ ଝରୁଛି ମଧୁ
ଅବିକଳ୍ପ ନାହିଁ କେହି ତାହାର ।

ମନ ଉପବନେ ପ୍ରତିକ୍ଷୀତ ନାୟକର ଆଗମନ
ତୋଳି ଏକ ଶିହରଣ ଶୁଭେ ହୃଦୟରେ ଖାଲି
ସୋତ୍ସାହ ପ୍ଲାବନ ସମ୍ମୋହନ ପ୍ରେମ ଗୁଞ୍ଜରଣ
ନିଜକୁ ଭସେଇ ଦେଲି ସେହି ଭାବନାରେ
ପୁରୁଷୋତ୍ତମଦେବଙ୍କ ମନର ବସନ୍ତ ବନରେ ।

ସମର୍ପି ଦେଲି ନିଜକୁ ସତ୍ତାହୀନ ଭାବଟିଏରେ
ନିଜ ଭିତରେ ଦେଖିଲି ମାଠିଆରେ ତୁମେ
ନିର୍ଲିପ୍ତ ନୟନେ ମତେହିଁ ଚାହିଁଚ
ତୁମ ଆଖି ମାଦକତା ମୋ ଆଖିରେ ଭରିଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ହଜିଗଲି ସେଇ ଶାନ୍ତ ସ୍ନିଗ୍ଧ,

ସଭ୍ୟତାଭିମାନୀ ମଣିଷର ମନମନ୍ଦିରରେ

ତୁମେତ ପ୍ରତିଶ୍ରୁତି ଦେଇଗଲ ହେ କଳିଙ୍ଗ ଗଜପତି

ଫେରିବ ଚଞ୍ଚଳ ବର ସାଜି ଘୋଡା ସବାରୀରେ

ହେଲେ ପିତା ମୋର ଶାଲ୍ୱରାଜା

ମଣିଲେନି ଦେବାକୁ କନ୍ୟା ଝାଡୁଦାର ହାତରେ ।

ମୁଁ ତ ହଜେଇ ଦେଇଥିଲି ମତେ ଭିନ୍ନ ଏକ ଧରାରେ

ଯିଏ ପ୍ରଥମ ପ୍ରେମର ସ୍ପର୍ଶ ଥିଲା ମନ ସାମ୍ରାଜ୍ୟରେ

ବିଶ୍ୱମୋହିନୀ ବିଳାସୀ ବସନ୍ତର ମଧୁ ରାଗିଣୀରେ

ବିରହରେ ମୁଁ ଜଳୁଥିଲି ଅବସୋସରେ ଆତ୍ମଗ୍ଲାନିରେ ।

ହାତ କାଟି ଲାଜ ଛାଡି ତୁମକୁ ପତ୍ର ଲେଖିଲି

ପ୍ରିୟତମ ମୋର ! ନେଇଯାଅ ହୃଦୟବନ୍ଦିନୀକୁ

ତୁମବିନା ଏ ଜୀବନ ଲାଗୁଛି ଜହର

ତୁମେ ଆସିଲ ସନ୍ନଦ୍ଧ ସୈନ୍ୟ ଛାଉଣି ନେଇ

କାଞ୍ଚି ଜିଣି ମତେ ନେବା ପାଇଁ ।

ହେଲେ ପାରିଲନି କାଞ୍ଚି ଜିଣି ହେ କଳିଙ୍ଗ ବୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ତୁମେ ଯୁଦ୍ଧ ଘୋଷଣା କଲ
ବାସୁଦେବ ଆଚାର୍ଯ୍ୟଙ୍କ ମନ୍ତ୍ରଣାରେ ଦ୍ୱିଗୁଣିତ ଜ୍ୱାଳାରେ
ସ୍ୱୟଂ ଜଗତ ଠାକୁରଙ୍କ ଆଜ୍ଞାମାଳ  ନେଇ
ଦେବତ୍ୱର ଆଶିଷ ସିରିପା ବାନ୍ଧି
ସାକ୍ଷୀକରି ପଥେ ମାଣିକ ଗଉଡୁଣୀ ଦିବ୍ୟାନୁଭୂତି ।

କାଞ୍ଚି ପରାଜୟ ଲାଗି ମୁଁ ଗଲି ଗଣେଶଙ୍କ ଶରଣ
ବିଶ୍ୱାସରେ ଜିତିଗଲ କାଞ୍ଚି କାବେରୀ ବିଧାତା ବରେ
ରାଜବନ୍ଦୀକଲ ଶାଳ୍ମ ପଦ୍ମାବତୀ
ତଥାପି ମୁଁ ସତୃଷ୍ଣ ନୟନରେ ଚାହିଁଥିଲି ନିଷ୍ପାଦନକୁ
ତୁମେ ଧରା ଦେଉନଥିଲ ଏ ରାଜବନ୍ଦିନୀକୁ ।

ମୋ ଭିତରେ ବିଛେଇ ହୋଇଥିଲା ବିସ୍ମିତ ବେପଥୁ
ଶେଷରେ ହେ ଦିବ୍ୟ ପୁରୁଷ ତୁମେ ଫେରିଆସିଲ
ଖେଳସାରି ଅସ୍ମିତାରେ ଶୁଭ ଶଙ୍ଖ ନିନାଦରେ
ଲାସ୍ୟମୟୀ ପଦ୍ମାବତୀ ଚିତ୍ତକୁ ଦ୍ରବୀଭୂତ କରିଲ
ବନ୍ଧୁ ମନ୍ତ୍ରୀଙ୍କର ସୁପରିକଳ୍ପିତ ନାଟକୀୟ ଯୋଜନାରେ
ରୋମାଞ୍ଚଭରା ଭାକ୍ତିକ ଘୋଷଯାତ୍ରାରେ ପ୍ରତୀକ୍ଷାର  ଅନ୍ତ କଲ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଧନ୍ୟ ହେଇଗଲି ଜଗତନାଥଙ୍କ ସାଧକର ସାନିଧ୍ୟରେ

ପ୍ରେମ ଆଦ୍ୟକଥାଣୀ ସମ୍ପର୍କର, ଉଦନ୍ୟା ମନ ସାଗରେ

ଅଲିଭା ସ୍ୱାକ୍ଷର ପ୍ରାଞ୍ଜଳ ପ୍ରାପ୍ତିର ମହଦାଶାରେ

ସ୍ୱେଚ୍ଛାଧୀନ ଅବତଂସ ଜୀବନର ଦୁର୍ବାର ରାସ୍ତାରେ ।

ଏ ପ୍ରେମ ହିଁ ଥିଲା ସବୁ ଲଙ୍ଘି  ଯିବାର ପ୍ରଚ୍ଛଦପଟରେ

ଏ ପ୍ରେମ ଥିଲା ନିଗୂଢ ରକ୍ତପାତର ମୂଳରେ

ଏ ପ୍ରେମହିଁ ଥିଲା ଅବିରଳ ଆକୁଳ ନିବେଦନରେ

ଯେଉଁ ଡାକେ  ଖଣ୍ଡା ଧରିଲେ ହାତେ ଜଗତ ଠାକୁରେ

୫ ଆର/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡିଶା, ୭୬୮୦୧୮,

ଭ୍ରାମ୍ୟଭାଷ : ୯୪୩୯୨୧୯୮୭୧


ଇମେଲ୍ : anasuyapanda1971@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସ୍ତିତ୍ୱ



ଅମିଷା ପଧାନ

ଫୁଲର ବାସ୍ନା ପରି
 କୁମାରୀ ଝିଅର ମନ
ତରା ପରି ଜକଜକ
 ତା ନବ-ଯଉବନ ।

ଗୋପନେ ଫୁଟିଥିବା
 ଶେଫାଳୀ ପରି ମହକ
ପଳାଶ ଫୁଲ ପରି
 ତା ଓଠର ହସ ।

ପୁନେଇ ରାତିର ସୁନେଲୀ
 ଜହ୍ନ ପରି ମୁଖ
ଘଞ୍ଚ ଶାଳ ଅରଣ୍ୟ
 ତା କେଶ ଗୁଚ୍ଛ ।

ପୋଖରୀ ପଦ୍ମପରି ନୀଳ
 ରଙ୍ଗ ଦୁଇ ଆଖିର
ବାସୀ ପାଖୁଡ଼ା ପରି
 ବିନ୍ଦୁ ବିନ୍ଦୁ ଲୁହ ତାର ।

ସାତରଙ୍ଗେ ରଙ୍ଗା
 ଇନ୍ଦ୍ରଧନୁ ପରି ସ୍ୱପ୍ନ
ଭସା ମେଘ ପରା
 ତା ଅଭିମାନ ।

ଆକାଶ ପରି ସ୍ୱଚ୍ଛ
 ତାର ସତୀତ୍ୱ
ନାରୀର ଅନ୍ୟ ନାମ
 ଅଟେ ଅସ୍ତିତ୍ୱ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମତୃପ୍ତି



ଲକ୍ଷ୍ମଣ ମହାନ୍ତି

ମୁଁ ସହିଷ୍ଣୁତାର ଉଦାହରଣ ଟିଏ,

ନାଁ'ଟି ମୋର ବୃକ୍ଷ

ନା' ମୁଁ ଚାଲିପାରେ, ନା' ଦୌଡ଼ି ପାରେ

ଗୋଟିଏ ସ୍ଥାନରେ ରହି ଭରଣ କରେ ସଭିଙ୍କ ଅଭାବକୁ

ପୋଷଣ କରେ ସମଗ୍ର ଜଗତକୁ

ଆଉ ଆଖି ବୁଜି ସହିଯାଏ, ନିର୍ଦୟୀ ମାନବର କ୍ରୁରତାକୁ... ।।

ମୁଁ ବୈଶାଖର ଜ୍ୱାଳାରେ ଜଳି

ଶୀତଳ ଛାଇ ଦେଇଛି ପ୍ରାଣୀ ଜଗତକୁ,

ଶ୍ରାବଣର ବର୍ଷାରେ ଭିଜି

ଶ୍ୟାମଳ ଶସ୍ୟ ଦେଇଛି ମାନବ ସମାଜକୁ,

ମାଘର ହାଡଭଙ୍ଗା ଶିତକୁ ସହି

ହୀରକ-ହାର ପରି ମୋ ଦେହେ ସଜେଇଛି କାକର ବିନ୍ଦୁକୁ,

ଫଗୁଣର ମୃଦୁ ମଳୟରେ ନାଚି-ଝୁମି

ଲାବଣ୍ୟମୟୀ ପ୍ରକୃତି ପ୍ରେମରେ ଭିଜେଇ ଦେଇଛି

ସମଗ୍ର ଶୃଷ୍ଟିକୁ... ।

ମୋ ଜୀବନ ଥାଇ ମଧ୍ୟ ମୁଁ ନିର୍ଜୀବ,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଭୟରେ ମାନବ ସ୍ୱଚ୍ଛହସ୍ତେ ତୋଳିନିଏ

ମୋ ଦେହେ ଶୋଭା ପାଉଥିବା ଫଳ-ଫୁଲକୁ,

ତଥାପି ମୁଁ ସହିଯାଏ.....

କିନ୍ତୁ, ମୁଁ ସହି ପାରେନି,

ମାନବ ତା' ମୂଲ୍ୟହୀନ ଖୁସି ପାଇଁ

ଯେବେ ମୋ ଦେହରେ କୁରାଢି ଚୋଟ ପକାଏ,

ମୋ ଦେହକୁ ଖଣ୍ଡ ଖଣ୍ଡ କରି ବଜାରରେ ବିକ୍ରି କରେ,,,

ଜାଳେଣି କରି ଠେଲିଦିଏ ଚୁଲିର ଜ୍ୱଳନ୍ତ ଅଗ୍ନି ଭିତରକୁ,

ଆର୍ତ୍ତ-ଚିତ୍କାର କରି କାନ୍ଦୁଥାଏ ଜ୍ୱଳନ୍ତ ଅଗ୍ନିସିଖା ଭିତରେ...

କିନ୍ତୁ ମୋ କାନ୍ଦ କାହାକୁ ଶୁଭେନି,

ସମସ୍ତଙ୍କ ସ୍ୱାର୍ଥ ପୂରଣ କରୁ କରୁ ଶେଷରେ ମୁଁ ଭସ୍ମ ହୋଇଯାଏ...

କିନ୍ତୁ, ମୋତେ ଶାନ୍ତି ମିଳେ ମଶାଣି ଭୂଇଁରେ

ଯେବେ,

ମୁଁ ପ୍ରତିଶୋଧର ନିଆଁରେ ଜଳି ଜଳି ଜଳାଇ ଦିଏ ମାନବ ଶରୀରକୁ,

ଭସ୍ମ କରିଦିଏ ତା' ଗର୍ବ, ଅହଙ୍କାର ଏବଂ କ୍ରୁରପଣକୁ... ।

ନିଜେ ଜଳିଯାଏ ସିନା, ଆତ୍ମତୃପ୍ତି ପାଏ..... ।।

ସହକାରୀ ପ୍ରଧାନ ଶିକ୍ଷକ

(ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ, ବୀରମହାରାଜପୁର)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଲ୍ କଇଁ



ସତ୍ୟ ନାରାୟଣ ମିଶ୍ର

ଭୁଲ୍ ନାଇଁ ହଏ ତମକୁ ମୁଁଇ କହେଲି ଯଦି
ଲାଲ୍ କଇଁ ଟେ ,
କାଁ ଯେ ବଏଲେ ! !
ମୁଡର୍ ଠାନୁ ଗୋଡ଼ ପତେ ତ ଯହିଁ ଦେଖଲେ
ଲାଲେ ଲାଲ୍ ..
କଲା ମଚ୍ ମଚ୍ ମୁକୁଲା ବାଲେ
ସଜେଇଛ ଜେନ୍ ଗୁଲାବ୍ ଟେ ଭିଲ୍ କମାଲ୍ ।

ଶିଉଁତିଆ ଠାନେ ଦିଶେ ନି ଦିଶେ
ଲୁକେଇ କରି ଦେଇଛ ସିନ୍ଦୁର୍ ଧାରେ,
ରାଏସ୍ ଏଡ଼େ ଲାଲ୍ ଟିକିଲି କପାଲେ

ଭୁଜନି ନାକେ ଲାଲ୍ ଚୁଟକି ଚକ୍ ଚକ୍
ତାର୍ ତଲକେ ଚଂଡ଼ ଦୁଇଟା ହେନ୍ତା ବି ତ
ଲାଲ୍ କଇଁ
ଉପୁରେ ଫେର୍ ଲିପିଟିକ୍ ଲାଲ୍ ଝଲକ୍
କାନେ ଫେସନ୍ ଝୁଲେର୍ ଫୁଲର୍ ଚମକ୍ ।

ଟଟି ଲାଗିଛେ ସିନ୍ଦୁର ରଚେ
ଦେବୀ ଦେବା କେ ବିଶ୍ୱାସ ବୋଧେ ଯହ
ଲାଲ ସେଲୁଆର୍ ପଞ୍ଜାବୀ କେ ପିନ୍ଧା ଉଢ଼ା
ଲାଲ ପରୀ ଲେଖେ ହସୁଥିସ ଟହ ଟହ
ଲାଲ୍ କେ ଏତକି ସଉକି କେନ୍ତା କହ ? ?

ହାତେ ମାତ୍ରକ ପଟେ ଚୁରି ଯେ
ତାକେ ବି ତ ବାଛିଥିସ ଲାଲେ ଲାଲ୍
ନଖେ ନଖେ ଲାଲ୍ ପଲିସ୍ ଦେଖତ ଯେ
ପାଦେ କରୁଛେ ଅଲତା ଫୁନି ଦଗା ଲ୍ ,
ଲାଲେ ଲାଲେ ହେତେ ଯଦି ବୋବାଲ୍
କେଁ ଯେ ତମକେ ନାଇଁ କହେମି
ଲାଲ କଇଁ କି ଲାଲ୍ ସୁନ୍ଦୁରି
ଲାଲ ପରୀ କି ଲାଲପାନ୍ ବିବି ଲାଲେ ଲାଲ୍

ସିଂଧେକେଲା, ବଲାଙ୍ଗୀର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇ ଜୀବନ୍ ଥି



ଟୋନିସ୍
ରୋହିଦାସ୍

ଏକଲା ଜନମ ହେଇଛୁ ନାଇଁ ଆସି ସାଙ୍ଗେ ତୋର କେହି.... ! !
ଏକଲା ଅଛୁ ଏକଲା ଥିବୁ ନାଇଁ ରୁହନ ତୋର ସାଙ୍ଗେ କେହି.... ! !

କେତେ କେତେ ଦୁଃଖ ବିପଦ ଆସୁଛେ ଜୀବନ ଥି ଲାଗିଛେ ସବୁ ସହି... !
ମୁନୁଷ ଜୀବନ ପାଇଛୁ ସିନା ମାୟା ଦୁନିଆର୍ ଥି ରହି.... ! !

ହସୁଛୁ ସିନା ଉପରେ ଉପରେ ମନ ଅଛେ କେତେ ଦୁଖେ କିଏ ଆଉ ପାରବା ଯାନୀ... ! !
ଇ ଆଖି ଯାହା ଦେଖୁଛେ ସବୁ ମିଛର ଖେଳ,ଭଲ କାମ ଥି ଲଗା ମନ ସମୀୟା କେ ମାନି... ! !

ଦୁଃଖର ସୁଖର ଜୀବନ ପରେ ଗଢି ଦେଇଛେ ବିଧାତା.... !
ସୁଖର ବେଳେ ପାଖେ ପାଖେ ଦୁଃଖର ବେଳା ଥି ନାଇଁ ନ କେହି ମନେ ରଖିଥା....

କରମ ଫଟା ଇ ମୁନୁଷ ଜାତି ଦେଖାଇ ଦେଶୀ ତାର ରଙ୍ଗ... !
ଚାଲବାର ବାଟେ ଫୁଲ କଟା କେତେ ଯିବା ତୋର ପାଦେ ଗୁବି ନାଇଁ ଖୁଜବୁ ସଙ୍ଗ... ! !

ଜିତବାର ଅଛେ ଯଦି ଚାଲୁଥିବୁ ବାବୁ ପଛକେ ନାଇଁ ଦେଖୁବୁ ଲେହେଟି.. !
ବିଶ୍ୱାସ ଥି ବିଶ୍ ଦେଶନ ନିଜର ଲୋକ ଭି ଯାଏସି କପାଳ ଫାଟି... ! !

ଗାଁ-ପାମରା ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇଲେକ୍‌ସନ୍



ବିଶ୍ୱନାଥ ଭୁଏ

ବିଶୁ ଅଉ ଅଂଶୁ ଛୁଆଦିନର୍ ସାଂଗ୍ ଆନ୍ । ଛୁଆଦିନୁ ଦୁହିଟା ଯେହିଁଗଲେ ଯେନ୍'କେ ଗଲେ ସାଂଗେ ଆଏସନ୍ ଯାଏସନ୍ । ସକାଲୁ ବେଲ୍ ବୁଡ଼ାତକ୍ ସାଂଗେ ସାଂଗେ ସବୁବେଲେ ଥିସନ୍ । ଦୁହିଲୁକ୍' କୁ ଦେଖିକରି ଗାଁର୍ ଲୁକେ ଭି କହୁଥିସନ୍ - ବିଶୁ ଅଉ ଅଂଶୁ ଗୁଟେ ଆନ୍ । କାଠିକୁଠା କରି ଗଲେ, ଗାଧିଗୁଧା ଗଲେ, ପଢ଼ିପୁଢା ଗଲେ, ଖେଲିଖୁଲା ଗଲେ, ଯାତ୍ରା ଦେଖିଦୁଖା ଗଲେ, ଯେନ୍ କେ ଭି ଗଲେ ଦୁହିଲୁକ ସାଂଗେ ସାଂଗେ ସବୁବେଲେ ଥିସନ୍ । ବିଶୁ ଅଉ ଅଂଶୁ କେ ଅଠର ବଛର୍ ହେଇ ଯାଏସି । ଦୁହିଟା ତାକର୍ ଭୋଟ୍ ଫଟୁ ଭି ଏକାସାରି ବନାସନ୍ । ଇଲେକ୍'ସନ୍ ସମିଆଁ ଆଏସି । ବିଶୁର ଦାଦାଟେ ସରପଞ୍ଚ ଥି ଉଠିଥିସି ଅଉ ଅଂଶୁର କାକା ଟେ ସରପଞ୍ଚ ଥି ଉଠିଥିସି । ଇଆଡ଼େ ବିଶୁ ତାର୍ ଦାଦାର୍ ସାଂଗେ ଇଲେକ୍'ସନ୍ ପ୍ରଚାର୍ କରି ଲାଗ୍'ସି ଅଉ ସେଆଡ଼େ ଅଂଶୁ ତାର୍ କାକାର୍ ଲାଗି ଇଲେକ୍'ସନ୍ ପ୍ରଚାର୍ କରି ଲାଗ୍'ସି । ମହୋଲ୍ ଟା ଏନ୍ତା ଥିସି ଯେନ୍ତା ଦୁହି ପାର୍ଟି ଦୁଶ୍'ମନ୍ ଆନ୍ । ବିଶୁ କହୁଥିବା ତାର୍ ଦାଦା କେ - ଦାଦା, ଆମେ ପୁରାପୁରି ଜିତ୍'ମା । ଅଂଶୁ କହୁଥିବା ତାର୍ କାକା କେ - କାକା, ଆମେ ପୁରାପୁରି ଜିତ୍'ମା । ଏନ୍ତା ଦୁହିପାର୍ଟି ଭିତ୍'ରେ ପ୍ରଚାର୍ ସମିଆଁ କେ ହଁକା ବାଦି ଚାଲିଥିସି । ପରିସ୍ଥିତି ଏନ୍ତା ହେସି ଯେ ବିଶୁ ଅଉ ଅଂଶୁ ଦୁହେ ଦୁହିକୁ ରିସ୍'ମି କରାକୁରି ହେସନ୍ । ଆଘୋର୍ ମେତାଲ୍ ଦୁହିଲୁକ ସାଂଗ୍ ହେବାର୍ ତ ଦୂର୍ ଆଏ, କିହେ କାହାରିର୍ ସାଂଗେ କଥା ଭି ନେ ହନ୍ । ଇଲେକ୍'ସନ୍ ସର୍'ସି ଅଉ ଫଲାଫଲ୍ ଭି ଆଏସି । ଫଲାଫଲ୍ ଥି ବିଶୁର୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାଦା ପାଁଚ୍ ଟା ଭୋଟ୍ ଥି ଜିତ୍'ସି ଅଉ ଅଂଶୁର୍ କାକା ହାର୍'ସି । ଇଆଡ଼େ ବିଶୁ ଉଷତ୍ ଥି ନାଚୁଥିସି, ଅଂଶୁ ଇଆଡ଼େ ରିସ୍'ମି ହଉଥିସି । ଛୁଆ ଦିନର୍ ସେ ସାଂଗ୍ ମାନ୍'କୁ ଇ ଇଲେକ୍'ନ୍ ଟା ଆଏଜ୍ ଦୁଶ୍'ମନ୍ ବନେଇ ଦେଲା । ବିଶୁ ଅଉ ଅଂଶୁ ଭଲିଆ କେଥ୍'ନି କେତେ ଇଲେକ୍'ସନ୍ ଲାଗି ବଲି ଦୁଶ୍'ମନ୍ ହେଇ ଯଉଛନ୍ ଅଉ ଭୁଲିଯଉଛନ୍ ତାକର୍ ଭାବ୍ ଦିଆନିଆ ସଂପର୍କ କେ ।

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ - ୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାରମ୍ପରିକ ପର୍ବ - ରଜ



ପ୍ରହ୍ଲାଦ ସାହୁ

"ରଜ" ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ନାରୀଟିଏ ଯେମିତି ବୟସ ଅନୁସାର ଯୌବନରେ ପଦାର୍ପଣ କରି ଋତୁ ଚକ୍ରରେ ନିଜକୁ ପରିଷ୍ଫୁଟ ହେବାର ଦେଖେ ଧରିତ୍ରୀ ମାତା ମଧ୍ୟ ବର୍ଷାର ଆଗମନରେ ସେ ରଜସ୍ୱଳା ଅବା ଋତୁବତୀ ହୋଇଥାଏ ଏବଂ ନୂଆ ଶସ୍ୟ ଜନ୍ମ ଦେବାର ସାଙ୍କେତିକ ଭାବ ବହନ କରି ଭୂମଣ୍ଡଳକୁ ସବୁଜିମା କରିଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

ପର୍ବ ମାନଙ୍କ ମଧ୍ୟରୁ ଓଡ଼ିଶାର ରଜପର୍ବ ଏକ ସ୍ୱତନ୍ତ୍ର ଧରଣର ବିଶେଷ ପାରମ୍ପାରିକ ଏବଂ ସାଂସ୍କୃତିକ ଗଣପର୍ବ । ରଜର ଅବ୍ୟବହିତ ପୂର୍ବ ଦିନ ପାଣି ଅଣା ନାମରେ ନାମିତ । ଏହି ଦିନ କନ୍ୟାମାନେ ଏବଂ ଗୃହିଣୀମାନେ ମଧ୍ୟ ନିଜର ଆବଶ୍ୟକତା ଅନୁସାର ଚଳିବାପାଇଁ ପାଣି ସଂଗ୍ରହ କରି ନିଅନ୍ତି ଯେମିତି ରଜରେ ପାଣିର ଅଭାବ ନ ହେବ ଯାହା ଫଳରେ ସେମାନେ ମନଖୋଲି ପର୍ବଟିକୁ ଉପଭୋଗ କରିପାରିବେ । ଗାଆଁର ମୁଖ୍ୟ ସ୍ଥାନରେ କୂଅରୁ ପାଣି କଳସି, ମାଠିଆରେ ଭରି ନିଜ ଘରକୁ ନେଇ ଆସନ୍ତି । ପାଣିର ଅଭାବ ଯେମିତି କାହାରିଙ୍କୁ ନହୁଏ । ଏବେ ତ ଘରେ ଘରେ ନଳକୂଅ, ଆଉ ସେ ପୁରୁଣା କୂଅ ନାହିଁ କି ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଚଳଣି ନାହିଁ । କର୍ପୂର ଉଡିଯାଇଛି କେବଳ କନା ପଡି ରହିଛି ।

ଏହି ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ । ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ଅବା ଭୂମି ଦହନ । ଏବଂ ଚତୁର୍ଥ ତଥା ଅନ୍ତିମ ଦିନ ଭୂଇଁରଣ ଅଥବା ବସୁମତୀ ସ୍ନାନ ।

ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମାଆ ହୁଏ ରଜସ୍ୱଳା । ଆଷାଢ଼ର ପହିଲି ବର୍ଷାରେ ମାଟି ମାଆର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ମାଆ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମାଆକୁ ଏହି ରଜ ତିନିଦିନ ବିଶ୍ରାମ ଦିଆଯାଏ । ପହିଲି ରଜରୁ ଆରମ୍ଭ କରି ତିନିଦିନ ପର୍ଯ୍ୟନ୍ତ ଧରଣୀମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂଖନନ ବାରଣ କରାଯାଇ ଶେଷ ଦିନରେ ଭୂମିକୁ ପୂଜନ କରାଯାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଏବଂ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ ଏହି ରଜପର୍ବ ପାଳନ କରାଯାଏ ।

ରଜ ପର୍ବରେ ମୁଖ୍ୟ ଆକର୍ଷଣ ପୋଡ଼ ପିଠା ଓ ଖିଲି ପାନ ସହିତ ଝିଅମାନଙ୍କ ରଜ ଦୋଳି, ବୋହୁଚୋରି ଓ ପୁଚି ଖେଳ । ପୁଅମାନେ ଲୁଡୁ, ତାସ, ପଶା, ବାଗୁଡ଼ି, କ୍ରିକେଟ, କବାଡି ଆଦି ଖେଳି ଏହି ଦିବସ ଗୋଡିକୁ ବହୁତ ଆନନ୍ଦର ସହିତ ପାଳନ କରିଥାନ୍ତି । ଝିଅମାନେ ନୂଆ କପଡା ପିନ୍ଧି, ମୁହଁର ସ୍ନୋ ପାଉଡର ମାଖି, ପାଦରେ ଅଳତା ଲଗେଇ ଏବଂ ଖିଲିପାନ ଖଣ୍ଡିଏ ଖାଇ ଗାଆଁରୁ ଗାଆଁକୁ ବୁଲନ୍ତି । ଗାଆଁର ଛକ ଜାଗାରେ ବିଭିନ୍ନ ପ୍ରକାରର ଝୁଲା ଲଗାଯାଇଥାଏ । ଭଉଣୀମାନଙ୍କୁ ଝୁଲାରେ ବସେଇ ଭାଇମାନେ ଝୁଲାନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁମାରୀମାନଙ୍କ ପାଇଁ ରଜପର୍ବ ମଧ୍ୟ ତାଲିମ ପ୍ରଦାନକାରୀ ପର୍ବ ରୂପେ ମନାଯାଏ । ଏହି ରଜ ପର୍ବ ପାଳନ ଅବସରରେ ଜଣେ ନାରୀଭାବେ ଆଗାମୀ ଦିନରେ କିପରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନେ ଏହି ପର୍ବ ମାଧ୍ୟମରେ ଶିଖିଥାନ୍ତି । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚାଲି ଚଳଣି, ଆଚାର ବ୍ୟବହାର ପଦ୍ଧତିକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତା ପାଇଁ ସହାୟକ ହୋଇଥାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ ।

ଜ୍ୟେଷ୍ଠ ମାସର ଶେଷ ଦିନରୁ ଆଷାଢ ମାସ ଆରମ୍ଭ ଦୁଇ ଦିନ ପର୍ଯ୍ୟନ୍ତ ଏହି ରଜ ପର୍ବ ପାଳନ କରାଯାଏ । ରଜ ପର୍ବର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ହୋଇଥାଏ ଏବଂ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ପର୍ବ ଚାଷ କାମ ଆରମ୍ଭର ସୂଚକ ସଦୃଶ ଅଟେ । ଏହି ପର୍ବରେ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବସୁମତୀ ଏବଂ ହଳଲଙ୍ଗଳ ପୂଜନ କରିଥାନ୍ତି । ଏହି ତିନି ଦିନ ଯାକ ଚାଷୀ ଚାଷ କାମରୁ ବିରତି ନେଇଥାଏ । ମନରେ ଅନେକ ଆଶା ଓ ଧରିତ୍ରୀ ମାଆ ଉପରେ ଭରସା ରଖି ସେ ପୁଣି ଅଣ୍ଟା ବାନ୍ଧି ବାହାରିପଡେ ଏକ ନୂତନ ଆଶାର ଆଲୋକ ସନ୍ଧାନରେ । ଏବଂ ମାଟି ମାଆର ପୃଷ୍ଠଭୂମିକୁ କର୍ଷଣ, ଖନନ, ମଣ୍ଡନ, ରୋପଣ କରି ଅନେକ ଜାତିର ଫଳ ଶସ୍ୟ ଉତ୍ପନ୍ନ କରେ ।

ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନଦେଇ ଭୂମି କର୍ଷଣ ନକରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନକରି କୁମାରୀମାନେ ମଧ୍ୟ ବିଶ୍ରାମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରନ୍ତି । ଧରଣୀ ମାତାକୁ ଶସ୍ୟ ଶ୍ୟାମଳାପୂର୍ଣ୍ଣ ହେବା ପାଇଁ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ । ଠିକ ସେହିପରି ଝିଅ ବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ନିଜ ଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ ଏହି ପର୍ବର ଏକ ଆଭିମୁଖ୍ୟ ।

ପରମ୍ପରା ଅନୁସାରେ ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂମି ଉପରେ ଖାଲିପାଦରେ ଚାଲିନଥାନ୍ତି । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି । ଝିଅମାନେ ପତ୍ର ଏବଂ ଗୁଆ ଗଛର ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିଥାନ୍ତି । କୁମାରୀମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି । ରଜ ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ବ୍ୟସ୍ତ ରୁହନ୍ତି । ବିଭିନ୍ନ ପ୍ରକାରର ସୁସ୍ୱାଦ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ଏହି ଦିନ ପୋଡ଼ ପିଠା, ଚକୁଳି ପିଠା, ମଣ୍ଡା ପିଠା ଆଦି ବୋହୂ ମାନେ ଏବଂ ମାଆମାନେ ପ୍ରସ୍ତୁତ କରିଥାନ୍ତି ।

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ ପାଳିତ ହୋଇଥାଏ । ଏହା ବସୁଧା ମାତାଙ୍କ ଶୁଦ୍ଧ ସ୍ନାନ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ମାର୍ଗଶୀର ଶେଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ ।

ମାଆ, ବୋହୁମାନେ ବାଟ ଚଲା ରାସ୍ତାର ଭୂମିକୁ ଗୋବର ପାଣିରେ ଲିପି ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼େଇ ସିନ୍ଦୂର, କଜ୍ଜ୍ୱଳ ଦେଇ ଧରଣୀ ମାତାଙ୍କୁ ସଜେଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀରରେ ସ୍ନାନ କରାନ୍ତି । ଧୂପ, ଦୀପ ଚନ୍ଦନରେ ନୈବେଦ୍ୟ ଅର୍ପଣ କରି ପୂଜାପାଠ କରିଥାନ୍ତି । ପୂଜାପାଠ ସାରି ମାଆମାନେ ମନରେ ମନାସୀ ଆସନ୍ତି - ହେ, ଧରିତ୍ରୀ ମାଆ ଏ ବର୍ଷ ଉଚିତ ସମୟରେ ବାରିପାତ ହେଉ ଏବଂ ଜମିର ଉର୍ବରତା ଶକ୍ତି ବୃଦ୍ଧିହେଉ ଯାହାଫଳରେ ଚାଷୀ ଚାଷ ବାସ ସୁରୁଖୁରରେ କରିପାରିବ ଏବଂ ଯେମିତି କୌଣସି ଅକାଳ ଦୁର୍ବିପାକ ନ ପଡୁ ।

ଓଡ଼ିଶାର ପୁର ପଲ୍ଲୀରେ ଆନନ୍ଦ ଉଲ୍ଲାସ ତଥା ଆଧ୍ୟାତ୍ମିକ ଏବଂ ପାରମ୍ପରିକ ଭିତ୍ତିରେ ମୌଳିକ ଗଣପର୍ବ ରଜ ପାଳନ କରାଯାଇଥାଏ । ପ୍ରତ୍ୟେକ ଓଡିଆ ଊଣା ଅଧିକ ଏହି ପର୍ବ ସହିତ ସାମିଲ ହୋଇଥାନ୍ତି । ପ୍ରତ୍ୟକ୍ଷରେ ନହେଲେବି ପରୋକ୍ଷରେ ଦେଶ ବିଦେଶରେ ରହି ମଧ୍ୟ ଆମୋଦ ପ୍ରମୋଦରେ ସମୟ ଅତିବାହିତ କରିଥାନ୍ତି ।

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର
ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୨୮୬୪୭୨୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାଳୟା - ପିତୃପକ୍ଷ ଶ୍ରାଦ୍ଧ



ସାଇପ୍ରସାଦ ସାହୁ

ହିନ୍ଦୁ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧ କର୍ମ କରାଯାଏ । ସେ ସବୁ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ । ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଏହି ଶ୍ରାଦ୍ଧକୁ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ ବା ପାର୍ବଣ ଶ୍ରାଦ୍ଧ ବା ମଉଳା ଶ୍ରାଦ୍ଧ ମଧ୍ୟ କୁହାଯାଏ । ଏହି ପକ୍ଷର ଅମାବାସ୍ୟା "ମହାଳୟା ଅମାବାସ୍ୟା" ନାମରେ ଖ୍ୟାତ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହା "ପିତୃପର୍ବ" ନାମରେ ମଧ୍ୟ ପ୍ରଚଳିତ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ "ପିତୃପକ୍ଷ" ବା "ଅପର ପକ୍ଷ" କୁହାଯାଇଥାଏ । ଏହି ସମୟ ପିତୃ ଉପାସନାର ପ୍ରକୃଷ୍ଟ ସମୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ବିଶ୍ୱାସ ରହିଛି ଯେ, ପିତୃ ଲୋକମାନେ କୁଟୁମ୍ବ ମାନଙ୍କଠାରୁ ପାଣି ଓ ଖାଦ୍ୟ ଗ୍ରହଣ କରିବା ପାଇଁ ଏହି ସମୟରେ ମର୍ତ୍ତ୍ୟଲୋକକୁ ଆଗମନ କରନ୍ତି । ଏବଂ ସେମାନଙ୍କର ବାସସ୍ଥାନକୁ ଆସି ପୁତ୍ର ପୌତ୍ରାଦିଙ୍କୁ ଦେଖି ଉଲ୍ଲସିତ ହେବା ସହ ଆଶୀର୍ବାଦ ଦେଇଥାନ୍ତି । ଏହା ବ୍ୟତୀତ ଉତ୍ତରୋତ୍ତର ଉନ୍ନତି କାମନା ମଧ୍ୟ କରିଥାନ୍ତି । ଦୀପଦାନ ଶ୍ରାଦ୍ଧ (କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ) ପର୍ଯ୍ୟନ୍ତ ଅବସ୍ଥାନ କରି ଫେରିଯାଆନ୍ତି ।

ତିଳ ଓ ଜଳଦ୍ୱାରା କିମ୍ବା କେବଳ ଜଳଦ୍ୱାରା ପିତୃ ଲୋକମାନଙ୍କର ତୃପ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଧାନ କରାଯାଏ । ମନ୍ତ୍ରବଳରେ ଜଳର ଓ ଅନ୍ୟ ଦ୍ରବ୍ୟର ପରିମାଣ ପିତୃମାନେ ଯେଉଁ ଅବସ୍ଥାରେ ଥିଲେ ମଧ୍ୟ ତାଙ୍କୁ ପ୍ରାପ୍ତି ହୋଇଥାଏ । ଶରୀର ନାଶ ହେଲେ ମଧ୍ୟ ଆତ୍ମା ଅବିନାଶୀ; ସେ ଯେକୌଣସି ଶରୀରର ଆଶ୍ରୟ ନିଏ । ରାଶି ଓ କୁଶ ଏକତ୍ର କରି ତର୍ପଣ କଲେ, ତାହା ଅମୃତତୁଲ୍ୟ ହୋଇ ପିତୃମାନଙ୍କୁ ପ୍ରାପ୍ତି ହୁଏ ଓ ତିଳ ମିଶ୍ରିତ କରି ଯିଏ ତିନି ଥର ଜଳାଞ୍ଜଳି ଅର୍ପଣ କରନ୍ତି ତାଙ୍କର କୃତ ପାପ ନାଶ ହୋଇଥାଏ ।

ପର୍ବ ସାଧାରଣତଃ ଦୁଇ ପ୍ରକାରର; ପିତୃ ପର୍ବ ଓ ଦେବ ପର୍ବ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପର୍ବ ଦେବପର୍ବ ହୋଇଥିବା ସ୍ଥଳେ ପିତୃଗଣଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଦାନ, ଉତ୍ସର୍ଗ ଏବଂ ଶ୍ରାଦ୍ଧକୁ ପିତୃପର୍ବ ରୂପେ ଗ୍ରହଣ କରାଯାଇଛି । ଶ୍ରାଦ୍ଧ ଶବ୍ଦଟି ଶ୍ରଦ୍ଧାରୁ ହିଁ ଉତ୍ପତ୍ତି । ଏହାର ଅର୍ଥ ଶ୍ରେୟକୁ ଧାରଣ କରିବା । ( ଶ୍ରୀ + ଅତ୍ = ଶ୍ରତ୍, ଶ୍ରତ୍ + ଧା = ଶ୍ରଦ୍ଧା, ଶ୍ରଦ୍ଧା + ଅ = ଶ୍ରାଦ୍ଧ) । ଏହି ଶ୍ରଦ୍ଧା ଓ ବିଶ୍ୱାସ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇପାରେ । ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ ।

ହିନ୍ଦୁ ଧର୍ମୀୟ ପରମ୍ପରାରେ ଏହା ଏକ ସର୍ବମାନ୍ୟ ଧାର୍ମିକ ରୀତି । କହିବା ବାହୁଲ୍ୟ ଯେ ପରଲୋକଗତ ପିତୃପୁରୁଷଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ ମହାଳୟା ଶ୍ରାଦ୍ଧ । ତାଙ୍କର ଶାନ୍ତି ପାଇଁ ଶ୍ରାଦ୍ଧ ଓ ତର୍ପଣ କରାଯାଏ । ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ, ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଅପ୍ୟାୟିତ କରାଯାଏ । ଏଭଳି ଦେଖିଲେ ହିନ୍ଦୁଧର୍ମ, ସଂସ୍କୃତିରେ ପିତୃପକ୍ଷ, ବିଶେଷ କରି ମହାଳୟା ତିଥି ହେଉଛି ପୂର୍ବପୁରୁଷଙ୍କ ସ୍ମରଣର ଦିନ । ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପିତୃଲୋକ ନିବାସୀଙ୍କ ତୃପ୍ତି ନିମନ୍ତେ ଶ୍ରାଦ୍ଧ ଓ ତର୍ପଣାଦି କର୍ମ ସମ୍ପାଦନ କଲେ ସେମାନେ ଆତ୍ମସନ୍ତୋଷ ଲାଭ କରି ପୁତ୍ର ପୌତ୍ରାଦିଙ୍କୁ ଆଶୀର୍ବାଦ ପୂର୍ବକ ପିତୃଲୋକକୁ ନିର୍ଦ୍ଧିଷ୍ଟ ସମୟରେ ଫେରିଯାଇ ଥାଆନ୍ତି । ଶ୍ରାଦ୍ଧର ମହତ୍ତ୍ୱ ସଂପର୍କରେ ପ୍ରାୟତଃ ଅଷ୍ଟାଦଶ ପୁରାଣରେ ବର୍ଣ୍ଣନା ହୋଇଥିବାର ଦେଖିବାକୁ ମିଳେ । ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନକୁ ପିତୃ ବିସର୍ଜନୀ ଅମାବାସ୍ୟା ମଧ୍ୟ କୁହାଯାଏ । ଯେଉଁ ମାନେ ପ୍ରତିପଦାଠାରୁ ଶ୍ରାଦ୍ଧ ବିସର୍ଜନ କରିପାରିନାହାନ୍ତି ସେମାନେ ନିଶ୍ଚିତ ଏହି ଦିନ ଶ୍ରାଦ୍ଧ କରିବା ବିଧେୟ । ଏହି ପିତୃପକ୍ଷ ଶ୍ରାଦ୍ଧ ଷୋହଳ ଦିନ ପର୍ଯ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଇଥାଏ । ଚଳିତ ବର୍ଷ ପିତୃପକ୍ଷ ସେପ୍ଟେମ୍ବର ମାସ ୧୦ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୫ ତାରିଖରେ ଶେଷ ହେବ । ଏହି ଅବଧି ମଧ୍ୟରେ ବହୁ ସଂଖ୍ୟାରେ ଲୋକ ମନ୍ଦିରରେ ହେଉ କିମ୍ବା ବରଗଛ ମୂଳେ ଅଥବା ନଦୀ କୂଳରେ ପହଞ୍ଚି ପିତୃପୁରୁଷଙ୍କ ଶ୍ରାଦ୍ଧ ପାଳନ କରିଥାନ୍ତି । ପିତୃତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟରୂପେ କଳ୍ପିତ କରାଯାଏ ।

ମହାଳୟା ତିଥିରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭୁବନଠାରେ "ଦଶହରା ବଳଦ ଯାତ୍ରା"ର ଆରମ୍ଭ ହୋଇଥାଏ । ଏହି ଦିନ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ "ଧବଳମୁଖୀ ବେଶ" ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ବର୍ଷ ତମାମ ମାଁ ସିନ୍ଦୁର ଚର୍ଚ୍ଚିତା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଥିବାବେଳେ ମହାଳୟା ଦିନ ଧବଳମୁଖୀ ବେଶରେ ଚନ୍ଦନ ଚର୍ଚ୍ଚିତା ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ଯେଉଁମାନେ ମହାଳୟା ଦିନ ଗଙ୍ଗାରେ ପିତୃପୁରୁଷଙ୍କ ତିଳତର୍ପଣ କରିବାରୁ ବଞ୍ଚିତ ହୋଇଥାନ୍ତି, ସେମାନେ ମହାନଦୀରେ ତିଳତର୍ପଣ କରି ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ମାଁ ଙ୍କର ଏହି ବେଶକୁ ଗଙ୍ଗା ବେଶ ମଧ୍ୟ କୁହାଯାଇଥାଏ । ଦେବୀଙ୍କ ଏହି ବିରଳ ଓ ସ୍ୱତନ୍ତ୍ର ବେଶ ଦର୍ଶନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳେ ।

ଶ୍ରାଦ୍ଧକର୍ମରେ ଅନ୍ତରର ଶ୍ରଦ୍ଧା ହେଉଛି ମୁଖ୍ୟ । ଅନ୍ତରର ଶ୍ରଦ୍ଧା ନଥାଇ କୌଣସି କାର୍ଯ୍ୟ ଫଳଦାୟକ ହୁଏ ନାହିଁ । ଜଣେ ଗୃହସ୍ଥ ପକ୍ଷରେ ବର୍ଷକ ମଧ୍ୟରେ ଚାରିଗୋଟି ଶ୍ରାଦ୍ଧ ସ୍ୱତନ୍ତ୍ର ଭାବେ କରିବାର ବ୍ୟବସ୍ଥା ଅଛି, ଯଥା: ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ଦୀପଦାନ ବା ପୟାଶ୍ରାଦ୍ଧ । ଶ୍ରାଦ୍ଧରେ ପ୍ରକୃତି ସଂରକ୍ଷଣ ରହିଅଛି । ଅନ୍ୟ ପକ୍ଷୀଙ୍କ ତୁଳନାରେ କାଉକୁ ନିମ୍ନ ମନେ କରାଯାଏ । କାଉ ଏବଂ ଅଶ୍ୱତଥ୍ ଗଛରେ ପିତୃପୁରୁଷଙ୍କୁ ତୃପ୍ତ କରାଯାଏ । ଶ୍ରାଦ୍ଧ ପିତୃପୁରୁଷଙ୍କ ପ୍ରତି ଆମ ଶ୍ରଦ୍ଧାର ପ୍ରତୀକ । ଯଦି ଆମେ ପରଲୋକରେ ଥିବା ପୂର୍ବଜମାନଙ୍କ ପ୍ରତି ଏତେ ଶ୍ରଦ୍ଧା ବ୍ୟକ୍ତ କରୁଛୁ, ତା' ହେଲେ ଜୀବି ବୟସ୍କ ପିତାମାତା, ଜେଜେବାପା, ଜେଜେମାଆ, ଅଜା, ଆଇ, ଆଦି ଅନେକ ଶ୍ରଦ୍ଧାର ପାତ୍ର । ଜୀବିତ ଅବସ୍ଥାରେ ସେମାନେ ଆମର ଶ୍ରଦ୍ଧାର ଅଭାବରେ ଯନ୍ତ୍ରଣା ପାଇବା ଏବଂ ମୃତ୍ୟୁ ପରେ ସେମାନଙ୍କ ପାଇଁ ଶ୍ରାଦ୍ଧ ଅର୍ପଣ କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ ଶ୍ରଦ୍ଧା ସବୁ ବୟସ୍କଙ୍କ ପ୍ରତି ରହିବା ଆବଶ୍ୟକ, ସେ ଜୀବିତ ହୁଅନ୍ତୁ ବା ମୃତ । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ଗୃହସ୍ଥ ଦୀର୍ଘାୟୁ ହୋଇଥାନ୍ତି । ପୁତ୍ର ପୌତ୍ରାଦିଙ୍କ ଲାଭ ସହ ଯଶ, କୀର୍ତ୍ତି, ଧନଧାନ୍ୟ ପ୍ରାପ୍ତ ହୋଇଥାଏ । ଏହାର ଗୁରୁତ୍ୱ ଅନୁଭବ କରି ସ୍ୱଚ୍ଛ ହୃଦୟରେ ପବିତ୍ରଭାବ ନେଇ ଶ୍ରାଦ୍ଧ ସମ୍ପନ୍ନ କରିବା ବିଧେୟ ।

ଲକ୍ଷ୍ମୀନାରାୟଣ ପଡା,ରାଧା ରମଣ ମେଟାଲ୍ ,
ସିନ୍ଧେକେଲା, ବଲାଙ୍ଗୀର (୭୬୭୦୩୫)
ଦୂରଭାଷ - ୯୯୩୭୦୩୪୭୫୨
ଇ-ମେଲ୍ :-saiprasadsahu867@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅହଂକୁ ଅତିକ୍ରମ



ଡଃ ଆର୍ଯ୍ୟକୁମାରୀ
ପ୍ରଜ୍ଞା ପାରମିତା

ମଣିଷ ଜନ୍ମ ଯୁଗ ଯୁଗ ତପସ୍ୟାର ଫଳ । ଜନ୍ମମୃତ୍ୟୁ ଅନବରତ ଲାଗି ରହିଥାଏ । ପୂର୍ବଜନ୍ମର ଘଟଣା ସତେ ଯେମିତି ଏ ଜନ୍ମକୁ ଖିନ୍‌ଭିନ୍ କରିଦିଏ । କାହିଁକି ? ଏ ଜନ୍ମ ସୁନ୍ଦର ଯଦି, ଯନ୍ତ୍ରଣା କାହିଁକି ସୁନ୍ଦର ଲାଗୁନି । କେବଳ ସମସ୍ତେ କାହିଁକି ଖୁସି, ସୁଖ, ସଂପଦ, ଐଶ୍ୱର୍ଯ୍ୟ ପଛରେ ଦୌଡ଼ୁଛନ୍ତି । ମଣିଷ ପାଖରେ କ'ଣ ସ୍ନେହ ନାହିଁ ? ପ୍ରେମର ଅଭାବ ରହୁଛି କେଉଁଠୁ ? ଭୁଲ୍ ବୁଝାମଣା ଏକ ଛୋଟିଆ ଶବ୍ଦ ଯାହା ସବୁ ସଂପର୍କର ସେତୁକୁ ଭାଙ୍ଗି କୂଳଲଂଘନ କରି ଚାଲିଯାଏ । ଯନ୍ତ୍ରଣାରୂପକ ସମୁଦ୍ରକୁ ଲଂଘନ କାହିଁକି କରି ହୁଏନି । ଜୀବନଟାକୁ ଜାଣିଲା ବେଳକୁ ସତେ ଯେମିତି ଜୀବନ ସବୁ ଜାଣି ସାରିଛି । ସମ୍ଭାବନାହୀନ ଭାବନାର ଚୌହଦୀ ମଧ୍ୟରୁ ଅଭିମନ୍ୟୁର ଚକ୍ରବ୍ୟୂହ ଭଳି ବାହାରି ଆସି ହେଉନି । ମୁଁ ଓ ମୋ ଶରୀର ଅବସନ୍ନ, କ୍ଳାନ୍ତ ନା'... ଆଉ ଚାଲି ହେଉନି । କେତେଦୂର ଏତେବଡ଼ ବୋଝକୁ ଧରି ପଥ ଅତିକ୍ରମ କରିବି । ମରୁମରୀଚିକା ମଧ୍ୟରେ ଯନ୍ତ୍ରଣାଦଗ୍ଧ ପଦଯୁଗଳ ଭାରାକ୍ରାନ୍ତ ହୋଇଗଲାଣି । ଚତୁର୍ଦ୍ଦିଗ ଅନ୍ଧକାରମୟ । ପଥିକ ଭଳି ଚାଲିବାଟା ଖାଲି ଲେଖା ହୋଇଛି ଭାଗ୍ୟରେ । ଅବସନ୍ନ ମନ ମଧ୍ୟରେ ସବୁ ଯେମିତି ଝାପ୍ସା ଝାପ୍ସା ଲାଗେ । ଦଲକାଏ ପବନ ହଠାତ୍ ମାଡ଼ି ଆସେ ଶରୀରର ପ୍ରତିଟି ପ୍ରଶିରାକୁ ଛୁଇଁଦେଇ ଚାଲିଯାଏ । ଜନ୍ମ ଜନ୍ମାନ୍ତରର ଦୁଃଖ ମୋଚନ ହେଲାଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନଟା ଯେମିତି ଟିକିଏ ହାଲ୍କା ଲାଗେ । କିଛିକ୍ଷଣ ବିରତି ପରେ ଦେଖେ ସୂର୍ଯ୍ୟାସ୍ତ ସମୟର ବେଳ ଗୋଧୂଳିରେ ପରିପୂର୍ଣ୍ଣ ଦାଣ୍ଡସାରା ଧୂଳି । ଅନବରତ ଘାଣ୍ଟି ହେଉଥାଏ ମନରେ ଥିବା ପ୍ରହେଳିକା । ଶତଚେଷ୍ଟା ପରେ ମଧ୍ୟ ତାହାର କୌଣସି ସମାଧାନ ନାହିଁ । ମଣିଷ ମନ ଏତେ ଶୀଘ୍ର ଚିନ୍ତା କରିପାରେନା କିଛି ସମୟ ଦରକାର । ସେଇ କିଛି ସମୟ ବେଳେବେଳେ ମାସ ମାସ ହୋଇଯାଏ । ସମୟ ଚାଲିଯାଏ । ଘା' ବି କିଛି ଉପସମ ହୋଇଥାଏ । କିନ୍ତୁ ସମସ୍ୟାର ଗିରିଶୃଙ୍ଗଟି ମନର ଶୀର୍ଷରେ ବସା ବାନ୍ଧି ଦେଇଥାଏ । ଅଚଳାୟତନ ଭଳି ଦୋଦୁଲ୍ୟମାନ ଭାବନାରେ ଭବିଷ୍ୟତର ଚିନ୍ତା ମନଟାକୁ ଓଜନିଆ କରିଦିଏ ।

ମୋର ଯନ୍ତ୍ରଣା ଆଜି କାଲିର ନୁହଁ । ସେଇଦିନରୁ ମୋ ସଙ୍ଗେ ରହି ଆସିଛି ଯେଉଁଦିନ ବିନା କିଛି ଦୋଷରେ ରାମଚନ୍ଦ୍ର ଚଉଦବର୍ଷ ବନବାସ ଗଲେ । ବିନା କିଛି ପାପରେ ମାତା ସୀତା ଗୃହତ୍ୟାଗୀ ହେଲେ । କାରଣ ନଥାଇ ରାଧା ଶ୍ରୀକୃଷ୍ଣଙ୍କ ବିରହରେ ଚିରଦିନ ବିରହିଣୀ ହୋଇ ରହିଗଲେ । ସାମାନ୍ୟ ଖୁସିର ଆଶା ପାଇଁ ଦଶରଥ ପୁତ୍ର ସ୍ନେହରୁ ବଞ୍ଚିତ ହୋଇ ଝୁରି ଝୁରି ମରିଗଲେ । ସମାଜର ଚାରିକାନ୍ଥକୁ ଉଲଂଘନ କରିବା ମୋ ପକ୍ଷେ ଯନ୍ତ୍ରଣାଦାୟକ । କରିବି କ'ଣ ଏହି ସମସ୍ୟାରୁ କେତେ ଦୂରକୁ ଦୌଡ଼ିଯିବି । ଫେରିବାର ବାଟ ପାଇବି ତ ନା ପୁଣି ପାଇ ହରେଇବା ଦୁଃଖ ରୂପକ ଏକାକୀତ୍ୱ ପଛେ ଦୌଡ଼ି ଚାଲିଥିବି । ଅସହାୟତା ମଧ୍ୟରେ ମନରୂପକ ଧାବମାନ ଘୋଡ଼ା ଘାସ ଚରିବାକୁ ମନ ବଳାଏ କିନ୍ତୁ ସେ ଯେ ଖାଏନି ଏ କଥା ବି ବେଳେବେଳେ ଘାଣ୍ଟି ହୁଏ । ପାଇ ନ ପାଇବା ଭଳି ଗ୍ଲାନିରେ ମନଟା ମ୍ରିୟମାଣ ହୋଇଯାଏ ।

ମୋ ଦ୍ୱାରା ଭୁଲ ତ ବହୁତ ହୋଇଛି । ମୁଁ କ'ଣ ପାପୀ ଦଣ୍ଡ ପାଇବା ଯୋଗ୍ୟ ? କେତେ ଭୁଲକୁ ହିସାବ କରିବି । ଗଣିପାରିବି ତ ? ତା' ମୂଲ୍ୟ କାହିଁକି ଦେବି ? ମୁଁ କ'ଣ ମନ୍ଦ ଚାହେଁ ନା ମୋ ଦ୍ୱାରା ପାପ ହେବା ହିଁ ଏକମାତ୍ର କାମ୍ୟ । ସମସ୍ତଙ୍କ ଜୀବନରେ ମୁଁ ଏକ ଯନ୍ତ୍ରଣା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେହି କିଛି କହନ୍ତିନି । ସ୍ନେହ ବି ଗୋଟିଏ ଏମିତି ଜିନିଷ; ସଂପର୍କ ବି ଗୋଟିଏ ଏମିତି ସୂତାର ଖିଅ ଚାହିଁଲେ ମଧ୍ୟ ଦୂରେଇ ହୁଏନି କି ବୁଝେଇ ହୁଏନି । କ'ଣ ବା କରିବ ? ସମସ୍ତେ ଭାରି ବୁଝିବାର, ଜାଣିବାର, ଭଲମନ୍ଦର ବିଚାର କରିପାରନ୍ତି । ମୁଁ ଯେ ଏତେ ଅବୁଝା ବନ୍ଧ ବାଡ଼ ନ ମାନିଲା ଭଳି ଲୁହଟାଏ ଗଡ଼େଇ ଦିଏ । ମୁର୍ଖ ଦୋଷ ଯାଇନି ପାଠ ପଢ଼ିଲେ କ'ଣ ସମସ୍ତେ ଜ୍ଞାନୀ ହୋଇଯାନ୍ତି, ସେମିତି  ତ ଲେଖା ହୋଇନି କୌଣସି ଗ୍ରନ୍ଥରେ । ବୋଧେ ରହିଯାଇଛି ଏତେ ବହି ଭିତରେ ପଢ଼ି ପାରିନି ଛାଡ଼ି ଦେଇଛି । ଭବିଷ୍ୟତର ନୂତନ ସୂର୍ଯ୍ୟାଲୋକ ପାଇଁ ତିନିପ୍ରହର ସମୟକୁ ଅତିକ୍ରମ କରିଚାଲିଛି ।

ମନର କାଚଘରଟିଏ ତିଆରି କରିଥିଲି ବହୁତ ପିଲାବେଳେ କିନ୍ତୁ ଚତୁର୍ଦ୍ଦିଗରୁ ସଭ୍ୟତାର କରୁଣ ଯନ୍ତ୍ରଣା ଦାଗ ଲଗେଇ ଦେଲା ଯାହାଫଳରେ କାଚ ଥିବା ଯୋଗୁଁ ଫାଟ ସୃଷ୍ଟି ହୋଇଯାଇଛି ମାଟି ହୋଇଥିଲେ କିଛିଟା ସଜାଡ଼ିବାର ପ୍ରୟାସ କରିଥାନ୍ତି କିନ୍ତୁ ମୋର କାଚର ଆସ୍ତରଣଟା ସତେ ଯେମିତି ତିଆରି ହେବା ପାଇଁ ହିଁ ଚାହେନି । ନିହାତି ଅଯୋଗ୍ୟ ଘର ନୁହେଁ କି କାଚ ନୁହେଁ 'ମୁଁ' । ପାର୍ଥିବ ସୁଖ ପଛରେ ପଡ଼ିଛି ନା ତେଣୁ ଶୂନ୍ୟତାକୁ ଉପଲବ୍ଧି କରିବା ପରେ ଶୂନ୍ୟସ୍ଥାନଟିଏ ହୋଇ ରହିଯିବା ପାଇଁ ଇଚ୍ଛା ହେଉଛି । ବିଭକ୍ତିସତ୍ତାର ସ୍ଥିତି ସତେ ଯେମିତି ଅତିକ୍ରମ କରି ଚାଲିଛି ସମୟ ଓ ବୟସକୁ । ସମୟ ସାଥ ଦେଉନି ଏପଟେ ବୟସ ବୋଲ ମାନୁନି । ସବୁ ରାସ୍ତା ଧିରେ ଧିରେ ବନ୍ଦ ହୋଇଗଲାଣି । ଖୋଲିବାର ପ୍ରୟାସ ଖାଲି ବୃଥା ଛଡ଼ା ଅନ୍ୟ କିଛି ନୁହେଁ । ସଞ୍ଜ ସକାଳେ ଖାଲି ଏକ ଭ୍ରମ । ଅନ୍ତର୍ଦ୍ୱନ୍ଦ୍ୱରେ ଦୌଡ଼ି ଚାଲିଛି ପଛକୁ ଫେରିବାର ପ୍ରୟାସ କରୁନି । ଝରାପତ୍ରର ଯୌବନଟା ସମୟ ରୂପକ ବୈଦ୍ୟ ପାଖରେ ସତେ ଯେମିତି ହସଟାକୁ ପ୍ଲାଷ୍ଟିକ୍ ସର୍ଜରୀ କରିବାର ପ୍ରୟାସରେ ଆଗୁସାର । ଶୁଖିଲା ମୁଖର ପ୍ଲାଷ୍ଟିକ୍ ହସରେ ସମୟ ଅତିକ୍ରମ କରିଚାଲିଛି ସମସ୍ତଙ୍କ ଦୃଷ୍ଟି ଆଢୁଆଳରୁ ବଞ୍ଚି ଚାଲିଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଷ୍ପାପ ଶୈଶବ କେତେବେଳେ ଅତିକ୍ରମ କରି ଅପନ୍ତରା ଯୌବନରେ ପଦାର୍ପଣ କରିଛି ସବୁ ଯେମିତି ଅଙ୍କ ପାଲଟି ଯାଇଛି । ଗ୍ରାମରୁ ସହର, ମନରୁ ହୃଦୟ, ଆତ୍ମାରୁ ପରମାତ୍ମା । ଏକ ଦୀର୍ଘ ପଥ ଆଲୁଅ ଓ ଅନ୍ଧାରର ଲୁଚକାଳି ମଧ୍ୟରେ ଏକ ରହସ୍ୟ ଭଳି କିଛି ବ୍ୟକ୍ତି ସତ୍ତାର ସଂସ୍ପର୍ଶ ଲାଭ କରିଛି । ଖଟାମିଠା ସ୍ୱାଦର ପାଣିଚିଆ ଆନନ୍ଦ ନେଇ ଆଗକୁ ମାଡ଼ି ଚାଲିଛି । ସମୟଟା ଫଟୋଗ୍ରାଫର୍ ଭଳି ସ୍ମୃତିକୁ ସାଉଁଟିବାରେ ବ୍ୟସ୍ତ ହୋଇଯାଇଛି । ସେ ମଧ୍ୟରେ ଜୀବନ ତରୀଟି ମୋର କୂଳରେ ଉପନୀତ କିନ୍ତୁ ଭାଗ୍ୟର ବିଡ଼ମ୍ବନା କାତଟିକୁ ଜୀବନ ଲହଡ଼ି ଚୋରି କରି ନେଇଛି । ସମ୍ଭାବନାହୀନ ଅସ୍ତିତ୍ୱକୁ ଚିନ୍ତା କରି ଚେତନା ଆଜି ଅବଚେତନ ସ୍ତରକୁ ଉନ୍ନୀତ ହୋଇଛି ମାତ୍ର ଖିଆଲି ମନଟାକୁ ସଂପୂର୍ଣ୍ଣ ଭାବେ ଭାରାକ୍ରାନ୍ତ କରି ସ୍ନାୟୁଗୁଡ଼ିକ ନିସ୍ତେଜ ହେବାରେ ଲାଗିଲେଣି । ନିମିଷକ ଖୁସିର ଆଶା ନେଇ ଶରୀର ସ୍ଥଗିତ ହୋଇପାରେନା ତେଣୁ ଜୁଆରିଆ ସାଗର କୂଳରେ ବିନା କାତ ଥିବା ତରୀଟିକୁ ଛାଡ଼ିବାକୁ ବାଧ୍ୟ ହେଉଛି । ପ୍ରାଣର ଚରମ ପିପାସାକୁ ନୀଳକଣ୍ଠ ଭଳି ଧାରଣ କରି ରୁଦ୍ର ଚରଣାଶ୍ରୟୀ ହେବାର ଆଶାରେ ଘନକୃଷ୍ଣ ଆକାଶର ବେଦନାର ଶିଉଳି ମଧ୍ୟରେ ସତ୍ତାକୁ ଲୀନ କରିବାର ପ୍ରୟାସ ଜାରି ରଖିଛି । ଗୋଠହଜା ଗାଈ ଭଳି ଧରଣୀର କୋମଳ ବୁକୁରେ ଲୋତକ ପଖାଳି ସମୟକୁ ଆହ୍ୱାନ କରୁଛି କିଛିକ୍ଷଣ ବିରତି ପାଇଁ ସବୁ ଯେମିତି ଅଭ୍ୟାସରେ ପରିଣତ ହୋଇଗଲାଣି ।

ବିରତି...

ଅଧ୍ୟାପିକା, କେଶପୁର କଲେଜ

ଦୂରାଭାଷ: ୯୭୭୮୧୮୧୮୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନମସ୍କାର



ପଙ୍କଜ କୁମାର ପାଣିଗ୍ରାହୀ

ଏକ ସମ୍ମାନ ଯାହା ଉଭୟଙ୍କ ମର୍ଯ୍ୟାଦା ବୃଦ୍ଧି କରିବା ସହିତ କିଛି ସାମାଜିକ ମାନ୍ୟତାର ନିଦର୍ଶନ କରିଥାଏ ।

ହେଲେ ସମ୍ମାନର ଉପଯୁକ୍ତତା ଉପରେ ଆଧାରିତ ବିଷଦ୍‌ଜ୍ଞାନ ରହିତ ଦାତା, ଗ୍ରହିତାଙ୍କ ସମ୍ବନ୍ଧିତ ସଂକେତ ଦର୍ଶକଙ୍କୁ କେଉଁ ବାର୍ତ୍ତା ପ୍ରଦାନ କରିଥାଏ ଏବଂ ଉଭୟଙ୍କ ମଧ୍ୟରେ ରହିଥିବା

ମନୋଭାବ ବିଶ୍ଳେଷଣ କରିବା ଏକ ଜଟିଳ ବିଷୟ ଆଜି ସମୟର ! ନମସ୍କାର ଆଜି ସମୟର ଏକ ବାହ୍ୟ ସମ୍ମାନ ଆଭ୍ୟନ୍ତରୀଣ ତାତ୍ପର୍ଯ୍ୟର ପରିଭାଷାରେ ପରିଣତ ହୋଇଥିବା ଅନୁଭବ ହୁଏ ଆମର !

ସାଧାରଣତଃ ନିଜ ଠାରୁ ବୟୋଜ୍ୟେଷ୍ଠ କିମ୍ବା ସାମାଜିକ ଉଚ୍ଚସ୍ଥାନିତ ବ୍ୟକ୍ତିଙ୍କୁ ଅଭିନନ୍ଦନରେ ଆମେ ନମସ୍କାର କରିଥାଉ । ଏହା ଆମର ଏକ ସାମାଜିକ ଶୈଖିକତା ତଥା ନିଜସ୍ୱ ଚେତନା ଜ୍ଞାନରୁ ଉଦ୍ଧୃତ । ବାଲ୍ୟକାଳରୁ ବଡଙ୍କୁ ସମ୍ମାନ ସାନକୁ ଆଦର କରିବା ଶିକ୍ଷା ମିଳିଥାଏ ଆମ ସମାଜରୁ । ସାମାଜିକ ସମ୍ମାନର ପ୍ରାଥମିକ ପରିଭାଷା ଭାବେ ନମସ୍କାର ସର୍ବଜନ ଗ୍ରହୀତ । ନମସ୍କାର ବ୍ୟତୀତ ଆହୁରି ଅନେକ ସମ୍ମାନର ପରିଭାଷା ବ୍ୟବହୃତ ହୋଇଥାଏ ଭାରତୀୟ ସଂସ୍କାରରେ ଯାହା ସବୁ ଆମେ ସମସ୍ତେ ଜାଣୁ । ହେଲେ ପ୍ରାଥମିକ ସ୍ତରର ସମ୍ମାନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନମସ୍କାରକୁ ଆମେ କେମିତି ବ୍ୟବହାର କରୁଛୁ ଏବଂ ତାହାର ସାମାଜିକ ଗ୍ରହଣୀୟତା ଉପରେ ଆଲୋଚନା କଲେ ହୁଏତ ଅନ୍ୟାନ୍ୟ ସମ୍ମାନସ୍ବଦ ସମ୍ବୋଧନ ଗୁଡିକର ପରିଭାଷାକୁ ଆମେ ସହଜରେ ବୁଝି ପାରିବା ବୋଲି ଆମର ଅନୁମାନ । ଉପସ୍ଥିତ ସମୟର ଭାରତୀୟ ମନୋଭାବରେ ନମସ୍କାରକୁ ସ୍ଥଳ ବିଶେଷକୁ ନେଇ କେମିତି ବ୍ୟବହାର କରାଯାଉଅଛି ଏବଂ ତାହାର ମାନବିକ ଚେତନାର ସାନ୍ଦ୍ରତା କେତେ ବିଚାରକୁ ନେଲେ ବୁଝିହେବ......

ନମସ୍କାର କରି ସମ୍ମୁଖସ୍ଥ ବ୍ୟକ୍ତିଙ୍କୁ ସମ୍ମାନିତ କରିବା ସହିତ ନିଜର ମର୍ଯ୍ୟାଦା ବୃଦ୍ଧି କରାଯିବା ଲକ୍ଷ୍ୟ ରଖି ପ୍ରଦାନ କରାଯାଉଥିବା ସମ୍ମାନର ପ୍ରକାର ଭେଦ ଗୁଡିକୁ ବିଶ୍ଳେଷଣ କରି ଦେଖିଲେ ଜାଣିହେବ ଯେ ଆମେ କେତେପ୍ରକାର ନମସ୍କାର କରିଥାଉ ଏବଂ ସେଗୁଡିକର ସାଙ୍କେତିକ ଅର୍ଥ କ'ଣ ନିଦର୍ଶନ କରିଥାଏ........

ସ୍ଥଳ ବିଶେଷକୁ ନେଇ ସମ୍ମାନ ପ୍ରଦର୍ଶନ କରିବା ଅନିବାର୍ଯ୍ୟ ହୋଇଥିଲେ ମଧ୍ୟ ନମସ୍କାର କରିବା ବାଧ୍ୟତା ନାହିଁ ଭାରତୀୟ ସାମ୍ବିଧାନିକ ନିୟାମକ ମଧ୍ୟରେ ! ଆମେ କିନ୍ତୁ ସାମାଜିକ ଶୈଖିକତା ଜନିତ ନମସ୍କାର କରିଥାଉ କେତେକ ସାମାଜିକ କ୍ଷେତ୍ରରେ । ନମସ୍କାର କରିବାର ପ୍ରକାର ଭେଦ ଗୁଡିକ ମଧ୍ୟରୁ..... ଆନ୍ତରିକ ଆଗ୍ରହ ତଥା ପ୍ରେମରୁ ଜାଗ୍ରତ ସମ୍ମାନ ଜନିତ ନମସ୍କାର, ଅନାଗ୍ରହ ଥାଇ ବାଧ୍ୟବାଧକତା ମଧ୍ୟରେ ନମସ୍କାର, ଦେଖାଣିଆ ଭାବରେ ନମସ୍କାର, ହାସ୍ୟାସ୍ପଦ ନମସ୍କାର ଏମିତିକି କ୍ରୋଧାନ୍ୱିତ ନମସ୍କାରର ପରିଭାଷା ମଧ୍ୟ ଦେଖିବାକୁ ମିଳିଥାଏ କେତେକ କ୍ଷେତ୍ରରେ ଯାହା ସବୁ ସ୍ଥଳ ବିଶେଷକୁ ନେଇ ପ୍ରଦର୍ଶିତ କରାଯାଇଥାଏ । କେତେକ କ୍ଷେତ୍ରରେ ନମସ୍କାର ମାଗିବା ତଥା ଆତ୍ମସମ୍ମାନ ବୃଦ୍ଧିକରିବା ଲକ୍ଷ୍ୟ ରଖି ସମ୍ମୁଖସ୍ଥ ବ୍ୟକ୍ତିଙ୍କୁ ବିଭିନ୍ନ କଠୋର ମନ୍ତବ୍ୟ ଦିଆଯିବା ନମୁନା ମଧ୍ୟ ଦେଖିବାକୁ ମିଳେ ଅନେକ ସମୟରେ ! ନମସ୍କାର କରିବା ଲୋକଟି ନିଜଠାରୁ ଛୋଟ ବୋଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚାରକୁ ଆଣୁଥିବା ଗ୍ରହୀତା ପ୍ରାୟତଃ ୯୯ ପାରି ଦେଖିବାକୁ ମିଳିବେ ଆଜିର ସାମାଜିକ କ୍ଷେତ୍ରରେ । ହେଲେ ବାସ୍ତବିକ ନମସ୍କାରର ଉପଯୁକ୍ତତା ଉପରେ ଆଧାରିତ ଗ୍ରହଣୀୟତାର ପରିଭାଷା ବୁଝିବା ବ୍ୟକ୍ତିତ୍ୱ ଯଥେଷ୍ଟ କମ୍ ଦେଖିବାକୁ ମିଳନ୍ତି ଆଜି ସମୟରେ ! ନମସ୍କାର ମାଧ୍ୟମରେ ସମ୍ମାନ ଦେବା ଏବଂ ଗ୍ରହଣ କରିବା ଏକ ବ୍ୟାପ୍ତ ଜଟିଳ ବିଷୟ ଯାହା ଉପରେ ବିଷଦ୍ଜ୍ଞାନ ନାହିଁ କାହାର । ଅନେକ ସମୟରେ ନମସ୍କାର ଗ୍ରହୀତାଙ୍କ ଗ୍ରହଣୀୟତା ଉପରେ ବିଶ୍ଳେଷଣ କରି ଦେଖିଲେ ଜାଣିହେବ ଯେ ନମସ୍କାର କରୁଥିବା ବ୍ୟକ୍ତିଙ୍କୁ ଗ୍ରହୀତା ସତେ ଯେମିତି ନିଜର କିଣା ଚାକର ଭଳି ଅନୁଭବ କରିଥା'ନ୍ତି ଅଥବା ନିଜଠାରୁ ନୀଚ ସ୍ତରରେ ରହିଥିବା ହେତୁ ଅତ୍ୟନ୍ତ କ୍ଷୀଣ ନଜରରେ ଦେଖିଥା'ନ୍ତି ଦାତାଙ୍କୁ ଯାହାର ପ୍ରତ୍ୟୁତ୍ତର ଏକ ଗାମ୍ଭିର୍ଯ୍ୟ ସ୍ୱରରେ ମିଳୁଥିବା ବେଳେ ଆହୁରି ଅନେକ ସମୟରେ ଆଦୌ ପ୍ରତ୍ୟୁତ୍ତର ମିଳିବାର କୌଣସି ସମ୍ଭାବନା ରହିନଥାଏ ! ଏହି ସମୟର ଗ୍ରହୀତା ନିଜକୁ ଜଣେ କାହିଁ ଉର୍ଦ୍ଧ୍ୱର ଦେବତା ତୁଲ୍ୟ ମଣିଷ ଭଳି ଅନୁଭବ କରିଥା'ନ୍ତି ସମ୍ମୁଖସ୍ଥ ଦାତାଙ୍କ ଆଗରେ ! କି'ନ୍ତୁ ସେହି ଲୋକଟି ନିଜଠାରୁ ଉର୍ଦ୍ଧରେ ଥିବା ମଣିଷଙ୍କ ପାଖରେ ଅତ୍ୟନ୍ତ ନୀଚ ଭାବରେ ନମସ୍କାର ପ୍ରଦାନ କରୁଥିବା ମଧ୍ୟ କୌଣସି ଆଶ୍ଚର୍ଯ୍ୟ ବିଷୟ ନୁହେଁ ଆଜି ସମୟରେ । ହେଲେ ସାଧାରଣରେ ମଣିଷ ନିଜର ମାନବୀୟ ଚେତନାକୁ ସଂସ୍କୃତ ନକରି ଏହିଭଳି ଅମାନବୀୟ ଚରିତ୍ର ପ୍ରବାହ କରିବାର ମୂଳ ମନ୍ତ୍ର କ'ଣ ଆଲୋଚନା କରିବା......

କଥାରେ ଅଛି ଦରିଦ୍ର ଯେବେ ଧନ ପାଏ ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ନିଧନ ବ୍ୟକ୍ତି କୌଣସି ସୂତ୍ର/ସୁଯୋଗରୁ ଅତ୍ୟଧିକ ଧନ ପ୍ରାପ୍ତି ହେଲେ ତାହା ସେ ନିଜ ପ୍ରାଣ ଠାରୁ ମଧ୍ୟ ଅତ୍ୟଧିକ ମୂଲ୍ୟାୟନ କରିଥାଏ ଏବଂ ସେହି ଧନକୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଇ ତାହାର ରକ୍ଷଣାବେକ୍ଷଣ କରିଥାଏ । ଠିକ୍ ସେହିଭଳି ଆଜି ସମୟରେ ସାମାଜିକ କ୍ଷେତ୍ରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ସୂତ୍ର/ସୁଯୋଗରୁ କ୍ଷୀଣ ମନା ମଣିଷଟିଏ ଉଚ୍ଚାସୀନ ହେଲେ ନିମ୍ନସ୍ଥ ଲୋକଙ୍କୁ ଅତ୍ୟନ୍ତ ହୀନ ନଜରରେ ଦେଖି ନିଜର ସମ୍ମାନ ଜ୍ଞାନ ବହିର୍ଭୁତ ବ୍ୟବହାର କରୁଥିବା ହେତୁ ସମ୍ମାନ ଦାତାଙ୍କୁ ସେମାନେ ହୀନ ନଜରରେ ଦେଖି ସେମାନଙ୍କ ଦ୍ୱାରା ପ୍ରଦତ୍ତ ସମ୍ମାନର ପ୍ରତ୍ୟୁତ୍ତର ପ୍ରଦାନ କରିବାରେ କୁଣ୍ଠାବୋଧ କରିଥା'ନ୍ତି । ସେମାନେ କୌଣସି ପ୍ରକାର ସାମାଜିକ ସମ୍ମାନର ଉପଯୁକ୍ତ ଅଂଶୀଦାର ହୋଇନଥିବା ବେଳେ କୃତ୍ରିମ ସାମାଜିକ ପ୍ରହେଳିକା କାରଣରୁ ସେମାନଙ୍କୁ ଦିଆଯାଉଥିବା ସାମାଜିକ ସମ୍ମାନର କୌଣସି ମୂଲ୍ୟାୟନ ନଥାଏ ସେମାନଙ୍କ ପାଖରେ । ସେହିଭଳି ମଣିଷ ପ୍ରାୟତଃ ସମସ୍ତେ ଦେଖିବାକୁ ମିଳନ୍ତି ଆଜି ସମୟରେ ଆମ ସମାଜରେ । ନିମ୍ନରେ ରହିଥବା ମଣିଷ ଉଚ୍ଚସ୍ଥାନିତ ବ୍ୟକ୍ତିଙ୍କୁ ନମସ୍କାର କରି ସମ୍ମାନ ଜଣାଇବା ସେମାନଙ୍କ ଏକ ଅଧିକାର ବୋଲି ଭାବନ୍ତି ସେମାନେ । ତେଣୁ ନିମ୍ନସ୍ଥ ବ୍ୟକ୍ତି କୌଣସି କାରଣରୁ ନମସ୍କାର ନକଲେ ଉପରିସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଦଣ୍ଡିତ ହେଉଥିବା ନମୁନା ମଧ୍ୟ କିଛି କମ୍ ଦେଖିବାକୁ ମିଳିବ ନାହିଁ ଅନୁଧ୍ୟାନ କଲେ । ଏହିଭଳି ଅନେକ ବିଷୟ ଉପରେ ଆଧାରିତ ନମସ୍କାର ଜନିତ ସମ୍ମାନର ବିଷଦ୍ ବ୍ୟାଖ୍ୟା କଲେ ନମସ୍କାର ଭଳି ଏକ ସାମାଜିକ ସମ୍ମାନସ୍ୱଦ ବିଷୟ ଗଭୀର ହୀନ ସ୍ତରରେ ପହଁଚିଥିବା ଏକ ମର୍ମାହତ ସାମାଜିକ ପରିସ୍ଥିତି ଆଜି ସମୟର ଯାହା ଉପରେ କାହାର ନଜର ନାହିଁ କି ସମୀକ୍ଷା, ସଂସ୍କାର ନାହିଁ !

ନମସ୍କାର କରୁଥିବା ମଣିଷଟି ଯେ କେବଳ ଗ୍ରହୀତାଙ୍କ ଠାରୁ ନିଶ୍ଚିତ ଛୋଟ ବୋଲି ଭାବିବା ଅସଚେତନ ଜ୍ଞାନ ଅନ୍ତର୍ଭୁକ୍ତ । ଅନେକ ସମୟରେ ଯଥେଷ୍ଟ କ୍ଷମତା ତଥା ମାନବିକ ବିଚାରଶୀଳ ମଣିଷଟିଏ କୌଣସି ସାମାଜିକ କାରଣରୁ ଅନ୍ୟକୁ ନମସ୍କାର କରିବାକୁ ପଡିଥାଏ ଯାହା ଗ୍ରହୀତା ମୌଳିକ ଭାବେ ଗ୍ରହଣ କରିବା ବିଧେୟ । କିନ୍ତୁ ଆଜି ତାହାର ବିପରୀତମୁଖୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଚାରଧାରା ହେତୁ ସାମାଜିକ ବ୍ୟତିକ୍ରମ ଦେଖିବାକୁ ମିଳେ ଅନେକ କ୍ଷେତ୍ରରେ । ଅର୍ଥାତ ନମସ୍କାର କରୁଥିବା ମଣିଷଟିକୁ ନିଶ୍ଚିତ ଆନ୍ତରିକ ଶ୍ରଦ୍ଧାର ସହିତ ଗ୍ରହଣ କରାଯିବା ଏବଂ ଶ୍ରଦ୍ଧାର ସହିତ ପ୍ରତି ସମ୍ମାନ ପ୍ରଦାନ କରାଯିବା ମାନବିକତାର ଚରମ ଶୀର୍ଷକ୍ଷେତ୍ର ଯାହା କେହି କରୁନାହାନ୍ତି । ସାମାଜିକ କ୍ଷେତ୍ରରେ ଉଚ୍ଚସ୍ଥାନିତ ହେବା ଏବଂ ମାନବିକ ଚେତନରେ ଅଭିଷିକ୍ତ ହୋଇ ସମାଜରେ ପ୍ରେମ ଆବଣ୍ଟନ କରିବା ମଧ୍ୟରେ ପାର୍ଥକ୍ୟ ଯଥେଷ୍ଟ ଅଧିକ । ତେଣୁ ନିଜର ସାମାଜିକ ସ୍ଥାନ ବ୍ୟତୀତ ମାନବୀୟ ଚରିତ୍ରକୁ ଚରିତାର୍ଥ କରି ସାମାଜିକ ସମ୍ମାନରେ ସମଭୂଷିତ ହେବା ଲକ୍ଷ୍ୟ ରଖିଥିବା ମଣିଷଙ୍କ ଚେତନା ଭିନ୍ନ ଦିଗରେ ଦେଖିବାକୁ ମିଳିବ ।

ନମସ୍କାରକୁ ଆନ୍ତରିକ ଶ୍ରଦ୍ଧାର ସହିତ ଗ୍ରହଣ କଲେ ହୁଏତ ଗ୍ରହୀତାଙ୍କ ସାମାଜିକ ପରିଚିତି ବୃଦ୍ଧି ପାଇବାର ସମ୍ଭାବନା ଯଥେଷ୍ଟ ଅଧିକ । ତେଣୁ ସାଧାରଣରେ ନମସ୍କାର କରି ସମ୍ମାନ ଦେଉଥିବା ସମ୍ମୁଖସ୍ଥ ମଣିଷଟିକୁ ଆନ୍ତରିକ ଶ୍ରଦ୍ଧାର ସହିତ ପ୍ରତି ସମ୍ମାନ ପ୍ରଦାନ କଲେ ଯେ ଗ୍ରହୀତାଙ୍କ ସମ୍ମାନ ଯଥେଷ୍ଟ ଗୁଣିତ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ । ନମସ୍କାର ଗ୍ରହୀତାଙ୍କଠାରୁ ଦାତାଙ୍କ ମାନବିକତାର ପରିଚୟ ଅଧିକ ମିଳୁଥିବା ବେଳେ ଦାତାଙ୍କ ସମ୍ମାନ ଯଥେଷ୍ଟ ବୃଦ୍ଧି ପାଇଥାଏ ସ୍ଥଳ ବିଶେଷକୁ ନେଇ । ସାଧାରଣରେ ସମ୍ମୁଖସ୍ଥ ବ୍ୟକ୍ତିଙ୍କୁ ଆମେ ନମସ୍କାର କରିବା ଦ୍ୱାରା ନିଜର ଚେତନା ଜ୍ଞାନ ସହିତ ସାମାଜିକ ସମ୍ମାନ ଯଥେଷ୍ଟ ବୃଦ୍ଧି ପାଇଥାଏ । ତେଣୁ ସାମାଜିକ ସମ୍ମାନର ପ୍ରାଥମିକ ପରିଭାଷା ନମସ୍କାରକୁ ପ୍ରାଧାନ୍ୟତା ଦେଇ ନିଜର ସାମାଜିକ ସମ୍ମାନ ବୃଦ୍ଧି କରିବା ଲକ୍ଷ୍ୟ ରଖି ସମ୍ମୁଖସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ନମସ୍କାର ସହିତ ଆନ୍ତରିକ ସମ୍ମାନ ପ୍ରଦାନ କରିବା ଜଣେ ମାନବୀୟ ଚରିତ୍ରଯୁକ୍ତ ମଣିଷର ସର୍ବାଦୌ କର୍ତବ୍ୟ ହୋଇଥାଏ । ସମ୍ମାନ ଦେଲେ ସମ୍ମାନ ପାଇବା ଏବଂ ସେହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମାନରେ ନିଜର ଚରିତ୍ର ସୁଧାରି ନିଜକୁ ସମାଜରେ ଜଣେ ଉତ୍ତମ ମଣିଷର ପରିଚୟ ସୃଷ୍ଟି କରିବା ପ୍ରତ୍ୟେକ ମଣିଷର ଭାବାନ୍ତର୍ଭୂକ୍ତ ହେବା ବିଧେୟ । ବିଶ୍ଳେଷିତ ତଥ୍ୟଟି କିଂଚିତ ମାତ୍ର, ଯାହାର ସବିସ୍ତୃତ ବ୍ୟାଖ୍ୟା କେବଳ ଆଲୋଚନା ଏବଂ କର୍ମଶାଳା ମାଧ୍ୟମରେ ଗୁଣାତ୍ମକ ହୋଇ ପାରିବ । ତେଣୁ ଆମକୁ ସାମାଜିକ ଚରିତ୍ର ଗୁଡିକ ଉପରେ ଜ୍ଞାନ ଆହରଣ କରିବା ପାଇଁ ଏକତ୍ରିତ ହୋଇ ସମ୍ମିଳନୀ କରାଗଲେ ମଣିଷ ସଂସ୍କୃତ ହୋଇ ପାରିବ ବୋଲି ଆମ ବି·ରରେ ଆପଣଙ୍କ ବିଚାରଶୀଳ ମନ୍ତବ୍ୟ ପ୍ରଦାନ କରିବେ ବୋଲି ଆଶା........ !

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାତିର ଜନକ ବାପୁଜୀ



ଶାନ୍ତିଲତା ସାହୁ

୧୯୬୯ ମସିହା ଅକ୍ଟୋବର ୨ ତାରିଖରେ ମୋହନଦାସ କରମଚାନ୍ଦ ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ୧୮୮୨ ମସିହାରେ କସ୍ତୁରବା କପାଡିଆଙ୍କ ସହ ବାଲ୍ୟ-ବିବାହ ହୋଇଥିଲା । ୧୮୮୭ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସେହିବର୍ଷ ବଡ଼ପୁଅ ହୀରାଲାଲଙ୍କ ଜନ୍ମ ହୋଇଥିଲା । ୧୮୮୮ ମସିହାରେ ଗାନ୍ଧିଜୀ ବାରଷ୍ଟରି ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରା କଲେ । ୧୮୯୧ ମସିହାରେ ବାରିଷ୍ଟର ଯୋଗ୍ୟତା ପ୍ରାପ୍ତ ହେଲେ । ୧୮୯୨ ମସିହାରେ ରାଜକୋଟ ଓ ବମ୍ବେରେ ଆଇନ ବ୍ୟବସାୟ ଆରମ୍ଭ କଲେ ଏବଂ ଦ୍ୱିତୀୟ ପୁତ୍ର ମଣିଲାଲଙ୍କ ଜନ୍ମ ହେଲା । ୧୮୯୩ ମସିହାରେ ଦକ୍ଷିଣ ଆଫ୍ରିକା ଯାତ୍ରା କଲେ ଏବଂ ସେଠାରେ ବର୍ଣ୍ଣବୈଷମ୍ୟ ଓ ଭେଦଭାବର ପ୍ରତ୍ୟକ୍ଷ ଅନୁଭୂତି ହାସଲ କଲେ । ୧୮୯୪ ମସିହାରେ ନାଟାଲ ଇଣ୍ଡିଆନ କଂଗ୍ରେସ ଗଠନ କଲେ । ୧୮୯୬ ମସିହାରେ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିଲେ ଏବଂ ଲୋକମାନ୍ୟ ବାଲ ଗଙ୍ଗାଧର ତିଲକ ଓ ଗୋପାଳକୃଷ୍ଣ ଗୋଖଲେଙ୍କ ସହ ସଂପର୍କ ସ୍ଥାପନ କଲେ ଓ ପୁନଶ୍ଚ ଦକ୍ଷିଣ ଆଫ୍ରିକା ଫେରିଗଲେ । ୧୮୯୭ରେ ତୃତୀୟପୁତ୍ର ରାମ ଦାସଙ୍କ ଜନ୍ମ ହେଲା । ୧୮୯୯ରେ ବୋଅର ଯୁଦ୍ଧ ସମୟରେ ଆମ୍ବୁଲାନ୍‌ସ ବାହିନୀ ମାଧ୍ୟମରେ ସେବାକଲେ । ୧୯୦୦ ମସିହାରେ ଚତୁର୍ଥପୁତ୍ର ଦେବଦାସଙ୍କ ଜନ୍ମହେଲା । ୧୯୦୧ ମସିହାରେ ଭାରତ ଫେରି କଲିକତା କଂଗ୍ରେସ ଅଧିବେଶନରେ ଅଂଶଗ୍ରହଣ କଲେ । ୧୯୦୩ ମସିହାରେ ଦକ୍ଷିଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଫ୍ରିକାର ଟ୍ରାନ୍ସ-ବାହାଲରେ ବ୍ରିଟିଶ ଇଣ୍ଡିଆ ଆସୋସିଏସନ ଗଠନ କଲେ ଏବଂ ଇଣ୍ଡିଆନ ଓପିନିଅନ ପତ୍ରିକା ପ୍ରକାଶ କଲେ । ୧୯୦୪ ମସିହାରେ ଫୋନିକ୍ସ ଆଶ୍ରମ ପ୍ରତିଷ୍ଠା କଲେ । ୧୯୦୭ ମସିହାରେ କଳା ଆଇନ ବିରୋଧରେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ କଲେ । ୧୯୦୮ ମସିହାରେ ଭାରତୀୟ ପ୍ରତିନିଧି ଦଳରେ ପୁଣି ଇଂଲଣ୍ଡ ଯାତ୍ରା କଲେ । ୧୯୦୯ ମସିହାରେ ରସ୍କିନ୍ ଙ୍କ 'ଅନ ଟୁ ଦି ଲାଷ୍ଟ' ଆଧାରରେ 'ହିନ୍ଦ୍ ସ୍ୱରାଜ' ପୁସ୍ତକ ରଚନା କରିଥିଲେ । ୧୯୧୦ ମସିହାରେ ଜୋହାନସବର୍ଗରେ ଟଲଷ୍ଟୟ ଫାର୍ମ ପ୍ରତିଷ୍ଠା କରିଥିଲେ । ୧୯୧୩ ମସିହାରେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ କରି ଗିରଫ ହେଲେ । କସ୍ତୁରବାଙ୍କ ସମେତ ବହୁ ମହିଳା ସତ୍ୟାଗ୍ରହୀଙ୍କୁ କାରାବାସ ହେଲା । ଗାନ୍ଧିଜୀ ସାତଦିନ ଅନଶନ କଲେ ଏବଂ ସାଢ଼େ ଚାରିମାସ ପାଇଁ ବେଳାଏ ଖାଦ୍ୟ ଗ୍ରହଣ କରିବାକୁ ଘୋଷଣା କଲେ । ୧୯୧୪ ମସିହାରେ ଚଉଦଦିନିଆ ଉପବାସ କରି ସତ୍ୟାଗ୍ରହର ସଫଳତା ପାଇଲେ । ପୁନର୍ବାର ଇଂଲଣ୍ଡ ଯାତ୍ରା କଲେ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜନ ଆମ୍ବୁଲାନସରେ ଯୋଗଦେଇ ସେବାକାର୍ଯ୍ୟ କଲେ । ୧୯୧୫ ମସିହାରେ ଦକ୍ଷିଣ ଆଫ୍ରିକାରୁ ଫେରି ଜାନୁୟାରୀ ୯ ତାରିଖରେ ବମ୍ବେରେ ପହଞ୍ଚିଲେ । ଭାରତ ପ୍ରତ୍ୟାବର୍ତ୍ତନ ପରେ କାଇଜର-ଇ-ହିନ୍ଦ ସମ୍ମାନ ପ୍ରାପ୍ତିକଲେ ।

ଗୋଖଲେଙ୍କ ପରାମର୍ଶକ୍ରମେ ଭାରତ ଦର୍ଶନ ଯାତ୍ରା କଲେ ଓ ଶାନ୍ତିନିକେତନ ଗସ୍ତ କଲେ । ଗୁଜରାଟର କୋରେବଠାରେ ସତ୍ୟାଗ୍ରହ ଆଶ୍ରମ ଆରମ୍ଭ କଲେ । ଏହି ଆଶ୍ରମ ପରେ ସାବରମତୀକୁ ସ୍ଥାନାନ୍ତରିତ ହେଲା । ଗାନ୍ଧିଜୀ ହେଲେ ଗୁଜୁରାଟୀ ମହାସଭାର ଉପସଭାପତି । ୧୯୧୬ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଐତିହାସିକ ଭାଷଣ ଦେଲେ । ୧୯୧୯ ମସିହା ଏପ୍ରିଲ ୧୩ ତାରିଖରେ ଜାଲିଆନାୱାଲାବାଗ ନରସଂହାର ହେଲା । ସେହିବର୍ଷ ତାଙ୍କ ସଂପାଦନାରେ 'Young India' ଓ ନବଜୀବନ ପତ୍ରିକା ପ୍ରକାଶିତ ହେଲା । ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ କଲେ । ଏହି ପତ୍ରିକାରେ ପ୍ରକାଶିତ ୪ଟି ଲେଖା ପାଇଁ ତାଙ୍କ ବିରୋଧରେ ଦେଶଦ୍ରୋହ ମୋକଦ୍ଦମା ହେଲା ଏବଂ ଏଥିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାନ୍ଧିଜୀ ୬ବର୍ଷ କାରାଦଣ୍ଡ ଭୋଗକଲେ । ବନ୍ଦୀଥିବା ସମୟରେ ୧୯୨୪ ମସିହାରେ ତାଙ୍କର ଆପେଣ୍ଡିସାଇଟିସ୍ ରୋଗର ଅସ୍ତ୍ରୋପଚାର ହେଲା ।

୧୯୨୫ ମସିହାରେ ଚରଖା ସଂଘ ଗଠନ କଲେ ଓ ଖଦୀର ପୁନରୁଦ୍ଧାର ପାଇଁ ଦେଶବ୍ୟାପୀ ଗ୍ରସ୍ତ କଲେ । ୧୯୨୯ ମସିହାରେ ଗାନ୍ଧିଜୀଙ୍କ ଦ୍ୱାରା ପୂର୍ଣ୍ଣସ୍ୱରାଜ ସଂକଳ୍ପପତ୍ର ପ୍ରସ୍ତୁତ ହେଲା । ୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ଅବସରରେ ଲବଣ ସତ୍ୟାଗ୍ରହ ପାଇଁ ଦାଣ୍ଡି ଅଭିଯାନ ଆରମ୍ଭ କଲେ । ୧୯୩୨ ମସିହାରେ ହରିଜନ ସେବକ ସଂଘର ପ୍ରତିଷ୍ଠା କରିଥିଲେ । ୧୯୩୩ ମସିହାରେ ହରିଜନ ପତ୍ରିକା ଆରମ୍ଭ କଲେ ଏବଂ ସାବରମତୀ ଆଶ୍ରମକୁ ହରିଜନ ସେବକ ସଂଘ ହାତରେ ସମର୍ପଣ କଲେ । ଅସ୍ପୃଶ୍ୟତା ନିବାରଣ ପାଇଁ ଦେଶବ୍ୟାପୀ ହରିଜନ ଯାତ୍ରା ଆରମ୍ଭ କଲେ । ୧୯୩୬ ମସିହାରେ ଓ୍ୱାର୍ଦ୍ଧା ସେବାଗ୍ରାମ ଆଶ୍ରମ ପ୍ରତିଷ୍ଠା କଲେ । ୧୯୩୯ ମସିହାରେ ବିଶ୍ୱଶାନ୍ତି ପାଇଁ ଅହିଂସା ନୀତିରେ ଚାଲିବାକୁ ଆଡଲଫ ହିଟଲର୍ ଙ୍କୁ ପତ୍ର ଲେଖିଲେ୍ । ୧୯୪୦ ମସିହାରେ ବମ୍ବେ କଂଗ୍ରେସ ଅଧିବେଶନରେ ଭାରତଛାଡ ଆନ୍ଦୋଳନ ଘୋଷଣା କଲେ । ଏହି ଅବସରରେ ଦେଶବ୍ୟାପୀ ବହୁ ନେତା ଓ କର୍ମୀ ଗିରଫ ହେଲେ । ୧୯୪୪ ଫେବୃୟାରୀ ୨୨ରେ ଆଗା ଖାଁ ପ୍ୟାଲେସ କ୍ୟାମ୍ପ ଜେଲରେ କସ୍ତୁରବାଙ୍କ ଦେହାନ୍ତ ହେଲା ଓ ସେହି ପରିସରରେ ଗାନ୍ଧିଜୀଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର ହେଲା ।

୧୯୪୭ ମସିହା ଅଗଷ୍ଟ ୧୪ରେ ପାକିସ୍ଥାନର ଜନ୍ମ ଓ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ପ୍ରାପ୍ତି ହେଲା । ୧୯୪୮ ମସିହା ଜାନୁଯାରୀ ୩୦ ତାରିଖ ଅପରାହ୍ଣ ୫ଟା ୧୭ ମିନିଟରେ ନୂଆଦିଲ୍ଲୀର ବିରଳାଭବନ ପ୍ରାଙ୍ଗଣରେ ପ୍ରାର୍ଥନାସଭାକୁ ଆସିବା ବାଟରେ ଆତତାୟୀର ୩ଟି ଗୁଳିଚୋଟରେ 'ହେ ରାମ' କହି ସବୁଦିନ ପାଇଁ ଟଳି ପଡ଼ିଲେ । ୩୧ ଜାନୁୟାରୀରେ ଯମୁନାନଦୀକୂଳରେ ପୁତ୍ର ରାମ ଦାସଙ୍କ ଦ୍ୱାରା ଶେଷକୃତ୍ୟ ସମାପନ ହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉତ୍କଳମଣୀ



ଇଂ ହରେକୃଷ୍ଣ ଦେବ ସାହୁ

ପଣ୍ଡିତ ଗୋପବନ୍ଧୁ ଦାଶ ଉତ୍କଳମଣି (ଉତ୍କଳର ଜୁଏଲ୍) ଭାବରେ ଜଣାଶୁଣା । ସେ ଜଣେ ଲେଖକ, କବି, ପ୍ରାବନ୍ଧିକ, ସାମାଜିକକର୍ମୀ, ସଂସ୍କାରକ, ରାଜନେତା ଏବଂ ସାମ୍ବାଦିକ ଥିଲେ । ଉତ୍କଳର ଜୁଏଲ୍, ଉତ୍କଳମଣି ପଣ୍ଡିତ ଗୋପାବନ୍ଧୁ ଦାସ, ଗରୀବ ଲୋକମାନଙ୍କର ପ୍ରକୃତ ବନ୍ଧୁ ଏବଂ ପ୍ରକୃତ ଅର୍ଥରେ ଓଡିଶା ଲୋକଙ୍କ ଅଳଙ୍କାର ।

## ପ୍ରାଥମିକ ଜୀବନ ଏବଂ ଶିକ୍ଷା ବୃତ୍ତି

ଉତ୍କଳମଣି ପଣ୍ଡିତ ଗୋପାବନ୍ଧୁ ଦାସ ୯ ଅକ୍ଟୋବର ୧୮୭୭ ମସିହାରେ ବ୍ରିଟିଶ ଭାରତର ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟରେ ସୁଆଣ୍ଡୋ ଗାଁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ, ଦୈତାରୀ ଦାସଙ୍କ ତୃତୀୟ ପତ୍ନୀ । ସେ ରୂପାଡିପୁର ନାବାଳକ ବିଦ୍ୟାଳୟରେ ଏବଂ ପୁରୀ ଜିଲା ବିଦ୍ୟାଳୟ ଅପେକ୍ଷା ଶିକ୍ଷା କ୍ୟାରିଅର୍ ଆରମ୍ଭ କରିବାକୁ ଯାଇଥିଲେ । ସେ ଶିକ୍ଷା ବନ୍ଦ ନକରି ବାର ବର୍ଷ ବୟସରେ ଆପ୍ଟି ଦେବୀଙ୍କୁ ବିବାହ କରିଥିଲେ ।

ଗୋପବନ୍ଧୁ ଜନ୍ମର କିଛି ମାସ ପରେ ୧୮୯୩ ମସିହାରେ ତାଙ୍କ ମାତାଙ୍କୁ ହରାଇଥିଲେ । କିଛି ଦିନ ପରେ ସେ କଟକର ରେଭେନ୍ସା କଲେଜରେ ଛାତ୍ର ଥିବାବେଳେ ତାଙ୍କ ପିତା ଦୈତାରୀ ଦାସଙ୍କୁ ମଧ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହରାଇଥିଲେ । ସେ ଇନ୍ଦ୍ରଧନୁ ଏବଂ ବିଜୁଳି ନାମକ ସ୍ଥାନୀୟ ସାହିତ୍ୟ ପତ୍ରିକାରେ ସହଯୋଗ କରିଥିଲେ । ଏହି ମାଗାଜିନରେ ସେ ଏପରି ଆଧୁନିକ ସାହିତ୍ୟିକ ଆନ୍ଦୋଳନ ବିଷୟରେ ଯୁକ୍ତି କରିଥିଲେ ଯାହା ଅତୀତକୁ ଭିତ୍ତି କରିବା ପରିବର୍ତ୍ତେ ପୁରାତନ ସହିତ ସ୍ୱଚ୍ଛ ବ୍ରେକ୍ ଅପ୍ ହୋଇପାରିବ ନାହିଁ ଯାହାକୁ ଆମେ ସ୍ୱୀକାର କରିବାକୁ ପଡିବ ଏବଂ ଯେକୌଣସି ଆଧୁନିକ ଦେଶ ପରି । ସେ ବନ୍ୟାରେ ପୀଡିତମାନଙ୍କୁ ସାହାଯ୍ୟ କରୁଥିଲେ, ସାମାଜିକ କାର୍ଯ୍ୟ ପରି ଏହି ଅତିରିକ୍ତ ପାଠ୍ୟକ୍ରମ ଯାହାକି ତାଙ୍କ ଏକାଡେମିକ୍ ଅଧ୍ୟୟନ ଉପରେ ପ୍ରଭାବ ପକାଇଥିଲା । ଯାହା ଫଳରେ ସେ ଡିଗ୍ରୀ ପରୀକ୍ଷାରେ ବିଫଳ ହୋଇଥିଲେ ଏବଂ ଦ୍ୱିତୀୟ ପ୍ରୟାସରେ ତାଙ୍କର ବିଏ ପାସ୍ କରିଥିଲେ ।

ସେ କୋଲକାତା ବିଶ୍ୱବିଦ୍ୟାଳୟରେ ଶିକ୍ଷାଗ୍ରହଣ କରି ଏମ.ଏ. ଏବଂ ଏଲ.ଏଲ.ବି. ସମ୍ପୂର୍ଣ୍ଣ କରିଥିଲେ । କୋଲକାତା ସହରରେ ରହୁଥିବା ଓଡିଆ ଲୋକଙ୍କ ଶିକ୍ଷାର ଉନ୍ନତି ପାଇଁ ସେ ନିଜର ଅନେକ ଶକ୍ତି ଉତ୍ସର୍ଗ କରିଥିଲେ । ସାମାଜିକ ସଂସ୍କାର ଏବଂ ଶିକ୍ଷାଗତ ଉନ୍ନତି ଆଣିବାକୁ ଇଚ୍ଛା ପୂରଣ କରିବା ପାଇଁ ସେ ରାତ୍ରି ବିଦ୍ୟାଳୟ ଖୋଲିଥିଲେ । ସେ ଏହି ସମୟରେ ସ୍ୱଦେଶୀ ଆନ୍ଦୋଳନର ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ ।

## ରାଜନୈତିକ ବୃତ୍ତି ଏବଂ କାରାଗାର:

ଗୋପବନ୍ଧୁ ଦାସ ୧୯୧୭ ମସିହାରେ ମଧୁସୂଦନ ଦାସଙ୍କ ଦ୍ୱାରା ଉତ୍ସାହିତ ହୋଇ ବିଧାନ ପରିଷଦକୁ ନିର୍ବାଚିତ ହୋଇଥିଲେ । ଏହି ବିଧାନ ପରିଷଦ ୧୯୦୯ ମସିହାରେ ମର୍ଲି-ମିଣ୍ଟୋ ସଂସ୍କାର ଅନୁଯାୟୀ ଗଠନ କରାଯାଇଥିଲା । ସେ ଆଞ୍ଚଳିକ ରାଜନୀତିରେ ଜଡିତ ଥିଲେ ଏବଂ ୧୯୦୩ରୁ ଉତ୍କଳ ସମ୍ମିଳନୀର ସଦସ୍ୟ ଥିଲେ । ସେ ୧୯୧୯ ମସିହାରେ ଏହାର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋପବନ୍ଧୁ ଦାସ ଏବଂ ଅନ୍ୟ ସଦସ୍ୟମାନେ ୩୧ ଡିସେମ୍ବର ୧୯୨୦ରେ ଏକ ସମ୍ମିଳନୀରେ ଅଣ-ସହଯୋଗ ଆନ୍ଦୋଳନରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ହୋଇଥିଲେ । ସେ କୋଲକାତା ଏବଂ ନାଗପୁରରେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ବୈଠକରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କୁ କଥିତ ଭାଷା ଉପରେ ଆଧାର କରି ରାଜ୍ୟ ସଂଗଠନର ମୂଳ ଲକ୍ଷ୍ୟ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା ପାଇଁ କାର୍ଯ୍ୟ କରିଥିଲେ ।

ସେ ୧୯୨୦ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ହୋଇଥିଲେ ଏବଂ ୧୯୨୮ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ୧୯୨୧ ମସିହାରେ ସେ ଗାନ୍ଧୀଙ୍କୁ ଏହି ପ୍ରଦେଶକୁ ସ୍ୱାଗତ କରିଥିଲେ ।

୧୯୨୧ ମସିହାରେ ପୋଲିସ ଦ୍ୱାରା ମହିଳାଙ୍କ ପ୍ରତି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେତୁ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା । ୧୯୨୨ ମସିହାରେ ତାଙ୍କୁ ପୁଣି ଗିରଫ କରାଯାଇଥିଲା ଏବଂ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । ତାଙ୍କୁ ୨୬ ଜୁନ୍ ୧୯୨୪ରେ ହାଜରିବାଗ ଜେଲରୁ ମୁକ୍ତ କରାଯାଇଥିଲା ।

ସେତେବେଳେ ବ୍ରାହ୍ମଣାନନ୍ଦ ସତ୍ୟପାଠୀ ରାଜନୀତି ବିଜ୍ଞାନର ପ୍ରଫେସର ଥିଲେ । ସେ ଗୋପବନ୍ଧୁ ଦାସଙ୍କ ବିଷୟରେ କହିଛନ୍ତି ଯେ ଗରିବଙ୍କ ପାଇଁ ତାଙ୍କର ସାମାଜିକ କାର୍ଯ୍ୟ ତାଙ୍କୁ ଓଡ଼ିଶା ଏବଂ ଭାରତରେ ଅମର କରିଦେଇଛି ।

## ବିଭିନ୍ନ କ୍ଷେତ୍ର ବିଷୟରେ ତାଙ୍କର କାର୍ଯ୍ୟ ନିମ୍ନରେ ଦିଆଯାଇଛି:

ରାଜନୈତିକ, ସାମାଜିକ କିମ୍ବା ଧାର୍ମିକ ପରିବର୍ତ୍ତନ ପାଇଁ ତାଙ୍କର ବିଭିନ୍ନ ଅଭିଯାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷୟରେ ବିଶେଷ ଉଲ୍ଲେଖ କରାଯାଇଛି ।

୧. ହରିଜନ ଏବଂ ନିମ୍ନ ସମାଜର ଅସ୍ପୃଶ୍ୟତା ବିରୁଦ୍ଧରେ ପବିତ୍ର ଯୁଦ୍ଧ ।

୨. ବିଧବା ପୁର୍ନବିବାହର ଓକିଲାତି ପାଇଁ ସଲିସିଟର ।

୩. ସାକ୍ଷରତା ପାଇଁ ଅଭିଯାନ ।

୪. ସେ ହେଉଛନ୍ତି ସର୍ବୋଚ୍ଚ ବ୍ୟକ୍ତି ଯିଏ ଶିଶୁ ଶ୍ରମ ବିରୁଦ୍ଧରେ ପ୍ରଚାର କରିଥିଲେ ।

୫. ଶିକ୍ଷାର ନୂତନ ମଡେଲ ପ୍ରତିଷ୍ଠା,

୬. ଉଭୟ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଚାପ ।

୭. ସେ ମହିଳା ଶିକ୍ଷା ଉପରେ ପ୍ରାଧାନ୍ୟ ଦେଇଥିଲେ ଏବଂ ଗୁରୁତ୍ୱ ଦେଇଥିଲେ ।

୮. ସେ ଧନୁଯାତ୍ରାର ବନ୍ଧୁ ଥିଲେ ଧନ୍ଦାମୂଳକ ତାଲିମ ଏବଂ ସର୍ବୋପରି ଗରିବ ଏବଂ ଦରିଦ୍ରମାନଙ୍କ ପାଇଁ ଏକ ଗଭୀର ପ୍ରତିବଦ୍ଧତା ଏବଂ କରୁଣା ।

## ସାମ୍ବାଦିକତା ପାଇଁ ଅବଦାନ:

ପଣ୍ଡିତ ଗୋପାବନ୍ଧୁ ଦାସ ଏକ ସ୍ୱଳ୍ପକାଳୀନ ମାସିକ ସାହିତ୍ୟ ପତ୍ରିକାକୁ 'ସତ୍ୟବାଦୀ' ନାମରେ ନାମିତ କରିଥିଲେ ଏବଂ ୧୯୧୩ କିମ୍ବା ୧୯୧୫ ମସିହାରେ ତାଙ୍କ ବିଦ୍ୟାଳୟର କ୍ୟାମ୍ପସରୁ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ।

ଜନତାଙ୍କୁ ଅଶିକ୍ଷିତ ହୋଇଥିଲେ ହେଁ ସେ ସାମ୍ବାଦିକତାକୁ ଏକ ମାଧ୍ୟମ ଭାବରେ ଗ୍ରହଣ କରିଥିଲେ ଏବଂ ବ୍ରହ୍ମପୁରରେ ପ୍ରକାଶିତ ଏକ ଖବରକାଗଜ ଆଶା ଭୂମିକା ଗ୍ରହଣ କରିଥିଲେ । ସେ ୧୯୧୯ ମସିହାରେ ସାକ୍ଷୀଗୋପାଳର ସ୍କୁଲ କ୍ୟାମ୍ପସରେ ଆଧାର କରି 'ଦି ସମାଜ' ନାମକ ଏକ ସାପ୍ତାହିକ ଖବରକାଗଜ ଆରମ୍ଭ କରିଥିଲେ ଏବଂ ପରେ କଟକକୁ ଯାଇଥିଲେ । ୧୯୨୭ ମସିହାରେ ସାହିତ୍ୟ ପତ୍ରିକା ଅପେକ୍ଷା ସମାଜ ଏକ ଦୈନିକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକାଶନରେ ପରିଣତ ହୋଇଥିଲା ଏବଂ ଶେଷରେ ଭାରତୀୟ ଜାତୀୟତାବାଦୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗଣମାଧ୍ୟମର ଉପସ୍ଥିତି ସୃଷ୍ଟି କରିଥିଲା ।

୧୯୨୦ରେ କଂଗ୍ରେସର ଏକ ଅଧିବେଶନରେ ଲାଲା ଲଜପତ ରାୟଙ୍କୁ ଭେଟିବା ପରେ ତାଙ୍କୁ ଲୋକ ସେବା ମଣ୍ଡପରେ ଯୋଗଦେବାକୁ ପ୍ରବର୍ତ୍ତାଯାଇଥିଲା । ସେହି ସମୟରେ ସମାଜ ଖବରକାଗଜ ଏହାକୁ ପ୍ରୋତ୍ସାହିତ କରିବାର ଏକ ମାଧ୍ୟମ ପାଲଟିଥିଲା ଏବଂ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିଲା । ସେ ସମ୍ପାଦକ ମୃତ୍ୟୁ ପର୍ଯ୍ୟନ୍ତ ଜୀବନସାରା କାର୍ଯ୍ୟ କରିଥିଲେ, ସେହି ସମୟରେ ସେ ଏହାକୁ ମାନବ ସମାଜକୁ ଦେଇଥିଲେ ।

## ପ୍ରକାଶିତ ସାହିତ୍ୟିକ କାର୍ଯ୍ୟ:

ପଣ୍ଡିତ ଗୋପାବନ୍ଧୁ  ପୁରୁଷ, ମହିଳା, ଶିଶୁ, ଛାତ୍ର, ବିଦ୍ୱାନ ଏବଂ ସାମାଜିକ କର୍ମୀଙ୍କୁ ତାଙ୍କର କିଛି ଜଣାଶୁଣା ପୁସ୍ତକ ଲେଖା ମାଧ୍ୟମରେ ପ୍ରେରଣା ଦେଇଥିଲେ:

୧. କାରାକାବିତା

୨. ବନ୍ଦିର ଆତ୍ମକଥା

୩. "ଧର୍ମପଦ" - ସୂର୍ଯ୍ୟ ମନ୍ଦିର କୋଣାର୍କର ଏକ କବିତା

୪. ଅବକାଶ -ଚିନ୍ତା (ଓଡିଆରେ) ସତ୍ୟବାଦୀ ପ୍ରେସ୍ ।

ସେ କଟକସ୍ଥିତ ରେଭେନ୍ସା କଲେଜରେ ଅଧ୍ୟୟନ ଜାରି ରଖିଥିବା ବେଳେ ସେ "ଅବକାଶା ଚିନ୍ତା", ଗୋ-ମହାତ୍ମା, ନଚିକେତା ଉପାଧ୍ୟାୟ, କାରାକବିତା, ଧର୍ମପଦ ଏବଂ "ବନ୍ଦିର ଆତ୍ମକଥା" ପରି ପ୍ରସିଦ୍ଧ କବିତା ଲେଖିଥିଲେ ।

## ସତ୍ୟବାଦୀ ବନ ବିଦ୍ୟାଳୟ (ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ)

ମୁଁ ଭାବୁଛି ସତ୍ୟବାଦୀ ବନ ବିଦ୍ୟାଳୟ ସାକ୍ଷୀଗୋପାଳର ଏକ ମଡେଲ ମୌଳିକ ଶିକ୍ଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ସମ୍ପ୍ରସାରଣ ସହିତ ଓଡ଼ିଶାର ସାକ୍ଷୀଗୋପାଳରେ ଥିବା ରବିନ୍ଦ୍ରନାଥ ଟାଗୋରର ଶାନ୍ତି ନିକେତନ ପରି ଅଟେ । ଏହି ଶିକ୍ଷା ଅନୁଷ୍ଠାନ ୧୯୦୯ ମସିହାରେ (ବ୍ରିଟିଶ ଇଣ୍ଡିଆ) ପ୍ରଖ୍ୟାତ ଲେଖକ ତଥା ସାମାଜିକ କର୍ମୀ ଉତ୍କଳମଣି ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ହେଉଛି ଏକ ପ୍ରାକ୍-ମାଧ୍ୟମିକ ଏବଂ ମାଧ୍ୟମିକ ବିଦ୍ୟାଳୟ, ଯାହାକି ଭାରତ ରାଜ୍ୟର ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଅବସ୍ଥିତ ।

## ଜୀବନ ନାଟକର ସମାପ୍ତି:

ଗୋପବନ୍ଧୁ ଏପ୍ରିଲ୍ ୧୯୨୮ରେ ଲୋକସେବା ମଣ୍ଡଳର ଭାରତର ଉପ-ରାଷ୍ଟ୍ରପତି ଥିଲେ । ଲାହୋରରେ ଏକ ସମାଜ ସଭାରେ ଯୋଗଦେବାବେଳେ ସେ ଅସୁସ୍ଥ ହୋଇପଡିଥିଲେ । ଶେଷରେ, ସେ ୧୭ ଜୁନ୍ ୧୯୨୮ରେ ମୃତ୍ୟୁ ବରଣ କଲେ ।

ଇଂ ହରେକୃଷ୍ଣ ଦେବ ସାହୁ

ମୋନ-୭୯୭୮୫୨୪୬୭୯

କୁଶଙ୍ଗ, ବଲାଙ୍ଗୀର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସିପାହୀ ବିଦ୍ରୋହର ସୂତ୍ରଧର



ଅକ୍ଷୟ କୁମାର ରାଉତ

## ସିପାହୀ ବିଦ୍ରୋହର ସୂତ୍ରଧର : ଚନ୍ଦନ ହଜୁରୀ

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତ୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ । ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ । ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଙ୍ଗଳବାର ତୁଳା ୧୫ ଦିନ (ଅନ୍ୟମତେ ଶାମ୍ବଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ । ଆନନ୍ଦ ବଜାରରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା । ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ । ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି । ତାଙ୍କର ଅନେକ ଯାତ୍ରୀ ଉତ୍ତର ପ୍ରଦେଶର ବିଠୁର ନାମକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାନରୁ ଆସିଥାନ୍ତ । ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା । ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ । ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଇ (ଛବେଳୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗ ଦେଉଥିଲେ । ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀଙ୍କର ଦେହାନ୍ତ ପରେ । ଭିମସେନଙ୍କ ମଧ୍ୟସ୍ଥତାରେ ଗଙ୍ଗାଧର ମନୁବାଇଙ୍କୁ ବିବାହ କରିଥିଲେ । ବିବାହ ପରେ ମନୁବାଇଙ୍କ ନାମ ହେଲା ଲକ୍ଷ୍ମୀବାଈ । ବେପାର କରୁ କରୁ ଗୋରା ବଣିକମାନେ ଭାରତବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା । ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ । ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା । ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତ୍ତା ଦେଲେ । ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ, ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ । ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟିତ୍ୱ ପାରୀନାନୀଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି । ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ । ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ, ମୁସଲମାନମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ, ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ, ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା । ସବୁ ଲୋକ ତାଙ୍କ କଥାରେ ମାତିଗଲେ । ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ଟୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା, ତାହା  ଉପରେ ଗୋରୁ ଓ ଘୁଷୁରିର ଚର୍ବି ବୋଳା ଯାଇଛି । ସିପାହୀମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ  ।

ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ । ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ । ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ । କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା । ଇଂରେଜ ସରକାର ହାର ମାନିଲେ । ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଇ ଅଧିକାର କରିବାର ଗୋଟିଏ ବର୍ଷ ପୁରିଗଲା । ଇଂରେଜ ସରକାର ସୁଯୋଗ ଖୋଜୁଥିଲେ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ । ସାର୍ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ । ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା । ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ । ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗୀ ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଗୌସ୍, ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ । ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଳାଇ ଯିବାକୁ ବାଟ ପାଇଲେ ନାହିଁ । ସାର୍ ହିଉରୋଜ ଜଣେ ନାରୀର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ । ଏତିକି ବେଳେ ଠାକୁର ଲାଲାଜୀ ବିଶ୍ୱାସଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ । ରାଣୀ ଲକ୍ଷ୍ମୀବାଇ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ । ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ । ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ । ଗୋୟାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଇ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ । ଝାନ୍ସୀ ରାଣୀଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା । ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା । ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପାଣି ପାଇ, ସେହି ନଦୀ କୁଳରେ ପ୍ରାଣ ହରାଇଲେ । ଜଳନ୍ତା ଜୁଇରେ ଚିର ନିଦ୍ରାରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଇ । ତାନ୍ତିଆ ଫାଶୀ ପାଇଲେ । ନିଖୋଜ ହେଲେ ନାନା ସାହେବ । ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ । ବାହାଦୁର ଶାହଙ୍କୁ ଇଂରେଜମାନେ ବର୍ମାର ରେଙ୍ଗୁନରେ ବନ୍ଦି କରି ରଖିଲେ । କାଲାକାଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ । ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ । ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା । ତାଙ୍କର ସ୍ତ୍ରୀ ସୁନ୍ଦରମଣି ବିଧବା ହେଲେ । ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହାରେ ନିଜର ଜନ୍ମଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ପରେ ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ –

"ନଈରେ ବାଳିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ଚାଖିଆ ଲେଉଟିଲା” ।

ମଣିଷ ମାରିବା ଅପରାଧରେ ପୁରୀରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା । କିଛି ପ୍ରମାଣ ମିଳିଲା ନାହିଁ । ତାଙ୍କୁ ନଜର ବନ୍ଦୀ କରାଗଲା । ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ । ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା । ଚାଖି ଖଣ୍ଡା ଛାଡି କଲମ ଧଇଲେ । ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ –

“ଧଣ୍ଡାମାଳ  ବୁହା ଦୁର୍ଦ୍ଦଶା ରାହୁ<br>
ଚଣ୍ଡାଳ  ଗ୍ରାସୁଅଛି ଚାହୁଁ ଚାହୁଁ<br>
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା<br>
ଗଣ୍ଡାକର ଦିଶୁ ନାହିଁ ମହିମା ହେ” ।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହାହାକାର କରୁଥିଲା । ସେ ନିରାଶ୍ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ –

“ଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ<br>
ଡାକ ବିନୁ ଗତି ଅନ୍ୟଥା ନୋହି” ।

ସମ୍ଭବତଃ ୧୮୮ (୧୮୭୦) ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୁତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ । ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ ।

ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତସିଂହପୁର<br>
ମୋ- ୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିପ୍ଳବୀ ବୀଣା ଦାସ



ଅସିତ ମହାନ୍ତି

## ଯଦି ମୋର ଭାଗ୍ୟ ମୃତ୍ୟୁ, ତେବେ ମୁଁ ଏହାକୁ ଅର୍ଥପୂର୍ଣ୍ଣ କରିବାକୁ ଚାହୁଁଛି

୨୧ ବର୍ଷ ବୟସ୍କା ବିପ୍ଳବୀ ବୀଣା ଦାସଙ୍କ(୨୪ ଅଗଷ୍ଟ ୧୯୧୧- ୨୬ ଡ଼ିସେମ୍ବର ୧୯୮୬) ଗୁଳି ବ୍ରିଟିଶମାନଙ୍କ ହୋଶ ଉଡାଇ ଦେଇଥିଲା, ସେହି ଦିନଟି ଥିଲା ତାରିଖ ୬ ଫେବୃଆରୀ ୧୯୩୨ ଇତିହାସର ସୁବର୍ଣ୍ଣ ଦିନ, ଯେତେବେଳେ ଜଣେ ୨୧ ବର୍ଷର ଭାରତୀୟ ଝିଅର ସାହସ ବ୍ରିଟିଶ ଅଧିକାରୀମାନେ ଦେଖିବାର ସୁଯୋଗ ପାଇଥିଲେ । ଏଥି ସହିତ, ଏହି ଝିଅଟି ସେହି ରୂଢ଼ିବାଦି ବିଚାରକୁ ମଧ୍ୟ ଜଡରୁ ହଲେଇ ଦେଇଥିଲା ଯେ ହତିଆର ଚଳାଇବା କେବଳ ପୁରୁଷଙ୍କ କାର୍ଯ୍ୟ । ଏହି ୨୧ ବର୍ଷର ଝିଅଟି ଥିଲା ବିଣା ଦାସ | ୨୪ ଅଗଷ୍ଟ ୧୯୧୧ରେ ବଙ୍ଗଳାର କୃଷ୍ଣନଗରରେ ପ୍ରସିଦ୍ଧ ବ୍ରହ୍ମ ସମାଜୀ ଶିକ୍ଷକ ବେଣୀମାଧବ ଦାସ ଏବଂ ସାମାଜିକ କର୍ମୀ ସରଳା ଦେବୀଙ୍କ ଘରେ ଜନ୍ମ ହୋଇଥିବା ବୀଣା ପିଲାଦିନରୁ ଏକ କ୍ରାନ୍ତିକାରୀ ପ୍ରକୃତିର ଥିଲେ । ତାଙ୍କ ପିତା ବେଣୀ ମାଧବ ଦାସ ସେହି ସମୟର ଜଣେ ପ୍ରସିଦ୍ଧ ଶିକ୍ଷକ ଥିଲେ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ପରି ନେତାମାନେ ମଧ୍ୟ ତାଙ୍କର ଛାତ୍ର ଥିଲେ । ବୀଣାଙ୍କ ବଡ଼ ଭଉଣୀ କଲ୍ୟାଣୀ ଦାସ ମଧ୍ୟ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେମାନଙ୍କ ସ୍କୁଲ ଦିନରୁ ଉଭୟ ଭଉଣୀ ବ୍ରିଟିଶମାନଙ୍କ ବିରୁଦ୍ଧରେ ରାଲି ଏବଂ ମାର୍ଚ୍ଚରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ । ତାଙ୍କ ମାତା ସାରଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବୀ ମଧ୍ୟ ସର୍ବସାଧାରଣ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିଥିଲେ ଏବଂ ଗରିବ ମହିଳାଙ୍କ ପାଇଁ 'ପୁଣ୍ୟାଶ୍ରମ' ନାମକ ଏକ ସଂଗଠନ ମଧ୍ୟ ଗଠନ କରିଥିଲେ । ୧୯୨୮ ମସିହାରେ ତାଙ୍କ ବିଦ୍ୟାଳୟ ଶିକ୍ଷା ପରେ ସେ ଛାତ୍ର ସଂଗଠନ (ମହିଳା ଛାତ୍ର ସଂଗଠନ)ରେ ଯୋଗ ଦେଇଥିଲେ । ଏହି ସଂଘ ବ୍ରହ୍ମୋ ବାଳିକା ବିଦ୍ୟାଳୟ, ଭିକ୍ଟୋରିଆ ସ୍କୁଲ, ବେଥୁନ କଲେଜ, ଡାୟୋସିନ୍ କଲେଜ ଏବଂ ସ୍କଟିସ୍ ଚର୍ଚ୍ଚ କଲେଜରେ ପଢୁଥିବା ବାଳିକା ଛାତ୍ରମାନଙ୍କର ଏକ ଗୋଷ୍ଠୀ ଥିଲା । ବଙ୍ଗଳାରେ କାର୍ଯ୍ୟ କରୁଥିବା ଏହି ଗୋଷ୍ଠୀର ୧୦୦ ଜଣ ସଦସ୍ୟ ଥିଲେ, ଯେଉଁମାନେ ଭବିଷ୍ୟତ ପାଇଁ ବିପ୍ଳବୀମାନଙ୍କୁ ନିଯୁକ୍ତି ଦେଇଥିଲେ ଏବଂ ତାଲିମ ଦେଇଥିଲେ । ସଂଗଠନରେ ସମସ୍ତ ବାଳିକା ଛାତ୍ରମାନଙ୍କୁ ବାଡ଼ି, ଖଣ୍ଡା ବ୍ୟବହାର କରିବା ସହିତ ସାଇକେଲ ଏବଂ କାର ଚଳାଇବାକୁ ଶିକ୍ଷା ଦିଆଯାଇଥିଲା । ଏହି ସଂଗଠନରେ ଜଡିତ ଅନେକ ବାଳିକା ଛାତ୍ର ମଧ୍ୟ ନିଜ ଘର ଛାଡି ବୀଣାଙ୍କ ମାତା ସରଳା ଦେବୀଙ୍କ ଦ୍ୱାରା ପରିଚାଳିତ 'ପୁଣ୍ୟାଶ୍ରମ'ରେ ରହିବାକୁ ଲାଗିଲେ । ଏହି ହଷ୍ଟେଲ ମଧ୍ୟ ଅନେକ ବୈପ୍ଳବିକ କାର୍ଯ୍ୟକଳାପର କେନ୍ଦ୍ର ଥିଲା । ଏଠାରେ ଥିବା ଷ୍ଟୋର ହାଉସରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଅସ୍ତ୍ରଶସ୍ତ୍ର, ବୋମା ଇତ୍ୟାଦି ଲୁଚାଇ ରଖାଯାଉଥିଲା । କୁହାଯାଏ ଯେ କମଳା ଦାସ ବୀଣାଙ୍କୁ ରିଭଲଭର ଆଣିଥିଲେ । ଏହା ସହିତ ସେ ଟିନ୍ ବାକ୍ସରେ ଅବଶିଷ୍ଟ ବିପ୍ଳବୀମାନଙ୍କ ପାଇଁ ବୋମା ଇତ୍ୟାଦି ଆଣିଥିଲେ । ୧୯୨୮ ମସିହାରେ ସାଇମନ୍ କମିଶନଙ୍କ ବୈଠକ ସମୟରେ କଲିକତାର ବେଥୁନ କଲେଜରେ ପଢୁଥିବା ସମୟରେ ବୀଣା ଏବଂ ତାଙ୍କ ଶ୍ରେଣୀର ଅନ୍ୟ କିଛି ଛାତ୍ରୀ ତାଙ୍କ କଲେଜ ଫାଟକରେ ଏକ ଧାରଣା ଦେଇଥିଲେ । ସେ ସ୍ୱେଚ୍ଛାସେବୀ ଭାବରେ କଂଗ୍ରେସ ଅଧିବେଶନରେ ମଧ୍ୟ ଯୋଗ ଦେଇଥିଲେ । ଏହା ପରେ ସେ 'ଯୁଗାନ୍ତର' ଦଳର ବିପ୍ଳବୀମାନଙ୍କ ସହ ଯୋଗାଯୋଗ କରିଥିଲେ । ସେହି ସମୟରେ ବିପ୍ଳବୀମାନଙ୍କର ଗୋଟିଏ ବଡ କାର୍ଯ୍ୟ ଥିଲା, ବଡ ବ୍ରିଟିଶ ଅଧିକାରୀଙ୍କୁ ଟାର୍ଗେଟ କରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କୁ ଦେଖାଇବାର ଥିଲା ଯେ ଭାରତୀୟମାନେ ସେମାନଙ୍କୁ କେତେ ଘୃଣା କରନ୍ତି । ଫେବୃଆରୀ ୬, ୧୯୩୨ରେ ବଙ୍ଗଳାର ରାଜ୍ୟପାଳ ସ୍ୱେଟନଲେ ଜ୍ୟାକସନ ଏହି ସମାରୋହରେ କଲିକତା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଡିଗ୍ରୀ ବଣ୍ଟନ କରିବାକୁ ଯାଉଥିଲେ । ବୀଣା ଦାସ ବି.ଏ. ପରୀକ୍ଷା ସମାପ୍ତ କରିବା ପରେ ତାଙ୍କୁ ଏହି ସମ୍ମିଳନୀରେ ଡିଗ୍ରୀ ନେବାର ଥିଲା । ସେ ତାଙ୍କ ସହକର୍ମୀଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେଇଥିଲେ ଯେ ସେ ଡିଗ୍ରୀ ହାସଲ କରିବା ସମୟରେ ବଙ୍ଗଳା ରାଜ୍ୟପାଳ ଷ୍ଟାନଲି ଜ୍ୟାକସନଙ୍କ ନିକଟରେ ଗୁଳି ଚଳାଇବେ । ସେହି ଦିନ, ଜ୍ୟାକସନ 'ଜ୍ୟାକର୍ସ' ଭାବରେ ଜଣାଶୁଣା ଥିଲେ ଏବଂ ସେ ଇଂଲଣ୍ଡ କ୍ରିକେଟ୍ ଦଳରେ କାର୍ଯ୍ୟ କରିଥିଲେ, ତେଣୁ ତାଙ୍କ ନାମ ବେଶ୍ ପ୍ରସିଦ୍ଧ ଥିଲା । ସମାରୋହରେ ଜ୍ୟାକସନ ତାଙ୍କ ଭାଷଣ ଦେବା ଆରମ୍ଭ କଲାବେଳେ ବୀଣା ସମାବେଶକୁ ଯାଇ ରାଜ୍ୟପାଳଙ୍କ ଉପରକୁ ଗୁଳି ଚଳାଇଲେ । କିନ୍ତୁ ବୀଣାଙ୍କ ଟାର୍ଗେଟ ସଫଳ ହୋଇପାରିନଥିଲା ଏବଂ ବୁଲେଟ୍ ଜ୍ୟାକସନଙ୍କ କାନ ଦେଇ ବାହାରିଯାଇଥିଲା । ଗୁଳିର ଶବ୍ଦ ସଭାରେ ଆତଙ୍କ ସୃଷ୍ଟି କରିଥିଲା । ଏଥିରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁହରୱାର୍ଡି ଦୌଡ଼ି ଯାଇ ବୀଣାଙ୍କ ଗଳାକୁ ଗୋଟିଏ ହାତରେ ଧରି  ଏବଂ ଅନ୍ୟ ହାତରେ ତାଙ୍କୁ ପିସ୍ତଲ ଧରିଥିବା ହାତକୁ ଧରି ହଲ୍ ଛାତ ଆଡକୁ କରିଦେଲେ । ଏହା ସତ୍ତ୍ୱେ ବୀଣା ଗୋଟିଏ ପରେ ଗୋଟିଏ ଗୁଳି ଚଳାଇ ଚାଲିଥିଲେ । ସେ ମୋଟ ପାଞ୍ଚଟି ଗୁଳି ଚଳାଇଥିଲେ । ବିଣାଙ୍କୁ ତୁରନ୍ତ ବ୍ରିଟିଶ ପୋଲିସ ଗିରଫ କରିଥିଲା । ଏହା ପରେ ବୀଣା ଦାଶ ସମସ୍ତ ଖବରକାଗଜର ମୁଖ୍ୟ ଖବର ପାଲଟିଗଲେ - 'କଲିକତାର ସ୍ନାତକୋତ୍ତର ଛାତ୍ର ରାଜ୍ୟପାଳଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା !' ବୀଣା ଦାଶଙ୍କୁ କୋର୍ଟ ଚାଲାଣ କରାଯାଇ ନଅ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ମକଦ୍ଦମା ସମୟରେ ତାଙ୍କ ସହଯୋଗୀଙ୍କ ନାମ ଉଚ୍ଚାରଣ କରିବା ପାଇଁ ତାଙ୍କ ଉପରେ ଅନେକ ଚାପ ପଡିଥିଲା, କିନ୍ତୁ ସେ କୌଣସି ପ୍ରକାରରେ ସେମାନଙ୍କର ନାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଚ୍ଚାରଣ କରିନଥିଲେ । ସେ କହିଥିଲେ ଯେ ବଙ୍ଗଳାର ରାଜ୍ୟପାଳ ସେହି ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଛନ୍ତି ଯାହା ମୋର ୩୦ କୋଟି ଦେଶବାସୀଙ୍କୁ ଦାସତ୍ୱର ଶୃଙ୍ଖଳରେ ରଖିଛି । ସେ ଆହୁରି ମଧ୍ୟ କହିଥିଲେ ଯେ ସେ ରାଜ୍ୟପାଳଙ୍କୁ ହତ୍ୟା କରି ସିଷ୍ଟମକୁ ହଲାଇବାକୁ ଚାହୁଁଥିଲେ । ଦଣ୍ଡପାଇବା ପୂର୍ବରୁ ସେ କଲିକତା ହାଇକୋର୍ଟଙ୍କୁ କହିଥିଲେ, "ମୁଁ ସ୍ୱୀକାର କରୁଛି, ସିନେଟ ହାଉସରେ ଶେଷ ସମାବେଶ ଦିନ ମୁଁ ରାଜ୍ୟପାଳଙ୍କ ଉପରକୁ ଗୁଳି ଚଳାଇଥିଲି । ଏଥିପାଇଁ ମୁଁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରେ । ଯଦି ମୋର ଭାଗ୍ୟ ମୃତ୍ୟୁ, ତେବେ ମୁଁ ଏହାକୁ ଅର୍ଥପୂର୍ଣ୍ଣ କରିବାକୁ ଚାହୁଁଛି, ସରକାରଙ୍କ ନିରଙ୍କୁଶ ଶାସନ ସହିତ ଲଢ଼ିବାକୁ ଚାହୁଁଛି ଯିଏ ମୋ ଦେଶ ତଥା ମୋ ଦେଶବାସୀଙ୍କ ଉପରେ ଅସଂଖ୍ୟ ଅତ୍ୟାଚାର କରିଛି... ତାଙ୍କ ସ୍ମୃତି 'ଜୀବାନ୍ ଅଧ୍ୟାୟରେ' ତାଙ୍କ ଭଉଣୀ କଲ୍ୟାଣୀ ଦାଶ ଲେଖିଛନ୍ତି ଯେ ଭାଗ୍ୟ ଦୁଇ ଭଉଣୀଙ୍କୁ କିପରି ଏକାଠି କରିଥିଲା ଯେତେବେଳେ ସେମାନେ ମଧ୍ୟ ହିଜଲି ଜେଲରେ ବନ୍ଦୀ ଥିଲେ । ପରେ ଏହି ସ୍ଥାନଟି ଏକ ସଂଗ୍ରହାଳୟରେ ପରିଣତ ହେଲା । ମକରନ୍ଦ ପରାଞ୍ଜପେଙ୍କ ଏହି ସ୍ମୃତିର ସମୀକ୍ଷା ଅନୁଯାୟୀ, ବୀଣା ନିଜ ସାଥୀଙ୍କ ସହ ଭୋକ ଉପାସରେ ଯାଇ ଯନ୍ତ୍ରଣା ସହନଶୀଳତା ପରୀକ୍ଷା କରୁଥିଲେ । କେବଳ ଏତିକି ନୁହେଁ, ବେଳେବେଳେ ସେ ବିଷାକ୍ତ ପିମ୍ପୁଡ଼ି ହୁଙ୍କା ଉପରେ ପାଦ ରଖିଥା'ନ୍ତି ଏବଂ ବେଳେବେଳେ ଆଙ୍ଗୁଠିରେ ନିଆଁ ଲଗାଇଥା'ନ୍ତି ଏବଂ ଏହିପରି ଭାବରେ ସେ ପ୍ରକୃତ ଅର୍ଥରେ 'ଅଗ୍ନି ସହିତ ଖେଳୁଥିଲେ' । ବୀଣାଙ୍କ ରାସ୍ତାରେ ଯେତେ ଅସୁବିଧା ଏବଂ ଚ୍ୟାଲେଞ୍ଜ ଆସିଲେ ମଧ୍ୟ ସେ ସ୍ୱାଧୀନତା ପାଇଁ ଲଢ଼ିବା ବନ୍ଦ କରିନଥିଲେ । ୧୯୩୭ ମସିହାରେ ପ୍ରଦେଶରେ କଂଗ୍ରେସ ସରକାର ଗଠନ ପରେ ବିଣା ଅନ୍ୟ ରାଜବନ୍ଦୀଙ୍କ ସହ ଜେଲରୁ ବାହାରି ଆସିଥିଲେ । ଭାରତ ଛାଡ ଆନ୍ଦୋଳନ ସମୟରେ ତାଙ୍କୁ ତିନି ବର୍ଷ ପାଇଁ ନଜରବନ୍ଦ କରାଯାଇଥିଲା । ସେ ୧୯୪୬ ରୁ ୧୯୫୧ ପର୍ଯ୍ୟନ୍ତ ବେଙ୍ଗଲ ବିଧାନସଭା ସଦସ୍ୟ ଥିଲେ । ଗାନ୍ଧିଜୀଙ୍କ ନୂଆଖଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଗସ୍ତ ସମୟରେ ବୀଣା ଲୋକମାନଙ୍କର ପୁନର୍ବାସ କାର୍ଯ୍ୟରେ ମଧ୍ୟ ନେତୃତ୍ୱ ନେଇଥିଲେ । ସେ ତାଙ୍କ ସାଥୀ ସ୍ୱାଧୀନତା ସଂଗ୍ରାମୀ ଜ୍ୟୋତିଷ ଭୋମିକଙ୍କୁ ୧୯୪୭ ମସିହାରେ ବିବାହ କରିଥିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଭାଗ ନେବାକୁ ଲାଗିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ କଲିକତା ଛାଡି ଋଷିକେଶର ଏକ ଛୋଟ ଆଶ୍ରମରେ ରହିବାକୁ ଲାଗିଲେ । ରୋଜଗାର ପାଇଁ ସେ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ଏବଂ ସରକାର ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ନେବାକୁ ମନା କରିଦେଇଥିଲେ । ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଥିବା ଏହି ବୀରାଂଗନାଙ୍କର ଶେଷ ଅତ୍ୟନ୍ତ ଦୁଃଖଦାୟକ ଥିଲା । ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରଫେସର ସତ୍ୟବ୍ରତ ଘୋଷ ତାଙ୍କର ଏକ ଆର୍ଟିକିଲ୍ "ଫ୍ଲାସବ୍ୟାକ୍: ବୀଣା ଦାସ - ପୁନର୍ଜନ୍ମ"ରେ ଲେଖିଛନ୍ତି । ସେ କହିଛନ୍ତି, "ସେ ରାସ୍ତାକଡ଼ରେ ନିଜ ଜୀବନ ଶେଷ କରିଥିଲେ । ତାଙ୍କ ମୃତ ଦେହ ଅତ୍ୟନ୍ତ ବିଛିନ୍ନ ହୋଇଯାଇଥିଲା । ଯାଉଥିବା ଲୋକମାନେ ତାଙ୍କ ମୃତଦେହ ପାଇଥିଲେ । ପୋଲିସକୁ ସୂଚନା ଦିଆଯାଇଥିଲା ଏବଂ ମାସେ ଧରି ଖୋଜାଖୋଜି ପରେ ଜଣାପଡିଥିଲା ଯେ ଶବଟି ବୀଣା ଦାସଙ୍କର । ଏହି ସବୁ ସ୍ୱାଧୀନ ଭାରତରେ ଘଟିଥିଲା ଯେଉଁଥିପାଇଁ ଏହି ଅଗ୍ନି-କୁମାରୀ ସବୁକିଛି ଛାଡି ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଜାଳିଦେଇଥିଲେ । ଏହି ଦୁଃଖଦ କାହାଣୀକୁ ମନେ ପକାଇ, ବିଳମ୍ବରେ, କିନ୍ତୁ ଦେଶ ଆମର ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଲାମ କରିବା ଉଚିତ୍ ।


ସୁଜନପୁର , ଯାଜପୁର
୯୩୪୮୭୭୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଇକ



ଆୟୁଷ ବଡ଼ାଇ

ସ୍ୱାଧୀନତା, ସ୍ୱାଧୀନତା ଶବ୍ଦଟି କେତେ ଛୋଟ କିନ୍ତୁ ଏହାରି ମୂଲ୍ୟ ଯେ କେତେ ଅଧିକ ସେ କଥା ସମସ୍ତଙ୍କୁ ଜଣା ନାହିଁ । ସ୍ୱାଧୀନତା ପାଇବାକୁ କେତେ ଯେ ସଂଗ୍ରାମ, ବଳିଦାନ, ତପସ୍ୟା କରିବାକୁ ପଡ଼ିଥିଲା ସେ କଥା ତ ସମସ୍ତଙ୍କୁ ଜଣା କିନ୍ତୁ ସେ ବଳିଦାନ ଭିତରେ ହୁଏତ ଆମେ ବାପୁ ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କୁ, ନେହେରୁଙ୍କୁ ହିଁ ଜାଣିଆଛୁ କିନ୍ତୁ ବାସ୍ତବରେ ତାହା ସତ୍ୟ ନୁହେଁ । ସ୍ୱାଧୀନତା ହାସଲ କରିବାରେ କେତେ ଯେ ହଜାର ହଜାର ବୀର ପ୍ରବାଦ ପୁରୁଷ ନିଜର ଜୀବନକୁ ଉତ୍ସର୍ଗ କରି ଅଛନ୍ତି ତାରି ହିସାବ ନାହିଁ ।

ଆଜିକାର ଏହି ସ୍ୱାଧୀନତାର ଅମୃତ ବେଳା ଓ ଅମୃତ ମହୋତ୍ସବରେ ତାଙ୍କ କଥା ଟିକେ ମନେ ପକାଇବା । ପୁରା ଦେଶ ସମସ୍ତ ସଂଗ୍ରାମୀମାନଙ୍କୁ ଆଜି ମନେ ପକାଉଛି କିନ୍ତୁ ଆମେ ସମସ୍ତେ ଭୁଲି ଯାଇଅଛୁ ଯେ, ସ୍ୱାଧୀନତାର ସ୍ୱାଦ ସର୍ବ ପ୍ରଥମେ ଏକ ଆଦିବାସୀ ସମୂହ ଆରମ୍ଭ କରିଥିଲେ ପୁରା ଭାରତ ବର୍ଷ ରେ ।

୧୮୧୭ ମସିହାରେ ଇଂରେଜ ସରକାର ବିରୁଦ୍ଧରେ ଓଡ଼ିଶାରେ ପ୍ରଥମ ବିଦ୍ରୋହ ହୋଇଥିଲା, ଯାହାର ନାମ ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ । ସିପାହୀ ବିଦ୍ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶାରେ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ଏହାକୁ ପାଇକ ବିଦ୍ରୋହ କୁହା ଯାଉଥିଲେ ହେଁ ପ୍ରକୃତରେ ଏହା ଥିଲା ଭାରତର ପହିଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଧୀନତା ଲଢ଼େଇ । ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ । ନିଜର ଯୋଗ୍ୟତା ବଳରେ ସେ ଖୋର୍ଦ୍ଧା ରାଜାଙ୍କର ସେନାପତି ହୋଇ ପାରିଥିଲେ । ପାଇକ ସର୍ଦାରମାନଙ୍କର ସମ୍ମିଳିତ ସହଯୋଗରେ ୧୮୧୭ ମସିହାରେ ସେ ପାଇକ ବିଦ୍ରୋହର ନେତୃତ୍ୱ ନେଇଥିଲେ । ଇଂରେଜମାନଙ୍କର କଠୋର ଦମନ ନୀତି ସତ୍ତ୍ୱେ ବକ୍ସିଙ୍କ ବୀରତ୍ୱ ଓ ପାଇକମାନଙ୍କର ମିଳିତ ସଂଘର୍ଷ ଯୋଗୁଁ ବିଦ୍ରୋହ ଦମନ କରିବା ସହଜ ହୋଇନଥିଲା ।  ବହୁଦିନ ଜଙ୍ଗଲରେ ଲୁଚି ସଂର୍ଘଷ କରିବା ପରେ ବକ୍ସି ନିଜେ ଆତ୍ମ ସମର୍ପଣ କରିଥିଲେ । ବୀର ଓଡ଼ିଆ ପାଇକମାନେ ସେମାନଙ୍କର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ଓଡ଼ିଶା ମାଟିରୁ ଗୋରା ଫିରିଙ୍ଗି ଶାସକମାନଙ୍କୁ ହଟାଇବା ନିମନ୍ତେ ତରବାରୀ ଧରିବା ପାଇଁ ପଶ୍ଚାତପଦ ହୋଇନଥିଲେ । ଯାହାଫଳରେ ଫିରିଙ୍ଗି ଶାସନର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । କିନ୍ତୁ ପାଇକମାନେ ନିରାଶ ହୋଇଥିଲେ, ଦୀର୍ଘଦିନ ଧରି ସଂଗ୍ରାମ ଚାଲୁ ରଖିବାପରେ ଅନେକ ପାଇକ ସର୍ଦାର ଧରାପଡ଼ି ଦ୍ୱୀପାନ୍ତର ଦଣ୍ଡ ଭୋଗିଥିଲେ  ।

ପୁରା ମାତ୍ରରେ ହୁଏତ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ସଫଳ ହେଇ ନ ଥିଲା କିନ୍ତୁ ସ୍ୱାଧୀନତାର ବହ୍ନିରେ ସମସ୍ତ ଭାରତୀୟ ମନକୁ ଭରି ଦେଇଥିଲା । ସିପାହୀ ବିଦ୍ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶାରେ ପାଇକ ବିଦ୍ରୋହ ଆଜି ମଧ୍ୟ ଅନେକ ଭାରତୀୟ ମନରେ ବଞ୍ଚି ରହିଅଛି ।

କୋଟି କୋଟି ପ୍ରଣାମ ସେହି ପ୍ରବାଦ ପୁରୁଷ ମାନଙ୍କୁ । ଯେତେ ଦିନ ପର୍ଯ୍ୟନ୍ତ ଆକାଶରେ ସୂର୍ଯ୍ୟଙ୍କ ଆଗମନ ହେଉଥିବ ସେ ଯାଏ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଆମର ହୋଇ ପ୍ରତେକ ଭାରତୀୟ ମାନଙ୍କ ହୃଦୟ ରେ ଭରି ରହିଥିବ ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ମୋ : ୯୩୩୭୨୧୨୯୧୯୨

ଇମେଲ୍ - ayushbadhai191@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଗଷ୍ଟ ୨୭ ଓ ବୀରଭୂମି କୋଶଳା



ସୁବ୍ରତ କୁମାର ପ୍ରଧାନ

ଆଜି ସାରା ଭାରତବର୍ଷ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତି ଅମୃତ ମହୋତ୍ସବ ପାଳନ କରୁଛି । କ୍ରାନ୍ତିକାରୀ ବୀର, ସ୍ୱାଧିନତା ସଂଗ୍ରାମୀ ମାନଙ୍କର ତ୍ୟାଗ, ବଳିଦାନ ଓ ନିଗୁଢ ଜାତୀୟତା ପ୍ରୀତି ବଳରେ ଦେଶ ସ୍ୱାଧୀନତା ଲାଭ କରିଛି । ସେମାନଙ୍କର କଷ୍ଟ ଲବ୍ଧ ତ୍ୟାଗ, ଦେଶପ୍ରେମ ଚିରଦିନ ପାଇଁ ଆମକୁ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିବ । ସେଭଳି ଏକ ବୀରମାଟି, ସ୍ୱାଧିନତା ସଂଗ୍ରାମର ଆଦ୍ୟ ତୀର୍ଥଭୂମି, ବୀରଭୂମି କୋଶଳାର ଗାଥା ଗାଇ ଚାଲିଛି ସ୍ୱର୍ଣ୍ଣିମ ଇତିହାସ ।

ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବୀରଭୂମି କୋଶଳା ଗ୍ରାମ ହେଉଛି ସ୍ୱାଧିନତା ସଂଗ୍ରାମର ଏକ ପୁଣ୍ୟ କ୍ଷେତ୍ର । ଅଗ୍ରଣୀ ଶକ୍ତି କ୍ଷେତ୍ର ଭାବେ ମା ରାମଚଣ୍ଡୀ ଗ୍ରାମରେ ଆବିର୍ଭୂତା । ମାଆଙ୍କର ପ୍ରସିଦ୍ଧ ଯାତ୍ରା ଭାଦ୍ରବ କୃଷ୍ଣ ଦ୍ୱିତୀୟାରେ ପାଳିତ ହୋଇଥାଏ । ୧୯୩୧ ମସିହାରେ ଅନୁଗୋଳ ଜିଲ୍ଲାରେ ପ୍ରଥମ କରି କୋଶଳାଠାରେ କଂଗ୍ରେସର ସ୍ୱେଚ୍ଛାସେବୀ ବାହିନୀ ଗଠନ ହୋଇଥିଲା । ସମଗ୍ର ଗ୍ରାମବାସୀ ଆବାଳ ବୃଦ୍ଧବନିତା ଇଂରେଜ ବିରୁଦ୍ଧରେ ଅଭୂତପୂର୍ବ ସଂଗ୍ରାମ ଓ ସ୍ୱର ଉତ୍ତୋଳନ କରିଥିଲେ । ଗ୍ରାମର ସତ୍ୟାଗ୍ରହୀମାନେ ବିଦେଶୀ ଲୁଗା ବର୍ଜନ, ନିଶା ନିବାରଣ ଓ ଭାରତଛାଡ ଆନ୍ଦୋଳନ ଭଳି କଂଗ୍ରେସର ବିଭିନ୍ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିଲେ । ୧୯୩୮ ମସିହା ସେପ୍ଟେମ୍ବରରେ ତାଳଚେରର ଅତ୍ୟାଚାରୀ ରାଜା ବିରୁଦ୍ଧରେ ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ କୋଶଳାର ମା ରାମଚଣ୍ଡୀଙ୍କ ପୀଠରେ "ତାଳଚେର ପ୍ରଜାମଣ୍ଡଳ" ଗଠନ ହୋଇଥିଲା । ସେତେବେଳେ ଯେଉଁ ହିଜାରତ କ୍ୟାମ୍ପ ହୋଇଥିଲା, ତାଳଚେରର ଷାଠିଏ ହଜାର ପ୍ରଜା କୋଶଳା କ୍ୟାମ୍ପରେ ହିଁ ଆଶ୍ରୟ ନେଇଥିଲେ । କୋଶଳା ଗ୍ରାମବାସୀ ଅକୁଣ୍ଠଚିତ୍ତରେ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଇ ଦେଇଥିଲେ । ୧୯୪୨ ମସିହା ଅଗଷ୍ଟ ୨୭ ତାରିଖରେ ମା ରାମଚଣ୍ଡୀଙ୍କ ଯାତ୍ରା ଚାଲିଥାଏ । ସତ୍ୟାଗ୍ରହୀ ମାନେ ପୂର୍ବରୁ ସତର୍କତାର ସହ ଗ୍ରାମ ଗ୍ରାମରେ ପ୍ରଚାର ପତ୍ର ବାଣ୍ଟି ସାରିଥାନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ବଡ ବଡ ଗଛକାଟି ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ ।ଡାକ ତାରକୁ ସମ୍ପୂର୍ଣ୍ଣ କାଟି ଦେଇଥିଲେ । ମା ରାମଚଣ୍ଡୀଙ୍କ ଯାତ୍ରା ପଡ଼ିଆରେ ଏକ ସଭାମଞ୍ଚ କରାଗଲା । ସଂଗ୍ରାମୀମାନେ ସଭାମଞ୍ଚରେ ଚଢି ଜାତୀୟ ପତାକା ଉତ୍ତୋଳନ ସହ ପୋଲିସର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ । ଅଗଷ୍ଟ ବିପ୍ଳବର ବାର୍ତ୍ତା କର ବା ମର ପାଇଁ ଆହ୍ୱାନ ଦିଆଯାଇଥିଲା । ଭାରତ ମାତା କି ଜୟ, ମହାତ୍ମା ଗାନ୍ଧୀ କି ଜୟ, ଧ୍ୱନିରେ ସମଗ୍ର ଯାତ୍ରା ପଡିଆ ପ୍ରକମ୍ପିତ ହେଲା । ଗୁଇନ୍ଦା ଖବର ପାଇବା ପରେ ପୋଲିସର ଦମନଲୀଳା ଚାଲିଲା । ସମଗ୍ର ଯାତ୍ରା ପଡିଆ ରଣକ୍ଷେତ୍ରରେ ପରିଣତ ହେଲା । ଛଅ ଜଣ ସଂଗ୍ରାମୀଙ୍କୁ ଗିରଫ କରାଗଲା । ଚାଲି ଚାଲି ୨୮ କିମି ଅନୁଗୋଳ କାରାଗାରକୁ ଯିବାପାଇଁ ନିର୍ଦ୍ଦେଶ ହେଲା । କିନ୍ତୁ ସଂଗ୍ରାମୀମାନେ ପ୍ରତିବାଦ କରିବାରୁ ପୋଲିସ ଠାରୁ ଅକଥନୀୟ ନିର୍ଯାତନା ଭୋଗିଥିଲେ । ସେହି ଛଅ ଜଣଙ୍କ ସହ କୋଶଳାରୁ ୨୨ ଜଣ ସ୍ୱାଧୀନତା ସଂଗ୍ରାମୀ ଏହି ଆନ୍ଦୋଳନରେ ଝାସ ଦେଇ ବିଭିନ୍ନ ଜେଲ୍ରେ ଦୀର୍ଘ ଦିନ ଧରି କାରାବରଣ କରିଥିଲେ, ଯାହାକି ସରକାରଙ୍କ ତାଲିକାରେ ଅନ୍ତର୍ଭୁକ୍ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଗ୍ରାମୀମାନେ ଉତ୍ତ୍ୟକ୍ତ ହୋଇ ପୋଲିସର ଅସ୍ଥାୟୀ କ୍ୟାମ୍ପ୍ କୁ ଜାଳି ଦେଇଥିଲେ ।

ବୀରଭୂମୀ କୋଶଳାକୁ ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ମା ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ପବିତ୍ର ମୋହନ ପ୍ରଧାନ, ଆଗାଥା ହାରିସନ, ଥକ୍କର ବାପାଙ୍କ ଭଳି କ୍ରାନ୍ତିକାରୀ ନେତୃମଣ୍ଡଳୀ ବାରମ୍ବାର ଆସି ସଂଗ୍ରାମୀମାନଙ୍କୁ ଉତ୍ସାହ ଓ ସାହସ ଦେଉଥିଲେ । ଏହି ଐତିହାସିକ ସ୍ମୃତିକୁ ଆଗାମୀ ପିଢ଼ିଙ୍କୁ ବିପ୍ଳବର ବାର୍ତ୍ତା ଦେବାପାଇଁ ପ୍ରତ୍ୟେକ ବର୍ଷ ମା ରାମଚଣ୍ଡୀଙ୍କ ଯାତ୍ରା ଦିନ ପତାକା ଉତ୍ତୋଳନ କରାଯାଇଥାଏ । ଯାହାକି ଓଡ଼ିଶାର ଏକ ବିରଳ ଐତିହ୍ୟ । ଏହି ଅଗଷ୍ଟ ୨୭ ଆସିଲେ ବିପ୍ଳବର ବାର୍ତ୍ତା ମନେପକାଇ ଦିଏ ଆମ ପୂର୍ବସୂରୀଙ୍କ ବୀରତ୍ୱର କାହାଣୀ । ଏ ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ "ସ୍ମୃତି ସ୍ତମ୍ଭ" ନିର୍ମାଣ ପାଇଁ ବହୁ ଦିନରୁ ଦାବୀ ହୋଇ ଆସୁଥିଲେ ମଧ୍ୟ ନିର୍ମାଣ ନହେବା ଅତି ଦୁଃଖ ଓ ପରିତାପର ବିଷୟ । ଆଶା ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ।

କୋଶଳା ସ୍ୱାଧୀନତା ଆନ୍ଦୋଳନର ସପ୍ତରଥି

୧- ଶ୍ରୀ ଦିବାକର ପ୍ରଧାନ

୨- ଶ୍ରୀ ଗଣେଶ୍ୱର ସାହୁ

୩- ଶ୍ରୀ ଆନନ୍ଦ ଚନ୍ଦ୍ର ସାହୁ

୪- ଶ୍ରୀ ରସାନନ୍ଦ ପ୍ରଧାନ

୫- ଶ୍ରୀ ବିଶେଶ୍ୱର ପ୍ରଧାନ

୬- ଶ୍ରୀ ବୃନ୍ଦାବନ ସାହୁ

୭- ଶ୍ରୀ ଲୋକନାଥ ପ୍ରଧାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(ଏହି ୭ ଜଣଙ୍କ ସହ ମୋଟ୍ ୨୨ ଜଣ ସଂଗ୍ରାମୀ, ସରକାରଙ୍କ ତାଲିକା ଥିଲେ ମଧ୍ୟ ଏଭଳି ଅନେକ ସଂଗ୍ରାମୀ ଅଣବନ୍ଦୀ ଭାବେ ସଂଗ୍ରାମ କରିଥିଲେ । କହିବାକୁ ଗଲେ କୋଶଳାର ପ୍ରତ୍ୟେକଟି ମଣିଷ ଜଣେ ଜଣେ ସଂଗ୍ରାମୀ ଥିଲେ)

ଗୋପୀବଲ୍ଲଭପୁର, କୋଶଳା

ଅନୁଗୋଳ, ୭୫୯୧୩୦

ମୋ - ୯୮୭୧୯୭୦୪୧୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଓଡ଼ିଆ ହକିତାରକା : ଅମିତ୍ ରୋହିଦାସ୍



ରାମଚନ୍ଦ୍ର ପ୍ରଧାନ

ଭାରତୀୟ ହକି ଜଗତରେ ଅମିତ୍ ରୋହିଦାସ ଜଣେ ପରିଚିତ ନାମ । ସେ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ଏକ ଆଦିବାସୀ ଅଧ୍ୟୁଷିତ ଗାଁ 'ସଉନାମରା'ରେ ୧୯୯୩ ମେ ୧୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଗୋପାଲ୍ ରୋହିଦାସ ଓ ମାତାଙ୍କ ନାମ ଗୋଲାପୀ ରୋହିଦାସ । ଅମିତଙ୍କ ଜଣେ ବଡ଼ ଭାଇ ଆଉ ତିନି ଜଣ ଭଉଣୀ ଅଛନ୍ତି । ଅଭାବ ଅନାଟନ ଓ ଦାରିଦ୍ର୍ୟ ଭିତରେ ସେ ଦେଖିଥିଲେ ତାଙ୍କ ସଫଳତାର ସୁନେଲି ସ୍ୱପ୍ନ । ଖଣ୍ଡେ ହକି ଷ୍ଟିକ୍ କିଣିବାକୁ ତାଙ୍କ ପାଖେ ପଇସା ନ ଥିଲା । ଆଉ ସେତେବେଳେ ସେ ବାଉଁଶର ବଙ୍କୁଲି ବାଡ଼ିରେ ହକି ଖେଳିବା ଆରମ୍ଭ କରିଥିଲେ । ହକିଖେଳର ନିଶା ତାଙ୍କୁ ଏମିତି ଘାରିଥିଲା ଯେ ସ୍କୁଲକୁ ନଯାଇ ସେ ଘରୁ ଲୁଚି ପଳାଉଥିଲେ ହକିଖେଳିବାକୁ । ବାଲି ସଂକରା ବ୍ଲକ ଅନ୍ତର୍ଗତ ସଉନାମରା ଭଳି ଅଖ୍ୟାତ ପଲ୍ଲୀରୁ ଟୋକିଓ ଅଲମ୍ପିକ ଯାତ୍ରା ସତରେ ବହୁ ସଂଘର୍ଷମୟ ଥିଲା । ଦିନକୁ ଦୁଇ ଓଳା ଖାଇବାକୁ ସଂଘର୍ଷ କରୁଥିଲା ଅମିତଙ୍କ ପରିବାର । ପରିବାରର ଅବସ୍ଥା ଏମିତି ଥିଲା ଯେ ଅମିତଙ୍କ ବାପା ଗୋଆରେ ଦାଦନ ଖଟୁଥିଲେ । ସେ ଗାଁ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରୁ ବାଉଁଶ ବାଡ଼ିରେ ହକି ଖେଳିବା ଆରମ୍ଭ କରିଥିଲେ । ସେ ଗୋଡ଼ରେ ପଟା ବାନ୍ଧି ଗୋଲ୍ କିପର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାୟିତ୍ୱ ତୁଲାଉ ଥିଲେ । ତାପରେ ଗାଁ'ର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ୨୦୦୪ ମସିହାରେ ରାଉଲକେଲା ସ୍ଥିତ ପାନପୋଷ ହଷ୍ଟେଲରେ ତାଲିମ ନେଇଥିଲେ । ମାତ୍ର ୪ ବର୍ଷ ବୟସରୁ ସେ ହକି ଖେଳକୁ ନିଜ ଜୀବନର ସବୁଠୁ ବଡ଼ ସ୍ୱପ୍ନ ବୋଲି ଧରି ନେଇଥିଲେ । ଆଉ ଅମିତଙ୍କ ସେଇ ବହୁ ପ୍ରତିକ୍ଷୀତ ସ୍ୱପ୍ନ ସାକାର ହେଲା ୨୦୦୯ ମସିହାରେ କନିଷ୍ଠ ଜାତୀୟ ଦଳକୁ ଓ ୨୦୧୩ ମସିହାରେ ବରିଷ୍ଠ ଜାତୀୟ ଦଳକୁ ମନୋନୀତ ହୋଇ ।  ସେବେଠାରୁ ସେ ଆଉ ପଛକୁ ଫେରି ନାହାନ୍ତି । ସେ ଏଯାବତ୍ ୧୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଓ ଦୁଇଟି ଅଲମ୍ପିକ୍ ଖେଳି ଢେର ସାରା ପ୍ରଶଂସା ସାଉଁଟିବା ସହ ଦେଶ ପାଇଁ ଗୌରବ ଆଣିଛନ୍ତି ।

ଭାରତୀୟ ପୁରୁଷ ହକିରେ ଅମିତ୍ ରୋହିଦାସ ଜଣେ ଡ଼ିଫେଣ୍ଡର ଭାବେ ଖେଳୁଥିଲେ । ତାଙ୍କ ଭାଗିଦାରୀରେ ଭାରତୀୟ ପୁରୁଷ ହକି ଦଳ ୨୦୧୩ ଏସିଆ କପରେ ରୌପ୍ୟ, ୨୦୧୬ ବିଶ୍ୱ ହକି ଲିଗରେ ବ୍ରୋଞ୍ଜ, ୨୦୧୭ ଏସିଆନ ଚମ୍ପିୟାନସିପରେ ସ୍ୱର୍ଣ ଏବଂ ୨୦୧୮ ଏସିଆ କପରେ ବ୍ରୋଞ୍ଜ ପଦକ ହାସଲ କରିଥିଲା । ଲଣ୍ଡନରେ ଅନୁଷ୍ଠିତ ୨୦୨୦ ଟୋକିଓ ଅଲମ୍ପିକରେ ଜର୍ମାନୀକୁ ହରାଇ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରି ବିଶ୍ୱ ଦରବାରରେ ଭାରତ ମାତାର ଟେକ ରଖିଥିଲେ ଏଇ ଓଡ଼ିଆ ଖେଳାଳୀ । ଟୋକିଓ ଅଲମ୍ପିକରେ ସେ ଭାରତ ପାଇଁ ସୁରକ୍ଷା କବଚ ସାଜିଥିଲେ ଗୋଲ କିପର ଭାବେ ଖେଳି । ଜଣେ ବଳିଷ୍ଠ ତଥା ନିର୍ଭରଯୋଗ୍ୟ ଡ଼ିଫେଣ୍ଡର ଭାବେ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତିଥିଲେ । ତାଙ୍କ ଭାଗିଦାରୀରେ ଦୀର୍ଘ ୪୧ ବର୍ଷ ପରେ ଭାରତ ଅଲମ୍ପିକରେ କୌଣସି ପଦକ ହାସଲ କରିଥିଲା । ଅପୂର୍ବ ହକି ଖେଳ ପଦର୍ଶନ ପାଇଁ ଅମିତଙ୍କୁ ୨୦୨୧ ମସିହାରେ ଅର୍ଜୁନ ପୁରସ୍କାର ମିଳିଥିଲା । ଏହାଛଡା ଅମିତଙ୍କୁ ଜୟ ଭାରତ ଫାଉଣ୍ଡେସନ ତରଫରୁ ଭାରତ ଗୌରବ ସମ୍ମାନ ଏବଂ ରାଜ୍ୟ ସରକାର ପକ୍ଷରୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ବିଜୁ ପଟ୍ଟନାୟକ କ୍ରୀଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମାନରେ ସମ୍ମାନିତ କରାଯାଇଥିଲା । ପଦ୍ମଶ୍ରୀ ଦିଲୀପ ତୀର୍କି ତାଙ୍କ ପ୍ରେରଣାର ଉତ୍ସ । ଟୋକିଓ ଅଲମ୍ପିକରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିବା ପରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଅମିତ୍ ରୋହିଦାସଙ୍କୁ ଅଢେଇ କୋଟି ଟଙ୍କା ସହ ଡିଏସପି ପଦବୀରେ ନିଯୁକ୍ତି ଦେଇଥିଲେ । ଏହି ସଫଳତା ପାଇବାରେ ସେ ବୀରେନ୍ଦ୍ର ଲାକ୍ରାଙ୍କ ପରେ ଦ୍ୱିତୀୟ ଓଡ଼ିଆ । ଅଲମ୍ପିକରେ ଅମିତ୍ ଜଣେ ସାଇଲେଣ୍ଟ ହିରୋ ଥିଲେ । ତାଙ୍କ ଜର୍ସି ନଂ ଥିଲା ୩୦ । ସେ ନିଜ ବଳିଷ୍ଠ ପ୍ରତିଭାର ଚମକରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ବାସ୍ତବରେ ହକି ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ଅବଦାନ ପ୍ରଶଂସନୀୟ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ

ସାନ୍ତରାପଲ୍ଲୀ, ଗଞ୍ଜାମ

ଭ୍ରାମ୍ୟଭାଷ : ୯୮୬୧୭୩୮୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଣତନ୍ତ୍ର: ଏକ ସମୀକ୍ଷା



ସୁନୀଲ କୁମାର ଅଗସ୍ତି

ମୋ ଦେଶ ଭାରତ, ମୁଁ ଜଣେ ଭାରତୀୟ, ମୁଁ ଭାରତବର୍ଷର ନାଗରିକ ନିଜକୁ ଗର୍ବିତ ମନେକରେ । ଏହିପରି ପୃଥିବୀର ସମସ୍ତ ଲୋକ ନିଜ ନିଜ ଦେଶ ପାଇଁ ଜନ୍ମ ମାଟି ପାଇଁ ଗର୍ବ ଅନୁଭବ କରନ୍ତି । ଅନେକ ଧର୍ମ ଏକ ଭାରତ, ଅନେକ ଭାଷା ଏକ ଭାରତ, ଅନେକ ଜାତି ଏକ ଭାରତ । ଏମିତି ବିବିଧତାର ଏକତାର ସ୍ରୋତରେ ବନ୍ଧା ଭାରତବର୍ଷ ପୃଥିବୀରେ ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର, ପୃଥିବୀବାସୀ ଚମତ୍କୃତ । ବହୁ କଷ୍ଟ ସ୍ୱୀକାର କରି ସ୍ୱାଧୀନତା ପ୍ରାପ୍ତି ହେବାର ଆମ ଦେଶକୁ ଆଉ କେଇଟା ବର୍ଷ ପରେ ଅଶୀ ବର୍ଷ ହେବ । ପୁଣି ଆମେ ସଫଳତାର ସହ ଗଣତନ୍ତ୍ର ଚଲେଇଛୁ ।

ଯେ କୌଣସି ଶାସନ ପଦ୍ଧତିରେ ଏକ ଶାସକ ଗୋଷ୍ଠୀ ଥାଆନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଶାସକ ଗୋଷ୍ଠୀର ଚାରିପଟେ ଏକ ସୁବିଧାବାଦୀ ଗୋଷ୍ଠୀ ଆପେ ଆପେ ସୃଷ୍ଟି ହୋଇ ଯାଆନ୍ତି । ଏ' ଗୋଷ୍ଠୀ ଯେ ସମଭାବାପନ୍ନ ତା' ମାନେ କିଛି ନାହିଁ । ଏମାନଙ୍କ ମଧ୍ୟରେ ତିକ୍ତତା ଥାଏ ଅବା ସୃଷ୍ଟି ହୁଏ । ଏ ବିବାଦକୁ ସମାଧାନ କରନ୍ତି ଶାସକ ଗୋଷ୍ଠୀର ମୂଖ୍ୟ । ପୁଣି ଏ ସୁବିଧାବାଦୀ ଗୋଷ୍ଠୀକୁ ଛାଡି ଦେଶ ରାଜ୍ୟ ଭିତରେ ଅସୁବିଧା ଭୋଗୁଥିବା ମହା ଜନସମୂହର ଚିତ୍କାର ଶୁଭୁଥାଏ । ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍କାର କରୁଥିବା ଲୋକମାନଙ୍କର ନେତୃତ୍ୱ ନେଉଥିବା ଊଣାଅଧିକେ ଶାସକଗୋଷ୍ଠୀର ସୁବିଧାବାଦୀ ଗୋଷ୍ଠୀରେ ନିଜକୁ ସାମିଲ କରିବା ପାଇଁ ଅହରହ ଚେଷ୍ଟାରେ ଥାଆନ୍ତି । ସମୟ ଓ ସୁଯୋଗ ଦେଖି କେତେକ ସଫଳ ମଧ୍ୟ ହୁଅନ୍ତି । ସୁବିଧାବାଦୀ ଗୋଷ୍ଠୀରେ ସାମିଲ ହେଲା ପରେ ଏମାନେ ତାଙ୍କର ଚିତ୍କାରର କାରଣ ଗୁଡିକୁ ଭୁଲିଯାଆନ୍ତି ଓ ଅନ୍ୟ ତାଙ୍କର ସେ ସମୟର ସମସାମୟିକ ଜନତାଙ୍କ ସ୍ୱରକୁ ନ'ଶୁଣି ପାରିବାର ଅଭିନୟ କରନ୍ତି । "ଗଣତନ୍ତ୍ର"ରେ ଏପରି ହୁଏ ।

ପ୍ରତ୍ୟେକ ଶାସନ ପଦ୍ଧତିରେ ଅସନ୍ତୁଷ୍ଟ ଶାସକ ଗୋଷ୍ଠୀ ଥାଆନ୍ତି । ଏହା ଅତି ସାଧାରଣ କଥା ଗଣତନ୍ତ୍ରରେ । କିନ୍ତୁ ଯେ କୌଣସି ଶାସନ ପଦ୍ଧତି ବିରୋଧରେ ଯଦି ବିଶାଳ ଜନସମୁଦ୍ର ଅସନ୍ତୋଷର ବହ୍ନି ଜାଳନ୍ତି ଏବଂ ଏ 'ଲାଭା'ର ନେତୃତ୍ୱ, ବାଟ ନ' ହୁଡିଲେ ଜନ ବିପ୍ଲବ ଅବଶ୍ୟମ୍ଭାବି ହୋଇପଡେ । କାରଣ 'ଫରାସୀ' ବିପ୍ଲବରୁ ଆମେ ଜିଣିଛୁ ଶିଖିଛୁ ଯେ ଯେତେବେଳେ ବି କୌଣସି ଦେଶ, ରାଜ୍ୟ ଅବା ସମାଜର କିଛି ପରିବର୍ତ୍ତନ ଘଟିଛି, ସେତେବେଳେ ତାହା ସମ୍ଭବ ହୋଇଛି ବିଶାଳ ଅବହେଳିତ ଜନସମୁହର ନେତୃତ୍ୱ ଦ୍ୱାରା । ଗଣତନ୍ତ୍ର ହେଉଛି ବିନା ରକ୍ତପାତର ସୁ-ଶାସନ ବ୍ୟବସ୍ଥା । ଅବହେଳିତ ଗୋଷ୍ଠୀ ହତିଆର୍ ନ' ଧରି 'ଭୋଟ୍'ରେ ନିଜର ଜବାବ ରଖିଥାନ୍ତି । ପୁଣି ବିନା ହାହାକାରରେ ପରିବର୍ତନ ହୁଏ ବୋଲି ଗଣତନ୍ତ୍ରର ସମସ୍ତେ ଗୁଣଗାନ କରନ୍ତି । କିନ୍ତୁ ଦେଖାଯାଏ ପରିବର୍ତ୍ତିତ ଧାରାରେ ଶାସନ ଅକ୍ତିଆର କରିଥିବା ଗୋଷ୍ଠୀ ପୁଣି ସେଇ ଚିରାଚରିତ ଧାରା ସୁବିଧାବାଦୀ ଗୋଷ୍ଠୀରେ ନିଜକୁ ସାମିଲ କରି ନିଅନ୍ତି । ବିଚାରା ଭୋଟର୍ ନିଜକୁ ନିଜେ ନିନ୍ଦି ଚୁପ୍ ରହିଯାଏ ଓ ମନେ ମନେ ଆଉ ଗୋଟିଏ "ବିପ୍ଲବ" କୁ ସ୍ମରଣ କରି ବସେ ।

'ଗଣତନ୍ତ୍ର'ର ଚରିତ୍ର ଦୁଇ ପ୍ରକାର, ଗୋଟିଏ ଭିତର ଓ ଅନ୍ୟଟି ବାହାର । ବ୍ୟକ୍ତିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାର ଚରିତ୍ରକୁ ଦେଖି ଲୋକେ ନିଜର ମତ ସାବ୍ୟସ୍ତ କରନ୍ତି । ଭିତର ଚରିତ୍ରକୁ କିଏ ଦେଖୁଛି ? ଗଣତନ୍ତ୍ରରେ କିଏ ମହାନ୍ ? ଏ' ପ୍ରଶ୍ନ ମନରେ ବେଳେ ବେଳେ ଉଙ୍କି ମାରେ । 'ଗଣତନ୍ତ୍ର'କୁ ନେଇ ମହାମନିଷୀମାନେ ଯୁଗେ ଯୁଗେ ବହୁ ମଲ୍ୟବାନ୍ କଥା କହି ଯାଇଛନ୍ତି । ସେ ଗୁଡିକ ମଧ୍ୟରୁ ଜଣେ ମହା ମନିଷୀ କହି ଥିବା ଉକ୍ତି "ଯେଉଁ ଦେଶରେ ଯେତେ ଅଧିକ ଲୋକ ଶିକ୍ଷିତ ଅବା ଯେତେ ଅଧିକ ଲୋକ ଅଶିକ୍ଷିତ ସେ ଦେଶରେ ଗଣତନ୍ତ୍ର ସଫଳତାର ଚରମ ସୀମାକୁ ସ୍ପର୍ଶ କରେ", ସମସ୍ତ ଗୁଣୀ ଜ୍ଞାନିଙ୍କ ମନକୁ ସର୍ବଦା ଆନ୍ଦୋଳିତ କରେ । ବର୍ତମାନ ଆମ ଦେଶ, ରାଜ୍ୟରେ ଯିଏ ଯେତିକି ଅଧିକ ଦରବ ଅବା ଅର୍ଥ ମାଗଣାରେ ଜନସାଧାରଣଙ୍କୁ ଉପଲବ୍ଧ କରାଇ ପାରିଲା ସେ ସେତିକି ଉଚ୍ଚ ମର୍ଯାଦା ସମ୍ପନ୍ନ "ରାଜନୀତିଜ୍ଞ" ଏବଂ ମହାନ ମଧ୍ୟ । ଏ' ମାଗଣା ପରମ୍ପରା ସୁବିଧାବାଦୀ ଗୋଷ୍ଠୀଙ୍କ ଭିତର ଚରିତ୍ରକୁ ପରବର୍ତ୍ତୀ ସମୟରେ ଆହୁରି ମଜବୁତ୍ କରେ । ଏପଟେ ବିଶାଳ ଜନସମୁଦ୍ର 'ମାଗଣା ପର୍ବ'କୁ ପାଳନ କରି କରି ଅଳସୁଆ ଓ ରୋଗ ଗ୍ରସ୍ତ ହୋଇ ପଡନ୍ତି । ପୁଣି 'ଗଣତନ୍ତ୍ର' ଜଣେ କିମ୍ବା ଦୁଇଜଣଙ୍କର ସ୍ୱର ନୁହେଁ, ଏକ ଜନ ସୁନାମୀର ସ୍ୱର । ଲୋକତନ୍ତ୍ରରେ ସାଧାରଣତଃ ମୌଳିକ ଚିନ୍ତାଧାରା ଅବା ଦୃଷ୍ଟିଭଙ୍ଗୀକୁ ପ୍ରଥମେ ଅଣଦେଖା କରାଯାଏ । ପରେ ଏ' ଚିନ୍ତାଧାରା ଯେତେବେଳେ ସମଗ୍ର  ଜନମାନସକୁ ଅନ୍ଦୋଳିତ କରେ ସେତେବେଳେ ସମୟ ବହୁତ ଗଡି ଯାଇଥାଏ । ପୁଣି ଗଣତନ୍ତ୍ରରେ ଆମ ଦେଶର ଯେ କୌଣସି ଲୋକ ଶାସକ ଗୋଷ୍ଠୀରେ ସାମିଲ୍ ହୋଇପାରେ । ଆମମାନଙ୍କର ଗୋଟିଏ ଧାରଣା ଅଛି ଶାସକ ଗୋଷ୍ଠୀରେ ଯିଏ ସାମିଲ୍ ହେଲା ସେ ଜଣେ ମହାଜ୍ଞାନୀ, ତାଙ୍କର ପ୍ରତ୍ୟେକ କଥା ବେଦର ଗାର । କିନ୍ତୁ ପ୍ରକୃତରେ ଆମର ଏ' ଧାରଣା ସଂପୂର୍ଣ୍ଣ ଅମୂଳକ, ହେଲେ ଆମ ଗଣତନ୍ତ୍ରରେ ଏହାକୁ ଏତେ ଗୁରୁତ୍ୱ ଦିଆଯାଏ ନାହିଁ । ପ୍ରାୟତଃ ଦେଖାଯାଏ ଲୋକତନ୍ତ୍ରରେ ଚିନ୍ତାଶୀଳ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଦ୍ଧିଜୀବୀ ସାମିଲ୍ ହେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ ଯେଉଁ ମାନେ କି' ଶାସକ ଗୋଷ୍ଠୀର ମିଛକୁ ପଦାରେ ପକାଇ ପାରନ୍ତେ । ପୁଣି ଆମେ ଜାଣୁ ଯେ ଲୋକତନ୍ତ୍ରରେ ଦେଶର ପ୍ରତ୍ୟେକ ଲୋକର ସତ୍ୟ ଉନ୍ମୋଚନ କରିବାର୍ ଅଧିକାର ରହିଛି । ଆମ ଦେଶପରି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ଗଣତନ୍ତ୍ରର ସଫଳତା ପାଇଁ ସକ୍ରିୟ ଓ ସଚେତନ ରହିବା ନିହାତି ଆବଶ୍ୟକ । ଛୋଟରୁ ଛୋଟ ସତ୍ୟ ପ୍ରତି ଆଖି ବୁଜିଲେ କିମ୍ବା ଲୁଚାଇଲେ ଏହା ଦିନେ ଗଣତାନ୍ତ୍ର ପ୍ରତି ଘାତକ ଯେ ସାବ୍ୟସ୍ତ ନା' ହେବ କିଏ କହି ପାରିବ ।

ଭାରତବର୍ଷ ସ୍ୱାଧୀନତାପ୍ରାପ୍ତି ପରଠାରୁ ବିବିଧତାରେ ଏକତା ମନ୍ତ୍ରରେ ଉତ୍ସର୍ଗୀକୃତ । ଆମ ଦେଶର ସମ୍ବିଧାନ ମଧ୍ୟ ଏହି ଧାରାରେ ଜନ୍ମ ନେଇଛନ୍ତି । ଆମ ସମ୍ବିଧାନ ଲେଖା ହେବାର ପ୍ରାୟ ଅଶୀ ବର୍ଷ ହୋଇ ଗଲାଣି । ଅଶୀ ବର୍ଷ ତଳର ଭାରତର ପ୍ରତ୍ୟେକ ଦିଗର ସ୍ଥିତି ଓ ପରିବେଶକୁ ଅନୁଧ୍ୟାନ କରି ନିଶ୍ଚିତ ରୂପେ ଆମ ସମ୍ବିଧାନର ପରିକଳ୍ପନା କରାଯାଇଥିବ । ଆମ ସମ୍ବିଧାନ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ଯଥେଷ୍ଟ ସମ୍ମାନ ରହିଛି ଏବଂ ସେ' ଯେ କେହି ହୁଅନ୍ତୁ ନା' କାହିଁକି ସମ୍ବିଧାନର ଉର୍ଦ୍ଧ୍ୱରେ କେହି ନାହାନ୍ତି । ସମ୍ବିଧାନରେ ବବିଧତାରେ ଏକତା ମନ୍ତ୍ରକୁ ସେ ସମୟର ତତ୍କାଳ ପରିବେଶକୁ ଅନୁଧ୍ୟାନ କରି ଖୁବ୍ ଗୁରୁତ୍ୱ ଦିଆଯାଇଛି, ବହୁତ ସୁନ୍ଦର, ଉଚ୍ଚ ମାନର ଦୃଷ୍ଟିଭଙ୍ଗୀ । ହେଲେ ଯୁଗ ଓ ସମୟ ସହ ତାଳ ଦେଇ ଆମକୁ ଆଗକୁ ବଢ଼ିବାକୁ ହେବ । ଚିରାଚରିତ ମନ୍ତ୍ରରେ ଆମେ ଚଳିତ 'ଅଲମ୍ପିକ' ଖେଳରୁ ନଅଟି ପଦକ ପାଇଛୁ । ଜନସଂଖ୍ୟା ଦୃଷ୍ଟିରୁ ଆଦୌ ଗର୍ବର ବିଷୟ ନୁହେଁ । ଭାରତବର୍ଷର ଶିକ୍ଷିତ ଯୁବପିଢ଼ି ବର୍ତ୍ତମାନ ଶଙ୍କାଗ୍ରସ୍ତ, ତା'ଠାରେ ଉତ୍ସାହର ଅଭାବ, ଦମ୍ଭ ଆଦୌ ନାହିଁ କହିଲେ ଚଳେ । କାରଣ ଆମ ଦେଶରେ ବର୍ତ୍ତମାନ ହାତୀ ଟାଣିବା ଗାଡ଼ିକୁ ମାଙ୍କଡ ଟାଣୁଛି ଓ ମାଙ୍କଡ ଟାଣିବା ଗାଡ଼ିକୁ ଅନିଚ୍ଛା ସତ୍ତ୍ୱେ ହାତୀ ଟାଣୁଛି । ଏପଟେ ହାତୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜର ବଳବାହୁ ଥାଇ ମଧ୍ୟ ମାଙ୍କଡକୁ ହାତ ଯୋଡୁଛି । ପୁଣି ମାଙ୍କଡ ଗାଡି ଟାଣି ନ' ପାରି ତା'ଠାରୁ ବଡ ଗାଡି ଟାଣୁଥିବା ସେଇ ଏକା ମାଙ୍କଡକୁ ତ୍ରାହି ଡାକୁଛି । ଏପରି ସ୍ଥଳେ ଉଭୟ ଗାଡିର ବେଗ ଧିର ହେବା ସ୍ୱାଭାବିକ । କାରଣ ଆମ ଏଠି ଯୋଗ୍ୟତା ଭିତ୍ତିରେ ଗାଡି ଟାଣିବା କାମ ମିଳେ ନାହିଁ । ଯେତେ ମାଙ୍କଡ, ଛେଳି ଅଯୋଗ୍ୟତା ଭିତ୍ତିରେ ଗାଡି ଟାଣୁଛନ୍ତି । ଏପଟେ ସଂପୂର୍ଣ୍ଣ ଯୋଗ୍ୟତା ଥିବା ହାତୀ ଦଳ କାମ ଧନ୍ଦା ନ' ପାଇ ନିରାଶାର ଅନ୍ଧକାର୍ ଭିତରେ ଜୀବନ ବିତାଉଛନ୍ତି । ଏପରି ସ୍ଥଳେ ଶିକ୍ଷିତ ଯୁବ ଗୋଷ୍ଠୀ ମଧ୍ୟରେ ଦେଶପ୍ରେମ ଜାଗ୍ରତ ହେବ କିପରି ?

ବର୍ତ୍ତମାନ ସମୟ ସହ ତାଳ ଦେଇ ଆମକୁ ମଧ୍ୟ ପରିବର୍ତ୍ତନ ହେବାକୁ ପଡିବ । ବିବିଧତାରେ ଏକତା ମନ୍ତ୍ର ସହ ବର୍ତ୍ତମାନ ଯୋଡିବାକୁ ହେବ "ସମସ୍ତେ ସମାନ୍, ସମାନତାର ସୂତ୍ରରେ ଏକତା ମନ୍ତ୍ର" । ଗଣତନ୍ତ୍ରକୁ ନେଇ ଆବ୍ରାହାମ ଲିଙ୍କନ୍ ଙ୍କ କାଳଜୟୀ ପଦଟି ମନେ ପଡୁଛି । The ballot is Stronger than the Bullet", ସମସ୍ତେ ସ୍ୱୀକାର କରିଛନ୍ତି । କିନ୍ତୁ ଆମ ଏଠି ହାତୀ ଓ ମାଙ୍କଡ କଳହରେ ଆଗକୁ ବେଲଟ୍ ସ୍ଥାନରେ 'ବୁଲେଟ୍'ର' ଯେ ବିସ୍ଫୋରଣ ନ' ହେବ କିଏ କହି ପାରିବ ?ଇତିହାସ ଏହାର ସାକ୍ଷୀ ଯୁଗେ ଯୁଗେ ।

ଟିଟିଲାଗଡ଼, ବଲାଙ୍ଗୀର


ମୋ/୯୪୩୭୨ ୧୦୮୮୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ଗୌରୀ ପଣ୍ଡା

ସୃଷ୍ଟି କର୍ତ୍ତାଙ୍କ ସୃଷ୍ଟିରେ ଦୁଇଟି ଜାତି । ନାରୀ ଆଉ ପୁରୁଷ । ଦୁହେଁ ସମାନ । ନାରୀ ଟିକିଏ ଭିନ୍ନ । କାହିଁକି "ନାରୀ ସୁନ୍ଦର ଶବ୍ଦଟିଏ, ସୁନ୍ଦର ଜାଗାଟିଏ ଓ ସୁନ୍ଦର ଭାବଟି । ଫୁଲ ଆଉ ନାରୀ ଦୁହେଁ ସମାନ । ଫୁଲ ଯେପରି ତାର ଗୁଣ, କୋମଳତା, ସୌନ୍ଦର୍ଯ୍ୟରେ ଜଗତବାସୀଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ ଠିକ୍ ସେହିପରି ନାରୀ ମଧ୍ୟ ଚାହିଁଲେ ତାର ଦୟା, କ୍ଷମା, ବିନୟ, ସୌନ୍ଦର୍ଯ୍ୟ, ବ୍ୟବହାର ମାଧ୍ୟମରେ ଜଗତବାସୀଙ୍କୁ ଆକୃଷ୍ଟ କରିପାରିବ । ନାରୀ ଜାୟା, ଜନନୀ, ଭଗିନୀ, ସଖୀ, ବାନ୍ଧବୀ, ପ୍ରେମିକା, ପତ୍ନୀ, ପ୍ରେୟସୀ, ସେ ହୋଇପାରେ ଦାନବୀ, ରାକ୍ଷସୀ, ମାନବୀ ତଥା ଦେବୀ ରୂପରେ ପ୍ରକଟ ହୋଇପାରେ । ତାର ଏ ସମସ୍ତ ରୂପ ସୃଷ୍ଟି କର୍ତ୍ତା ଙ୍କ ସୃଷ୍ଟି ରେ ବିଦ୍ୟମାନ । ହେଲେ ନାରୀ ଶବ୍ଦ ଟିର ଯଥାର୍ଥତା କେଉଁଠି ?

ନାରୀ, ସେ ଯେଉଁଥିପାଇଁ ସୃଷ୍ଟି ସେ ହେଲା ତାର ନାରୀ ସୁଲଭ ଗୁଣ ପାଇଁ । ନାରୀ ଶବ୍ଦର ଯଥାର୍ଥତା ସେତେବେଳେ ପ୍ରତିପାଦିତ ହୁଏ ଯେତେବେଳେ ସେ ମାଆଟିଏ ହୁଏ । ସେ ତା ଗର୍ଭରେ ସନ୍ତାନଟିକୁ ଧାରଣ କରେ । ନାରୀ ଜୀବନର ସଫଳତା ହାସଲ କରେ । ବୋଧେ ସ୍ରଷ୍ଟାଙ୍କ ସୃଷ୍ଟିର ଏହି ଉଦ୍ଦେଶ୍ୟପୂରଣ ପାଇଁ ହିଁ ତ ନାରୀର ଜନ୍ମ । ନଚେତ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଷଙ୍କ ଦ୍ୱାରା କଣ ସୃଷ୍ଟି ଚାଲାନ୍ତା ନି ?

ସତରେ ତାଙ୍କର ଉଦ୍ଦେଶ୍ୟ ସୃଷ୍ଟି ସର୍ଜନା । ତାଙ୍କ ଉଦ୍ଦେଶ୍ୟକୁ ସଫଳ କରେ ନାରୀ । ସନ୍ତାନଟିଏ ଜନ୍ମ ଦେଇ ସୃଷ୍ଟିକୁ ଏକପାଦ ଆଗେଇ ନେବାରେ ସହାୟକ ହୁଏ ନାରୀ । ନାରୀର ଶରୀରରେ ସନ୍ତାନ ସୃଷ୍ଟି କରିବାର କ୍ଷମତାଟିଏ ରହିଛି ଯାହାକି ସୃଷ୍ଟିକର୍ତ୍ତାଙ୍କ ଆଶୀର୍ବାଦ । ନାରୀ ଜନ୍ମର ସଫଳତା ସନ୍ତାନ ପ୍ରାପ୍ତିରେ ଭରି ରହିଛି । ନାରୀ ସୁଲଭ ଗୁଣ ସନ୍ତାନକୁ ଗର୍ଭରେ ଧାରଣ କରିବା ଦିନରୁ ହିଁ ବିକଶିତ ହୋଇଥାଏ । ଯେତେବେଳେ ସେ ମାଆ ହୁଏ ସମ୍ପୂର୍ଣ୍ଣ ନାରୀରେ ପରିଣତ ହୁଏ । ସେତେବେଳେ ତା ପାଖରେ ମାତୃତ୍ୱର ଝର ଝରିଥାଏ । ଯେକୌଣସି ମାଆ ତା ସନ୍ତାନ ନିକଟରେ ହାରିଥାଏ । ତା କ୍ଷତରେ ଲହୁଲୁହାଣ ହୁଏ । ତା ଦୁଃଖ ପାଖରେ ମର୍ମାହତ ହୁଏ ଓ ବିଷାଦଗ୍ରସ୍ତ ହୁଏ । ତା ରୋଗ ପାଖରେ ରୋଗାଗ୍ରସ୍ତ ହୁଏ । ତା ହସ, ତା ଆନନ୍ଦ, ତା ସଫଳତା ପାଖରେ ସଦାସର୍ବଦା ଗର୍ବ ଅନୁଭବ କରେ । ପ୍ରଭୁଙ୍କ ନିକଟରେ ନିଜକୁ ଋଣୀ କରେ, କାରଣ, ସେ ନାରୀ, ସୃଷ୍ଟିର ସୁନ୍ଦର ଅବଦାନ ଓ ଅର୍ଥ ପୂର୍ଣ୍ଣ ଶବ୍ଦଟିଏ ନାରୀ । ସେ ସହନଶକ୍ତି, ସେ ଦିବ୍ୟଦୃଷ୍ଟି ।

ଜୟପୁର

ଜିଲ୍ଲା -କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୋଗାଯୋଗର ଗୁରୁତ୍ୱ



ତ୍ରିନାଥ ପଟ୍ଟନାୟକ

## ଯୋଗାଯୋଗର ଗୁରୁତ୍ୱ ଏବଂ ଏହାର ପ୍ରଭାବଶାଳୀ ଉପାୟ

ଯୋଗାଯୋଗର ଗୁରୁତ୍ୱକୁ ବାରମ୍ବାର ଗୁରୁତ୍ୱ ଦିଆଯାଇଛି । କେତେକ ଲୋକ ଭଲ ଭାବରେ ଯୋଗାଯୋଗ କରିବା ପାଇଁ ଗୁଣବତ୍ତା ସହିତ ଜନ୍ମ ହୋଇଥିବାବେଳେ ଅନ୍ୟମାନେ ଏହାକୁ କିଛି ପରିଶ୍ରମ ସହିତ ଶିଖିପାରିବେ । ଯୋଗାଯୋଗ ପାଇଁ ଦୁଇଟି ମାର୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏହା ଦୁଇଟି ଉପାୟ ତେବେ ଯୋଗାଯୋଗ ପ୍ରଭାବଶାଳୀ ବୋଲି କୁହାଯାଏ । ଯଦି କେବଳ ଜଣେ ବ୍ୟକ୍ତି କଥାବାର୍ତ୍ତା କରନ୍ତି ଏବଂ ଅନ୍ୟ ଜଣକୁ ତାଙ୍କ ମତ ରଖିବାକୁ ସୁଯୋଗ ଦିଆଯାଏ ନାହିଁ ତେବେ ଏହା ଏକ ଅସ୍ୱାସ୍ଥ୍ୟକର ବାର୍ତ୍ତାଳାପ ଭାବରେ ବିବେଚନା କରାଯାଏ । ଯୋଗାଯୋଗର ଗୁରୁତ୍ୱକୁ ବୁଝିବାକୁ ହେବ କିନ୍ତୁ ସେହି ସମୟରେ ଲୋକମାନେ ସମାନ ଭାବରେ ନ୍ୟାୟ ଖେଳ ନିଶ୍ଚିତ କରିବେ ।ଘରେ ହେଉ କିମ୍ବା ଏକ ବୃତ୍ତିଗତ ସେଟିଂରେ, ଲୋକମାନେ ନିଶ୍ଚିତ ଭାବରେ ଦୁଇଟି ମାର୍ଗ ଯୋଗାଯୋଗର ମହତ୍ତ୍ୱକୁ ଚିହ୍ନିବା ଏବଂ ଅନୁଭବ କରିବା ଆବଶ୍ୟକ ।

## ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱ

ଅନେକ ଲୋକ ଯୋଗାଯୋଗର ମହତ୍ତ୍ୱ ବୁଝନ୍ତି ଏବଂ ଅନ୍ୟ ଲୋକଙ୍କ ସହିତ ସେମାନଙ୍କର କଥାକୁ ଯୋଗାଯୋଗ କରିବାକୁ ଚାହାଁନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସେମାନେ ଏହା କରିବାକୁ ଅସମର୍ଥ । ଏହାର କାରଣ ହେଉଛି ସେମାନଙ୍କର ଭଲ ଯୋଗାଯୋଗ ଦକ୍ଷତାର ଅଭାବ । ପ୍ରଭାବଶାଳୀ ଭାବରେ ଯୋଗାଯୋଗ କରିବାକୁ ଏଠାରେ କିଛି ଉପାୟ ଅଛି ସେହି ସବୁ ଉପାୟ ଗୁଡିକ ନିମ୍ନରେ ଆଲୋଚନା କରିବା:

## ବାଧା

ବାଧା ଅତ୍ୟନ୍ତ ବିରକ୍ତିକର ହୋଇପାରେ । ତୁମେ ତୁମର ବିନ୍ଦୁକୁ ସମ୍ପୂର୍ଣ୍ଣ କରିବା ପୂର୍ବରୁ ଅନ୍ୟ ଜଣକୁ ତାଙ୍କ ବିନ୍ଦୁ ସଂପୂର୍ଣ୍ଣ କରିବାକୁ ଦେବା ଜରୁରୀ ଅଟେ । କ୍ରମାଗତ ଭାବରେ ଅନ୍ୟ ଜଣକୁ ବାଧା ଦେବା ସେମାନଙ୍କୁ ବିନ୍ଦୁରୁ ଭ୍ରମଣ କରିପାରେ ଏବଂ ବାର୍ତ୍ତାଳାପ ଏକ ଭିନ୍ନ ମୋଡ଼ ନେଇପାରେ ।

## ଧୈର୍ଯ୍ୟର ସହିତ ଶ୍ରବଣ

ସୁସ୍ଥ ବାର୍ତ୍ତାଳାପ ଧୈର୍ଯ୍ୟପୂର୍ବକ ଶୁଣିବା ଆବଶ୍ୟକ କରେ ଯେତିକି ଦରକାର ଏହା ଜଣକର ଏକ ନିର୍ଦ୍ଧିଷ୍ଟତା ବିନ୍ଦୁ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।ଯୋଗାଯୋଗ ପ୍ରଭାବଶାଳୀ କରିବାକୁ ହେଲେ ତୁମେ ପ୍ରଥମେ ଅନ୍ୟ ଜଣଙ୍କ କ'ଣ କହୁଛନ୍ତି ତାହା ଶୁଣିବାକୁ ପଡିବ ।

## ଆମ ଶରୀର ଭାଷା ଉପରେ ନଜରଶୀଳ ହେବା

ଆମ ଶରୀର ଭାଷା ଆମ ବିଷୟରେ ବହୁତ ଭଲ କଥା କହିଥାଏ । ଅହଂକାରୀ ଅପେକ୍ଷା ଆପଣଙ୍କ ଶରୀରର ଭାଷାକୁ ତାଜା ଏବଂ ବନ୍ଧୁତ୍ୱପୂର୍ଣ୍ଣ ରଖିବା ଏକାନ୍ତ ଆବଶ୍ୟକ । ଅନେକ ଲୋକ ଜାଣିଶୁଣି ନିଜ ଶରୀର ଭାଷା ମାଧ୍ୟମରେ ଏକ ଭୁଲ ବାର୍ତ୍ତା ଦିଅନ୍ତି । ଯଦି ଆପଣ ନିଶ୍ଚିତ ନୁହଁନ୍ତି ତେବେ ଶରୀର ଭାଷାର କଳା ଶିଖିବା ଏକ ଭଲ ଚିନ୍ତାଧାରା ।

## ଆମ ସ୍ଥାନ ବା ପଏଣ୍ଟ ସହିତ ଓଭରବୋର୍ଡକୁ ନ ଯିବା

ବାର୍ତ୍ତାଳାପ ପଛର କାରଣ ହେଉଛି ତୁମର ଭାବନାକୁ ଅନ୍ୟ ଜଣକୁ ଜଣାଇବାକୁ ତୁମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ଅନୁଭବ କରୁଛ ତାହା ଜଣାଇବାକୁ । ଏହା ପ୍ରମାଣ କରିବା ନୁହେଁ ଯେ ତୁମର କଥା ସଠିକ୍ ଏବଂ ଅନ୍ୟ ଜଣକ କଥା ଭୁଲ୍ । ଅନେକ ଲୋକ ବାର୍ତ୍ତାଳାପ ଜିତିବାକୁ ଚେଷ୍ଟା କରନ୍ତି ଯାହା ସମ୍ପୂର୍ଣ୍ଣ ଭୁଲ୍ ଅଟେ ।ଏହା ଅନାବଶ୍ୟକ ଯୁକ୍ତି ଏବଂ ଦ୍ୱନ୍ଦ୍ୱକୁ ଦର୍ଶାଇଥାଏ ।

## ଆମର କଥିତ ଶବ୍ଦକୁ ନିରୀକ୍ଷଣ କରିବା

କାହାକୁ କିଛି କହିବା ପୂର୍ବରୁ ନିଶ୍ଚିତ କର ଯେ ତୁମେ କ'ଣ କହୁଛ ତାହା ଜାଣ । ବେଳେବେଳେ, କ୍ରୋଧ କିମ୍ବା ଚିନ୍ତାରୁ ଆମେ ଏପରି କିଛି କହିଥାଉ ଯାହାକୁ ଆମେ କହିବା ଉଚିତ୍ ନୁହେଁ । ମନେରଖ, ଥରେ କଥିତ ଶବ୍ଦଗୁଡ଼ିକୁ ଫେରାଇ ନିଆଯାଇପାରିବ ନାହିଁ ।ଏହିପରି କିଛି ନ କହିବା ପାଇଁ ପରାମର୍ଶ ଦିଆଯାଇଛି ଯାହା ପରେ ଆପଣ ଅନୁତାପ କରିପାରନ୍ତି ।

## ଅଭ୍ୟାସ ଜାରି ରଖିବାର ପ୍ରୟାସ

ଯଦି ଏକ ବୃତ୍ତିଗତ ବୈଠକ ଅଛି, ଯେଉଁଠାରେ ଆପଣଙ୍କର ଉତ୍ପାଦ କିମ୍ବା କାର୍ଯ୍ୟ ବିଷୟରେ ଯୋଗାଯୋଗ କରିବାର ଆବଶ୍ୟକତା ଅଛି, ତେବେ ଏହା ପୂର୍ବରୁ ସମାନ ଅଭ୍ୟାସ କରିବାକୁ ପରାମର୍ଶ ଦିଆଯାଇଛି । ଆପଣଙ୍କର ବାର୍ତ୍ତାଳାପ କିପରି ଆରମ୍ଭ ହେବ, ଆପଣ କେଉଁ ପଏଣ୍ଟଗୁଡିକ ଆବୃତ୍ତି କରିବେ ଏବଂ ଆପଣ ଏହାକୁ କିପରି ଶେଷ କରିବେ ତାହା ବାଛିବା ଉଚିତ । ଦର୍ପଣ ସାମ୍ନାରେ କିମ୍ବା ସାଙ୍ଗ ସହିତ ସମାନ ଦୁଇଥର ଅଭ୍ୟାସ କରିବା ଉଚିତ୍ । ଯଦି ଆପଣ କେବଳ ଯୋଗାଯୋଗ କରନ୍ତି ତେବେ ଆପଣ ପାଇପାରିବେ ତେଣୁ, ଯୋଗାଯୋଗର ମହତ୍ତ୍ୱ ବୁଝିବା ଜରୁରୀ ଅଟେ । ଅବଶ୍ୟ, ପ୍ରଭାବଶାଳୀ ଯୋଗାଯୋଗର କଳା ଶିଖିବା ଅଧିକ ଜରୁରୀ ଅଟେ । ଯଦି ଆମେ ଏକ ଇଣ୍ଟରଭିଉ କିମ୍ବା କୌଣସି କଥୋପକଥନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗ ନେଇ ତେବେ ପ୍ରଥମେ ଆମ୍ଭେ ଉତ୍ତମ ଯୋଗାଯୋଗ ଉପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁତ୍ୱ ଦେବାକୁ ପଡିଥାଏ କାରଣ ଉତ୍ତମ ଯୋଗାଯୋଗ ବା ଉତ୍ତମ ମୌଖିକ କଳା ହିଁ ଏକ ସଫଳତା ଫଳପ୍ରଦ ବିଷୟ ତଥା ଉତ୍ତମ ଯୋଗାଯୋଗର ମାଧ୍ୟମ ଭାବେ ସଦା ପରିଗଣିତ ହୋଇଥାଏ ଏହି ଅଭ୍ୟାସ ଆମ୍ଭକୁ ଜାରି ରଖିବା ଉଚିତ୍ ।

## ସିଦ୍ଧାନ୍ତ

ଯଦି ଆପଣ କେବଳ ଯୋଗାଯୋଗ କରନ୍ତି ତେବେ ଆପଣ ପାଇପାରିବେ । ତେଣୁ, ଯୋଗାଯୋଗର ମହତ୍ତ୍ୱ ବୁଝିବା ଜରୁରୀ ଅଟେ । ଅବଶ୍ୟ, ପ୍ରଭାବଶାଳୀ ଯୋଗାଯୋଗର କଳା ଶିଖିବା ଅଧିକ ଜରୁରୀ ଅଟେ ।ଦାର୍ଶନିକ ଅରିଷ୍ଟଟଲ୍ ଯୋଗାଯୋଗର ଏକ ମଡେଲ୍ ବା ନମୁନା ଅର୍ଥାତ୍ ରେଟୋରିକ୍ ବୋଲି କୁହାଯାଉଥିବା ଯୋଗାଯୋଗ ପ୍ରକ୍ରିୟାରେ ଜଣେ ବକ୍ତା ଥାଆନ୍ତି ଅର୍ଥ ଜଣେ ବକ୍ତା ଏକ ଯୁକ୍ତି ପ୍ରସ୍ତୁତ କରିବେ ଯାହା ଅଡିଏନ୍ସ ବା ଶ୍ରୋତାମାନଙ୍କ ସମ୍ମୁଖରେ ଅଭିଭାଷଣ ରୂପେ ଉପସ୍ଥାପନ କରାଯାଏ । ଠିକ୍ ସେହିପରି ଲାସୱେଲଙ୍କ ନମୁନା ଅନୁସାରେ ଯୋଗାଯୋଗ ପରିବେଶ ତଥା ଯୁଗ ଯୁଗ ମଧ୍ୟରେ ସାଂସ୍କୃତିକ ପ୍ରସାରଣ ତଥା ଗବେଷଣା କ୍ଷେତ୍ରକୁ କଣ୍ଟ୍ରୋଲ୍ ଅନାଲିସିସ୍, କଣ୍ଟେଟ୍ ଅନାଲିସିସ୍, ମିଡ଼ିଆ ଅନାଲିସିସ୍ ମାଧ୍ୟମ ଦେଇ ବାର୍ତ୍ତା ବହନ କରିଥାଏ । ଏହା ଅଡ଼ିଏନ୍ସ ଅନାଲିସିସ୍ ବା ପାଠକ, ଶ୍ରୋତା ତଥା ଦର୍ଶକ ବିଶ୍ଲେଷଣଙ୍କ ପାଇଁ ଉପଲବ୍ଧି ହୋଇଥାଏ ଏବଂ ଏହାର ପ୍ରଭାବ ଇଫେକ୍ଟ ଅନାଲିସିସ୍ ହୋଇଥାଏ ।

ଅଧ୍ୟାପକ ତଥା କବି,
ଗ୍ରାମ: ଗାନ୍ଧୀ ନଗର, ଶିକ୍ଷକ କଲୋନୀ
ପୋ:/ ଜିଲ୍ଲା - କୋରାପୁଟ, ଓଡିଶା
ଯୋଗାଯୋଗ: ୯୪୩୮୩୭୭୦୭୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମ ଭଗବାନ ଅଟନ୍ତି କି ?



ବିଜୟ କୁମାର ସାହୁ

ଦଶରଥ ନନ୍ଦନ ଶ୍ରୀରାମ ଲଙ୍କା ବିଜୟ କରି ଅନୁଜ ଲକ୍ଷ୍ମଣ, ଭଗବତୀ ସୀତା, ସୁଗ୍ରୀବ, ବିଭୀଷଣ, ଜାମ୍ବବନ୍ତ, ନଳ, ନୀଳ, ଭକ୍ତଶ୍ରେଷ୍ଠ ଅଞ୍ଜନା ନନ୍ଦନ ଆଞ୍ଜେନେୟ ଏବଂ ଅନେକ ବାନର ଓ ଭଲ୍ଲୁକମାନଙ୍କୁ ନେଇ ପୁଷ୍ପକ ବିମାନରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି । ସେଦିନ ଅଯୋଧ୍ୟାର ପ୍ରତ୍ୟେକ ନରନାରୀ ଆବାଳ ବୃଦ୍ଧ ବନିତା ଶ୍ରୀରାମଚନ୍ଦ୍ରଙ୍କୁ ଅଭିବାଦନ କରିବା ପାଇଁ ଭିଡ ଜମାଇଥାନ୍ତି । ସତେ ଯେପରି ତାଙ୍କର ନୟନର ନୀଳମଣି ହଜିଯାଇଥିଲା ତାହା ବର୍ତ୍ତମାନ ସେ ପାଇବାକୁ ଯାଉଅଛନ୍ତି । ଶ୍ରୀରାମଙ୍କୁ ସମସ୍ତେ ଭକ୍ତିପୂତ ଭାବରେ ସାଦର ଅଭ୍ୟର୍ଥନା ଜଣାଇଅଛନ୍ତି । ସମସ୍ତଙ୍କର ନୟନରେ ଆନନ୍ଦର ଅଶ୍ରୁ । ଏତେଦିନ ପରେ ଭାବି ରାଜରାଜେଶ୍ୱରଙ୍କୁ ନୟନ ପୁରାଇ ଦର୍ଶନ କରୁଛନ୍ତି । ଶ୍ରୀରାମ ମଧ୍ୟ ଅବଲୀଳା କ୍ରମେ ସମସ୍ତଙ୍କୁ ଦର୍ଶନ ଦେଉଅଛନ୍ତି ଏବଂ ଅଭିବାଦନ ଗ୍ରହଣ କରୁଅଛନ୍ତି । ସାଥିରେ ଆସିଥିବା ଅତିଥିଗଣ ଅଯୋଧ୍ୟାର ଏତାଦୃଶ ଭବ୍ୟ ସ୍ୱାଗତକୁ ଦେଖି ବିମୋହିତ ହୋଇ ଯାଉଥାନ୍ତି । ସତରେ ରାମ ଯେପରି ତାଙ୍କ ରାଜ୍ୟର ଅଧିବାସୀମାନେ ସେହିପରି ସଂସ୍କାରିତ ଓ ମାର୍ଜ୍ଜିତ ।

ଶ୍ରୀରାମଚନ୍ଦ୍ର ପ୍ରଥମେ ତାଙ୍କର ସବୁଠାରୁ ପ୍ରିୟ ମାତା କୈକେୟୀଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଭୁମି ପ୍ରଣାମ କରିଅଛନ୍ତି ତାପରେ ସୁମିତ୍ରା ମାତା ଏବଂ କୌଶଲ୍ୟା ମା'ଙ୍କୁ ଦଣ୍ଡବତ ପ୍ରଣାମ କରିଅଛନ୍ତି । ମା'ମାନଙ୍କ ନୟନରେ ଆନନ୍ଦର ନୀର ଧାରା ତାଙ୍କର ଅଞ୍ଚଳକୁ ଆଦ୍ର କରି ଦେଉଥାଏ । ସମସ୍ତେ ଯେପରି ନିର୍ବାକ ଓ ସ୍ଥାଣୁ ପାଲଟି ଯାଇଛନ୍ତି । କାହା ମୁଖରୁ ବାଣୀ ନିର୍ଗତ ହେଉନାହିଁ । ଅନେକ ଲମ୍ବା ସମୟର ପ୍ରତୀକ୍ଷା ପରେ ଯେ, ସେମାନେ ତାଙ୍କର ଅତି ଗେଲବସରିଆ ରାମଙ୍କୁ ଦେଖୁଛନ୍ତି । ଆଜି ହଜିଯାଇଥିବା ରତ୍ନ ସେ ଲାଭ କରୁଅଛନ୍ତି । କିଏ ବା ଖୁସି ନ ହେବ ? କିଏ ବା ଆନନ୍ଦ ନ ହେବ ? ପୁରନାରୀମାନେ ବନ୍ଦାପନା କରିଅଛନ୍ତି । ମା କୌଶଲ୍ୟା ନିଜର ଉଆସକୁ ରାମଙ୍କୁ ହାତ ଧରି ନେଉଅଛନ୍ତି । କାଳେ ପୁଣି ରାମ ହାତ ଛାଡି ପଳାଇଯିବକି ? ଏହି ଆଶଙ୍କାରେ ସେଦିନ ସେ ସ୍ୱୟଂ ରାମଙ୍କ କରପତ୍ରକୁ ନିଜର ହାତର ପାପୁଲିରେ ଜାବୁଡି ଧରିଅଛନ୍ତି । ତାଙ୍କର କୁଳଚନ୍ଦ୍ରମାକୁ ସେ କିପରି ବା ଧରି ନ ଥାନ୍ତେ ଯେ । ସେ ପରା କୌଶଲ୍ୟା ନନ୍ଦନ, ତାଙ୍କର ଜୀବନ, ତାଙ୍କର ସବୁଠାରୁ ଅନ୍ତରଙ୍ଗ ।

ମା କୈକେୟୀଙ୍କୁ ରାମ କହୁଅଛନ୍ତି ମା' ତୁ ମୋ ଲାଗି ମୋର ପ୍ରିୟ ଲଡୁ ରଖିଅଛୁ ତ ? ମା କୈକେୟୀଙ୍କ ନୟନରୁ ବାତ୍ସଲ୍ୟ ପ୍ରେମର ବାରିଧାରା ସେଦିନ ବନ୍ଦ ହେଉନାହିଁ । ସେ ନିଜକୁ ଅପରାଧୀ ବୋଲି ଯେ ଅନୁତାପ କରୁଅଛନ୍ତି ଏ କଥା କ'ଣ ରାମଙ୍କୁ ଅଗୋଚର ହୋଇଥାନ୍ତା ?

ହଁ ରେ ରାମ ତୋ ଲାଗି ମୁଁ ଲଡୁ ରଖିଅଛି । ଏଇ ନେ..... ଅନେକ ଦିନ ହେଲା ଏହି କାନି ପଣତରେ ତାକୁ ସାଇତି ରଖିଛି, ପାଟି ଆଁ କଲୁ ମୁଁ ମୋ ନିଜ ହାତରେ ଖୋଇଦେବି । ରାମଚନ୍ଦ୍ର ମୁଖ ବ୍ୟାଦାନ କରିଅଛନ୍ତି । ସତେ ଯେପରି ଶ୍ରୀରାମ ୧୪ ବର୍ଷ ହେଲା ଅପେକ୍ଷା କରିଅଛନ୍ତି, ଅପବାଦ ମୁଣ୍ଡାଇଥିବା ମା କୈକେୟୀଙ୍କ ହାତରୁ ଅମୃତ ସେବନ କରି ତାଙ୍କ ମନର ଦୁଃଶ୍ଚିନ୍ତାକୁ ଲାଘବ କରିଦେବେ । ସେଦିନର ଘଟଣା ପ୍ରବାହକୁ ନିର୍ବାପିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେବେ । ଯାହା ଘଟିଗଲା ତାହା ଆଉ ମନେ ପକାଅ ନାହିଁ ମା । ମା କୈକେୟୀ ରାମଙ୍କୁ ଲଡୁ ଖୋଇ ଦେଉଅଛନ୍ତି । କି ଅପୂର୍ବ ଲୀଳା ମୋ ରାମଙ୍କର । ଏହା ହିଁ ଈଶ୍ୱରତ୍ୱ ।

ମା କୌଶଲ୍ୟା ଶ୍ରୀରାମଙ୍କୁ ପ୍ରଶ୍ନ କଲେ ଆରେ ମୁଁ ଶୁଣିଅଛି ତୁ କୁଆଡେ ଭଗବାନ ବୋଲି ତୁ ନାରାୟଣ ଅଟୁ । ରାବଣକୁ ବିନାଶ କରିବା ଏକ ସାଧାରଣ ପୁରୁଷର କାର୍ଯ୍ୟ ନୁହେଁ । କେବେ ବି ଜଣେ ସାଧାରଣ ବ୍ୟକ୍ତି ରାବଣକୁ ମାରି ପାରିବ ନାହିଁ । ତୁ କେତେ କେତେ ଅସୁର ମାନଙ୍କୁ ବିନାଶ କରି ମୋର ସବୁଠାରୁ ହିରାଖଣ୍ଡକୁ (ମା ସୀତା) ମୋ ହାତରେ ଧରାଇ ଦେଇଛୁ । ତୋତେ ମୁଁ ଯାହା ଯାହା କହିଥିଲି ସେ ସବୁ ଅକ୍ଷରେ ଅକ୍ଷରେ ପାଳନ କରିଅଛୁ । ବିନା ଲକ୍ଷ୍ମଣରେ ମୁଁ ତ ତୋ ମୁହଁ ଚାହିଁ ନଥାନ୍ତି । ଯେଉଁମାନେ ସବୁ କିଏରେ ବାପ ? ଶ୍ରୀରାମ ସମସ୍ତଙ୍କର ପରିଚୟ ପ୍ରଦାନ କରିଅଛନ୍ତି ମା'ଙ୍କ ସମ୍ମୁଖରେ । ଶ୍ରୀରାମ ମା କୌଶଲ୍ୟାଙ୍କୁ କହୁଅଛନ୍ତି ମା ତୁମେ ମୋତେ ଭଗବାନଙ୍କ ସହିତ ତୁଳନା କରିବା ଶୋଭା ପାଉନାହିଁ । ମୁଁ ଭଗବାନ ନୁହେଁ କି ନାରାୟଣ ନୁହେଁ । ମୁଁ ଜଣେ ମଣିଷ ମାତ୍ର । ମୁଁ କେବେ ଭଗବାନ ଥିଲି ନା କେବେ ହୋଇଛି ନା କେବେ ହେବି । ମୁଁ ତୁମର ଆଦରର ରାମ କେବଳ । ମା କୌଶଲ୍ୟା ପୁଣି କହୁଅଛନ୍ତି ନାରେ ପୁଅ ତୁ ମୋତେ ଭଣ୍ଡାଇ ଦେଉଛୁ । ଅନେକ ଋଷି ମୁନିମାନଙ୍କ ଶ୍ରୀମୁଖରୁ ତୋର ଜନ୍ମ କାହାଣୀ ତୋର ଅବତାର ଲୀଳା ଶ୍ରବଣ କରିଅଛି ।

ଶ୍ରୀରାମ କହିଲେ ମା ମୁଁ ତ ଏତିକି ଜାଣିଛି ଯେ, ମା'ର କର ଯଦି ପୁତ୍ରର ମୁଣ୍ଡ ଉପରେ ସ୍ଥାପିତ ହୋଇଯାଏ ନା, ଯଦି ମାଆ ତା ହାତରେ ପୁତ୍ରର ମସ୍ତକକୁ ସ୍ପର୍ଶ କରିଦିଏ ନା ସେ ଦୁନିଆରେ ଭଗବାନ ହୋଇଯାଏ, ସେ ଧରିତ୍ରୀରେ ନାରାୟଣ ହୋଇଯାଏ, ଲୋକେ ତାକୁ ଈଶ୍ୱର ବୋଲି କହନ୍ତି । ସେ ନରରୁ ନାରାୟଣ ହେବା କେଉଁ ବିଚିତ୍ର କଥା ? ଆଜି ମୁଁ ଯାହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଛି ତାହା ସବୁ ତୁମ ଆଶୀର୍ବାଦରୁ ।

ଏକଦା ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶରେ ଭାଷଣ ଦେବା ଛଳରେ ମା'ର ଭୂୟସୀ ପ୍ରଶଂସା କରୁଥାନ୍ତି । ସେଦିନ ସେହି ସଭାରେ ଉପସ୍ଥିତ ଥିବା ଜନୈକ ଯୁବକ କହିଲେ ହେ ମହାତ୍ମା ! ତୁମେ ଭାଷଣ ଦେବା ଅବସରରେ ଅନେକ ଥର କେବଳ ମା'ର ପ୍ରଶଂସା କରିବାର କାରଣ କ'ଣ ? ତୁମେ କାହିଁକି ମା'ର ଗାରିମା ବିଷୟରେ ଆମ୍ଭମାନଙ୍କ ସମ୍ମୁଖରେ ଉତଥାପନ କରୁଅଛ ? ସ୍ୱାମୀ ବିବେକାନନ୍ଦ କହିଲେ ହେ ଯୁବକ ମୋ ନିକଟକୁ ଆସ । ଯୁବକ ନିକଟକୁ ଗଲେ । ସ୍ୱାମୀଜୀ ନିଜର ଶିର ଦେଶରୁ ପଗଡିଟି ଖୋଲି ସେହି ଯୁବକ ହାତକୁ ବଢାଇ ଦେଇ କହିଲେ ହେ ସୌମ୍ୟ ! ତୁମେ ଏହି ପଗଡିରେ ୧୦ କେଜି ଓଜନର ପଥର ଖଣ୍ଡ ମୁଣ୍ଡରେ ବହନ କରି ରାସ୍ତା ଅତିକ୍ରମଣ କରିଆସ । ହଁ ତୁମେ ପ୍ରାୟ ୯ ଘଣ୍ଟା ଧରି ବାଟ ଚାଲିବା ପରେ ମୋ ନିକଟକୁ ଆସିବ । ଯୁବକ ମନେ ମନେ ଭାବୁଥାନ୍ତି ୟେ କ'ଣ ପାଗଳ କି ? ପିଲାଟି କହିଲା ସ୍ୱାମୀଜୀ ମୁଁ ଯଦି ଏପରି କରେ ତେବେ ଲୋକମାନେ ମୋର ଏତାଦୃଶ ଆଚରଣକୁ ଦେଖି ହସିବେ । ଦୁନିଆ ହସିବ ।

ସ୍ୱାମୀଜୀ ଏଥର କହିଲେ ହେ ଯୁବକ ! ତୁମେ ୧୦ କେଜି ପଥର ଖଣ୍ଡ ନିଜର ମସ୍ତକରେ ବହନ କରି ପଥ ଅତିକ୍ରମ କରିବାକୁ କୁଣ୍ଠାବୋଧ କରୁଅଛ । ତୁମ ମସ୍ତକକୁ ପୀଡା ହେବ, ଦୁନିଆ ହସିବ ଏଇଥିପାଇଁ ନା ! କିନ୍ତୁ ମା ନିଜର ସନ୍ତାନକୁ ତା ଗର୍ଭରେ ୧୦ ମାସ ୧୦ ଦିନ ଗ୍ରହଣ କରି ସବୁ କାର୍ଯ୍ୟ କରିଥାଏ । ସେ ନିଜର କର୍ତ୍ତବ୍ୟକୁ ଭୁଲିଯାଏ ନାହିଁ ଯେ; ତା ଗର୍ଭରେ ଥିବା ଶିଶୁ ତାକୁ ପୀଡା ଦେଉଛି ବୋଲି । ତଥାପି ସେ ଗର୍ଭସ୍ଥ ଶିଶୁର ହାତ ପାଦ ଚଳନର ପୀଡାକୁ ସହନ କରି ମା'ର ଧର୍ମ ନିର୍ବାହ କରିଥାଏ । ସେଥିପାଇଁ ଆମେ ଭାରତୀୟ ମାନେ ମା'ଙ୍କୁ ଅଧିକ ପ୍ରାଧାନ୍ୟ ଦେଇଥାଉ । ଧରିତ୍ରୀଠାରୁ ମା ଅଧିକ ପୂଜନୀୟ । ମା ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ ବଞ୍ଚେ ନାହିଁ ସେ ତା'ର ସନ୍ତାନ ପାଇଁ ବଞ୍ଚେ ।

ଥରେ ରୁକ୍ମିଣୀ କୃଷ୍ଣଙ୍କୁ କହିଲେ ହେ ନାରାୟଣ ତୁମେ ଯଶୋଦା ମା'ଙ୍କ କଥା ଏତେ ଭାବୁଛ କାହିଁକି ? ମୁଁ ତୁମର ନିକଟରେ ଅଛି । ଯେତେବେଳେ ଯାହା ଆବଶ୍ୟକ ମୁଁ ତୁମକୁ ଯୋଗାଇବାରେ ଊଣା କରୁନାହିଁ । ତୁମେ ବ୍ୟର୍ଥଟାରେ ମା'ଙ୍କୁ ଚିନ୍ତା କରୁଅଛ । ସେ ତ ଏବେ ନିକଟରେ ନାହାଁନ୍ତି । କୃଷ୍ଣ ସବୁ ଶୁଣିଲେ ମାତ୍ର କିଛି କହିଲେ ନାହିଁ । କିଛି ଦିନ ଅତିବାହିତ ହୋଇଗଲା । ଭଗବାନ ସେଦିନ ରାତ୍ରିରେ ନିଜର ଶୟନ କକ୍ଷରେ ବିଶ୍ରାମ ନେଇଅଛନ୍ତି । ପ୍ରତିଦିନ ରୁକ୍ମିଣୀ ପ୍ରଭୁଙ୍କ ପାଇଁ ଦୁଗ୍ଧ ଗ୍ଲାସଟିଏ ଆଣି ପାନ କରିବାକୁ ଦେଇଥାନ୍ତି । କିନ୍ତୁ ସେଦିନ ଭଗବାନ ଶ୍ରୀକୃଷ୍ଣଙ୍କୁ ନିଦ ଲାଗିଯାଇଛି । କାଳେ ପ୍ରଭୁଙ୍କ ନିଦ୍ରା ବ୍ୟାଘାତ ହେବ ଏହି ଆଶଙ୍କାରେ ରୁକ୍ମିଣୀ ପ୍ରଭୁଙ୍କୁ ନ ଉଠାଇ ନିକଟରେ ଦୁଗ୍ଧ ଗ୍ଲାସଟି ରଖିଦେଇ ଚାଲିଗଲେ ।

ଭଗବାନ ତତକ୍ଷଣାତ ଶୟନରୁ ଜାଗ୍ରତ ହେଲେ । ଡାକ ପକାଇଲେ ରୁକ୍ମିଣୀ ତୁମେ କୁଆଡେ ଗଲ । ପ୍ରଭୁଙ୍କ ଡାକ ଶୁଣି ରାଣୀ ନିକଟକୁ ଆସି କହିଲେ ପ୍ରଭୁ କ'ଣ କୁହନ୍ତୁ ମୁଁ ସାମାନ୍ୟ କାମ ପାଇଁ ଅନ୍ୟତ୍ର ଯାଇଥିଲି । ଆପଣ ଦୁଗ୍ଧ ପାନ କଲେ ତ ? ଭଗବାନ ହସି ହସି କହିଲେ ରୁକ୍ମଣୀ ହଁ ଦୁଗ୍ଧ ପାନ କରିବି ତ ନିଶ୍ଚୟ ପ୍ରଥମେ ତୁମର ସେଦିନର ପ୍ରଶ୍ନର ଉତ୍ତର ଦେଇଦିଏ । ରୁକ୍ମିଣୀଙ୍କର ମନେ ନାହିଁ କଣ ପ୍ରଶ୍ନ କରିଥିଲେ । ପ୍ରଭୁ ମନେ ପକାଇ ଦେଇ କହିଲେ ତୁମେ ନା ସେଦିନ ମୋତେ ମା ଯଶୋଦାଙ୍କୁ ମନେ ପକାଇବା କଥା ଉପରେ ପ୍ରଶ୍ନ ପଚାରିଥିଲ । ମୁଁ କାହିଁକି ମା'ଙ୍କୁ ଏତେ ମନେ ପକାଏ । ତା ଉତ୍ତର ଏବେ ଶ୍ରବଣ କର । ମୁଁ ଶୋଇଅଛି ବୋଲି ତୁମେ ଅପେକ୍ଷା ନକରି ଦୁଗ୍ଧ ପାତ୍ରଟି ନିକଟରେ ରଖିଦେଇ ଚାଲିଗଲ କିନ୍ତୁ ମୋ ମା ହୋଇଥିଲେ ସେ କ'ଣ କରିଥାନ୍ତା ଜାଣିଛ ? ସେ କେବେହେଲେ ମୋ ନିକଟରୁ ଯାଇନଥାନ୍ତା କି ମୋତେ ନିଦ୍ରାରୁ ଉଠାଇ ନଥାନ୍ତା । ସେ ମୋ ନିକଟରେ ଉପବେଶନ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋର ନିଦ ଭାଙ୍ଗିବା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତା କେତେବେଳ ମୋ କାହ୍ନୁ ଉଠିବ ମୁଁ ତାକୁ କ୍ଷୀର ଦେବି ତାପରେ ଯିବି । ଏଇ ହେଉଛି ପତ୍ନୀ ଓ ମା ମଧ୍ୟରେ ପ୍ରଭେଦ । ସେଦିନ କୃଷ୍ଣଙ୍କର ସେହି କଥାପଦକ କେତେ ଯେ ରୁକ୍ମିଣୀଙ୍କ ହୃଦୟକୁ ସ୍ପର୍ଶ କଲା ସେହିଁ ଜାଣିଥିବେ । ଏଇ ହେଉଛି ଭାରତୀୟ ସଂସ୍କୃତି । ଏଇ ହେଉଛି ସନାତନ ଧର୍ମର ବୈଶିଷ୍ଟ୍ୟ । ଏହାହିଁ ରାମଙ୍କର ମହନୀୟତା ଏହାହିଁ ହେଉଛି କୃଷ୍ଣଙ୍କର ପ୍ରଭୁ ପଣିଆ ।ଅସ୍ତୁ ।

ଉପରୋକ୍ତ ଆଲେଖ୍ୟଟି ଭାରତୀୟ ସନ୍ଥ ପୁଲକ ସାଗରଙ୍କ ଅଭିଭାଷଣ ଉପରେ ଆଧାରିତ

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୦୪୮୬୨୩

ତା ୨୦.୦୮.୨୦୨୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁଭୋଜିର ଆବଶ୍ୟକତା !



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିଶ୍ୱର ପ୍ରାୟ ସମସ୍ତ ସମାଜ, ସମ୍ପ୍ରଦାୟ ଓ ଧାର୍ମିକ ମତବାଦରେ ଜଣେ ବ୍ୟକ୍ତିର ମୃତ୍ୟୁପରେ ବନ୍ଧୁ ସହୋଦରଙ୍କୁ ସାମୁହିକ ଭୋଜର ଆୟୋଜନ କରିବା ଭଳି ପରମ୍ପରା ଦେଖିବାକୁ ମିଳିଥାଏ । ଜାତି ଧର୍ମ ନିର୍ବିଶେଷରେ ପ୍ରାୟ ସମସ୍ତେ ଏହାକୁ ମାନିବାକୁ ଏକ ରକମ ବାଧ୍ୟ ହୋଇଥାଆନ୍ତି ବୋଲି ମଧ୍ୟ ବିଚାର କରାଯାଇ ପାରେ । ହେଲେ ଘରେ ଜଣେ ପ୍ରିୟଜନ ମୃତ୍ୟୁବରଣ କରିଥିବା ସମୟରେ ଏହିଭଳି ଭୋଜିଭାତର ଆୟୋଜନର ଆବଶ୍ୟକତା ରହିଛି କି ? ଏହା ଅନାବଶ୍ୟକ ମନେ ହେଉଛି କି ? ଗରିବ ପରିବାର ମାନଙ୍କ ଉପରେ ଏହିଭଳି ପ୍ରଥାଦ୍ୱାରା ଅନାବଶ୍ୟକ ଆର୍ଥିକ ବୋଝ ପଡୁଛି କି ?

ଆସନ୍ତୁ ଆମେ ଆଜି ଚର୍ଚ୍ଚା କରିବା ମୃତ୍ୟୋପରାନ୍ତ ଆୟୋଜନ ହେଉଥିବା ବିଶେଷ ଭୋଜି ବିଷୟରେ ଏବଂ ଜାଣିବା କାହିଁକି ଏହି ମୃତ୍ୟୁଭୋଜିକୁ ବନ୍ଦ କରିବା ସପକ୍ଷରେ ଅନେକ ବୁଦ୍ଧିଜୀବି ମତ ଦେଉଛନ୍ତି । ଏବଂ ଆହୁରି ମଧ୍ୟ ଜାଣିବା ଯେ କାହିଁକି ଏହି ପ୍ରଥାକୁ ବନ୍ଦ କରିବା ଅନୁଚିତ ।

ମୁଁ ଡାକ୍ତର ଜ୍ୟୋତି ପ୍ରସାଦ ପଟ୍ଟନାୟକ, ଆପଣ ଶୁଣୁଛନ୍ତି ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିୟଜନମାନଙ୍କର ମୃତ୍ୟୁପରେ ପ୍ରାୟତଃ ବାର ଦିନ ଗୋଟିଏ ଭୋଜିର ଆୟୋଜନ ହୁଏ । ଏଥିରେ ସାହି ଭାଇ ସମେତ ପ୍ରାୟ ସମସ୍ତ ବନ୍ଧୁବର୍ଗ ଏବଂ ଗ୍ରାମବାସୀ ଅଂଶଗ୍ରହଣ କରନ୍ତି । ଏହି ଭୋଜି ପ୍ରଥା ଏକ ଅନାବଶ୍ୟକ ରୀତି ବା ନିୟମ ବୋଲି ଦର୍ଶାଇ କିଛି ବନ୍ଧୁ ଏହାକୁ ବନ୍ଦ କରିବା ସପକ୍ଷରେ ମତ ଉପସ୍ଥାପନ କରିଛନ୍ତି ।

କିନ୍ତୁ, କାହିଁକି ?

କିଛି ବନ୍ଧୁ ମନ୍ତବ୍ୟ ଦେଇଛନ୍ତି ଯେ ପରିବାରର ଜଣେ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ସେହି ଦୁଃଖାରୁ ବାହାରି ନଥିବା ଗରିବ ବ୍ୟକ୍ତିଟି ଉପରେ ମୃତ୍ୟୁ ଭୋଜିର ବୋଝ ଲଦି ଦିଆଯାଉଛି । ଏହା ଅମାନବୀୟ । ସେମାନଙ୍କ ମତକୁ ମୁଁ ସମ୍ମାନ ଦେଉଚି । ନିଶ୍ଚୟ, ଜଣେ ଗରିବ ବ୍ୟକ୍ତି ପକ୍ଷରେ ଏହିଭଳି ଭୋଜିର ଅତିରିକ୍ତ ବୋଝ ଅସହ୍ୟ ହୋଇପାରେ । କିନ୍ତୁ ଆଜ୍ଞାତ କାଳରୁ ଯେଉଁ ପରମ୍ପରା ଚାଲି ଆସିଛି ତାହାକୁ ଦୋଷ ଦେବା ପୂର୍ବରୁ ସେ ବିଷୟରେ ବି ସଚେତନ ହେବା ଜରୁରୀ । କାହିଁକି ଏହି ଭଳି ଏକ ପ୍ରଥାର ଉଦ୍ଭବ ହେଲା ? ଏହି ବିଷୟରେ ଗବେଷଣା କରାଯାଇଛି ତ ?

ଆମ ପୂର୍ବପୁରୁଷ ମାନେ ଦିବ୍ୟଦ୍ରଷ୍ଟା ଥିଲେ ବୋଲି ମୁଁ ମନେକରେ । ଯେଉଁମାନେ ବିନା କୌଣସି ଆଧୁନିକ ଉପକରଣ ବ୍ୟବହାର କରି ଗ୍ରହ ନକ୍ଷତ୍ରକୁ ପଢ଼ି ବୁଝି ସେମାନଙ୍କର ଦୂରତା, ଚଳନ ଇତ୍ୟାଦି ଜାଣି ଦେଉଥିଲେ, ସେମାନେ ଏତେ ବି ଅଦୂରଦର୍ଶୀ ହୋଇନଥିବେ ଯେ ସେମାନେ ଏହିଭଳି ଏକ ପ୍ରଥା ପ୍ରଚଳନ କରିଥିବେ ଯାହା ଲୋକଙ୍କୁ ଅଧିକ ବୋଝାଯୁକ୍ତ କରିଦେବ !!! ସେମାନଙ୍କ ଦୁଃଖର ମୁହୂର୍ତ୍ତରେ ଅଧିକ ଅସହାୟତା ଆଣିଦେବ !!!

ବାସ୍ତବିକ କଥା ଏହା ଯେ, ଏହି ପ୍ରଥା ଆମ ବନ୍ଧୁ ପରିଜନଙ୍କ ସହ ମିଶିବ ଏବଂ ସୁଖ ଦୁଃଖ ସମୟରେ ହାତ ବଢ଼ାଇବା ଏବଂ ସହାନୁଭୂତି ତଥା ସ୍ନେହର ଆଦାନପ୍ରଦାନ କରିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଁ ତିଆରି ହୋଇଥିବ । ଘରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ଶୋକାକୁଳ ପରିବାରକୁ ଧୈର୍ଯ୍ୟ ଏବଂ ସହାନୁଭୂତି ଜଣାଇବା ଉଦ୍ଦେଶ୍ୟରେ ସମସ୍ତ ବନ୍ଧୁ ପରିଜନ ଏକତ୍ରିତ ହୋଇଥିବେ । ଏହା ଫଳରେ ଦୁଃଖ ସମ୍ୟକ ମାତ୍ରାରେ ହେଉ ପଛେ କମ ହୋଇଯିବ । ଏବଂ ଶୁଦ୍ଧିକ୍ରିୟା ସମାପନ ପର୍ଯ୍ୟନ୍ତ ସମସ୍ତେ ଏକାଠି ରହି ସବୁ କାର୍ଯ୍ୟରେ ସହଯୋଗ କରିଥିବେ । ଦଶାହ କର୍ମ ସରିବା ପରେ ଯେତେବେଳେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ପ୍ରସ୍ତୁତ ହେଉଥିବେ, ସେତେବେଳେ ସମସ୍ତଙ୍କୁ ଏକତ୍ରିତ କରି ସହଯୋଗ ପାଇଁ ଧନ୍ୟବାଦର ସ୍ୱରୂପ ଭୋଜିଟିଏ ଦେବାର ପରମ୍ପରା ତିଆରି ହୋଇଥିବ । କାଳକ୍ରମେ ଏହା ବିଶାଳ ରୂପ ନେଇ ବର୍ତ୍ତମାନ ଏମିତି ବି ହେଲାଣି ଯେ ମୃତ୍ୟୁ ଭୋଜିକୁ କିଛି କିଛି ପରିବାର ଛପନ ଭୋଗ ଭଳି ବିଳାସପୂର୍ଣ୍ଣ ଭୋଜିର ଆୟୋଜନ ବି କରୁଛନ୍ତି ଏବଂ ସେମାନଙ୍କ ଦେଖାଶିଖା ନଥିବା ଲୋକ ମଧ୍ୟ ଭୋଜି କରିବାକୁ ନିଜ କର୍ତ୍ତୃତ୍ୱରୁ ବାହାରେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ଏବଂ ସେତେବେଳେ କିଛି ଲୋକ ଭାଙ୍ଗି ପଡ଼ୁଛନ୍ତି ।

ମୋ ମତରେ ଆମେ ନିଜ ସାଧ୍ୟ ଅନୁମତେ, ପରିସ୍ଥିତିକୁ ଅନୁଧ୍ୟାନ କରି କୌଣସି କାର୍ଯ୍ୟ କରିବା ଉଚିତ । ଅନ୍ୟକୁ ଅନୁକରଣ କରିବା ସେତେବେଳେ ସହଜାସାଧ୍ୟ ଯେତେବେଳେ ଆପଣଙ୍କ ପାଖରେ ମଧ୍ୟ ସେମାନଙ୍କ ଭଳି ଆର୍ଥିକ ସମ୍ବଳ ରହିଥିବ । କିନ୍ତୁ ଅଧିକ ଉତ୍ସାହୀ ହୋଇ ଉପଲବ୍ଧ ସମ୍ବଳ ଠାରୁ ଅଧିକ ଅର୍ଥ ଖର୍ଚ୍ଚ କରି ଦେବାଳିଆ ପରିସ୍ଥିତିକୁ ଆମନ୍ତ୍ରଣ କରିବା ଆଦୌ ଶୁଭଙ୍କର ନୁହେଁ । ତେଣୁ ନିଜ ସାଧ୍ୟ ମତେ ସ୍ୱଳ୍ପ ବନ୍ଧୁ ସ୍ୱଜନଙ୍କୁ ନେଇ ସ୍ୱଳ୍ପ ଖର୍ଚ୍ଚରେ ଭୋଜିଟି କରିଲେ କିଛି ଅସୁବିଧା ହେବ ନାହିଁ ।

ହେଲେ ଏହିଭଳି କିଛି ଘଟଣାର ଦ୍ୱାହି ଦେଇ ସ୍ୱଘୋଷିତ କିଛି ବୁଦ୍ଧିଜୀବି ମୃତ୍ୟୁଭୋଜିର ବିରୋଧ କରିବା ସହ ଏହି ପ୍ରଥାକୁ ବନ୍ଦ କରାଯିବା ସପକ୍ଷରେ ମତ ବିତରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛନ୍ତି । ଆଜି ସେମାନେ ମୃତ୍ୟୁ ଭୋଜିକୁ ଅନାବଶ୍ୟକ ବୋଲି ଜଣାଉଛନ୍ତି, କାଲି ବାହାଘରେ ହେଉଥିବା ଭୋଜିକୁ ବି ଅନାବଶ୍ୟକ ବୋଲି କହିବେ । ଏହି ସବୁ ସୁଯୋଗ ଆମର ବନ୍ଧୁଁପରିଜନଙ୍କ ସହ ମିଶିବାର ଏକ ଅନନ୍ୟ ସୁନ୍ଦର ପରମ୍ପରା ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଧୁନିକ ଯୁଗରେ ଆମର ବ୍ୟସ୍ତତା ଭିତରେ ଆମେ ଅନେକ ପାରିବାରିକ ସମ୍ପର୍କ ସବୁକୁ ଭୁଲିବାକୁ ଲାଗିଲାଣି । ଅନ୍ତତଃ ଏହିପରି କିଛି ସମୟରେ ପରସ୍ପର ସହ ଦେଖା ହେବା, ସୁଖଦୁଃଖ ବାଣ୍ଟିବାକୁ ଏବଂ ଚିହ୍ନା ପରିଚିତ ହେବାକୁ ଯେଉଁ ମଉକା ମିଳେ ତାହା ବନ୍ଦ ହୋଇଯିବ । ସେମିତିରେ ବି ଆଜିକାଲି ଲୋକଙ୍କ ପାଖରେ ସମୟର ଘୋର ଅଭାବ । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଏକୁଟିଆ ରହିବାକୁ ପଡୁଚି । ଯୁବ ବୟସ୍କ ସଦସ୍ୟ ମାନେ ନିଜ ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହୁଛନ୍ତି । ଅର୍ଥନୈତିକ ଉଦାରୀକରଣ ଦ୍ୱାରା ଲାଭ କଣ ହୋଇଛି ତାହା ସମସ୍ତେ ଜାଣି ପାରୁଛନ୍ତି କିନ୍ତୁ ଯେ ଏହାଦ୍ୱାରା ଆମର ପାରମ୍ପରିକ ଯୌଥ ପରିବାର ବର୍ତ୍ତମାନ ନିସ୍ତ୍ୱ ହୋଇଗଲାଣି ତାହା କେହି ଉପଲବ୍ଧି କରିଛନ୍ତି କି ? ଆମ ପରିବାରର ପିଲାମାନେ ଏବେ ସୁଦୂର ରାଜ୍ୟ ତଥା ଦେଶରେ ସ୍ଥାୟୀ ଭାବରେ ରହି ପେଟପାଟଣା ପାଇଁ ନିଜର ପରିବାର ଠାରୁ ଦୂରେଇ ଗଲେଣି । ଗଲା ପୁତ୍ର ବାହୁଡ଼ି ନୋଇଲା ନ୍ୟାୟରେ ଯେଉଁମାନେ ବମ୍ବେ, ବାଙ୍ଗାଲୋର ବା ଆମେରିକା, ଲଣ୍ଡନ ଗଲେ ସେମାନେ ଆଉ ଫେରିବା ମନସ୍ଥ ହେଉନାହାନ୍ତି । ଅନ୍ତତଃ ଏମିତି ଦୁଃଖର ହେଉ ପଛେ ସମୟ ଟିଏ ରହୁଛି ଯେତେବେଳେ ଅନେକ ଅସୁବିଧା ସତ୍ତ୍ୱେ ସମସ୍ତେ ଏକତ୍ରିତ ହେବାକୁ ବାଧ୍ୟ ହେଉଛନ୍ତି । ଏବଂ ଏହା ଆମ ପରିବାରକୁ ତଥା ସମାଜକୁ ସୁଦୃଢ଼ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେଣୁ ମୋ ମତରେ ମୃତ୍ୟୁଭୋଜି ପ୍ରଥାକୁ ବନ୍ଦ କରିବାର ଆହ୍ୱାନ ଅନୁଚିତ । ହଁ ଯଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରୁଛନ୍ତି ଆପଣ ଚାରି ଚୌରସ କରି ଭୋଜି କରନ୍ତୁ, ଯଦି ପାରୁନାହାନ୍ତି ଅଳ୍ପ କିଛି ବନ୍ଧୁ ସ୍ୱଜନଙ୍କ ସତସଙ୍ଗରେ ଭୂରି ଭୋଜନ ଆୟୋଜନ କରନ୍ତୁ । କିନ୍ତୁ ଏହି ପ୍ରଥାକୁ ବନ୍ଦ କରନ୍ତୁ ନାହିଁ ।

ଏହି ସବୁ ପ୍ରଥାକୁ ଅନ୍ଧବିଶ୍ୱାସ କହି ଆମ ମନରେ କଳୁଷ ଭରିଦେବାର ଦୁର୍ବାର ପ୍ରଚେଷ୍ଟା ଯୁଗଯୁଗରୁ ଚାଲି ଆସିଛି । ମୁଷ୍ଟିମେୟ ସ୍ୱଘୋଷିତ ବୁଦ୍ଧିଜୀବୀଙ୍କ ମତକୁ ପ୍ରାଥମିକତା ଦେବା ନା ଯୁଗ ଯୁଗରୁ ଚାଲି ଆସିଥିବା ପ୍ରଥାକୁ ମାନିବା, ଏହା ଆପଣଙ୍କ ଉପରେ ନ୍ୟସ୍ତ । ଆପଣ ଯଦି ଭାବୁଛନ୍ତି ଯେ ମୃତ୍ୟୁପରେ ଆୟୋଜିତ ହେଉଥିବା ଭୋଜି ଅନାବଶ୍ୟକ ତାହେଲେ ଆପଣ କରନ୍ତୁ ନାହିଁ । କିଛି ଲୋକ ନିରିଶ୍ୱରବାଦି ବା ହେତୁବାଦି କୁହାଇ ଏହି ପ୍ରଥାକୁ ବନ୍ଦ କରି ସାରିଲେଣି । ବମ୍ବେ ବାଙ୍ଗାଲୋରରେ ରହୁଥିବା ପରିବାର ମଧ୍ୟ ଏଭଳି ଆୟୋଜନ କରିବା ଭଳି ସୁଯୋଗ, ସମ୍ବଳ ଓ ସାମର୍ଥ୍ୟ ହରାଇ ସାରିଲେଣି । ଗ୍ରାମାଞ୍ଚଳରେ ଅଦ୍ୟାବଧି ଲୋକମାନେ ଏହାକୁ ପାଳୁଛନ୍ତି । ତଥାପି କିଛି ପରିବାର ଏହାକୁ ଆଦୌ ପାଳନ କରୁନାହାନ୍ତି । ଏହାଦ୍ୱାରା କିଛି ଅସୁବିଧା ନାହିଁ । ଏହା ଆମର ନିଜସ୍ୱ ନିଷ୍ପତି । ସାମର୍ଥ୍ୟ ଓ ମାନସିକତା ଥିଲେ ସବୁକିଛି ସମ୍ଭବ ।

ବନ୍ଧୁ ପରିଜନ, ସମାଜ ଆମର କେତେ ନିଜର, ଆମ ସାହି ଭାଇ ଆମର କେତେ ଆପଣାର ତାହା କେବଳ ଏହିଭଳି ସମୟରେ ହିଁ ଜଣାପଡେ । ତେଣୁ ବଡ଼ ଧରଣର ନ ହେଲେ ସୁଦ୍ଧା ସ୍ୱଳ୍ପ ଭାବରେ ହେଉ ଏହି ପ୍ରଥାକୁ ବଞ୍ଚି ରହିବାକୁ ଦିଅନ୍ତୁ । ସମାଜକୁ ଦୁର୍ବଳ କରିବାର ଦୁର୍ବାର ପ୍ରଚେଷ୍ଟାକୁ ବିରୋଧ କରନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଜାଭିୟର୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା

# ବାର୍ଷିକ ବିଜିନେସ୍ ଏକ୍ସଲେନ୍ସ ସମ୍ମିଳନୀ, ୨୦୨୨ ଆୟୋଜିତ




୩୫ ବର୍ଷର ସମୃଦ୍ଧ ପରମ୍ପରାକୁ ପାଳନ କରି ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ୨୯ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ ବାର୍ଷିକ ବିଜିନେସ ଏକ୍ସଇଲେନ୍ସ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଆୟୋଜନ କରିଥିଲା । ଏହି ବର୍ଷର ଶିଖର ସମ୍ମିଳନୀର ବିଷୟବସ୍ତୁ "ଟ୍ରାନସେନଡିଙ୍ଗ ବାଉନଡାରିଜ (ସୀମା ଅତିକ୍ରମ କରିବା)"। ଉପ-କୁଳପତି ଫାଦର ଆଣ୍ଟୋନି ଆର ଉଭାରୀ ଏସ.ଜେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ, ସମ୍ମିଳନୀର ଉଦଘାଟନ କରିଥିଲେ । ଏକାଡେମିକ୍ସର ଡିନ୍, ଡଃ ବିଶ୍ୱ ସ୍ୱରୂପ ମିଶ୍ର ଭାରତର ଅର୍ଥନୀତି ବିଷୟରେ ଏକ ପ୍ରତିଫଳନ ପ୍ରଦାନ କରିଥିଲେ । ସଂସ୍ଥାର ମୁଖ୍ୟ ଆର୍ଥିକ ଅଧିକାରୀ ଫାଦର ଆରୋକ୍ୟା ମୁଖ୍ୟ ବକ୍ତାଙ୍କୁ ଶ୍ରୋତା ମାନଙ୍କ ସହ ପରିଚିତ କରାଇଥିଲେ ।




ଗୃପ କ୍ୟାପଟେନ୍ ଅତନୁ ଗୁରୁ, ଭବିଷ୍ୟତର ଯୁବ ନେତାମାନଙ୍କୁ ଏକ ଉତ୍ସାହପୂର୍ଣ୍ଣ ଭାଷଣ ଦେଇ ସଭାର କେନ୍ଦ୍ରବିନ୍ଦୁ ହୋଇଥିଲେ । ସେ ଛାତ୍ରମାନଙ୍କୁ ସୀମା ଲଙ୍ଘିବାକୁ, ସାଧାରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରେ ଅନୁସନ୍ଧାନ କରିବାକୁ, ସ୍ଥିତି ଉପରେ ପ୍ରଶ୍ନ କରିବାକୁ ଉତ୍ସାହିତ କରିଥିଲେ, ଆମର ଭାବପ୍ରବଣତା ଓ ବୁଦ୍ଧିମତା ମଧ୍ୟରେ ସନ୍ତୁଳନ ପାଇଁ ଆବେଦନ କରିବାସହ ଅନ୍ତର୍ଦ୍ୱନ୍ଦ୍ୱିକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ । ବିକଳ୍ପ ପରିସ୍ଥିତି ପାଇଁ ସୁଚିନ୍ତିତ ଯୋଜନା କରିବା, ଏବଂ ଜଣଙ୍କର ଲକ୍ଷଠାରୁ ଅଧିକ ଜିନିଷ ହାସଲ କରିବାକୁ କ୍ୟାପଟେନ୍ ଗୁରୁ ପରାମର୍ଶ ଦେଇଥିଲେ ।

ଏକ୍ସ ଆଇ ମ ବିଶ୍ୱବିଦ୍ୟାଳୟର ଆଲୁମନି ଏ ଏଲ ଜଗନ୍ନାଥ ଗ୍ରାହକ କୈନ୍ଦ୍ରିକ ବ୍ୟବସାୟ ବିଷୟରେ ଏକ ବକ୍ତବ୍ୟ ଦେଇ କହିଥିଲେ ଯେ "ଗ୍ରାହକଙ୍କ ଦୃଷ୍ଟିକୋଣରୁ ଦୁନିଆର ସମସ୍ୟା ଦେଖନ୍ତୁ । ଅଫିସରେ ବସିଲେ ଏହା ହାସଲ ହୋଇପାରିବ ନାହିଁ । ଆପଣଙ୍କୁ ମଇଦାନକୁ ଯିବାକୁ ପଡିବ ଏବଂ ଗ୍ରାହକଙ୍କ ଆବଶ୍ୟକତା ବିଷୟରେ ସୂଚନା ସଂଗ୍ରହ କରିବାକୁ ପଡିବ । କେବଳ ସେତେବେଳେ ତୁମେ ଗ୍ରାହକଙ୍କ ପ୍ରକୃତ ଅନ୍ତର୍ନିହିତ ଆବଶ୍ୟକତା ବିଷୟରେ ଜାଣିପାରିବ ।"

ପରବର୍ତ୍ତୀ ବକ୍ତା, ଆସାମ ରାଇଫଲ୍ସର କନିଷ୍ଠ ଅଧିକାରୀ କର୍ଣ୍ଣେଲ ରାଜୀବ ଭରଦ୍ୱାଜ୍ ତାଙ୍କ ଏକାଡେମୀ ଦିନରୁ ତାଙ୍କ ଅନୁଭୂତି ବାଣ୍ଟିଥିଲେ ଏବଂ ସୈନିକଙ୍କ ଜୀବନ କେତେ କଠିନ ହୋଇପାରେ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସେ ଏକାଡେମୀର ଅନୁଭୂତି, କାମ୍ବିଆନ୍ ପାଟ୍ରୋଲିଂ ଏବଂ ସୁଦାନ ବିଷୟରେ କହିଥିଲେ । ସେ ଦୁଇଟି ବକ୍ତବ୍ୟ ସହିତ ତାଙ୍କର ଭାଷଣ ସମାପ୍ତ କଲେ: ଜୀବନ ଏକ ବ୍ୟବସାୟ ନୁହେଁ ଏବଂ ଆମେ କେବଳ ଲାଭ ଏବଂ କ୍ଷତି ଦ୍ୱାରା ଏହାକୁ ମାପିବା ଉଚିତ୍ ନୁହେଁ ଏବଂ ସେ ହେଉଛି ସର୍ବୋତ୍ତମ ନିବେଶ ହେଉଛି ଯାହା ଆମେ ନିଜେ କରିଥାଉ ।

ଅମୁଲର ବ୍ରାଣ୍ଡ ମ୍ୟାନେଜର ଶେଫାଳୀ ବିଜୟବର୍ଗିଆ, ତାଙ୍କର ଅନୁଭୂତି ଆଲୋଚନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ ଏବଂ ସିମ୍ଫୋନୀ ଏବଂ ଦୂରଦୃଷ୍ଟିର ମହତ୍ତ୍ୱ ବିଷୟରେ କହିଥିଲେ, "ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏପରି ଏକ ଜିନିଷ ଯାହା ସମସ୍ତ ହିତାଧିକାରୀଙ୍କୁ ଏକାଠି ହେବା ଏବଂ ସେମାନଙ୍କର ସର୍ବୋତ୍ତମ ପ୍ରଦାନ କରିବା ଆବଶ୍ୟକ କରେ । ଏହା ଏକ ଟ୍ରେନ୍ ପରି ଯେଉଁଠାରେ ସମସ୍ତ ଚକଗୁଡିକ ଏକ କମ୍ପାନୀର ସମସ୍ତ ଅଂଶ ପରି ଏକ ସିଦ୍ଧ ସିମ୍ଫୋନୀରେ କାମ କରିବା ଆବଶ୍ୟକ ।"

ଚେନ୍ନାଇର ଆୟକର ମୁଖ୍ୟ କମିଶନର ଶ୍ରୀ ଦେବେନ୍ଦ୍ର ନାରାୟଣ କର କର୍ପୋରେଟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ଭବିଷ୍ୟତ ନେତାମାନେ କିପରି କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ରହିବେ ସେ ସମ୍ପର୍କରେ ତାଙ୍କ ମତାମତ ବାଣ୍ଟିଛନ୍ତି । ସେ ଉଲ୍ଲେଖ କରିଛନ୍ତି, "ଆପଣମାନଙ୍କ ମଧ୍ୟରୁ ଯେଉଁମାନଙ୍କ ପାଇଁ ବିଭିନ୍ନ ବିଷୟ ନୂଆ, ସେମାନେ କଠିନ ପରିଶ୍ରମ କରନ୍ତୁ । ଯେଉଁମାନେ ଏହି ବିଷୟବସ୍ତୁ ଜାଣନ୍ତି, ସେମାନଙ୍କ ସେତିକିରେ ସନ୍ତୁଷ୍ଟ ହୁଅନ୍ତୁ ନାହିଁ । " ତାଙ୍କର ସମସ୍ତ ଅଭିଭାଷଣରେ ସେ ଇନକମ ଟ୍ୟାକ୍ସର ବିଭିନ୍ନ ଉଦାହରଣ ଦେଇ ଶ୍ରୋତାଙ୍କୁ ଉତ୍ସୁକ ରଖିଥିଲେ ଏବଂ ବ୍ୟବସାୟରେ ଟିକସ ଏବଂ ନୈତିକତା ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

କ୍ୟାମ୍ପସରେ ଏକ ଫୋର୍ବସ୍ ୩୦ ଅଣ୍ଡର ୩୦ ପ୍ୟାନେଲ୍ ଆୟୋଜିତ ହୋଇଥିଲା ଯେଉଁଥିରେ ଅମୁଲ କୁଲ୍ ବ୍ରାଣ୍ଡ ମ୍ୟାନେଜର ଶେଫାଲୀ ବିଜୟଵର୍ଗି ଅଧ୍ୟକ୍ଷତା କରିଥିଲେ; ନେକ୍ସସ ପାୱାରର ସହ-ପ୍ରତିଷ୍ଠାତା ତଥା ସିଇଓ ନିଶିତା ବଲିୟାରସିଂ ଏବଂ ମୋହନମର ନିର୍ଦ୍ଦେଶିକା ସାହିଥି ଦେବୀ ବକ୍ତା ଭାବେ ଯୋଗଦାନ କରିଥିଲେ । ସଭାର ବିଷୟବସ୍ତୁ ଥିଲା "ପ୍ରିଜିମ୍ ଅଫ୍ ପସିବିଲିଟି" ।

ଅଧିବେଶନର ପ୍ରଥମ ବକ୍ତା ଶେଫାଲୀ ବିଜୟଵାର୍ଗୀ ବର୍ଣ୍ଣନା କରିଛନ୍ତି ଯେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟେକ୍ନୋଲୋଜିର ଆଗମନ ସହିତ ପ୍ରଡକ୍ଟ ଇନୋଭେସନ ଏବଂ ପ୍ରଡକ୍ଟ ଉତ୍ପାଦନ ପାଇଁ ଟେକ୍ନୋଲୋଜି ବ୍ୟବହାର କରିବା ଆବଶ୍ୟକ । "କେବଳ ଗ୍ରାହକମାନେ କମ୍ପାନୀଗୁଡିକରୁ ଜିନିଷ ଆଶା କରନ୍ତି ନାହିଁ । ବ୍ରାଣ୍ଡଗୁଡିକ ଅଭିନବ ପ୍ରଣାଳୀ ସହିତ ଆସୁଛନ୍ତି ।"

ଅଧିବେଶନର ଦ୍ୱିତୀୟ ବକ୍ତା ନେକ୍ସସ ପାୱାରର ସହ-ପ୍ରତିଷ୍ଠାତା ତଥା ସିଇଓ ନିଶିତା ବାଲିରିସିଂହ ଥିଲେ । ଭଲ ଚିନ୍ତାଧାରା ଏବଂ ଏହାର ସମର୍ଥନର ଶକ୍ତି ବିଷୟରେ ସେ କହିଥିଲେ, "ଆଞ୍ଜେଲ ନିବେଶକ ଏବଂ ଭେଞ୍ଚର ପୁଞ୍ଜିପତିମାନେ ଭାରତରେ ଅଧିକ ବିଶ୍ୱସ୍ତ । ପୂର୍ବରୁ ଆମେ କେବଳ ୨-୩ଟି ୟୁନିକର୍ଣ୍ଣ ଦେଖୁଥିଲେ । ଆଜି ଆମର ୧୦୦+ ଅଛି । ବୈଜୁସ ଗୋଟିଏ ରାଉଣ୍ଡରେ ଏକ ବିଲିୟନ ଡଲାର ସଂଗ୍ରହ କରିପାରୁଛି  ଯାହା ପୂର୍ବରୁ ସମ୍ଭବ ନଥିଲା ।"

ତୃତୀୟ ବକ୍ତା, ମୋହନମ୍ ର ନିର୍ଦ୍ଦେଶିକା ସାହିଥି ଦେବୀ ମୋହନମର ନିର୍ଦ୍ଦେଶିକା ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ବିଷୟରେ ବର୍ଣ୍ଣନା କରିଥିଲେ । ସେ ଭାରତରେ ସାମାଜିକ ଉଦ୍ୟୋଗ ବିଷୟରେ ରହିଥିବା ଭୁଲ ଧାରଣା ଉପରେ କହିଥିଲେ "ଯେତେବେଳେ ମୁଁ ଗାଁକୁ ଯାଇଥିଲି, ଦେଖିଲି ପ୍ରତ୍ୟେକ ମହିଳା କାମ କରୁଛନ୍ତି । ସହରରେ ଅନେକ ମହିଳା କାମ କରନ୍ତି ନାହିଁ । ଗ୍ରାମାଞ୍ଚଳର ମହିଳାମାନେ କେବଳ  ଶୋଇବା ସମୟରେ କାମ କରନ୍ତି ନାହିଁ ।"

ମୋଟ ଉପରେ, ବିଜିନେସ ଏକ୍ସଇଲେନ୍ସ ସମ୍ମିଳନୀର ପ୍ରଥମ ଦିନ ଘଟଣାମୟ ଥିଲା ଯେଉଁଠାରେ ଇଣ୍ଡଷ୍ଟ୍ରିର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଛାତ୍ରମାନଙ୍କୁ ବିଭିନ୍ନ ଅଧିବେଶନରେ ସେମାନଙ୍କର ଅନ୍ତର୍ନିହିତ ଜ୍ଞାନ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ନିଜ କ୍ୟାରିୟରରେ ପ୍ରୟୋଗ କରିବାକୁ ଅନୁରୋଧ କରିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan